**Aside**, *ad.* ଏକପାଖେ ବା ପାର୍ଶ୍ୱେ, ନିର୍ଜ୍ଜନ ।
**Asinine**, *a.* ଗଧ ସମ୍ବନ୍ଧୀୟ ।
**Ask**, *v.* ମାଗିବାର, ପ୍ରାର୍ଥନା-କ, ପଚାରିବାର,
**Askance**, *ad.* ତେର୍ଚ୍ଛାଭାବେ, ଢାଲୁ, ବଙ୍କା ।
**Askew**, *ad.* ତେର୍ଚ୍ଛାରୂପେ, ଏକପାର୍ଶ୍ୱେ, ଅ-
ଶ୍ରଦ୍ଧାପୂର୍ବକ ।
**Aslant**, *ad.* ତେର୍ଚ୍ଛା, ଢାଲୁ, ବଙ୍କା ।
**Asleep**, *ad.* ନିଦ୍ରିତ, ନିଦ୍ରାଗତ, ସୁପ୍ତ ।
**Aslope**, *ad.* ଗଡଭାବେ, ଢାଲୁ, ଗଡନ୍ତି, ଗଡ ।
**Asp**, *s.* କାଳସର୍ପ, ବୃକ୍ଷବିଶେଷ ।
**Aspect**, *s.* ଦୃଶ୍ୟ, ଦର୍ଶନ, ଆକାର, ଅବସ୍ଥା ।
**Asperate**, *v.* କର୍କଶ- ଅସମାନ-କ ।
**Asperity**, *s.* କଟୁଭାବ, କାର୍କଶ୍ୟ, କଟୁବାକ୍ୟ ।
**Asperse**, *v.* ଅପବାଦ- ନିନ୍ଦା- ବଦନାମ-କ ।
**Aspersion**, *s.* କଳଙ୍କ, ମିଥ୍ୟାପବାଦ, ଦୋଷ ।
**Aspirant**, *s.* ଶିକ୍ଷକ, ଆକାଂକ୍ଷୀ, ଉମେଦୱାର
**Aspirate**, *v.* ସାର୍ଗୋଚ୍ଚାରଣ- ସାର୍ଗୋକ୍ତି-କ ।
**Aspiration**, *s.* ମହାବାଞ୍ଛା ବା ଇଚ୍ଛା, ସାର୍ଗୋ-
ଚ୍ଚାରଣ । [ବାର, ପ୍ରତ୍ୟାଶା-କ ।
**Aspire**, *v.* ଉଚ୍ଚପଦଚେଷ୍ଟା- ଉର୍ଦ୍ଧ୍ୱ-କ, ଉଠି-
**Ass**, *s.* ଗଧ, ଗର୍ଦ୍ଦଭ; Fool, ଘୋରମୂର୍ଖ ।
**Assail**, *v.* ଆକ୍ରମଣ-ଚଢାଉ-ପ୍ରଥମାଘାତ-କ ।
**Assailant**, *s.* ଆକ୍ରମଣକାରୀ, ପ୍ରତିବାଦକ,
ପ୍ରଥମାଘାତକାରୀ । [ବୃତ୍ତି ।
**Assassin**, *s.* ଗୁପ୍ତଘାତକ, ଖୁଣୀ, ଛଳପୂର୍ବକ-
**Assassinate**, *v.* ଗୁପ୍ତାଘାତ-ବଧ-ଖୁଣୀ-କ ।
**Assault**, *s.* ଆକ୍ରମଣ, ମାରପିଟ, ଦଙ୍ଗା ।
**Assault**, *v.* ଚଢାଉ-ମାରପିଟ-ଦଙ୍ଗା-କ ।
**Assay**, *s.* ପରୀକ୍ଷା, ଉଦ୍ୟମ, ଧାତୁକଷା ।
**Assayer**, *s.* ପରୀକ୍ଷକ, ଧାତୁକର୍ଷଣ କର୍ତ୍ତା ।

**Assemblage**, *s.* ସମାଜ, ସଭା, ଜନତା, ଭିଡ ।
**Assemble**, *v.* ସମୂହ- ଏକତ୍ର- ସଭାସ୍ଥ- ସମା-
ଜସ୍ଥ-କ । [ବୈଠକ ।
**Assembly**, *s.* ସଭା, ମେଳା, ସମାଜ, ମଣ୍ଡଳୀ,
**Assent**, *s.* ଅନୁମତ, ସମ୍ମତ, ସ୍ୱୀକାର, ହଁ,
ରାଜି । [ଅନୁମତି-ଦ ।
**Assent**, *v.* ସ୍ୱୀକାର- କବୁଲ-କ, ସମ୍ମତ-ହ,
**Assert**, *v.* ଦୃଢରୂପେ-କହ, ସ୍ଥିର ବୋଲିବାର ।
**Assertion**, *s.* ଦୃଢ ବା ନିଶ୍ଚିତବାକ୍ୟ, ପ୍ରମାଣ-
ରୂପ କଥା ।
**Assess**, *v.* ଟେକ୍ସ ବା କର ବସାଇବାର, ଜମା
ଧାର୍ଯ୍ୟ କରିବାର । [ହାସିଲ ।
**Assessment**, *s.* ଟେକ୍ସ, କର, ଜମାବନ୍ଦୀ,
**Assessor**, *s.* ଯେ ବ୍ୟକ୍ତି ଟେକ୍ସ ବା କର ଧାର୍ଯ୍ୟ
କରଇ ।
**Assets**, *s.* ମୃତ ବ୍ୟକ୍ତିର ସମ୍ପତ୍ତି ।
**Asseveration**, *s.* ଦୃଢଶପଥ, ପ୍ରଣଦେଇ
କହିବାର । [ଚେଷ୍ଟା ।
**Assiduity**, *s.* ଶ୍ରମ, ମନୋଯୋଗ, ଯତ୍ନ,
**Assiduous**, *a.* ଶ୍ରମୀ, ମନୋଯୋଗୀ, ଉଦ୍ୟମୀ,
ପ୍ରୟାସୀ । [ପଣ କରିବାର ।
**Assign**, *v.* ଦେବାର, ନିଯୋଗ- ସ୍ଥିର- ନିରୂ-
**Assignation**, *s.* ନିଯୋଗ, ମୂକରର, ନିରୂ-
ପଣ, ନିୟମ । [ନିଯୁକ୍ତ ବ୍ୟକ୍ତି ।
**Assignee**, *s.* ପ୍ରତିନିଧିରୂପେ ନିଯୋଜିତ ବା
**Assignment**, *s.* ନିଯୋଜନ, ଅନ୍ୟକୁ ଅର୍ପଣ
କରଣ, ପ୍ରଦାନ । [କରିବାର ।
**Assimilate**, *v.* ତୁଲ୍ୟରୂପ-ସଦୃଶ-କ, ସମାନ
**Assist**, *v.* ସାହାଯ୍ୟ-ଉପକାର-କ, ସହାୟ-ହ
**Assistance**, *s.* ସହାୟତା, ଅନୁକୂଲ ।
**Assistant**, *s.* ସହକାରୀ, ସହାୟ, ସାହାଯ୍ୟ-
କର୍ତ୍ତା, ସାକ୍ଷୀ । [ଲଭର ବୈଠକ ।
**Assizes**, *s.* ବିଚାରର ନିରୂପିତ ସ୍ଥାନ, ଅଦା-

**Associate**, *s.* ସଙ୍ଗୀ, ମିତ୍ର, ସଖା, ସାଥୀ ।
**Associate**, *v.* ବନ୍ଧୁତ୍ୱ-ଆଳାପ-ସଂଯୋଗ-କ ।
**Association**, *s.* ଐକ୍ୟ, ମେଳ, ସମ୍ପ୍ରଦାୟ ।
**Assort**, *v.* ପୃଥକ୍-କ, ବାଛିବାର, ସଜାଡ଼-
**Assortment**, *s.* ବାଛିଥିବା ଦ୍ରବ୍ୟସମୂହ । [ବାର ।
**Assuage**, *v.* ଶାନ୍ତ-ନରମ-ଦମନ-କମ-କ ।
**Assume**, *v.* ଗ୍ରହଣ-କ, ପ୍ରମାଣ ବିନା କହିବାର, ଅଭିମାନ କରିବାର ।
**Assuming**, *a.* ଗର୍ବୀ, ଅଭିମାନୀ ।
**Assumption**, *s.* ଗ୍ରହଣ, ଅନୁଭବ, ଗର୍ବ ।
**Assurance**, *s.* ଭରସା, ନିଶ୍ଚୟବୋଧ, ପ୍ରତ୍ୟୟ
**Assure**, *v.* ଦୃଢ଼ କରି-କହି, ଆଶ୍ୱାସ-ଭରସା-ଦ
**Assuredly**, *ad.* ନିଶ୍ଚୟ, ଅବଶ୍ୟ, ନିତାନ୍ତ-
**Asterisk**, *s.* ଚିହ୍ନବିଶେଷ, ଯଥା * । [ରୂପେ ।
**Astern**, *ad.* ଜାହାଜର ପଶ୍ଚାତ୍ ।
**Asthma**, *s.* ଶ୍ୱାସକାସ, ହାଁଫାନିକାସ ।
**Astonish**, *v.* ଚମତ୍କାରିତ, ବିସ୍ମୟାପନ୍ନ-କ ।
**Astonishment**, *s.* ଚମତ୍କାରବୋଧ, ଆଶ୍ଚର୍ଯ୍ୟଜ୍ଞାନ ।
**Astound**, *v.* ଚମତ୍କୃତ-କ, ହତବୁଦ୍ଧି-କ ।
**Astral**, *a.* ନକ୍ଷତ୍ର ସମ୍ବନ୍ଧୀୟ ।
**Astray**, *ad*, ପଥଭ୍ରମେ, କୁପଥେ, ଅବାଟରେ ।
**Astride**, *ad.* ଘୋଡାଦରେ ପାଦ ମେଲାଇ ବସିବାର । [ଚକାର୍ ।
**Astringent**, *a.* ଧାରକ, କଷାୟ, ସଙ୍କୋ-
**Astrologer**, *s.* ଗଣକ, ଜ୍ୟୋତିର୍ବେତ୍ତା ।
**Astrology**, *s.* ଗଣିତବିଦ୍ୟା ।
**Astronomer**, *s.* ଜ୍ୟୋତିର୍ବେତ୍ତା, ସିଦ୍ଧାନ୍ତବିତ୍
**Astronomy**, *s.* ଜ୍ୟୋତିର୍ବିଦ୍ୟା, ଖଗୋଳ-ବିଦ୍ୟା ।
**Astute**, *a.* ଧୂର୍ତ୍ତ, ଚତୁର, ଧୃଷ୍ଟ, ପ୍ରଖର ।
**Asunder**, *ad.* ପୃଥକ୍, ଭିନ୍ନ, ବିଭକ୍ତ, ଅନ୍ତର ।
**Asylum**, *s.* ଆଶ୍ରୟସ୍ଥାନ, ରକ୍ଷାସ୍ଥାନ, ଆଶ୍ରମ ।

**At**, *pr.* ନିକଟ, କଭକ, ରେ, କୁ, କ, ପ୍ରତି-ଠାରେ ।
**Atheism**, *s.* ନାସ୍ତିକତା, ଅନୀଶ୍ୱରବାଦ ।
**Atheist**, *s.* ନାସ୍ତିକ, ଅନୀଶ୍ୱରବାଦୀ ।
**Athirst**, *a.* ତୃଷିତ, ଶୋଷଯୁକ୍ତ, ପିପାସିତ ।
**Athletic**, *a.* ବଳବାନ୍, ପ୍ରଚଣ୍ଡ, ସବଳ,
**Athwart**, *ad.* ଅଡ଼େ, ବକ୍ରଭାବେ । [ବଳିଷ୍ଠ ।
**Atlas**, *s.* ଦେଶର ମାନଚିତ୍ର ସମୂହ । [ଗଗନ ।
**Atmosphere**, *s.* ଆକାଶ, ଅନ୍ତରୀକ୍ଷ, ଶୂନ୍ୟ ।
**Atom**, *s.* ପରମାଣୁ, କଣିକା, ଅଣୁ ।
**Atone**, *v.* ମେଳ ବା ମିଳନ-କ, ପ୍ରାୟଶ୍ଚିତ୍ତ-କ ।
**Atonement**, *s.* ପ୍ରାୟଶ୍ଚିତ୍ତ, ଦୋଷମାର୍ଜନା, ପୁନର୍ମିଳନ ।
**Atrocious**, *a.* ଅତି ଦୁଷ୍ଟ, ମହାଦୁଃସହ ।
**Atrocity**, *s.* ମହାଅତ୍ୟାଚାର, ଅତି ଦୌରାତ୍ମ୍ୟ ।
**Atrophy**, *s.* ମନ୍ଦାଗ୍ନି, ଅଜୀର୍ଣ୍ଣତା ।
**Attach**, *v.* ଯୁକ୍ତ-ସଙ୍ଗି-ଆସକ୍ତ-କ୍ରୋକ-କ ।
**Attachment**, *s.* ସ୍ନେହ, ଅନୁରାଗ, କ୍ରୋକ, ଅଟକ । [ଚଢ଼ାଉ-କ ।
**Attack**, *s.* ଆକ୍ରମଣ, ଚଢ଼ାଉ; *v.* ଆକ୍ରମଣ-କ,
**Attain**, *v.* ପ୍ରାପ୍ତ-କ, ଉପସ୍ଥିତ-ହ, ଧର-କ ।
**Attainable**, *a.* ପ୍ରାପ୍ତବ୍ୟ, ଲଭ୍ୟ, ଗମ୍ୟ ।
**Attainder**, *v.* ଅପଯଶ-କଳଙ୍କ-ଦୋଷପ୍ରମାଣ କରିବାର । [ସାମର୍ଥ୍ୟ ।
**Attainment**, *s.* ପ୍ରାପ୍ତି, ବ୍ୟୁତ୍ପତ୍ତି, ଲାଭ, ବି-
**Attaint**, *v.* ଅପମାନ-ସକଳଙ୍କ-ଭ୍ରଷ୍ଟ-କ ।
**Attemper**, *v.* ଦ୍ରବ-ନରମ-ଐକ୍ୟ-ମିଶ୍ର-କ ।
**Attempt**, *s.* ଉଦ୍ୟୋଗ, ଚେଷ୍ଟା, ଉପକ୍ରମ ।
**Attempt**, *v.* ଉଦ୍ୟୋଗ-ଚେଷ୍ଟା-ଯତ୍ନ-ଉପକ୍ରମ-କ ।
**Attend**, *v.* ଅବଧାନ-ମନୋଯୋଗ-କ, ମାନିବାର, ହାଜର-ହ ।
**Attendance**, *s.* ଉପସ୍ଥିତ-ହାଜର-ହ, ସେବା ।

Attendant, s. ଦାସ, ସହଚର, ସେବକ,
ସଙ୍ଗୀ, ଚାକର । [civility, ଶିଷ୍ଟାଚାର ।
Attention, s. ମନୋଯୋଗ; acts of
Attentive, a. ମନୋଯୋଗୀ, ହୁସିଆର,
ସତର୍କ, ଯାଚକ ।
Attenuate, v. ସୂକ୍ଷ୍ମ- କ୍ଷୀଣ- ପାତଳ-କ ।
Attest, v. ସାକ୍ଷ୍ୟ- ପ୍ରମାଣ-ଦ, ସହି- ମୋ-
ହର-କ । [ଦସ୍ତଖତ ।
Attestation, s. ସାକ୍ଷ୍ୟ, ଦୃଢପ୍ରମାଣ, ସ୍ୱାକ୍ଷର,
Attic, a. ଉଚ୍ଚ, ଊର୍ଦ୍ଧ୍ୱସ୍ଥିତ, ଉତ୍ତମ । [ବସ୍ତ୍ର ।
Attire, s. ଲୁଗା, ଆଭରଣ, ଭୂଷଣ, ପରିଧେୟ-
Attitude, s. ଆକାର, ଭାବ, ଅବସ୍ଥା, ଡୌଲ ।
Attorney, s. ଉକୀଲ, ପ୍ରତିନିଧି, ମୋକ୍ତାର;
Power of ମୋକ୍ତାରନାମା । [ଟାଣ ।
Attract, v. ଆକର୍ଷଣ- ମୋହିତ-କ, ଟାଣି-
Attraction s. ଅକର୍ଷଣ, ମନଆକର୍ଷଣ ।
Attractive, a. ଆକର୍ଷକ, ମୋହନୀୟ, ଅକ-
ର୍ଷଣୀୟ ।
Attribute, s. ଗୁଣ, ଉପାଧି, ଶକ୍ତି, କ୍ଷମତା ।
Attribute, v. ଗୁଣାଦି ଅର୍ପଣ-କ, ଆରୋପ-କ ।
Attrition, s. ଘର୍ଷଣ, କ୍ଷୟ, ସଂମର୍ଦ୍ଦନ ।
Attune, v. ସ୍ୱରର ମେଳ-କ ।
Auburn, a. ପାଣ୍ଡୁବର୍ଣ୍ଣ, କଟାବର୍ଣ୍ଣ । [ବର୍ଗ ।
Auction, s. ନୀଲାମ; Auctioneer, ନୀଲାମ-
Audacious, a. ନିର୍ଭୟ, ଦୁଃସାହସିକ, ନିର୍ଲଜ୍ଜ ।
Audacity, s. ଦୁଃସାହସ, ନିର୍ଭୟତା, ନିର୍ଲ-
ଜ୍ଜତା ।
Audible, a. ଶ୍ରାବ୍ୟ, ଶ୍ରବଣୀୟ, ଉଚ୍ଚତାକ ।
Audience, s. ଶ୍ରୋତାସଭା, ଶ୍ରବଣ, ସାକ୍ଷାତ-କ
Audit, v, ହିସାବ-କ, ମୁକାବିଲା ବା ଠିକ-କ ।
Auditor, s. ଶ୍ରୋତା; of accounts, ହିସାବ
Auger, s. ବରମା, ଭଅଁର । [ଠିକ କରିଲା ଯେ ।
Aught, s. କୌଣସି, କିଛି ।

Augment, v. ବୃଦ୍ଧି- ବେଶି- ଅଧିକ-କ ।
Augur, v. ଲକ୍ଷଣ ଦ୍ୱାରା ଗଣନା-କ, ଅନୁମାନ-କ
August, s. ଇଂଲଣ୍ଡୀୟ ଅଷ୍ଟମ ମାସର ନାମ ।
August, a. ମହତ, ଶ୍ରୀଯୁକ୍ତ, ସମ୍ଭ୍ରାନ୍ତ, ଗୌ-
ରବଯୁକ୍ତ । [ଠାଇ ।
Aunt, s. ପୀଉସୀ, ମାଈଁ, ପିଉସୀ, ମାଉସୀ, ଜେ-
Auricle, s. କର୍ଣ୍ଣର ବାହ୍ୟଭାଗ, ହୃତ୍ପିଣ୍ଡକୋଷ
Auricular, a. ଶ୍ରବଣୀୟ ।
Aurist, s. କର୍ଣ୍ଣରୋଗ ଚିକିତ୍ସକ ।
Aurora, s. ପ୍ରଭାତ, ଅରୁଣୋଦୟ ।
Auspice, s. ଲକ୍ଷଣ, ଆଶ୍ରୟ, ପ୍ରଭାବ, ପ୍ରସାଦ ।
Auspicious, a. ଶୁଭ, ମଙ୍ଗଳସୂଚକ, କୁ-
ଶଳଯୁକ୍ତ ।
Austere, a. କଠିଣ, କଠୋର, କଟୁ ।
Austerity, s. କଠିଣତା, କଟୁତା, କାର୍କଶ୍ୟ ।
Austral, a, ଦକ୍ଷିଣସ୍ଥ, ଦକ୍ଷିଣ କେନ୍ଦ୍ରୀୟ ।
Authentic, a. ସତ୍ୟ, ନିଶ୍ଚୟ, ଅକୃତ୍ରିମ ।
Authenticate, v. ପ୍ରମାଣ- ସାକ୍ଷ୍ୟଦ୍ୱ- ସା-
ବ୍ୟସ୍ତ-କ । [ଯାଥାର୍ଥ୍ୟ ।
Authenticity, s. ସାବ୍ୟସ୍ତତା, ଅକୃତ୍ରିମତା,
Author, s. ଗ୍ରନ୍ଥକର୍ତ୍ତା, ରଚକ, ଉତ୍ପାଦକ ।
Authoritative, a. କର୍ତ୍ତୃତ୍ୱଯୁକ୍ତ, ପ୍ରମାଣ-
ବିଶିଷ୍ଟ, ଦାମ୍ଭିକ ।
Authority, s. କର୍ତ୍ତୃତ୍ୱ, କ୍ଷମତା, ପ୍ରଭୁତ୍ୱ ।
Authorize, v. ଆଜ୍ଞା- କ୍ଷମତା- ସାମର୍ଥ୍ୟ
ଦେବାର । [ଧିପତି ।
Autocrat, s. ସ୍ୱେଚ୍ଛାଚାରୀ, ରାଜା ବା ଦେଶା-
Autograph, s. ସ୍ୱାକ୍ଷର, ସ୍ୱହସ୍ତଲିପି ।
Automaton, s. ସ୍ୱୟଂଚାଳିତ ଯନ୍ତ୍ର, ସଜୀବ
ପର, ପ୍ରତିମା ।
Autumn, s. ଶରତ୍କାଳ । [ସାଧକ ।
Auxiliary, a. ସହାୟ, ଉପକାରୀ, ଉତ୍ତର-
Avail, v. ଲଭ୍ୟ- ସାହାଯ୍ୟ- ସଫଳ-କ ।

**Available**, *a.* କର୍ମଯୋଗ୍ୟ, ପ୍ରାପଣୀୟ, ହିତ-
ଜନକ ।
**Avarice**, *s.* ଲୋଭ, ଲାଳସା, ଅତୀଚ୍ଛା ।
**Avaricious**, *a.* ଲୋଭୀ, ଲାଳସାଯୁକ୍ତ, ଅତୀ-
ଚ୍ଛୁକ ।
**Avast**, *ad.* ସ୍ଥିର ହୁଅ, ଥାଅ, ବନ୍ଦକର, ବସ ।
**Avaunt**, *int.* ଦୂର, ଦୂର ହୁଅ ।
**Avenge**, *v.* ପ୍ରତିଫଳ-ଦ, ଦଣ୍ଡ-ଦ, ପ୍ରତୀକାର-କ
**Avenger**, *s.* ପ୍ରତିଫଳଦାତା ।
**Avenue**, *s.* ବୃକ୍ଷଯୁକ୍ତପଥ, ବଗିଚାବାଟ ।
**Aver**, *v.* ନିଶ୍ଚୟ- ପ୍ରମାଣ- ସତ୍ୟ କହିବାର ।
**Average**, *s.* ଗଡ଼େ, ମୋଟେ, ହରଦରେ ।
**Averse**, *a.* ଅନିଚ୍ଛୁକ, ଅସମ୍ମତ, ବିମୁଖ ।
**Aversion**, *s.* ଅରୁଚି, ଘୃଣା, ବୈରକ୍ତ୍ୟ ।
**Avert**, *v.* ଫେରାଇବାର, ନିବାରଣ-ରକ୍ଷା-କ ।
**Aviary**, *s.* ପକ୍ଷ୍ୟାଗାର, ଚିଡ଼ିଆଶାଳା ।
**Avidity**, *s.* ଅତୀଚ୍ଛା, ଲାଳସା, ଶୀଘ୍ରତ୍ୱ ।
**Avocation**, *s.* ବ୍ୟବସାୟ, ବ୍ୟାପାର ।
**Avoid**, *v.* ତ୍ୟାଗ- ଦୂର- ନିବାରଣ-କ,
ଛାଡ଼ିବାର । [ବାର ଯୋଗ୍ୟ ।
**Avoidable**, *a.* ତ୍ୟାଜ୍ୟ, ଏଡ଼ିବାର ବା ଛାଡ଼-
**Avouch**, *v.* ପ୍ରମାଣ-ଦ, ନିଶ୍ଚୟ- ସ୍ଥିର-କହ ।
**Avow**, *v.* ପ୍ରତିଜ୍ଞା- ଅଙ୍ଗୀକାର- ପ୍ରକାଶ-କ ।
**Avowal**, *s.* ସ୍ୱୀକାର, ନିଶ୍ଚୟ ବଚନ ।
**Avowedly**, *ad.* ସ୍ୱୀକାରପୂର୍ବକ, ବ୍ୟକ୍ତରୂପେ ।
**Await**, *v.* ଅପେକ୍ଷା- ଅନୁସେଧ-କ, ଆଶା
କରିଥିବାର । [ଭଙ୍ଗ- ଚେତନ-କ ।
**Awake, Awaken**, *v.* ଜାଗ୍ରତ- ନିଦ୍ରା-
**Awake**, *a.* ଜାଗ୍ରତ, ସତର୍କ, ସଚେତନ ।
**Award**, *s.* ବିଚାର, ନିଷ୍ପତ୍ତି, ପ୍ରତିଫଳ ।
**Award**, *v.* ନିଷ୍ପତ୍ତି- ସମାଧାନ- ବିଚାର-କ ।
**Aware**, *a.* ସତର୍କ, ସଚେତନ, ଜ୍ଞାତସାର,
ଅବଗତ ।

**Away**, *ad.* ସ୍ଥାନାନ୍ତରେ, ଦୂରେ, ଅନୁପସ୍ଥିତ ।
**Awe**, *s.* ଭୟ, ଶଙ୍କା, ଭକ୍ତିଭୟ, ସମ୍ଭ୍ରମ ।
**Awful**, *a.* ଭୟାନକ, ଭୟଙ୍କର, ସମ୍ଭ୍ରମଯୁକ୍ତ ।
**Awhile**, *ad.* କ୍ଷଣେକ, କିଛିକାଳ, କିଞ୍ଚିତ୍କାଳ ।
**Awkward**, *a.* ବେଢଙ୍ଗି, କୁତ୍ସିତ, ଅସଭ୍ୟ,
**Awl**, *s.* ଦବଣୀ, ଭଅଁର, ବର୍ମା । [ଅପଟୁ ।
**Awn**, *s.* ଶସ୍ୟ ବା ଘାସର ଶୀଷ ।
**Awning**, *s.* ଚାନ୍ଦୁଆ, ଚନ୍ଦ୍ରାତପ ।
**Awry**, *ad.* ବଙ୍କା, ତେଢ଼ା, ତେର୍ଛା ।
**Axe**, *s.* କୁହ୍ରାଡ଼, କୁଡ଼ାଲି ।
**Axiom**, *s.* ସିଦ୍ଧାନ୍ତକଥା, ସୂତ୍ର, ସ୍ୱୀକୃତଧାତ ।
**Axis**, *s.* ବସ୍ତୁର ମଧ୍ୟସ୍ଥିତ ରେଖା ବା ଦଣ୍ଡ ।
**Axle, Axle-tree**, *s.* ଅକ୍ଷ, ଚକ୍ରଅକ୍ଷ,
**Ay**, *ad.* ହାଁ, ହଁ, ସତ୍ୟ, ଅବଶ୍ୟ । [ଅକ୍ଷଦଣ୍ଡ ।
**Ayah**, *s.* ଅୟା ।
**Aye**, *ad.* ସଦାସର୍ବଦା ।
**Azure**, *a.* ଆକାଶବର୍ଣ୍ଣ, ନୀଳବର୍ଣ୍ଣ ।

## B.

**Baa**, *s.* ମେଷର ରବ; *v.* ମେଷପରି ଶବ୍ଦ-କ ।
**Baal**, *s.* କନାନ ଦେଶର ଦେବତା ।
**Babble**, *v.* ବକ୍ବକ୍-କ, ନିରର୍ଥକ କଥା-କହ ।
**Babbler**, *s.* ବକୁଆ, ଗଳ୍ପକର୍ତ୍ତା, ବାଚାଳ ।
**Babe, Baby**, *s.* ଶିଶୁ, ଦୁଗ୍ଧପୋଷ୍ୟ ବାଳକ ।
**Babel**, *s.* ଗୋଳମାଳ, ଗଣ୍ଡଗୋଳ, କୋ-
ଳାହଳ ।
**Baboon**, *s.* ହନୁମାନ, ମାଙ୍କଡ, ବାନର ।
**Bacchanalian**, *s.* ମଦୁଆଲା, ମଦ୍ୟପାୟୀ,
ଲମ୍ପଟବ୍ୟକ୍ତି । [ରେ ପ୍ରଥମ ଉପାଧିପ୍ରାପ୍ତ ବ୍ୟକ୍ତି ।
**Bachelor**, *s.* ଅବିବାହିତପୁରୁଷ, ବିଦ୍ୟାଳୟ-
**Back**, *s.* ପିଠି, ପୃଷ୍ଠ, ପଶ୍ଚାଦ୍ଭାଗ ।
**Back**, *v.* ସାହାଯ୍ୟ-କ, ହଟିବାର, ପଛରେ-
ଘିବାର, ପଛଇବାର ।

Back, *ad.* ଫେରନ୍ତି, ବାହୁଡ଼ି; Go back, *v.* ଫେରନ୍ତି- ବାହୁଡ଼ି ଯିବାର ।
Backbite, *v.* ଗତ- ଚର୍ଚ୍ଚା- ନିନ୍ଦା-କ, ଅସାକ୍ଷାତରେ ନିନ୍ଦା କରିବାର ।
Back-door, *s.* ଖିଡ଼କିଦ୍ୱାର, ମଫସଲଦ୍ୱାର ।
Backside, *s.* ପିଠି, ପଶ୍ଚାଦ୍‌ଦେଶ, ନିତମ୍ବ ।
Backslide, *v.* ଧର୍ମ ତ୍ୟାଗ କରିବାର ।
Backwards, *ad.* ପଛାଡ଼େ, ପଶ୍ଚାତରେ ।
Backward, *a.* ଅନାତୁର, ଅସମ୍ମତ, ଅପୁଷ୍ଟ,
Bacon, *s.* ଘୁଷୁରିର ଶୁଷ୍କ ମାଂସ । [ଅଳସ ।
Bad, *a.* ମନ୍ଦ, ଦୁଷ୍ଟ, ଅଧମ; Badly, *ad.* ମନ୍ଦରୂପେ ।
Badge, *s.* ନିଶାଣ, ଚିହ୍ନ, ଚପରାଶ ।
Badger, *s.* ପଶୁବିଶେଷ ।
Baffle, *v.* କାର୍ଯ୍ୟ- ବୃଥା- ନିଷ୍ଫଳ କରିବାର ।
Bag, *s.* ଥଳୀ, ମୁଣି, ଅଖା; *v.* ଥଳୀରେ
Bagatelle, *s.* କ୍ଷୁଦ୍ର ବସ୍ତୁ । [ପୁରାଇବାର ।
Baggage, *s.* ପଥ ଧରିବାର ଦ୍ରବ୍ୟାଦି, ଚିଜ- ବସ୍ତୁ, ଅସବାବ ।
Bagnio, *s.* ସ୍ନାନାଗାର, ବେଶ୍ୟାଳୟ ।
Bagpipe, *s.* ତୂରୀବିଶେଷ ।
Bail, *s.* ଲଗା, ଜାମୀନ, ହାଜରଜାମୀନ ।
Bail, *v.* ଜାମୀନ- ପ୍ରତିଭୂ ହେବାର ।
Bailiff, *s.* କର୍ତ୍ତୃଅଳ, ନାଜର, ଦଣ୍ଡନାୟକ ।
Bait, *s.* ଥୋପ, ପରୀକ୍ଷା, ପଥଖାଦ୍ୟ ।
Bait, *v.* ଥୋପ- ଧରି ଦେବାର ।
Baize, *s.* ମୋଟବନାତ ବା ପଶମୀ କାପଡ଼ ।
Bake, *v.* ଅଗ୍ନିରେ ପାକ-କ, ସେକ-ଦ ।
Baker, *s.* ରୋଟିୱାଲା ।
Balance, *s.* ତାଙ୍ଗି, ପାଲିଲ, ନିକ୍ତି; *v.* ତୌଲ- ଜମାଖରଚ କରିବାର ।
Balcony, *s.* ବରଣ୍ଡା, ଚାନ୍ଦାଲ ।
Bald, *a.* କେଶହୀନ, ଲଣ୍ଡା, ଟାଙ୍ଗସ ।
Balderdash, *s.* ଅନର୍ଥବାକ୍ୟ, ପ୍ରଳାପ ।
Bale, *s.* ବସ୍ତା; *v.* ଜଳ କାଢ଼ିବାର ।
Baleful, *a.* ଶୋକଜନକ, ଅନିଷ୍ଟକାରୀ ।
Balk, *v.* ନିରାଶ- ପ୍ରତାରଣ- ନିବାରଣ-କ ।
Balk, *s.* ନିରାଶ, ଫାଙ୍କି, କଡ଼ିକାଠ ।
Ball, *s.* ଗୋଲାକୃତି, ଗେଣ୍ଡୁ, ନାଟ୍ୟ ।
Ballad, *s.* ଗୀତବିଶେଷ, କବିତା ।
Ballast, *s.* ଜାହାଜକୁ ସ୍ଥିର ରଖିବାର ବୋଝ
Balloon, *s.* ବେଲୁନ, ଗଗନବିହାର ଯନ୍ତ୍ର ।
Ballot, *s.* ଗୁଳିବାଣ୍ଟ । [ରସ ।
Balm, *s.* ଉପଶମକାରୀ ଔଷଧ, ବୃକ୍ଷବିଶେଷର
Balmy, *a.* ଶାନ୍ତିଦାୟକ, ସୁବାସିତ, ନରମ ।
Balsam, *s.* ମଲମ, ଉପଶମକାରୀ ଔଷଧ ।
Balustrade, *s.* ଗରାଦିଆ, ଲୌହାଦି ନିର୍ମିତ
Bamboo, *s.* ବାଉଁଶ, ବେଣୁ । [ବାଡ଼ ।
Bamboozle, *v.* ପ୍ରବଞ୍ଚନା-କ, ଭୁଲାଇବାର ।
Ban, *s.* ଅଭିଶାପ, ଦୁର୍ନାମ, ବିଜ୍ଞାପନ ।
Band, *s.* ବନ୍ଧନ; Belly- ପେଟି; Waist- କମରବନ୍ଦ; Neck- ଗଳାବନ୍ଦ ।
Bandage, *s.* ପଟିବନ୍ଧନୀ, ବନ୍ଧନ ।
Bandbox, *s.* କ୍ଷୁଦ୍ର ସିନ୍ଦୁକବିଶେଷ । [ଅସ୍ତ୍ର ।
Banditti, *s.* ଡକାଇତର ଦଳ, ଚୋର, ଲୁଟି-
Bandy, *a.* ବଙ୍କା; *s.* ବଙ୍କାବାଡ଼ି ।
Bandylegged, *a.* ବକ୍ରପଦବିଶିଷ୍ଟ ।
Bane, *s.* ବିଷ, ବିନାଶ, ଅପକାର ।
Baneful, *a.* ନାଶକ, ବିଷଯୁକ୍ତ, ହାନିଜନକ ।
Bang, *s.* ଆଘାତ; *v.* ମାରିବାର, ଆଘାତ-କ ।
Banish, *v.* ଦେଶାନ୍ତର-କ, ଦୂର ବା ତ୍ୟାଗ-କ
Banishment, *s.* ଦେଶତ୍ୟାଗ, ଦେଶାନ୍ତର କରଣ । [କିମ୍ବା କାର ।
Bank, *s.* ମହାଜନର କୋଠୀ, ଧନ ଭଣ୍ଡାର,
Banker, *s.* ପୋଦାର, ବଣିଆଁ, ବଣିକ, ମହାଜନ ।

Bankrupt, s. ଦେବାଳିଆ, ଦସ୍ତାଳିଆ, ହତ-
Bankruptcy, s. ଦେବାଳିଆବସ୍ଥା । [ସର୍ବସ୍ୱ ।
Banner, s. ଯୁଦ୍ଧପତାକା, ଧ୍ୱଜା, ନିଶାଣ, ବାନା ।
Banquet, s. ଭୋଜ, ବଡ଼ଖାନା, ମହାଭୋଜ, ମହୋତ୍ସବ । [ବ୍ୟଙ୍ଗ କରିବାର ।
Banter, v. ପରିହାସ- କୌତୁକ- ତିରସ୍କାର-
Banter, s. ପରିହାସ, ଥଟ୍ଟା, ବ୍ୟଙ୍ଗ ।
Bantling, s. ବାଳକ, ଶିଶୁ, ପିଲା ।
Baptism, s. ଡୁବ, ଡୁବନ, ଖ୍ରୀଷ୍ଟଧର୍ମଗ୍ରହଣକରିବାର ଚିହ୍ନ । [Baptist, ଡୁବକ ।
Baptize, v. ଡୁବନ-କ, ଡୁବାଇବାର; s.
Bar, v. ରୁଦ୍ଧ-କ, ହୁଡ଼କା-ଦ, ଅଟକ-କ ।
Bar, s. ହୁଡ଼କା, ଅର୍ଗଲ, ବାଧା, ଦଣ୍ଡ ।
Barb, s. ଦାଢ଼ି, ବନଶୀ ବା, ଶରର ତୀକ୍ଷ୍ଣଧାର ।
Barbarian, s. ମ୍ଲେଚ୍ଛଜାତି, ଅସଭ୍ୟ, ବନ୍ୟ, ନିର୍ଦ୍ଦୟଲୋକ ।
Barbarism, s. ଅସଭ୍ୟତା, ମ୍ଲେଚ୍ଛତା ।
Barbarity, s. ନିଷ୍ଠୁରତା, କ୍ରୂରତା ।
Barbarous, a. ନିଷ୍ଠୁର, ନିର୍ଦ୍ଦୟ, ମୂର୍ଖ, ଅସଭ୍ୟ
Barber, s. ଭଣ୍ଡାରି, ନାପିତ, ମୁଣ୍ଡକ, ହଜାମ ।
Bard, s. କବି. କାବ୍ୟକର୍ତ୍ତା, ଭାଟ ।
Bare, a. ନଗ୍ନ, ନଙ୍ଗଳା, ଉଲଗ୍ନ, ଅଭୂଷିତ ।
Barefaced, a. ନିର୍ଲଜ୍ଜ, ବେହିୟା, ବେସରମ ।
Barefoot, ad. ପାଦୁକାହୀନେ, ନଗ୍ନପଦେ, ଯୁତାରହିତ ।
Barely, ad. ଅନାବୃତରୂପେ, ପ୍ରାୟ ନାହିଁ, କଷ୍ଟରୂପେ, କେବଳ । [ବସର ।
Bargain, s. ନିକଷ, ନିୟମ, ଦର, ମୂଲ,
Barge, s. ବଜରା, ଯାନ, ଭଡ଼, ପାଟୁଲି ।
Bark, v. କୁକୁରର ପ୍ରାୟ ଶବ୍ଦ-କ, ଭୌଭୌ-କ ।
Bark, s. ବକ୍କଳ, ଛାଲ, କ୍ଷୁଦ୍ର ଜାହାଜ ।
Barley, s. ଯବ, ଯବଧାନ, ଶସ୍ୟବିଶେଷ ।
Barm, s. ମଦ୍ୟଫେଣ, ସୁରାମଣ୍ଡ, ମାଡ଼ି ।
Barn, s. ଖୋଳାଘର, ଖମାର, ଅମାର ।
Barometer, s. ବାୟୁଭାରବୋଧକଯନ୍ତ୍ର ।
Baron, s. ଉପାଧିବିଶେଷ ।
Baronet, s. କୁଳୀନ ଲୋକବିଶେଷ ।
Barrack, s. ସୈନ୍ୟଗୃହ, ସୈନ୍ୟଶାଳା ।
Barrel, s. ପିପା; of a gun, ନଳୀ ।
Barren, a. ବନ୍ଧ୍ୟା, ମରୁ, ଅଫଳା, ବାଁଝ ।
Barricade, v. ରୁଦ୍ଧ-କ, ଅବରୋଧ-କ ।
Barrier, s. ବ୍ୟବଧାନ, ଅବରୋଧ, ସୀମା, ବେଢ଼ା ।
Barrister, s. ପ୍ରଧାନ ଉକିଲ୍ବିଶେଷ ।
Barrow, s. ହସ୍ତଚାଳିତ କ୍ଷୁଦ୍ର ଶଗଡ, ଶୂକର, ମୃତ୍ତିକାରାଶି । [ବଦଳ ।
Barter, s. ବିନିମୟ, ଆଦାନପ୍ରଦାନ, ଅଦଳ-
Barter, v. ବିନିମୟ-କ, ପରିଦାନ-କ, ବଦଳା-ବଦଳି କରିବାର ।
Base, s. ମୂଳ, ବୁନିଆଦ, ଗୋଡ଼ା, ତଳ ।
Base, a. ଅଧମ, ହେୟ, ନୀଚ, ପାଜି ।
Baseborn, a. ଜାରଜ, ଅଜାତ, ନୀଚକୁଳଜ ।
Baseless, a. ଅମୂଳକ, ମୂଳରହିତ, ଗୋଡ଼ାହୀନ ।
Bashful, a. ଲାଜୁକ, ଲଜ୍ଜାଶୀଳ, ମୁଖଚୋରା ।
Basilisk, s. କାଳ୍ପନିକସର୍ପ, ସର୍ପବିଶେଷ ।
Basin, s. ବଡ଼ବାଟୀ, କଟସ, ପାତ୍ର, ଚିଲ୍ମଚି ।
Basis, s. ମୂଳ, ଗୋଡ଼ା, ଆଧାର, ତଳ, ବୁନିଆଦ ।
Bask, v. ଖରାରେ ବା ଅଗ୍ନି ନିକଟରେ ବସିବାର
Basket, s. ଟୋକାଇ, ଝୁଡ଼ି, ଚଙ୍ଗୁଡ଼ି ।
Bass, s. ବାଦ୍ୟ ଯନ୍ତ୍ରର ବମ, ଗମ୍ଭୀରସ୍ୱର ।
Bastard, s. ଜାରଜ, ଦୋଗଲା, କୁଣ୍ଡ, ଗୋଳକ, ମଦ୍ୟବିଶେଷ । [ଖାଇବାର ।
Baste, v. ଦଣ୍ଡାଘାତ-କ, ବାଡ଼ମାରିବାର, ମ-
Bastile, s. ଫ୍ରାନ୍ସୀୟ ପ୍ରାଚୀନ କାରାଗାର ।

**Bastinado,** *v.* ପାଦତଳେ ମାରିବାର, ବାଉଁରେ ପ୍ରହାର କରିବାର । [ମାଟିର ଡିପି ।
**Bastion,** *s.* ଗଡ଼ବନ୍ଦୀ, ବୁରୁଜ, ଗଡ଼ବାହାରେ
**Bat,** *s.* ଚିମ୍ପୁଡ଼ିଚଢ଼େଇ; Flying fox, ବାଦୁଡ଼ି
**Batch,** *s.* ଏକାବେଳେ ଯେତେ ସେଙ୍କା ପକ୍ୱ ହୁଏ, ଏକକ୍ଷେପ ।
**Bate,** *v.* ନ୍ୟୂନ-କ, ଅଳ୍ପ-କ, ମୂଲ୍ୟ କମ-କ ।
**Bath,** *s.* ସ୍ନାନ, -room, ସ୍ନାନଶାଳା, ଗୋଷଲଶାଳା । [ଧୋଇବାର ।
**Bathe,** *v.* ସ୍ନାନ- ଗୋଶଲ- ଧୌତ-କ, ଗା-
**Bating,** *pr.* ଛଡ଼ା, ବ୍ୟତିରେକେ । [ହିଣୀ ।
**Battalion,** *s.* ସୈନ୍ୟରଦଳ, ପଲଟନ, ବା-
**Batten,** *v.* ମୋଟ-ହ, ପୁଷ୍ଟ ହେବାର ।
**Batter,** *s.* ଦୁଗ୍ଧ ମଇଦାମିଶ୍ରିତ ଦ୍ରବ୍ୟ । [ବାର ।
**Batter,** *v.* ଅଘାତ ଦ୍ୱାରା ଭାଙ୍ଗିବାର, ମାର-
**Battery,** *s.* କମାଣଶ୍ରେଣୀ, କମାଣ ରଖିବାରସ୍ଥାନ, ତଡ଼ାଉ, ମାରପିଟ ।
**Battle,** *s.* ଯୁଦ୍ଧ, ସଂଗ୍ରାମ, ସମର, ଲଢ଼ାଇ ।
**Battledoor,** *s.* ଗୁଲିମାରିବାର ଦଣ୍ଡ, ବାଳକର ଅଧ୍ୟୟନ ପୁସ୍ତକ ।
**Battlement,** *s.* ଦୁର୍ଗର ଉପର ପାଚେରି ।
**Bauble,** *s.* ଖେଳନା, ଫମ୍ପାମଣି ବା ତୁଚ୍ଛଦ୍ରବ୍ୟ ।
**Bawd,** *s.* କୁଟ୍ଟନୀ, ସମ୍ଭଳୀ ।
**Bawdy,** *a.* ଖେଳା, ଲମ୍ପଟ ।
**Bawl,** *v.* ଡାକ ପକାଇବାର, ଚିତ୍କାର ଶବ୍ଦ-କ ।
**Bay,** *s.* ସାଗରର ଖାଲ, ବୃକ୍ଷ ।
**Bay,** *a.* ପିଙ୍ଗଳବର୍ଣ୍ଣ, ଲୋହିତବର୍ଣ୍ଣ ।
**Bay,** *v.* କୁକୁରର ପ୍ରାୟେ ଭୁଁଉ ଭୁଁଉ କରିବାର ।
**Bayonet,** *s.* ସଙ୍ଗୀନ, ବନ୍ଧୁକର ମସ୍ତକସ୍ଥିତ
**Bazaar,** *s.* ବଜାର, ହାଟ । [ଅସ୍ତ୍ର ।
**Be,** *v.* ହେଉ, ଥାଅ, ତୁ ବା ଅପ ଥାଉ; To be, ହେବାକୁ, ହେବାରେ ।
**Beach,** *s.* ସମୁଦ୍ରର ସମାନତଟ, ତୀର, କୂଳ ।
**Beacon,** *s.* ପଥଚିହ୍ନ, ଲକ୍ଷଣ, ଜଣାଣୀ ।
**Beads,** *s.* ମାଳାର ଗୁଟିକା, ମାଳା, ଗୁଣ୍ଠାଇ, ଜପମାଳା ।
**Beadle,** *s.* ପ୍ରହରୀ, ଦୂତ, ପିଆଦାବିଶେଷ ।
**Beak,** *s.* ଚଞ୍ଚୁ, ଥଣ୍ଟ, ଠୋଁଟ, ଓଷ୍ଠମଧ୍ୟ ।
**Beam,** *s.* କଡ଼ିକାଠ, ଅଡ଼କାଠ; of light, କିରଣ । [ବା ଦୀପ୍ତି-ହ ।
**Beam,** *v.* କିରଣ ପ୍ରକାଶ-କ, ଅରୁଣୋଦୟ
**Bean,** *s.* ଶିମ, ଶିମ୍ବୀ, ଫଳବିଶେଷ ।
**Bear,** *s.* ଭାଲୁ, ଭାଲୁକ, ଋକ୍ଷ ।
**Bear,** *v.* ବହିବାର ବା ସହିବାର, ସହ୍ୟ-କ ।
**Beard,** *s.* ଦାଢ଼ି, ଦାଢ଼ି, ଶ୍ମଶ୍ରୁ, ଗୋଁଫ ।
**Bearer,** *s.* ବାହକ, ଧାରକ, ଦୂତ, ବେହେରା ।
**Bearing,** *s.* ଅବସ୍ଥିତି, ଭାବ, ଢଙ୍ଗ, ସ୍ୱଭାବ ।
**Beast,** *s.* ପଶୁ, ଜନ୍ତୁ, ଜାନୁର, ନିର୍ଦ୍ଦୟବ୍ୟକ୍ତି ।
**Beastly,** *a.* ପଶୁବତ୍, କୁତ୍ସିତ, ଘୃଣ୍ୟ ।
**Beat,** *v.* ପ୍ରହାର- ପରାଜୟ-କ, ପିଟିବାର ।
**Beatific,** *a.* ସ୍ୱର୍ଗୀୟ, ଧନ୍ୟ, ମଙ୍ଗଳଦାୟକ ।
**Beatification,** *s.* ସ୍ୱର୍ଗୀୟସୁଖଭୋଗ, ମୋକ୍ଷପ୍ରାପ୍ତି ।
**Beating,** *s.* ପ୍ରହାର, ମାରପିଟ, ମରାମରି ।
**Beatitude,** *s.* ସ୍ୱର୍ଗସୁଖଭୋଗ, ଆନନ୍ଦ, ପରମସୁଖ ।
**Beau,** *s.* ବସ୍ତ୍ରବିଳାସୀ, ଫୁଲବାବୁ, ଶୁଦ୍ଧୋଷାକୀ
**Beauteous,** *a.* ସୁଶ୍ରୀ, ସୁନ୍ଦର, ସୁରୂପ, ମନୋହର । [ନୋରମ ।
**Beautiful,** *a.* ସୁନ୍ଦର, ସୁଶ୍ରୀ, ସୁଦୃଶ୍ୟ, ମ-
**Beautifully,** *ad.* ସୁନ୍ଦରରୂପେ, ଉତ୍ତମରୂପେ
**Beautify,** *v.* ସୁଶ୍ରୀ-କ, ସୁନ୍ଦର-କ, ଅଲଙ୍କୃତ-କ
**Beauty,** *s.* ସୌନ୍ଦର୍ଯ୍ୟ, ଶୋଭା, ଶ୍ରୀଯୁକ୍ତଲୋକ ।
**Beaver,** *s.* ଉଭୟଚର ପଶୁ ବିଶେଷ ।
**Becalm,** *v.* ଶାନ୍ତ- ସୁସ୍ଥିର- ବେଗରହିତ-କ ।
**Because,** *c.* ଯେହେତୁ, ଏହି କାରଣ, ହେତୁ ।

Beck, *s.* ଇଙ୍ଗିତ, ଠାର, ସଂକେତ, ଇସାରା ।
Beckon, *v.* ଇଙ୍ଗିତ- ଠାର- ଇସାରା-କ ।
Becloud, *v.* ମେଘାଚ୍ଛାଦନ- ଆଚ୍ଛନ୍ନ-କ ।
Become, *v.* ହେବା, ଉପଯୁକ୍ତ-ହ, ଶୋଭା-ପା ।
Becoming, *a.* ଉପଯୁକ୍ତ, ଯୋଗ୍ୟ, ଉଚିତ ।
Bed, *s.* ଶଯ୍ୟା, ବିଛଣା, ଖଟିଆ; of a river, ନଦୀର ତଳ । [କରିବାର ।
Bedawb, *v.* ଲେପନ-କ, ମାଖିବାର, ମାଲିସ
Bedding, *s.* ଶଯ୍ୟା, ତଳ୍ପ, ବିଛଣା ।
Bedeck, *v.* ଭୂଷିତ-କ, ଅଳଙ୍କୃତ-କ । [କ ।
Bedew, *v.* ଶିଶିରରେ ଭିଜାଇବାର ବା ଓଦା-
Bedizen, *v.* ଭୂଷିତ- ଅଳଙ୍କୃତ-କ ।
Bedlam, *s.* ବାତୁଳାଗାର, ପାଗଳଘର ।
Bedrid, *a.* ରୋଗରେ ଶଯ୍ୟାଗତ, ପୀଡ଼ିତ, ଅଚଳ । [-time, ଶୟନକାଳ ।
Bedroom, *s.* ଶୟନାଗାର, ନିଦ୍ରାଳୟ;
Bedstead, *s.* ଖଟ, ପର୍ଯ୍ୟଙ୍କ, ପଲଙ୍କ ।
Bee, *s.* ମହୁମାଛି, ମଧୁମକ୍ଷିକା, ଭ୍ରମର, କର୍ମଠ ।
Beehive, *s.* ମହୁମାଛିର ପାଳନାଗାର, ମୌ-
Beef, *s.* ଗୋମାଂସ, ଗୋରୁର ଗୋସ୍ତ । [ଚାକ ।
Beer, *s.* ଯବ ନିର୍ମିତ ମଦ୍ୟ, ବିଲାତି ସୁରା ।
Beet, *s.* ପାଳଙ୍ଗଶାକ; -root, ଶୁଖନର ।
Beetle, *s.* ଶୋବରପୋକ, ଗୋମୟକୀଟ ।
Befall, *v.* ଘଟିବାର, ପଡ଼ିବାର, ଉପସ୍ଥିତ-ହ ।
Befit, *v.* ଖଟିବାର, ଭଲ ଲାଗିବାର, ଉଚିତ-ହ ।
Before, *pr.* ଆଗେ, ସମ୍ମୁଖେ, ସାକ୍ଷାତେ ।
Beforehand, *ad.* ଆଗାମୀ, ପ୍ରଥମେ, ପୂର୍ବେ ।
Befriend, *v.* ଉପକାର- ମିତ୍ରତା- ସହାୟତା କରିବାର ।
Beg, *v.* ଭିକ୍ଷା- ଯାଚ୍ଞା- ପ୍ରାର୍ଥନା କରିବାର ।
Beget, *v.* ଜନ୍ମାଇବାର, ଜନ୍ମ-ଦ, ଉତ୍ପନ୍ନ-କ ।
Beggar, *s.* ଭିକ୍ଷୁକ, ଯାଚକ, ଭିକାରି, ଫକୀର ।
Beggarly, *a.* ନୀଚ, ଦରିଦ୍ର, ହେୟ, କୃପଣ ।
Beggary, *s.* ଦରିଦ୍ରତା, ଭିକ୍ଷୁକତା, ଦୈନ୍ୟ ।
Begin, *v.* ଆରମ୍ଭ- ଉପକ୍ରମ-କ, ଲାଗିବାର ।
Beginning, *s.* ଆରମ୍ଭ, ଉପକ୍ରମ, ଆଦି, ପ୍ରଥମ; to end, ଆଦ୍ୟପାନ୍ତ, ଆଦ୍ୟଠାରୁ ଅନ୍ତ ପର୍ଯ୍ୟନ୍ତେ । [ବନ୍ଧନ-କ ।
Begird, *v.* ପଟି ଗୁଡ଼ାଇବାର, ବେଷ୍ଟନ ବା
Begone, *int.* ଦୂର ହୁଅ, ଯାଅ, ଦୂର ହୁଅ ।
Begrudge, *v.* କାର୍ପଣ୍ୟ- ଦ୍ୱେଷ- ଈର୍ଷା-କ ।
Beguile, *v.* ପ୍ରତାରଣା- ପ୍ରବଞ୍ଚନା-କ, ଭୁଲାଇବାର ।
Behalf, *s.* ସପକ୍ଷ, କାରଣ, ହେତୁ, ଜନ୍ୟ ।
Behave, *v.* ଆଚରଣ- ବ୍ୟବହାର କରିବାର ।
Behaviour, *s.* ଆଚରଣ, ରୀତି, ବ୍ୟବହାର, ସ୍ୱଭାବ ।
Behead, *v.* ମସ୍ତକଚ୍ଛେଦ-କ, ମୁଣ୍ଡ କାଟିବାର ।
Behest, *s.* ଆଜ୍ଞା, ଆଦେଶ, ଶିକ୍ଷା, ଉପଦେଶ ।
Behind, *pr.* ପଶ୍ଚାତ୍, ପଛେ, ପଶ୍ଚାତେ ।
Behindhand, *ad.* ପଶ୍ଚାତ୍‌ପଡ଼ିବାପୂର୍ବକ, ବିଳମ୍ବରେ । [କ୍ଷଣ କରିବାର ।
Behold, *v.* ଚାହିଁବାର, ଦେଖିବାର, ଦୃଷ୍ଟି- ନିରୀ-
Beholden, *a.* ଅନୁଗ୍ରହ ଦ୍ୱାରା ବାଧିତ, ପ୍ରାପ୍ତୋପକାରଦ୍ୱାରା ବଦ୍ଧ ।
Behoof, *s.* ପ୍ରାପ୍ତି, ଲାଭ, ଫଳ ।
Behove, *v* ଯୋଗ୍ୟ-ହ, ଉପଯୁକ୍ତ ହେବାର ।
Being, *s.* ସ୍ଥିତି, ପ୍ରାଣୀ, ବ୍ୟକ୍ତି, ଜୀବ; Supreme, ପରମେଶ୍ୱର ।
Belabour, *v.* ପ୍ରହାର- ମାରପିଟ କରିବାର ।
Belch, *v.* ଢେକୁଟି-କ, ଉଦ୍‌ଗାର-କ ।
Beldam, *s.* ବୁଢ଼ୀ, କଳହପ୍ରିୟୀ, ଡାଆଣୀ ।
Beleaguer, *v.* ଅବରୋଧ- ବେଷ୍ଟନ-କ ।
Belfry, *s.* ଘଣ୍ଟାଘର, ଘଣ୍ଟାଗାର ।
Belie, *v.* ଛଦ୍ମବେଶ-କ, ମିଥ୍ୟା କହିବାର ।
Belief, *s.* ପ୍ରତ୍ୟୟ, ବିଶ୍ୱାସ, ଶ୍ରଦ୍ଧା, ଧର୍ମ, ମତ ।

**Believe**, *v.* ପ୍ରତ୍ୟୟ- ବିଶ୍ୱାସ-କ, ସତ୍ୟ ମଣି-
ବାର ।
**Bell**, *s.* ଘଣ୍ଟା, ଘୁଙ୍ଗୁର; -metal, କଂସା ।
**Belle**, *s.* ସୁନ୍ଦରୀ ଯୁବତୀ ସ୍ତ୍ରୀ, ସୁବେଶା ସ୍ତ୍ରୀ ।
**Belles-lettres** *s.* ଅଳଙ୍କାର ବିଦ୍ୟା ।
**Belligerent**, *a.* ଯୁଦ୍ଧକାରୀ, ରଣଶୀଳ ।
**Bellow**, *v.* ବୃଷ ବା ଷଣ୍ଢର ପ୍ରାୟ ଗର୍ଜ୍ଜନ-କ ।
**Bellows**, *s.* ଭାତି, ଯଁତା, ଭସ୍ତ୍ରା ।
**Belly**, *s.* ଉଦର, ପେଟ, ଜଠର; -band, ଚେଲ୍ବନ୍ଦ ।
**Belong**, *v.* ସମ୍ବନ୍ଧୀୟ- ସ୍ୱାଧିକାର ହେବାର ।
**Beloved**, *a.* ପ୍ରିୟ, ବଲ୍ଲଭ, ଇଷ୍ଟ, ସ୍ନେହପାତ୍ର ।
**Below**, *pr.* ନୀଚେ, ତଳେ, ଅଧସ୍ତ ।
**Belt**, *s.* କଟିବନ୍ଧ, ପଟୁକା, କମରବନ୍ଦ ।
**Bemoan**, *v.* ବିଳାପ- ଶୋକ- ରୋଦନ-କ ।
**Bench**, *s.* କାଷ୍ଠାସନ, ବିଚାରାସନ, ପିଢ଼ା ।
**Bend**, *v.* ନୁଆଁଇବାର, ବଙ୍କା-ହ, ବଙ୍କ ବା ନତ-
**Beneath**, *pr.* ନୀଚେ, ଅଧଃ, ତଳେ । [କ ।
**Benediction**, *s.* ଆଶୀର୍ବାଦ, କଲ୍ୟାଣ, ଧନ୍ୟ-
ବାଦ, ଆଶିଷ ।
**Benefaction**, *s.* ଦାନ, ପ୍ରସାଦ, ଉପକାର ।
**Benefactor**, *s.* ହିତକାରକ, ଉପକାରୀ, ଦାତା
**Benefice**, *s.* ଧର୍ମୋପଦେଶକର ବୃତ୍ତି, ଉପ-
କାର । [ଗ୍ରହ, କୃପା ।
**Beneficence**, *s.* ଦାତୃତ୍ୱ, ବଦାନ୍ୟତା, ଅନୁ-
**Beneficent**, *a.* ହିତକାରୀ, ଉପକାରୀ, ଦାତା ।
**Beneficial**, *a.* ହିତଜନକ, ଫଳଦାୟକ, କର୍ମଣ୍ୟ
**Benefit**, *s.* ହିତ, ଉପକାର, ମଙ୍ଗଳ, ଲାଭ ।
**Benevolence**, *s.* ପରହିତେଚ୍ଛା, ଦାନଶୀ-
ଳତା, ଦାନ, ଦୟା ।
**Benevolent**, *a.* ଦୟାଳୁ, ହିତୈଷୀ, ଦାନଶୀଳ
**Benighted**, *a.* ଅନ୍ଧକାରରେ ମଗ୍ନ, ପର-
ମାର୍ଥ ଜ୍ଞାନଶୂନ୍ୟ, ଅଜ୍ଞାନ ।

D

**Bengal**, *s.* ବଙ୍ଗଦେଶ; **Bengali**, ବଙ୍ଗାଳୀ ।
**Benign, Benignant**, *a.* ଅନୁଗ୍ରହଶୀଳ,
କୃପାଳୁ, ହିତକାରୀ । [ଅନୁଗ୍ରହ ।
**Benignity**, *s.* ମୃଦୁତା, କୃପା, ଦୟା, କରୁଣା,
**Bent**, *a.* ବକ୍ର, ବଙ୍କା; ସ୍ୱଭାବ, ଇଚ୍ଛା, ରୁଚି ।
**Benumb**, *v.* ଜଡ- ଅବଶ- ହିମଗ୍ରସ୍ତ-କ ।
**Benzoin**, *s.* ଧୂପ, କୁନ୍ଦୁରୁ, ଲୋବାନ ।
**Bequeathe**, *v.* ମରଣକାଳେ ଦାନପତ୍ର ଦ୍ୱାରା
ଦାନ କରିବାର । [ଦ୍ୱାରା ଦତ୍ତଧନ ।
**Bequest**, *s.* ମରଣକାଳୀନ ଦାନ, ଦାନପତ୍ର
**Bereave**, *v.* ହୀନ- ବର୍ଜ୍ଜିତ-କ, କାଢ଼ି-ନ ।
**Bereavement**, *s.* ମୃତ୍ୟୁଦ୍ୱାରାଦୁଃଖ-ହ, ଔ-
**Berry**, *s.* ସାନ ଫଳ । [ଦାସ୍ୟ ।
**Beryl**, *s.* ଈଷତ୍ ସବୁଜବର୍ଣ୍ଣମଣି, ରୋଦତ୍ତମଣି
**Beseech**, *v.* ମିନତି- ବିନତି- ବିନୟ-ପ୍ରାର୍ଥନା-କ
**Beseem**, *v.* ଉପଯୁକ୍ତ- ତୁଲ୍ୟ ବା ଯୋଗ୍ୟ-ହ ।
**Beset**, *v.* ବେଷ୍ଟନ- ଆକ୍ରାନ୍ତ- ଚଢ଼ାଉ-କ, ଘେର-
ବାର । [କରିବାର ।
**Beshrew**, *v.* ଅଭିଶାପ-ଦ, ଅମଙ୍ଗଳ ପ୍ରାର୍ଥନା
**Beside**, *pr.* ନିକଟେ, ପାର୍ଶ୍ୱେ, ସମୀପରେ ।
**Besides**, *ad.* ଅନ୍ୟ, ବ୍ୟତିରେକେ, ବିନା, ଛଡ଼ା ।
**Besiege**, *v.* ବେଷ୍ଟନ- ଅବରୋଧ- ଚଢ଼ାଉ-କ ।
**Besmear**, *v.* ଲିପ୍ତ-କ, ଲେପିବାର, ସମଳ-କ ।
**Besom**, *s.* ଝାଡୁ, ଖଣ୍ଟୁଣି, ଝାଟା ।
**Besotted**, *a.* ବିହ୍ୱଳ, ହତବୁଦ୍ଧି, ମତ୍ତ, କ୍ଷିପ୍ତ ।
**Bespangle**, *v.* ନକ୍ଷତ୍ରାକାର ଭୂଷଣ ଦ୍ୱାରା
ଭୂଷିତ- ଚିକ୍କମିକ୍କ କରିବାର ।
**Bespatter**, *v.* ଦାଗ-ଦ, କଳଙ୍କ- ଦୁର୍ନାମ-କ ।
**Bespeak**, *v.* ଆଜ୍ଞା-କ, ଅଗ୍ରେ-କହି, ଫରମା-
ଇଶ ଦେବାର ।
**Besprinkle**, *v.* ଛିଟାଇବାର, ପକାଇବାର,
ପ୍ରକ୍ଷେପ କରିବାର ।
**Best**, *a.* ଅତ୍ୟୁତ୍ତମ, ସର୍ବଶ୍ରେଷ୍ଠ, ଶ୍ରେଷ୍ଠତମ ।

Bestial, *a.* ପଶୁବତ୍, ଇନ୍ଦ୍ରିୟାସ୍କ୍ତ, ମନୁଷ୍ୟ ଜ୍ଞାନ ରହିତ ।
Bestir, *v.* ସଚେତନ- ଚଞ୍ଚଳ- ଉଦ୍ଯୋଗ-କ ।
Bestow, *v.* ପ୍ରଦାନ- ବତରଣ- ଅର୍ପଣ କ ।
Bestride, *v.* ପାଦ ପକାଇବାରେ ଚଢିବାର ।
Bestud, *v.* ଜଡିତ- ଭୂଷିତ- ଖଚିତ-କ ।
Bet, *s.* ବାଜି, ପଣ, ପ୍ରତିଜ୍ଞା; *v.* ବାଜି-ରଖି ।
Betake, *v.* ଅବଲମ୍ବନ-କ, ଯିବାର, ଆଶ୍ରୟ-କ
Betel-nut, *s.* ଗୁଆ, ଗୁଅ, ସୁପାରି ।
Bethink, *v.* ସ୍ମରଣ- ମନେ- ଉଦ୍ବୋଧ-କ ।
Betide, *v.* ଘଟିବାର, ଉପସ୍ଥିତ ହେବାର ।
Betimes, *ad.* ସକାଳେ, ଉପଯୁକ୍ତ ସମୟରେ, ଶୀଘ୍ର । [ବିଶ୍ୱାସ ବସ୍ଯଇବାର ।
Betoken, *v.* ଲକ୍ଷଣ- ଅଭିପ୍ରାୟ- ଦେଖାଇ,
Betray, *v.* ବିଶ୍ୱାସଘାତକତା- ଶତ୍ରୁ ହସ୍ତଗତ- ଗୁପ୍ତବାକ୍ୟ କହିବାର ।
Betroth, *v.* ବିବାହସମ୍ବନ୍ଧ- ବାଗ୍ଦତ୍ତ-କ ।
Better, *a.* ଉତ୍ତମ, ଶ୍ରେଷ୍ଠତର, ଅଧିକଭଲ ।
Between, Betwixt, *pr.* ମଧ୍ୟରେ, ଭିତରେ, ଅନ୍ତରାଳେ ।
Bevel, *s.* ଏକମିସ୍ତ୍ରୀର ମଟାମ୍ ।
Beverage, *s.* ପାନୀୟ ଦ୍ରବ୍ୟ, ପେୟଦ୍ରବ୍ୟ, ପଣା
Bevy, *s.* ପକ୍ଷିଝାଙ୍କ, ସମୂହ, ଦଳ । [କ ।
Bewail, *v.* ବିଳାପ- ଶୋକ- ହାୟ୍ ହାୟ୍- କ୍ରନ୍ଦନ-
Beware, *v.* ସାବଧାନ- ସତର୍କ- ସଚେତନ-ହ ।
Bewilder, *v.* ପଥ ଭୁଲାଇବାର, ଭ୍ରାନ୍ତ କରାଇବାର, ସାବସ କରିବାର । [ଇବାର ।
Bewitch, *v.* ମୋହିତ- ବଶ- ଯାଦୁ-କ, ଭୁଲା-
Bewitching, *a.* ମନୋହର, ମନୋରଞ୍ଜକ ।
Bewray, *v.* ବିଶ୍ୱାସଘାତକତା- ଅପ୍ରକାଶ୍ୟ- ବିଷୟ ବାକ୍ୟ କହିବାର । [ଉର୍ଦ୍ଧ୍ୱରେ ।
Beyond, *pr.* ଅଗେ, ଅଧିକ, ସେପାରେ,
Bias, *s.* ମନୋବାଞ୍ଛା, ପକ୍ଷପାତ, ରୁଚି ।
Bibber, *s.* ମଦ୍ୟପାୟୀ, ମଦୁଆଲ, ଶରାବୀ ।
Bible, *s.* ଧର୍ମପୁସ୍ତକ, ବାଇବଲ୍ ।
Biblical, *a.* ଧର୍ମପୁସ୍ତକ ସମ୍ବନ୍ଧୀୟ, ଧର୍ମବିଷୟକ ।
Bicker, *v.* ବିବାଦ- ଝଗଡା- କଚକଚି-କ ।
Bid, *v.* ଆଜ୍ଞା-କ, କହିବାର, ନିମନ୍ତ୍ରଣ-କ ।
Biennial, *a.* ଦୁଇ ବର୍ଷସ୍ଥାୟୀ, ଦ୍ୱିବର୍ଷୀୟ
Bier, *s.* ଶବ ବହିବାର ଖଟ, ଖଟୁଲି ।
Big, *a.* ବଡ, ପ୍ରକାଣ୍ଡ, ବୃହତ୍; Pregnant, ଗର୍ଭିଣୀ ।
Bigamy, *s.* ଏକ ସ୍ତ୍ରୀ ଥାଇଁ ଅନ୍ୟ ସ୍ତ୍ରୀ ବିବାହ-କ
Bigot, *s.* ପରମତଦ୍ବେଷୀ, ଅବିବେଚିତ ପକ୍ଷପାତୀ । [ପକ୍ଷପାତ ।
Bigotry, *s.* ସ୍ୱମତରେ ପକ୍ଷପାତ, ଅବିବେଚିତ
Bile, *s.* ପିତ୍ତ, ଶରୀରର ଧାତୁବିଶେଷ ।
Bilge, *s.* ଜାହାଜ ତଳର ଦେଁଡା, ଉଦର ।
Billious, *a.* ପୈତ୍ତିକ, ପିତ୍ତବିକାର ରୋଗୀ ।
Bilk, *v.* ପ୍ରବଞ୍ଚନା- ପ୍ରତାରଣା- କପଟ କରିବାର ।
Bill, *s.* account, ହିସାବ, ପାଉଣାପତ୍ର; of Exchange, ହୁଣ୍ଡିଚିଠି; of Sale, ବିକ୍ରୟପତ୍ର, ବୟନାମା; Treasury, ନୋଟ୍ ଟ୍ରେଜରିବିଲ; Parliament, ମହାସଭାର ନିୟମ; of a Bird, ଥଣ୍ଟ, ଚଞ୍ଚୁ ।
Billet, *s.* କ୍ଷୁଦ୍ର ପତ୍ର, ଚିଠୀ, ଚିଟାଉ ।
Billiards, *s.* ଏକ୍ପ୍ରକାର ଖେଳବିଶେଷ ।
Billion, *s.* ମହାପଦ୍ମ, ୧୦୦୦୦୦୦୦୦୦୦୦୦ ।
Billow, *s.* ତରଙ୍ଗ, ଢେଉ, ଲହର, ମୌଜା ।
Bin, *s.* ଧାନ୍ୟାଦି ରଖିବାର ସ୍ଥାନ, ଗୋଲା, ଭଣ୍ଡାର, ଅମାର ।
Binary, *a.* ଦୁଇ, ଦ୍ୱିବଚନ, ଦ୍ୱିଗୁଣ, ଯୁଗ୍ମ ।
Bind, *v.* ବନ୍ଧନ-କ, ବାନ୍ଧିବାର ।
Binding, *s.* ବନ୍ଧନୀ, ବନ୍ଧା, ପଟୀ ।
Binnacle, *s.* କୁମ୍ପାସର ଅଧାର । [ଦୂରବୀକ୍ଷଣ ।
Binocular, *a.* ଦୁଇ ଚକ୍ଷୁବିଶିଷ୍ଟ; *s.* ଦ୍ୱିନଳି-

Biographer, *s.* ମନୁଷ୍ୟର ଜୀବନ ବର୍ଣ୍ଣନାକର୍ତ୍ତା ।
Biography, *s.* ମନୁଷ୍ୟର ଚରିତ୍ର ବା ଜୀବନର ଉପାଖ୍ୟାନ ।
Biped, *s.* ଦ୍ୱିପଦ, ଦ୍ୱିପାଦ, ଦ୍ୱିପଦବିଶିଷ୍ଟ ଜନ୍ତୁ ।
Birch, *s.* ବୃକ୍ଷବିଶେଷ, ଦଣ୍ଡ, କୋରଡା ।
Bird, *s.* ପକ୍ଷୀ, ବିହଙ୍ଗମ, ଚଢ଼ାଇ; catcher,
Birdlime, *s.* ପକ୍ଷୀ ଧରିବାର ଅଠା । [ବ୍ୟାଧ ।
Birth, *s.* ଜନ୍ମ, ଉତ୍ପତ୍ତି, ପ୍ରସବ, କୁଳ, ମର୍ଯ୍ୟାଦା ।
Birthday, *s.* ଜନ୍ମଦିନ, ଜନ୍ମତିଥି, ବର୍ଷବୃଦ୍ଧି ।
Birthplace, *s.* ଜନ୍ମସ୍ଥାନ ବା ଭୂମି ।
Birthright, *s.* ଜ୍ୟେଷ୍ଠାଧିକାର, ଜନ୍ମ ଦ୍ୱାରା ଯାହାର ଯେ ସ୍ୱତ୍ୱ ।
Biscuit, *s.* ବିସ୍କୁଟରୁଟୀ, ଶୁକ୍ଳିରୁଟୀ ।
Bisect, *v.* ଦୁଇଖଣ୍ଡ- ଦୁଇଭାଗ- ଦ୍ୱ୍ୟଂଶ-କ ।
Bishop, *s.* ଧର୍ମାଧ୍ୟକ୍ଷ, ଖ୍ରୀଷ୍ଟିୟାନମଣ୍ଡଳୀପାଳକ; in chess, ଗଜ । [କାର ।
Bishopric, *s.* ପ୍ରଧାନ ଧର୍ମାଧ୍ୟକ୍ଷର ପଦ ବା ଅଧି-
Bissextile, *s.* ଯେ ବରଷ ଫେବ୍ରୁଏରି ମାସ ୨୯ ଦିନ । [ମୁଦ୍ରାବିଶେଷ ।
Bit, *s.* ଖଣ୍ଡ, ଟୁକୁଡ଼ା, ଲଗାମ, କଡ଼ିୟୀ, ମୂଲ୍ୟର
Bitch, *s.* କୁକ୍କୁରୀ, କୁତୀ ।
Bite, *v.* ଦଂଶନ-କ, କାମୁଡ଼ିବାର, ପ୍ରବଞ୍ଚନା-କ ।
Bitter, *a.* ତିକ୍ତ, କଟୁ, ପିତ୍ତ, ଅମ୍ଳ, ଶୋକଜନକ ।
Bitumen, *s.* ମାଟିଆତେଲ, ମୃତ୍ତିକାତେଲ,
Bivalve, *s.* ଦ୍ୱିକବାଟବିଶିଷ୍ଟ । [ଶୈଳଜ ।
Bivouac, *s.* ରଣସ୍ଥଳର ପ୍ରହରୀ ।
Blab, *v.* ଗୁପ୍ତବାକ୍ୟ ବ୍ୟକ୍ତ-କ ବାଚାଳ-ହ ।
Black, *a.* କୃଷ୍ଣବର୍ଣ୍ଣ, କଳା, କାଳୀ, ଅନ୍ଧକାର, କାଳିମାରଙ୍ଗ ।
Blacken, *v.* କୃଷ୍ଣବର୍ଣ୍ଣ- କଳଙ୍କ- ଦୁର୍ନାମ-କ ।
Blackguard, *s.* ଦୁର୍ମୁଖ, ଦୁରାଚାର, ଦୁଷ୍ଟ ।
Blacklead, *s.* ଲେଖନାର୍ଥ ସୀସା, କାଠ ପେନ୍ସିଲ୍ ।

Blackamoor, *s.* କୃଷ୍ଣବର୍ଣ୍ଣ ମନୁଷ୍ୟ, କାଫ୍ରି ।
Blacksmith, *s.* କମାର, କର୍ମକାର, ଲୋହାର
Bladder, *s.* ପଟକା, କୋମ, ଚର୍ମର ଥୈଲି-ବିଶେଷ । [ବ୍ୟକ୍ତି ।
Blade, *s.* ଅସ୍ତ୍ରର ପତ୍ରା, ତୃଣପତ୍ର, ସତେଜ
Blain, *s.* ଫୋଡ଼ା, ବଥ, ବ୍ରଣ, ଘା, ସ୍ଫୋଟକ ।
Blame, *s.* ଦୋଷ, କଳଙ୍କ, ଅପରାଧ, ନିନ୍ଦା ।
Blameable, *a.* ଦୋଷୀ, ପାପୀ, ଅପରାଧୀ ।
Blameless, *a.* ନିର୍ଦ୍ଦୋଷୀ, ନିରପରାଧୀ, ନିଷ୍ପାପୀ
Blanch, *v.* ଶୁକ୍ଳ- ଧଳା- ନିର୍ମଳ-କ ।
Bland, *a.* ମୃଦୁ, କୋମଳ, ସ୍ନିଗ୍ଧ, ଚିକ୍କଣ, ସରଳ
Blandishment, *s.* ମିଷ୍ଟବାକ୍ୟ-କଥନ, ମୋହଜନକ ବଚନ ବା କ୍ରିୟା ।
Blank, *a.* ଶୁକ୍ଳ, ସାଦା, ଶୂନ୍ୟ, ଲୁଛା, ଖାଲି ।
Blanket, *s.* କମ୍ବଳ, ଲୁଇ ।
Blaspheme, *v.* ଈଶ୍ୱର ନିନ୍ଦା- ପାଷଣ୍ଡତା-କ ।
Blasphemy, *s.* ଈଶ୍ୱର ନିନ୍ଦା, ପାଷଣ୍ଡତା ।
Blast, *s.* ତୋଫାନ, ଦମକାବାୟୁ, ତୂରୀରଧ୍ୱନି, ବୃକ୍ଷ ବା ଶସ୍ୟମାରୀ ।
Blast, *v.* ନାଶ- ଶୁଷ୍କ- ମ୍ଳାନ- ବିନାଶ-କ ।
Blaze, *s.* ଅଗ୍ନିଶିଖା, ଦୀପ୍ତି ।
Blaze, *v.* ପ୍ରଜ୍ୱଳିତ-ହ, ପ୍ରକାଶ ଘୋଷଣା-କ ।
Blazon, *s.* କୁଳୀନପଦର ଚିହ୍ନ; *v.* ଗୁଣ ପ୍ରକାଶ- ଶୋଭିତ- ବ୍ୟକ୍ତ କରିବାର ।
Bleach, *v.* ଧବଳ- ଧଳା- ସଫା କରିବାର ।
Bleak, *a.* ହିମାବୃତ, ଶୀତଳ, ହିମ ।
Blear-eyed, *a.* ନେତ୍ରରୋଗୀ, ମିଟିମିଟ୍ୟାଚକ୍ଷୁ
Bleat, *v.* ମେଣ୍ଢା ବା ଛେଳିପରି ରବ-କ ।
Bleed, *v.* ରକ୍ତପାତ- ରକ୍ତମୋକ୍ଷଣ-କ, ରକ୍ତ କାଢିବାର ।
Blemish, *s.* କଳଙ୍କ, ଦାଗ, ଦୋଷ, ନିନ୍ଦା ।
Blench, *v.* ଭୟରେ ସଙ୍କୁଚିତ ହେବାର ।
Blend, *v.* ମିଶ୍ରିତ-କ, ମିଶିବାର ।

**Bless**, *v.* ଆଶୀର୍ବାଦ- ମଙ୍ଗଳ ପ୍ରାର୍ଥନା-କ, ବର ଦେବାର ।

**Blessed**, *a.* ଧନ୍ୟ, ସୁଖୀ, କଲ୍ୟାଣଯୁକ୍ତ, ଆଶୀଃପ୍ରାପ୍ତ ।

**Blessing**, *s.* ଆଶୀର୍ବାଦ, ବର, କଲ୍ୟାଣ ।

**Blight**, *s.* ବୃକ୍ଷାଦି ଶୁଷ୍କ କରିବା ରୋଗ, ମ୍ଳାନ ।

**Blight**, *v* ଶୁଷ୍କ- ନଷ୍ଟ- ନିଷ୍ଫଳ କରିବାର ।

**Blind**, *s.* ଦୃଷ୍ଟିରୋଧକ ବସ୍ତୁ, ଅଡ଼ାଳ ।

**Blind**, *a.* ଅନ୍ଧ, କଣା, ମୂଢ଼, ଦୃଷ୍ଟିହୀନ ।

**Blindfold**, *v.* ଚକ୍ଷୁବନ୍ଦ- ଅନ୍ଧ କରିବାର ।

**Blindness**, *s.* ଅନ୍ଧତା, ମୂର୍ଖତା, ଅଜ୍ଞାନତା ।

**Blink**, *v.* ଇଙ୍ଗିତ- ଇଶାରା-କ, ଠାରିବାର ।

**Bliss**, *s.* ପରମସୁଖ, ସ୍ୱର୍ଗୀୟ ସୁଖ, ପରମାନନ୍ଦ ।

**Blister**, *s.* ଫୁଲା, ଫୋଟକା; **Blister-salve**, ଫୋଟକାଜନକ ମଲମ ।

**Blithesome**, *a.* ହର୍ଷିତ, ତୁଷ୍ଟ, ପ୍ରଫୁଲ୍ଲିତ ।

**Bloat**, *v.* ସ୍ଫୀତ-କ, ଫୁଲ ଅବା ଫମ୍ପା-କ ।

**Block**, *s.* କାଠ ବା ପଥରର ମୁଣ୍ଡା; ଅବରୋଧକ, ମୂଢବ୍ୟକ୍ତି ।

**Block**, *v.* ରୁଦ୍ଧ- ବନ୍ଦ- ଅବରୋଧ କରିବାର ।

**Blockade**, *v.* ଅବରୋଧ- ବେଷ୍ଟନ-କ, ଘେରିବାର । [ମୂର୍ଖ ।

**Blockhead**, *s.* ମୂର୍ଖ, ନିର୍ବୋଧ, ଅଜ୍ଞାନ, ଜଡ଼-

**Blood**, *s.* ରକ୍ତ, ରୁଧିର, ଶୋଣିତ; ବଂଶ, ଗୋତ୍ର ।

**Bloodhound**, *s.* ଶିକାରୀ କୁକ୍କୁରବିଶେଷ ।

**Blood-letting**, *s.* ରକ୍ତମୋକ୍ଷଣ ବା ପତନ ।

**Bloodshed**, *s.* ରକ୍ତପାତ, ହତ୍ୟା, ଖୁନ ।

**Bloodshot**, *a.* ରକ୍ତପୂର୍ଣ୍ଣ, ରକ୍ତବର୍ଣ୍ଣ, ଲାଲ ।

**Bloodthirsty**, *a.* ରକ୍ତପାୟୀ, ବଧ କାର୍ଯ୍ୟେ ପ୍ରିୟ, କ୍ରୂର ।

**Bloom**, *s.* ବୌଲ, ମୁକୁଳ, ଫୁଲ, ଯୌବନାବସ୍ଥା, ନବ ଯୌବନ।

**Bloom**, *v.* ବୌଲ- ମୁକୁଳିତ-ହ, ପୁଷ୍ପ ଧର, ପୁଷ୍ପବନ୍ତ-ହ । [ପୁଷ୍ପବିଶିଷ୍ଟ ।

**Blooming**, *a.* ବୌଲଯୁକ୍ତ, ଯୌବନପ୍ରାପ୍ତ,

**Blossom**, *s.* ବୌଲ, ମୁକୁଳ, କଳି, ଫୁଲ ।

**Blot**, *s.* ଦାଗ, କଳଙ୍କ, କାଳୀଚିହ୍ନ, ଦୁର୍ନାମ ।

**Blot**, *v.* ଦାଗ- କଳଙ୍କ କରିବାର ।

**Blotch**, *s.* ବଥ, ବ୍ରଣ, ଦାଗ, ଚିହ୍ନ ।

**Blow**, *s.* ପ୍ରହାର, ଆଘାତ, ଦୁର୍ଘଟନା; ପୁଷ୍ପବନ୍ତ ହେବାର ।

**Blow**, *v.* ଫୁଙ୍କ-ଦ, ପବନ ବହ, ବାୟୁ ଦ୍ୱାରା ସ୍ପନ୍ଦନ-କ ।

**Blowpipe**, *s.* ଅଗ୍ନି ଫୁଙ୍କିବାର ନଳି ବା ଚୁଙ୍ଗ ।

**Blubber**, *s.* ତିମିମତ୍ସ୍ୟର ବସା, ମକର ମାଛର ତେଲ ବା ଚର୍ବି ।

**Blubber**, *v.* ଅତିକ୍ରନ୍ଦନ କରିବାର ।

**Bludgeon**, *v.* ଲାଠି, ଗଦା, ମୁଦ୍ଗର, ଠେଙ୍ଗା, [ମୁଷଳ ।

**Blue**, *a.* ନୀଳବର୍ଣ୍ଣ, ଆକାଶବର୍ଣ୍ଣ ।

**Bluebottle**, *s.* କଣ୍ଟାମାଛି, ବଡ଼ମକ୍ଷିକା ।

**Bluff**, *a.* ସ୍ଥୂଳ, ମୋଟା ।

**Blunder**, *s.* ଭ୍ରମ, ଭୁଲ, ଭ୍ରାନ୍ତି, ଦୋଷ ।

**Blunderbuss**, *s.* ବଡ଼ ମୁଖବିଶିଷ୍ଟ ବନ୍ଧୁକ ।

**Blunt**, *a.* ଅଧାରୁଆ, ଅତୀକ୍ଷ୍ଣ, ଅସଭ୍ୟ, କର୍କଶ ।

**Bluntly**, *ad.* ଅସଭ୍ୟରୂପେ, କର୍କଶରୂପେ ।

**Blur**, *s.* ତ୍ରୁଟି, ଦାଗ, କଳଙ୍କ; *v.* ଦାଗ- କଳଙ୍କ କରିବାର ।

**Blush**, *v.* ଲଜ୍ଜାରେ ରକ୍ତବର୍ଣ୍ଣ- ଲଜ୍ଜିତ-ହ ।

**Blush**, *s.* ଲଜ୍ଜାମୁଖ, ଶରମ, ଲାଜ ।

**Bluster**, *v.* ତର୍ଜନଗର୍ଜନ-କ, ଦାମ୍ଭିକ-ହ ।

**Boar**, *s.* ବରାହ, ଶୂକର, ବନସୁଅର ।

**Board**, *s.* ପଟା, ତକ୍ତା, ଖାଦ୍ୟ, ସମାଜ, ଜାହାଜ ଉପରତଳା ।

**Board**, *v.* ଜାହାଜ ଆକ୍ରମଣ-କ, ତକ୍ତା ବସାଇବାର; ମୂଲ୍ୟ ଦେଇ ଆହାର ପ୍ରାପ୍ତ-ହ ।

**Boarder**, *s.* ମୂଲ୍ୟ ଦେଇ ପରର ଘରେ ଯେ ଖାଏ, ସମଭୋକ୍ତା, ସମଭୋଜୀ ।
**Boast**, *v.* ଦର୍ପ- ଗର୍ବ- ଅହଂକାର କରିବାର ।
**Boat**, *s.* ନୌକା, ନାଆ, ନାବ, ତରଣୀ, କିସ୍ତି ।
**Boatman**, *s.* ନାବିକ, ନାଉରୀ, ମଲ୍ଲା, ମାଝି ।
**Boatswain**, *s.* ନାବିକ ପଦବିଶେଷ ।
**Bobbin**, *s.* ସୂତାର ନଳୀ କା କାଠି, ଲୁଣିକା ସୂତା ।
**Bode**, *v.* ଭଦ୍ରାଭଦ୍ର ଚିହ୍ନ ଦେଖାଇବାର ।
**Bodice**, *s.* କାଞ୍ଚୁଲି, କଞ୍ଚୁଳିକା, କାଞ୍ଚୁଳି ।
**Bodily**, *a.* ଦୈହିକ, କାୟିକ, ଶାରୀରିକ ।
**Bodkin**, *s.* ସୂଚିବିଶେଷ, ଗୁଣସୂଚି, ବକୁଣି ।
**Body**, *s.* ଶରୀର, ଅଙ୍ଗ, ଦେହ ; ସମୂହ ।
**Bog**, *s.* ପଙ୍କଯୁକ୍ତସ୍ଥାନ, କାଦୁଅ ଭୂମି ।
**Boggle**, *v.* ଚମକିବାର; ଭୀତ ହେବାର ।
**Boil**, *v.* ଫୁଟାଇବାର, ଜଳରେ ସିଦ୍ଧ- ପାକ-କ, ସିଝାଇବାର ।
**Boil**, *s.* ବଥ, ସ୍ଫୋଟକ, ଫୋଡ଼ା, ବ୍ରଣ ।
**Boiler**, *s.* ହାଣ୍ଡି, କଟାହ, ସିଦ୍ଧକରଣପାତ୍ର ।
**Boisterous**, *a.* ଦୁର୍ଦମ୍ୟ, ପ୍ରଚଣ୍ଡ, ତୁଫାନପର ।
**Bold**, *a.* ସାହସିକ, ବିକ୍ରମୀ, ନିର୍ଭୟ, ନିର୍ଲଜ୍ଜ ।
**Bolster**, *s.* ତକିଆ, ବଡ଼ବାଲିଶ, ଉପଧାନ ।
**Bolt**, *s.* ଖିଲ, ହୁଡ଼ୁକା; Thunder- ବଜ୍ର, ଶର ।
**Bolt**, *v.* ଖିଲ-ଦ, ହୁଡ଼ୁକା ବନ୍ଦ କରିବାର ।
**Bolus**, *s.* ଔଷଧର ବଟୀ, ଗୁଳୀ, ବଟିକା ।
**Bomb**, *s.* ଛଟାପୂର୍ଣ୍ଣ ଗୋଳା, ଗଞ୍ଜର ଧ୍ୱନ ।
**Bombard**, *v.* ତୋପଦ୍ୱାରା ବିଭାଡ଼୍-କ, ତୋପ ମାରିବାର । [କର୍ତ୍ତା ।
**Bombardier**, *s.* ଗୋଲନ୍ଦାଜ, ତୋପ ଚାଲନ-
**Bombast**, *s.* ନିରର୍ଥକବାକ୍ୟ, ଦର୍ପ, ଗର୍ବକଥା ।
**Bond**, *s.* ବନ୍ଧନ, ଏକରାରନାମା, କର୍ଜପତ୍ର, ତମସୁକ, ଟିପ ।
**Boudage**, *s.* ବନ୍ଦୀର ଅବସ୍ଥା, ଦାସତ୍ୱ, କଏଦ ।
**Bondman**, *s.* କ୍ରୀତଦାସ, ବନ୍ଦୀ, ପରାଧୀନ ।
**Bondsman**, *s.* ଜାମୀନ, ପ୍ରତିଭୂ, ଲଗା, ଜାମୀନଦାର ।
**Bone**, *s.* ଅସ୍ଥି, ହାଡ, ହଡ୍ଡି । [ବାଜି ।
**Bonfire**, *s.* ଅଗ୍ନ୍ୟୁତ୍ସବ, ଅଗ୍ନିକ୍ରୀଡ଼ା, ଆତସ-
***Bonnet***, *s.* ସ୍ତ୍ରୀଲୋକର ଟୋପି ।
**Bonny**, *a.* ସୁନ୍ଦର, ହସିଲା, ସୁରୂପ ।
**Booby**, *s.* ନିର୍ବୋଧ, ମୂଢ, ମୂର୍ଖ; ପକ୍ଷିବିଶେଷ ।
**Book**, *s.* ପୁସ୍ତକ, ଗ୍ରନ୍ଥ, ପୋଥି, କିତାବ ।
**Bookbinder**, *s.* ଦପ୍ତରୀ, ଜିଲ୍ଦଗର, ବହି ବନ୍ଧ କରଇ ଯେ । [ରିର ।
***Book-keeper***, *s.* ଖାତାବହି ରକ୍ଷକ, ମୋହ-
**Book-keeping**, *s.* ମୋହରିରଗିରି, ହିସାବ ।
**Bookworm**, *s.* ଗ୍ରନ୍ଥକୀଟ, ଗ୍ରନ୍ଥ ପଢିବାରେ ଅତ୍ୟାସକ୍ତ ଲୋକ ।
**Boon**, *s.* ଦାନ, ବର, ଅନୁଗ୍ରହ ।
**Boor**, *s.* ଚଷା, ମୂଢ, ଅସଭ୍ୟ । [ଲର ।
**Boot**, *s.* ଜୁତା, ପାଣ୍ଡୋଇ, ଚର୍ମପାଦୁକା;
**Boot**, *v.* ଲଭ- ସଫଳ-କ; ଜୋତା ଲଗାଇବାର ।
**Booth**, *s.* କ୍ଷୁଦ୍ରଘର, କୁଟୀର, ଝୁପଡ଼ା ।
**Booty**, *s.* ଲୁଣ୍ଠିତଦ୍ରବ୍ୟ, ଲୁଟ, ଅପହୃତଧନ ।
**Borax**, *s.* ସୋହାଗା, ବର୍ଣ୍ଣକଦ୍ରବ୍ୟବିଶେଷ ।
**Border**, *s.* କିନାରା, ସୀମା, ଅଞ୍ଚଳ, ଧାର ।
**Borderer**, *s.* ସୀମାନ୍ତବାସୀ, ସୀମାବର୍ତ୍ତୀ, ସୀମାସ୍ଥାୟୀ ।
**Bore**, *s.* ଛିଦ୍ର, ରନ୍ଧ୍ର, ଫୋଡ; ବିରକ୍ତିଜନକ ।
**Bore**, *v.* ବେଧ- ଭେଦ- ଛିଦ୍ର କରିବାର ।
**Boreas**, *s.* ଉତ୍ତରପବନ, ଉତ୍ତରୀୟବତାସ ।
**Born**, *a.* ଜନ୍ମିତ, ଜାତ, ଉତ୍ପନ୍ନ; -blind, ଜନ୍ମାନ୍ଧ । [ର୍ଥେ ସଭାପ୍ରାପ୍ତ ନଗର ।
**Borough**, *s.* ମହାସଭାକୁ ପ୍ରତିନିଧି ପ୍ରେରଣା-

Borrow, v. କର୍ଜ- ଋଣ- ଧାର କରିବାର ।
Bosky, a. ଅରଣ୍ୟମୟ, ବଣୁଆ, ଜଙ୍ଗଲି ।
Bosom, s. ବକ୍ଷସ୍ଥଳ, କୋଡ଼, କୋଳ ।
Boss, s. ଢାଲର ଫୁଲ, ଉଚ୍ଚସ୍ଥରେ ଗଠିତ ଅଳ-
Botanic, a. ଉଦ୍ଭିଦ୍‌ବିଦ୍ୟାସମ୍ବନ୍ଧୀୟ । [ଙ୍କାର ।
Botanist, s. ଉଦ୍ଭିଦ୍‌ବିଦ୍ୟାଜ୍ଞ, ଉଦ୍ୟାନବିଦ୍ୟା- ବେତ୍ତା ।
Botany, s. ଉଦ୍ଭିଦ୍‌ବିଦ୍ୟା, ବୃକ୍ଷାଦି ଶାସ୍ତ୍ରତତ୍ତ୍ୱ ।
Botch, s. ବ୍ରଣ, ଦାଗ, ଘୋଡ଼ା, ଅଣ୍ଠିଲ ।
Botch, v. ଅଦକ୍ଷତାରେ ସାରିବାର, ବସ୍ତ୍ରରେ ତାଳି ଦେବାର ।
Both, a. ଉଭୟ, ଦୁଇ, ଦୁହେଁ, ଦୋହେଁ ।
Bother, v. ବ୍ୟସ୍ତ- ବିରକ୍ତ- ଦଙ୍ଗ କରିବାର ।
Bottle, s. କାଚର ଥାଳୀ, ବୋତଲ, ଶିଶି ।
Bottom, s. ତଳ, ଅଧୋଦେଶ, ନୀଚସ୍ଥାନ, ଉପତ୍ୟକା ।
Bottomless, a. ଅଗାଧ, ଅତଳସ୍ପର୍ଶ, ଅସ୍ଥାୟୀ
Bough, s. ଶାଖା, ବୃକ୍ଷର ଡାଳ ।
Bounce, v. ଲମ୍ଫ ଉଠିବାର, ବୃଥାଡ଼ମ୍ବର-କ ।
Bouncer, s. ଦାମ୍ଭିକ, ଗପୀ, ମିଥ୍ୟାବାଦୀ ।
Bounds, Boundary, s. ସୀମା, ଅନ୍ତ, ସୀମାନା, ହଦ, ସରହଦ ।
Bound, v. ଲମ୍ଫ ଉଠିବାର; to enclose, ସୀମା, ବେଢ଼ା, ବାଡ଼ ଦେବାର ।
Bound, a. ବନ୍ଦ, କୌଣସିସ୍ଥାନକୁ ଗମନଶୀଳ ।
Boundless, a. ଅସୀମ, ଅପାର, ଅଶେଷ, ଅନନ୍ତ । [ଦାତା, ଦାନୀ, ବଦାନ୍ୟ ।
Bounteous, Bountiful, a. ଦାନଶୀଳ,
Bounty, s. ଦାନଶୀଳତା, ଦାତୃତ୍ୱ, ଦାନ ।
Bouquet, s. ପୁଷ୍ପଗୁଚ୍ଛ, ଫୁଲତୋଡ଼ା, ସ୍ତବକ ।
Bourn, s. ସୀମା, ଅନ୍ତ; କ୍ଷୁଦ୍ର ନଦୀ, ପ୍ରବାହ ।
Bout, s. କ୍ଷେପ, ଉପକ୍ରମ, ବାର, ଥର ।
Bow, s. ଧନୁ, ଧନୁକ, ପ୍ରଣାମ, ନମସ୍କାର ।
Bow, v. ନମସ୍କାର-ପ୍ରଣାମ-କ, ମୁଣ୍ଡ ନୁଆଁଇବାର
Bowels, s. ଅନ୍ତର, ନାଡ଼ୀସମୂହ; Mercy, ଦୟା ।
Bower, s. କୁଞ୍ଜ, ନିକୁଞ୍ଜ, ଲତାଗୃହ, ମଣ୍ଡପ ।
Bowl, s. ବାଟି, କଟୋରା, ପାତ୍ର, ଦସଗ୍ଲାଲ ।
Bowl, v. ଗଡ଼ାଇ ଦ, ଗୁଁଠାଖେଳିବାର ।
Bowling-green, s. ଗୁଁଠା ବା [illegible] ଖେଳନସ୍ଥାନ, ମାଠ ।
Bowman, s. ଧନୁର୍ଦ୍ଧର, ଧାନୁଷ୍କୀ, ଧନ୍ୱୀ ।
Bowstring, s. ଧନୁର୍ଗୁଣ, ଜ୍ୟା, ଗମାବୀ ଗେଳଇ ।
Box, s. ସିନ୍ଦୁକ, ବାକ୍ସ; ମୁଷ୍ଟି, ଘୁଷା ।
Box, v. ମୁଷ୍ଟ୍ୟାଘାତ-କ, ମୁଥ ମାରିବାର ।
Boy, s. ବାଳକ, ପିଲା, ଟୋକା ।
Boyish, a. ବାଳକବତ୍, ବାଳକର ପ୍ରାୟ ।
Brace, s. ଯୋଡ଼ା, ଯୁଗ୍ମ, ବନ୍ଧନୀ, ଦୁହେଁ ।
Brace, v. କଷିବାର, ବନ୍ଧନ-କ, ବାନ୍ଧିବାର ।
Bracelet, s. କଙ୍କଣ, ଖଡ଼ୁ, ହସ୍ତାଲଙ୍କାର ।
Bracket, s. ଦ୍ରବ୍ୟ ରକ୍ଷଣାର୍ଥ ଆଧାର ।
Brackish, a. ଲୋଣା, ସଲବଣ, ଲବଣମୟ ।
Brag, v. ଅହଂକାର- ଗର୍ବ- ଶ୍ଳାଘା କରିବାର ।
Braggart, s. ଶ୍ଳାଘାକାରୀ, ଅହଂକାରୀ ।
Braid, v. ଗୁନ୍ଥିବାର, ବେଣୀ- ଜଟ-କ ।
Brain, s. ମଜ୍ଜା, ମଗଜ, ବୁଦ୍ଧିର ସ୍ଥାନ ।
Brake, s. କଣ୍ଟକବନ, ଗାଡ଼ି ଅଟକାଇବାର ଯ।
Bramble, s. କଣ୍ଟାବୃକ୍ଷ, ଶ୍ୟାକୁଳ ।
Bran, s. ଭୁଷି, ଚୁଣ, ତୁଷ ।
Branch, s. ଡାଳ, ଶାଖା, ବାହୁଙ୍ଗା, ସନ୍ତାନ ।
Brand, s. ମଶାଲ, ଜ୍ୱଳନ୍ତକାଷ୍ଠ, ଅପକର୍ମ ଚିହ୍ନ ଦାଗ, ଚିହ୍ନ ।
Brand, v. ଦାଗ-ଦ, କଳଙ୍କ କରିବାର ।
Brandish, v. ଅସ୍ତ୍ର ବୁଲାଇବାର, ଅସ୍ତ୍ର ଖେଳା- ଇବାର ।

Brandy, s. ମଦ୍ୟବିଶେଷ, ବ୍ରାଣ୍ଡିଶରାପ୍ ।
Brasier, s. କଂସାରୀ, ଥଟାରୀ, କଂସାବଣିକ୍ ।
Brass, s. ପିତ୍ତଳ; impudence, ନିର୍ଲଜ୍ଜତା ।
Bravado, s. ଦମ୍ଭ, ଗର୍ବ, ଉଗ୍ରପ୍ରଦର୍ଶନ ।
Brave, a. ବୀର୍ଯ୍ୟବାନ୍, ବିକ୍ରମୀ, ଶୂର, ସାହସୀ ।
Brave, v. ନିର୍ଭୟ-ହ, ଯୁଦ୍ଧେ ଡାକିବାର ।
Bravery, s. ପୁରୁଷତ୍ୱ, ବୀରତ୍ୱ, ସାହସ, ଶୂରତ୍ୱ ।
Bravo, s. ସାବାସ୍, ଭଲରଲ, ବେତନଗ୍ରାହି-ହନ୍ତା ।
Brawl, s. କନ୍ଦଳ, କଳହ, ଝଗଡା, ଦଙ୍ଗା ।
Brawn, s. ଶୂକରର ମାଂସଳାଂଶ, ବରାହ ମାଂସ ।
Brawny, a. ମାଂସଳ, ହୃଷ୍ଟପୁଷ୍ଟ, ବଳବାନ୍ ।
Bray, s. ଗଧର ରବ; v. ଗଧ ପରି ରବ-କ ।
Braze, v. ପିତ୍ତଳମଣ୍ଡିତ-କ; ନିର୍ଲଜ୍ଜ କରିବାର ।
Brazen, a. ପିତ୍ତଳନିର୍ମିତ; ନିର୍ଭୟ ।
Brazenface, s. ନିର୍ଲଜ୍ଜବ୍ୟକ୍ତି, ନିର୍ଲଜ୍ଜଲୋକ ।
Breach, s. ଭଗ୍ନ, ଭଙ୍ଗା, ବିଚ୍ଛେଦ, ଲଙ୍ଘନ ।
Bread, s. ରୁଟୀ, ପାଉଁରୁଟୀ, ପିଠା, ପୂପ, ଖାଦ୍ୟୋପାୟ । [ପ୍ରଶସ୍ତ ।
Breadth, s. ପ୍ରସ୍ଥ, ଚଉଡା, ଓସାର, ପ୍ରସାର,
Break, v. ଭଗ୍ନ-କ, ଭାଙ୍ଗିବାର, ଫୁଟାଇବାର ।
Breakers, s. ସମୁଦ୍ରସ୍ଥ ପାଷାଣ ବା ତଡାର ବଡ ଢେଉ । [ଜର ।
Breakfast, s. ପ୍ରାତଃକାଳର ଭୋଜନ, ହା-
Breast, s. ବକ୍ଷସ୍ଥଳ, ବୁକ, ସ୍ତନ, ଛାତି, ହୃଦୟ ।
Breastplate, s. ବୁକପଟା, ଚପରାସ ।
Breath, s. ନିଶ୍ୱାସ, ଶ୍ୱାସ, ଦମ, ପ୍ରଶ୍ୱାସ ।
Breathe, v. ନିଶ୍ୱାସ- ହାଇ ଛାଡିବାର, ବିଶ୍ରାମ କରିବାର । [କର ଲୁନା ।
Breech, s. ନିତମ୍ବଦେଶ, ପିଠି; Gun- ବନ୍ଧୁ-
Breeches, s. ପାଇଜାମା, ଜଙ୍ଘିଆ । [ଳନ-କ ।
Breed, v. ସନ୍ତାନ ଜନ୍ମାଇବାର, ଜନ୍ମ ବା ପା-
Breed, s. ଜାତି, ବଂଶ, ସନ୍ତାନ, ଗୋଷ୍ଠ ।
Breeding, s. ସ୍ୱଭାବ, ରୀତି, ଆଚରଣ, ଶିକ୍ଷା ।
Breeze, s. ସୁବତାସ, ସୁବାୟୁ, ମନ୍ଦପବନ ।
Brethren, s. ଭାଇମାନେ, ଭ୍ରାତୃଗଣ, ଭ୍ରାତୃ-
Brevet, s. ସୈନ୍ୟର ପଦବିଶେଷ । [ବର୍ଗ ।
Breviary, s. ରୋମୀୟ ଧର୍ମୋପଦେଶକର ଦୈନିକ ପ୍ରାର୍ଥନା ଗ୍ରନ୍ଥ ।
Brevity, s. ସଂକ୍ଷେପତ୍ୱ, ହ୍ରସ୍ୱତା, ଲଘୁତା ।
Brew, v. ମଦ୍ୟପ୍ରସ୍ତୁତ-ଯବଜାତମଦ୍ୟପାକ-କ
Brewery, s. ମଦ୍ୟପାକଗୃହ, ଭେସ୍ଥାନଘର ।
Bribe, s. ଘୁଷ, ଲାଞ୍ଚ, ରେଶ୍ୱତ, ମୁଣ୍ଡବନ୍ଦୀ ।
Bribe, v. ଘୁଷ- ରେଶ୍ୱତ- ଲାଞ୍ଚ ଦେବାର ।
Brick, s. ଇଟା, ଇଷ୍ଟକ ।
Brickbat, s. ଇଷ୍ଟକଖଣ୍ଡ, ଇଟାଖଣ୍ଡେ ।
Brickdust, s. ସୁରକି, ସୁର୍କି, ଇଟାର ଚୂନା ।
Brickkiln, s. ଭାଟି, ଇଟାଭାଟି ।
Bricklayer, s. ରାଜମିସ୍ତ୍ରୀ, ରାଜ ।
Bridal, a. ବିବାହସମ୍ବନ୍ଧୀୟ, ବୈବାହିକ ।
Bride, s. କନ୍ୟା, ନବବିବାହିତା ସ୍ତ୍ରୀ ।
Bridegroom, s. ବର, ବରପୋଷ, ନବବିବାହିତ ପୁରୁଷ । [ସହଚରୀ ।
Bridemaid, s. ବିବାହ ସମୟରେ କନ୍ୟାର
Bridewell, s କାରାଗାର, ଜେଲଖାନା ।
Bridge, s. ସାଙ୍କ, ପୁଲ, ସେତୁ, ନାକର ଦଣ୍ଡ ।
Bridle, s. ଲଗାମ, ବାଗଡୋର ।
Brief, a. ସଂକ୍ଷେପ, ହ୍ରସ୍ୱ, ଲଘୁକ; s. in law, ହୁକୁମନାମା ।
Brier, s. କଣ୍ଟାଗଛ, ଶ୍ୟାକୁଳ ।
Brig, s. ଦୁଇ ମାସ୍ତୁଲବିଶିଷ୍ଟ ଜାହାଜ । [ହିନୀ ।
Brigade, s. ସୈନ୍ୟର ବିଶେଷଦଳ ଅବା ବା-
Brigand, s. ଡକାଇତ, ଦସ୍ୟୁ, ଚୋର, ଲୁଟି- ଆସ । [ଖାର ।
Bright, a. ଉଜ୍ଜ୍ୱଳ, ଦୀପ୍ତିମାନ, ଶୁକ୍ଳ, ସର-

**Brilliancy**, *s.* ଉଜ୍ଜ୍ୱଳ, ତେଜଃ, କାନ୍ତି ।

**Brilliant**, *a.* ତେଜୋମୟ, ଦୀପ୍ତିମାନ, ହୀରକ, ତେଜାଳ ।

**Brim**, *s.* ପାତ୍ରର ଧାର, ତାର, କନ୍ଦା, ଘନ ।

**Brimful**, *a.* ଘନ ପର୍ଯ୍ୟନ୍ତ ପୂରିତ ବା ପୂର୍ଣ୍ଣ ।

**Brimstone**, *s.* ଗନ୍ଧକ, ଦଣ୍ଡିତଦ୍ରବ୍ୟବିଶେଷ ।

**Brinded**, *a.* ଚିତ୍ରବିଚିତ୍ର, ବହୁରଙ୍ଗଯୁକ୍ତ ।

**Brine**, *s.* ଲବଣାକ୍ତଜଳ, ଲବଣାମ୍ବୁ, ଲୁଣିଆ- ପାଣି । [କ୍ଷାର ।

**Bring**, *v.* ନେଇ ଆସିବାର, ଆନୟନ-କ, ଆଣି-

**Brink**, *s.* କନ୍ଦା, ଧାର, କୂଳ, ତୁଠ ।

**Brisk**, *a.* ସତର୍କ, ଚଞ୍ଚଳ, ଚଳବାନ, ସତେଜ ।

**Brisket**, *s.* ପଶୁର ବକ୍ଷଦେଶ ବା ବୁକ ।

**Bristle**, *s.* ଘୁଷୁରିର ପିଠିର ଲୋମ ।

**Bristle**, *v.* ଲୋମାଞ୍ଚ- ଲୋମଯୁକ୍ତ ହେବାର ।

**Britain**, *s.* ଇଙ୍ଗ୍ଲଣ୍ଡ ଦେଶର ପ୍ରାଚୀନ ନାମ ।

**British**, *a.* ବ୍ରିଟନଦେଶସମ୍ବନ୍ଧୀୟ, ତଦ୍ଦେଶ- ନିର୍ମିତ ।

**Briton**, *s.* ବ୍ରିଟନଦେଶୀୟ ଲୋକ, ଇଂରେଜ ।

**Brittle**, *a.* ମଡମଡିଆ, ଭଙ୍ଗନଶୀଳ, ଠସ୍କା ।

**Broach**, *v.* ଭେଦ- ଛିଦ୍ର- ପ୍ରକାଶ କରିବାର ।

**Broad**, *a.* ଓସାରିଆ, ପ୍ରଶସ୍ତ, ପ୍ରସାରିତ; cloth, ସରୁ ବନାତ ।

**Broadside**, *s.* ଜାହାଜର ଏକ ପାର୍ଶ୍ୱ, ଜାହା- ଜର ଏକ ପାଖରୁ ତୋପର ଗୁଳି ନିକ୍ଷେପ ।

**Brocade**, *s.* ଚିତ୍ରବିଚିତ୍ରପାଟ, ଦୁକୂଳ, ସୂକ୍ଷ୍ମ- ଲୁଗାବିଶେଷ । [ଟୋକା ।

**Broccoli**, *s.* ବନ୍ଧାକୋବି ବିଶେଷ, ଫୁଲ-

**Brogue**, *s.* ଗ୍ରାମ୍ୟ ଲୋକଙ୍କ ଭାଷା, ଚର୍ମପାଦୁକା ।

**Broil**, *v.* ସେକିବାର, ସନ୍ତୋଳିବାର, ଉତ୍କଣ୍ଠିତ-କ

**Broil**, *s.* କଳହ, ବିବାଦ, କଜିଆ, କଳି ।

**Broker**, *s*, ଦଲାଲ, ଘଟକ, ଲୁଟୁଣା ।

**Brokerage**, *s.* ଦଲାଲି, ଦଲାଲିକିଆ ।

**Bronze**, *s.* ରଙ୍ଗତାମ୍ର ମିଶ୍ରିତ ଧାତୁ ।

**Brooch**, *s.* ବକ୍ଷଭୂଷଣ ଗହଣା, ଅଳଙ୍କାର ।

**Brood**, *s.* ସନ୍ତାନସମୂହ, ପକ୍ଷୀର ଛୁଆସବୁ ।

**Brood**, *v.* ଡିମ୍ବ ଉଷ୍ଣାଇବାର, ଯତ୍ନରେ ପାଳ-

**Brook**, *s.* କ୍ଷୁଦ୍ରନଦୀ, ସାନସ୍ରୋତ । [ନ-କ ।

**Brook**, *v.* ସହିବାର, ସହ୍ୟ- ବରଦାସ୍ତ-କ ।

**Broom**, *s.* କ୍ଷୁଦ୍ର ବୃକ୍ଷବିଶେଷ, ଝାଡୁ, ପଚ୍ଛିଆ,

**Broth**, *s.* ଝୋଳ, ରସା, ଯୂଷ । [ଓଳମ୍ବଣୀ ।

**Brothel**, *s.* ବେଶ୍ୟାଳୟ, ବେଶ୍ୟା ଥିବା ଦା- ଣ୍ଡଘର ।

**Brother**, *s.* ସହୋଦର, ଭାଇ, ଭ୍ରାତା, ଏକ ଧର୍ମାବଲମ୍ବୀ ବ୍ୟକ୍ତି; -in -law, ଶଳା ।

**Brotherhood**, *s.* ଭ୍ରାତୃତ୍ୱ, ଭ୍ରାତୃବର୍ଗ, ଏକ- ଶ୍ରେଣୀ, ସଭା ।

**Brow**, *s.* ପର୍ବତର କନ୍ଦା, ଶିଖର, କପାଳ ।

**Browbeat**, *v.* ଭୟ ଦେଖାଇବାର, ଧମକ କରିବାର ।

**Brown**, *a.* କଟାବର୍ଣ୍ଣ, ପିଙ୍ଗଳବର୍ଣ୍ଣ, କପିଶବର୍ଣ୍ଣ ।

**Browse**, *v.* ଡାଳପତ୍ର ଖାଇବାର, ଚରିବାର ।

**Bruise**, *v.* କୁଟିବାର, ଦଳିବାର, ଅଘାତ-କ ।

**Bruise**, *s.* ଘା, ଚୋଟ, ଦାଗ, କ୍ଷତ ।

**Brunette**, *s.* ପିଙ୍ଗଳବର୍ଣ୍ଣାସ୍ତ୍ରୀ, ଈଷଦ୍ଗୌର- ବର୍ଣ୍ଣାସ୍ତ୍ରୀ ।

**Brunt**, *s.* ଧକ୍କା, ଠେସ, ଆଘାତ ।

**Brush**, *s.* ବ୍ରସ, ତୁଳୀ, ଆକ୍ରମଣ, ଚଢାଉ ।

**Brush**, *v.* ବ୍ରସ-କ, ତୁଳୀଦ୍ୱାରା ଝାଡିବାର ବେଗରେ ଚାଲିବାର ।

**Brutal**, *a.* ନିର୍ଦ୍ଦୟ, ନିଷ୍ଠୁର, କ୍ରୂର, ଅସଭ୍ୟ ।

**Brutalize**, *v.* ନିର୍ଦ୍ଦୟ-କ, ପଶୁବତ୍- ନି- ଷ୍ଠୁର କରିବାର । [ବ୍ୟକ୍ତି ।

**Brute**, *s.* ପଶୁ, ଜନ୍ତୁ, ପଶୁପ୍ରାୟ ଅଜ୍ଞାନ-

**Brutish**, *a.* ପଶୁବତ୍, ଅସଭ୍ୟ, ନିର୍ଦ୍ଦୟ, ଅଶିଷ୍ଟ ।

Bubble, *s.* ଜଳବିମ୍ବ, ବୁଦ୍ବୁଦ, ଫୋଟକା, ଅସାରବସ୍ତୁ । [ବାର ।
Bubble, *v.* ଫୋଟକା ବା ବୁଦ୍ବୁଦର ପ୍ରାୟ ଉଠି-
Bubo, *s.* ଦେହର ବଥବିଶେଷ । [କ୍ଷାରକଳ ।
Buck, *s.* ହରିଣ, ଅଶ୍ରିଙ୍ଗ ମୃଗ ବା ଠେକୁଆ ଅଣ୍ଡ,
Bucket, *s.* ଜଳାଦି ଉଠାଇ ବା ରଖିବାର ପାତ୍ର
Buckle, *s.* ଜୋତାର ଅଙ୍କଡା, ବକ୍‌ସ, ବକଲ-
Buckler, *s.* ଢାଲ, ଫଳକ, ଚର୍ମ । [ବିଶେଷ ।
Buckram, *s.* ମୋଟା ଲୁଗାବିଶେଷ ।
Bud, *s.* କଢ, ମୁକୁଳ, ଅବିକଶିତ ଫୁଲ ।
Bud, *v.* ମୁକୁଳିତ- ବିକଶିତ ହେବାର ।
Budge, *v.* ଉଠି ଯିବାର, ଗମନ-କ ।
Budget, *s.* ଥଳୀ. ଥୁଳିକା, ସରକାରର ଆୟବ୍ୟୟ ନିର୍ଣ୍ଣୟ ।
Buff, *s.* ମହିଷର ଚର୍ମ, ରଙ୍ଗବିଶେଷ ।
Buffalo, *s.* ମଇଁଷି, ଭଇଁସ ।
Buffet, *v.* ଚାପଡ ମାରିବାର, ଆଘାତ-କ ।
Buffoon, *s.* ଭଣ୍ଡ, ଭଣ୍ଡ, ମସ୍କରା· ନକଲିଆ ।
Buffoonery, *s.* ଭଣ୍ଡାମି, ମସ୍କରାମି ।
Bug, *s.* ଘରପୋକ, ଓଡଶ, ଶଟମଲ ।
Bugbear, *s.* ଭୟପ୍ରଦର୍ଶକ ମୂର୍ତ୍ତି, ମିଥ୍ୟାଭୟ ।
Bugle, *s.* ତୂରୀବିଶେଷ; horn. ରଣଶିଙ୍ଗା ।
Buggy, *s.* ଦୁଇ ଚକ ଗାଡିବିଶେଷ ।
Build, *v.* ଘର ତୋଳିବାର, ନିର୍ମାଣ କରିବାର ।
Builder, *s.* ଗୃହନିର୍ମାଣକ, ଘର ନିର୍ମାଣକର୍ତ୍ତା, ରାଜମିସ୍ତ୍ରୀ । [କୋଠା ।
Building, *s.* ଗାନ୍ଥୁଣୀ, ଅଟ୍ଟାଳିକା, ଘର,
Bulb, *s.* ଗେଣ୍ଡୁ, ଗୋଲାକାର ମୂଳ ।
Bulbous, *a.* ଗେଣ୍ଡୁବତ୍, ଲୁଣ୍ଡାକାର ।
Bulge, *v.* ଫୁଲି ବା କୁଲ ଉଠିବାର ।
Bulk, *s.* ସ୍ଥୂଳତ୍ୱ, ବୃହତ୍ ପରିମାଣ, ଅଧିକାଂଶ ।
Bulky, *a.* ବୃହତ୍, ଭାରି, ମୋଟା, ପ୍ରକାଣ୍ଡ ଦେହବିଶିଷ୍ଟ ।

E

Bull, *s.* ବୃଷ, ଷଣ୍ଢ, ବିଶପ୍ ଆଜ୍ଞା, ଭୁଲ ।
Bullbaiting, *s.* ଷଣ୍ଢ ଓ କୁକୁରର ଯୁଦ୍ଧ ।
Bulldog, *s.* ଷଣ୍ଢର ପ୍ରାୟ ମସ୍ତକବିଶିଷ୍ଟ କୁକୁର
Bullet, *s.* ଗୁଳି, ନର୍ଦ୍ଦୁଲ, ବାଟୁଲି ।
Bulletin, *s.* ଯୁଦ୍ଧ ସମ୍ବାଦପତ୍ର, ରାଜାଜ୍ଞା ପ୍ରଚାରିତ ସମାଚାରପତ୍ର ।
Bullfinch, *s.* ପକ୍ଷୀବିଶେଷ । [ପଟା ।
Bullion, *s.* ସୁବର୍ଣ୍ଣର ବା ରୁପାର ଥାନ ବା
Bullock, *s.* ବଳଦ, ବଲୀବର୍ଦ୍ଦ, ଗୋରୁ, ଦାମଡା । [ଛିଦ୍ର ।
Bully, *s.* ଦାମ୍ଭିକବ୍ୟକ୍ତି, ହଉଡାବାଜ, ବକ୍ତା-
Bully *v.* ଦମ୍ଭବାକ୍ୟ-କହ, ଦର୍ପ- ଧମକ-କ ।
Bulrush, *s.* ନଳବିଶେଷ ।
Bulwark, *s.* ଗଡ, ଦୁର୍ଗ, ରକ୍ଷା, ବୁରୁଜ, ପାଚେରି । [ବାବିଶେଷ ।
Bumboat, *s.* ଖାଦ୍ୟଦ୍ରବ୍ୟ ବହନକାରୀ ନୌ-
Bump, *s.* ଫୁଲା, ସ୍ଫୀତ, ଆଘାତ । [ପାତ୍ର ।
Bumper, *s.* ମଦ୍ୟପରିପୂର୍ଣ୍ଣ ଗ୍ଲାସ ଅବା ପାନ-
Bumpkin, *s.* ଚଷା, ମୂଢ, ଅସଭ୍ୟ, ଅଜ୍ଞାନ,
Bun, *s.* ରୁଟୀ ବା ପିଷ୍ଟକବିଶେଷ । [ଅନାଡି ।
Bunch, *s.* କାନ୍ଦି, କାନ୍ଦ, ସ୍ତବକ, ଗୁଚ୍ଛ, ଥୋପା ।
Bundle, *s.* ଗଣ୍ଠିଲି, ବୋଝ, ବିଡା, ପୁଟୁଳା, ପୁଟୁଳି ।
Bung, *s.* ପିପାର ମେଣ୍ଟ ଅବା ଠିପି ।
Bungle, *v.* ମୂର୍ଖ-ଅନାଡିପରି କର୍ମ କରିବାର ।
Bungler, *s.* ଅପଟୁ, ଅନାଡି, ମୂର୍ଖ ।
Buoy, *s.* ଜାହାଜର ଫାଉନା, ବୟା ।
Buoyancy, *s.* ଭାସମାନତ୍ୱ, ଭାସନଗୁଣ ।
Buoyant, *a.* ଭାସମାନ, ଯେ ନ ବୁଡେ, ଲଘୁ,
Burden, *s.* ବୋଝ, ଭାର, କଷ୍ଟ । [ହାଲୁକା ।
Burden, *v.* ବୋଝାଇ-କ, ଭାର- କଷ୍ଟ-ଦ ।
Burdensome, *a.* ଦୁର୍ବହ, ଭାରି, କଠିନ, ଦୁଃଖଦାୟକ ।

Bureau, s. ଲେଖିବାର ଆଲମାରୀ ।
Burgess, s. ନଗରଲୋକ, ନାଗର ।
Burglary, s. ଚୌର୍ଯ୍ୟ, ସିନ୍ଧିଚୋର ।
Burial, s. ଗୋର, କବର, ସମାଧି ।
Burialground, s. କବରଖାନା, ଗୋର-ସ୍ଥାନ, ଶ୍ମଶାନ ।
Burlesque, s. ପରିହାସ, ଥଟ୍ଟା, ବ୍ୟଙ୍ଗ ।
Burly, a. ପ୍ରକାଣ୍ଡ, ସ୍ଥୂଳକାୟ, ବୃହତ, ଦାମ୍ଭିକ ।
Burn, v. ଦଗ୍ଧ-କ, ପୋଡିବାର ।
Burning-glass, s. ଅତଶୀକାଚ, ସୂର୍ଯ୍ୟକାନ୍ତ ।
Burnish, v. ଝଲକ-କ, ଶାଣ-ଦ, ଉଜ୍ଜ୍ୱଳ-କ ।
Burr, s. ଶାଳପର୍ଣ୍ଣୀ, ଓଁକଡାଫଳ । [ଗାତ ।
Burrow, s. ଠେକୁଆ ଇତ୍ୟାଦି କ୍ଷୁଦ୍ର ଜନ୍ତୁର
Burrow, v. ମାଟିରେ ଗାତ ଖୋଳିବାର ।
Bursar, s. ବିଦ୍ୟାଳୟର ତହବିଲଦାର ।
Burst, v. ଫାଟିବାର, ଫୁଟିବାର, ଭଗ୍ନ-ହ ।
Bury, v. ପୋତିବାର, ଗୋର ବା କବର-ଦ ।
Bush, s. ଗହଳଗଛ, ଝାଡ, ଜଙ୍ଗଲ, ବନ ।
Bushel, s. ଧାନ୍ୟର ମାପ ବା ପରିମାଣବିଶେଷ
Bushy, a. ବନମୟ, ଘନ, ନିବିଡ ।
Busily, ad. ବ୍ୟସ୍ତରୂପେ, ମନୋଯୋଗରୂପେ ।
Business, s. କର୍ମ, କାର୍ଯ୍ୟ, ବ୍ୟବସାୟ, ବିଷୟ ।
Busk, s. ସ୍ତ୍ରୀମାନଙ୍କ ପରିଧେୟ କାଞ୍ଚୁଲିର କାଷ୍ଠ-ଫଳା । [କାରର ଜୋତା ।
Buskin, s. ଚର୍ମର ମୋଜାବିଶେଷ, ନାଟ୍ୟ-
Buss, s. ନୌକାବିଶେଷ, ମାଛଧରାଡଙ୍ଗି; ଚୁମ୍ବନ ।
Bust, s. ପାଷାଣନିର୍ମିତ ଅର୍ଦ୍ଧମୂର୍ତ୍ତି ।
Bustle, s. ତଡାତଡି, ଧୁମ୍‌ଧାମ୍, ଲଣ୍ଡଭଣ୍ଡ ।
Busy, a. କର୍ମରେ ବ୍ୟସ୍ତ, ଝଂଝଟିଆ ।
Busybody, s. ପରାଧିକାରଚର୍ଚ୍ଚକ, ପରଛିଦ୍ରା-ନୁସନ୍ଧାନକାରୀ ।
But, c. ପୁଣି, କେବଳ, ମାତ୍ର, କିନ୍ତୁ, ତଥାପି ।
Butcher, s. କସାଇ, ବଂଶେର, ପଶୁଘାତକ
Butcher, v. ବଧ-କ, ମାରିବାର, ହତ୍ୟା-କ ।
Butler, s. ଖାନସାମା, ଭଣ୍ଡାରୀ, ପରିଚାରକ ।
Butt, s. ନଗଡିପା ; ଲକ୍ଷ୍ୟ ; of a gun, ବନ୍ଧୁକର କୁନ୍ଦା; ଉପହାସର ବିଷୟ ।
Butt, v. ଠେସା ବା ମେଷବତ୍ ଢିଆମାରିବାର ।
Buttend, s. ମୋଟା ବା ସ୍ଥୂଳାଗ୍ର ।
Butter, s. ଲହୁଣି, ନବନୀତ, ମକ୍ଖନ ।
Buttercup, s. ଫୁଲବିଶେଷ ।
Butterfly, s. ପ୍ରଜାପତି, ପତଙ୍ଗବିଶେଷ ।
Buttermilk, s. ଦହି, ଘୋଳ, ତକ୍ର, ମଠା ।
Buttery, s. ଖାଦ୍ୟାଗାର, ଭଣ୍ଡାର ।
Buttock, s. ନିତମ୍ବ, ପିଚ୍ଛ, କଟିପଶ୍ଚାଦ୍ଭାଗ,
Button, s. ଘୁଣ୍ଡି, ବୋତାମ ।
Buttonhole, s. ଘୁଣ୍ଡିପଥ, ବୋତାମଘର ବା ଫଣା ।
Buttress, s. ଠେସ, ପୋସ୍ତା, ଅବଲମ୍ବ ।
Buxom, a. ରସିକ, ରସିଆ, କୌତୁକ, ଆମୋଦ ।
Buy, v. କ୍ରୟ-କ, କିଣିବାର, ଖରିଦ-କ ।
Buzz, s. ଗୁନଗୁନ ଶବ୍ଦ, ଭ୍ରମରରବ; v. ଗୁନ୍‌ଗୁନ୍-କ
By, pr. ଦ୍ୱାରା, ଦେଇ, କର୍ତ୍ତୃକ, ରେ-ଠାରେ
By-and-by, ଅଳ୍ପକାଳବାଦ, ପରେ । [ନିକଟ
Bye-law, s. ନିୟମ, ଉପବିଧି ବା ବ୍ୟବସ୍ଥା ।
By-end, s. ଗୂଢାଭିପ୍ରାୟ, ଗୁପ୍ତାର୍ଥ ବା ଲକ୍ଷ୍ୟ ।
By-way, s. ଗଳି, ଘାନ୍ଦାଟ, ଗୁପ୍ତପଥ ।
By-word, s. ଦୃଷ୍ଟାନ୍ତବାକ୍ୟ, ଉପକଥା, ସଂକେତ ।

## C.

C, ବର୍ଣ୍ଣମାଳାର ତୃତୀୟାକ୍ଷର; ଲାଟିନଶବ୍ଦ, Centum, ଏକଶତ, ତତ୍-ଜ୍ଞାପକାର୍ଥେ ବ୍ୟବହାର୍ଯ୍ୟ ।
Cab, s. ଦ୍ୱିଚକ୍ର ଗାଡିବିଶେଷ ।

Cabal, *s.* ଗୁପ୍ତମନ୍ତ୍ରଣା ସଭା, ଦ୍ରୋହୀ ସଭା ।
Cabbage, *s.* କୋବି, କପିଶାକ; *v.* ଲୁଗା-କାଟି ଚୋରି-କ ।
Cabin, *s.* ଜାହାଜର କୋଠରି, କ୍ଷୁଦ୍ରଗୃହ ।
Cabinet, *s.* ରତ୍ନାଧାର, ରାଜ ମନ୍ତ୍ରିଗଣର ସଭା; ଆଲମାରିବିଶେଷ । [କଚ୍ଛିର ।
Cable, *s.* ଦୃଢ଼ମାର, ଜାହାଜର ନଙ୍ଗର ସମ୍ବନ୍ଧ
Cackle, *v.* ସ୍ୱଜନ୍ତୁ-ସଂଘର ଧ୍ୱନି କରିବାର ।
Cacophony, *s.* କୁଶବ୍ଦ, ଶ୍ରୁତିକଟୁ ।
Cadaverous, *a.* ଶବର ପ୍ରାୟ, ମଡ଼ାବର୍ଣ୍ଣ, ପାଣ୍ଡୁ
Cadence, *s.* ସ୍ୱର ପାଠ କରିବାର କ୍ରମ ।
Cadet, *s.* ଅନୁଜ; ଯୁଦ୍ଧକର୍ମ ଶିକ୍ଷାର୍ଥୀ ।
Cage, *s.* ପିଞ୍ଜର, ପିଞ୍ଜରା, କାରାଗାର ।
Cajole, *v.* ଫୁସଲାଇବାର, ଭୁଲାଇବାର, ବଞ୍ଚନା କରିବାର ।
Cajolery, *s.* ଚାଟୁ, ପ୍ରତାରଣା, ପ୍ରବଞ୍ଚନା ।
Caitiff, *s.* ଅଧମଲୋକ, ବଦମାସ, ଠକ ।
Cake, *s.* ପିଠା, ମିଷ୍ଟାନ୍ନ, ପୂପ, ପିଷ୍ଟକ ।
Calabash, *s.* ଲାଉ, ତୁମ୍ବୀ, ଅଲାବୁ, କଦୁ ।
Calamitous, *a.* ଦୁଃଖୀ, ବିପଦଜନକ, କ୍ଲେଶ-କର । [କ୍ଲେଶ ।
Calamity, *s.* ବିପଦ, ଆପଦ, ଦୁର୍ଘଟଣା,
Calash, *s.* ଗାଡ଼ିବିଶେଷ; ସ୍ତ୍ରୀଲୋକଙ୍କ ମସ୍ତକା-ଭରଣ । [ମୃତ୍ତି ।
Calcareous, *a.* ଚୂନୋତ୍ପାଦକ ମୃତ୍ତିକା, ଚୂନ-
Calcine, *v.* ଭସ୍ମ-କ, ପୋଡ଼ିବାର, ଜାଳିବାର
Calculate, *v.* ଗଣନା-ସଂଖ୍ୟା-ହିସାବ-କ ।
Calculation, *s.* ଗଣନା, ସଂଖ୍ୟା, ସୁମାର,
Calculus, *s.* ପଥରମୂତ୍ର, ଶର୍କରା । [ହିସାବ ।
Caldron, *s.* ବଡ଼ହାଣ୍ଡି, କଡ଼ାଇ, ତମ୍ବଲ ।
Calefaction, *v.* ଉତ୍ତପ୍ତ- ଉଷ୍ମ-କ, ତତାଇ-ବାର ।
Calendar, *s.* ପଞ୍ଜିକା, ପାଞ୍ଜି ।

Calender, *v.* ଲୁଗାକୁ ଚପାଇ ଚିକ୍କଣ-କ, ଲସ୍ଥୀ କରିବାର ।
Calends, *s.* ପ୍ରତି ମାସର ପ୍ରଥମ ଦିନ, ପହିଲା ।
Calf, *s.* ବାଛୁରି, ବତ୍ସ; leg, ଗୋଡ଼ର ପଛ-ଭାଗ । [ପରିମାଣ ।
Caliber, *s.* ତୋପ ବା ବନ୍ଧୁକ, ନଳୀର ଛିଦ୍ରର
Calico, *s.* ବସ୍ତ୍ର, ଛିଟ, ଛାପାବସ୍ତ୍ର ।
Calk, *v.* ନୌକା ବନ୍ଧାଳିବାର, କଳାପାତି-କ ।
Call, *v.* ଡାକିବାର, ଆହ୍ୱାନ ବା ସମ୍ବୋଧନ-କ ।
Call, *s.* ଡାକ, ଆହ୍ୱାନ, ନିମନ୍ତ୍ରଣ, ଆଦେଶ, ବୋଲ ।
Calling, *s.* ବ୍ୟବସାୟ, ବ୍ୟାପାର, ବୃତ୍ତିକର୍ମ ।
Callous, *a.* କଠିଣ, ନିର୍ଲଜ୍ଜ, ଶକ୍ତ, ନିର୍ଦ୍ଦୟ ।
Callow, *a.* ଉଲଙ୍ଗ, ପକ୍ଷହୀନ ।
Calm, *a.* ସୁସ୍ଥିର, ନିବୃତ୍ତ, ଧୀର, ଶାନ୍ତ ।
Calmly, *ad.* ସୁସ୍ଥିରରୂପେ, ଧୀରେ, ଶାନ୍ତ-ରୂପେ ।
Calomel, *s.* ଶୋଧିତପାରା, ମାରକୁଲୀ ।
Calorific, *a.* ଗ୍ରୀଷ୍ମଜନକ, ଉଷ୍ଣ ବା ଉତ୍ତାପଜନକ
Calumniate, *v.* ନିନ୍ଦା-ବଦନାମ-କ, ମିଥ୍ୟା-ରେ କଳଙ୍କ ଦେବାର । [ଅପବାଦ ।
Calumny, *s.* ନିନ୍ଦା, ଦୁର୍ନାମ, ଗ୍ଲାନି, ମିଥ୍ୟା
Calve, *v.* ବାଛୁରି ବିଆଇବାର, ଗର୍ଭିଣୀ ଗାଈ ଗଭାସ ହେବାର । [ଚୂନ ।
Calx, *s.* ଭସ୍ମୀଭୂତଦ୍ରବ୍ୟ, ଅଙ୍ଗାର, ପୋଡ଼ା-
Calyx, *s.* ପୁଷ୍ପବହିଃକୋଷ, ଉପଦଳ ।
Cambric, *s.* କାମ୍ବ୍ରେଦେଶୀୟ ସୂକ୍ଷ୍ମବସ୍ତ୍ର ।
Camel, *s.* ଓଟ, ଉଷ୍ଟ୍ର, ଉଟ ।
Cameleon, *s.* ବହୁରୂପା, ଭୂକଲାସ, ଏଣ୍ଡୁଅ ।
Camera-obscura, *s.* ଛବି କରିବାର ଯନ୍ତ୍ର ।
Camp, *s.* ଛାଉଣି, କଟକ, ସୈନ୍ୟଶ୍ରେଣୀ ।
Campaign, *s.* ବର୍ଷ ମଧ୍ୟରେ ଯେତେକାଳ ସୈନ୍ୟମାନେ ଯୁଦ୍ଧ କ୍ଷେତ୍ରରେ ଥାନ୍ତି ।

Camphor, s. କର୍ପୂର, କପ୍ପୁର, ସିତାଭ୍ର ।
Can, v. ପାରିବାର, ସମର୍ଥ- ପାରଗ-ହ ।
Can, s. ଟିନପାତ୍ର, ରଙ୍ଗନିର୍ମିତ ପାନପାତ୍ର ।
Canal, s. ଖାଲ, ନାଳ, ଜଳପଥ, ପ୍ରଣାଳୀ ।
Cancel, v. ଲୋପ- ରଦ୍ଦ-କ, ପୋଛାଇବାର ।
Cancer, s. ବିସ୍ଫୋଟକରୋଗ, କର୍କଟରାଶି, କଙ୍କଡା ।
Candid, a. ଯଥାର୍ଥ, ସରଳ, ଅକପଟ, ଉଦାର ।
Candidate, s. ପଦାଭିଳାଷୀ, ପ୍ରାର୍ଥକ, ଉମେଦୱାର । [ନିଷ୍କପଟେ ।
Candidly, ad. ସାରଲ୍ୟରୂପେ, ଯଥାର୍ଥମତେ,
Candle, s. ବତୀ, ବର୍ତ୍ତୀ, ସଳିତା ।
Candlelight, s. ପ୍ରଦୀପ ବା ବତୀର ଆଲୁଅ ।
Candlestick, s. ଦୀପରଖା, ଦୀପାଧାର, ପିଲସୁଜ, ଦୀପଦାନ ।
Candour, s. ସରଳତା, ସୁଶୀଳତା, ଔଦାର୍ଯ୍ୟ
Candy, s. ମିଶ୍ରୀ ପ୍ରସ୍ତୁ-କ ; v. sugar ମିଶ୍ରିର ।
Cane, s. ବେତ, ଛଡି ; sugar ଆଖୁ ।
Canine, a. କୁକୁର ଜାତୀୟ, କୁକୁରବତ୍ ।
Canister, s. ଚା ଆଦି ରଖିବାର ପାତ୍ର ।
Canker, s. ଖଟକଜନକ କ୍ଷତ, ଘଷି ଘା, ବୃକ୍ଷର ରୋଗବିଶେଷ ।
Cannibal, s. ମନୁଷ୍ୟଖୋକ୍ତା, ରାକ୍ଷସ, କ୍ରବ୍ୟାଦ
Cannon, s. ତୋପ, କମାଣ, ଶତଘ୍ନୀ ।
Cannonade, v. ତୋପ ଦ୍ୱାରା ଆଘାତ-କ, ମାରିବାର ।
Cannot, a. ନ ପାରେ, ପାରୁ ନାହିଁ ।
Canoe, s. ଡଙ୍ଗୀ, ସାନ ନାଆ, କାଠୁଆ ।
Canon, s, ଧର୍ମଗ୍ରନ୍ଥ, ବ୍ୟବସ୍ଥା, ବିଧି, ନିୟମ ।
Canonical, a. ଧର୍ମଶାସ୍ତ୍ରାନୁସାରୀ, ବ୍ୟବସ୍ଥାନୁଯାୟୀ । [ସ୍ଥିରଗଣ-କ ।
Canonize, v. ଧୋପମତେ ମୃତବ୍ୟକ୍ତିକୁ ସିଦ୍ଧ-
Canopy, s. ଚାନ୍ଦୁଆ, ଚନ୍ଦ୍ରାତପ, ଛତ୍ର ।
Cant, s. ଢାଙ୍ଗିନାକିକଥା, କପଟବାକ୍ୟ ; ଠାର ।

Canteen, s. ସୈନ୍ୟର ମଦ୍ୟପାନପାତ୍ର ବା ମଦ୍ୟାଗାର ।
Canter, s. ଅଶ୍ୱର ଧୀର ଗମନ, ଭଣ୍ଡବ୍ୟକ୍ତି ।
Canticle, s ଧର୍ମବିଷୟକ ଗାନ । [ଧନ ।
Canto, s. କବିତାର ଏକାଂଶ, କାବ୍ୟ ସର୍ଗ ବା
Canton, s. ଦେଶର ଅଂଶ, ପରଗଣା, ପ୍ରଦେଶ
Canvass, s. ଛଣସୂତର ବସ୍ତ୍ର, ଅଖା, ଟେସ ।
Canvass, v. ପରୀକ୍ଷା- କର ବା ପଦାର୍ଥେ ସମ୍ମତି ପ୍ରାର୍ଥନା କରିବାର ।
Cap, s. ଟୋପି, ମସ୍ତକାଚ୍ଛାଦନ ।
Capable, a. ପାରକ, ସମର୍ଥ, ଯୋଗ୍ୟ, ଲାଏକ ।
Capability, s. ପାରକତା, ସାମର୍ଥ୍ୟ, କ୍ଷମତା ।
Capacious, a. ପ୍ରଶସ୍ତ, ବୃହତ୍, ଚୌଡା, ବିସ୍ତୀର୍ଣ୍ଣ । [କରିବାର ।
Capacitate, v. ପାରକ- ସକ୍ଷମ- ଉପଯୁକ୍ତ
Capacity, s. ସାଧ୍ୟ, ସାମର୍ଥ୍ୟ, ଯୋଗ୍ୟତା, ଧାରଣା, ପରିମାଣ ।
Cap-a-pie, ad. ମସ୍ତକରୁ ପାଦ ପର୍ଯ୍ୟନ୍ତ ।
Caparison, s. ଅଶ୍ୱାଚ୍ଛାଦନବସ୍ତ୍ର, ଅଶ୍ୱାଭରଣ ।
Cape, s. ଅନ୍ତରୀପ, କେପ, କୁର୍ତ୍ତିଉପରବସ୍ତ୍ର ।
Caper, s. କୁଦା, ଡିଏଁ, ନାଚ, ଔଷଧିବିଶେଷ
Capillary, a. କେଶର ନ୍ୟାୟ ସୂକ୍ଷ୍ମ ।
Capital, a. ବଡ, ପ୍ରଧାନ, ଉତ୍ତମ, ଶ୍ରେଷ୍ଠ ; crime, ପ୍ରାଣଦଣ୍ଡଯୋଗ୍ୟ ।
Capital, s. ରାଜଧାନୀ, ପୁରୀ ; ମୂଳଧନ, ପୁଞ୍ଜି ; ବଡ ଅକ୍ଷର ।
Capitalist, s. ମହାଜନ, ଉତ୍ତମର୍ଣ୍ଣ, ଧନୀ ।
Capitally, ad. ଉତ୍ତମରୂପେ, କଲକ୍ଷଣରୂପେ ; ପ୍ରାଣଦଣ୍ଡନୀୟରୂପେ । [ବା ସଂଖ୍ୟା ।
Capitation, s. କର ନିମନ୍ତେ ମନୁଷ୍ୟ ଗଣନା
Capitulation, s. ସନ୍ଧି ବା ସନ୍ଧିପୂର୍ବକ ଗଡ ସମର୍ପଣ, ସନ୍ଧି ।
Capon, s. ମୁଷ୍କଛିନ୍ନ ବା ଖାସୀ କୁକୁଡା ।

Caprice, s. ଅସ୍ଥିର ଇଚ୍ଛା, ଚଞ୍ଚଳମନ ।
Capricious, a. ଚଞ୍ଚଳମନା, ଅସ୍ଥିର ମତ ।
Capricorn, s. ମକର ରାଶି ; ମକ୍ଷିକା ।
Capsicum, s. ଲଙ୍କାମରିଚ ।
Capsize, v. ଉଲ୍ଟାଇବାର ।
Capstan, s. ଭାରାକର୍ଷକ ଯନ୍ତ୍ରବିଶେଷ ।
Capsule, s. ବୀଜକୋଷ । [ପ୍ତାନ୍ ।
Captain, s. ଜାହାଜାଧ୍ୟକ୍ଷ, ସେନାପତି, କା-
Captious, a. ଛିଦ୍ରାନ୍ୱେଷୀ, କଳହଲିପ୍ସୁ, ଚିଡ଼-
ଚିଡ଼ା । [କରିବାର ।
Captivate, v. ବଶୀଭୂତ- ମୋହିତ- ବନ୍ଦୀ
Captive, s. ଯୁଦ୍ଧରେ ଲବ୍ଧ ବା ଧୃତବ୍ୟକ୍ତି, ବନ୍ଦୀ, କଏଦୀ ।
Captivity, s. ବନ୍ଦୀଭୂତତ୍ୱ, ଦାସତ୍ୱ, ଅଧୀନତା
Captor, s. ଜୟକାରକ, ଲୁଟକାରକ, ଧରଣ-
କର୍ତ୍ତା । [ଲୁଟି ନେବାର ।
Capture, s. ଲୁଟ, ଧୃତବସ୍ତୁ ; v. ଯୁଦ୍ଧରେ
Car, s. ରଥ, ଗାଡ଼ି, ସ୍ୟନ୍ଦନ, ଭାରଯୁଞ୍ଜ ।
Carat, s. ପ୍ରାୟ ଚାରି ରତି ପରିମାଣ ।
Caravan, s. ବଣଗାଡ଼ି ; ଯାତ୍ରିଲୋକର ଦଳ ।
Caravansary, s. ସରାଇ, ପଥିକାଶ୍ରମ, ଉ-
ତ୍ତୀର୍ଣ୍ଣସ୍ଥାନ ।
Carbine, s. କ୍ଷୁଦ୍ର ବନ୍ଧୁକ । [ବ୍ରଣ ।
Carbuncle, s. ମାଣିକ, ତାମ୍ରାଶ୍ମ, ରକ୍ତବର୍ଣ୍ଣ
Carcass, s. ପଶୁର ଶବ, ମଡ଼ା, ମୃତ ଶରୀର ।
Card, s. ଖେଳିବାର ତାସ, ନିମନ୍ତ୍ରଣପତ୍ର ।
Cardamom, s. ଅଳାଇଚ, ଇଲାଚି ।
Cadinal, s. ଶ୍ରେଷ୍ଠ, ପ୍ରଧାନ, ମହତ୍ତ୍ୱ ; ଅଙ୍କ ।
Cardinal-points, s. ପୂର୍ବ, ପଶ୍ଚିମ, ଉତ୍ତର,
ଦକ୍ଷିଣ, ଏ ଚାରିଦିଗ ।
Care, s. ଭାବନା, ଚିନ୍ତା, ଉଦ୍‌ବେଗ ; v. take
care, ସାବଧାନ-ହ ।
Career, s. ଦୌଡ଼, ଗତି, ଆଚରଣ ।

Careful, a. ସାବଧାନ, ସତର୍କ, ଉଦ୍‌ବିଗ୍ନ, ଯତ୍ନବତ ।
Carefully, ad. ସାବଧାନରୂପେ, ମନୋ-
ଯୋଗେ । [ଯୋଗେ ।
Carelessly, ad. ଅସାବଧାନରେ, ଅମନୋ-
Carelessness, s. ଅସାବଧାନତା ।
Caress, v. ସ୍ନେହ- ସୋହାଗ- ପ୍ରେମ-କର ।
Caret, s. ଭୁଲ ଅକ୍ଷର ଜ୍ଞାପକ, ହଂସପଦଚିହ୍ନ ।
Cargo, s. ଜାହାଜର ବୋଝାଇ ।
Caricature, s. ଲୁପ୍ତିତମୂର୍ତ୍ତି, ବିକଟାକୃତଛବି ।
Carminative, a. ବାୟୁନାଶକ ।
Carmine, s. ରଙ୍ଗାରଙ୍ଗ, ରକ୍ତବର୍ଣ୍ଣ ।
Carnage, s. ସଂହାର, ନାଶ, ନିପାତ, ଖୁଣ ।
Carnal, a. ଶାରୀରିକ, ସଂସାରିକ, କାମୁକ ।
Carnival, s. ରୋମାନ୍‌କାଥଲିକମାନଙ୍କର ଉ-
ତ୍ସବବିଶେଷ । [ମାଂସାଦ ।
Carnivorous, a. ମାଂସାଶୀ, ମାଂସଭୋଜୀ,
Carol, s. ସଂକୀର୍ତ୍ତନ, ଜୟଗାନ, ସ୍ତୁତିଗାନ ।
Carol, v. ସଂକୀର୍ତ୍ତନ- ସ୍ତୁତିଗାନ କରିବାର ।
Carouse, v. ଆନନ୍ଦେ ମଦ୍ୟପାନ- ଉତ୍ସବ-କର ।
Carp, v. ବାଦାନୁବାଦ-କର ; s. ମତ୍ସ୍ୟବିଶେଷ ।
Carpenter, s. ବଢ଼ାଇ, ସୂତ୍ରଧର, ଛୁତାର ।
Carpet, s. ଶତରଞ୍ଜି, ଦୁଲିଚା, ଗାଲିଚା, ଦରି ।
Carriage, s. ଗାଡ଼ି, ବଗୀ, ବାହନ, ବ୍ୟବ-
ହାର, ଆଚାର । [ଚାରଦାତା ।
Carrier, s. ବାହକ, ଦୂତ, ମୋଟିଆ, ସମା-
Carrion, s. ଅଭକ୍ଷଣୀୟ ବା ପଚାମାଂସ, ମଡ଼ା
Carrot, s. ଗାଜର, ଗାଜର ତରକାରୀ ।
Carry, v. ବହିବାର, ଘେନିଯିବାର, ନେବାର ।
Cart, s. ଶଗଡ଼, ଶକଟ, ଗାଡ଼ି, ଛକଡ଼ା ।
Carter, s. ଶଗଡ଼ଆ, ସାରଥି, ଗାଡ଼ିୱାଲା ।
Cartilage, s. ଉପାସ୍ଥି, କୋମଳହାଡ଼ ।
Cartouch, s. ଗୋଳାଦାନ, କାରତୁସ ।
Cartridge, s. ବାରୁଦ ବା ବନ୍ଧୁକର ଟୋଟା ।

Cartwright, s. ଶକଟ ବା ଶଗଡ ନିର୍ମାଣ-
**Council**, *s.* ମନ୍ତ୍ରିସଭା, ମନ୍ତ୍ରଣାର୍ଥ ସଭା ।
**Counsel**, *s.* ପରାମର୍ଶ, ମନ୍ତ୍ରଣା, ବିଚାର ।
**Counsellor**, *s.* ପରାମର୍ଶକ, ମନ୍ତ୍ରୀ, ଉକୀଲ ।
**Count**, *s.* ସଂଖ୍ୟା, ଗଣନା; ଉପାଧିବିଶେଷ ।
**Count**, *v.* ଗଣନା-କ, ସଂଖ୍ୟା ବା ହିସାବ-କ ।
**Countenance**, *s.* ମୁଖ, ବଦନ; ସାହାଯ୍ୟ ।
**Countenance**, *v.* ସାହାଯ୍ୟ ବା ଉପକାର-କ, ସାହସ ଦେବାର । [ଭମ୍ଭୁଦ୍ରା ।
**Counter**, *s.* ଦୋକାନମେଜବିଶେଷ; କଳ୍ପି-
**Counter**, *a.* ବିପରୀତେ, ବିରୁଦ୍ଧେ ।
**Counteract**, *v.* ପ୍ରତିପକ୍ଷତା-କ, ବାଧା-ଦ, ଅନ୍ୟଥା-କ । [ପାଷଙ୍ଗ-କ ।
**Counterbalance**, *v.* ତୁଲ୍ୟପରିମାଣ-କ,
**Countercharm**, *s.* ମନ୍ତ୍ର ପ୍ରତିକାରମନ୍ତ୍ର ।
**Counterfeit**, *a.* ମେକି, କୃତ୍ରିମ, ମିଥ୍ୟା, କଳ୍ପିତ ।
**Countermand**, *v.* ଆଜ୍ଞାରହିତ- ଲୋପ-କ ।
**Countermarch**, *s.* ପ୍ରତ୍ୟାଗମନ, ପଶ୍ଚାତ୍ ହଟିବାର । [ପରାସ୍ତ-କ ।
**Countermine**, *v.* ଗୁପ୍ତାଘାତ ବା ଗୁପ୍ତରେ
**Counterpane**, *s.* ଶଯ୍ୟାର ଆଚ୍ଛାଦନ, ପଲଙ୍କପୋଷ । [ଯୋଗ ।
**Counterpart**, *s.* ପ୍ରତିରୂପ, ପ୍ରତିଲିପି, ପ୍ରତି-
**Counterpoise**, *v.* ତୁଲ୍ୟପରିମାଣ- ପାଷଙ୍ଗ କରିବାର । [ଘ୍ନ ଔଷଧ ।
**Counterpoison**, *s* ବିଷନାଶକ ବିଷ, ବିଷ-
**Countersign**, *v.* ସ୍ୱାକ୍ଷରର ତଳେ ସ୍ୱାକ୍ଷର-କ, ସହି ବା ପ୍ରମାଣ-କ ।
**Countervail**, *v.* ସମତୁଲ୍ୟ-ହ, ସମାନ ବା ସଦୃଶ-ହ, ତୁଲ୍ୟମୂଲ୍ୟ-ହ ।
**Countess**, *s.* କୁଲୀନ ସ୍ତ୍ରୀର ଉପାଧିବିଶେଷ ।
**Countinghouse**, *s.* ମୋହରିର ବା ଦପ୍ତରଖାନା ।
**Countless**, *a.* ଅଗଣ୍ୟ, ଅସଂଖ୍ୟ, ଅଶେଷ ।
**Country**, *s.* ଦେଶ, ପ୍ରଦେଶ । [କୃଷକ, ଚଷା
**Countryman**, *s.* ସ୍ୱଦେଶୀ, ପଲ୍ଲୀଗ୍ରାମୀ;
**County**, *s.* ପ୍ରଦେଶ, ପରଗଣା, ଜିଲ୍ଲା ।
**Couple**, *s.* ଯୋଡ଼ା, ଦମ୍ପତି, ଦୁଇ, ଯୁଗ୍ମ ।
**Couplet**, *s.* ଦୁଇଚରଣ ଶ୍ଲୋକ ଅବା ପଯ୍ୟାର, ଦୋହା । [ହିମ୍ମତ ।
**Courage**, *s.* ସାହସ, ବିକ୍ରମ, ବୀରତ୍ୱ, ଶୌର୍ଯ୍ୟ,
**Courageous**, *a.* ସାହସିକ, ବୀର, ବିକ୍ରାନ୍ତ, ପ୍ରତାପବନ୍ତ । [ପିଆଦା ।
**Courier**, *s.* ଦୂତ, ଡଗର, ଧାବକ, ହର୍କରା,
**Course**, *s.* ଦୌଡ଼; of a river, ନଦୀର ସ୍ରୋତ; conduct, ଗତି, ଚାଲ; track, ସଡ଼, ବାଟ । [ଘୋଡ଼ାଇବାର ।
**Course**, *v.* ମୃଗୟା-କ, ଶିକାର-କ, ପଶୁକୁ
**Courser**, *s.* ଶୀଘ୍ରଗାମୀଅଶ୍ୱ, ଘୋଡ଼ା ଦୌଡ଼ର ଘୋଡ଼ା । [ଅଗଣା ।
**Court**, *s.* ରାଜସଭା, ଅଦାଲତ, ରାଜଧାନୀ;
**Court**, *v.* ପ୍ରୀତିଚେଷ୍ଟା- ସ୍ନେହ ବା ପ୍ରେମ-ଅନୁସରଣ-କ । [ସଭ୍ୟ ।
**Courteous**, *a.* ସୁଶୀଳ, ଶିଷ୍ଟ, ସୁସ୍ୱଭାବୀ,
**Courtesan**, *s.* ବେଶ୍ୟା, କସବୀ, କୁଳଟା ।
**Courtesy**, *s.* ସୁଶୀଳତା, ଶିଷ୍ଟତା, ସଭ୍ୟତା
**Courtier**, *s.* ସଭାସଦ, ଅମାତ୍ୟ, ଦରବାରୀ ।
**Cousin**, *s.* ଜ୍ଞାତି, ପିତାମାତାର ଭାଇ ଓ ଭଉଣୀର ସନ୍ତାନର ସହିତ ଯେ ସମ୍ପର୍କ ।
**Cove**, *s.* ଖାଲ, ଖାତ । [ଘରକାମା ।
**Covenant**, *s.* ନିୟମ, ପଣ, ବନ୍ଦୋବସ୍ତ, ଏକ-

Cover, *v.* ଆଚ୍ଛାଦନ-କ, ଢାମ୍ପିବାର, ଘୋଡା-
ଇବାର । [ରପୋଷ ।
Cover, *s.* ଆବରଣ, ଆଚ୍ଛାଦନ, ଢାଙ୍କୁଣୀ, ସ-
Coverlet, *s.* ଖଟାବରଣ, ପଲଙ୍କପୋଷ ।
Covert, *s.* ନିବିଡବନ, ଆଶ୍ରୟସ୍ଥାନ ।
Covert, *a.* ଆଚ୍ଛାଦିତ, ଆଶ୍ରିତ, ଗୁପ୍ତ ।
Covet, *v.* ଲୋଭ, ଲାଳସା- ଆକାଂକ୍ଷା-କ ।
Covetous, *a.* ଲୋଭୀ, ଲାଳସୀ, ଅଭିଳାଷୀ ।
Covetousness, *s.* ଲୋଭ, ଲାଳସା, ପର-
Covey, *s.* ପକ୍ଷିର ଝାଙ୍କ । [ଧନେଚ୍ଛା ।
Cow, *s.* ଗାଈ, ଗାଭୀ, ଧେନୁ; -dung, ଗୋବର; -house, ଗୁହାଳ ।
Cow, *v.* ଭୟରେ ବଶ-କ, ଧମକାଇବାର ।
Coward, *s.* ଭୀତବ୍ୟକ୍ତି, ଅସାହସୀ, କାପୁରୁଷ ।
Cowardice, *s.* ଭୀରୁତା, ଘବାର୍ଦ୍ଧ, କାପୁରୁଷତ୍ୱ
Cowherd, *s.* ଗୌଡ, ଗୋପାଳ, ରକ୍ଷକ, ଗୁଆଳ । [ତ୍ସକ ।
Cowleech, *s.* ଗୋବୈଦ୍ୟ, ଗୋରୁରଚିକି-
Cower, *v.* ଭୟରେ ନମ୍ର-ହ । [ଶେଷ ।
Cowl, *s.* ମସ୍ତକାଚ୍ଛାଦନବିଶେଷ; ଜଳପାତ୍ରବି-
Cowry, *s.* କଉଡି, କପର୍ଦ୍ଦକ ବା ବରାଟକ ।
Cowslip, *s.* କ୍ଷୁଦ୍ର ପୀତବର୍ଣ୍ଣ ପୁଷ୍ପବିଶେଷ ।
Coxcomb, *s.* କୁକୁଡାରଜଟ, ସୁବେଶୀ, ଆତ୍ମଶ୍ଲାଘୀ, ଫୁଲବାବୁ ।
Coy, *a.* ଲଜ୍ଜୁକ, ଲଜ୍ଜିତ, ମୁଖଚେଷ୍ଟ ।
Coxen, *v.* ପ୍ରବଞ୍ଚନା- ଛଳ-କ ।
Crab, *s.* କଙ୍କଡା, କର୍କଟ; ଫଳବିଶେଷ ।
Crabbed, *a.* କର୍କଶ, କଠିନ, ଉଗ୍ର, ରାଗୀ ।
Crack, *s.* ତଡତଡଶବ୍ଦ, ଛିଦ୍ର, ଫଟା ।
Crack, *v.* ଫାଟିବାର, ଚିରିଯିବାର, ଫୁଟିବାର
Crackle, *v.* ଫଟ୍‌ଫଟ୍‌ଶବ୍ଦ-କ ।
Cradle, *s.* ଶିଶୁରଖଟ, ଦୋଳନା, ତୁଳବି-ଶେଷ ।

Craft, *s.* ବ୍ୟବସାୟ; ହିକମତ, ଚତୁରତା; ଯାନ ନୌକାଦି ।
Crafty, *a.* ଧୂର୍ତ୍ତ, ଶଠ, ପ୍ରତାରକ, ଖଳ ।
Crag, *s.* ଶୈଳ, ପାହାଡ, ଭଗ୍ନପର୍ବତ ।
Craggy, *a.* ଅବୁଡାଖାବୁଡା, ଉଚ୍ଚନୀଚ, ଅ-
Cram, *v.* ବହୁଭୋଜନ-କ; ପୂର୍ଣ୍ଣ-କ । [ସମାନ ।
Cramp, *s.* ବାତରୋଗ, ଅଙ୍ଗଗ୍ରହ, ବାଧା ।
Cramp, *v.* ବନ୍ଦ-କ, ଅଟକାଇବାର, ଅବଶ-କ
Crane, *s.* ସାରସପକ୍ଷୀ; ଉଠାଇବାରଯନ୍ତ୍ର; ବଙ୍କାନଳିବିଶେଷ ।
Cranium, *s.* ମୁଣ୍ଡରଖୁଲି, କପାଳ, ଖର୍ପର ।
Cranny, *s.* ଛିଦ୍ର, ଫାଙ୍କ, ରନ୍ଧ୍ର ।
Crape, *s.* ରେଶମୀବସ୍ତ୍ର ବିଶେଷ ।
Crash, *s.* ଭାଙ୍ଗିବାର ମଡମଡ ଶବ୍ଦ ।
Crate, *s.* ବଡପେଡି ବିଶେଷ ।
Crater, *s.* ଆଗ୍ନେୟପର୍ବତର ମୁଖ ।
Cravat, *s.* ଗଳାବନ୍ଧ, ଗ୍ରୀବାବନ୍ଧନୀ ।
Crave, *v.* ମାଗିବାର, କାତରେ ମିନତି-କ ।
Craven, *s.* ଭୀରୁବ୍ୟକ୍ତି, କାପୁରୁଷ; ପରାଜିତ-କୁକୁଡା ।
Craw, *s.* ପକ୍ଷ୍ୟାଦିର ଉଦର ବା ଜଠର ।
Crawfish, *s.* ଚିଙ୍ଗୁଡିମତ୍ସ୍ୟ ବିଶେଷ ।
Crawl, *v.* ହାମାଗୁଡି-ଦ, ଉରୋଗମନ-କ ।
Crayon, *s.* ଖଡିମାଟିର କଲମ; ଛବି ।
Craze, *v.* ଭଗ୍ନ-କ; ହତବୁଦ୍ଧି ବା ପାଗଳ-କ ।
Crazy, *a.* ଉନ୍ମତ୍ତ, ପାଗଳ; ଜୀର୍ଣ୍ଣ, ଦୁର୍ବଳ ।
Creak, *v.* କେଁକେଁ ଅବା କର୍କଶ ବା ଗାଢ-ତର ଶବ୍ଦ କରିବାର ।
Cream, *s.* ଦୁଗ୍ଧର ସାରଭାଗ, ସର ।
Crease, *s.* ଭାଙ୍ଗିର ବା ଭାଙ୍ଗର ଦାଗ, ଚୁନଟ ।
Create, *v.* ସୃଷ୍ଟି ବା ସୃଜନ ବା ନିର୍ମାଣ-କ ।
Creation, *s.* ସୃଷ୍ଟି, ଉତ୍ପତ୍ତି; ପୃଥିବୀ, ବିଶ୍ୱ ।
Creator, *s.* ସୃଷ୍ଟିକର୍ତ୍ତା, ଈଶ୍ୱର, ନିର୍ମାଣକର୍ତ୍ତା ।

Creature, s. ସୃଷ୍ଟବସ୍ତୁ, ଜୀବଜନ୍ତୁ, ପ୍ରାଣିମାତ୍ର ।
Credence, s. ବିଶ୍ୱାସ, ପ୍ରତ୍ୟୟ ; ଶ୍ରଦ୍ଧା ; ସମ୍ଭ୍ରମ
Credentials, s. ପ୍ରତ୍ୟୟଜନକ ବା ସୁଖ୍ୟାତିପତ୍ର
Credibility, s. ପ୍ରତ୍ୟୟଯୋଗ୍ୟତା, ବିଶ୍ୱସ୍ତତା
Credible, a. ପ୍ରତ୍ୟୟାର୍ହ, ବିଶ୍ୱାସଯୋଗ୍ୟ,
ଶ୍ରଦ୍ଧାଳୁ । [ସୁଗ୍ରାହ୍ୟ ।
Credit, s. ପ୍ରତ୍ୟୟ, ବିଶ୍ୱାସ ; ସମ୍ଭ୍ରମ, ମାନ,
Credit, v. ବିଶ୍ୱାସ- ପ୍ରତ୍ୟୟ କରିବାର ।
Creditable, a. ସମ୍ଭ୍ରାନ୍ତ, ଭଦ୍ର, ମାନ୍ୟ, ବିଶ୍ୱସ୍ତ
Creditably, ad. ସମ୍ଭ୍ରମପୂର୍ବକ, ଉତ୍ତମରୂପେ ।
Creditor, s. ମହାଜନ, ସାହୁ, ଉତ୍ତମର୍ଣ୍ଣ ।
Credulity, s. କ୍ଷୀଣବିଶ୍ୱାସ, ଅଳ୍ପପ୍ରତ୍ୟୟ ।
Credulous, a. ଅଳ୍ପବିଶ୍ୱାସୀ, କ୍ଷୀଣପ୍ରତ୍ୟୟୀ ।
Creed, s. ଧର୍ମବିଷୟକ ପ୍ରତ୍ୟୟର ସାର ।
Creek, s. ଖାଲ, ଖାତ ; ନାଳ, କ୍ଷୁଦ୍ରନଦୀ ।
Creep, v. ଲଟାଇ ଯିବାର ; ଗୁଲୁଣ୍ଡି ବା ହାମୁ-
Creeper, s. ଲତାବୃକ୍ଷ । [ଡ଼ି ଯିବାର ।
Crepitation, s. ଚଟ୍‌ପଟ୍ ଶବ୍ଦ, ଚଡ଼୍‌ଚଡ଼୍ ଶବ୍ଦ
Crepuscule, s. ଉଷା, ଗୋଧୂଳି, ଅରୁଣୋ-
ଦୟ କାଳ ।
Crescent, s. ଅର୍ଦ୍ଧଚନ୍ଦ୍ର, ଶୁକ୍ଳପକ୍ଷୀୟଚନ୍ଦ୍ର ।
Crescent, a. ବର୍ଦ୍ଧିଷ୍ଣୁ, ବର୍ଦ୍ଧନଶୀଳ ।
Cress, s. ହାଲିମ, ଶାକବିଶେଷ ।
Crest, s. ଚୂଡ଼ା, ଶିଖା, ମୁକୁଟ, ଶିରୋଭୂଷଣ ।
Crest-fallen, a. ବିଷଣ୍ଣମୁଖ, ନମ୍ରୀଭୂତ, ମ୍ଲା-
ନବଦନ ।
Crevice, s. ଛିଦ୍ର, ରନ୍ଧ୍ର, ଫଟା, ଫାଙ୍କ ।
Crew, s. ଜାହାଜର ନାବିକସମୂହ ; ଦଳ ବା
ଲସ୍କର । [କର ଶଠ ।
Crib, s. ଗୋରୁଅଦରକୁଣ୍ଡ ; କ୍ଷୁଦ୍ରଘର ; ସିନ୍ଧ-
Crib, v. ସଂକୀର୍ଣ୍ଣସ୍ଥାନରେ ବନ୍ଦ-କ ; ଚୋରି-କ ।
Cribbage, s. ତାସଖେଳାବିଶେଷ । [କାସ୍ତ ।
Cricket, s. ଦଣ୍ଡାଗୁଲି ; ଖେଳା ; insect, ଝିଂ-

Crier, s. ଢେଣ୍ଡୁରିଆ, ସମାଚାର ଘୋଷକ,
ନାଗରଚୀ ।
Crime, s. ଦୁଷ୍କର୍ମ, ଅପରାଧ, ପାତକ, ଦୋଷ ।
Criminal, s. ଦୁଷ୍କର୍ମକାରୀ, ଅପରାଧୀ, ଦୋଷୀ
Criminal, a. ଦୁଷ୍ଟ, ଦୋଷୀ, ଦୋଷଯୁକ୍ତ ।
Criminal Court, s. ଫୌଜଦାରୀ ଅଦାଲତ
Crimp, a. ମଡମଡିଆ, ମସ୍ଣା, ଠୁଣ୍ଟା । [ଲିଷ୍ଟ
Crimson, s. ରକ୍ତବର୍ଣ୍ଣ, ଶୋଣିତବର୍ଣ୍ଣ, ଲାଲ-
Cringe, v. ଖୋସାମଦ- ବନ୍ଦନା- କନ୍ଦ-କ ।
Cripple, s. ପଙ୍ଗୁ, ଛେଙ୍ଗଡ଼ା, ଖୋଟା, ଖଞ୍ଜ ।
Crisis, s. ରୋଗୋପଶମ ବା ରୋଗବୃଦ୍ଧିକାଳ,
ଶୁଭାଶୁଭଜ୍ଞାପକ କାଳ ।
Crisp, a. କୋଙ୍କଡ଼ା, କୁଞ୍ଚିତ, ଖସ୍ଖସ ।
Criterion, s. ଯାଥାର୍ଥ୍ୟ ବୋଧକ ଚିହ୍ନ ।
Critic, s. ଗ୍ରନ୍ଥର ଦୋଷଗୁଣ ବିଚାରକ, ବୁଦ୍ଧିଜୀବ
Critical, a. ସୂକ୍ଷ୍ମ, ଠିକ, ଶୁଭାଶୁଭସମ୍ପାଦକ,
ସୁବିବେଚିତ ।
Criticise, v. ଦୋଷଗୁଣ ବିଚାର-କ ।
Criticism, s. ଦୋଷଗୁଣ ବିବେଚନା ।
Critique, s. ଦୋଷଗୁଣ ବ୍ୟାଖ୍ୟା ।
Croak, v. ବେଙ୍ଗ- ମଣ୍ଡୁକଶବ୍ଦ-କ ।
Crookery, s. ମୃତ୍ତିକାଭାଜନାଦି, ମୃଣ୍ମୟପାତ୍ର
Crocodile, s. କୁମ୍ଭୀର, ଘଡ଼ିଆଳ, ମଗର ।
Crone, s. ବୁଢ଼ୀ ସ୍ତ୍ରୀ, ବୁଢ଼ୀ, ଡାଆଣୀ ।
Crony, s. ବହୁକାଳର ବନ୍ଧୁ, ମିତ୍ର ବା ସଖା ।
Crook, s. ବାଙ୍କ, ବକ୍ର, ଅଙ୍କୁଶ ; Elephant
Crooked, a. ବକ୍ର, ବଙ୍କା, କୁଟିଳ । [ଅଙ୍କୁଶ ।
Crop, s. ଫସଲ ; ପକ୍ଷୀର ଗଳାର ଥଳୀ ।
Crop, v. କାଟିବାର, ଛେଦନ-କ ।
Crosier, s. ଧର୍ମାଧ୍ୟକ୍ଷର ଦଣ୍ଡ ।
Cross, v. ଅତି-କ ; ବାଧା-ଦ ; ପାର ହୋଇ
ଯିବାର, ଉତ୍ତୀର୍ଣ୍ଣ ହେବାର । [ଝିଙ୍କାରି ।
Cross, s. କ୍ରୁଶକାଠ, କ୍ରୁଶଆକାର ଯନ୍ତ୍ର, ଆପଦ, ଦୁଃଖ

**Cross.** *a.* ଅଡ଼, ବେଙ୍କା; ବିପରୀତ; ଚିଡ଼ଚିଡ଼ା ।
**Cross-bow,** *s.* ନଳିସ୍ଥାଧନୁକ, ଗୁଲଡ଼ ।
**Cross-examine,** *v.* ପୁନଃପ୍ରଶ୍ନଃପୃଚ୍ଛ-କ ।
**Cross-grained,** *a.* ଉଦ୍ଧା, ରାଗୀ, ଦୁଃସ୍ୱଭାବୀ
**Crotchet,** *s.* ଛନ୍ଦରେ ଚିହ୍ନବିଶେଷ, ଯଥା [ ]; ମାନସ, ବାସନା । [ଚରଣ ସେବିବାର ।
**Crouch,** *v.* ଜଇଁପଡ଼ିବାର; obsequious,
**Croup,** *s.* କଣ୍ଠ୍ୟରୋଗବିଶେଷ । [ଧ୍ୱନି ।
**Crow,** *s.* କାକ, କାଉ, ବାୟସ; କୁକୁଡ଼ାର
**Crow,** *v.* କୁକୁଡ଼ାର ରବ-କ; ଶ୍ଲାଘା- ଦମ୍ଭ-କ ।
**Crowd,** *s.* ଭିଡ଼, ଲୋକସମୂହ, ଜନତା ।
**Crown,** *s.* ମୁକୁଟ, କିରୀଟ; ବ୍ରହ୍ମତାଲୁକା; ମୁଦ୍ରାବିଶେଷ ।
**Crown,** *v.* ରାଜ୍ୟାଭିଷେକ- ଭୂଷିତ-କ ।
**Crucible,** *s.* ମୋଉ, ଧାତୁଆଦି ତରଳାଇବାରପାତ୍ର । [ମୂଷି ।
**Crucifix,** *s.* ଖ୍ରୀଷ୍ଟଙ୍କର କ୍ରୁଶରେ ହତ ହେବାର
**Crucifixion,** *s.* କ୍ରୁଶରେ ହତ-ହ, ଶୂଳ-ବିଶେଷରେ ବଧ-କ । [ବା ଶୂଳରେ ହତ-କ ।
**Crucify,** *v.* କ୍ରୁଶଯନ୍ତ୍ରରେ ବଦ୍ଧ-କ, ଦଣ୍ଡକାଷ୍ଠ
**Crude,** *a.* କଞ୍ଚା, ଅପକ୍ୱ, ଅସିଦ୍ଧ; ଅବିବେଚିତ
**Cruel,** *a.* ନିଷ୍ଠୁର, ନିର୍ଦ୍ଦୟ, କ୍ରୂର, କଠୋର ।
**Cruet,** *s.* କ୍ଷୁଦ୍ରଶିଶୀ, କାଚନିର୍ମ୍ମିତାଦ୍ଦାନୀ ।
**Cruise,** *v.* ଜାହାଜରେ ଗମନାଗମନ-କ ।
**Crumb,** *s.* ଗୁଣ୍ଡା, ରୁଟୀର କୋମଳ ଭାଗ ।
**Crumple,** *v.* କୁଞ୍ଚିବାର, କୋଁଚଡ଼ିବାର ।
**Crupper,** *s.* ଘୋଡ଼ାର ଦୁମଚି ।
**Crusade,** *s.* ଯିରୂଶାଲମ ଉଦ୍ଧାରାର୍ଥେ ଯୁଦ୍ଧ ।
**Crusader,** *s.* ପାଷଣ୍ଡନାଶକ ଯୋଦ୍ଧା ।
**Crush,** *v.* କୁଟିବାର, ପେଷଣ- ମର୍ଦ୍ଦନ-କ; ଦମନ-କ ।
**Crust,** *s.* ଖଲ, ଛଲକା; ରୁଟୀର କଠିଣ ଭାଗ ।
**Crusty,** *a.* ଛଲକାଯୁକ୍ତ; କର୍କଶ, କୁଟକୁଟିଆ ।

**Crutch,** *s.* ପଙ୍ଗୁବ୍ୟକ୍ତିର ଚଳନାର୍ଥେ ଦଣ୍ଡ ।
**Cry,** *v.* କାନ୍ଦିବାର, ରୋଦନ- ବିଳାପ-କ, ଡାକ ଛାଡ଼ିବାର ।
**Crystal,** *s.* ସ୍ଫଟିକ, କାଚ, ବଲୋର ।
**Crystallize,** *v.* ଜମାଟ-ହ, ସ୍ଫଟିକବତ୍-ହ ।
**Cub,** *s.* ପଶୁଛୁଆ ।
**Cubation,** *s.* ଶୟନ କରଣ, ଖାଟପାତନ ।
**Cube,** *s.* ଷଡ଼କୋଣ ବସ୍ତୁ ।
**Cubit,** *s.* ଏକହାତପରିମାଣ, ହାତେ ।
**Cuckold,** *s.* ବ୍ୟଭିଚାରିଣୀର ସ୍ୱାମୀ, କୁଟ୍ଟଣା ।
**Cuckoo,** *s.* କୋଇଲି, କୋକିଳ, ପିକପକ୍ଷୀ ।
**Cucumber,** *s.* କାକୁଡ଼ି, କର୍କଟୀ, ଖିର ।
**Cud,** *s.* ପାକୁଳିଲା ଘାସ ।
**Cuddle,** *v.* ଆଲିଙ୍ଗନ- ସ୍ନେହ-କ ।
**Cudgel,** *s.* ଠେଙ୍ଗା, ଗଦା; ମୁଦ୍ଗର ।
**Cue,** *s.* ପ୍ରାନ୍ତଭାଗ, ଲାଙ୍ଗୁଳ; ଇଙ୍ଗିତ ।
**Cuff,** *s.* ମୁଷ୍ଟ୍ୟାଘାତ; ଅସ୍ତିନର ଅଗ୍ରଭାଗ; *v.* ବିଧାମାରିବାର ।
**Cuirass,** *s.* ବୁକପଟା, ବକ୍ଷରକ୍ଷାଙ୍ଗୁଆ ।
**Cuirassier,** *s.* ବୁକପଟାବିଶିଷ୍ଟ ସୈନ୍ୟ ।
**Culinary,** *a.* ରନ୍ଧନାଗାରସମ୍ବନ୍ଧୀୟ ।
**Cull,** *v.* ବାଛ-କ; ମନୋନୀତ-କ ।
**Culminate,** *v.* ଊର୍ଦ୍ଧ୍ୱସ୍ଥାନ ପ୍ରାପ୍ତ-ହ ।
**Culpability,** *s.* ଦୋଷଯୋଗ୍ୟତା, ଦୋଷିତା । [ଦୋଷୀ, ପାପିଷ୍ଠ ।
**Culpable,** *a.* ଦୋଷଯୋଗ୍ୟ, ଅପରାଧୀ,
**Culprit,** *s.* ଅପରାଧୀ, ପାତକୀ, ଦୋଷୀ ।
**Cultivate,** *v.* କୃଷିକର୍ମ- ଚାଷ- ଅଭ୍ୟାସ-କ ;
**Cultivation,** *s.* କୃଷିକର୍ମ, ଚାଷ, ଅଭ୍ୟାସ; ବିଦ୍ୟାନୁସେବନ ।
**Culture,** *v.* ଚାଷକିୟା ବର୍ଦ୍ଧିତ-କ ।
**Cumber,** *v.* ଭାର- ଦୁଃଖ-ଦ ।
**Cumbersome,** *a.* କ୍ଳେଶଦାୟକ, ଭାରୀ ।

Cumin, *s.* ଜୀର, ଜୀରକ ।
Cuneiform, *a.* କୀଲାକାର, ମେଷରଙ୍ଗାୟ ।
Cunning, *s.* ଚତୁରତ୍ୱ, ଧୂର୍ତ୍ତତା, ଶଠତା ।
Cunning, *a.* ନିପୁଣ, ଚତୁର, ଧୂର୍ତ୍ତ, ଶଠ,
Cup, *s.* ପିଆଲା, ପାନପାତ୍ର, ବାଟିଆ । [ଶଠ ।
Cup, *v.* ରକ୍ତ କାଢିବାର, ଶିଙ୍ଗାଲଗାଇବାର ।
Cupbearer, *s.* ପାନପାତ୍ରବାହକ, ସଭଭୃତ୍ୟ
Cupboard, *s.* ବାସନାଦି ରଖିବାର ଥାକ-
Cupid, *s.* କନ୍ଦର୍ପ, କାମଦେବ । [ମାର ।
Cupidity, *s.* କାମ, ଲୁବ୍ଧାଭିଲାଷ, ଲାଳସା ।
Cupola, *s.* ଶିଖରଘର, ଗୁମ୍ବୁଜ ।
Cur, *s.* ଦେଶି କୁକ୍କୁର; ନୀଚଲୋକ ।
Curable, *a.* ପ୍ରତିକାର୍ଯ୍ୟ, ଚିକିତ୍ସ୍ୟ, ଉପଶାମ୍ୟ ।
Curacy, *s.* ଧର୍ମୋପଦେଶକର ପଦ ।
Curate, *s.* ଧର୍ମୋପଦେଶକର ଉପାଧି ।
Curative, *a.* ରୋଗଶାନ୍ତିସମ୍ବନ୍ଧୀୟ ।
Curator, *s.* ରକ୍ଷକ, ତତ୍ତ୍ୱାବଧାରକ ।
Curb, *s.* ଘୋଡାର ଲଗାମସମ୍ବନ୍ଧୀୟ ଜଞ୍ଜିର ।
Curb, *v.* ବେଗ ନିବାରଣ-କ, ଅଟକାଇବାର, ଥମାଇବାର ।
Curd, *s.* ଦହି, ବସାଦହି; ଛେନା ।
Curdle, *v.* ଦହି-କ, ଘନ-କ, ଗାଢ-ହ । [କ ।
Cure, *v.* ସୁସ୍ଥ-କ, ସ୍ୱାସ୍ଥ୍ୟ ବା ଆରାମ-କ; ଲବଣ-
Cure, *s.* ଉପାୟ, ପ୍ରତିକାର, ସୁସ୍ଥତା, ସ୍ୱାସ୍ଥ୍ୟ ।
Curfew, *s.* ଅଗ୍ନି ନିବାଣାର୍ଥେ ଘଣ୍ଟାଧ୍ୱନି ।
Curiosity, *s.* ଅନୁସନ୍ଧାନେଚ୍ଛା; ଦୁଷ୍ପ୍ରାପ୍ୟଦ୍ରବ୍ୟ
Curious, *a.* ଚମତ୍କାର, ଦୁଷ୍ପ୍ରାପ୍ୟ, ଅନୁସନ୍ଧିତ୍-
Curl, *s.* କୁଞ୍ଚକୁଞ୍ଚିଆ ବା ମୋଡାବାଳ । [ସୁ ।
Curl, *v.* କୁଞ୍ଚକୁଞ୍ଚିଆ ଯିବା ଘୁଞ୍ଚର-କ ।
Curlew, *s.* କୌଞ୍ଚବକ, କୂଳଚର ପକ୍ଷୀ-
Currant, *s.* ଫଳବିଶେଷ । [ବିଶେଷ ।
Currency, *s.* ଚଳନ; ଚଳିତମୁଦ୍ରା ।
Current, *a.* ଚଳିତ, ବ୍ୟବହାରିତ, ବର୍ତ୍ତମାନ ।

Current, *s.* ପ୍ରବାହ, ସ୍ରୋତ, ଧାର ।
Currently, *ad.* ପ୍ରଚଳିତରୂପେ, ପ୍ରସିଦ୍ଧରୂପେ
Curricle, *s.* ଦୁଇ ଘୋଡାର ଗାଡିବିଶେଷ ।
Currier, *s.* ଚମାର କର୍ମକାରକ ।
Curry, *s.* ବ୍ୟଞ୍ଜନ, ତେମଣ, ତରକାରୀ ।
Curry, *v.* ଚର୍ମପରିଷ୍କାର-କ; -favor, ତୋ-
ଷାମଦ-କ । [ମାର୍ଜ
Currycomb, *s.* ଖରରା, ଘୋଡାର
Curse, *v.* ଅଭିଶାପ, ଶାପ, ଦୁଃଖ, ମନ୍ଦ ।
Cursed, *a.* ଅଭିଶପ୍ତ, ଶାପଗ୍ରସ୍ତ, ଦୁଷିତ ।
Cursory, *a.* ଅନବଧାନ, ଶୀଘ୍ର, ଅସାବଧାନ ।
Curtail, *v.* ଛୋଟ- ଖାଟ ବା ଖାଟ-କ, କାଟି
Curtain, *s.* ପର୍ଦ୍ଦା; musquito, ମଶାରି
Curtsy, *s.* ସ୍ତ୍ରୀଲୋକର ପ୍ରଣାମ ।
Curvature, *s.* ବକ୍ରତ୍ୱ, ବଙ୍କତା, ବଙ୍କା,
ନୁଆଁର ।
Curve, *s.* ବକ୍ରରେଖା, ଗୋଲାକାର
Cushion, *s.* ଗଦି, ତକିଆ, ବାଲିଶ,
Custard, *s.* ଡିମ୍ବ ଦୁଗ୍ଧ କିମ୍ବା ମିଶ୍ରିତ ମିଠା
ବିଶେଷ ।
Custard-apple, *s.* ଆତଫଳ, ସୀତାଫ
Custody, *s.* ହାଜତାବସ୍ଥା, ବନ୍ଧନ,
ରକ୍ଷା ।
Custom, *s.* ରୀତି, ଧାର, ପ୍ରଥା, ଦସ୍ତୁର ।
Customary, *a.* ବ୍ୟବହାରିତ, ଚଳିତ,
ବାହକ । [ଦାର,
Customer, *s.* କିଣିବାଲୋକ, ଗ୍ରାହକ,
Custom-house, *s.* ଘାଟୋଇଘର,
ଶୁଳ୍କ ବା ପର୍ମିଟଘର ।
Cut, *s.* ଆଘାତ, କ୍ଷତ; ଛେଦ, କଟୁଣି ।
Cut, *v.* କାଟିବାର, ଛେଦିବାର, ଖଣ୍ଡ-କ
Cutaneous, *a.* ଚର୍ମସମ୍ବନ୍ଧୀୟ ।
Cuticle, *s.* ଶରୀରର ବାହ୍ୟତ୍ୱକ, ସୂକ୍ଷ୍ମଚର୍ମ ।

Cutlass, *s.* ଖଡ୍ଗ, ତରବାର, ତରବାଲ ।
Cutler, *s.* ଛୁରୀ କଇଞ୍ଚି ଇତ୍ୟାଦି ନିର୍ମାଣକର୍ତ୍ତା ।
Cutlery, *s.* ଛୁରୀ କତୁରୀ କଇଞ୍ଚି ଇତ୍ୟାଦି ।
Cutpurse, *s.* ଗଣ୍ଠି କଟା ଚୋର ।
Cutter, *s.* ନୌକାବିଶେଷ, ଛେଦକ ।
Cutting, *s.* ଖଣ୍ଡ, ଟୁକୁରା; ବୃକ୍ଷର କଲମ ।
Cycle, *s.* ଚକ୍ର, ମଣ୍ଡଳ, ଗୋଲ, ନିୟମିତ-
କାଳକ୍ରମ। [ମୁକ୍ତାବଳୀ ।
Cyclopædia, *s.* ବିଦ୍ୟାବିଷୟାବଳୀ, ବିଦ୍ୟା-
Cylinder, *s.* ଚୁଙ୍ଗି, ନଳ, ବେଲଣ, ଗଡ଼ିଆ ।
Cylindrical, *a.* ବେଲଣାକୃତ, ନଳାକୃତ ।
Cymbal, *s.* କରତାଳ, ଝାଞ୍ଜ, ମନ୍ଦିର ।
Cynic, *s.* ଦୋଷମାତ୍ରଗ୍ରାହୀ, ଉଦାସୀନ ।
Cypress, *s.* ଗୁଳ୍ମାଦିବୃକ୍ଷ, ଶୋକସୂଚକବୃକ୍ଷ ।
Czar, *s.* ଋଷଦେଶୀୟ ରାଜା ବା ବାଦଶାହି ।
Czarina, *s.* ଋଷଦେଶୀୟ ରାଣୀ ।

## D.

Dab, *v.* ଓଦା ଦ୍ରବ୍ୟଦ୍ୱାରା ଲେପିବାର, ଥପ-
ଦାପାଡ଼-କ ।
Dabble, *v.* ଜଳକାଦା- ଘାଣ୍ଟା-କ ।
Dabbler, *s.* ଜଳଘାଣ୍ଟକ, ଅଳ୍ପଜ୍ଞାନୀ ।
Dactyle, *s.* ଏକଦୀର୍ଘ ଦୁଇ ହ୍ରସ୍ୱପଦ ।
Dad, Daddy, *s.* ଶିଶୁବୋଲିରେ ବାପ, ପି-
ତା, ବାବା । [ଖାଉ ।
Dagger, *s.* ଛୋରା, ଖାଣ୍ଡା, କଟାରି, ଖଞ୍ଜ-
Daily, *a.* ଦୈନିକ, ପ୍ରତ୍ୟହ, ପ୍ରତିଦିନ, ଦିନକୁ-
ଦିନ, ରୋଜ ।
Dainty, *a.* ସୁସ୍ୱାଦୁ, ଉତ୍ତମ, ସୁଭୋଜ୍ୟ ।
Dainty, *s.* ସୁସ୍ୱାଦୁ ବା ଉତ୍ତମଦ୍ରବ୍ୟ ।
Dairy, *s.* ଗୌଡ଼ଘର, ଦୁଧଆଦି ରଖିବାରଘର
Dairymaid, *s.* ଗୌଡୁଣୀ, ଗୋପୀ, ଗୋ-
ପାଳୁଣୀ ।

Daisy, *s.* କ୍ଷେତ୍ରପୁଷ୍ପବିଶେଷ ।
Dale, *s.* ଦୁଇ ପର୍ବତର ମଧ୍ୟସ୍ଥାନ, ତଳଭୂମି ।
Dalliance, *s.* କ୍ରୀଡ଼ା, ଖେଳ, ବିଳାସ, ପର-
ସ୍ପରଲାଳନ । [ଦେଇ-କ ।
Dally, *v.* ଟାଳମଟାଳ-କ, ଅମନୋଯୋଗ-
Dam, *s.* ପଶୁାଦିର ମାଆ, ମାଈ; ବନ୍ଧ ।
Damage, *s.* କ୍ଷତି, ଅପଚୟ, ହାନି, ଲୋକ-
ଧାନ୍ଦା । [ସାନ ।
Damages, *s.* କ୍ଷତିପୂରଣ, ଅର୍ଥଦଣ୍ଡ, ଲୋକ-
Damask, *s.* ଫୁଲଦାର, ବୁଟାଦାର ପଟ୍ଟବସ୍ତ୍ର ।
Dame, *s.* ଗୃହିଣୀ, କର୍ତ୍ତ୍ରୀ, ସ୍ତ୍ରୀଲୋକ ।
Damn, *v.* ଅଭିଶାପ-ଦ, ଦୋଷୀ ବା ଦଣ୍ଡ୍ୟ-କ
Damnable, *a.* ନାରକୀ, ପାତକୀ, ଦଣ୍ଡଯୋଗ୍ୟ
Damnation, *s.* ନରକଦଣ୍ଡ, ଦଣ୍ଡାଜ୍ଞା, ଧିକ୍କାର
Damp, *a.* ଓଦା, ଆର୍ଦ୍ର, ଓଲ୍ଲା, ଭିଜା, ସଓ୍ଳା ।
Damp, *v.* ଓଲ୍ଲାଇବାର, ଓଦା-କ, ମନୋ-
ଭଙ୍ଗ-କ । [କୁମାରୀ ।
Damsel, *s.* ଯୁବତୀ, ତରୁଣୀ, ବାଳା, କନ୍ୟା,
Dance, *s.* ନୃତ୍ୟ, ନାଚ, ନାଟ, ତାମସା ।
Dandle, *v.* କୋଳରେକରି ନାଚିବାର, ସୋ-
ହାଗ-କ । [ଦାୟ ।
Danger, *s.* ଆପଦ, ବିପଦ, ସଙ୍କଟ, ଭୟ,
Dangerous, *a.* ଆପଦାମୟ, ଶଙ୍କାଯୁକ୍ତ, ଭୟ-
ଙ୍କର ।
Dangle, *v.* ଝୁଲିବାର, ଲଟକାଇବାର, ଅନୁ-
ଗାମୀ ବା ପଶ୍ଚାଦ୍ଗାମୀ-ହ ।
Dangler, *s.* ସଙ୍ଗଭକ୍ତ, ସ୍ତ୍ରୀସଙ୍ଗପ୍ରିୟ, ଅନୁଗାମୀ
Dapper, *a.* ଚଞ୍ଚଳ, ସତ୍ୱର, ସୁନ୍ଦର ।
Dapple, *a.* ଚିତ୍ରବିଚିତ୍ର, ନାନାରଙ୍ଗୀ ।
Dare, *v.* ସାହସ-କ, ସ୍ପର୍ଦ୍ଧା-କ, ଧମକାଇବାର ।
Daring, *a.* ସାହସିକ, ନିର୍ଭୟ, ବୀର, ଢିଠ
Dark, *a.* ଅନ୍ଧକାରମୟ, ଘୋର, ଅସ୍ପଷ୍ଟ, 
ଅସ୍ପଷ୍ଟ ।

Darken, *v.* ଅନ୍ଧକାର୍-କ, ଅନ୍ଧାର ବା ମେଘା-
ଛନ୍ନ-କ । [ଧାର, ଅସ୍ପଷ୍ଟତା ।
Darkness, *s.* ଅନ୍ଧକାର, ତମିର, ଘୋର, ଅ-
Darling, *s.* ପ୍ରିୟତମ, ପ୍ରିୟପାତ୍ର, ଦୁଲାଳ ।
Darn, *v.* ରଫୁ-କ, ବସ୍ତ୍ରର ଛିଦ୍ର ସାଇବାର,
Dart, *s.* ତୀର, ବାଣ, ଶୂଳ । [ଟାଙ୍କ-କ ।
Dash, *v.* କଚଡ଼ବାର, ଧକ୍କାମାରବାର;
water, ସେଞ୍ଚବାର ।
Dash, *s.* ଆଘାତ, ଠେଣ, ଲେଖିବାର ଛେଦ,
ଯଥା (—) ।
Dashing, *a.* ଅସାବଧାନ, ଅବବେକୀ ।
Dastard, *s.* ଡରୁଆ, ଭୀରୁ, କାପୁରୁଷ ।
Data, *s.* ସତ୍ୟତା, ପ୍ରାମାଣ୍ୟ, ଯାଥାର୍ଥ୍ୟ ।
Date, *s.* ତାରିଖ, ଦନ; ଖଜୁରିକୋଳି ।
Dative case, *s.* ସମ୍ପ୍ରଦାନକାରକ ।
Daub, *v.* ଲେପନ-କ, ଲେପିବାର, ମାଖିବାର ।
Daughter, *s.* ଝିଅ, କନ୍ୟା, ଦୁହିତା, ପୁତ୍ରୀ ।
Daughter-in-law, *s.* ପୁତ୍ରବଧୂ, ବହୂ ।
Daunt, *v.* ସାହସଭଙ୍ଗ- ଭୀତ-କ, ଧମକାଇ-
ବାର ।
Dauntless, *a.* ନିର୍ଭୟ, ନିଃଶଙ୍କ, ସାହସିକ ।
Dauphin, *s.* ଫ୍ରାନ୍ସଦେଶୀୟ ଯୁବରାଜର ନାମ ।
Daw, *s.* କାକବିଶେଷ ।
Dawdle, *v.* ଟାଳମଟାଳ-କ, ଡେରି-କ ।
Dawn, *s.* ପ୍ରଭାତ, ଅରୁଣୋଦୟ, ଭୋର,
Day, *s.* ଦନ, ଦବସ, ସମୟ । [ରାତି ପାହିଲା ।
Daybook, ଖାତାବହି, ରୋଜନାମା ।
Daybreak, *s.* ଅରୁଣୋଦୟ, ପ୍ରାତଃକାଳ ।
Daylight, *s.* ସୂର୍ଯ୍ୟର ଆଲୁଅ, ଦନ ପ୍ରକାଶ ।
Daysman, *s.* ମଧ୍ୟସ୍ଥ, ମିଳନକର୍ତ୍ତା, ବରୋଧ-
ଭଞ୍ଜକ ।
Dayspring, *s.* ଅରୁଣୋଦୟ, ପ୍ରଭାତ ।
Daystar, *s.* ପ୍ରଭାତତାରା, ଶୁକ୍ରତାରା ।

Dazzle, *v.* ଚକ୍ଷୁମନ୍ଦ-କ, ଅତଦୀପ୍ତିରେ ଦୃଷ୍ଟ୍ୟା-
ବରୋଧ-କ ।
Deacon, *s.* ମଣ୍ଡଳୀର ତତ୍ତ୍ୱାବଧାରକ ।
Dead, *a.* ମୃତ, ନର୍ଜୀବ, ପ୍ରାଣହୀନ, ନରସ ।
Deaden *v.* ତେଜହୀନ-କ, ତେଜହ୍ରାସ-କ ।
Deadly, *a.* ମୃତ୍ୟୁଜନକ, ପ୍ରାଣନାଶକ, ଅନ୍ତକ ।
Deaf, *a.* ବଧିର, କାଲ, ଶ୍ରବଣେନ୍ଦ୍ରିୟହୀନ ।
Deafen, *v.* ବଧିର- କାଲ ବା ଶ୍ରବଣହୀନ-କ ।
Deal, *s.* ଖ-ଣ୍ଡ୍ୟ, ପରିମାଣ, ଭାଗ; ଦେବଦା-
ରୁକାଠ ।
Deal, *v.* ବ୍ୟବସାୟ-କ, ବାଣ୍ଟିବାର, ବର୍ତ୍ତନ-କ
Dealer, *s.* ବ୍ୟବସାୟୀ, ବ୍ୟାପାରୀ, ବଣ୍ଟନ-
ବାଣ୍ଟିବାଲୋକ । [ସାୟ, ବ୍ୟବହାର
Dealing, *s.* ସମ୍ପର୍କ, ଦେବାନେବାର, ବ୍ୟବ-
Dean, *s.* ଧର୍ମାଧ୍ୟକ୍ଷବିଶେଷ । [ପଦ ।
Deanery, *s.* ପୂର୍ବୋକ୍ତ ବ୍ୟକ୍ତିର ଅଧିକାର ବା
Dear, *a.* ପ୍ରିୟ, ବହୁମୂଲ୍ୟ, ଦୁର୍ମୂଲ୍ୟ, ଅଧି ।
Dearly, *ad.* ଦୁର୍ମୂଲ୍ୟରେ, ସ୍ନେହପୂର୍ବକ, ବହୁ-
ମୂଲ୍ୟରେ । [ଅଭାବ ।
Dearth, *s.* ଅକାଳ, ଦୁର୍ଭିକ୍ଷ, ଅତ୍ୟାବଶ୍ୟକ
Death, *s.* ମୃତ୍ୟୁ, ମରଣ, ପ୍ରାଣତ୍ୟାଗ, ପଞ୍ଚ-
ପ୍ରାପ୍ତି ।
Deathless, *a.* ଅମର, ଚିରଜୀବୀ, ଚିରସ୍ଥାୟୀ
Deathwatch, *s.* ମରଣସୂଚକ ଶବ୍ଦକାରୀ
Debar, *v.* ନିବାରଣ- ନିଷେଧ-କ ।
Debase, *v.* ମାନହାନି- ଲଘୁ- ଅପମାନ-କ ।
Debate, *s.* ବାଦାନୁବାଦ, ବିବାଦ, ତର୍କ ।
Debauch, *s.* ଲାମ୍ପଟ୍ୟଉତ୍ସବ, ଖାଦ୍ୟ-
ଭୋଗର ବାହୁଲ୍ୟ ।
Debauch, *v.* ଭ୍ରଷ୍ଟ- ସତୀତ୍ୱନାଶ-କ ।
Debauchee, *s.* ଲମ୍ପଟ, ଲୋଚା, ମଦ, ମଦ୍ୟ-
ପାଇ । [ଛାଡଶିର୍ଦ୍ଦ ।
Debauchery, *s.* ଲମ୍ପଟତା, ଲାମ୍ପଟ୍ୟ, ଦେ-

Debenture, *s.* ଖତ, ଋଣପତ୍ର, ଦାୟପତ୍ର ।
Debilitate, *v.* ଦୁର୍ବଳ-କ୍ଷୀଣ ଅବା କୃଶ-କ ।
Debility, *s.* ଦୁର୍ବଳତା, କ୍ଷୀଣତା, ଅସ୍ୱାସ୍ଥ୍ୟ ।
Debit, *s.* ପାଉଣା, ଖରଚର ଦଗ ।
Debonair, *a.* ସୁନ୍ଦର, ସୁଶୀଳ, ଶିଷ୍ଟ, ସଭ୍ୟ ।
Debt, *s.* କର୍ଜ୍ଜ, ଋଣ, ଉଧାର, ଦେଣା, ଧାର ।
Debtor, *s.* ଋଣୀ, ଖାତକ, ଦେଣାଦାର ।
Decade, *s.* ଦଶସଂଖ୍ୟକ, ଦଶ, ଦଶକ ।
Decagon, *s.* ଦଶଭୁଜକ୍ଷେତ୍ର ।
Decalogue, *s.* ଈଶ୍ୱରଦତ୍ତ ଦଶାଜ୍ଞା ।
Decamp, *v.* ତମ୍ବୁଉଠାଇବାର, ପ୍ରସ୍ଥାନ-କ, ପଳାୟିବାର ।
Decant, *v.* ସୂକ୍ଷ୍ମଧାରେ ଢାଳିବାର ।
Decanter, *s.* କାଚର ଛିପିଯୁକ୍ତ କାଚପାତ୍ର ।
Decapitate, *v.* ଶିରଶ୍ଛେଦନ-କ, ମୁଣ୍ଡକାଟି-ବାର । [ବାର ।
Decapitation, *s.* ଶିରଶ୍ଛେଦନ, ମସ୍ତକକାଟି
Decay, *s.* କ୍ଷୟ, ଜୀର୍ଣ୍ଣ, ହ୍ରାସାବସ୍ଥା ।
Decease, *s.* ମୃତ୍ୟୁ, ମରଣ, ପ୍ରାଣତ୍ୟାଗ ।
Deceit, *s.* କପଟ, ଛଳ, ଏଲୁସ, ଶଠତା, ପ୍ରବଞ୍ଚନା ।
Deceitful, *a.* କପଟୀ, ପ୍ରବଞ୍ଚକ, କୁଟିଳ, ଛଳୀ
Deceitfulness, *s.* କାପଟ୍ୟ, ଖଳତା, ପ୍ରବ-ଞ୍ଚନା। [ପ୍ର-କ ।
Deceive, *v.* ପ୍ରବଞ୍ଚନା-କ ଭୁଲାଇବାର, ଏଲୁ-
Deceiver, *s.* ପ୍ରବଞ୍ଚକ, ପ୍ରତାରକ, ଠକ, କପଟୀ
December, *s.* ଇଂରେଜୀୟ ସନର ଶେଷ ମାସ । [ତା, ସଭ୍ୟତା ।
Decency, *s.* ଉପଯୁକ୍ତତା, ସୁଲଜ୍ଜା, ସୁଶୀଳ-
Decennial, *a.* ଦଶବର୍ଷୀୟ, ଦଶାବ୍ଦିକ ।
Decent, *a.* ଉପଯୁକ୍ତ, ଉଚିତ, ଯୋଗ୍ୟ, ଶୋ-ଭାକର । [ଏଲୁସ ।
Deception, *s.* ବଞ୍ଚନା, ଛଳ, ମିଥ୍ୟା, ମାୟା,

Deceptive, *a.* ଭ୍ରମକ, ମିଥ୍ୟା, ପ୍ରବଞ୍ଚନା-କାରୀ, ପ୍ରତାରଣାକ୍ଷମ ।
Decide, *v.* ନିଷ୍ପତ୍ତି- ନିର୍ଣ୍ଣୟ- ରଫା-କ ।
Decidedly, *ad.* ନିଶ୍ଚୟରୂପେ, ନିତାନ୍ତ, ନିଃ-ସନ୍ଦେହେ ।
Deciduous, *a.* ପତନଶୀଳ, ଅସ୍ଥାୟୀ ।
Decimal, *a.* ଦଶକ, ଦଶସଂଖ୍ୟକ ।
Decimate, *v.* ଦଶମବ୍ୟକ୍ତିକୁ ଦଣ୍ଡ-କ ।
Decipher, *v.* ଗୂଢାର୍ଥପ୍ରକାଶ- ସୁସ୍ପଷ୍ଟ- ଅର୍ଥ-କ ।
Decision, *s.* ନିଷ୍ପତ୍ତି, ନିର୍ଣ୍ଣୟ, ସିଦ୍ଧାନ୍ତ, ରଫା ।
Decisive, *a.* ନିଷ୍ପତ୍ତିଜନକ, ସନ୍ଦେହଭଞ୍ଜକ,
Deck, *s.* ଜାହାଜର ମେଜସ୍ଥା । [ସିଦ୍ଧାନ୍ତ ।
Deck, *v.* ଭୂଷିତ- ଶୋଭିତ-କ । [-କ ।
Declaim, *v.* ବ୍ୟାଖ୍ୟା-କ; ବୋଲିବାର, ବକ୍ତୃତା
Declamation, *s.* ବକ୍ତୃତା, କଥକତା, ବ୍ୟା-ଖ୍ୟା ।
Declaration, *s.* ପ୍ରକାଶ, ବିଜ୍ଞାପନ, ଘୋଷଣା
Declarative, *a.* ବ୍ୟଞ୍ଜକ, ପ୍ରକାଶକ; ପ୍ରଚା-ରକ, ବିଜ୍ଞାପକ ।
Declare, *v.* ଜଣାଇବାର, ପ୍ରକାଶ-କ ।
Declension, *s.* ଅଧଃପତନ, ହ୍ରାସାବସ୍ଥା; ଶବ୍ଦସାଧନ ।
Declinable, *a.* ବିଭକ୍ତିଦ୍ୱାରାସାଧ୍ୟ ।
Declination, *s.* ଅଧଃପତନ, କ୍ଷୟ, ନମନ ।
Decline, *v.* ନୁଁଆଇବାର, ବିଗତ-ହ, ଅସ୍ୱୀ-କାର-କ, ଅସମ୍ମତ-ହ ।
Decline, *s.* କ୍ଷୟ, ହ୍ରାସ, ପତନ, ଜୀର୍ଣ୍ଣ ।
Declivity, *s.* ଗଡ଼ନ୍ତସ୍ଥାନ, ଗଡ଼ାଣିଆଁ, କ୍ରମ-ନିମ୍ନତା । [ସିଦ୍ଧକରଣ ।
Decoction, *s.* ନିର୍ଯ୍ୟାସ, ସିଁଚନ, ପାକକ୍ରିୟା,
Decompose, *v.* ଦ୍ରବ-କ, ସଙ୍କରବସ୍ତୁକୁ ପୃଥକ୍-କ । [ଭିନ-କ ।
Decorate, *v.* ଭୂଷିତ- ଅଲଙ୍କୃତ- ସୁଶୋ-

Decoration, *s.* ଭୂଷଣ, ଅଳଙ୍କାର, ଆଭରଣ
Decorous, *a.* ଉପଯୁକ୍ତ, ଶିଷ୍ଟାଚାରଯୁକ୍ତ, ଉଚିତ ।
Decorum, *s.* ଶିଷ୍ଟାଚାର, ସଭ୍ୟତା, ସୁଆଚାର
Decoy, *v.* ଲୋଭ ଦେଖାଇ ଧରିବାର, ଭୁଲ-ଇବାର, ଜାଲରେ ବନ୍ଦ-କ ।
Decrease, *s.* ନ୍ୟୂନତା, ହ୍ରାସ, କ୍ଷୟ, କମୀ ।
Decrease, *v.* ହ୍ରାସ- କମ- ନ୍ୟୂନ- ଅଳ୍ପ-ହ ।
Decree, *s.* ଆଜ୍ଞାନିର୍ଦ୍ଧାରଣ, ସ୍ଥିତ, ଆଦେଶ, ହୁକୁମ, ଡିକ୍ରୀ ।
Decree, *v.* ଆଜ୍ଞା- ବିଧାନ-କ, ବ୍ୟବସ୍ଥା-ଦେ ।
Decrepit, *a.* ଜୀର୍ଣ୍ଣ, ଜରଗ୍ରସ୍ତ, ଜଡ, ଅଚଳ ।
Decrepitude, *s.* ଜୀର୍ଣ୍ଣାବସ୍ଥା, ଅତିବାର୍ଦ୍ଧକ୍ୟ, ଜଡତା ।
Decretal, *a.* ବ୍ୟବସ୍ଥାସମ୍ବନ୍ଧୀୟ, ବିଧିବୋଧକ ।
Decry, *v.* ଅପବାଦ- ବଦନାମ ବା ନିନ୍ଦା-କ ।
Dedicate, *v.* ପ୍ରତିଷ୍ଠା- ନୈବେଦ୍ୟ- ଉତ୍ସର୍ଗ- ଦାନ-କ । [ବେଦ୍ୟ ।
Dedication, *s.* ଉତ୍ସର୍ଗ, ଦାନ ଅଥବା ନୈ-
Deduce, *v.* ତର୍କଦ୍ୱାରା ନିର୍ଣ୍ଣୟ-କ, ଅନୁଭବ-କ, ଯୁକ୍ତିସିଦ୍ଧ-କ ।
Deduct, *v.* ବାଦ-ଦ, ଊଣା- ବର୍ଜିତ-କ ।
Deduction, *s.* ବାଦ, ଯୁକ୍ତିସିଦ୍ଧ କଥା, ଉପ-
Deed, *s.* କର୍ମ, କ୍ରିୟା, ଦାନପତ୍ର, ପଟ୍ଟା । [ଲବ୍ଧି ।
Deem, *v.* ବିବେଚନାଦ୍ୱାରା ସ୍ଥିର- ବୋଧ-କ ।
Deep, *s.* ସାଗର, ସମୁଦ୍ର, ଅତଳସ୍ପର୍ଶଜଳ ।
Deep, *a.* ଗମ୍ଭୀର, ଘୋର, ନିଗୂଢ଼, ତୀକ୍ଷ୍ଣବୁଦ୍ଧି ।
Deepen, *v.* ଗମ୍ଭୀର- ଗଭୀର ଅବା ଗହିର-କ ।
Deer, *s.* ହରିଣ, ମୃଗ, କୁରଙ୍ଗ, ଏଣ ।
Deface, *v.* ବିକୃତ- ବିଗଡ- ବିରୂପ- ନାଶ-କ ।
Defalcation, *s.* ହ୍ରାସ, ନ୍ୟୂନତା, ତ୍ରୁଟି, କମୀ
Defamation, *s.* ଅପବାଦ, ଦୁର୍ନାମ, କଳଙ୍କ, ନିନ୍ଦା । [ପବାଦୀ ।
Defamatory, *a.* ନିନ୍ଦକ, ଦୁର୍ନାମଜନକ, ଅ-

Defame, *v.* ଦୁର୍ନାମ- ନିନ୍ଦା-କ, ଅପବାଦ-ଦ
Default, *s.* ଅନୁପସ୍ଥିତି, ଅପରାଧ, କର୍ତ୍ତବ୍ୟକର୍ମତ୍ରୁଟି ।
Defaulter, *s.* ନିୟମର ଅନ୍ୟଥାକାରୀ ।
Defeat, *s.* ପରାଭବ, ପରାଜୟ, ସୈନ୍ୟହ୍ରାସ
Defeat, *v.* ପରାଜୟ- ପରାସ୍ତ-କ, ହରାଇବା ।
Defect, *s.* ଦୋଷ, ଖୁଣ, କଳଙ୍କ, ତ୍ରୁଟି, ଅଭାବ, ବିକାର । [ଦ୍ରୋହ ।
Defection, *s.* ସ୍ୱପକ୍ଷତ୍ୟାଗ, ତ୍ରୁଟି, ସ୍ୱଦେଶ-
Defective, *a.* ଦୋଷଯୁକ୍ତ, ଅସମ୍ପୂର୍ଣ୍ଣ, ସ- ଦୋଷ । [ଭାବ ।
Defence, *s.* ଆଶ୍ରୟ, ରକ୍ଷା, ଗଡ; ପ୍ରତିଉତ୍ତର
Defenceless, *a.* ନିରାଶ୍ରୟ, ଅରକ୍ଷିତ, ଦୁର୍ବଳ, ଅସ୍ତ୍ରହୀନ ।
Defend, *v.* ଆଶ୍ରୟ-ଦ, ରକ୍ଷା- ପ୍ରତିବାଦ-କ
Defendant, *s.* [illegible], ପ୍ରତିବାଦୀ, ଦ- ଆସାମୀ ।
Defensive, *a.* ରକ୍ଷାକାରକ, ରକ୍ଷାକାରୀ, ର-
Defer, *v.* ବିଳମ୍ବରେ କର୍ମ- ଦେବା- ସ୍ଥଗିତ- ଟାଳ-କ ।
Deference, *s.* ବିନୟ, ଆଜ୍ଞାଧୀନତା
Defiance, *s.* ତୁଚ୍ଛଜ୍ଞାନ, ସ୍ପର୍ଦ୍ଧା, ଯୁଦ୍ଧାର୍ଥ ଡାକିବାର ।
Deficiency, *s.* ଅଭାବ, ଅପ୍ରତୁଳ,
Deficient, *a.* ଅସମ୍ପୂର୍ଣ୍ଣ, ଊଣା, କମ; ତ୍ରୁଟିଯୁକ୍ତ ।
Defile, *v.* ଅପବିତ୍ର- ଭ୍ରଷ୍ଟ- ଅଶୁଚି-କ ।
Defile, *s.* ସଂକୀର୍ଣ୍ଣପଥ, ଗଳି, ଦୁଇ ପର୍ବତ ମଧ୍ୟ ଘାଟବାଟ ।
Definable, *a.* ବର୍ଣ୍ଣନୀୟ, ବ୍ୟାଖ୍ୟାତବ୍ୟ ।
Define, *v.* ନିର୍ଣ୍ଣୟ- ବର୍ଣ୍ଣନ- ନିର୍ଦ୍ଦିଷ୍ଟ ବା ସୀମା- ନିର୍ଦ୍ଦିଷ୍ଟ-କ ।
Definite, *a.* ନିର୍ଦ୍ଧାରିତ, ନିଶ୍ଚିତ, ସ୍ପଷ୍ଟ ।

**Definition**, *s.* ବ୍ୟାଖ୍ୟା, ଅର୍ଥ, ଗୁଣବର୍ଣ୍ଣନ, [ମାନେ ।
**Definitive**, *a.* ନିଶ୍ଚିତ, ସିଦ୍ଧାନ୍ତ ।
**Deflection**, *s.* ବିପଥଗମନ, ପଥତ୍ୟାଗ, ବି-ଚଳନ ।
**Deflour**, *v.* ବଳାତ୍କାର-କ, ସ୍ତ୍ରୀ ଭ୍ରଷ୍ଟ ବା କୁମାରୀ [ଭ୍ରଷ୍ଟ-କ ।
**Defluxion**, *s.* ଶାରୀରିକ ରସର ଅଧଃପତନ ।
**Deform**, *v.* କୁତ୍ସିତ- କୁରୂପ- ବିକୃତ-କ ।
**Deformity**, *s.* କୁତ୍ସିତରୂପ, କଦାକାର, ବିକୃତି ।
**Defraud**, *v.* ଛଳରେ ବା ପ୍ରବଞ୍ଚନା-କ, ଛଳ- [ପୂର୍ବକ ଅପହରଣ-କ ।
**Defray**, *v.* ବ୍ୟୟନିର୍ବାହ-କ, ଖରଚ-ଦ, ଶୁ- [ଝିବାର ।
**Defunct**, *a.* ମୃତ, ନିର୍ଜୀବ, ମଲା ।
**Defy**, *v.* ତୁଚ୍ଛ- ସ୍ପର୍ଦ୍ଧା- ଯୁଦ୍ଧେଆହ୍ୱାନ-କ ।
**Degeneracy**, *s.* ଅପଗମନ, ଧର୍ମକ୍ଷୟ, ନଷ୍ଟତା ।
**Degenerate**, *a.* ବିକୃତପ୍ରାପ୍ତ, ନଷ୍ଟ, ଧର୍ମଚ୍ୟୁତ
**Deglution**, *s.* ଗ୍ରାସ-କ, ଗିଳନଶକ୍ତି ।
**Degradation**, *s.* ମାନହାନି, ଅପମାନ, ପଦଚ୍ୟୁତ ।
**Degrade**, *v.* ପଦଚ୍ୟୁତ- ପତିତ- ଅସମ୍ଭ୍ରମ-କ ।
**Degree**, *s.* ପଦ, ବର୍ଗ, କ୍ରମ, ଅଂଶ, ଅକ୍ଷାଂଶ; by degrees, କ୍ରମଶଃ ।
**Deification**, *s.* ଦେବତ୍ୱଦାନ, ଦେବଭାବର [ମାନିବାର ।
**Deify**, *v.* ଦେବତ୍ୱଦାନ- ଦେବଭାବରେ ପୂ-ଜା-କ ।
**Deign**, *v.* ଦୟାକରି ସମ୍ମତ-ହ, ଅନୁଗ୍ରହ ପ୍ର- [ଦାନ-କ ।
**Deism**, *s.* ଅସ୍ତିକତା, ପରମାତ୍ମଜ୍ଞାନ ।
**Deist**, *s.* ଅଦ୍ୱୈତବାଦୀ, ଏକେଶ୍ୱରବାଦୀ ।
**Deity**, *s.* ପରମେଶ୍ୱର, ଈଶ୍ୱରତ୍ୱ, ପରମାତ୍ମା ।
**Deject**, *v.* ବିଷାଦ-ହ, ମନୋମ୍ଳାନ- ବିମର୍ଷ-ଶୋକ-କ ।
**Dejected**, *a.* ବିଷଣ୍ଣ, ବିଷାଦ ବା ଶୋକଯୁକ୍ତ, [ଖେଦିତ ।
**Dejection**, *s.* ବିଷାଦ, ଶୋକ, ଉଦ୍ବେଗ ।
**Delay**, *s.* ବିଳମ୍ବ, ଡେରି, ଉଛୁର, ଗଡ଼କିୟା ।

**Delectable**, *a.* ମନୋରମ, ମନୋହର, ରମ୍ୟ, ସୁନ୍ଦର ।
**Delegate**, *s.* ପ୍ରତିନିଧି, ପ୍ରେରିତ, ବିଶେଷ କର୍ମ [ନିର୍ବାହକ, ଉକୀଲ ।
**Delegate**, *v.* ପ୍ରେରଣ- ଭାରାର୍ପଣ-କ ।
**Deleterious**, *a.* ହିଂସକ, ପ୍ରାଣନାଶକ ।
**Delf**, *s.* ପ୍ରସ୍ତରାକର, ମୃତ୍ପାତ୍ର, କୃତ୍ରିମ ଚିନେର ବାସନ ।
**Deliberate**, *v.* ବିଚାର- ବିବେଚନା-କ, ଚିନ୍ତ- [ନା-କ ।
**Deliberate**, *a.* ବିବେଚନାପୂର୍ବକ, ଧୀର, ସ-ତର୍କ, ସାବଧାନ ।
**Deliberation**, *s.* ବିବେଚନା, ଚର୍ଚ୍ଚା, ଭାବନା, [ସୁସ୍ଥିରତା ।
**Delicacy**, *s.* ସୁରସ୍ୟ, କୋମଳତା, ସୁଖା-ଦ୍ୟଦ୍ରବ୍ୟ ।
**Delicate**, *a.* ସୁନ୍ଦର, କୋମଳ, ସୁସ୍ୱାଦୁ, ସୂକ୍ଷ୍ମ,
**Delicious**, *a.* ସୁସ୍ୱାଦୁ, ଉପାଦେୟ, ମିଷ୍ଟ, ଅତିଉତ୍ତମ ।
**Delight**, *s.* ସନ୍ତୋଷ, ଆନନ୍ଦ, ଉଲ୍ଲାସ, ହର୍ଷ ।
**Delightful**, *a.* ହର୍ଷଜନକ, ଆନନ୍ଦଦାୟକ, ମନୋହର ।
**Delineate**, *v.* ପ୍ରତିମୂର୍ତ୍ତି ଲେଖିବାର, ବର୍ଣ୍ଣନ-କ
**Delineation**, *s.* ପ୍ରତିମୂର୍ତ୍ତି, ବର୍ଣ୍ଣନା ।
**Delinquency**, *s.* ଅପରାଧ, ଦୋଷ, ତ୍ରୁଟି ।
**Delinquent**, *s.* ଅପରାଧୀ, ଦୋଷୀ; ବାକି-ଦାର ।
**Delirious**, *a.* ଅଚେତ, ମତିଚ୍ଛନ୍ନ, ପ୍ରଳାପୀ, [ହତବୁଦ୍ଧି ।
**Delirium**, *s.* ପ୍ରଳାପ, ଅଚେତନତା, ଉନ୍ମାଦ
**Deliver**, *v.* ସମର୍ପଣ- ଉଦ୍ଧାର- ରକ୍ଷା- ନିସ୍ତାର-କ
**Deliverance**, *s.* ଉଦ୍ଧାର, ମୁକ୍ତି, ରକ୍ଷା, ତ୍ରାଣ
**Delivery**, *s.* ସମର୍ପଣ, ପ୍ରସବକ୍ରିୟା ।
**Dell**, *s.* ଗହ୍ୱର, ଗର୍ତ୍ତ, ଖାତ, ତଳଭୂମି ।
**Delude**, *v.* ଭୁଲାଇବାର, ଭ୍ରମଜନ୍ମାଇବାର, ଠକାଇବାର ।
**Deluge**, *s.* ଜଳପ୍ଲାବନ, ବଢ଼ି, ବନ୍ୟା ।

**Delusion**, *s.* ମାୟା, ମୋହ, ଭ୍ରମ, ବଞ୍ଚନ ।
**Delusive**, *a.* ମାୟିକ, ଭ୍ରାନ୍ତିକର, ମିଥ୍ୟା ।
**Demagogue**, *s.* ଲୋକଙ୍କର ଦଳପତି ।
**Demand**, *s.* ଦାବି, ପ୍ରାର୍ଥନା, ପ୍ରଶ୍ନ, ତଲବ ।
**Demand**, *v.* ପ୍ରାର୍ଥନା- ଦାବି- ତଲବ-କ ।
**Demarcation**, *s.* ବିଭାଗ, ସୀମାଭେଦ କ-ରଣ, ଭାଗ । [-କ ।
**Demean**, *v.* ଆଚରଣ- ବ୍ୟବହାର- ଅଧଃପାତ
**Demeanour**, *s.* ଆଚରଣ, ଆକୃତି, ବ୍ୟବ-ହାର, ସ୍ୱଭାବ ।
**Demerit**, *s.* ନିର୍ଗୁଣତା, ଦୋଷଯୋଗ୍ୟତା ।
**Demi**, *a.* ଅର୍ଦ୍ଧ, ଅର୍ଦ୍ଧେକ, ଅଧେ । [ଉଦ୍ଦେଶ୍ୟ ।
**Demigod**, *s.* ଉପଦେବତା, ବୀରଦେବ, ବ-
**Demise**, *s.* ମୃତ୍ୟୁ, ମରଣ, ପ୍ରାଣତ୍ୟାଗ ।
**Democracy**, *s.* ସାଧାରଣତନ୍ତ୍ର, ପ୍ରଜା-ମାନଙ୍କର ପ୍ରଭୁତ୍ୱ ।
**Demolish**, *v.* ଭଙ୍ଗିବା- ନାଶ- ନଷ୍ଟ-କ ।
**Demolition**, *s.* ବିନାଶ, ଗୃହାଦିଭାଙ୍ଗିବାର, ଭଙ୍ଗିବା ।
**Demon**, *s.* ଭୂତ, ପିଶାଚ, ଦାନବ, ଅସୁର ।
**Demoniac**, *s.* ଭୂତଗ୍ରସ୍ତବ୍ୟକ୍ତି ।
**Demonology**, *s.* ଭୌତବିଦ୍ୟା ।
**Demonstrable**, *a.* ମୀମାଂସ୍ୟ, ପ୍ରମାଣସିଦ୍ଧ, ପ୍ରତିପାଦ୍ୟ । [ଦେଖାଇ- ସାବ୍ୟସ୍ତ-କ ।
**Demonstrate**, *v.* ପ୍ରମାଣ ଦ୍ୱାରା ନିଶ୍ଚୟ- ପ୍ର-
**Demonstration**, *s.* ଦୃଢପ୍ରମାଣ, ନିଶ୍ଚୟ ପ୍ର-ମାଣ, ମୀମାଂସା । [ସିଦ୍ଧ ।
**Demonstrative**, *a.* ସୁପ୍ରାମାଣିକ, ପ୍ରମାଣ-
**Demoralize**, *v.* ଆଚାରଭ୍ରଷ୍ଟ-କ । [ହ କ ।
**Demur**, *v.* ଗୋଳ- ବିଲମ୍ବ- ଦ୍ୱୈଧ- ସନ୍ଦେ-
**Demure**, *a.* ଗମ୍ଭୀର, ଧୀର, ଅଧୋମୁଖ ।
**Demurrage**, *s.* ନୌକାର ଅଟକ ଯିବା ବିଳ-ମ୍ବର ଭଡା ।

**Demy**, *s.* କାଗଜବିଶେଷ, ତାହା ଲମ୍ବ ୨୨ ଓସାର ୧୭½ ଇଞ୍ଚ ।
**Den**, *s.* ବନ୍ୟପଶୁର ଗାତ, ଗହ୍ୱର । [କ୍ତି ।
**Denial**, *s.* ଅସ୍ୱୀକାର, ନ ମାନିବା, ଅସ୍ୱୀ
**Denizen**, *s.* ନଗରବାସୀନାଗରିକପ୍ରଜା, ବୈଦେ-ଶିକ ।
**Denominate**, *v.* ନାମ-ଦ, ସଂଜ୍ଞା-ଦ ।
**Denomination**, *s.* ନାମ, ସଂଜ୍ଞା, ଅନ୍ୟ sect, ମତଦଳ । [ପ୍ରକାର
**Denote**, *v.* ଲକ୍ଷଣ-କ, ଚିହ୍ନାଇବାର, ଜଣ
**Denounce**, *v.* ଦଣ୍ଡପ୍ରାପ୍ତ- ଭର୍ତ୍ସନ-କ, ଦୋ-ଷଦେଖାଇବାର ।
**Dense**, *a.* ଘନ, ନିବିଡ, ଗାଢ, ଗହଳ ।
**Density**, *s.* ଘନତ୍ୱ, ଗାଢତ୍ୱ, ଦାର୍ଢ୍ୟ ।
**Dental**, *a.* ଦନ୍ତ୍ୟ, ଦନ୍ତସମ୍ବନ୍ଧୀୟ ।
**Dentifrice**, *s.* ମଞ୍ଜନ, ଦନ୍ତଘଷା ମିସି ।
**Dentist**, *s.* ଦନ୍ତରୋଗର ଚିକିତ୍ସକ ।
**Dentition**, *s.* ବାଳକର ଦନ୍ତ ଉଠିବା ସମୟ
**Denude**, *v.* ଉଲଗ୍ନ- ନଗ୍ନ- ଘବା ବସ୍ତ୍ର
**Denunciation**, *s.* ଉପଦେଶଦ୍ୱାରା ଦଣ୍ଡନିରୂପଣ, ଧମକ ।
**Deny**, *v.* ଅସ୍ୱୀକାର- ନାସ୍ତି-କ, ନ ମାନିବା ଅଗ୍ରାହ୍ୟ-କ । [ତ୍ୟାଗ
**Deodand**, *s.* ପ୍ରାୟଶ୍ଚିତ୍ତରୂପ ଅର୍ପଣ, ଦେ-
**Depart**, *v.* ପ୍ରସ୍ଥାନ-କ, ଛାଡିବାର, ସ୍ଥାନା-ନ୍ତରେ ଗମନ-କ ।
**Department**, *s.* ପୃଥକ୍ କର୍ମ ବା ପଦ, ବି-
**Departure**, *s.* ପ୍ରସ୍ଥାନ, ସ୍ଥାନାନ୍ତରଗମନ, ମ-ରଣ, ମୃତ୍ୟୁ । [ଭରସା ରଖିବା
**Depend**, *v.* ପରାଧୀନ- ନିର୍ଭର-କ, ବିଶ୍ୱାସ
**Dependence**, *s.* ସମ୍ପର୍କ, ନିର୍ଭର, ଭରସା ଆ-ଶ୍ରୟଣ । [ପ୍ରତ୍ୟାଶା
**Dependent**, *a.* ପରାଧୀନ, ଆଶ୍ରିତ, ଅଧୀ

Depict, *v.* ଚିତ୍ର- ବର୍ଣ୍ଣନା-କ ।
Depletion, *v.* ଶୂନ୍ୟ- ଖାଲି-କ । [ନିଷ୍ପତ୍ତି ।
Deplorable, *a.* ବିଳାପଯୋଗ୍ୟ, ଶୋକଜନକ,
Deplore, *v.* ବିଳାପ- ଶୋକ- ଖେଦ- ରୋ ଦନ କରିବାର । [କରିବାର ।
Deploy, *v.* ସୈନ୍ୟଶ୍ରେଣୀବିସ୍ତାର-କ, ପ୍ରକାଶିତ
Deponent, *s.* ସାକ୍ଷୀ, ଶପଥକାରକ, ଗୁହାରି
Depopulate, *v.* ମନୁଷ୍ୟ ଶୂନ୍ୟ- ଦେଶଉଚ୍ଛି ନ୍ନ ବା ଉଜାଡ଼-କ । [ଭ୍ରଷ୍ଟ-କ ।
Deport, *v.* ଅସ୍ଥିର ବା ବ୍ୟବହାର- ଦେଶା-
Deportment, *s.* ଅସ୍ଥିର, ବ୍ୟବହାର, ସ୍ୱଭ ।
Depose, *v.* ପଦଚ୍ୟୁତ- ଅଧିକାରଚ୍ୟୁତ-କ, ସା- କ୍ଷ୍ୟ ବା ଗୁହାରି-ଦ । [ନ୍ୟାସ ।
Deposit, *s.* ବନ୍ଧକ, ସଞ୍ଚିତଦ୍ରବ୍ୟ, ନିକ୍ଷେପ,
Deposit, *v.* ସଞ୍ଚିତ- ନ୍ୟସ୍ତ- ଜମା-କ, ଯୋ- ଗିବାର । [ରକ୍ଷକ, ଗୋଲାଦାର ।
Depositary, *s.* ସଞ୍ଚିତଦ୍ରବ୍ୟରକ୍ଷକ ବା
Deposition, *s.* ସାକ୍ଷ୍ୟ, ଗୁହାରି, ଜବାନବନ୍ଦୀ; ପଦଚ୍ୟୁତ । [ଗୋଲା ।
Depository, *s.* ରଖିବାରସ୍ଥାନ, ଭଣ୍ଡାର,
Depot, *s.* ଭଣ୍ଡାର, ଦ୍ରବ୍ୟାଗାର, ଗୋଲା ।
Deprave, *v.* ନଷ୍ଟ- ଭ୍ରଷ୍ଟ-କ, ବିଗାଡ଼ିବାର ।
Depravity, *s.* ଦୁଷ୍ଟତା, ଭ୍ରଷ୍ଟପଣ, ନଷ୍ଟତା, ଅଗୁଣ । [ମାଗିବାର ।
Deprecate, *v.* ବିପଦ୍ ବାରଣ ପ୍ରାର୍ଥନା-କ, କ୍ଷମା
Depreciate, *v.* ମୂଲ୍ୟଗୁଣ ବା କମ- ତୁଚ୍ଛ-କ
Depredation, *s.* ଲୁଟ, ଅପହାର, ଡକାଇତି
Depredator, *s.* ଲୁଟିଯିବାସ, ଡକାଇତ, ଅପ- ହାରକ । [ଉଦାସ-ହ ।
Depress, *v.* ନୀଚରହିବାସ ନୀଚ- ହତାଶ-କ,
Depression, *s.* ନିମ୍ନତା, ଔଦାସ୍ୟ, ଅବ- ନମନ । [law, ଧର୍ମୋପଦେଶର ପଦଚ୍ୟୁତ ।
Deprivation, *s.* ଅପହାର, କ୍ଷତି, କ୍ଷୟ; in

Deprive, *v.* କାଢ଼ି-ନ, ଅପହାର- ହରଣ-କ
Depth, *s.* ଗମ୍ଭୀରତା, ଗଭୀରତା, ଗଭୀରତା, ନମ୍ରତା । [ସ୍ୱକର୍ମେ ନିଯୋଗ ।
Deputation, *s.* ପ୍ରତିନିଧିରୂପେ ପ୍ରେରଣ ବା
Depute, *v.* ନିଯୋଗ- ପ୍ରେରଣ-କ, ପଠାଇ- ବାର ।
Deputy, *s.* ପ୍ରତିନିଧି, ନାଏବ, ଉକିଲ, ବଦଳି
Derange, *v.* ବ୍ୟତିକ୍ରମ- ଓଲଟପାଲଟ-କ ।
Deranged, *a.* ଉନ୍ମତ୍ତ, ହତବୁଦ୍ଧି, ଜ୍ଞାନଭ୍ରଷ୍ଟ ।
Dereliction, *s.* ପରିତ୍ୟାଗ, ବର୍ଜନ, ତ୍ୟାଗକାର
Deride, *v.* ବିଦ୍ରୂପ- ତିରସ୍କାର- ପରିହାସ-କ ।
Derision, *s.* ବିଦ୍ରୂପ, ପରିହାସ, ତିରସ୍କାର, ଥଟ୍ଟା ।
Derivation, *s.* ମୂଳଶବ୍ଦାନୁସନ୍ଧାନ, ବ୍ୟୁତ୍ପତ୍ତି
Derivative, *a.* ବ୍ୟୁତ୍ପତ୍ତିକର, ବ୍ୟୁତ୍ପାଦକ ।
Derive, *v.* ଉତ୍ପନ୍ନ-ହ, ପ୍ରାପ୍ତ-ହ, ପାଇବାର ।
Dernier, *a.* ଶେଷ, ଅନ୍ତ୍ୟ, ଅନ୍ତିମ, ଅବଶିଷ୍ଟ ।
Derogate, *v.* ହ୍ରାସ- ମାନହାନି- ଲଘୁ-କ, ଲୁଟିବାର ।
Derogatory, *a.* ଅପମାନକ, ହ୍ରାସଜନକ ।
Descant, *v.* ବିସ୍ତାରିତକରି କହିବାର, ବ୍ୟାଖ୍ୟା ବା ବଖୋଡ଼ପରକଥନ-କ । [ଅଧୋଗମନ-କ ।
Descend, *v.* ଓହ୍ଲାଇବାର, ତଳକୁଯିବାର,
Descendant, *s.* ସନ୍ତାନ, ବଂଶ, ସନ୍ତତି ।
Descent, *s.* ଅଧୋଗମନ; ବଂଶାବଳି; ଜନ୍ମ; ସନ୍ତତିସ୍ଥାନ । [ବର୍ଣ୍ଣନା-କ ।
Describe, *v.* ବିଶେଷରୂପେ ବା ବିବରଣ- କହ,
Description, *s.* ବର୍ଣ୍ଣନା, ବ୍ୟାଖ୍ୟା, ବିବରଣ, ପ୍ରକାର ।
Descriptive, *a.* ବର୍ଣ୍ଣନକାରୀ, ନିଦର୍ଶକ ।
Descry, *v.* ଦୂରରୁ ଦେଖିବାର, ଜଗତରେ ଦୃଷ୍ଟି- ପଡ଼ାଇବାର ।
Desecrate, *a.* ଅପବିତ୍ର-କ, ପ୍ରତିଷ୍ଠାଲୋପ-କ ।

**Desert**, *s.* ଅରଣ୍ୟ, ବଣ, ଜଙ୍ଗଲ, ଜନଶୂନ୍ୟ-
ସ୍ଥାନ । [ଫଳ ।
**Desert**, *s.* ଗୁଣାଗୁଣ, ଯୋଗ୍ୟତା, ଫଳା-
**Desert**, *v.* ତ୍ୟାଗ-କ, ଛାଡ଼ିପଳାଇବାର, ବ-
ବର୍ଜ୍ଜନ-କ ।
**Deserve**, *v.* ଯୋଗ୍ୟ- ଉପଯୁକ୍ତ-ହ । [ପେ ।
**Deservedly**, *ad.* ଯଥାଯୋଗ୍ୟ, ସଙ୍ଗତରୂ-
**Deserving**, *a.* ଯୋଗ୍ୟ, ଉପଯୁକ୍ତ, ଉତ୍ତମ ।
**Desideratum**, *s.* ଅବର୍ତ୍ତମାନ, ଅଭିବାଞ୍ଛି-
ତବସ୍ତୁ । [ମୂର୍ତ୍ତି ।
**Design**, *s.* ଅଭିପ୍ରାୟ, ଅର୍ଥ, ତାତ୍ପର୍ଯ୍ୟ; ପ୍ରତି-
**Design**, *v.* କଳ୍ପନା- ଚିନ୍ତା- ମନସ୍ଥ- ଅଭି-
ପ୍ରାୟ-କ । [ଯୋଗ, ନିର୍ଦ୍ଦେଶ ।
**Designation**, *s.* ନିଯୋଜନ, କର୍ମରେ ନି-
**Designedly**, *a.* ସଚେଷ୍ଟାରେ, ଜ୍ଞାତସାରେ,
ଜ୍ଞାନପୂର୍ବକରେ ।
**Designing**, *a.* ଧୂର୍ତ୍ତ, ଚତୁର, ଶଣ୍ଠା, ଠଗ
**Desirable**, *a.* ବାଞ୍ଛନୀୟ, ମନୋହର, ସୁନ୍ଦର,
ଆକାଂକ୍ଷ୍ୟ । [ଅଭିଳାଷ ।
**Desire**, *s.* ବାଞ୍ଛା, କାମନା, ଇଚ୍ଛା, ଆକାଂକ୍ଷା,
**Desirous**, *a.* ଆକାଂକ୍ଷୀ, ଇଚ୍ଛୁକ, ଲୋଭୀ,
କାମୁକ ।
**Desist**, *v.* ନିରସ୍ତ- ନିବୃତ୍ତ- କ୍ଷାନ୍ତ- ସ୍ଥଗିତ-ହ ।
**Desk**, *s.* ଲେଖିବାର ମେଜ ଅବା ଡେସ୍କ ବା
ସିନ୍ଦୁକ ।
**Desolate**, *a.* ଉଜାଡ଼, ଜନଶୂନ୍ୟ, ଅନାଥ ।
**Desolate**, *v.* ଉଚ୍ଛିନ୍ନ-କ, ଶୂନ୍ୟ ଅବା ଉଜାଡ଼-କ
**Desolation**, *s.* ସର୍ବନାଶ, ଉଚ୍ଛନ୍ନତା, ଶୂନ୍ୟ-
ତା, ମହୋପଦ୍ରବ । [ଅବସାଦ ।
**Despair**, *s.* ନିରାଶ, ଉତ୍ସାହହୀନ, ହତାଶା,
**Despatch**, *s.* ଶୀଘ୍ରତା, ଶୀଘ୍ରପ୍ରେରିତପତ୍ର;
*v.* ତ୍ୱରାରେ ପଠାଇ ଦିଅ-କ ।
**Desperado**, *s.* ଦୁଃସାହସୀ, ସାହସିକ ।

**Desperate**, *a.* ନିରାଶ, ସାହସିକ, ନିରୁପାୟ,
ଉତ୍ସୃଷ୍ଟ ।
**Despicable**, *a.* ଘୃଣନୀୟ, ନୀଚ, ପାମର, ଅଧମ
**Despise**, *v.* ଘୃଣା- ଅବଜ୍ଞା-କ ।
**Despite**, *s.* ହିଂସା, ଈର୍ଷା, ବଇର, ଅବଜ୍ଞା ।
**Despoil**, *v.* ଅପହରଣ- ଲୁଟ-କ, କାଢ଼ି-ନି
**Despond**, *v.* ଉତ୍ସାହହୀନ-ହ, ନିରାଶ-ହ ।
**Despondency**, *s.* ନିରାଶା, ଅଭରସା ।
**Despot**, *s.* ସ୍ୱେଚ୍ଛାଧୀନରାଜା, ସ୍ୱାଧୀନରାଜା ।
**Despotic**, *a.* ସ୍ୱେଚ୍ଛାଧୀନ, ଉପଦ୍ରବୀ ।
**Despotism**, *s.* ସ୍ୱେଚ୍ଛାମତେରାଜତ୍ୱ, ଉପ-
ଦ୍ରବ, ଏକାଧିପତ୍ୟ । [ଦ୍ରବ୍ୟ ।
**Dessert**, *s.* ଭୋଜନର ଶେଷେ ଫଳାଦି ଖ-
**Destination**, *s.* ନିରୂପିତ ସ୍ଥାନ ।
**Destine**, *v.* ନିରୂପଣ- ନିଯୁକ୍ତ-କ ।
**Destiny**, *s.* ଅଦୃଷ୍ଟ, କପାଳ, ଭାଗ୍ୟ, କର୍ମ ।
**Destitute**, *a.* ରହିତ, ହୀନ, ଅନାଥ, ଦରିଦ୍ର
**Destitution**, *s.* ସମ୍ବଳହୀନତା, ଦୁର୍ଦ୍ଦଶା ।
**Destroy**, *v.* ବିନାଶ- ଧ୍ୱଂସ- ଉଚ୍ଛିନ୍ନ- ସଂହାର-
**Destruction**, *s.* ବିନାଶ, ଧ୍ୱଂସ, ସଂହାର,
ନିପାତ ।
**Destructive**, *a.* ବିନାଶକ, ଧ୍ୱଂସକ, ନାଶକ
**Desuetude**, *s.* ନିବୃତ୍ତି, ଅବ୍ୟବହାର, ଅ-
ପ୍ରଚଳନ ।
**Desultory**, *a.* ଅସ୍ଥିର, ଅନିୟମିତ, ଚଞ୍ଚଳ
**Detach**, *v.* ବିଚ୍ଛିନ୍ନ- ପୃଥକ-କ ।
**Detachment**, *s.* ସୈନ୍ୟର ଯେଉଁ ଅଂଶ
କୌଣସି ବିଶେଷ କର୍ମରେ ପ୍ରେରିତ ହୁଏ ।
**Detail**, *s.* ବିଶେଷ ବିବରଣ, ବୃତ୍ତାନ୍ତ, ବେଉରା,
ବ୍ୟାଖ୍ୟା ।
**Detain**, *v.* ଅଟକ-କ, ରଖିବାର, ବନ୍ଦ-କ ।
**Detect**, *v.* ଦୋଷରେ ଧରି ପକାଇବାର, ପ୍ରକା-
ଶ-କ, ଧରିବାର ।

**Detection**, *v.* ଧରି ପଡିବାର, ଦୋଷ ପ୍ରକା-
ଶ-କ, ଗୁପ୍ତକଥା ବ୍ୟକ୍ତ-କ । [ବନ୍ଦ-ହ ।
**Detention**, *s.* ଅଟକ, ଅଟକାଇବାର, କଏଦ,
**Deter**, *v.* ଉଦ୍ଯୋଗଭାଙ୍ଗିବାର, ନିବାରଣ-
ଅଟକ-କ ।
**Detergent**, *a.* ପରିଷ୍କାରକ, ମଳନାଶକ ।
**Deteriorate**, *v.* ମନ୍ଦ- କଦର୍ଯ୍ୟ-କ ।
**Deterioration**, *v.* ବିଗାଡିବାର, ନଷ୍ଟ-କ ।
**Determinate**, *a.* ନିର୍ଦ୍ଧାରିତ, ନିଶ୍ଚିତ, ନିରୂ-
ପିତ । [ମନସ୍ଥ, ନିର୍ଦ୍ଧାରଣ ।
**Determination**, *s.* ନିଶ୍ଚୟ, ଇଚ୍ଛା, ସ୍ଥିର,
**Determine**, *v.* ସ୍ଥିର- ନିଶ୍ଚୟ- ନିର୍ଦ୍ଧାରଣ-କ,
ନିଷ୍ପତ୍ତି-କ ।
**Detest**, *v.* ଘୃଣା- ଅତ୍ୟନ୍ତ ଅଶ୍ରଦ୍ଧା- ଅବଜ୍ଞା-କ
**Detestation**, *s.* ଘୃଣା, ଅଶ୍ରଦ୍ଧା, ଦ୍ଵେଷ,
ଦ୍ଵେଷ୍ୟଜ୍ଞାନ । [ଚ୍ୟୁତ-କ ।
**Dethrone**, *v.* ସିଂହାସନଚ୍ୟୁତ-କ, ରାଜ୍ୟ-
**Detonation**, *s.* ଫାଟିବାରହଠାତ୍ ଶବ୍ଦ ।
**Detract**, *v.* ମାନ ବା ସମ୍ମାନ- ନିନ୍ଦା-କ ।
**Detriment**, *s.* ଅପକାର, କ୍ଷତି, ହାନି, କୋ-
**Deuce**, *s.* ଭୂତ, ଦୁଇ, ଦୁଷ୍ଟ । [କସାନ ।
**Devastation**, *s.* ଉଚ୍ଛନ୍ନତା, ନାଶ, ଉତ୍ପାତ,
ଉପଦ୍ରବ । [ର୍ଦ୍ଧିତ-କ ।
**Develop**, *v.* ପ୍ରକାଶ-କ, ଖୋଲିବାର, ଅବ-
**Deviate**, *v.* ବାଟରୁ ଯିବାର, ଭ୍ରମଣ-କ, ଭ୍ର-
ଷ୍ଟ-ହ ।
**Deviation**, *s.* ବିପଥଗମନ, ସ୍ଖଳନାର ।
**Device**, *s.* କଳ୍ପନା, ଛଳ, ଫିକର; ମୁଦ୍ରାରଚିତ
**Devil**, *s.* ଶୟତାନ, ଭୂତ, ମନ୍ଦଆତ୍ମା ।
**Devilish**, *a.* ଶୟତାନୀ, ଦୁଷ୍ଟସ୍ୱଭାବ ।
**Devious**, *a.* ବିପଥଗାମୀ, ବଙ୍କା, ଭ୍ରମକ ।
**Devise**, *v.* କଳ୍ପନା- ଉପାୟ- ଚିନ୍ତା-କ, ଦାନ-
ପତ୍ରଦ୍ଵାରା ଦାନ-କ ।

**Devoid**, *a.* ଶୂନ୍ୟ, ହୀନ, ରହିତ, ବିନା, ବର୍ଜିତ ।
**Devolve**, *v.* ଗଡିପଡିବାର, ଅର୍ପଣ-କ ।
**Devote**, *v.* ଉତ୍ସର୍ଗ- ଦାନ- ସମର୍ପଣ-କ ।
**Devoted**, *a.* ଆସକ୍ତ, ସମର୍ପିତ, ଅନୁରକ୍ତ ।
**Devotee**, *s.* ଭକ୍ତ, ଯୋଗୀ, ତପସ୍ୱୀ, ସନ୍ନ୍ୟାସୀ
**Devotion**, *s.* ଭକ୍ତି, ଧର୍ମନିବେଶ, ଶ୍ରଦ୍ଧା,
ଆରାଧନା । [ଆସକ୍ତ ।
**Devotional**, *a.* ଧର୍ମସମ୍ବନ୍ଧୀୟ, ଭକ୍ତିଭାବରେ
**Devour**, *v.* ଗ୍ରାସ-କ, ଗିଳିପକାଇବାର ।
**Devout**, *a.* ଈଶ୍ୱରପରାୟଣ, ଧାର୍ମିକ, ଭକ୍ତ,
ଧର୍ମିଷ୍ଠ, ଅକପଟ । [ଶିଶିରବିନ୍ଦୁ, ହିମକଣା ।
**Dew**, *s.* କାକର, ଶିଶିର, ନିହାର; -drop,
**Dewlap**, *s.* ଗଳକମ୍ବଳ, ସାସ୍ନା ।
**Deuteronomy**, *s.* ମୋଶା ରଚିତ ପଞ୍ଚମ
ପୁସ୍ତକ, ଦ୍ଵିତୀୟବିବରଣ ।
**Dexter**, *a.* ଦକ୍ଷିଣ, ଡାହାଣ । [ରସିକ ।
**Dexterity**, *s.* ଦକ୍ଷତା, ନିପୁଣତା, ଚତୁରତା,
**Dexterous**, *a.* ନିପୁଣ, ଦକ୍ଷ, ପଟୁ, ଯୋଗ୍ୟ-
ବନ୍ତ ।
**Diabetes**, *s.* ବହୁମୂତ୍ରରୋଗ, ପ୍ରମେହ ।
**Diabolical**, *a.* ଶୟତାନୀ, ଅତିଦୁଷ୍ଟ ।
**Diadem**, *s.* କିରୀଟ, ମୁକୁଟ, ଶିରୋଭୂଷଣ ।
**Diagnostic**, *s.* ରୋଗ ନିର୍ଣ୍ଣାୟକଚିହ୍ନ, ବ୍ୟା-
ଧିର ଲକ୍ଷଣ ।
**Diagonal**, *a.* ଏକ କୋଣରୁ ଅନ୍ୟ କୋଣ-
ପର୍ଯ୍ୟନ୍ତ ଅଡରେ ଯେଉଁ ରେଖା ଟଣାଯାଏ ।
**Diagram**, *s.* ଅନୁରୂପକ୍ଷେତ୍ର, ରେଖାମୟଚିତ୍ର
**Dial**, *s.* ଘଡିର ଉପରସ୍ଥ ଅଙ୍କିତସ୍ଥାନ, ସୂର୍ଯ୍ୟ-
ଘଡି, ରୌଦ୍ରଘଡି ।
**Dialect**, *s.* ପ୍ରଦେଶୀୟଭାଷା, ବାକ୍ୟ, ବୋଲି
**Dialogue**, *s.* କଥୋପକଥନ, ପ୍ରଶ୍ନୋତ୍ତର ।
**Diameter**, *s.* ବ୍ୟାସରେଖା, ମଣ୍ଡଳର ଏକ-
ସମାନ ଦ୍ଵିଖଣ୍ଡକାରୀ ରେଖା ।

Diametrically, *ad.* ଠିକ୍ ଉଲଟା ବା ବିପ-
ରୀତରୂପେ ।
Diamond, *s.* ହୀରା, ହୀରକମଣି ।
Diaper, *s.* ଫୁଟାଫୁଲାବସ୍ତ୍ର । [ମେହିଆଦକ ।
Diaphoretic, *a.* ସ୍ୱେଦ ବା ଘାମଜନକ, ପ-
Diarrhœa, *s.* ଗ୍ରହଣୀ, ଅମାଶୟ, ଅତିସାର;
ଉଦରପୀଡ଼ା । [ଦୈନିକଲିପି ।
Diary, *s.* ରୋଜନାମା, ଦୈନିକଲେଖାପୁସ୍ତକ,
Dice, *s.* ପଶା, ପାଶାଖେଳ, ଦ୍ୟୁତ, ଗୋଟି ।
Dictate, *s.* ଆଦେଶ, ଆଜ୍ଞା, ହୁକୁମ । [ତ ।
Dictate, *v.* ଲେଖାଇବାର, କର୍ତ୍ତୃତ୍ୱ-କ, ଆଜ୍ଞା-
Dictation, *s.* କହିଲେଖିବାର, ଆଜ୍ଞା-କ ।
Dictator, *s.* ଏକାଧିପତି, ଆଦେଶକ ।
Dictatorial, *a.* କର୍ତ୍ତୃତ୍ୱସୂଚକ, ଦାମ୍ଭିକ, ସା-
ମର୍ଥ୍ୟବନ୍ତ ।
Diction, *s.* ଶବ୍ଦବିନ୍ୟାସ, ବାକ୍ୟରଚନା ।
Dictionary, *s.* ଅଭିଧାନ, ଶବ୍ଦକୋଷ, ଶବ୍ଦ
ସଂଗ୍ରହ ।
Didactic, *a.* ଉପଦେଶକ, ଶିକ୍ଷାଦାୟକ ।
Die, *s.* ମୁଦ୍ରାଉଠେଣୀ; ଛାଞ୍ଚ, ବର୍ତ୍ତି ।
Die, *v.* ମରିବାର, ପ୍ରାଣତ୍ୟାଗ-କ; ଲୟ-ହ ।
Diet, *s.* ପଥ୍ୟ, ଆହାର, ଖୋରାକ; ସଭାସଭ ।
Diet, *v.* ପଥ୍ୟ-ଦ, ଆହାର ଅବା ଖାଦ୍ୟ-ଦ ।
Differ, *v.* ଭିନ୍ନ-ହ, ଅମିଳନ ବା ଅନୈକ୍ୟ-ହ
Difference, *s.* ବିଶେଷ, ପ୍ରଭେଦ, ଭିନ୍ନ, ପୃ-
ଥକ୍, ବିବାଦ । [ମାନ, ବିରୋଧ ।
Different, *a.* ଭିନ୍ନ, ପୃଥକ୍, ଅତୁଲ୍ୟ, ଅସ-
Difficult, *a.* ଅସାଧ୍ୟ, ଦୁଷ୍କର, କଠିନ, ଶକ୍ତ,
କ୍ଲେଶଦାୟକ ।
Difficulty, *s.* କଷ୍ଟତା, କାଠିନ୍ୟ, କ୍ଲେଶ, ଦୁଃଖ
Diffidence, *s.* ଅସାହସ, ଅବିଶ୍ୱାସ, ସନ୍ଦେହ ।
Diffident, *a.* ମୃଦୁ, ସନ୍ଦେହଯୁକ୍ତ, ଲାଜ, ଅ-
ସାହସିକ, ।

Diffuse, *v.* ବ୍ୟାପ୍ତ- ବିସ୍ତାର-କ । [ବହୁଳ।
Diffuse, *a.* ବିସ୍ତାରିତ, ବ୍ୟାପ୍ତ, ପ୍ରକାଶିତ,
Diffusely, *ad.* ବାହୁଲ୍ୟ ବା ପ୍ରଶସ୍ତରୂପେ,
ବିସ୍ତାରିତରୂପେ ।
Diffusive, *a.* ବ୍ୟାପକଗୁଣ ବିଶିଷ୍ଟ ।
Dig, *v.* ଖୋଳିବାର, ମାଟିଖୋଳିବାର, ଗର୍ତ୍ତ-କ
Digest, *s.* ସଙ୍କଳନ-ଗ୍ରନ୍ଥ, ସୂତ୍ର ବା ବ୍ୟବସ୍ଥା
ସଂଗ୍ରହ ।
Digest, *v.* ପାକ ବା ଜୀର୍ଣ୍ଣ-କ ବା-ହ, ସଙ୍କ
ଳନ-କ । [ବଳ।
Digestion, *s.* ପାକ, ଜୀର୍ଣ୍ଣ, ଜାରଣ; ...
Digit, *s.* ଏକରୁ ନଅ ପର୍ଯ୍ୟନ୍ତ ଅଙ୍କ; ଅଙ୍ଗୁଳି
ଚତୁର୍ଥାଂଶ ।
Digitated, *a.* ଅଙ୍ଗୁଳିର ପ୍ରାୟେ ଶାଖାଯୁକ୍ତ।
Dignify, *v.* ଉଚ୍ଚପଦସ୍ଥ- ମର୍ଯ୍ୟାଦାବିଶିଷ୍ଟ-କ
ଭୂଷିତ-କ । [ଶ୍ରେଷ୍ଠତା।
Dignitary, *s.* ଉଚ୍ଚପଦବ୍ୟକ୍ତି, ଉଚ୍ଚପଦସ୍ଥ
Dignity, *s.* ଗୌରବ, ସମ୍ଭ୍ରମ, ଉଚ୍ଚତା,
ମହିମା । [କଥା।
Digression, *s.* କଥାର ମଧ୍ୟରେ କଥା, ...
Digress, *v.* ବହିର୍ଗମନ, ବାଟଛାଡ଼ିବାର, ...
ବାକ୍ୟ କହିବାର ।
Dike, *s.* ଗାଡ଼, ନାଳ, ଜଳପଥ; ବନ୍ଧ ।
Dilapidation, *s.* କ୍ଷୟ, ନାଶ, ଭଙ୍ଗୁର
ଭଗ୍ନ-ହ ।
Dilate, *v.* ବିସ୍ତାର-କ, ପ୍ରଶସ୍ତ ବା ପ୍ରସାରିତ-କ।
Dilatory, *a.* ଅଳସୁଆ, ଧୀର, ଅସତ୍ୱର।
Dilemma, *s.* ସନ୍ଦେହ, ଦ୍ୱିଧା, କଷ୍ଟକର
ଭାବ, ଜଞ୍ଜାଳ । [ଚିନ୍ତା।
Diligence, *s.* ମନୋଯୋଗ, ପରିଶ୍ରମ, ...
Diligent, *a.* ଶ୍ରମୀ, ଉଦ୍ଯୋଗୀ, ପ୍ରଯତ୍ନ
ତତ୍ପର ।
Dilute, *v.* ପାତଳା-କ, ତରଳ ବା ପାଣିମିଶା-କ

Dim, *a.* ହୀନଦୃଷ୍ଟି, ଅନ୍ଧାରି, ଅସ୍ପଷ୍ଟ, ଛାଇ-ଛାଇଆ ।
Dimension, *s.* ପରିମାଣ, ମାପ, ପରିସର ।
Diminish, *v.* ହ୍ରାସ- ନ୍ୟୂନ- ଊଣା ବା କମ-କ
Diminution, *s.* ହ୍ରାସ, ଅଳ୍ପତା, ନ୍ୟୂନତା ।
Diminutive, *a.* କ୍ଷୁଦ୍ର, ସାନ, ଛୋଟ ।
Dimity, *s.* ଦମଟିବସ୍ତ୍ର, ଲୁଗାବିଶେଷ ।
Dimple, *s.* ଚିବୁକ ବା ଗାଲର ଟୋଲ ।
Din, *s.* ଧ୍ୱନି, ନାଦ, ଗୋଳଶବ୍ଦ, କୋଳାହଳ ।
Dine, *v.* ପ୍ରଧାନଭୋଜନ-କ; Dinner, *s.* ପ୍ରଧାନ ଭୋଜନ ।
Dingy, *a.* ମଳିନ, ମାଟିଆରଙ୍ଗ, କଳାବର୍ଣ୍ଣ ।
Dint, *s.* ଅଘାତ, ଚୋଟ, ବଳ; ଯୋଗ ।
Diocesan, *s.* ପ୍ରଧାନଧର୍ମାଧ୍ୟକ୍ଷ ।
Diocese, *s.* ଧର୍ମାଧ୍ୟକ୍ଷର ଅଧିକାର ।
Dip, *v.* ବୁଡ଼-ଦ, ବୁଡ଼ାଇବାର, ମଗ୍ନ-କ ।
Dipthong, *s.* ସ୍ୱରସନ୍ଧି, ଦ୍ୱିସ୍ୱର, ଯୁକ୍ତସ୍ୱର ।
Diploma, *s.* ଯୋଗ୍ୟତାର ପ୍ରମାଣପତ୍ର, ସନନ୍ଦ
Diplomacy, *s.* ରାଜପ୍ରତିନିଧି କର୍ମ, ରାଜସମ୍ବନ୍ଧୀୟ କାର୍ଯ୍ୟ । [ଘୋର ।
Dire, Direful, *a.* ଦାରୁଣ, ଭୟାନକ,
Direct, *a.* ସରଳ, ସିଧା, ସଳଖ, ସ୍ପଷ୍ଟ ।
Direct, *v.* ବତାଇ-ଦ, ଲକ୍ଷ୍ୟ- ଆଜ୍ଞା-କ, ପଥ ଦେଖାଇବାର, ଶିକ୍ଷା-ଦ । [ନିୟମ ।
Direction, *s.* ଶିକ୍ଷା, ଲକ୍ଷ୍ୟ, ଶିରୋନାମା,
Directly, *ad.* ଏଖଣେ, ଏବେ, ସଳଖରୂପେ
Director, *s.* ଆଜ୍ଞାକର୍ତ୍ତା, ଅଧ୍ୟକ୍ଷ, ସମ୍ପାଦକ ।
Directory, *s.* ଧାଡ଼ି ବା ପଙ୍କ୍ତିବିଶେଷ ।
Dirge, *s.* ଶୋକୋକ୍ତିଗାୟନ, ମୃତସ୍ମରଣଗୀତ
Dirk, *s.* କ୍ଷୁଦ୍ର ତରବାରି, ଦୁଇଧାର, ଛୋରା ।
Dirt, *s.* କାଦୁଅ, ମଳ, କର୍ଦ୍ଦମ, ପଙ୍କ ।
Dirty, *a.* ଅପରିଷ୍କାର, ମଳିନ, ମଇଳା ।
Dis-, ଭିନ୍ନ ବା ବିପରୀତବୋଧକ ଶବ୍ଦ ।

Disability, *s.* ଅକ୍ଷମତା, ଅସାମର୍ଥ୍ୟ, ବଳହୀନ ।
Disable, *v.* ଅପାରକ, ନିର୍ବଳ, ଅଶକ୍ତ-କ ।
Disabuse, *v.* ଭ୍ରମରୁ ମୁକ୍ତ- ଭୁଲଶୁଦ୍ଧ-କ ।
Disadvantage, *s.* ଅପକାର, ବ୍ୟାଘାତ, କ୍ଷତି, ହାନି । [କୌଶଳ ।
Disaffection, *v.* ଅସନ୍ତୋଷ, ବୈରକ୍ତି, ଅ-
Disagree, *v.* ବିବାଦ-କ, ଅନୈକ୍ୟ-ହ, ବିପରୀତ- ଭିନ୍ନରୂପ-ହ ।
Disagreeable, *a.* ଅସନ୍ତୋଷକ, କୁତ୍ସିତ, ଅପ୍ରୀତିକର । [ସ୍ଥିତ-ହ ।
Disallow, *v.* ଅସ୍ୱୀକାର- ନିଷେଧ-କ, ଅସ-
Disannul, *v.* ଅନ୍ୟଥା- ବ୍ୟର୍ଥ- ଲୋପ- ରଦ-କ
Disappear, *v.* ଅନ୍ତର୍ଦ୍ଧାନ, ଅନ୍ତର୍ଗତ, ଅନ୍ତର, ଅଦୃଶ୍ୟ-ହ । [ନିପାତ-କ ।
Disappoint, *v.* ଆଶାଭଙ୍ଗିବାର, ବଞ୍ଚିତ ଅବା
Disapprobation, *s.* ଅସମ୍ମତ, ଅସ୍ୱୀକାର, ଅସନ୍ତୋଷ, ନାପସନ୍ଦ ।
Disapprove, *v.* ଅସମ୍ମତ, ଅସନ୍ତୁଷ୍ଟ-ହ, ଘୃଣା-କ । [ହରଣ-କ ।
Disarm, *v.* ନିରସ୍ତ୍ର- ଅସ୍ତ୍ରରହିତ- ଯୁଦ୍ଧାସ୍ତ୍ର
Disarrange, *v.* ବିପରୀତ- ବ୍ୟତିକ୍ରମ-କ ।
Disaster, *s.* ବିପଦ, ଆପଦ, ଦୁଃଖଦଶା, ଦୁର୍ଘଟଣା ।
Disastrous, *a.* ଅମଙ୍ଗଳ, ଅନିଷ୍ଟ, ଅଶୁଭ ।
Disavow, *v.* ଅସ୍ୱୀକାର- ନାସ୍ତି- ଅପଲାପ-କ ।
Disavowal, *s.* ଅସ୍ୱୀକାର, ଅସମ୍ମତ, ଅପଲାପ । [ଲ-ଦ ।
Disband, *v.* ସୈନ୍ୟଦଳ ଭାଙ୍ଗିବାର, ଛଡ଼ା-
Disbelief, *s.* ଅପ୍ରତ୍ୟୟ, ଅବିଶ୍ୱାସ, ଅନାସ୍ଥା ।
Disbelieve, *v.* ଅପ୍ରତ୍ୟୟ- ଅଶ୍ରଦ୍ଧା- ଅବିଶ୍ୱାସ-କ ।
Disburden, *v.* ଭାରରୁ ମୁକ୍ତ- ନିର୍ଭର-କ ।

**Disburse**, *v.* ଅର୍ଥବ୍ୟୟ- ଟଙ୍କାଖରଚ-କ।
**Disbursement**, *s.* ଅର୍ଥବ୍ୟୟ, ଟଙ୍କାଖରଚ।
**Discard**, *v.* କର୍ମଚ୍ୟୁତ-କ, ଛୁଟୀ ବା ଘଉ- ଦେବାର, ପରିତ୍ୟାଗ-କ।
**Discern**, *v.* ଦେଖିବାର, ଚିହ୍ନିବାର, ବୁଝିବାର
**Discerning**, *a.* ବିଜ୍ଞ, ସୁବୁଦ୍ଧି, ଦୂରଦର୍ଶୀ, ବିବେକୀ। [ପ୍ରାଜ୍ଞ।
**Discernment**, *s.* ବୁଦ୍ଧି ବିବେଚନା, ଜ୍ଞାନ,
**Discharge**, *v.* କର୍ମଚ୍ୟୁତ- ବିଦାୟ- ମୁକ୍ତି- ପରିଶୋଧ-କ।
**Discharge**, *s.* କର୍ମଚ୍ୟୁତ, ବିଦାୟ, ମୋ- ଚନ, ପରିଶୋଧ। [ଚେଲ।
**Disciple**, *s.* ଶିଷ୍ୟ, ଅନୁଗ, ଛାତ୍ର, ସେବକ,
**Disciplinarian**, *s.* କଠିନଶାସନକର୍ତ୍ତା, ଦୃଢ଼ ଶାସ୍ତା। [ଦଣ୍ଡ।
**Discipline**, *s.* ଶାସନ ଆଦି ଶିକ୍ଷା, ଶାସ୍ତି,
**Disclaim**, *v.* ଅସ୍ୱୀକାର- ପରିତ୍ୟାଗ- ଅନ- ଙ୍ଗୀକାର-କ।
**Disclose**, *v.* ବ୍ୟକ୍ତ- ପ୍ରକାଶ- ପ୍ରଚାର-କ।
**Dislosure**, *s.* ଗୁପ୍ତବିଷୟ ପ୍ରକାଶ, ପ୍ରଚାର-କ।
**Discolour**, *v.* ବିବର୍ଣ୍ଣ-ମଳିନ- ବିରଙ୍ଗ-କ।
**Discomfit**, *v.* ପରାଜୟ- ପରାସ୍ତ-କ, ଭଗା- ବାର। [ଜୟ।
**Discomfiture**, *s.* ହାର, ପରାଭବ, ପରା-
**Discomfort**, *s.* ଅସୁଖ, ଖେଦ, ବେଦନା, ଉତ୍କଣ୍ଠା।
**Discompose**, *v.* ଅସ୍ଥିର- ବ୍ୟସ୍ତ- ବିକ୍ଳ-କ।
**Discomposure**, *s.* ଅସ୍ଥିରତା, ବୈଲକ୍ଷଣ୍ୟ; ଉଦ୍‌ବେଗ, ଶାବସ୍ତ-ଦୂ। [ବ।
**Disconcert**, *v.* ଅପ୍ରସ୍ତୁତ-କ, ବିଷଣ୍ଣ ବା ବ୍ୟସ୍ତ-
**Disconnect**, *v.* ଛିନ୍ନ- ଅସଂଲଗ୍ନ- ପୃଥକ୍-କ।
**Disconsolate**, *a.* ବିଷଣ୍ଣ, ଖେଦିତ, ଉଦାସ, ନିରାଶ।

**Discontent**, *s.* ଅସନ୍ତୋଷ, ଅତୃପ୍ତି, ଉ- ଦ୍ବେଗ, ଅତୃପ୍ତି।
**Discontinue**, *v.* ନିବୃତ୍ତ- କ୍ଷାନ୍ତ- ବନ୍ଦ-କ।
**Discord**, *s.* ଅନୈକ୍ୟ, ଅମେଳ, ବିବାଦ, ବି- ରୋଧ। [ଲିତ, ବେସୁର।
**Discordant**, *a.* ଅସଙ୍ଗତ, ଅଯୋଗ୍ୟ, ଅଛି
**Discount**, *s.* ଟଙ୍କାର ବଟା, ବ୍ୟାଜ, ଛୋଟ।
**Discountenance**, *v.* ଅନାଦର- ଉତ୍ସାହ- ଭଙ୍ଗ-କ। [ବାର, ପ୍ରତିବନ୍ଧ।
**Discourage**, *v.* ନିରାଶ-କ, ଉଦ୍ୟମଭଙ୍ଗ-
**Discourse**, *s.* ଆଳାପ, କଥାବାର୍ତ୍ତା, ଉ- ପଦେଶ, ପ୍ରବନ୍ଧ। [ଶାନ୍ତ।
**Discourteous**, *a.* ଅଶିଷ୍ଟ, ଅସଭ୍ୟ, ଦୁ-
**Discover**, *v.* ବ୍ୟକ୍ତ- ପ୍ରକାଶ-କ, ସନ୍ଧାନପାଇ- ବାର, ଗୋଚର-କ। [ବିର୍ଦ୍ଧ।
**Discovery**, *s.* ଗୁପ୍ତବିଷୟର ପ୍ରକାଶ, ସନ୍ଧାନ,
**Discredit**, *s.* ଅପମାନ, ଅବିଶ୍ୱାସ, ଅଶ୍ରଦ୍ଧା, ଅନାଦର।
**Discreditable**, *a.* ଲଜ୍ଜାଜନକ, ଅମାନ୍ୟ।
**Discreet**, *a.* ପରିଣାମଦର୍ଶୀ, ପ୍ରାଜ୍ଞ, ଧୀର, ସା- ବଧାନ, ବିବେକୀ। [ପ୍ରବୋ।
**Discreetly**, *ad.* ବିବେଚନାପୂର୍ବକ, ସତର୍କ
**Discrepancy**, *s.* ବିରୁଦ୍ଧତା, ବୈଲକ୍ଷଣ୍ୟ, ବ୍ୟତିକ୍ରମ, ପ୍ରଭେଦ।
**Discretion**, *s.* ବିବେଚନା, ସୁବୁଦ୍ଧି, ବିବେ- ସତର୍କତା, ସଚେଷ୍ଟା।
**Discretionary**, *a.* ସ୍ୱେଚ୍ଛାଧୀନ, ଅବାଧ୍ୟ।
**Discriminate**, *v.* ଭେଦାଭେଦ-କ, ଚିହ୍ନି- ବାର, ପୃଥକ୍- ବିବେଚନା-କ।
**Discrimination**, *s.* ପ୍ରଭେଦ, ବିବେଚନା।
**Discursive**, *a.* ଇତସ୍ତତଃ, ଭ୍ରମଣଶୀଳ, ଚ- ଞ୍ଚଳ, ଅସ୍ଥିର।
**Discus**, *s.* ଚକ୍ର, ଲେଖଣାର୍ଥେ ଲୌହଚକ୍ର।

Discuss, *v.* ବିଚାର- ବିତର୍କ ବା ବିଭଣ୍ଡା-କ ।

Disdain, *s.* ହେୟଜ୍ଞାନ, ଅନାଦର, ଘୃଣା ।

Disease, *s.* ରୋଗ, ପୀଡା, ବ୍ୟାଧି, ବ୍ୟା-
ମୋହ ।                    [ଉତ୍ତରିବାର ।

Disembark, *v.* ନୌକାରୁ ଓହ୍ଲାଇବାର ବା

Disembodied, *a.* ଦେହହୀନ, ବିମୁକ୍ତଦେହ,
ଅଶରୀର ।                    [ହ ।

Disembogue, *v.* ସମୁଦ୍ରରେ ନଦୀ ପ୍ରବେଶ-

Disembowel, *v.* ଅନ୍ତ୍ର ବାହାର ବା ନି-
ର୍ଗତ-କ ।

Disencumber, *v.* ଭାରରୁ ମୁକ୍ତ- ଉଦ୍ଧାର-କ

Disengage, *v.* ଛାଡିବାର, ବନ୍ଧନଖୋଲି-
ବାର, ମୁକ୍ତ-କ ।

Disentangle, *v.* ବନ୍ଧନରୁ ମୁକ୍ତ-କ ।

Disesteem, *s.* ଅବଜ୍ଞା, ଅନାଦର, ପରିହାର ।

Disfavor, *s.* ଅପ୍ରସନ୍ନତା, ନିଗ୍ରହ ।    [କ ।

Disfigure, *v.* ବିମୂର୍ତ୍ତି- ବିରୂପ- କୁରୂପକାର-

Disfranchise, *v.* ସାମାଜିକକ୍ଷମତା ଭ୍ରଷ୍ଟ-କ ।

Disgorge, *a.* ଉଦ୍ଗାର- ବମନ- ବାନ୍ତି-କ ।

Disgrace, *s.* ଅପମାନ, ଅନାଦର, ଅଖ୍ୟାତି,
କଳଙ୍କ ।

Disguise, *s.* ଛଦ୍ମବେଶ, କପଟବେଶ, ଭଙ୍ଗିମା ।

Disgust, *s.* ଅରୁଚି, ଘୃଣା, ବିରକ୍ତି, ମନବାଧ ।

Dish, *s.* ଭୋଜନପାତ୍ର, ବାସନ, ଥାଳ ।

Dishabille, *s.* ଘରେ ପିନ୍ଧିବାବସ୍ତ୍ର, ଏଲୁଥା-
ପରିଚ୍ଛଦ ।

Dishearten, *v.* ମନୋଭଗ୍ନ- ନିରାଶ-କ ।

Dishevel, *v.* କେଶମୁକ୍ତ-କ,ବାଳଫିଟାଇବାର

Dishonest, *a.* ଅସରଳ, ପ୍ରବଞ୍ଚକ, ଅବିଶ୍ୱସ୍ତ,
ଦୁଷ୍ଟ ।

Dishonesty, *s.* ପ୍ରବଞ୍ଚନା, ଖଳତା, ଅସର-
ଳତା ।

Dishonour, *s.* ଅପମାନ, ଅସମ୍ଭ୍ରମ, ତିରସ୍କାର

Dishonour, *v.* ଅପମାନ- ଅନାଦର- ଅମ-
ର୍ଯ୍ୟାଦା- ଘୃଣା-କ ।

Disinclination, *s.* ଅନିଚ୍ଛା, ବିମତ ।

Disingenuous, *a.* କୁଟିଳ, ଅସରଳ, ଖଳ,
ଚତୁର ।                    [କରିବାର ।

Disinherit, *v.* ପୈତୃକ ଧନରେ ଅନଧିକାର

Disinter, *v.* ଗୋର ବା କବରରୁ ବାହାର-କ

Disinterested, *a.* ନିର୍ଲୋଭ, ନିଃସ୍ୱାର୍ଥ, ଅ-
ପକ୍ଷପାତ ।

Disjoin, *v.* ବିଯୋଗ- ପୃଥକ- ବିଚ୍ଛେଦ-କ ।

Disjoint, *v.* ଅସନ୍ଧି-କ, ଗଣ୍ଠିଫିଟାଇବାର ।

Disjunction, *s.* ଅସନ୍ଧି, ପୃଥକ, ବିଚ୍ଛେଦ ।

Disjunctive, *a.* ବିଚ୍ଛେଦକ, ବିଭେଦକ ।

Disk, *s.* ସୂର୍ଯ୍ୟାଦିର ପରିବେଶ ବା ମଣ୍ଡଳ, ଚକ୍ର

Dislike, *s.* ଅରୁଚି, ଘୃଣା, ଅସମ୍ମତ ।

Dislocate, *v.* ଗଣ୍ଠି ଖସିବାର, ସ୍ଥାନାନ୍ତର-କ

Dislodge, *v.* ସ୍ଥାନାନ୍ତର- ବାହାର-କ,ତଡ-ଦ

Disloyal, *a.* ପ୍ରଭୁଭକ୍ତିବିହୀନ, ରାଜଶାସନରେ
ଅସମ୍ମତ ।            [ପ୍ରକର, ଖ୍ୟାନିଜନକ ।

Dismal, *a.* ଅନ୍ଧକାରମୟ, ଖେଦଜନକ, ଭ-

Dismantle, *v.* ବିବସ୍ତ୍ର- ଅସଜ୍ଜ- ବିନାଶ-କ ।

Dismast, *v.* ମାସ୍ତୁଲଭଗ୍ନ-କ, ବିମାସ୍ତୁଲ-କ ।

Dismay, *s.* ଭୟ, ଶଙ୍କା, ତ୍ରାସ, ନିରାଶ,
ଉଦ୍ବେଗ ।                    [ଛେଦନ-କ ।

Dismember, *v.* ଅଙ୍ଗଚ୍ଛେଦନ-କ, ଅବୟବ-

Dismiss, *v.* ବିଦାୟ-କ, ଛୁଟୀ ଦ ଛାଡ-ଦ,
ପଦଚ୍ୟୁତ-କ ।                    [ଦୂର-କ ।

Dismission, *s.* ବିଦାୟ, ଚ୍ୟୁତ, ଛାଡିବାର,

Dismount, *v.* ଅବରୋହଣ-କ, ଅଶ୍ୱାଦିରୁ
ଓହ୍ଲାଇବାର ।                    [ଅମାନ୍ୟ ।

Disobedience, *s.* ଆଜ୍ଞାଲଙ୍ଘନ, ଅବାଧ୍ୟତା,

Disobedient, *a.* ଆଜ୍ଞାଭଙ୍ଗକ, ଅବଶ, ଅ-
ନଧୀନ ।

Disobey, *v.* ଆଜ୍ଞାଲଙ୍ଘନ-କ, ଆଜ୍ଞା ଶୁଣିବାର ବା ନ ମାନିବାର ।

Disoblige, *v.* ଅସନ୍ତୁଷ୍ଟ- ବେଜାର- ଅପକାର କରିବାର । [ଅନନୁରୋଧୀ ।

Disobliging, *pa.* ଅନୁପକାରୀ, ଅସୁଶୀଳ,

Disorder, *s.* ଗୋଳମାଳ, ଲଣ୍ଡଭଣ୍ଡ; ରୋଗ

Disown, *v.* ଅସ୍ୱୀକାର- ତ୍ୟାଗ- ଅପହ୍ନବ-କ ।

Disparage, *v.* ତୁଳନାଦ୍ୱାରା ହତାଦର-କ, ତୁଚ୍ଛ- ଅବଜ୍ଞା-କ । [ତିରସ୍କାର, ହେୟଜ୍ଞାନ ।

Disparagement, *s.* ନିନ୍ଦା, ଅପମାନ, ତ-

Disparity, *s.* ଅସମାନତା, ଅତୁଲ୍ୟତା, ପ୍ରଭେଦ, ତାରତମ୍ୟ । [ପକ୍ଷପାତ ।

Dispassionate, *a.* ଧୀର, ସ୍ଥିରମନାଃ, ଶାନ୍ତ,

Dispatch, *s.* ତ୍ୱରା, ଶୀଘ୍ର ପ୍ରେରିତପତ୍ର ।

Dispatch, *v.* ବେଗେ ପଠାଇବାର ବା ଶିଘ୍ର କରିବାର, ବଧ-କ । [ତଡ଼ାଇବାର ।

Dispel, *v.* ଦୂର-କ, ଖଣ୍ଡିବାର, ଘୁଞ୍ଚାଇବାର,

Dispensary, *s.* ଔଷଧାଳୟ, ଦବାଇଖାନା ।

Dispensation, *s.* ବଣ୍ଟନ, ମନୁଷ୍ୟର ପ୍ରତି ଈଶ୍ୱରଙ୍କର ବ୍ୟବହାର ।

Dispense, *v.* ବାଣ୍ଟିବାର, ବିତରଣ-କ ।

Dispeople, *v.* ଲୋକଶୂନ୍ୟ ବା ନିର୍ଜନ କରା ଉଚ୍ଛିନ୍ନ-କ ।

Disperse, *v.* ଛିନ୍ନଭିନ୍ନ-କ, ଛଡ଼ାଇବାର ।

Dispirit, *v.* ନିରାଶ- ହତାଶ- ସାହସହୀନ-କ

Displace, *v.* ସ୍ଥାନାନ୍ତର- ପଦଚ୍ୟୁତ- ଗୋଳମାଳ-କ । [ବିସ୍ତାର-କ ।

Display, *v.* ଦେଖାଇବାର, ପ୍ରକାଶ- ପ୍ରସାର-

Display, *s.* ଐଶ୍ୱର୍ଯ୍ୟ, ଆଡ଼ମ୍ବର, ଦର୍ଶନ ।

Displease, *v.* ଅସନ୍ତୁଷ୍ଟ- ବିରକ୍ତ- କ୍ରୁଦ୍ଧ-କ ।

Displeasure, *s.* ଅସନ୍ତୋଷ, କ୍ରୋଧ, ବିରକ୍ତି ।

Disport, *s.* କ୍ରୀଡ଼ା, କୌତୁକ, ଖେଳା ।

Disposal, *s.* ଅଧୀନ, ଅଧିକାର, ବିନ୍ୟାସ ।

Disposed, *a.* ମନ-କ, ମନୋନୀତ, ଇଚ୍ଛୁକ-ହ ।

Dispose, *v.* ବନ୍ଦୋବସ୍ତ- ଦାନ-କ; set in order, ସଜାଡ଼ିବାର, incline; ମନ [illegible]-କ; to finish, ସମାପ୍ତି- ସାଙ୍ଗ-କ ।

Disposer, *s.* ବିତରଣକର୍ତ୍ତା, ଦାତା, ଶାସନକର୍ତ୍ତା ।

Disposition, *s.* ସ୍ୱଭାବ, ମନ, ଗୁଣ, ଅଭିମିଜାଜ । [ବିଭବ

Dispossess, *v.* ଅଧିକାର ଚ୍ୟୁତ-କ, ବେଦଖଲ

Disproportion, *s.* ଅସମାନତା, ଅସଙ୍ଗତି ଅତୁଲ୍ୟତା । [ପ୍ରମାଣ-କ ।

Disprove, *v.* ଖଣ୍ଡାଇବାର, ଅସାବ୍ୟସ୍ତ-କ

Disputable, *a.* ବିତଣ୍ଡାଯୋଗ୍ୟ, ସନ୍ଦେହ ବିତଣ୍ଡାସାଧ୍ୟ ।

Dispute, *s.* ବିବାଦ, କଳହ, ଝଗଡ଼ା, ତର୍କ ।

Disqualify, *v.* ଅଯୋଗ୍ୟ- ଅପାରଗ- ଅକ୍ଷମ- ଅନୁପଯୁକ୍ତ-କ । [ବ୍ୟସ୍ତ-କ ।

Disquiet, *v.* ଅସ୍ଥିର- ଉଦ୍ବିଗ୍ନ- ବ୍ୟସ୍ତ କ

Disquietude, *s.* ଅସ୍ଥିରତା, ଉଦ୍ବେଗ, ଚଞ୍ଚଳ, ବିଷାଦ ।

Disquisition, *s.* ବ୍ୟାଖ୍ୟା, ବିବରଣ, ପ୍ରସଙ୍ଗ ବର୍ଣ୍ଣ । [ଅନାଦର ।

Disregard, *s.* ଅବଜ୍ଞା, ଅବହେଳା, ଅଶ୍ରଦ୍ଧା,

Disrelish, *s.* ଅରୁଚି, ବିସ୍ୱାଦ, ଘୃଣା, ଅନିଚ୍ଛା,

Disreputable, *a.* ଅପମାନଜନକ, [illegible] ଲଜ୍ଜାକର, ଅପ୍ରଶଂସନୀୟ । [ଅପଯଶ ।

Disrepute, *s.* ଅପବାଦ, ଅପମାନ, ଅପକୀର୍ତ୍ତି,

Disrespect, *s.* ହେଳା, ଅନାଦର, ଅଶ୍ରଦ୍ଧା, ଅପମାନ ।

Disrespectful, *a.* ଅନାଦରକାରୀ, ଅଭକ୍ତ, ଅଶିଷ୍ଟ ।

Disrobe, *v.* ବିବସ୍ତ୍ର ବା ଅନାବୃତ-କ, ପରିଚ୍ଛଦ-
ତ୍ୟାଗ-କ । [ବାର ।
Disruption, *s.* ବିଚ୍ଛେଦ, ଭାଙ୍ଗିବାର, ଫାଟି-
Dissatisfaction, *s.* ଅସନ୍ତୋଷ, ଅପରି-
ତୋଷ, ବିରସ, ଅତୃପ୍ତି ।
Dissect, *v.* ଶବର ବ୍ୟବଚ୍ଛେଦ- ଖଣ୍ଡ-କ ।
Dissemble, *v.* କପଟ- ଛଳ- ଗୋପନ-କ ।
Disseminate, *v.* ବ୍ୟାପ୍ତ- ବପନ- ବିସ୍ତାର-କ
Dissension, *s.* ଅନୈକ୍ୟ, ବିରୋଧ, ଅମେଳ,
ଛିଦ୍ରବାଦ । [ମ୍ମତ-ହ ।
Dissent, *v.* ବିବେଚନାରେ ଅନୈକ୍ୟ- ଅସ-
Dissertation, *s.* ଉପଦେଶ, ବିବରଣ, ପ୍ରବନ୍ଧ
Disservice, *s.* ଅପକାର, ହିଂସା, ଅନିଷ୍ଟତା ।
Dissever, *v.* ଦ୍ୱିଖଣ୍ଡ- ଦ୍ୱିଭାଗ ଅବା ବିଯୋଗ
କରିବାର । [ଭିନ୍ନ ।
Dissimilar, *a.* ଅସଦୃଶ, ଅତୁଲ୍ୟ, ଅସମାନ,
Dissimilarity, *s.* ବିଶେଷ, ଅସାଦୃଶ୍ୟ, ପ୍ର-
ଭେଦ, ଅତୁଲ୍ୟତା, ଅସାମ୍ୟ । [ପ୍ରତାରଣା ।
Dissimulation, *s.* କପଟବେଶ, କାପଟ୍ୟ,
Dissipate, *v.* ଉଡ଼ାଇବାର, ତଡ଼ାଇବାର,
ଅପବ୍ୟୟ ବା ଅପଚୟ-କ । [ଷ୍ଟାଚାର ।
Dissipation, *s.* ଅପବ୍ୟୟ, ଧନକ୍ଷେପ, ଦୁ-
Dissolve, *v.* ଗଳିଯିବାର, ଦ୍ରବ-ହ; an
assembly, ସଭା ଭାଙ୍ଗିବାର ବା ବିଦାୟ-କ
Dissolvent, *a.* ଗଳନଶୀଳ, ଦ୍ରବକାରୀ, ଦ୍ରା-
ବକ । [ଭ୍ରଷ୍ଟାଚାରୀ ।
Dissolute, *a.* ଲମ୍ପଟ, ସ୍ୱେଚ୍ଛ, ଖେଚଡ଼ା,
Dissolution, *s.* ମରଣ, ଦ୍ରବକରଣ, ନାଶ,
ଗଳନ, ସଭାଭଙ୍ଗ ।
Dissonance, *s.* ସ୍ୱରର ଅମିଳନ, ଅନୈକ୍ୟ ।
Dissonant, *a.* ଅମେଳ, କୁଶ୍ରାବ୍ୟ, କୁସ୍ୱର,
କର୍କଶ । [ଦ୍ୱାରା ନିବୃତ୍ତ କରାଇବାର ।
Dissuade, *v.* ନିଷେଧପରାମର୍ଶ-ଦ, କଥା
Dissuasive, *a.* ନିବୃତ୍ତକାରୀ, ନିବର୍ତ୍ତକ, ଶାନ୍ତି-
ଜନକ ।
Dissyllable, *s.* ଦ୍ୱିସ୍ୱରଶବ୍ଦ, ଦ୍ୱ୍ୟକ୍ଷରପଦ ।
Distaff, *s.* ଦଉଡ଼ ଅରଟର ଡାଲୁଡ, ପାଁଇଜ ।
Distance, *s.* ଦୂର, ଅନ୍ତର, ତଫାତ୍, ଅଣା-
ଲାପ । [ନାଳାପୀ ।
Distant, *a.* ଦୂର, ଦୂରସ୍ଥ, ଅନେକକାଳର ଅ-
Distaste, *s.* ଅରୁଚି, ବିତୃଷ୍ଣା, ଘୃଣା, ଅନିଚ୍ଛା ।
Distemper, *s.* ରୋଗ, ପୀଡ଼ା, ଅସ୍ୱାସ୍ଥ୍ୟ, ଅ-
ମସ୍ ।
Distend, *v.* ବିସ୍ତୀର୍ଣ୍ଣ- ବିସ୍ତାର-କ, ଫୁଲାଇବାର ।
Distich, *s.* ଦ୍ୱିଚରଣ ଶ୍ଲୋକ, ଦୋହା ।
Distil, *v.* କ୍ଷରିବାର, ଚୁଆଇବାର, ଟୋପା-
ଟୋପାକରି ପଡ଼ିବାର । [ଗାର ।
Distillery, *s.* ମଦ୍ୟରଭାଟୀ, ମଦ୍ୟକ୍ଷରଣା-
Distinct, *a.* ଭିନ୍ନ, ପୃଥକ, ସ୍ପଷ୍ଟ, ପ୍ରତ୍ୟକ୍ଷ,
ଅନ୍ୟ ।
Distinction, *s.* ପ୍ରଭେଦ, ବିଶେଷ, ବିଭିନ୍ନ;
honour, ମର୍ଯ୍ୟାଦା, ସମ୍ଭ୍ରମ । [ବୋଧକ ।
Distinctive, *a.* ପ୍ରଭେଦସୂଚକ, ବିଶେଷ-
Distinctly, *ad.* ସ୍ପଷ୍ଟ ବା ବ୍ୟକ୍ତରୂପେ, ସବି-
ଶେଷେ । [ଇତରବିଶେଷବୋଧ-କ ।
Distinguish, *v.* ଭେଦାଭେଦଜାଣିବାର,
Distinguished, *a.* ମର୍ଯ୍ୟାଦାବନ୍ତ, ପ୍ରସିଦ୍ଧ,
ଅତ୍ୟୁତ୍ତମ, ସୁଖ୍ୟାତ । [ଅନ୍ୟଥା-କ ।
Distort, *v.* ବିକାର-କ, ଅର୍ଥଉଲ୍ଟାଇବାର,
Distract, *v.* ବିରକ୍ତ-କ, ବ୍ୟସ୍ତ ବା ଉନ୍ମତ୍ତ-କ ।
Distracted, *a.* କ୍ଷିପ୍ତ, ଉନ୍ମତ୍ତ, ପାଗଳ ।
Distrain, *v.* କ୍ରୋକ-କ, ଅଟକାଇବାର, ଧରି-
ବାର ।
Distraint, *s.* କ୍ରୋକକରଣ, ନିରୋଧ, ଅଟକ ।
Distress, *s.* ଦୁଃଖ, ଦୁର୍ଗତି, କ୍ଲେଶ, ସନ୍ତାପ,
କ୍ରୋକ ।

Distress, v. ଦୁଃଖ-ଦ, ପୀଡା- କ୍ଲେଶ-ଦ ।
Distressing, a. ଦୁଃଖ ବା କ୍ଲେଶଦାୟକ, ଦୁଃଖଉଦ୍ଦୀପକ ।                [ବାଣ୍ଟିବାର ।
Distribute, v. ବଣ୍ଟନ- ବିତରଣ- ଅଂଶ-କ,
District, s. ପ୍ରଦେଶ, ପଲ୍ଲୀ, ଜିଲ୍ଲା, ପର-ଗଣା ।
Distrust, s. ଅପ୍ରତ୍ୟୟ, ଅବିଶ୍ୱାସ, ସନ୍ଦେହ ।
Disturb, v. ବ୍ୟସ୍ତ- ବ୍ୟାକୁଳ- ଦଗ୍ଧ-କ ।
Disturbance, s. ଗଣ୍ଡଗୋଳ, କଳହ, ଗୋ-ଳମାଳ, ଦଙ୍ଗା ।                [ଅନୈକ୍ୟ ।
Disunion, s. ବିୟୋଗ, ବିଚ୍ଛେଦ, ପାର୍ଥକ୍ୟ,
Disunite, v. ପୃଥକ୍- ବିଭିନ୍ନ-କ ।
Disuse, s. ଅବ୍ୟବହାର, ନିବୃତ୍ତି ।
Ditch, s. ଗଡଖାଇ, ଖାତ, ଗଣ୍ଡା, ଗର୍ତ୍ତ ।
Ditto, ad. ସେହି, ତଥା, ଏମନ୍ତ, ସେପରି ।
Ditty, s. ସଂକ୍ଷେପଗୀତ ବା କବିତା, ଗାନ ।
Diuretic, a. ମୂତ୍ରୋତ୍ପାଦକ, ମୂତ୍ରବର୍ଦ୍ଧକ ।
Diurnal, a. ଦିବସିକ, ଦୈନିକ, ପ୍ରାତ୍ୟହିକ ।
Divan, s. ତୁରୁଷ୍କଦେଶୀୟ ରାଜସଭା ।
Divaricate, v. ଦ୍ୱିଭାଗ- ଦୁଇଅଂଶ-କ ।
Dive, v. ବୁଡ-ଦ, ଗୋତାମାରିବାର, ମଗ୍ନ-ହ
Diverge, v. ଏକସ୍ଥାନରୁ ବିସ୍ତାର-କ, ବିକୀର୍ଣ୍ଣ-ହ
Divers, a. ନାନା, ବିବିଧ, ଅନେକ, ବହୁ ।
Diverse, a. ଅତୁଲ୍ୟ, ବିଭିନ୍ନ, ଅନ୍ୟପ୍ରକାର, ବିସଦୃଶ ।                [ଉତ୍ସବ, ବ୍ୟତିକ୍ରମ ।
Diversion, s. କୌତୁକ, ଖେଳା, ଲୀଳା,
Diversity, s. ବିଭିନ୍ନତା, ନାନାବିଧ, ଅସାମ୍ୟ ।
Divert, v. ପଥାନ୍ତ୍ୟାଗକରାଇବାର, ଉତ୍ସବ-ଜନକ- ତୁଷ୍ଟ-କ ।
Diverting, a. କୌତୁକୀ, ରସିକ, ତୁଷ୍ଟିକର ।
Divest, v. ହରଣ- ବସ୍ତ୍ର ଅବା ଉଲଙ୍ଗ-କ ।
Divide, v. ବିଭକ୍ତ- ବିଭାଗ- ଅଂଶ-କ, ବାଣ୍ଟି-ବାର ।

Dividend, s. ଭାଗ, ଲଭ୍ୟାଂଶ, ବସ୍ତୁ, ଅବ-ହାର୍ଯ୍ୟ ।
Divination, s. ଭବିଷ୍ୟତ୍କଥନ, ଗଣକତା ।
Divine, v. ଭବିଷ୍ୟବାକ୍ୟ କହିବାର, ଗଣନା-କ ।
Divine, a. ଐଶ୍ୱରୀୟ, ସ୍ୱର୍ଗୀୟ; ଅଲୌକିକ ।
Divine, s. ଧର୍ମଶାସ୍ତ୍ରଜ୍ଞ, ଧର୍ମୋପଦେଶକ ।
Divinity, s. ଈଶ୍ୱରତ୍ୱ, ଐଶ୍ୱରିକବିଦ୍ୟା, ଦେ-ବତ୍ୱ ।
Divisible, a. ବିଭାଜ୍ୟ, ଛେଦ୍ୟ, ଅଂଶନୀୟ ।
Division, s. ଭାଗ, ବାଣ୍ଟ; ଅନୈକ୍ୟ, ବି-ଚ୍ଛେଦ ।
Divisor, s. ଅଙ୍କହାରକ, ହାରକଅଙ୍କ ।
Divorce, s. ସ୍ତ୍ରୀପୁରୁଷର ପୃଥକ-ହ, ବନ୍ଧନରୁ ମୁକ୍ତ; bill of, ତ୍ୟାଗପତ୍ର ।
Divulge, v. ବ୍ୟକ୍ତ- ପ୍ରକାଶ- ପ୍ରଚାର-କ ।
Dizzy, a. ଘୂର୍ଣ୍ଣିତ, ଭ୍ରମି, ମତିଭ୍ରମ, ଅଚେ-ତନ ।                [ସମାପ୍ତ
Do, v. କର, କରିବାର, ନିର୍ବାହ-କ; finish,
Docile, a. ଧୀର, ବଶ୍ୟ, ନମ୍ର, ସୁବୋଧ ।
Docility, s. ନମ୍ରତା, ବଶ୍ୟତା, ଶିକ୍ଷା, ଶି-କ୍ଷାଶୀଳତା ।                [ସ୍ଥାନ, ଦୋ
Dock, s. ଜାହାଜ ବନାଇବାର ବା ରଖିବାର
Dock, v. ଲାଙ୍ଗୁଳ କାଟିବାର; ବନ୍ଦରେ ନୌ ରଖିବାର ।
Dockyard, s. ଜାହାଜର ସରଞ୍ଜାମ ରଖିବା
Doctor, s. ଚିକିତ୍ସକ, ବୈଦ୍ୟ; ଶିକ୍ଷକ; ଧବଳା ।
Doctrine, s. ଶିକ୍ଷା, ଉପଦେଶ, ମତ ।
Document, s. କାଗଜପତ୍ର, ନିଦର୍ଶନ, ଅଦେଶଲିପି, ପ୍ରମାଣ ।                [ଦେଖାଇବାର
Dodge, v. ଛଳ- ପ୍ରତାରଣା-କ, ଲୁଚାଇ
Doe, s. ହରିଣୀ, ମୃଗୀ, ମୃଗଣୀ ।

Doer, *s.* କାରକ, କର୍ମକର୍ତ୍ତା, କରିବାଲୋକ ।
Doff, *v.* ବସ୍ତ୍ରତ୍ୟାଗ- ଗୌଣ-କ । [ହପିଣ୍ଡ ।
Dog, *s.* କୁକ୍କୁର, କୁକୁର, ଶ୍ୱା, କୁତ୍ତା; ଲୌ-
Dog, *v.* ପଛେ୨ ଯିବାର, ପଛେ୨ ଲାଗିବାର ।
Dogdays, *s.* ୨୮ ଶ୍ରାବଣ ଓ ୨୮ ଭାଦ୍ରପର୍ଯ୍ୟନ୍ତ କାଳ ।
Dogged, *a.* କ୍ରୋଧୀ, ରୁଷ୍ଟ, ହଠୀ ।
Doggerel, *s.* କୁତ୍ସିତଛନ୍ଦକବିତା, ସାମାନ୍ୟ ଶ୍ଳୋକ; *a.* ଅଧମ, ନୀଚ । [ନିମ୍ନ ।
Dogma, *s.* କୌଣସି ମତର ମୂଳକଥା, ମତର
Dogmatical, *a.* ସ୍ୱମତାଭିମାନୀ, ସ୍ୱଧର୍ମଗର୍ବୀ ।
Doings, *s.* ବ୍ୟାପାର, କ୍ରିୟା, କର୍ମ, କୃତ-କାର୍ଯ୍ୟ, ବିଷୟ ।
Dole, *v.* ବଣ୍ଟନ- ଅଳ୍ପଦାନ-କ, ଶୋକ-କ ।
Doleful, *a.* ଶୋକାନ୍ୱିତ, ବିଷାଦଜନକ, ବି-
Doll, *s.* ପିତୁଳା, ପୁତ୍ତଳିକା, ଦାରୁକ । [ଷଣ୍ଣ ।
Dollar, *s.* ରୂପା ମୁଦ୍ରା ପ୍ରାୟେ ଦୁଇ ଟଙ୍କାର ମୂଲ୍ୟରେ ।
Dolphin, *s.* ସାମୁଦ୍ରିକ ମତ୍ସ୍ୟବିଶେଷ ।
Dolt, *s.* ନିର୍ବୋଧ, ମୂର୍ଖ, ବୋକା ।
Domain, *s.* ଅଧିକାର, ରାଜତ୍ୱ, ଆଧିପତ୍ୟ ।
Dome, *s.* ଗୃହରଚୂଡା, ଗୁମ୍ବଜ । [ସେବକ ।
Domestic, *s.* ଘରର ଚାକର, ଭୃତ୍ୟ, ଦାସ,
Domestic, *a.* ଗୃହସମ୍ବନ୍ଧୀୟ, ଘରପ୍ରିୟ, ଗୃହ
Domesticate, *v.* ଘରପୋଷା- ହାତପୋ-
Domicile, *s.* ଘର, ଗୃହ, ବାସସ୍ଥାନ । [ଷା-କ
Dominant, *a.* ପ୍ରଭୁତ୍ୱବାନ୍, ପ୍ରଧାନ ।
Domination, *s.* ପରାକ୍ରମ, ପ୍ରଭୁତ୍ୱ; ଉପଦ୍ରବ
Domineer, *v.* ଦମ୍ଭରେ ଶାସନ- ଅତ୍ୟାଚାର କରି ପ୍ରଭୁତ୍ୱ-କ । [ରାଜ୍ୟ ।
Dominion, *s.* ରାଜତ୍ୱ, ଅଧିକାର, କ୍ଷମତା,
Donation, *s.* ଦାନ, ପ୍ରଦାନ, ଦାନ୍ତ, ପୁରସ୍କାର, କରଲଣ ।

Donjon, *s.* ଦୁର୍ଗ ମଧ୍ୟସ୍ଥ କାରାଗାର ।
Donor, *s.* ଦାତା, ଦାନକର୍ତ୍ତା, ଦେବାଲୋକ ।
Doom, *s.* ଦଣ୍ଡାଜ୍ଞା, ଦଣ୍ଡଦାଜ୍ଞା, ଶେଷବିଚାର, ସର୍ବନାଶ ।
Doomsday, *s.* ମହା ବିଚାରର ଦିନ ।
Door, *s.* ଦ୍ୱାର, ପ୍ରବେଶରପଥ, ଫାଟକ ।
Doorkeeper, *s.* ଦ୍ୱାରପାଳ, ଦ୍ୱାରୀ, ଦ୍ୱାର-ରକ୍ଷକ, ଦରୱାନ । [ଚେତନରହିତ ।
Dormant, *a.* ନିଦ୍ରିତ, ଅପ୍ରକାଶ, ଗୁପ୍ତ, ଅ-
Dormitory, *s.* ଶୟନଘର, ନିଦ୍ରାସ୍ଥାନ ।
Dose, *s.* ଔଷଧର ପାନ ବା ମାତ୍ରା, ଯେ ଔଷଧ ଏକାବେଳେ ଖାଏ ।
Dot, *s.* ବିନ୍ଦୁ, ଦାଗ, ଯଥା ( . ) ।
Dotage, *s.* ବୃଦ୍ଧାବସ୍ଥା, ହତବୁଦ୍ଧିତା ।
Dotard, *s.* ବୃଦ୍ଧାବସ୍ଥାର ହତବୁଦ୍ଧିବ୍ୟକ୍ତି ।
Dote, *v.* ଅପରିମିତପ୍ରେମ-କ, ମୋହିତ-ହ ।
Double, *a.* ଦୋହୋରା, ଦ୍ୱିଗୁଣ, ମୋଡା ।
Double, *v.* ଦ୍ୱିଗୁଣ-ଦୋହୋରା-ଦ୍ୱିମୋଡା-କ
Double-dealing, *s.* କପଟପଣ, ପ୍ରବଞ୍ଚନା ।
Doublet, *s.* ଅଙ୍ଗରଖାବିଶେଷ; ଦୁଇ, ଯୁଗ୍ମ ।
Doubt, *s.* ସନ୍ଦେହ, ସଂଶୟ, ଅପ୍ରତ୍ୟୟ, ଦ୍ୱିଧା, ଧୋକା ।
Doubtful, *a.* ସନ୍ଦିଗ୍ଧ, ଅନିଶ୍ଚିତ, ଅଧ୍ରୁବ, ଅସ୍ପଷ୍ଟ
Doubtless, *a.* ନିଃସନ୍ଦେହ, ଅବଶ୍ୟ ।
Douceur, *s.* ଘୁଷ, ଲାଞ୍ଚ, ପାରିତୋଷିକ, ମିଷ୍ଟ-କାରକ ।
Dough, *s.* ଚକଣାମଇଦା, ଗୋଳାଅଟା ।
Doughty, *a.* ବୀର, ବିକ୍ରମୀ, ସାହସୀ ।
Dove, *s.* କାପ୍ତା, କପୋତ, ଘୁଘୁ ।
Dowager, *s.* ରଜାର ବା କୁଳୀନର ବିଧବା ।
Dowdy, *s.* କୁରୂପା, କୁତ୍ସିତବେଶା, କୁତ୍ସି-ତାସ୍ତ୍ରୀ । [ଦେହିଁ, ସ୍ତ୍ରୀଧନ ।
Dower or Dowry, *s.* ଯୌତୁକ, ବିବାହ

**Down**, *pr.* ଖାଲେ, ଅଧଃ, ତଳେ; *s.* ନରମ-
ପକ୍ଷୀ ।
**Downcast**, *a.* ଅଧୋମୁଖ, ନମ୍ରବଦନ, ବିଷଣ୍ଣ,
**Downfall**, *s.* ଅଧଃପତନ, ଧ୍ୱଂସ, ବିନାଶ, ନିପାତ
**Downright**, *a.* ସ୍ପଷ୍ଟରୂପେ, ପ୍ରକୃତ, ଠିକ,
ନିତାନ୍ତ ।
**Downward**, *ad.* ଅଧୋଭାବେ, ନୀଚ, ତଳସ୍ଥ ।
**Downy**, *a.* ନରମପକ୍ଷୀମୟ, କୋମଳ ।
**Doxy**, *s.* ବେଶ୍ୟା, ବାରସ୍ତ୍ରୀ, ବାରବଧୂ । [ବୃ ।
**Doze**, *v.* ଝିମାଇବାର, ଘୁମାଇବାର, ଅବସନ୍ନ-
**Dozen**, *s.* ଦ୍ୱାଦଶ, ବାର, ଦ୍ୱାଦଶସଂଖ୍ୟା ।
**Drab**, *s.* ବାରସ୍ତ୍ରୀ, ବେଶ୍ୟା; *a.* ପିଙ୍ଗଳବର୍ଣ୍ଣ ।
**Draft**, *s.* ଟଙ୍କାରଚିଠି, ହୁଣ୍ଡୀ ।
**Drag**, *v.* ଆକର୍ଷଣ-କ, ଟାଣିବାର ।
**Draggle**, *v.* କାଦୁଅ ବା ପଙ୍କରେ ମୟଳା-କ ।
**Dragon**, *s.* ପକ୍ଷଯୁକ୍ତସର୍ପ, ନାଗ ।
**Dragon-fly**, *s.* ଝିଙ୍କାରପୋକ, ଝିଣ୍ଟୀ, ଝିଣ୍ଟିକ ।
**Dragoon**, *s.* ଅଶ୍ୱାରୂଢ ସୈନ୍ୟ ।
**Drain**, *s.* ନଳା, ନର୍ଦ୍ଦମା, ମହୁଲି, ପୟନଲା ।
**Drain**, *v.* ଶୁଖାଇବାର, ନଳାଦ୍ୱାରା ଜଳ ବା-
ହାର- ଶୁଷ୍କ-କ ।
**Drake**, *s.* ପାତହଂସ, ପୁଂହଂସ ।
**Dram**, *s.* ପରମାଣବିଶେଷ ।
**Drama**, *s.* ନାଟକକାବ୍ୟ; ଯାତ୍ରା, ସୁଅଙ୍ଗ ।
**Dramatist**, *s.* ନାଟକକର୍ତ୍ତା, କାବ୍ୟଶାସ୍ତ୍ରଜ୍ଞ ।
**Draper**, *s.* କାପଡ଼ୀଆ, ବସ୍ତ୍ରବିକ୍ରେତା ।
**Drapery**, *s.* ବସ୍ତ୍ରବ୍ୟବସାୟ; ବସ୍ତ୍ର, ପରିଚ୍ଛଦ ।
**Draught**, *s.* ଗାଡ଼ିଆଦି ଟାଣିବାର; ଅରେପା-
ଇବାର, ପାଣିରଢୋକେ; a plan, ନକ୍ସା ।
**Draughts**, *s.* ବଢ଼ସ୍ୱାକଖେଳାବିଶେଷ ।
**Draughtsman**, *s.* ଚିତ୍ରକାର, ଛପିକାରକ ।
**Draw**, *v.* ଆକର୍ଷଣ-କ, ଟାଣିବାର; ଛବି ବ
ନକ୍ସା ଲେଖିବାର ।

**Drawback**, *s.* ଫେରଦେବାମାସୁଲ; ଦୋଷ;
*v.* ପଛଆଡେ ହଟିବାର ।
**Drawbridge**, *s.* ଯେ କାଷ୍ଠମୟପୁଲ ଇଚ୍ଛା-
ପୂର୍ବକ ଉଠା ବା ପକାଯାଏ ।
**Drawer**, *s.* ଆଲମାରିର ଦ୍ରାଜ; ଆକର୍ଷକ,
**Drawers**, *s.* ପାଜାମା, ଇଜାର । [ଦାଗ
**Drawing**, *s.* ଚିତ୍ର, ଛବି, ପଟ, ନକ୍ସା ।
**Drawl**, *v* ଅସ୍ପଷ୍ଟରୂପେ ବା ଧୀରେ କ
**Dray**, *s.* ମଦ୍ୟବାହକ ଗାଡ଼ି । [ବହୁକାଳ
**Dread**, *s.* ଶଙ୍କା, ଆଶଙ୍କା, ତ୍ରାସ, ଭୟ, ଡ
**Dreadful**, *a.* ଭୟଙ୍କର, ଭୟାନକ, ଭୟ-
ଙ୍କିମ । [ବୃଥାବାକ୍ୟ
**Dream**, *s.* ସ୍ୱପ୍ନ, ନିଦ୍ରାକାଳର ଦର୍ଶନ, ବୃ:
**Dreary**, *a.* ଅରଣ୍ୟବତ୍, ତ୍ରାସଜନକ, ଦୁ
**Dredge**, *s.* ବସ୍ତୁଧରିବାର ଜାଲ; ମିଶ୍ରିତ
**Dregs**, *s.* କାଞ୍ଜି, ଗାଦ, ମଇଳା ।
**Drench**, *v.* ଭିଜାଇବାର, ତିନ୍ତାଇବାର,
କରିବାର । [ଔଷଧ
**Dress**, *s.* ପୋଷାକ, ଲୁଗା, ବେଶ,
**Dress**, *v.* ବସ୍ତ୍ରପରିଧାନ-କ, ଲୁଗାପିନ୍ଧିବାର
ସାଜ-କ, ପ୍ରସ୍ତୁତ-କ ।
**Driblet**, *s.* ଅଳ୍ପ, କିଞ୍ଚିତ୍, କ୍ଷୁଦ୍ରାଂଶ ।
**Drier**, *s.* ଶୁଷ୍କକାରକ, ଶୁଖାଇବାଲୋକ ।
**Drift**, *s.* ଅଭିପ୍ରାୟ, ସ୍ରୋତ, ତାତ୍ପର୍ଯ୍ୟ;
ଦ୍ୱାରା ସଞ୍ଚିତ ବସ୍ତୁ । [ଜଳ
**Drift**, *v.* ଠେଲ-ଦ, ବାୟୁ ବା ଜଳରେ
**Drill**, *s.* ସୈନ୍ୟରଶିକ୍ଷା, ଭୁରପଣ, ଗୋ
**Drink**, *v.* ପାନ- ତୃଷ୍ଣାନିବୃତ୍ତି-କ ।
**Drink**, *s.* ପାନୀୟଦ୍ରବ୍ୟ, ପାଣି ।
**Drip**, *v.* ଟୋପାଏ ଅବା ବିନ୍ଦୁଏ ପଡ଼ିବାର ।
**Dripping**, *s.* ଦଗ୍ଧ ମାଂସରସ ଯାହା
ହୋଇ କ୍ଷରଣ ହୁଏ । [ପ୍ରକାର
**Drive**, *v.* ଚଳାଇବାର, ହଙ୍କାଇବାର,

**Drivel**, *v.* ଲାଳ ବା ଛେପ ପଡ଼ିବାର ।
**Driveller**, *s.* ନିର୍ବୋଧ, ପାଗଳ ।
**Driver**, *s.* ସାରଥି, ଗାଡ଼ୋୟାନ, ଚାଳକ; Elephant-, ମାହୁନ୍ତ ।
**Drizzle**, *v.* ସୂକ୍ଷ୍ମ ବା ଅଳ୍ପ ବୃଷ୍ଟି-ହ ।
**Droll**, *a.* ତାମସିକ, ରସିକ, କୌତୁକୀ ।
**Drollery**, *s.* ବିଦ୍ରୂପ, ପରିହାସ, ଥଟ୍ଟା ।
**Dromedary**, *s.* ଓଟବିଶେଷ ।
**Drone**, *s.* ଅକର୍ମଣ୍ୟମଧୁମକ୍ଷିକା; ଅଳସୁଆ ।
**Droop**, *v.* ବିରସ-ହ, ମାନରେ ବା ଖେଦ ଇତ୍ୟାଦିରେ ଜଇଁ ପଡ଼ିବାର ।
**Drop**, *s.* ଟୋପା, ବିନ୍ଦୁ, ମୁକୁତା, କୁଣ୍ଡଳ ।
**Drop**, *v.* ବିନ୍ଦୁ ବା ଟୋପା ହୋଇ-ପଡ଼; ନିବୃତ୍ତ-ହ ।
**Dropsy**, *s.* ଜଳୋଦରରୋଗ, ଶୋଥବିଶେଷ
**Dross**, *s.* ଧାତୁରଖାଦ, ମଇଳା, କଳଙ୍କ, ଖାଦ
**Drought**, *s.* ଅନାବୃଷ୍ଟି; thirst, ତୃଷା ।
**Drove**, *s.* ପଶ୍ୱାଦିରପଲ, ଗୋଠ; a crowd, ଭିଡ଼ ।
**Drover**, *s.* ଉଗୁଆଳ, ପଶୁବ୍ୟବସାୟୀ, ପାଳକ
**Drown**, *v.* ଜଳରେ ବୁଡ଼ାଇମାରିବାର, ମଗ୍ନ-ହ ।
**Drowsiness**, *s.* ନିଦ୍ରାକର୍ଷଣ, ଆଳସ୍ୟ, ଢୁଳାଇ
**Drowsy**, *a.* ନିଦ୍ରାକ୍ରାନ୍ତ, ନିଦ୍ରାଳୁ, ନିଦ୍ରିତ ।
**Drub**, *v.* ଆଘାତ-କ, ପିଟିବାର, ମାରିବାର ।
**Drubbing**, *s.* ପ୍ରହାର, ଆଘାତ ।
**Drudge**, *v.* ନୀଚକର୍ମ- ଦାସତ୍ୱ-କ ।
**Drudgery**, *s.* ନୀଚକର୍ମ, ଦାସତ୍ୱ, ଗୋଲାମୀ
**Drug**, *s.* ଔଷଧରମସଲା; ମୂଲ୍ୟହୀନଦ୍ରବ୍ୟ ।
**Druggist**, *s.* ପସାରୀ, ଗନ୍ଧ ବା ପୋଟଳା-ବଣିଆ । [ରୋହିତ ।
**Druid**, *s.* ଇଙ୍ଗଲଣ୍ଡ ଦେଶର ପୂର୍ବମତର ପୁ-
**Drum**, *s.* ଢୋଲ, ଜୟଢାକ, ଡଙ୍କା; of ear, କାନରଦଳ ବା ଗାତ ।

**Drummer**, *s.* ଡମ୍ବୁରିଁ, ଯେଣ୍ଡୁରିଆ ।
**Drumstick**, *s.* ଢାକ ଅବା ଡମ୍ବୁରର କାଠି ।
**Drunk**, *a.* ମତ୍ତ, ମଦୁଆଲ, ମଦେବିହ୍ୱଳ, ବେହୋସ ।
**Drunkard**, *s.* ମଦ୍ୟପାୟୀ, ମଦୁଆଲ ।
**Drunkenness**, *s.* ମତ୍ତତା, ବିହ୍ୱଳତା ।
**Dry**, *a.* ଶୁଷ୍କ, ଶୁଖିଲା, ନୀରସ, ନିର୍ଜଳ, ଅନାବୃଷ୍ଟି, ତୃଷିତ ।
**Dual**, *a.* ଦ୍ୱିବଚନ, ଦ୍ୱିବଚନାନ୍ତ, ଦ୍ୱିସଂଖ୍ୟକ ।
**Dub**, *v.* ବିଶେଷ ଉପାଧି-ଦ ।
**Dubious**, *a.* ସନ୍ଦେହ ବା ସଂଶୟଯୁକ୍ତ, ଅସ୍ଥିର
**Ducal**, *a.* ଡ୍ୟୁକନାମକ କୁଳୀନପଦସମ୍ବନ୍ଧୀୟ ।
**Ducat**, *s.* ମୁଦ୍ରାବିଶେଷ ।
**Duchy**, *s.* ଡ୍ୟୁକର ଭୂମ୍ୟଧିକାର ।
**Duck**, *v.* ଜଳରେ ମଗ୍ନ-କ, ବୁଡ଼ାଇବାର, ଡୁବାଇବାର ।
**Duck**, *s.* ପାତହଂସ, ସାନହଂସ; ସ୍ନେହବାକ୍ୟ ।
**Duckling**, *s.* ପାତହଂସର ଶାବକ ବା ଛୁଆ ।
**Duct**, *s.* ପଥ, ପ୍ରଣାଳୀ, ନଳୀ ।
**Ductile**, *a.* ନମ୍ର, କୋମଳ, ବିସ୍ତାରଣୀୟ ।
**Ductility**, *s.* ନମନୀୟତା, ନମ୍ରତା, ବିସ୍ତାରଣିତା । [ଈର୍ଷ୍ୟା ।
**Dudgeon**, *s.* ସ୍ୱାନଖେଳ; ଅଭିମାନ, ଦ୍ୱେଷ,
**Due**, *a.* ପାଉଣା, ପ୍ରାପ୍ୟ, ଯୋଗ୍ୟ, ହକ, ଉପଯୁକ୍ତ ।
**Duel**, *s.* ଦୁଇ ଲୋକଙ୍କର ପରସ୍ପର ଯୁଦ୍ଧ ।
**Duellist**, *s.* ପରସ୍ପର ଯୁଦ୍ଧକାରୀ, ଦ୍ୱନ୍ଦ୍ୱ ଯୋଦ୍ଧା ।
**Duenna**, *s.* ଗୃହିଣୀ, ରକ୍ଷିକା, ପ୍ରାଚୀନକର୍ତ୍ତ୍ରୀ ।
**Dues**, *s.* ରାଜକର, ମାସୁଲ, ସମୁଚିତଫଳ ।
**Duet**, *s.* ଦୁଇଜଣ ମିଳି ଗାନ-କ ।
**Dug**, *s.* ପଶୁରସ୍ତନ ବା ପହା ।
**Duke**, *s.* କୁଳୀନର ଉପାଧିବିଶେଷ ।

**Dukedom**, *s.* ଉକ୍ତ କୁଲୀନର ଅଧିକାର ।
**Dulcet**, *a.* ସୁଶ୍ରାବ୍ୟ, ମିଷ୍ଟ, ମଧୁର, ସୁସ୍ୱର ।
**Dulcimer**, *s.* ବାଦ୍ୟଯନ୍ତ୍ରବିଶେଷ ।
**Dull**, *a.* ମୂର୍ଖ, ଅବୋଧ, ମୋଟାବୁଦ୍ଧି, ମୂଢ ।
**Duly**, *ad.* ଉପଯୁକ୍ତରୂପେ, ଯଥାଯୋଗ୍ୟ ।
**Dumb**, *a.* ମୂକ, ଅବାକ, ଘୁଙ୍ଗା, ମୌନ ।
**Dumpling**, *s.* ଗୋଲାକୃତି ସିଦ୍ଧପିଠାବିଶେଷ
**Dumps**, *s.* ବିଷାଦ, ଉତ୍କଣ୍ଠା, ଉଦ୍ବେଗ ।
**Dun**, *v.* ପୁନଃପୁନ ମାଗିବାର ।
**Dun**, *s.* ଧରଣାଦାୟକ, ଉତ୍ତେଜନାକାରକ ।
**Dun**, *a.* ପିଙ୍ଗଳବର୍ଣ୍ଣ, ତାମ୍ରବର୍ଣ୍ଣ ।
**Dunce**, *s.* ମୂର୍ଖ, ଦୁର୍ମେଧାଜ୍ଞ, ନିର୍ବୋଧ ।
**Dung**, *s.* ବିଷ୍ଠା, ଗଳ୍ପାକ, ମଇଳା; of *ammulsand birds*, ଲଣ୍ଡି; *of men*, ଗୁହ, ବିଷ୍ଠା; cows, ଗୋବର ।
**Dungeon**, *s.* କାରାଗାର, ପାତାଳଘର ।
**Dunghill**, *s.* ଖତାଦିର ଗଦା ବା ରାଶି ।
**Duodecimo**, *s.* ପ୍ରତି ଫର୍ଦ୍ଦରେ ୨୪ ପୃଷ୍ଠ ଛପା ଆତା । [ତ୍ୟଯୀ ।
**Dupe**, *s.* ପ୍ରତାରିତ ବା ବଞ୍ଚିତଲୋକ, କ୍ଷୀଣପ୍ର-
**Dupe**, *v.* ପ୍ରବଞ୍ଚନା-କ, ଠକାଇବାର ।
**Duplicate**, *s.* ଦ୍ୱିତୀୟଆଦର୍ଶ, ଦୋହୋରା, ପ୍ରତିଲିପି ।
**Duplicity**, *s.* ଦ୍ୱିରୂପତା, ପ୍ରବଞ୍ଚନା, ଖଳତା ।
**Durable**, *a.* ବହୁକାଳସ୍ଥାୟୀ, ଚିରସ୍ଥାୟୀ, ଟାଣ, ଶକ୍ତ ।
**Durance**, *s.* କାରାବଦ୍ଧାବସ୍ଥା, ଅଟକ, ସହିଷ୍ଣୁତା
**Duration**, *s.* ସ୍ଥାୟିତ୍ୱ, ସ୍ଥିତି; କାଳରପରିମାଣ
**During**, *pa.* ପର୍ଯ୍ୟନ୍ତେ, ଯାବତ୍, ଯାଏ, ସରିକ
**Dusk**, *s.* ଗୋଧୂଳିସମୟ, ସନ୍ଧ୍ୟାରପୂର୍ବକାଳ ।
**Dust**, *s.* ଧୂଳି, ରେଣୁ; ମୃତ୍ୟବସ୍ଥା ।
**Dust**, *v.* ଝାଡିବାର ବା ଧୂଳିପୋଛିବାର ।
**Duster**, *s.* ମାର୍ଜନୀ, ଗାମୁଛା, ଝାଡଣୀ ।
**Dutiful**, *a.* ଆଜ୍ଞାବହ, ଆଜ୍ଞାପାଳକ, ଆଜ୍ଞାଧୀନ
**Duty**, *s.* କର୍ତ୍ତବ୍ୟକର୍ମ, ଧର୍ମ, ଉଚିତବ୍ୟବହାର; tax, କର ।
**Dwarf**, *s.* ବାମନ, ବାଙ୍ଗରଲୋକ ।
**Dwarfish**, *a.* କ୍ଷୁଦ୍ର, ଖର୍ବ, ଖେଣ୍ଟ ।
**Dwell**, *v.* ବାସ- ବସତି- ନିବାସ-କ ।
**Dwelling**, *s.* ବାସସ୍ଥାନ, ଘର, ଗୃହ, ବସତି ।
**Dwindle**, *v.* ହ୍ରାସପାଇବାର, କ୍ଷୟ- ଦୁର୍ବଳ- [ହ ।
**Dye**, *v.* ରଙ୍ଗ-ଦ, ବର୍ଣ୍ଣ-କ ।
**Dynasty**, *s.* ରାଜବଂଶ, ରାଜକୁଳ, ସାମ୍ରାଜ୍ୟ
**Dysentry**, *s*, ଅତିସାର, ଗ୍ରହଣୀ, ଉଦର ପୀଡା ।
**Dyspepsia**, *s.* ମନ୍ଦାଗ୍ନି, ଅପାକ, ଅଜୀର୍ଣ୍ଣ ।

## E.

**Each**, *pr.* ପ୍ରତ୍ୟେକ, ଏକଏକ ।
**Eager**, *a.* ବ୍ୟଗ୍ର, ଉଗ୍ର, ସତ୍ୱର, ଉଦ୍ଯୋଗୀ ।
**Eagle**, *s.* ଉତ୍କ୍ରୋଶପକ୍ଷୀ, ପକ୍ଷୀବିଶେଷ ।
**Eaglet**, *s.* ଉତ୍କ୍ରୋଶପକ୍ଷି ଶାବକ ବା ଛୁଆ ।
**Ear**, *s.* କର୍ଣ୍ଣ, କାନ; ଶସ୍ୟରକେଣ୍ଡା, ଶିଷା ।
**Earl**, *s.* କୁଲୀନ ପଦବୀବିଶେଷ ।
**Earldom**, *s.* ଉକ୍ତ ପଦବୀର ପଦ ବା ଅଧିକାର
**Early**, *ad.* ସକାଳେ, ପ୍ରଭାତେ, ଶୀଘ୍ର, ପ୍ରାତଃକାଳେ ।
**Earn**, *v.* ଉପାର୍ଜନ- ଲାଭ-କ, କମାଇବାର ।
**Earnest**, *a.* ସ୍ଥିରମନାଃ, ଉଦ୍ଯୋଗୀ, ବ୍ୟଗ୍ରଚିତ୍ତ, ଉତ୍ସୁକ ।
**Earnest**, *s.* ବୟନା, ବଇନା; ଧୀରତା, ସାର୍ଥ୍ୟ ।
**Earnestly**, *ad.* ଯତ୍ନପୂର୍ବକ, ଏକାନ୍ତ ବା ବ୍ୟଗ୍ରରୂପେ, ସଚେଷ୍ଟ ।
**Earnings**, *s.* ଉପାର୍ଜିତ ଟଙ୍କା, ଲାଭ ।
**Earring**, *s.* କୁଣ୍ଡଳ, କର୍ଣ୍ଣଭୂଷଣ, ଝୁମୁକା ।

**Earth**, *s.* ପୃଥିବୀ, ଭୂଲୋକ, ଭୂମି, ମୃତ୍ତିକା, ଅବନୀ ।
**Earthen**, *a.* ମୃତ୍ତିକାନିର୍ମିତ, ମାଟିର ତିଆର ।
**Earthly**, *a.* ପାର୍ଥିବ, ଶାରୀରିକ, ଭୌମ, ସାଂସାରିକ ।
**Earthquake**, *s.* ଭୂମିକମ୍ପ, ଭୂକମ୍ପ ।
**Earwig**, *s.* କାନକୁଟୁଣି, କୀଟବିଶେଷ ।
**Ease**, *s.* ଶାନ୍ତି, ବିଶ୍ରାମ, ଆରାମ, ଅନାୟାସ ।
**Easel**, *s.* ଛବିକରଣର ଆଧାର ।
**Easily**, *ad.* ଅନାୟାସେ, ଅକଷ୍ଟେ, ସହଜେ ।
**East**, *s.* ପୂର୍ବଦିଗ, ପୂର୍ବ । [ର୍ଥପର୍ବ ।
**Easter**, *s.* ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ସ୍ମରଣା-
**Easterly**, *a.* ପୂର୍ବରେ, ପୂର୍ବଦିଗରେ ।
**Eastern**, *a.* ପୂର୍ବୀୟ, ପୂର୍ବଦିଗସ୍ଥ, ପୂର୍ବଦେଶୀୟ ।
**Eastward**, *ad.* ପୂର୍ବଆଡେ, ପୂର୍ବାଭିମୁଖେ ।
**Easy**, *a.* ଶାନ୍ତ, ସହଜ, ଅନାୟାସ, ସୁସ୍ଥିର, ମୃଦୁ ।
**Eat**, *v.* ଭୋଜନ-କ, ଖାଇବାର, ଗ୍ରାସ- କ୍ଷୟ-କ
**Eaves**, *s.* ଘରର ଛାଞ୍ଚି, ଓଲି ।
**Eaves-dropper**, *s.* କାନପଡା, ଗୋପନରେ ଶୋଭା ବା ଶ୍ରବଣକାରୀ ।
**Ebb**, *s.* ଭଟା, ଜଳହ୍ରାସ ।
**Ebony**, *s.* କେନ୍ଦୁକାଠ, ଆବଲୁସକାଷ୍ଠ ।
**Ebullition**, *s.* ଉଛୁଳି ଉଠିବାର, ଫୁଟି ଉଠିବାର । [ପ୍ରକାର ।
**Eccentric**, *a.* ବକ୍ରଗାମୀ, ଅନିୟମିତ, ଏକ-
**Eccentricity**, *s.* ମଧ୍ୟରୁ ଅପଗମନ, ନିୟମଭଙ୍ଗ ।
**Ecclesiastic**, *s.* ଧର୍ମୋପଦେଶକ ।
**Ecclesiastical**, *a.* ଧର୍ମ ମଣ୍ଡଳୀରସମ୍ବନ୍ଧୀୟ, ଧର୍ମବିଷୟକ ।
**Echo**, *s.* ପ୍ରତିଧ୍ୱନି, ପ୍ରତ୍ୟାଗତ ଶବ୍ଦ ।
**Eclat**, *s.* ଶୋଭା, ପ୍ରଭା, ଯଶ, ଖ୍ୟାତି ।
**Eclectic**, *a.* ମନୋନୀତକାରୀ, ବିଶେଷକ ।
**Eclipse**, *s.* ଚନ୍ଦ୍ରାଦିର ଗ୍ରହଣ, ଅନ୍ଧକାର ।
**Eclipse**, *v.* ଗ୍ରହଣ- ଆଚ୍ଛନ୍ନ-କ ।
**Ecliptic**, *s.* ରବିଗତିର ମଧ୍ୟରେଖା ।
**Eclogue**, *s.* ମେଷାଦି ପାଳକ ବିଷୟକ ଗୀତ ।
**Economical**, *a.* ପରିମିତବ୍ୟୟୀ, ଅଳ୍ପବ୍ୟୟୀ
**Economist**, *s.* ପରିମିତବ୍ୟୟକାରୀ, ଅଳ୍ପବ୍ୟୟୀ ।
**Economy**, *s.* ପରିମିତବ୍ୟୟ, ଅଳ୍ପବ୍ୟୟ, ଗୃହଧର୍ମ । [ଅାହ୍ଲାଦ ।
**Ecstasy**, *s.* ପରମାନନ୍ଦ, ମୋହ, ଅତ୍ୟନ୍ତ
**Ecstatic**, *a.* ଅତ୍ୟନ୍ତ ଆହ୍ଲାଦଜନକ, ମୋହ-
**Eddy**, *s.* ଘୂର୍ଣ୍ଣାଜଳ, ଆବର୍ତ୍ତ । [କାରୀ ।
**Edge**, *s.* ଧାର, କୂଳ, ପ୍ରାନ୍ତଭାଗ, କିନାର ।
**Edging**, *s.* ଝାଲର, ବସ୍ତ୍ରର ଝୁମ୍ପି, ମଗଜ ।
**Edible**, *a.* ଖାଦ୍ୟ, ଭକ୍ଷ୍ୟ, ଭୋଜ୍ୟ, ଆହାରୋପଯୁକ୍ତ ।
**Edict**, *s.* ରାଜାଜ୍ଞା, ଘୋଷଣା, ପ୍ରଚାରିତଆଦେଶ
**Edification**, *s.* ଉପଦେଶ, ଧର୍ମନିଷ୍ଠା, ଧର୍ମରେ ବୃଦ୍ଧି ।
**Edifice**, *s.* ଗୃହାଦି, ଅଟ୍ଟାଳିକା, ଗାଁଥୁନୀ ।
**Edify**, *v.* ହିତଜନ୍ମାଇବାର, ଧର୍ମରେ ନିଷ୍ଠା-
**Edit**, *v.* ଗ୍ରନ୍ଥସମ୍ପାଦନ-କ । [ଉପଦେଶ-କ ।
**Edition**, *s.* ଏକଥର ଗ୍ରନ୍ଥଛପା-ହ ।
**Editor**, *s.* ଗ୍ରନ୍ଥ ବା ସମାଚାରପତ୍ର ସମ୍ପାଦକ ।
**Educate**, *v.* ଶିକ୍ଷାକରାଇବାର, ଉପଦେଶ-ପାଳନ-କ ।
**Education**, *s.* ଶିକ୍ଷା, ପ୍ରତିପାଳନ ।
**Educe**, *v.* ନିର୍ଗତ ବା ବାହାର-କ, ଦୃଷ୍ଟିଗୋଚରେ ଆଣିବାର ।
**Eel**, *s.* ଚୋଉ ବା ବାଁଇମାଛ ।
**Efface**, *v.* ଲୋପ-କ, ନଷ୍ଟକରାଇବାର, ମାର୍ଜନା-କ

Effect, *v.* ସମ୍ପନ୍ନ- ସିଦ୍ଧ-କ, ସଞ୍ଚାଇବାର ।
Effect, *s.* କର୍ମରଫଳ, ଅର୍ଥସିଦ୍ଧି, ।
Effective, *a.* ସଫଳ, କର୍ମକାରୀ, ସିଦ୍ଧାର୍ଥ, ଏକାନ୍ତ
Effects, *s.* ମାଲ୍, ଧନ, ଅସ୍ଥାବରସମ୍ପତ୍ତି, ଅସ-ବାବ । [ବଳିଷ୍ଠର ।
Effectual, *a.* ଫଳ ବା ଗୁଣଦାୟକ, ଯୋଗ୍ୟ,
Effectually, *ad.* ସମ୍ପୂର୍ଣ୍ଣରୂପେ, ଯଥାର୍ଥରୂପେ
Effeminacy, *s.* ସ୍ତ୍ରୀବତ୍ତ୍ୱ, ସ୍ତ୍ରୀସ୍ୱଭାବ, ନାମର୍ଦ୍ଦୀ ।
Effeminate, *a.* ସ୍ତ୍ରୀବତ୍, ମାଇଚ୍ଛ, କାପୁରୁଷ
Effervesce, *v.* ଫେନଫେନେଇଉଠ-ହ, ଫୁଟି- [ଉଠିବାର ।
Effete, *a.* ବନ୍ଧ୍ୟା, ନିଷ୍ଫଳ, ।
Efficacious, *a.* ସଫଳ, ଗୁଣଯୁକ୍ତ, ଅମୋଘ, ଫଳୋତ୍ପାଦକ । [ଗ୍ୟତା ।
Efficacy, *s.* ଫଳଦାୟକ ଶକ୍ତି, ଗୁଣ, ଯୋ-
Efficiency, *s.* କାର୍ଯ୍ୟକାରିତ୍ୱ, ସାଫଲ୍ୟ, ସାଧକତା । [ଗ୍ୟବନ୍ତ ।
Efficient, *a.* ଫଳଦାୟକ, କର୍ମସାଧକ, ଯୋ-
Effigy, *s.* ପ୍ରତିମୂର୍ତ୍ତି, ପ୍ରତିମା, ପିତୁଳା, ଅନୁରୂପ
Efflorescence, *s.* ପୁଷ୍ପୋଦ୍ଗମ, ପୁଷ୍ପୋତ୍ପାଦନ,
Effluvia, *s.* ପଚାଦ୍ରବ୍ୟର ଉତ୍ପନ୍ନ ଦୁର୍ଗନ୍ଧ ।
Effort, *s.* ଉଦ୍ୟମ, ଉଦ୍ଯୋଗ, ଯତ୍ନ, ଚେଷ୍ଟା ।
Effrontery, *s.* ନିର୍ଲଜ୍ଜତା, ସାହସ, ପ୍ରଗଳ୍ଭତା
Effulgence, *s.* ଉଜ୍ଜ୍ୱଳତା, କାନ୍ତି, ତେଜ, ଆଭା
Effulgent, *a.* ଉଜ୍ଜ୍ୱଳ, କାନ୍ତିମାନ୍, ଶୋଭାକର ।
Effusion, *s.* ଢାଳିବାର, ଝରିବାର, ପତନ ।
Egg, *s.* ଅଣ୍ଡ, ଅଣ୍ଡା, ଡିମ, ଡିମ୍ବ ।
Egotism, *s.* ଆତ୍ମଶ୍ଲାଘା, ଅହଙ୍କାର, ଅହମିକା
Egotist, *s.* ଆତ୍ମଶ୍ଲାଘୀ, ଅହଙ୍କାରୀ, ଦାମ୍ଭିକ ।
Egregious, *a.* ଅସାଧାରଣ, ଅପୂର୍ବ, ଅଦ୍ଭୁତ, ଅନୁପମ ।
Egress, *s.* ନିର୍ଗମନ, ବାହାର ବା ନିର୍ଗତ-ହ ।
Eight, *a.* ଅଠ, ଅଷ୍ଟ ।
Eighty, *a.* ଅଶୀ, ଚାରିକୋଡ଼ି, ଅଶୀତି ।

Either, *p.* ଦୁଇର ମଧ୍ୟେ ଏକ, ଅନ୍ୟତର, ଯେବା ସେ ।
Ejaculate, *v.* ନିକ୍ଷେପ- ପ୍ରକ୍ଷେପ-କ ।
Ejaculation, *s.* ହଠାତ୍ ପ୍ରାର୍ଥନା; ନିକ୍ଷେ, ପ୍ରକ୍ଷେପ ।
Eject, *v.* ନିର୍ଗତ- ବାହାର- ଉଚ୍ଛାର-କ ।
Eke, *v.* ବୃଦ୍ଧି- ପୂର୍ଣ୍ଣ- କର-କ ।
Elaborate, *a.* ଅତିସୁନ୍ଦର, ଅତ୍ୟନ୍ତଯତ୍ନ, ଶ୍ରମରେ ସମ୍ପନ୍ନ ।
Elaborate, *v.* ଶ୍ରମରେ ସମ୍ପନ୍ନ- ଶ୍ରମସିଦ୍ଧ-କ ।
Elapse, *v.* ଗତ- ଅତୀତ- ଶେଷ-ହ । [ମଗ୍ନ
Elastic, *a.* ଯାହା ଟାଣିଲେ ବଢ଼ିଯାଏ, ତେ-
Elasticity, *s.* ସ୍ଥିତି, ସ୍ଥାପକତା, ତେଜସ୍ୱୀ
Elate, *v.* ପ୍ରଫୁଲ୍ଲଚିତ୍ତ,- ଉଲ୍ଲାସିତ-କ ।
Elbow, *s.* କହୁଣି, କୂର୍ପର, କଫୋଣି ।
Elder, *a.* ଜ୍ୟେଷ୍ଠ, ବଡ଼, ଅଗ୍ରଜାତ, ପ୍ରାଚୀ
Elderly, *a.* ବୟୋଽଧିକ, ବୃଦ୍ଧ ।
Eldest, *a.* ସର୍ବଜ୍ୟେଷ୍ଠ, ପ୍ରଥମଜାତ, ବଡ଼ ।
Elect, *a.* ମନୋନୀତ, ଗ୍ରାହ୍ୟ, ପସନ୍ଦପ୍ରାପ୍ତ ।
Elect, *v.* ମନୋନୀତ- ପସନ୍ଦ-କ ।
Election, *s.* ମନୋନୀତକରଣ, ନିର୍ବାଚନ
Electricity, *s.* ବିଦ୍ୟୁତର ଧର୍ମ ।
Electrify, *v.* ବିଦ୍ୟୁତର ଗୁଣବିଶିଷ୍ଟ-କ ।
Electuary, *s.* ଔଷଧୀୟ ମିଠାଇବଟକ ।
Eleemosynary, *a.* ଭିକ୍ଷ୍ୟାଦାନସମ୍ବନ୍ଧୀ ।
Elegance, *s.* ସୌନ୍ଦର୍ଯ୍ୟ, ଶୋଭା, ସୌଷ୍ଠବ ।
Elegant, *a.* ଅତିସୁନ୍ଦର, ସୁଶ୍ରୀ, ଶୋଭାଯୁକ୍ତ ।
Elegy, *s.* ମରଣଗୀତ, ବିଳାପସୂଚକ ।
Elementary, *a.* ଭୌତିକ; ଅମିଶ୍ରିତ, ମୂଳ- ସୂଚକ । [ଅଗ୍ନି, ବାୟୁ, ଆକାଶ; ମୂଳତତ୍ତ୍ୱ ।
Elements, *s.* ପଞ୍ଚଭୂତ ଯଥା, କ୍ଷିତି, ଜଳ,
Elephant, *s.* ହସ୍ତୀ, ଗଜ, ହାତୀ, କୁଞ୍ଜର, ମାତଙ୍ଗ ।

Elephantiasis, s. ଗୋଦ, ଶ୍ଳୀପଦରୋଗ ।
Elevate, v. ଉଚ୍ଚ- ଉତ୍ଥାପିତ- ଉନ୍ନତ- ସମ୍ମାନ୍ତ-କ । [ମଣ୍ଡିତା ।
Elevation, s. ଉଚ୍ଚତା, ଉନ୍ନତ, ଉତ୍ଥାପନ,
Eleven, a. ଏଗାର, ଏକାଦଶ ।
Elf, s. କାଳ୍ପନିକ ଦୈତ୍ୟ, ପ୍ରେତ ।
Elicit, v. ଯତ୍ନଦ୍ୱାରା ଉତ୍ପନ୍ନ-କ; ନିର୍ଗତ ବା ସୁପ୍ରକାଶ-କ ।
Eligible, a. ଉପଯୁକ୍ତ, ବରଣୀୟ, ମନୋନୀତ, ଯୋଗ୍ୟବନ୍ତ । [ରଣ କରଣ ।
Elision, s. ଲୁପ୍ତ କରଣ, ସଂକ୍ଷେପରେ ଉଚ୍ଚା-
Elixir, s. କୌଣସି ଦ୍ରବ୍ୟରକ୍ୱାଥ, ସାରରସ,
Elk, s. ହରିଣବିଶେଷ, ଶମ୍ବର । [ସରବ୍ତ ।
Ell, s. ବସ୍ତ୍ରର ପରିମାଣ ଯଥା, ଗଜର ପାଞ୍ଚପା
Ellipsis, s. ଅଣ୍ଡାକୃତ; ଲକ୍ଷଣ, ଅଧ୍ୟାହାର ।
Elliptical, a. ଅଣ୍ଡାକାର, ଲକ୍ଷିତ, ଉହ୍ୟ ।
Elocution, s. ବାକ୍‌ପଟୁତା, ସବକ୍ତୃତା, ଉଚ୍ଚାରଣ ।
Elongate, v. ଦୀର୍ଘ- ଲମ୍ବା- ଟାଣିବଢ଼-କ ।
Elope, v. ପଳାଇବାର, ପତି ବା ପତ୍ନୀଛାଡିବାର
Eloquence, s. ବାକ୍‌ପଟୁତା, ସବକ୍ତୃତା ।
Eloquent, a. ବାକ୍‌ପଟୁ, ସବକ୍ତା, ବାଗ୍ମୀ ।
Else, ad. ନୋହିଲେ, ନତୁବା, ଅନ୍ୟ, ବା ।
Elsewhere, ad. ଅନ୍ୟତ୍ର, ଅଉଠାରେ, ସ୍ଥାନାନ୍ତରେ । [ତ-କ ।
Elucidate, v. ଅର୍ଥ ପ୍ରକାଶ- ସ୍ପଷ୍ଟ-କ, ବ୍ୟାଖ୍ୟା-
Elude, v. କପଟରେ ଛାଡିବାର, ଛଳରେ ପଳାଇବାର । [ଦାୟିକ ।
Elysian, a. ସ୍ୱର୍ଗୀୟ, ମନୋହର, ଅତି ସୁଖ-
Elysium, s. ସ୍ୱର୍ଗ, ବୈକୁଣ୍ଠ, ସୁଖ ସ୍ୱଚ୍ଛନ୍ଦର ସ୍ଥାନ ।
Emaciated, a. କ୍ଷୀଣ, ଶୀର୍ଣ୍ଣ, କୃଶ, ଦୁର୍ବଳ ।
Emanate, v. ନିର୍ଗତ- ନିଃସୃତ-ହ ।

Emanation, s. ନିର୍ଗମନ, ନିଃସରଣ, ଯାହା-ନିର୍ଗତ ହୁଅଇ । [ସ୍ଥିତ-ଦ ।
Emancipate, v. ଦାସତ୍ୱରୁ ମୁକ୍ତ-କ ବା
Emasculate, v. ନପୁଂସକ-କ ।
Embalm, v. ଶବକୁ ସୁଗନ୍ଧି ଦ୍ରବ୍ୟଯୁକ୍ତ-କ ।
Embankment, s. ବନ୍ଧ, ବାନ୍ଧ, ପୁଲବାନ୍ଧ ।
Embargo, s. ଜାହାଜ ଗମନାଗମନ ଅଟକ କରଣ ।
Embark, v. ଜାହାଜରେ ଚଢିବାର ବା ଅନ୍ୱେଷଣ-କ ।
Embarrass, v. ଦୁଃଖ ବା କ୍ଲେଶ-ଦ, ଅସ୍ଥିର- ସାବସ୍ତ-କ ।
Embarrassment, s. ଦୁଃଖ, ସାବସ୍ତ, ଚିନ୍ତା, ଜ୍ୱଳନା ।
Embassy, s. ଦୂତକର୍ମ, ଦୌତ୍ୟକ୍ରିୟା ।
Embellish, v. ସୁଶୋଭିତ- ଅଳଙ୍କୃତ-କ ।
Embellishment, s. ଭୂଷଣ, ସଜ୍ଜା, ଅଳ-
Embers, s. ଜଳନ୍ତ ଅଙ୍ଗାର । [ଙ୍କାର ।
Embezzle, v. ଗୋପନରେ ସ୍ୱୀୟ-କ, ତହବିଲ ଭାଙ୍ଗିବାର । [ଚିହ୍ନ ।
Emblem, s. ପ୍ରତିରୂପ, ଉଦାହରଣ, ଚିହ୍ନ,
Emblematic, a. ପ୍ରତିରୂପକ, ନିଦର୍ଶନୀୟ, ଉପମାଯୁକ୍ତ ।
Embody, v. ଦେହବିଶିଷ୍ଟ- ଏକତ୍ର-କ ।
Embolden, v. ସାହସ- ଭରସା-ଦ ।
Emboss, v. ଉଠାଉ ବା ଲୁଟାଉ କର୍ମ-କ ।
Embowel, v. ନାଡି ବା ଅନ୍ତ୍ର ବାହାର-କ ।
Embrace, v. ଆଲିଙ୍ଗନ- କୋଳ-କ, ଗ୍ରହଣ-ସ୍ୱୀକାର-କ ।
Embrace, s. ଆଲିଙ୍ଗନ, କୋଳ କରଣ ।
Embrasure, s. ଦୁର୍ଗର ଉଚ୍ଚପାଚେରି, ଗଡ଼-ପାଚିରରେ କମାଣର ଛିଦ୍ର ।
Embrocation. s. ମର୍ଦ୍ଦନୀୟ ଔଷଧ ।

**Embroider,** *v.* ବସ୍ତ୍ରରେ ଜଡାଉ ବା ବୁଟା-
ର କର୍ମ-କ । [ଦିବାର ।
**Embroil,** *v.* ବିବାଦ- କଳହ- ଝଗଡା ଘଟା-
**Embryo,** *s.* ଭ୍ରୂଣ, ଗର୍ଭସ୍ଥ ବା ଜରାୟୁସ୍ଥ ଅପୂ-
ର୍ଣ୍ଣପ୍ରାଣୀ ।
**Emendation,** *s.* ଅଶୁଦ୍ଧ ବା ଭୁଲ୍ ଶୋଧନ
**Emerald,** *s.* ମରକତ, ହରିନ୍ମଣି, ମଣିବିଶେଷ
**Emerge,** *v.* ନିର୍ଗତ ବା ବାହାର-ହ, ଉଠି-
ବାର । [ଅତି ପ୍ରୟୋଜନ ।
**Emergency,** *s.* ହଠାତ୍ ଆପଦ ବା ଦାୟ;
**Emergent,** *a.* ଅତ୍ୟାବଶ୍ୟକ, ହଠାତ୍ ।
**Emeroids,** *s.* ଅର୍ଶରୋଗ, ବାଇଗ ।
**Emersion,** *s.* ଉଦୟ-ହ, ଉନ୍ମଜ୍ଜନ । [କ୍ରମଣି ।
**Emery,** *s.* ଲୌହ ପରିଷ୍କାରକଧାତୁ, ଅସ୍ତ୍ରା-
**Emetic,** *s.* ବାନ୍ତି ବା ବମନକାରୀ ଔଷଧ ।
**Emeute,** *s.* କୋଳାହଳ, ଗଣ୍ଡଗୋଳ ।
**Emigrant,** *s.* ଦେଶାନ୍ତର ଗମନକାରୀ, ପ-
ରଦେଶ ନିବାସୀ ।
**Emigrate,** *v.* ସ୍ୱଦେଶତ୍ୟାଗ- ଦେଶାନ୍ତର
ଗମନ-କ । [ସମ୍ଭ୍ରମ ।
**Eminence,** *s.* ଉଚ୍ଚତା, ଉର୍ଦ୍ଧ୍ୱତା, ଉତ୍କର୍ଷ,
**Eminent,** *a.* ପ୍ରଧାନ, ବଡ, ମହତ୍, ନିପୁଣ ।
**Eminently,** *ad.* ଉତ୍ତମରୂପେ, ଉତ୍କୃଷ୍ଟରୂପେ,
ନୈପୁଣ୍ୟରୂପେ । [ପୁରୁଷ ।
**Emissary,** *s.* ଚର, ଦୂତ, ଗୋଇନ୍ଦା, ଗୁପ୍ତ-
**Emission,** *s.* ନିକ୍ଷେପ, ପ୍ରକ୍ଷେପ, ନିଃସରଣ ।
**Emit,** *v.* ନିର୍ଗତ- ବାହାର- ପ୍ରକ୍ଷେପ-କ ।
**Emmet,** *s.* ପିମ୍ପୁଡି, ପିପୀଲିକା ।
**Emollient,** *a.* କୋମଳକାରୀ, ଶୀତଳ ବା
ନରମକାରୀ ।
**Emolument,** *s.* ଲାଭ, ପ୍ରାପ୍ତି, ଫଳ, ଲଭ୍ୟ ।
**Emotion,** *s.* ଉଦ୍ବେଗ, ମନସ୍ତାପ, ମନୋ-
ବିକାର ।

**Empale,** *v.* ଶୂଳଦ୍ୱାରାବଧ-କ, ଶୂଳି-ଦ ।
**Empannel,** *v.* ପଞ୍ଚାୟତ ବା ଜୁରୀନିର୍ବାଚ-କ ।
**Emperor,** *s.* ରାଜାଧିରାଜ, ସମ୍ରାଟ, ଅଧିପତି,
ଚକ୍ରବର୍ତ୍ତୀ ।
**Emphasis,** *s.* ଗୁରୁଉଚ୍ଚାରଣ, ସ୍ୱରାଘାତ ।
**Emphatic,** *a.* ବଳବିଶିଷ୍ଟ, ଗୁରୁତର, ଅବ-
ଧାରିତ ।
**Empire,** *s.* ସାମ୍ରାଜ୍ୟ, ରାଜ୍ୟ, ରାଜତ୍ୱ ।
**Empiric,** *s.* ଅବୋଧବୈଦ୍ୟ, କୃତ୍ରିମ ଚିକିତ୍ସକ
**Employ,** *v.* କର୍ମରେ ନିଯୁକ୍ତ-କ, ବୃତ୍ତିରେ ଲଗା-
ବାର; to use, ବ୍ୟବହାର-କ ।
**Employer,** *s.* କର୍ମଦାତା, ପ୍ରଭୁ, କର୍ତ୍ତା, ମୁନିବ
**Employment,** *s.* କର୍ମ, କାର୍ଯ୍ୟ, ବ୍ୟବସାୟ,
ପଦ, ବୃତ୍ତି ।
**Emporium,** *s.* ବାଣିଜ୍ୟସ୍ଥାନ, ଅଡଗ,
**Empoverish,** *v.* ନିର୍ଦ୍ଧନ- ଦରିଦ୍ର-କ ।
**Empower,** *v.* କ୍ଷମତାର୍ପଣ- ଭାରାର୍ପଣ-କ,
ସ୍ୱତ୍ୱ-ଦ । [ଏସ୍, ପଟ୍ଟମହିଷୀ ।
**Empress,** *s.* ରାଜାଧିରାଜପତ୍ନୀ, ରାଜରାଜେ-
**Emptiness,** *s.* ଶୂନ୍ୟତା, ଅଭାବ, ରିକ୍ତତା ।
**Empty,** *a.* ଶୂନ୍ୟ, ଖାଲି, ଫାଙ୍କା, ରିକ୍ତ ।
**Empyreal,** *a.* ପବିତ୍ର, ଶୂନ୍ୟସ୍ଥ, ଆକାଶସ୍ଥ
**Empyrean,** *s.* ସର୍ବୋପରିସ୍ଥ ଆକାଶ ।
**Emulate,** *v.* ପ୍ରତିଯୋଗି- ଉତ୍କର୍ଷ-ହ, ପ୍ରତି-
ଯୋଗ-କ ।
**Emulation,** *s.* ପ୍ରତିଯୋଗିତା, ଦ୍ୱେଷ, ସ୍ପର୍ଦ୍ଧା
**Emulous,** *a.* ପ୍ରତିଯୋଗୀ, ସ୍ପର୍ଦ୍ଧୀ, ଉଦ୍ୟମୀ
**Enable,** *v.* କ୍ଷମତାପନ୍ନ-କ, ସାମର୍ଥ୍ୟ- ଶକ୍ତି-
**Enact,** *v.* ବ୍ୟବସ୍ଥା ସଂସ୍ଥାପନ-କ, ନିୟମ-ଦ,
ଦ୍ୱାରା ବ୍ୟକ୍ତ-କ ।
**Enamel,** *v.* ଜଡାଉ- ଚିତ୍ରବିଚିତ୍ର-କ ।
**Enamour,** *v.* ପ୍ରେମାସକ୍ତ- ମୋହିତ-କ ।
**Encamp,** *v.* ଛାଉଣି-କ, ସେନାଉଠାଇବା

**Encampment**, *s.* ଛାଉଣି, ସୈନ୍ୟସ୍ଥାନ ।

**Enchain**, *v.* ଶିକୁଳିରେ ବନ୍ଧ-କ, ବେଡ଼ି-ଦେ

**Enchant**, *v.* ମୋହିତ-କ, ଯାଦୁ ଅବା ମନ୍ତ୍ରରେ ବଶ-କ । [ଯାଦୁ, ମନ୍ତ୍ର ।

**Enchantment**, *s.* ମୋହ, କୁହୁକ, ମାୟା,

**Enchase**, *v.* ସୁବର୍ଣ୍ଣମଣ୍ଡିତ- ଭୂଷିତ- ଜଡ଼ାଉ-କ । [ବାର ।

**Encircle**, *v.* ଘେରଣ- ବେଷ୍ଟନ-କ, ବେଢ଼ି-

**Enclose**, *v.* ବେଷ୍ଟନ-କ, ବେଢ଼ିବାର, ଘେରିବାର ।

**Enclosure**, *s.* ଘେରିତସ୍ଥାନ, ବେଢ଼ା । [ସୀ ।

**Encomiast**, *s.* ପ୍ରଶଂସାକାରୀ, ସ୍ତୋତା, ଶଂ-

**Encomium**, *s.* ପ୍ରଶଂସା, ସ୍ତୁତିବାଦ, ପ୍ରଶସ୍ତି ।

**Encompass**, *v.* ଘେରିବାର, ବେଢ଼ିବାର, ବେଷ୍ଟନ-କ ।

**Encore**, *ad.* ପୁନଶ୍ଚ, ପୁନର୍ବାର, ପୁନରାୟ ।

**Encounter**, *s.* ଯୁଦ୍ଧ, ସଂଗ୍ରାମ, ରଣ, ଲଢ଼ାଇ

**Encounter**, *v.* ଯୁଦ୍ଧ- ସଂଗ୍ରାମ- ଲଢ଼ାଇ-କ; ସାକ୍ଷାତ୍-କ । [ଦେ ।

**Encourage**, *v.* ସାହସ- ଆଶ୍ୱାସ- ଉତ୍ସାହ-

**Encroach**, *v.* ସୀମା ଲଙ୍ଘନ- ଆକ୍ରମଣ-କ ।

**Encumber**, *v.* ଭାରାକ୍ରାନ୍ତ-କ, ବ୍ୟାଘାତ ଜନ୍ମାଇବାର । [ବ୍ୟାଘାତ ।

**Encumbrance**, *s.* ଭାର, ବାଧା, ବୋଝ,

**Encyclopedia**, *s.* ବିଦ୍ୟାହାରାବଳି, ବିଦ୍ୟାମୁକ୍ତାବଳି ।

**End**, *s.* ଶେଷ, ଅନ୍ତ, ପ୍ରାନ୍ତ, ସୀମା; ଅଭିପ୍ରାୟ

**Endanger**, *v.* ଆପଦ ବା ସଙ୍କଟରେ ପକାଇବାର ।

**Endear**, *v.* ସ୍ନେହପାତ୍ର- ପ୍ରିୟପାତ୍ର-କ ।

**Endearment**, *s.* ସ୍ନେହକରଣ, ପ୍ରିୟତା ।

**Endeavour**, *s.* ଚେଷ୍ଟା, ଉଦ୍ଯୋଗ, ଯତ୍ନ, ଉଦ୍ୟମ ।

L.

**Endemic**, *a.* ଦେଶୀୟ, ଦେଶଜ, ଦେଶବ୍ୟାପକ ।

**Endless**, *a.* ଅଶେଷ, ଅନନ୍ତ, ଅସୀମ, ନିତ୍ୟ, ନିୟତ ।

**Endorse**, *v.* ହୁଣ୍ଡିର ପିଠିରେ ସ୍ୱାକ୍ଷର- ସହି-କ

**Endow**, *v.* ବୃତ୍ତି-ଦେ, ଦାନ-କ, ଯୌତୁକ-ଦେ

**Endowment**, *s.* ବୃତ୍ତିଦାନ, ଯୌତୁକ ।

**Endue**, *v.* ପ୍ରାପ୍ତ କରାଇବାର, ଜ୍ଞାନ- ପ୍ରସାଦ-ଦ

**Endurance**, *s.* ସହିଷ୍ଣୁତା, ଧୈର୍ଯ୍ୟ, ବରଦାସ୍ତ,

**Endure**, *v.* ସହିବାର, ସହ୍ୟ- ବରଦାସ୍ତ-କ, ଭୋଗିବାର ।

**Enemy**, *s.* ଶତ୍ରୁ, ବିପକ୍ଷ, ବୈରୀ, ଅରି ।

**Energetic**, *a.* ତେଜସ୍ୱୀ, ବଳବନ୍ତ, ଉତ୍ସୁକ ।

**Energy**, *s.* ପ୍ରଭାବ, ତେଜ, ବଳ, ଶକ୍ତି, ଉତ୍ସାହ ।

**Enervate**, *v.* ଦୁର୍ବଳ- କ୍ଷୀଣ- ନିସ୍ତେଜ-କ ।

**Enfeeble**, *v.* ଦୁର୍ବଳ- କ୍ଷୀଣ- ନିସ୍ତେଜ-କ ।

**Enforce**, *v.* ପ୍ରବଳ- ଜୋର-କ, ବଳପୂର୍ବକ କରାଇବାର ।

**Enfranchise**, *v.* ମୁକ୍ତ- ଉଦ୍ଧାର- ସ୍ୱାଧୀନ-କ ।

**Engage**, *v.* employ, କର୍ମ-ଦ, ନିଯୁକ୍ତ-କ; fight, ଯୁଦ୍ଧ- ଲଢ଼ାଇ-କ; promise, ଅଙ୍ଗୀକାର- ନିୟମ-କ; induce, ପ୍ରବୃତ୍ତ କରାଇବାର ।

**Engagement**, *s.* ନିୟମ, ବଉପଣ, ପ୍ରତିଜ୍ଞା; ଯୁଦ୍ଧ; କର୍ମବିଷୟ; business, ବ୍ୟାପାର ।

**Engaging**, *a.* ପ୍ରୀତିମୟ, ମନୋହର, ପ୍ରେମଜନକ । [ବାର ।

**Engender**, *v.* ଜନ୍ମ-ଦ, ଉତ୍ପନ୍ନ-କ, ଜନ୍ମାଇ-

**Engine**, *s.* କଳ, ଯନ୍ତ୍ର, ଦମକଳ ଇତ୍ୟାଦି ।

**Engineer**, *s.* କଳଜ୍ଞ, ଗୋଲନ୍ଦାଜ, ଯନ୍ତ୍ରନି-

**English**, *a.* ଇଂରାଜ, ଇଂରାଜୀୟ । [ର୍ମିତା ।

**Engrain**, *v.* ପକ୍କାରଙ୍ଗ- ଗାଢ଼ରଙ୍ଗ-କ ।

**Engrave**, *v.* ଖୋଦ-କ, ଧାତୁପଟରେ ଲେ- ଖିବାର ।

**Engraving**, *s.* ଖୋଦିତ ଛବି, ଅଙ୍କିତଚିତ୍ର ।

**Engross**, *v.* ସମସ୍ତ ଧରନେବାର, ସମ୍ପୂର୍ଣ୍ଣରୂପେ ମନ ମଗ୍ନ-କ ।

**Enhance**, *v.* ବୃଦ୍ଧି-କ, ବଢାଇବାର, ସ୍ଫୀତ-କ

**Enigma**, *s.* ହେଁୟାଳି, ଗୂଢବାକ୍ୟ, ଗୋଲ- ପ୍ରଶ୍ନ ।

**Enigmatical**, *a.* ପ୍ରହେଳିକାଯୁକ୍ତ, ଅସ୍ପଷ୍ଟ, [କଠିନ ।

**Enjoin**, *v.* ଆଜ୍ଞା- ଆଦେଶ- ହୁକୁମ-କ ।

**Enjoy**, *v.* ଭୋଗ-କ, ସନ୍ତୁଷ୍ଟ- ଫଳଭୋଗୀ-ହ ।

**Enjoyment**, *s.* ସୁଖଭୋଗ, ଆନନ୍ଦ, ଆମୋଦ

**Enkindle**, *v.* ପ୍ରଜ୍ୱଳିତ-କ, ଜଳାଇ-ଦ ।

**Enlarge**, *v.* ପ୍ରଶସ୍ତ- ବୃଦ୍ଧି-କ, ବଢାଇବାର ।

**Enlargement**, *s.* ବୃଦ୍ଧି, ବିସ୍ତାର, ବଢ଼, ପ- ସାର, ମୁକ୍ତି । [ବଢାଇବାର, ଜ୍ଞାନ-ଦେ ।

**Enlighten**, *v.* ଆଲୁଅ ବା ଦୀପ୍ତି-କ, ବୋଧ-

**Enlist**, *v.* ସୈନ୍ୟବର୍ଗରେ ନିଯୋଗ- ନିଯୁକ୍ତ- ଭର୍ତ୍ତି-କ ।

**Enliven**, *v.* ସଜୀବ- ପ୍ରାଣଦାନ-କ, ଆନନ୍ଦିତ-କ

**Enmity**, *s.* ହିଂସା, ଶତ୍ରୁତା, ବୈରତା, ବୈର, ଦ୍ୱେଷ ।

**Ennoble**, *v.* କୁଳୀନପଦସ୍ଥ- ଉଚ୍ଚପଦସ୍ଥ-କ ।

**Ennui**, *s.* କ୍ଳାନ୍ତି, ଶ୍ରାନ୍ତି, ଅରୁଚି, କୌଣସି କର୍ମ- ରେ ଅନିଚ୍ଛା ।

**Enormity**, *s.* ମହାପାପ, ଅତିଶୟ ଦୁଷ୍ଟତା, ଅତ୍ୟାଚାର । [ବିସ୍ତୃତ ।

**Enormous**, *a.* ବଡ, ବୃହତ୍, ମହାଅତ୍ୟ-

**Enough**, *a.* ପ୍ରଚୁର, ଯଥେଷ୍ଟ, ବହୁତ, ବେଶି ।

**Enrage**, *v.* ରାଗାନ୍ୱିତ-କ, କ୍ରୋଧଜନ୍ମାଇବାର ।

**Enrapture**, *v.* ଆହ୍ଲାଦରେ ମଗ୍ନ- ପରମ ଆନନ୍ଦିତ-କ ।

**Enrich**, *v.* ଧନବାନ୍- ଧନୀ-କ, ଉର୍ବର-କ ।

**Enrobe**, *v.* ବସ୍ତ୍ରପରିହିତ- ଉତ୍ତମ ବସ୍ତ୍ରାଳଙ୍- କୃତ-କ ।

**Enrol**, *v.* ଫର୍ଦ୍ଦରେ ନାମ ଲେଖିବା, ଭର୍ତ୍ତି-କ ।

**Ensample**, *s.* ଆଦର୍ଶ, ଦୃଷ୍ଟାନ୍ତ, ନମୁନା, ଉ- ଦାହରଣ ।

**Ensconce**, *v.* ଦୃଢ- ଦୁର୍ଗ ବା ଗଡ ଆବୃତ-କ ।

**Enshrine**, *v.* ପବିତ୍ରସ୍ଥାନେ ରଖିବାର, ଅତି ଯତ୍ନ ରଖିବାର । [ପତାକାଧାରୀ ।

**Ensign**, *s.* ଚିହ୍ନ, ପତାକା, ନିଶାଣ, ଝଣ୍ଡା;

**Enslave**, *v.* ଦାସ- ସ୍ୱାଧୀନ- ଗୋଲାମ-କ ।

**Ensue**, *v.* ପଛିବାର, ଘଟିବାର, ଉତ୍ପନ୍ନ-ହ ।

**Entablature**, *s.* ସ୍ତମ୍ଭର ବା ଗମ୍ବୁର ଅଳଙ୍କ- ରଣ ।

**Entail**, *v.* ପୁତ୍ରପୌତ୍ରାଦିକ୍ରମେ ଭୋଗ-କ ।

**Entangle**, *v.* ଅଟକାଇବାର, ଜଡାଇ ପକା- କ, ଫାନ୍ଦରେ ପକାଇବାର । [ବିଷୟ:

**Enter**, *v.* ପ୍ରବେଶ-ହ, ପଶିବାର, ଦାଖଲ

*Enterprise*, *s.* ଦୁଃସାଧ୍ୟ ବା ସାହସର କା- ମହୋଦ୍ୟମ । [ଦ୍ୟୋଗ:

**Enterprising**. *a.* ଉଦ୍ଯୁକ୍ତ, ସାହସିକ, ଦୃ

**Entertain**, *v.* ଆମୋଦ- ଆପ୍ୟାୟିତ-କ, ଆଶ୍ରୟ ସ୍ଥାନ-ଦ ।

**Entertaining**, *a.* ସନ୍ତୋଷଜନକ, ତୁଷ୍ଟିକ

**Entertainment**, *s.* ଭୋଜ, କୌତୁକ ଖେଳ, ଉପଭୋଗ ।

**Enthrone**, *v.* ସିଂହାସନୋପବିଷ୍ଟ- ଉପବିଷ୍ଟ

**Enthusiasm**, *s.* ଅନୁଚିତ ଉତ୍ସାହ, ଉଦ୍ଦ- ମ୍ୟ, ଅତିଚେଷ୍ଟା । [ପାଗଳ

**Enthusiast**, *s.* ଅନର୍ଥକ ଉତ୍ସାହୀ, ବାତୁଳ

**Enthusiastic**, *a.* ଅନର୍ଥକ ଉତ୍ସାହ- ଉଦ୍ଯୁକ୍ତ, ମହୋଦ୍ୟମୀ । [ଭୁଲାଇବାର

**Entice**, *v.* ମନଲୋଭ-କ, ଫୁସୁଲାଇବାର

**Enticement**, *s.* ପାପପ୍ରତି ଲୋଭଜନକ

Entire, *a.* ଗୋଟାପଣା, ସମ୍ପୂର୍ଣ୍ଣ, ଅଖଣ୍ଡ, ସକଳ,
ଆସ୍ତ । [ସମସ୍ତଦେଶେ ।
Entirely, *ad.* ସର୍ବତୋଭାବେ, ସମ୍ପୂର୍ଣ୍ଣରୂପେ,
Entitle, *v.* ଅଧିକାର-ଦ, ଅଧିକାରୀ-କ, ଯୋ-
ଗ୍ୟ-କ ।
Entity, *s.* ଭାବ, ସତ୍ତ୍ୱ, ବସ୍ତୁ, ସ୍ୱଭାବ ।
Entomb, *v.* କବର-ଦ, ଗୋର ବା ସମାଧି-
ଦ, ପୋତିବାର । [ଦେବା ।
Entomology, *s.* ପତଙ୍ଗ ବା କୀଟବିଷୟକ
Entrails, *s.* ନାଡ଼ୀ, ଅନ୍ତ୍ର, ଭୁଡ଼ି ।
Entrance, *s.* ପ୍ରବେଶପଥ, ଦ୍ୱାର, ବାଟମୁଣ୍ଡ ।
Entrance, *v.* ମୂର୍ଚ୍ଛିତ- ମୋହିତ-କ ।
Entrap, *v.* ଫାନ୍ଦରେ ଧରିବାର, କଳରେ
ବନ୍ଦ କ । [ବାର ।
Entreat, *v.* ବିନତି- ପ୍ରାର୍ଥନା-କ, ବୁଝେଇସାଧି-
Entreaty, *s.* ବିନତି, ମିନତି, ପ୍ରାର୍ଥନା, ବିନୟ,
କାକୁତି ।
Entry, *s.* ଦ୍ୱାର, ପ୍ରବେଶପଥ; ବହିରେ ଲେ-
ଖି ରଖିବାର । ବା ସୁମାର-କ ।
Enumerate, *v.* ଏକ୨ ଗଣନା-କ, ସଂଖ୍ୟା
Enunciate, *v.* ଉଚ୍ଚାରଣ-କ, ପ୍ରକାଶ ବା
ବ୍ୟକ୍ତ-କ । [କ ।
Envelop, *v.* ଆଚ୍ଛାଦନ- ଆବୃତ- ଅବା ଆଚ୍ଛନ୍ନ-
Envelope, *s.* ଆଚ୍ଛାଦନ, ବେଷ୍ଟନ, ଖୋଳ,
ଲଫାଫା । [କରାଇବାର ।
Envenom, *v.* ବିଷମୟ- ବିଷାକ୍ତ-କ, ଘୃଣା
Enviable, *a.* ଈର୍ଷ୍ୟାଯୋଗ୍ୟ, ଈର୍ଷଣୀୟ,
ବାଞ୍ଛନୀୟ । [ନ୍ୱିତ ।
Envious, *a.* ପରଶ୍ରୀକାତର, ହିଂସକ, ଈର୍ଷ୍ୟା-
Environ, *v.* ବେଷ୍ଟନ-କ, ଘେରିବାର, ବେଢ଼ି-
ବାର । [ନିକଟସ୍ଥ ସ୍ଥାନ ।
Environs, *s.* ନଗରର ପ୍ରାନ୍ତ ଭାଗ, ଚତୁର୍ଦ୍ଦିଗ
Envoy, *s.* ରାଜଦୂତ, ରାଜପ୍ରତିନିଧି, ଧାଉଡ଼ିଆ ।

Envy, *s.* ଈର୍ଷ୍ୟା, ପରଶ୍ରୀକାତରତା, ମାତ୍ସର୍ଯ୍ୟ ।
Epaulet, *s.* ସୈନ୍ୟମାନଙ୍କ କାନ୍ଧ ଉପରେସ୍ଥିତ
Ephemera, *s.* ଏକଦିନଜୀବୀ କୀଟ । [ଛାପ ।
Ephemeral, *a.* ଦୈନିକ, ଅଳ୍ପସ୍ଥାୟୀ,
ଯାହା ଦିନେ ଜାତ ଓ ନାଶ ହୁଏ ।
Ephemeris, *s.* ପଞ୍ଜିକାବିଶେଷ, ରୋଜନାମା
Epic, *s.* ବୀରତ୍ୱ ଉପାଖ୍ୟାନ କାବ୍ୟ ।
Epicene, *s.* ବ୍ୟାକରଣ ଶାସ୍ତ୍ରରେ ଦ୍ୱି ଲିଙ୍ଗ ।
Epicure, *s.* ପେଟୁକ, ଉଦରମ୍ଭର, ଖାଦ୍ୟରସ-
ସ୍ୱାଦଲୋଭୀ ।
Epidemic, *a.* ଦେଶବ୍ୟାପକ, ମାରକ, ମଡ଼କ
Epigram, *s.* ଶ୍ଲୋକବିଶେଷ ।
Epigrammatist, *s.* ଉକ୍ତ ଶ୍ଲୋକ ରଚକ,
Epilepsy, *s.* ଅପସ୍ମାର, ମୃଗୀରୋଗ ।
Epilogue, *s.* ଗ୍ରନ୍ଥର ଶେଷଭାଗ, ଯାହାର-
ଶେଷ କବିତା ।
Episcopacy, *s.* ଧର୍ମାଧ୍ୟକ୍ଷର ପ୍ରଭୁତ୍ୱ ।
Episcopal, *a.* ଧର୍ମାଧ୍ୟକ୍ଷସମ୍ବନ୍ଧୀୟ ।
Episode, *s.* କାବ୍ୟର ମଧ୍ୟରେ ଉପକଥା,
ଗ୍ରନ୍ଥଶାଖା ।
Epistle, *s.* ଚିଟାଉ, ପତ୍ର, ପତ୍ରିକା, ଚିଠି ।
Epistolary, *a.* ପତ୍ରବିଷୟକ, ପତ୍ରୀୟ, ପତ୍ର-
ଭୂତ ।
Epitaph, *s.* କବରରେ ଲେଖିତ ବିବରଣ ।
Epithet, *s.* ଗୁଣବାଚକ ପଦ, ଉପନାମ, ଉ-
ପାଧି ।
Epitome, *s.* ସଂକ୍ଷେପ, ସାରସଂଗ୍ରହ, ଟୀକା,
ଗ୍ରନ୍ଥସାର ।
Epitomise, *v.* ସାରସଂଗ୍ରହ- ସଂକ୍ଷେପ-କ ।
Epoch, *s.* ସନ, ଶକ, ଶକାବ୍ଦ, ନିର୍ଦ୍ଧାରିତକାଳ ।
Equable, *a.* ସମଭାବ, ତୁଲ୍ୟ, ସମାନ, ନିର୍ବି-
କାର । [ବିସ୍ତାର ।
Equal, *a.* ସମତୁଲ୍ୟ, ତୁଲ୍ୟସମାନ, ଅବିଶେଷ,

**Equality**, *s.* ତୁଲ୍ୟତା, ସମତ୍ୱ, ସମତା, ଏକାବସ୍ଥା ।
**Equalize**, *v.* ସମତୁଲ୍ୟ- ସମାନ-କ ।
**Equanimity**, *s.* ସ୍ଥିରତା, ଧୀରତ୍ୱ, ଶାନ୍ତି, ସ୍ଥିରତ୍ୱ ।
**Equation**, *s.* ତୁଲ୍ୟାଙ୍କ, ସମାନ କରଣ ।
**Equator**, *s.* ନାଡ଼ୀମଣ୍ଡଳ, ଦକ୍ଷିଣୋତ୍ତର କେନ୍ଦ୍ର ସ୍ଥପକାରିଣୀ ରେଖା ।
**Equatorial**, *a.* ନାଡ଼ୀ ମଣ୍ଡଳସମ୍ବନ୍ଧୀୟ ।
**Equestrian**, *a.* ଅଶ୍ୱାରୂଢ଼, ଅଶ୍ୱସମ୍ବନ୍ଧୀୟ ।
**Equiangular**, *a.* ସମକୋଣବିଶିଷ୍ଟ ।
**Equidistant**, *a.* ସମଦୂରବର୍ତ୍ତୀ, ତୁଲ୍ୟାନ୍ତରସ୍ଥ
**Equilateral**, *a.* ସମଭୁଜବିଶିଷ୍ଟ, ତୁଲ୍ୟବାହୁ-ଯୁକ୍ତ । [ମାଣ ।
**Equilibrium**, *s.* ସମତା, ସମତ୍ୱ, ସମପରି-
**Equinoctial**, *a.* ବିଷୁବ ରେଖାସମ୍ବନ୍ଧୀୟ ।
**Equinox**, *s.* ବିଷୁବକାଳ, ସମଦିବାରାତ୍ରି; vernal, ବସନ୍ତପଦ; autumnal, ଜଳପଦ
**Equip**, *v.* ସଜ୍ଜ- ପ୍ରସ୍ତୁତ-କ, ସଜାଇବାର ।
**Equipage**, *s.* ପରିଚ୍ଛଦ, ଯାନବାହନାଦି, ସଓପସ୍ଥ । [ସମାନତା ।
**Equipoise**, *s.* ତୁଲ୍ୟପରିମାଣ, ସମତ୍ୱ,
**Equitable**, *a.* ଯଥାର୍ଥ, ପ୍ରକୃତ, ଠିକ, ନ୍ୟାୟ-ଯୁକ୍ତ । [ସାଧୁତା ।
**Equity**, *s.* ସୁବିଚାର, ନ୍ୟାୟ, ଯାଥାର୍ଥ୍ୟ,
**Equivalent**, *a.* ସମମୂଲ୍ୟ, ତୁଲ୍ୟମୂଲ୍ୟ, ସମ-ଗୁଣବିଶିଷ୍ଟ ।
**Equivocal**, *a.* ଦ୍ୱ୍ୟର୍ଥକ, ଦ୍ୱିକଳ୍ପ, ସନ୍ଦିଗ୍ଧ, ଅ-ସ୍ପଷ୍ଟ । [ଟଳ କଥା କହିବାର ।
**Equivocate**, *v.* ଅନିଶ୍ଚିତ କଥା ବା ଟଳମ-
**Era**, *s.* ଶକ, କାଳ, ଯୁଗ, ନିର୍ଦ୍ଦିଷ୍ଟକାଳ ।
**Eradiation**, *s.* ଅଂଶୁପାତ, ସୂର୍ଯ୍ୟକିରଣସ୍ପ. କରଣ ।

**Eradicate**, *v.* ସମୂଳୋତ୍ପାଟନ-କ, ମୂଳ ସୁଦ୍ଧା ଉପାଡ଼ିବାର ।
**Erase**, *v.* କାଟିବାର, ଲୋପ-କ, ଘଷିବାର ।
**Erasure**, *s.* କାଟିବାର, ଲହିବାର, ମୋଛା ।
**Ere**, *ad.* ପୂର୍ବେ, ଅଗ୍ରେ, ଆଗେ ।
**Erect**, *v.* ନିର୍ମାଣ-କ, ସୃଜିବାର, ଠିଆ-କ, ଉଠାଇବାର ।
**Erect**, *a.* ଠିଆ, ସଳଖ, ଟେକ, ଖଡ଼ା ।
**Erection**, *s.* ଗଠନ, ସ୍ଥାପନ, ଉତ୍ଥାପନ ।
**Ermine**, *s.* ଉତ୍ତମଲୋମଚର୍ମ୍ମବନ୍ତ, ଶୃ-ଦେଶସ ।
**Err**, *v.* ଭୁଲିବାର, ଭ୍ରମଣ-କ, ବିପଥ ଯିବାର ।
**Errand**, *s.* ଦୂତର କର୍ତ୍ତବ୍ୟକର୍ମ, ସମ୍ବାଦ, ବାର୍ତ୍ତା ।
**Errant**, *a.* ଭ୍ରମଣକାରୀ, ଭ୍ରମଣଶୀଳ, ...
**Errantry**, *s.* ଭ୍ରମଣାବସ୍ଥା, ପର୍ଯ୍ୟଟନ । [...
**Errata**, *s.* ଅଶୁଦ୍ଧଶୋଧନପତ୍ର, ଛାପାର ଭୁଲ
**Erratic**, *a.* ଭ୍ରମଣଶୀଳ, ଅନିୟମିତ ।
**Erroneous**, *a.* ଅଶୁଦ୍ଧ, ମିଥ୍ୟା, ଭୁଲ ଯୁକ୍ତ
**Error**, *s.* ଭୁଲ, ଭ୍ରମ, ଭ୍ରାନ୍ତି, ଦୋଷ, ତ୍ରୁଟି ।
**Erst**, *ad.* ଆଦ୍ୟରେ, ପ୍ରଥମେ, ଆଗେ, ପୂର୍ବେ ।
**Eructate**, *v.* ବାୟୁ ନିର୍ଗତ- ଉଦ୍ଗାର-କ ।
**Erudite**, *a.* ଦକ୍ଷ, ପଣ୍ଡିତ, ଜ୍ଞାନୀ । [ବୋଧ ।
**Erudition**, *s.* ପାଣ୍ଡିତ୍ୟ, ପଣ୍ଡିତତ୍ୱ, ...
**Eruption**, *s.* ବିସ୍ଫୋଟକ, ଲୁଣ୍ଡିଆ, ଦାଦ୍...
**Erysipelas**, *s.* ରକ୍ତକୁଷ୍ଠ, ଅଗ୍ନିଦାହ ।
**Escalade**, *s.* ଗଡ ପାଚେରିରେ ଆରୋହ...
**Escape**, *s.* ପଳାଇବାର, ରକ୍ଷା, ଉଦ୍ଧାର, ଖସିବାର । [ଦୁର୍ଗ ପଦେ ଛୁ...
**Escheat**, *s.* ବେଓାରିସୀ ଧନ, ଯାହା ରା...
**Eschew**, *v.* ତ୍ୟାଗ-କ, ଦୂର ପଳାଇବାର ।
**Escort**, *s.* ଯାତ୍ରାପଥେ ରକ୍ଷାର୍ଥେ ସୈନ୍ୟଦଳ
**Esculent**, *a.* ଖାଦ୍ୟଯୋଗ୍ୟ, ଖାଦ୍ୟ, ଭକ୍ଷ...
**Escutcheon**, *s.* ବଂଶ ମର୍ଯ୍ୟାଦାର ଚିହ୍ନ ।

Especial, *a.* ବିଶେଷ, ପ୍ରଧାନ, ବିଶିଷ୍ଟ, ଶ୍ରେଷ୍ଠ
Especially, *ad.* ବିଶେଷତଃ, ବିଶେଷରୂପେ, ଅତିଶୟ । [ଚରର ବୃତ୍ତି, ଅନୁସନ୍ଧାନ ।
Espionage, *s.* ଚର, ଗୋଇନ୍ଦା, ଗୂଢ ପ୍ର-
Esplanade, *s.* ଦୁର୍ଗ ତଳସ୍ଥ ମାଠ, ପଡିଆ, ମଇଦାନ ।
Espousal, *a.* ବିବାହିକ, ବିବାହସମ୍ବନ୍ଧୀୟ ।
Espousals, *s.* ବିବାହରସମ୍ବନ୍ଧ ବା ବିବାହ ।
Espouse, *v.* ବିବାହ-କ, ସପକ୍ଷ-ହ, ପକ୍ଷ-ପାତ-କ । [ନିରୀକ୍ଷଣ-କ ।
Espy, *v.* ଦୂରରେ ଦେଖିବାର, ଅନାଇବାର,
Esquire, *s.* ମର୍ଯ୍ୟାଦାସୂଚକ ଉପାଧି, ମହାଶୟ
Essay, *s.* ସଂକ୍ଷେପପ୍ରବନ୍ଧ, ଉଦ୍ଯୋଗ, ଚେଷ୍ଟା,
Essay, *v.* ଚେଷ୍ଟା-ପରୀକ୍ଷା-କ । [ସତ୍ତ୍ୱ ।
Essence, *s.* ସାରଭାଗ, ତତ୍ତ୍ୱ, ପଦାର୍ଥ, ମୂଳ-ଦ୍ରବ୍ୟ । [ପ୍ରୟୋଜନୀୟ ।
Essential, *a.* ଅତ୍ୟାବଶ୍ୟକ, ଗୁରୁତର,
Establish, *v.* ସ୍ଥାପନ-କ, ନିଶ୍ଚୟ ବା ସ୍ଥିର-କ, ଦୃଢ-କ । [ଜୀବିକାପଦ ।
Establishment, *s.* ବସତି, ସ୍ଥିରତା, ଉ-
Estate, *s.* ବିଷୟ, ଧନ, ଅଧିକାର, ଅବସ୍ଥା ।
Esteem, *s.* ଶ୍ରଦ୍ଧା, ଆଦର, ସମ୍ଭ୍ରମ, ପ୍ରେମ ।
Esteem, *v.* ଶ୍ରେଷ୍ଠଜ୍ଞାନ-ବୋଧ-କ । [ତ୍ତମ ।
Estimable, *a.* ସମ୍ଭ୍ରମଯୋଗ୍ୟ, ମାନ୍ୟ, ଉ-
Estimate, *s.* ସଂଖ୍ୟା, ଗଣନା, ମୂଲ୍ୟ, ଅନୁ-ମାନବିଷୟକନିରୂପଣ, ବୋଧ, ବିବେଚନା ।
Estimate, *v.* ସଂଖ୍ୟା-ଗଣନା-ମୂଲ୍ୟ-ଅ-ନୁମାନ-କ । [ର୍ଯ୍ୟାଦା, ସମ୍ଭ୍ରମ ।
Estimation, *s.* ବୋଧ, ମୂଲ୍ୟନିରୂପଣ, ମ-
Estrange, *v.* ସ୍ନେହଚ୍ଛେଦ-କ, ସ୍ନେହ ଭାଙ୍ଗି-ବାର, ସ୍ଥାନାନ୍ତର-କ ।
Estrangement, *s.* ସ୍ନେହଭାଙ୍ଗିବାର, ସୁହୃ-ଚ୍ଛେଦ, ଅନ୍ତର, ଦୂର ।

Estuary, *s.* ନଦ୍ୟାଦିର ମୁଖ, ଖାଲର ମୋ-ହାନା, ନଦୀ ଓ ସମୁଦ୍ରର ସଙ୍ଗମସ୍ଥାନ ।
Etcetera, *ad.* ଇତ୍ୟାଦି, ପ୍ରଭୃତି, ଅବଶିଷ୍ଟ ।
Etch, *v.* ଖୋଦନଦ୍ୱାରା ଚିତ୍ର-କ । [ଅଶେଷ ।
Eternal, *a.* ନିତ୍ୟ, ଅନାଦ୍ୟନନ୍ତ, ଅକ୍ଷୟ,
Eternally, *ad.* ଚିରକାଳେ, ଅନାଦ୍ୟନ୍ତେ, ଅନନ୍ତ ବା ଅଶେଷରୂପେ । [ପରଲୋକ ।
Eternity, *s.* ନିତ୍ୟତା, ଅନନ୍ତକାଳ, ଅକ୍ଷୟତା,
Ether, *s.* ଆକାଶ, ଔଷଧବିଶେଷ, ଅତିନିର୍ମଳ-ବାୟୁ ।
Ethereal, *a.* ଆକାଶୀୟ, ସ୍ୱର୍ଗୀୟ, ଅତିସୂକ୍ଷ୍ମ ।
Ethical, *a.* ନୀତିବିଦ୍ୟାବିଷୟକ ବା ସମ୍ବନ୍ଧୀୟ ।
Ethics, *s.* ନୀତିବିଦ୍ୟା, ନୀତିଶାସ୍ତ୍ର ।
Etiquette, *s.* ସଭ୍ୟତା, ଶିଷ୍ଟାଚାର ।
Etymology, *s.* ଶବ୍ଦସାଧନବିଦ୍ୟା, ବ୍ୟୁତ୍ପତ୍ତି, ଧାତ୍ୱନୁସନ୍ଧାନ । [ଭୋଜନ ।
Eucharist, *s.* ଖ୍ରୀଷ୍ଟର ମରଣ ସ୍ମରଣାର୍ଥେ
Eulogize, *v.* ପ୍ରଶଂସା-ସ୍ତବ-କ ।
Eulogium, *s.* ପ୍ରଶଂସା, ସ୍ତୁତି, ସ୍ତବ ।
Eunuch, *s.* ନପୁଂସକ, ଷଣ୍ଢ, କାମର୍ଦ୍ଦା ।
Euphony, *s.* ସୁସ୍ୱର, ମିଷ୍ଟସ୍ୱର, ସୁତାନ ।
European, *s.* ୟୁରୋପଦେଶୀୟ ।
Evacuate, *v.* ବାହାର-କ, ତ୍ୟାଗ ବା ଶୂନ୍ୟ-ସ୍ଥାନ-କ । [ବାହାନା କରି ଉତ୍ତର-ଦେ ।
Evade, *v.* ଛଳ ବା କୌଶଳରେ ମୁକ୍ତ-ହ,
Evanescent, *a.* ଅଦୃଶ୍ୟ, କ୍ଷଣସ୍ଥାୟୀ, ଅସ୍ଥା-ୟୀ, କ୍ଷଣିକ । [ଚାରାନୁଯାୟୀ ।
Evangelical, *a.* ଖ୍ରୀଷ୍ଟଧର୍ମ ବା ମଙ୍ଗଳସମା-
Evangelist, *s.* ଖ୍ରୀଷ୍ଟ ବିଷୟକ ସୁସମାଚାର ପ୍ରକାଶକ ।
Evangelize, *v.* ଖ୍ରୀଷ୍ଟଧର୍ମାବଲମ୍ବୀ-କ ।
Evaporate, *v.* ବାଷ୍ପୀଭୂତ-ହେ, ବାଫରେ ଉଡିଯିବାର ।

Evasion, *s.* ଓଜର, ବାହାନା, ଟାଳମଟାଳ, ଛଳନା ।

Evasive, *a.* କପଟି, ବ୍ୟାଜକାରୀ, ପ୍ରବଞ୍ଚକ ।

Eve, Even, *s.* ସନ୍ଧ୍ୟାକାଳ, ପର୍ବର ପୂର୍ବଦିନ

Even, *a.* ସମାନ, ସମତୁଲ୍ୟ, ସୁସ୍ଥିର ।

Even, *ad.* ସତ୍ୟ, ପ୍ରମାଣ, ବରଂ, ଓ, ଏବ ।

Evening, *s.* ସନ୍ଧ୍ୟାକାଳ, ସାୟଂ-କାଳ, ଦିନାନ୍ତ

Event, *s.* ଘଟଣା, ଫଳ, ଶେଷ, ଅନ୍ତ ।

Eventual, *a.* କର୍ମର ଫଳସମ୍ବନ୍ଧୀୟ, ଶେ-ଷାନ୍ତ, ଘଟନେଶେଷ । [ଅନ୍ତେ ।

Eventually, *ad.* ଶେଷତଃ, ଅବଶେଷେ,

Ever, *ad.* କୌଣସିକାଳେ, ସବୁକାଳେ, ସ-ର୍ବଦା, ନିତ୍ୟ ।

Evergreen, *s.* ଅମ୍ଳାନପତ୍ରବର୍ଦ୍ଧିଷ୍ଣୁ ବୃକ୍ଷ ।

Everlasting, *a.* ଅନନ୍ତ, ଅକ୍ଷୟ, ନିତ୍ୟ, ଚିରକାଳ ।

Everliving, *a.* ଅମର, ଚିରଜୀବୀ, ଚିରସ୍ଥାୟୀ

Evermore, *ad.* ସତତ, ନିରନ୍ତର, ସର୍ବଦା, ସଦା ।

Every, *a.* ପ୍ରତ୍ୟେକ, ଏକ୍ୟ, ସକଳ, ପ୍ରତିଜନ ।

Everywhere, *ad*, ସର୍ବତ୍ର, ସବୁଠାରେ, ସର୍ବ-ସ୍ଥାନେ । [ତତା ।

Evidence, *s.* ପ୍ରମାଣ, ସାକ୍ଷ୍ୟ, ପ୍ରତ୍ୟୟ, ନିଶ୍ଚି-

Evident, *a.* ସ୍ପଷ୍ଟ, ପ୍ରତ୍ୟକ୍ଷ, ସପ୍ରମାଣ ପ୍ରସିଦ୍ଧ ।

Evil, *s.* ମନ୍ଦ, ବିପଦ, ଅମଙ୍ଗଳ, ହାନି, ପାପ ।

Evil, *a.* ମନ୍ଦ, ଅହିତ, ଅନିଷ୍ଟ, ଦୁଷ୍ଟ ।

Evince, *v.* ପ୍ରକାଶ-କ, ଦେଖାଇବାର, ବ୍ୟକ୍ତ ବା ପ୍ରମାଣ-କ ।

Eviscerate, *v.* ଅନ୍ତ୍ରବାହାର-କ ।

Evoke, *v.* ଡାକିବାର, ଆହ୍ୱାନ- ସମ୍ବୋଧନ-କ ।

Evolve, *v.* ଅନାବୃତ-କ, ଖୋଲିବାର ।

Evolution, *s.* ଅନାବୃତ, ପ୍ରକାଶ ବା ବ୍ୟକ୍ତ କରଣ ।

Evulsion, *s.* ଉତ୍ପାଟନ, ଉତ୍ପାଡ଼, ଉନ୍ମୂଳନ ।

Ewe, *s.* ଭେଡ଼ି, ମେଣ୍ଢା, ମେଷୀ । [ହସ୍ତ ।

Ewer, *s.* ହାତଧୋଇବାର ଜଳପାତ୍ର, ଗଡୁ,

Exacerbation, *s.* କଷ୍ଟର ବା ପୀଡ଼ାର ବୃଦ୍ଧି,

Exact, *a.* ଠିକ, ନିଶ୍ଚୟ, ଯଥାର୍ଥ, ନିୟମବଦ୍ଧ ।

Exact, *v.* ହୁକୁମରେ ଦାବି-କ, ଅନ୍ୟାୟରେ ଦାବିକରି-ନେ ।

Exactitude, *s.* ପ୍ରକୃତତା, ଯାଥାର୍ଥ୍ୟ ।

Exactly, *ad.* ଠିକରୂପେ, ଯଥାର୍ଥ ବା ଶୁଦ୍ଧ ରୂପେ । [ଯୁକ୍ତ କହିବାର ।

Exaggerate, *v.* ବଢ଼ାଇବାର, ସତ୍ୟର ଅ-

Exalt, *v.* ଉନ୍ନତ ବା ଉଚ୍ଚପଦସ୍ଥ- ପ୍ରଶଂସା-କ ।

Exaltation, *s.* ଉନ୍ନତି, ଉତ୍କର୍ଷ, ପଦ-ପ୍ରାପ୍ତି । [ନ୍ତ ।

Examination, *s.* ପରୀକ୍ଷା, ତଦାରଖ, ତଦ-

Examine, *v.* ପରୀକ୍ଷା- ପରଖ- ପ୍ରଶ୍ନ- ତଦାରଖ

Examiner, *s.* ପରୀକ୍ଷକ, ତଦାରକ, ତଦର୍ଶୀ ।

Example, *s.* ଉଦାହରଣ, ଦୃଷ୍ଟାନ୍ତ, ଆଦର୍ଶ ଉପମା, ନମୁନା ।

Exasperate, *v.* ରାଗାନ୍ୱିତ- କ୍ରୁଦ୍ଧ- ଦଗ୍ଧ-କ ।

Excavate, *v.* ଗର୍ତ୍ତ-କ, ଖୋଳିବାର, ଖୁଦି କାଟିବାର ।

Exceed, *v.* ଅଧିକ- ଶ୍ରେଷ୍ଠ- ଅତିକ୍ରମ-ହ ।

Exceeding, *a.* ଅତିବାଦ, ଅଧିକ, ଅତିଶୟ ଅନେକ । [ନ୍ତ ।

Exceedingly, *ad.* ବାହୁଲ୍ୟରୂପେ, ଅତ୍ୟ-

Excel, *v.* ଶ୍ରେଷ୍ଠତମ- ଉତ୍କୃଷ୍ଟ- ଅଗ୍ରଗଣ୍ୟ-ହ ।

Excellence, *s.* ଉତ୍ତମତା, ଶ୍ରେଷ୍ଠତା, ଶୀ-ଳତା, ମର୍ଯ୍ୟାଦାର ପଦବୀ ।

Excellency, *s.* ମହାମହିମା, ଶ୍ରେଷ୍ଠତା ।

Excellent, *a.* ଅତ୍ୟୁତ୍ତମ, ଶ୍ରେଷ୍ଠ, ପରମ ।

Except, *pr.* ବିନା, ବିନୁ, ଛଡ଼ା, ବର୍ଜନେ, ଅ-ତିରେକେ ।

Except, *v.* ବର୍ଜନ-କ, ଛାଡ଼-ଦ, ଅସ୍ୱୀ-କ ।
Exception, *s.* ବ୍ୟତିରେକ, ଆପତ୍ତି, ଓଜର ।
Exceptionable, *a.* ଅଗ୍ରାହ୍ୟ, ବର୍ଜନୀୟ, ଆପତ୍ତିଯୋଗ୍ୟ, ନିନ୍ଦ୍ୟ ।
Excess, *s.* ଆଧିକ୍ୟ, ବାହୁଲ୍ୟ, ଅତିରେକ ।
Excessive, *a.* ଅତ୍ୟନ୍ତ, ଅତିରିକ୍ତ, ବଡ଼, ଅତି-ବାଦ ।
[ବିନିମୟ ।
Exchange, *s.* ପରିବର୍ତ୍ତନ, ବଦଳ, ଧାଲିଟ,
Exchequer, *s.* ରାଜକୋଷ, ରାଜଭଣ୍ଡାର, ଖାଜଣାଖାନା ।
Excise, *s.* ଦ୍ରବ୍ୟର କର, ଶୁଳ୍କକର, ମାସୁଲ ।
Excision, *s.* ଉଚ୍ଛେଦ, ଉପାଡ଼ିବାର, ଖଣ୍ଡନାଶ
Excitable, *a.* ଚେତନୀୟ, ପ୍ରବର୍ତ୍ତନୀୟ, ଉତ୍ତେ-ଜନୀୟ ।
[ବାର ।
Excite, *v.* ପ୍ରବୃତ୍ତ କରାଇବାର, ଚେତାଇ-
Excitement, *s.* ପ୍ରବୃତ୍ତି, ପ୍ରବର୍ତ୍ତନା, ଉତ୍ତମରୂ ଚେତାନ ।
Exclaim, *v.* ଉଚ୍ଚୈଃସ୍ୱରେ କହିବାର, ଡାକିବାର
Exclamation, *s.* ଚମତ୍କାରସୂଚକ ଶବ୍ଦ, ଆ-ଶ୍ଚର୍ଯ୍ୟ ବା ଶୋକୋକ୍ତିର ଚିହ୍ନ ।
Exclude, *v.* ବହିଷ୍କୃତ- ବାହାର ବା ଦୂର-କ
Exclusion, *s.* ନିବାରଣ, ବର୍ଜନ । [ରକ ।
Exclusive, *a.* ଭିନ୍ନ, ଛଡ଼ା, ବର୍ଜନକାରୀ, ନିବା-
Exclusively, *ad.* ଏକାକୀରୂପେ, ଭିନ୍ନ, ଏକ-ନିଷ୍ଠବାର ।
[ଭ୍ରଷ୍ଟ- ଅବ୍ୟବହାର୍ଯ୍ୟ-କ ।
Excommunicate, *v.* ମଣ୍ଡଳୀଚ୍ୟୁତ- ସଭ୍ୟ-
Excoriate, *v.* ପ୍ରହାର ଦ୍ୱାରା ଚମଡ଼ା ଉତାରିବାର, ଚର୍ମ ବା ଛାଲ ଉଠାଇବାର ।
Excrement, *s.* ବିଷ୍ଠା, ମଳ, ପୁରୀଷ ।
Excrescence, *s.* ଉପମାଂସ, ଅବୁ, ଫୋ-ଟକା, ବଥ ।
Excruciate, *v.* ଯନ୍ତ୍ରଣା- ଯାତନା ବା ଦୁଃଖ-ଦ
Exculpate, *v.* ନିରପରାଧୀ- ନିର୍ଦ୍ଦୋଷୀ-କ ।

Excursion, *s.* ଭ୍ରମଣ, ବହିର୍ଦ୍ଦୂରଯାତ୍ରା, ବେ-ଡ଼ାନ, ପର୍ଯ୍ୟଟନ ।
Excusable, *a.* କ୍ଷମାଯୋଗ୍ୟ, ମାର୍ଜନୀୟ ।
Excuse, *s.* ଦୋଷଖଣ୍ଡନ, ଆପତ୍ତି, ଓଜର, ବାହାନା ।
Excuse, *v.* କ୍ଷମା-କ, ଛାଡ଼-ଦ । [ଅତିଗମ ।
Execrable, *a.* ଅଭିଶାପ ଯୋଗ୍ୟ, ଘୃଣାର୍ହ,
Execrate, *v.* ଅଭିଶାପ-ଦ, ଅମଙ୍ଗଳଇଚ୍ଛା-କ, ଶାପ-ଦ ।
[ଅମଙ୍ଗଳେଚ୍ଛା ।
Execration, *s.* ଅଭିଶାପ, ଶାପ, ମନ୍ୟୁ,
Execute, *v.* ନିର୍ବାହ- ପ୍ରାଣଦଣ୍ଡ-କ ।
Execution, *s.* ନିଷ୍ପତ୍ତି, ବିଧିଅନୁସାରେ ପ୍ରା-ଣଦଣ୍ଡ ।
[କର୍ମକାରୀ, ଜଲ୍ଲାଦ ।
Executioner, *s.* ହନ୍ତା, ପ୍ରାଣଦଣ୍ଡକାରୀ,
Executive, *s.* କର୍ମ ସମ୍ପାଦକ, ନିଷ୍ପାଦକ ।
Executor, *s.* ମୃତ ବ୍ୟକ୍ତିର ଦାୟସ୍ତରକ୍ଷକ ।
Exegetical, *a.* ଅର୍ଥକାରକ, ବ୍ୟାଖ୍ୟାକର, ପ୍ରକାଶକ ।
Exemplar, *s.* ଆଦର୍ଶ, ଉଦାହରଣ, ଦୃଷ୍ଟାନ୍ତ ।
Exemplary, *a.* ନିଦର୍ଶନଯୋଗ୍ୟ, ଉତ୍ତମ, ସଦାସ୍ୱସ୍ଥ ।
[ଷ୍ଟାନ୍ତ-ଦ ।
Exemplify, *v.* ନିଦର୍ଶନ ବା ପ୍ରମାଣ ବା ଦୃ-
Exempt, *v.* ତ୍ୟାଗ-କ, ଛାଡ଼-ଦେ, ମୁକ୍ତ-କ, ଗଣନା ନ-କ ।
Exercise, *s.* ପରିଶ୍ରମ, ଅଭ୍ୟାସ, ବ୍ୟବହାର ।
Exercise, *v.* କର୍ମରେ ନିଯୁକ୍ତ- ଅଭ୍ୟାସ-କ ।
Exercitation, *s.* ଅଭ୍ୟାସ, ବ୍ୟବହାର, ସା-
Exert, *v.* ଯତ୍ନ- ପରିଶ୍ରମ- ଉଦ୍ୟମ-କ । [ଧନ ।
Exertion, *s.* ଯତ୍ନ, ଉଦ୍ଯୋଗ, ପରିଶ୍ରମ, ପ୍ରୟାସ
Exhalation, *s.* ବାଷ୍ପୋଦ୍ଗମନ, ବାଷ୍ପ ବା ଗନ୍ଧ ଉଠିବାର ।
Exhale, *v.* ବାଷ୍ପ ବା ଗନ୍ଧରେ ଉଠିବାର, ନିଶ୍ୱାସ ପ୍ରଶ୍ୱାସ ଛାଡ଼ିବାର ।

Exhaust, *v.* ସବୁ ବ୍ୟୟ-କ, କ୍ଷୟ ବା ଶେଷ-କ, ଖାଇବାର । [ଖାଲି, ଶେଷ ହେଲା ।
Exhausted, *a.* ଅବସନ୍ନ, କ୍ଲାନ୍ତ; ଖାଲି,
Exhaustion, *s.* ଅବସାଦ, କ୍ଷୀଣତା, ଅବସନ୍ନତା । [-କ ।
Exhibit, *v.* ଦେଖାଇବାର, ପ୍ରକାଶ ବା ବ୍ୟକ୍ତ
Exhibition, *s.* ଦର୍ଶନ, ପ୍ରକାଶ, ତାମସା, ସୁଅଙ୍ଗ, କୌତୁକ । [ଦିବାର, ବୃଦ୍ଧି-କ ।
Exhilarate, *v.* ଅହ୍ଲାଦିତ-କ, ତୁଷ୍ଟ ଉଲ୍ଲା-
Exhort, *v.* ଉପଦେଶ-ସତ୍ପରାମର୍ଶ-ଦ । [ମର୍ଶ ।
Exhortation, *s.* ଉପଦେଶ, ଶିକ୍ଷା, ସତ୍ପରା-
Exhumation, *s.* କବରରୁ ଶବ କାଢ଼ାର-କ ।
Exigency, *s.* ଆପତ୍କାଳ, ଅଭାବ, ଦୁର୍ଯୋଗ, ପ୍ରୟୋଜନ ।
Exile, *s.* ଦେଶାନ୍ତରଗତ, ପ୍ରବାସୀ, ବିଦେଶୀ
Exist, *v.* ହେବାର, ରହିବାର, ଜୀବନ-ଥ, ବର୍ତ୍ତମାନ-ହ ।
Existence, *s.* ଜୀବଦଶା, ସ୍ଥିତି, ଅସ୍ତି, ଜୀବନ ।
Exit, *s.* ପ୍ରସ୍ଥାନ, ନିଷ୍କାର, ଗମନ, ମରଣ ।
Exodus, *s.* ଯାତ୍ରା, ପ୍ରସ୍ଥାନ; ମୋଶାଲେଖିତ ଧର୍ମପୁସ୍ତକ ଦ୍ୱିତୀୟ ପୁସ୍ତକ ।
Exonerate, *v.* ଦୋଷରୁ ମୁକ୍ତ-କ ।
Exorbitant, *a.* ଅପରିମିତ, ଅସଙ୍ଗତ ।
Exorcise, *v.* ଭୂତଛଡ଼ାଇବାର, ଝାଡ଼ିବାର, ନିର୍ମଳ-କ । [ତିଆ ।
Exorcist, *s.* ଓଝା, ଯେ ଭୂତଛଡ଼ାଏ, ଭୂତ-
Exordium, *s.* ଭୂମିକା, ଆରମ୍ଭ, ମଙ୍ଗଳାଚରଣ ।
Exotic, *a.* ବିଦେଶୀ, ଅନ୍ୟଦେଶୀୟ ।
Expand, *v.* ପ୍ରସ୍ଫୁଟ- ବିସ୍ତାର- ପ୍ରସାର-କ ।
Expanse, *s.* ବିସ୍ତୃତବସ୍ତୁ, ପ୍ରସାର; ଆକାଶ, ଖଗୋଳ । [ରଣୀୟ ।
Expansive, *a.* ବିସ୍ତାର-କ, ଶକ୍ତିବିଶିଷ୍ଟ, ପ୍ରସା-

Expatiate, *v.* ପର୍ଯ୍ୟଟନ- ବିସ୍ତାର- ଆଲ ବାହୁଲ୍ୟ-କ ।
Expatriate, *v.* ସ୍ୱଦେଶତ୍ୟାଗ କରାଇବାର ।
Expect, *v.* ଆଶା ବା ଭରସା- ଅପେକ୍ଷା-କ ।
Expectation, *s.* ଆଶା, ପ୍ରତ୍ୟାଶା, ଭରସା, ଉମେଦ । [ପରିତ୍ୟାଗ-କ ।
Expectorate, *v.* ଶ୍ଳେଷ୍ମା ନିକ୍ଷେପ ବା ଖଙ୍କା-
Expediency, *s.* ଯୋଗ୍ୟତା, ଉପଯୁକ୍ତତା, ଆବଶ୍ୟକତା । [ସ୍ୱାର୍ଥ ।
Expedient, *a.* ଉଚିତ, କର୍ତ୍ତବ୍ୟ, ଯୋଗ୍ୟ,
Expedient, *s.* ଗତି, ଉପାୟ, କୌଶଳ, କଳ୍ପନା, ଉଦ୍ୟମ ।
Expedite, *v.* ସୁଗମ- ଦ୍ରୁତ ବା ତାଗଦା-କ ।
Expedition, *s.* ଯାତ୍ରା, ଦ୍ରୁତଗାମୀ, ବେଗ, ସତର୍କତା । [ଗତି ।
Expeditious, *a.* ଦ୍ରୁତ, ଶୀଘ୍ର, ସତ୍ୱର, ଚ-
Expel, *v.* ବାହାର-କ, ତଡ଼ି-ଦେ, ନିର୍ଦ୍ଧା-
Expend, *v.* ବ୍ୟୟ ବା ଖର୍ଚ୍ଚ-କ, ସ୍ୱଭାବ-
Expenditure, *s.* ବ୍ୟୟ, ଖରଚ । [ଭାବ:
Expense, *s.* ବ୍ୟୟ, ଖରଚ, ଖର୍ଚ୍ଚ, ମୂଲ୍ୟ ।
Expensive, *a.* ବ୍ୟୟଶୀଳ, ଖରଚି, ବହୁମୂଲ୍ୟ
Experience, *s.* ଜ୍ଞାତସାର, ଅନୁଭବ, ଦକ୍ଷ
Experiment, *s.* ବ୍ୟବହାର, ପରୀକ୍ଷା, ପରୀ
Experimental, *a.* ପରୀକ୍ଷାସମ୍ବନ୍ଧୀୟ ।
Expert, *a.* ଦକ୍ଷ, ପଟୁ, ନିପୁଣ, ପାରଗ, ଦକ୍ଷ
Expiate, *v.* ପ୍ରାୟଶ୍ଚିତ୍ତ-କ, ମୋଚନ ବା କ୍ଷମା-କ । [ଶୁଦ୍ଧି ।
Expiation, *s.* ପ୍ରାୟଶ୍ଚିତ୍ତ, ପ୍ରତିକାର, ମୋକ୍ଷ
Expiration, *s.* ଶେଷ, ମରଣ, ଅନ୍ତ, ଶ୍ୱାସ ତ୍ୟାଗ । [ପ୍ରତିକାର ।
Expire, *v.* ପ୍ରାଣତ୍ୟାଗ-କ, ମରିବାର, ଶ୍ୱାସ
Explain, *v.* ଅର୍ଥ-କ, ବୁଝାଇବାର, ପ୍ରକାଶ
Explanation, *s.* ଅର୍ଥ, ଟୀକା, ବ୍ୟାଖ୍ୟା ।

**Explanatory**, *a.* ସ୍ପଷ୍ଟାର୍ଥକାରୀ, ଅର୍ଥଜ୍ଞାପକ ।
**Expletive**, *s.* ଶ୍ଳୋକର ପାଦପୂରଣାର୍ଥକଶବ୍ଦ,
ଉପାକ୍ଷର । [ପରଧେୟ ।
**Explicable**, *a.* ସ୍ପଷ୍ଟକରଣୀୟ, ବ୍ୟାଖ୍ୟାତବ୍ୟ,
**Explication**, *s.* ଅର୍ଥକଥନ, ବ୍ୟାଖ୍ୟା ।
**Explicit**, *a.* ସ୍ପଷ୍ଟ, ସୁବ୍ୟକ୍ତ, ପ୍ରତ୍ୟକ୍ଷ, ନିଶ୍ଚୟ ।
**Explicitly**, *ad.* ସ୍ପଷ୍ଟ ବା ସାଫରୂପେ ।
**Explode**, *v.* ଶବ୍ଦକରି ଫୁଟିବାର ବା ଫାଟିପି-
ବାର, ଅବ୍ୟବହାର୍ଯ୍ୟ-କ । [କର୍ମ ।
**Exploit**, *s.* ବୃହତ୍କର୍ମ, ବୃହଦ୍ବ୍ୟାପାର, ସାହସ-
**Explore**, *v.* ଅନ୍ୱେଷଣ-କ, ଖୋଜିବାର, ଅନୁ-
ସନ୍ଧାନ-କ । [ଶବ୍ଦ ।
**Explosion**, *s.* ବାରୁଦପରି ଫୁଟିବାର, ମହା-
**Export**, *v.* ରପ୍ତାନି-କ, ବିଦେଶକୁ ପଦାର୍ଥ
ପଠାଇବାର । [ଜ୍ୟଦ୍ରବ୍ୟ ।
**Export**, *s.* ରପ୍ତାନି, ବିଦେଶେ ପ୍ରେରିତ ବାଣି-
**Expose**, *v.* ବ୍ୟକ୍ତ- ପ୍ରକାଶ- ଅର୍ଥ ପ୍ରକାଶ-କ,
ଖୋଲିବାର, ଦେଖାଇବାର ।
**Exposition**, *s.* ଅର୍ଥପ୍ରକାଶକ ଟୀକା ।
**Expositor**, *s.* ଅର୍ଥପ୍ରକାଶକ, ଟୀକାକାର ଉ-
ପଦେଶକ । [ଅନୁଯୋଗ-କ ।
**Expostulate**, *v.* ବୁଝାଇବା ଦ୍ୱାରା ମନା-କ,
**Expostulation**, *s.* ପ୍ରତିବାଦ, ଅନୁଯୋଗ,
ପ୍ରବୋଧ । [ଇବାର ।
**Exposure**, *v.* ବ୍ୟକ୍ତ ବା ପ୍ରକାଶ-କ, ଜଣା-
**Expound**, *v.* ଅର୍ଥପ୍ରକାଶ-କ, ବୁଝାଇବାର ।
**Express**, *v.* ବୋଲିବାର, ପ୍ରକାଶ-କ, ସ୍ପଷ୍ଟ-
କରି କହିବାର; *to squeeze out*, ନିଗାଡ଼ି-
ବାର, ଚିପୁଡ଼ିବାର । [ବିଶେଷ ।
**Express**, *a.* ସ୍ପଷ୍ଟ, ପ୍ରତ୍ୟକ୍ଷ, ନିର୍ଦ୍ଦିଷ୍ଟ, ନିତାନ୍ତ,
**Express**, *s.* ବେଗଗାମୀ ଦୂତ, ଧାଉଡ଼ିଆ,
ବେଗେ ପ୍ରେରିତ ସମ୍ବାଦ । [ଲି, ଉକ୍ତି ।
**Expression**, *s.* କଥା, କହିବାରଧାରା, ବୋ-

**Expressive**, *a.* ଅର୍ଥପ୍ରକାଶକ, ଭାବବ୍ୟଞ୍ଜ-
କାରୀ, ଠିକ, ଅର୍ଥବୋଧକ ।
**Expressly**, *ad.* ସ୍ପଷ୍ଟରୂପେ, ନିଶ୍ଚିତରୂପେ,
ଏକାନ୍ତ ହେତୁ । [ଦେବାର ।
**Expulsion**, *v.* ବାହାର ବା ବର୍ଜ୍ଜନ-କ, ତଡ଼ି-
**Expunge**, *v.* ପୋଛି ପକାଇବାର, ନିକାଳି-
ବାର, ମାର୍ଜ୍ଜନ- ଲୋପ-କ ।
**Expurgate**, *v.* ପରିଷ୍କାର- ଶୁଦ୍ଧ-କ ।
**Exquisite**, *a.* ବଡ଼ ସୁନ୍ଦର, ଅତ୍ୟୁତ୍ତମ, ବିଚ-
କ୍ଷଣ, ଖାସା ।
**Extant**, *a.* ବର୍ତ୍ତମାନ, ଥିବାର, ବିଦ୍ୟମାନ ।
**Extempore**, *a.* ହଠାତ୍-କୃତ, ବିବେଚନା ବା
ଅଭ୍ୟାସ ବିନୁ ଉପଦେଶ-ଦ ।
**Extend**, *v.* ବଢ଼ାଇବାର, ବୃଦ୍ଧି ବା ବିସ୍ତାର-କ
**Extension**, *s.* ବିସ୍ତାରଣ, ପ୍ରସାରଣ, ବିସ୍ତାର ।
**Extensive**, *a.* ପ୍ରଶସ୍ତ, ବୃହତ୍, ଚୌଡ଼ା, ବଡ଼,
ବିସ୍ତାରିତ । [ହିଦ ।
**Extent**, *s.* ଆୟତନ, ପ୍ରସାର, ସୀମା, ପରି-
**Extenuate**, *v.* ଲଘୁ-କ, ଛୋଟ ବା କ୍ଷୀଣ-କ
**Extenuation**, *s.* ଲଘୁତା, ନ୍ୟୂନତା, ଦୋଷ
ଊଣା କରଣ ।
**Exterior**, *a.* ବାହ୍ୟ, ବାହାରସ୍ଥିତ, ବହିର୍ଭୂତ
**Exterminate**, *v.* ସମୂଳରୁ ଉତ୍ପାଟନ-କ,
ଉପାଡ଼ିବାର । [ଚର ।
**External**, *a.* ବାହାରେ, ବାହ୍ୟ, ଦୃଷ୍ଟି ଗୋ-
**Extinct**, *a.* ନିର୍ବାଣ, ଲୁପ୍ତ, ମୃତ, ନଷ୍ଟ, ଅନ-
ସ୍ତ୍ୱ । [ଲିବାର ।
**Extinguish**, *v.* ନିର୍ବାଣ- ଲୋପ-କ, ନିଭ-
**Extinguisher**, *s.* ନିର୍ବାଣକାରୀ, ବତୀ ନିଭ-
ାଇବାର ଚିମ୍ନି । [-କ ।
**Extirpate**, *v.* ଉଚ୍ଛିନ୍ନ-କ, ଉପାଡ଼ିବାର, ନାଶ
**Extol**, *v.* ପ୍ରଶଂସା- ପ୍ରଶଂସା-କ, ଗୁଣବର୍ଣ୍ଣନା
ବା ସ୍ତୁତି-କ ।

**Extort**, *v.* ବଳରେ ବା ଅନ୍ୟାୟରେ-ନେ ।
**Extortioner**, *s.* ଅନ୍ୟାୟରୂପେ ଧନ ଗ୍ରାହକ ।
**Extra**, *a.* ଅଧିକ, ଅତିରିକ୍ତ, ବେଶି, ଉପର ।
**Extract**, *v.* ନିର୍ଗତ- ରସ ବାହାର-କ, ବାଛି ନେବାର ।
**Extract**, *s.* ସାରଭାଗ, ରସ, କଷାୟ, ଭୂମିକ
**Extraction**, *s.* ନିର୍ଗତ କରଣ; ବଂଶ ।
**Extraneous**, *a.* ଅସ୍ୱାଭାବିକ, ଭିନ୍ନ, ଅନ୍ୟ ।
**Extraordinary**, *a.* ଅସାଧାରଣ, ଅସାମାନ୍ୟ, ଅଦ୍ଭୁତ ।
**Extravagance**, *s.* ଅପବ୍ୟୟ, ଅନିୟମ, ବହୁବ୍ୟୟ । [ବ୍ୟୟୀ, ଉଡାଣିଆ ।
**Extravagant**, *a.* ଅପରିମିତବ୍ୟୟୀ, ବହୁ-
**Extreme**, *s.* ଅନ୍ତଭାଗ, ସୀମା, ଶେଷ, ଅନ୍ତ-ସ୍ଥଳ ।
**Extreme**, *a.* ଅତିରିକ୍ତ, ଅତିଶୟ, ଅତ୍ୟନ୍ତ ।
**Extremely**, *ad.* ଅତିଶୟରୂପେ, ବାହୁଲ୍ୟ-ରୂପେ । [ଦୁର୍ଦ୍ଦଶା ।
**Extremity**, *s.* ଅନ୍ତଭାଗ, ସୀମା, ଦୁଃଖ,
**Extricate**, *v.* ଉଦ୍ଧାର- ଦାୟରୁ ମୁକ୍ତ-କ, କାଢିବାର । [ହିର୍ଭୂତ ।
**Extrinsic**, *a.* ବାହାର, ବାହ୍ୟ, ଉପର, ବ-
**Exuberance**, *s.* ବାହୁଲ୍ୟ, ଆଧିକ୍ୟ, ପ୍ରାଚୁର୍ଯ୍ୟ
**Exudation**, *v.* ଝାଳ ବାହାରିବାର, ଘର୍ମ-ସ୍ରାବ ।
**Exude**, *v.* ଝାଳ ବା ଘର୍ମ ନିର୍ଗତ-ହ ।
**Exult**, *v.* ଅତ୍ୟନ୍ତ ଆନନ୍ଦ-କ, ଗର୍ବ ବା ଦର୍ପ ବା ଦମ୍ଭ-କ । [ନନ୍ଦ ।
**Exultation**, *s.* ଉଲ୍ଲାସ, ଆହ୍ଲାଦ, ମହା-
**Eye**, *s.* ଚକ୍ଷୁ, ଆଖି, ନେତ୍ର; ସୂଚି ବା କୁଁଚିର ରନ୍ଧ୍ର । [ଦୃଷ୍ଟି-ଦ ।
**Eye**, *v.* ଅବଲୋକନ- ଦୃଷ୍ଟି-କ, ଦେଖିବାର,
**Eyeball**, *s.* ଚକ୍ଷୁରଭାଗ ବା ମୁଖ୍ୟ ନେତ୍ରମଣି ।
**Eyebrow**, *s.* ଭ୍ରୂ, ଭୂରୁ, ଭୂଲତା ।
**Eyelash**, *s.* ଚକ୍ଷୁର ପତାବାଳ, ପକ୍ଷ୍ମ, ନେ
**Eyelet**, *s.* ଗବାକ୍ଷ, ବାୟ୍ୱର୍ଥଛିଦ୍ର । [ସା ।
**Eyelid**, *s.* ଚକ୍ଷୁରପତା, ଅକ୍ଷିପୁଟ, ଆଖିପତା ।
**Eye-service**, *s.* ଚକ୍ଷୁର ଗୋଚରରେ ଖୋସା
**Eyesore**, *s.* ଚକ୍ଷୁଃଶୂଳ, ନେତ୍ରରୋଗ, ଚକ୍ଷୁ-କ୍ଲେଶଦାୟକ ବସ୍ତୁ ।
**Eyry**, *s.* ଶିକାରୀପକ୍ଷୀର ବାସସ୍ଥାନ ।

## F.

**Fable**, *s.* ଉପନ୍ୟାସ, ଗଳ୍ପକଥା, ହିତୋ ଦେଶର ଗଳ୍ପ ।
**Fabric**, *s.* ଅଟ୍ଟାଳିକା, ସଉଦାଗାଡୁଳ, ଗ୍ର ନର ଧାସ, ବନାଟଇତ୍ୟାଦ ପଦାର୍ଥ ।
**Fabricate**, *v.* ନିର୍ମାଣ- କୃତ୍ରିମ- କଳ୍ପନା- ବନାଇବାର ।
**Fabrication**, *s.* କୃତ୍ରିମ, ସୃଷ୍ଟ, ନିର୍ମିତ, କଳ୍ପ
**Fabulist**, *s.* ଉପନ୍ୟାସ ବାକ୍ୟରଚକ ।
**Fabulous**, *a.* କଳ୍ପିତ, ମିଥ୍ୟାରଚିତ, ଅ- ପ୍ରତୀକ । [illegible]
**Face**, *s.* ମୁଖ, ବଦନ, ମୁହଁ, ଆସ୍ୟ, ଅଗ
**Face**, *v.* ସାକ୍ଷାତ- ମୁଖସ୍ଥ-କ, ସମ୍ମୁଖେ ଆ ମୁଖ-ହ ।
**Facile**, *a.* ସହଜ, ସୁଗମ, ନମ୍ରଶୀଳ,
**Facilitate**, *v.* ସୁଗମ- ସହଜ- କରିବାର
**Facility**, *s.* ଅନାୟାସ, ସହଜକର୍ମ, ସୁଗମତା
**Facing**, *s.* ଅଳଙ୍କାର, ଝାଁସିଆ; ମୁଖାମୁଖି ।
**Facsimile**, *s.* ପ୍ରତିଛାୟା, ପ୍ରତିରୂପ, ଅବି
**Fact**, *s.* କର୍ମ, କାର୍ଯ୍ୟ, କ୍ରିୟା, ସତ୍ୟତା, ପ୍ରମା
**Faction**, *s.* ରାଜଦ୍ରୋହୀର ଦଳ, ବଖେଡା ।
**Factious**, *a.* ରାଜଦ୍ରୋହୀ, ଉପଦ୍ରବୀ ।
**Factitious**, *a.* କୃତ୍ରିମ, କାଳ୍ପନିକ, ଅ- ସ୍ୱଦକ ।
**Factor**, *s.* କର୍ମକାରକ, ପ୍ରତିନିଧି, ଗୁମାସ୍ତା ।

Factory, s. କୋଠୀ, ବାଣିଜ୍ୟଘର, କାର୍ଯ୍ୟ-
ଶାଳା । [ଘ୍‌କର ।
Factotum, s. ସର୍ବକର୍ମକାରକ, ସକଳକର୍ମର
Faculty, s. ଗୁଣ, ମନରଶକ୍ତି, କ୍ଷମତା, ବିଦ୍ୟା-
ଳୟର ଅଧ୍ୟାପକଗଣ ।
Fade, v. ମଳିନ- ମ୍ଳାନ- କ୍ଷୀଣ ବା ବିଲୁପ୍ତ-ହୁ ।
Faeces, s. ବିଷ୍ଠା, ମଳ, ପୁରୀଷ, ଗାଦ, ଗୁହ ।
Fag, v. ପରିଶ୍ରାନ୍ତ- କ୍ଳାନ୍ତ-ହୁ, ଅତିପରିଶ୍ରମ-କ
Fag-end, s. ବସ୍ତ୍ରରଦଶୀ, ଶେଷଭାଗ, ହେ-
ୟାଂଶ ।
Fagot, s. ଜ୍ୱଳନୀ କାଷ୍ଠର ବିଡ଼ା ବା ପୁଳା ।
Fail, v. ଅକୃତାର୍ଥ- ନିର୍ଫଳ-ହୁ, ତ୍ରୁଟି-କ ।
Failure, s. ଦେଉଲିଆ-ହୁ, ଭୁଲ, ବିଫଳ,
ତ୍ରୁଟି । [ଉପେ ।
Fain, *ad*, ଇଚ୍ଛାନୁକ୍ରମେ, ସ୍ୱେଚ୍ଛାପୂର୍ବକ, ତୁଷ୍ଟ-
Faint, a. ଦୁର୍ବଳ, କ୍ଳାନ୍ତ, ନିସ୍ତେଜ, ଅବସନ୍ନ,
ମୂର୍ଚ୍ଛିତ ।
Faint, v. ମୂର୍ଚ୍ଛିତ- ପରିଶ୍ରାନ୍ତ-ହୁ ।
Fair, a. ସୁନ୍ଦର, ସୁରୂପ, ଗୌରବର୍ଣ୍ଣ, ଗୋରା,
Fair, s. ମେଳା, ଯୁକଯାତ୍ରା; ହାଟ ।
Fairy, s. ପରୀ, ମୋହିନୀ, ଉପଦେବୀ ।
Faith, s. ବିଶ୍ୱାସ, ପ୍ରତ୍ୟୟ; ଶ୍ରଦ୍ଧା, ଧର୍ମ ।
Faithful, a. ବିଶ୍ୱାସୀ, ବିଶ୍ୱସ୍ତ, ପ୍ରତ୍ୟୟଯୋଗ୍ୟ
Faithless, a. ଅବିଶ୍ୱାସୀ, ଅପ୍ରତ୍ୟୟୀ, ବିଶ୍ୱା-
ସଘାତକ, ଅଧାର୍ମିକ ।
Falchion, s. ଝାଙ୍ଗୀ, ଖଡ୍ଗବିଶେଷ ।
Falcon, s. ବାଜପକ୍ଷୀ, ବହିରୀ, ଶ୍ୟେନ ।
Falconer, s. ବାଜପକ୍ଷୀପାଳକ, ବାଜଦ୍ୱାରା
ଶିକାରୀ ।
Fall, v. ପଡ଼ିବାର, ଭଣା ପଡ଼ିବାର, ପତିତ-ହୁ
Fall, s. ପଡ଼ିବାର, ଅଧୋପତ, ବିନାଶ, ପ-
ଦଚ୍ୟୁତ ।
Fallacious, a. ଭ୍ରମଜନକ, ମିଥ୍ୟା, ବୃଥା ।

Fallacy. s. ମିଥ୍ୟାଯୁକ୍ତି, ପ୍ରବଞ୍ଚନା, ଭ୍ରମ, ଭୁଲ
Fallible, a. ଭ୍ରାନ୍ତିବିଶିଷ୍ଟ, ଭ୍ରମଯୋଗ୍ୟ, ଅସ୍ଥିର
Fallow, a. ପଡ଼ିଆଭୂମି, ଅଚଷାକ୍ଷେତ ।
False, a. ମିଥ୍ୟା, ବୃଥା, ବିଶ୍ୱାସଘାତକ, ଅସାର
Falsehood, s. ମିଥ୍ୟାକଥା, ଅସତ୍ୟବାକ୍ୟ ।
Falsify, v. ମିଥ୍ୟା- କୃତ୍ରିମ- ରଦ-କ ।
Falsity, s. ମିଥ୍ୟାକଥା, ଅସତ୍ୟ ।
Falter, v. ଅସ୍ପଷ୍ଟ କହିବାର, ସାବଣ୍ଡ-କ, ଅ-
ସ୍ଥିର-ହୁ ।
Fame, s. ଯଶଃ, ସୁଖ୍ୟାତି, କୀର୍ତ୍ତି ।
Familiar, s. ବନ୍ଧୁ, ଆତ୍ମୀୟ, ମିତ୍ର, ସୁହୃଦ ।
Familiar, a. ଆଳାପୀ, ଜ୍ଞାତ, ଅନୁଗତ; ସୁ-
ଶୀଳ, ସାମାନ୍ୟ । [ଜ୍ଞାତୃତ୍ୱ ।
Familiarity, s. ସଖ୍ୟଭାବ, ପ୍ରଣୟ, ଆଳାପ,
Familiarize, v. ବ୍ୟବହାରଦ୍ୱାରା ଜ୍ଞାତ-ହୁ,
ସୌହାର୍ଦ୍ଦ ଜନ୍ମାଇବାର ।
Family, s. ପରିବାର, ପରିଜନ, ବଂଶ, କୁଳ ।
Famine, s. ଅକାଳ, ଦୁର୍ଭିକ୍ଷ, ମହଙ୍ଗା, ଅ-
ନାହାର । [ଭୋକେ ମରିବାର ।
Famish, v. ଅନାହାରେ ପ୍ରାଣ କଷ୍ଟ-କ, ଅନ୍ନା-
Famous, a. ଖ୍ୟାତ୍ୟାପନ୍ନ, ପ୍ରସିଦ୍ଧ, ଯଶସ୍ୱୀ ।
Fan, s. ପଙ୍ଖା, ବିଞ୍ଚଣା, ସୂର୍ପ, କୁଲା ।
Fan, v. ବିଞ୍ଚିବାର, ପଙ୍ଖା ବା ଶସ୍ୟଝାଡ଼ିବାର ।
Fanatic, s. ଧର୍ମବିଷୟରେ ଅତ୍ୟନ୍ତ ବା ଉ-
ନ୍ମତ୍ତବ୍ୟକ୍ତି ।
Fanaticism, s. ଅଯୁକ୍ତବ୍ୟଗ୍ରତା ,ଧର୍ମବିଷୟେ
କ୍ଷିପ୍ତ, ଉନ୍ମତ୍ତତା ।
Fanciful, a. ମାନସିକ, କାଳ୍ପନିକ, ଭ୍ରମଜାତ ।
Fancy, s. ମନରକଳ୍ପନା, ମାନସ, ମନୋରଥ,
ଇଚ୍ଛା ।
Fancy, v. କଳ୍ପନା- ମାନସ- ବୋଧ- ମନେ-କ ।
Fane, s. ମନ୍ଦିର, ଦେବାଳୟ, ଭଜନାଳୟ ।
Fang, s. ପଶ୍ୱାଦିର ଦନ୍ତ, ବିଷଦନ୍ତ, ପକ୍ଷୀନଖ ।

**Fangled**, *a.* ଚିତ୍ରବିଚିତ୍ର, ରଚନଯୁକ୍ତ ।
**Fantastic**, *a.* କଳ୍ପିତ, ମାନସିକ, ଅଳୀକ ।
**Fantasy**, *s.* ଅନର୍ଥକମାନସ, ଅସାର ଚିନ୍ତା ।
**Far**, *a.* ଦୂର, ଅନ୍ତର, ଦୂରସ୍ଥ, ଅସମୀପ ।
**Farce**, *s.* ପରିହାସସହିତ ନାଟକ, ହାସ୍ୟୋଦ୍ଦୀପକବ୍ୟାପାର, ଗାୟନିଆ, କପଟନାଟ ।
**Fare**, *s.* ଖାଦ୍ୟଦ୍ରବ୍ୟ, ଅହାର; ନୌକାର ଭଡ଼ା ।
**Fare**, *v.* ଉତ୍ତମକ ଅବସ୍ଥାପ୍ରାପ୍ତ-ହ; ଭକ୍ଷଣ-କ ।
**Farewell**, *ad.* ପ୍ରସ୍ଥାନ କାଳୀନକଥା, ବିଦାୟ, ମଙ୍ଗଳ ହେଉ ।
**Farinaceous**, *a.* ଶସ୍ୟସମ୍ବନ୍ଧୀୟ, ଅଟାପରି
**Farm**, *s.* ଜମୀ, ଇଜାରଭୂମି, ଯୋତରଭୂମି ।
**Farm**, *v.* ଭୂମି କୃଷି-କ, ଇଜାର-ଦ, ଜମୀ ଭଡ଼ା-କ ବା ନେବାର । [ଦାର, ଚଷା ।
**Farmer**, *s.* କୃଷକ, ଯୋତଦାର, ଇଜାର-
**Farrier**, *s.* ଅଶ୍ୱଚିକିତ୍ସକ, ନାଲବନ୍ଦୀ ।
**Farriery**, *s.* ଅଶ୍ୱଚିକିତ୍ସା, ନାଲବନ୍ଦ ।
**Farrow**, *s.* ଶୂକରୀର ଛୁଆ, ଶୂକରୀ ପ୍ରସବ-କ
**Farther**, *a.* ଅଧିକ ବା ଅତି ଦୂର, ଦୂରତର ।
**Farthest**, *a.* ଅତ୍ୟନ୍ତ ଦୂର, ଦୂରତମ, ସବୁଠାରୁ ଦୂର ।
**Farthing**, *s.* ଇଂଗ୍ରେଜୀୟ ପେନୀ ମୁଦ୍ରାର ଚତୁର୍ଥାଂଶ । [ଜନ୍ମାଇବାର ।
**Fascinate**, *v.* ମୋହିତ- ଲୁବ୍ଧ-କ, ମାୟା
**Fascine**, *s.* କାଠର ଅଣ୍ଟି ଅଥବା ବୋଝ ।
**Fashion**, *s.* ଧାରା, ଆକୃତି, ରୂପ, ରୀତି, ପ୍ରଚାର, ଚଳନ । [ମତ-କ ।
**Fashion**, *v.* ନିର୍ମାଣ-କ, ଆକୃତି-କ, ଧାରା-
**Fashionable**, *a.* ଚଳିତ ଧାରାନୁଯାୟୀ, ସଭ୍ୟାନୁଯାୟୀ ।
**Fast**, *s.* ଉପବାସ, ଉପାସ, ଅନାହାର ।
**Fast**, *a.* ଶକ୍ତ, ଦୃଢ଼, ସ୍ଥିର; ବେଗଗାମୀ, ଶୀଘ୍ର
**Fast**, *ad.* ଶୀଘ୍ରରୂପେ, ଶକ୍ତ ଅଥବା ଦୃଢ଼ରୂପେ ।
**Fasten**, *v.* ବନ୍ଧନ- ବନ୍ଦ- ଦୃଢ଼-କ, ଲଗାଇବା ।
**Fastening**, *s.* ବନ୍ଧନ, ହୁଡ଼ୁକା, ଅର୍ଗଳ ।
**Fastidious**, *a.* ଅସନ୍ତୁଷ୍ଟ, ଅତୁଷ୍ଟ, ଖୁଣ୍ଟି-ଖୁଣ୍ଟିଆ । [ଡିଆ ।
**Fastness**, *s.* ଦୁର୍ଗମସ୍ଥାନ, ଗଡ଼, ଦୁର୍ଗ, ଦୃ-
**Fat**, *s.* ଚର୍ବି, ବସା, ମାଂସତେଲ ।
**Fat**, *a.* ସ୍ଥୂଳକାୟ, ହୃଷ୍ଟପୁଷ୍ଟ, ମୋଟା, ସ୍ଥୂଳ ।
**Fatal**, *a.* ପ୍ରାଣନାଶକ, ଧ୍ୱଂସକ, ସଂହାରକ ।
**Fatalist**, *s.* ଦୈବପରାୟଣ, ଅଦୃଷ୍ଟବାଦୀ ।
**Fatality**, *s.* ଦୈବଘଟନା, ଅଦୃଷ୍ଟ, ପ୍ରାକ୍ତନ ଘଟନା ।
**Fate**, *s.* ଅଦୃଷ୍ଟ, କପାଳ, ପ୍ରାକ୍ତନ, ଭାଗ୍ୟ ।
**Father**, *s.* ପିତା, ପିତୃ, ଜନକ, ବାପ, ପୂର୍ବପୁରୁଷ । [ସ୍ୱାମୀ ପିତା ।
**Father-in-law**, *s.* ଶ୍ୱଶୁର, ସ୍ତ୍ରୀର ଅଥବା
**Fatherless**, *a.* ପିତୃହୀନ, ପିତାରହିତ, ଅନାଥ
**Fatherly**, *a.* ପିତୃତୁଲ୍ୟ, ପିତୃବତ୍, ସ୍ନେହେ
**Fathom**, *s.* ଦୁଇହାତ ପରିମାଣ, ବାଆମ-ମାପ, ବାହୁ । [ଗଭୀରତ୍ୱ ବୋଧ-କ ।
**Fathom**, *v.* ମାପିବାର, ପରିମାଣ-କ, ଗଭୀର
**Fathomless**, *a.* ଅତଳସ୍ପର୍ଶ, ଅଗାଧ, ଅଗମ୍ୟ ବୋଧାଗମ୍ୟ ।
**Fatigue**, *s.* ଶ୍ରାନ୍ତି, ପରିଶ୍ରମ, କ୍ଲାନ୍ତି, ଶ୍ରମ ।
**Fatling**, *s.* ଭକ୍ଷଣାର୍ଥ ହୃଷ୍ଟପୁଷ୍ଟପଶୁ ।
**Fatten**, *v.* ହୃଷ୍ଟପୁଷ୍ଟ ବା ମୋଟା- ସ୍ଥୂଳ-କ ।
**Fatuity**, *s.* ଲଘୁତା, ମୂର୍ଖତା, ନିର୍ବୋଧତା
**Fault**, *s.* ଦୋଷ, ଅପରାଧ, ତ୍ରୁଟି, ଭ୍ରମ ।
**Faultless**, *a.* ନିର୍ଦ୍ଦୋଷୀ, ନିରପରାଧୀ ।
**Favour**, *s.* ଅନୁଗ୍ରହ, କୃପା, ଉପକାର, ପ୍ରସାଦ
**Favourable**, *a.* ଅନୁକୂଳ, ଅନୁଗ୍ରାହକ, ପ୍ରସନ୍ନ
**Favourite**, *s.* ପ୍ରିୟବ୍ୟକ୍ତି, ସ୍ନେହପାତ୍ର ।
**Fawn**, *s.* ହରିଣ ଛୁଆ । [ମୃଗ ପ୍ରସବ-କ ।
**Fawn**, *v.* ଚାଟୁକାରିତାର ବା ଖୁସାମଦ-କ;

**Fay**, *s.* ପରୀ, ଦାନବୀପକ୍ଷୀ; ପ୍ରତ୍ୟୟ, ଶ୍ରଦ୍ଧା ।
**Fealty**, *s.* ପ୍ରଭୁଭକ୍ତି, ଅଧୀନତା, ସତ୍ୟତା ।
**Fear**, *s.* ଭୟ, ତ୍ରାସ, ଡର, ଭୀତ, ଆଶଙ୍କା ।
**Fear**, *v.* ଡରିବାର, ଭୟ- ଶଙ୍କା-କ ।
**Fearful**, *a.* ଶଙ୍କିତ, ଭୀତ, ଭୟାର୍ତ୍ତ, ଭୟାନକ
**Fearless**, *a.* ନିର୍ଭୟ, ସାହସୀ, ନିଃଶଙ୍କ ।
**Feasible**, *a.* ସାଧ୍ୟ, ସହଜ, ସମ୍ଭବଯୋଗ୍ୟ ।
**Feast**, *s.* ଭୋଜ, ବଡଖାନା, ମହୋତ୍ସବ, ପର୍ବ
**Feat**, *s.* ସାହସିକକର୍ମ, ଅଲୌକିକକ୍ରିୟା, ଅଦ୍ଭୁତ-ବ୍ୟାପାର ।
**Feather**, *s.* ପକ୍ଷ, ପର, ପାଲର ।
**Feature**, *s.* ମୁଖରଚୌଲ, ରୂପ, ମୁଖଶ୍ରୀ, ଚେହେରା ।
**Febrifuge**, *s.* ଜ୍ୱରନାଶକ ଔଷଧ, ଜ୍ୱରଘ୍ନକ ।
**Febrile**, *a.* ଜ୍ୱରଜାତ, ଜ୍ୱରସହିତ, ଜ୍ୱରକ ।
**February**, *s.* ଇଙ୍ଗ୍ରାଜୀୟବର୍ଷର ଦ୍ୱିତୀୟମାସ ।
**Feculence**, *s.* ମାଳିନ୍ୟ, ଗାଦ, ମଳ ।
**Feculent**, *a.* ଗାଦମୟ, ସମଳ, ମଳିନ ।
**Fecundity**, *s.* ଉର୍ବରତ୍ୱ, ଫଳବତ୍ତ୍ୱ, ଫଳ-ଜନକତା ।
**Federal**, *a.* ନିୟମସମ୍ବନ୍ଧୀୟ, ନିୟମବିଶିଷ୍ଟ ।
**Fee**, *s.* ବେତନ, ପ୍ରତିଦାନ, ପାରିତୋଷିକ, ଶୁଳ୍କ । [ଝିଣି ।
**Feeble**, *a.* ଦୁର୍ବଳ, କ୍ଷୀଣ, କମଜୋର, ସରୁ,
**Feed**, *v.* ଭୋଜନ କରାଇବାର, ଭୋଜନ-କ, ପୋଷିବାର । [ବୋଧ-କ ।
**Feel**, *v.* ଛୁଇଁବାର, ସ୍ପର୍ଶ-କ, ସୁଖ ବା ଦୁଃଖ
**Feeler**, *s.* ସ୍ପର୍ଶକ, କୀଟର ଶୁଙ୍ଗ ବା ଶୁଣ୍ଢ ।
**Feeling**, *s.* ବୋଧ, ଜ୍ଞାନ, ଦୟା, କୃପା, ସ୍ନେହ, ମାୟା । [ମିଥ୍ୟା ଦେଖାଇ ।
**Feign**, *v.* ବାହାନା- କଳ୍ପନା- ପ୍ରତାରଣା-କ,
**Feigned**, *a.* କଳ୍ପିତ, ମିଥ୍ୟା, କାଳ୍ପନିକ ।
**Feint**, *s.* ଛଳ, ଛଳନା, ଫାନ୍ଦ, ଛଦ୍ମବେଶ ।

**Felicitate**, *v.* ପରମଙ୍ଗଳରେ ଆହ୍ଲାଦ ପ୍ରକାଶ-କ, ମଙ୍ଗଳାଚରଣ-କ ।
**Felicity**, *s* ସୁଖ, ଆହ୍ଲାଦ, ଆନନ୍ଦ, ମଙ୍ଗଳ ।
**Feline**, *a.* ବିଡାଲଜାତୀୟ, ମାର୍ଜାରବତ୍ ।
**Fell**, *v.* କାଟି ବା ମାରିପକାଇବାର, ଛେଦନ-କ
**Fell**, *a.* ନିଷ୍ଠୁର, ନିର୍ଦ୍ଦୟ, ହିଂସକ, କ୍ରୂର ।
**Felloe**, *s.* ଚକ୍ରପରିଧି, ଚକରବେଢ ।
**Fellow**, *s.* ସଙ୍ଗୀ, ସହଯୋଗୀ, ତୁଲ୍ୟ, ପୁରୁଷ, ଜାତି-ଲୋକ । [ଲାପ, ମିତ୍ରତା, ସମ୍ପର୍କ ।
**Fellowship**, *s* ସଙ୍ଗ, ସଂସର୍ଗ, ସମ୍ଭାଷ, ଆ-
**Felo-de-se**, *s.* ଆତ୍ମଘାତୀ, ଆତ୍ମହତ୍ୟାକାରକ ।
**Felon**, *s.* ମହଦୋଷୀ, ଅତ୍ୟାପରାଧୀ, ମହା-ପାତକୀ । [ଷ୍ଟୁର ।
**Felonious**, *a.* ଦୁଷ୍ଟ, ହିଂସ୍ରକ, ପାତକୀ, ଦୁସ-
**Felony**, *s.* ମୃତ୍ୟୁଯୋଗ୍ୟାପରାଧ ।
**Felt**, *s.* ଲୋମନିର୍ମିତ ଜମାଟବସ୍ତ୍ର ।
**Female**, *s.* ସ୍ତ୍ରୀ, ମାଈ, ନାରୀ, ମାଇକିନିଆ ।
**Feminine**, *a.* ସ୍ତ୍ରୀଜାତୀୟ, ମୃଦୁ, ସ୍ତ୍ରୀବତ୍ ।
**Femoral**, *a.* ଊରୁ ବା ଜଙ୍ଘାସମ୍ବନ୍ଧୀୟ ।
**Fen**, *s.* ଜଳଭୂମି, ଆର୍ଦ୍ରଭୂମି, ଝିଲ । [ଡାଟି ।
**Fence**, *s.* ବେଢା, ବାଡ, ଘେର, ଆବରଣ,
**Fence**, *v.* ବାଡ ବା ବେଢା-ଦ, ଅସ୍ତ୍ର ଖେଳା ଅଭ୍ୟାସ-କ ।
**Fend**, *v.* ଅବରୋଧ- ନିବାରଣ- ଦୂର-କ ।
**Fennel**, *s.* ଶୁଲୁଫାଶାକ, ଶୁଲଫା ।
**Ferment**, *v.* ଫୁଲି ଯିବା ଉଚ୍ଛୁଳି ଉଠିବାର, ଫାମିବାର ।
**Ferment**, *s.* କଳହ, ଗଣ୍ଡଗୋଳ । [ନକ ।
**Ferocious**, *a.* ନିଷ୍ଠୁର, ହିଂସ୍ର, କ୍ରୂର, ଭୟା-
**Ferocity**, *s.* ହିଂସା, ନିଷ୍ଠୁରତା, କ୍ରୂରତା ।
**Ferret**, *s.* ନେଉଳପରି କ୍ଷୁଦ୍ରଜନ୍ତୁ ।
**Ferret**, *v.* ଗୁପ୍ତସ୍ଥାନରୁ ବାହାର-କ । [ଧର୍ମକ ।
**Ferruginous**, *a.* ଲୌହବର୍ଣ୍ଣବିଶିଷ୍ଟ, ଲୋହ-

Ferry, *s.* ପାରଘାଟ; *v.* ନାଆରେପାର-କ ।
Ferry-boat, *s.* ଡଙ୍ଗା, ଡଙ୍ଗାନୌକା । [ଜ ।
Fertile, *a.* ଉର୍ବରା, ଫଳବାନ୍, ସଫଳ, ସତେ-
Fertility, *s.* ଉର୍ବରତ୍ୱ, ଫଳବତ୍ୱ, ଭୂମିରତେଜ
Fertilize, *v.* ଉର୍ବରା-ଫଳବାନ-ସତେଜ-କ ।
Fervency, *s.* ଔତ୍ସୁକ୍ୟ, ଉତ୍ସାହ, ବହୁଚେଷ୍ଟା, ବ୍ୟଗ୍ରତା । [ତ୍ସୁକ, ଉତ୍ସାହୀ ।
Fervent, *a.* ଉଦ୍ୟମୀ, ସତେଜ, ବ୍ୟଗ୍ର, ଉ-
Fervid, *a.* ଉଷ୍ଣ, ତପ୍ତ, ତେଜସ୍ୱୀ, ବ୍ୟଗ୍ର, ଗରମ ।
Ferula, *s.* ଶାକବାଡ଼ବିଶେଷ । [ଉତ୍ସାହ ।
Fervour, *s.* ଉଦ୍ୟମ, ଆସକ୍ତତା, ଔତ୍ସୁକ୍ୟ,
Festal, *a.* ପର୍ବାଦିବିଷୟକ, ଉତ୍ସବାନ୍ୱିତ ।
Fester, *v.* ପାଚିବାର, ଘାଅ ପକା ପୂଜ-ହ ।
Festival, *s.* ପର୍ବ, ଉତ୍ସବ, ଯାତ୍ରା, ମେଳା ।
Festive, *a.* ଉତ୍ସବବିଷୟକ, ଆନନ୍ଦଦାୟକ ।
Festivity, *s.* ହର୍ଷତା, ଆହ୍ଲାଦ, ଆନନ୍ଦବିଷୟ, ଉତ୍ସବ । [ରଣ ।
Festoon, *s.* ପୁଷ୍ପମାଳା, ପୁଷ୍ପହାର, ପୁଷ୍ପାଭ-
Fetch, *v.* ଯାଇଆଣିବାର, ଆଣିବାର ।
Fetch, *s.* ଛଳ, ପ୍ରବଞ୍ଚନା, ଫାଙ୍କି, କଳ୍ପନା ।
Fetid, *a.* ଦୁର୍ଗନ୍ଧି, କୁବାସୀ, ପଚା ।
Fetlock, *s.* ଘୋଡାର ଗଣ୍ଠିତଳର ଲୋମ ।
Fetter, *s.* ବେଡ଼ି, ଶିଙ୍କୁଳି, ହିଞ୍ଜିର ।
Fetus, *s.* ଭ୍ରୂଣ, ଗର୍ଭସ୍ଥବାଳକ, ଜରାୟୁସ୍ଥପ୍ରାଣି
Feud, *s.* କଳହ, ବିବାଦ, ଝଗଡା, କଜିଆ, ଯୁଦ୍ଧ । [ଗିର, ସମ୍ବନ୍ଧ ।
Feudal, *a.* ଭୂମିର ବନ୍ଦୋବସ୍ତ ବିଷୟକ, ଜା-
Fever, *s.* ଜ୍ୱର, ତାପ, ଉଷ୍ମା, ବିଷମଜ୍ୱର ।
Feverish, *a.* ଜ୍ୱରାକ୍ରାନ୍ତ, ତପ୍ତ, ଜ୍ୱରଗ୍ରସ୍ତ ।
Few, *a.* ଅଳ୍ପସଂଖ୍ୟକ, ଅଳ୍ପ, କମ ।
Fiat, *s.* ଆଜ୍ଞା, ଆଦେଶ, ହୁକୁମ, ହେଉ ।
Fib, *s.* ମିଥ୍ୟାକଥା, ଅସତ୍ୟକଥା ।
Fibre, *a.* ତନ୍ତୁ, ସୂକ୍ଷ୍ମ, ସୂତା, ଶିରା, ରଗ ।
Fibrous, *a.* ତନ୍ତୁବିଶିଷ୍ଟ, ସୂକ୍ଷ୍ମମୟ । [ଙ୍ଖଳ ।
Fickle, *a.* ଚଞ୍ଚଳ, ଚପଳ, ଅସ୍ଥିର, ଉଚ୍ଛୃ-
Fiction, *s.* ଗଳ୍ପ, ଉପନ୍ୟାସ, କଳ୍ପନା, କାହାଣି
Fictitious, *a.* କଳ୍ପିତ, କୃତ୍ରିମ, ମିଥ୍ୟା, ଅଯ- ଥାର୍ଥ ।
Fiddle, *s.* ବେହେଲା, ସାରଙ୍ଗି, ଶାରିନ୍ଦାବାଜା
Fidelity, *s.* ବିଶ୍ୱସ୍ତତା, ସତ୍ୟତା, ପ୍ରଭୁଭକ୍ତି, ଶ୍ରଦ୍ଧାଭାବ ।
Fidget, *v.* ଚଞ୍ଚଳ-ହ, ଅସ୍ଥିର ବା ବ୍ୟଗ୍ର-ହ ।
Fiducial, *a.* ପ୍ରତ୍ୟୟୀ, ବିଶ୍ୱସ୍ତ, ଅସନ୍ଦେହ ।
Fiduciary, *s.* ଗଚ୍ଛିତ ଦ୍ରବ୍ୟରକ୍ଷକ, ବିଶ୍ୱାସୀ
Fie, *int.* ଛି ଛି, ଧିକ୍, ଛ୍ୟା, ଛ୍ୟାଛ୍ୟା ।
Fief, *s.* ଜାଗିର, ତାଲୁକ, ବୃତ୍ତିଭୂମି । [ଭୂମି ।
Field, *s.* କ୍ଷେତ, କ୍ଷେତ୍ର, ବିଲ, ପଦାର, ରଣ-
Fiend, *s.* ଭୂତ, ପିଶାଚ, ଶୟତାନ, ଦୈତ୍ୟ ।
Fierce, *a.* ପ୍ରଚଣ୍ଡ, କ୍ରୂର, ଭୟାନକ ।
Fiery, *a.* ଅଗ୍ନିମୟ, ଗରମସ୍ୱଭାବ, ପ୍ରଚଣ୍ଡ ।
Fife, *s.* ବଂଶୀ, ମୁରଲୀ, ବାଂଶୀ ।
Fifteen, *s.* ପନ୍ଦର, ପଞ୍ଚଦଶ ।
Fifty, *s.* ପଚାଶ, ପଞ୍ଚାଶତ୍ ।
Fig, *s.* ଡମ୍ବୁରଗଛ ବା ଅଞ୍ଜିରଫଳ ।
Fight, *s.* ଯୁଦ୍ଧ, ଲଢାଇ, ସଂଗ୍ରାମ, ରଣ ।
Figment, *s.* କଳ୍ପନା ଛଳ, କଳ୍ପିତବାକ୍ୟ, କାହାଣି । [ନ୍ତରୂପେ ।
Figurative, *a.* ଉପମାବିଶିଷ୍ଟ, ରୂପକ, ଦୃଷ୍ଟା-
Figure, *s.* ଆକାର, ମୂର୍ତ୍ତି, ରୂପ, ଦୃଷ୍ଟାନ୍ତ; in arithmetic, ଅଙ୍କ ।
Figure, *v.* ଆକାର-ଅଙ୍କିତ-କ ।
Filament, *s.* ତନ୍ତୁ, ସୂକ୍ଷ୍ମସୂତ୍ର, ଅଂଶ ।
Filbert, *s.* ଫଳବିଶେଷ, ଫିନ୍ଦୁକ ।
Filch, *v.* ଚୋର-କ, ହାତଚଲାଇବାର ।
File, *s.* ଉଖା, for papers; ଗନ୍ଥ, of papers ନଥୀ; ପଙ୍କ୍ତି, ଶ୍ରେଣୀ ।

**Filial**, *a.* ସନ୍ତାନବତ୍, ପୁତ୍ରଧର୍ମକ, ପୁତ୍ରସମ୍ବନ୍ଧୀୟ
**Filigree**, *s.* ସ୍ୱର୍ଣ୍ଣାଦିର ବା ସୂକ୍ଷ୍ମତାରର କର୍ମ ।
**Filings**, *s.* ଉଖାରଗୁଣ୍ଡି, ଲୌହଚୂର୍ଣ୍ଣ ।
**Fill**, *v.* ପୂର୍ଣ୍ଣ ବା ଭରା- ପରିତୃପ୍ତ- ଭର୍ତ୍ତି-କ ।
**Fillet**, *s.* କେଶ ବାନ୍ଧିବାରଫିତା ବା ପଟି ।
**Fillip**, *v.* ଚୁଟକିମାରିବାର, ମୁଟକିମାରିବାର ।
**Filly**, *s.* ଘୋଡାର ମାଈବଛା ।
**Film**, *s.* ଛାଲ, ପାତଳଚମଡା ।
**Filter**, *v.* ଛାଣିବାର, ଛାଙ୍କି ନିର୍ମଳ-କ ।
**Filth**, *s.* ମଳ, ମଇଳା, ଗଳିଜ, କଷ୍ଟା ।
**Filthy**, *a.* ସମଳ, ମଳିନ, ଅପବିତ୍ର ।
**Filtrate**, *v.* ଛାଙ୍କିବାର, ଛାଣିବାର, ଗାଦ କାଢିବାର ।
**Fin**, *s.* ମତ୍ସ୍ୟଡେଣା, ମତ୍ସ୍ୟପଖା ।
**Final**, *a.* ଶେଷ, ଅନ୍ତ, ପ୍ରାନ୍ତ, କୃତାନ୍ତ, ସିଦ୍ଧାନ୍ତ
**Finally**, *ad.* ଶେଷେ, ଅବଶେଷେ, ସର୍ବଶେଷ, ଅନ୍ତେ ।
**Finance**, *s.* ରାଜସ୍ୱ, କର, ଗଣନା ।
**Financial**, *a.* ଅର୍ଥବିଷୟକ ବା ରାଜସ୍ୱବିଷୟକ
**Find**, *v.* ପାଇବାର, ଅନ୍ୱେଷଣଦ୍ୱାରାପ୍ରାପ୍ତ-ହ ।
**Fine**, *s.* ଅର୍ଥଦଣ୍ଡ, ଜରିମାନା, ଗୁଣାଗାରି ।
**Fine**, *a.* ସୂକ୍ଷ୍ମ, ମିହିନ, ସରୁ, ପାତଳ, ନିର୍ମଳ, ଉତ୍ତମ ।
**Finer**, *s.* ଧାତୁପରିଷ୍କାରକ, ଧାତୁନିର୍ମଳକର୍ତ୍ତା ।
**Finery**, *s.* ବେଶଭୂଷଣ, ଆଭରଣାଦି, ଅଳଙ୍କାର ।
**Finesse**, *s.* ଛଳ, କୌଶଳ, ନୈପୁଣ୍ୟ, ଫନ୍ଦର
**Finger**, *s.* ଅଙ୍ଗୁଳୀ, ଅଙ୍ଗୁଳି; fore- ତର୍ଜ୍ଜନୀ; middle- ମଧ୍ୟମା; ring- ଅନାମିକା; little- କନିଷ୍ଠା ।
**Finger**, *v.* ଅଙ୍ଗୁଳିଦ୍ୱାରାସ୍ପର୍ଶ-କ, ଛୁଁଇବାର ।
**Finical**, *a.* ସୁବେଶରେ ଯତ୍ନବିଶିଷ୍ଟ, ଫୁଲବଶିଆ, ବସ୍ତ୍ରବିଳାସୀ ।
**Finis**, *s.* ସମାପ୍ତି, ଇତି, ସାଙ୍ଗ, ଶେଷ ।
**Finish**, *v.* ସମାପ୍ତ- ସାଙ୍ଗ- ସମ୍ପୂର୍ଣ୍ଣ- ଶେଷ-କ ।
**Finite**, *a.* ଅନିତ୍ୟ, ଯାହାର ସୀମା ବା ଅନ୍ତ ଅଛି, ସୃଷ୍ଟ ।
**Fir**, *s.* ଗଛବିଶେଷ ।
**Fire**, *s.* ଅଗ୍ନି, ନିଆଁ, ଅଗ୍ନିଦାହ, ତେଜ ।
**Fire**, *v.* ଅଗ୍ନି-ଦ, ଗୋଳପକାଇବାର ।
**Firebrand**, *s.* ପ୍ରଜ୍ୱଳିତକାଷ୍ଠ, ନିଆଁଗୁଣ୍ଡା, ଉଲ୍କା ।
**Fire-engine**, *s.* ଅଗ୍ନି ନିର୍ବାଣ ଯନ୍ତ୍ର, ଦମକଳ
**Firefly**, *s.* ଜୁଳୁଜୁଳିଆ ପୋକ, ଜହ୍ନିପୋକ ।
**Firelock**, *s.* ବନ୍ଧୁକ, ଅଗ୍ନିଯନ୍ତ୍ର ।
**Fireman**, *s.* ଗୃହଦାହ ନିର୍ବାଣକାରୀ ।
**Firewood**, *s.* ଜଳାଇବାକାଷ୍ଠ, ଇନ୍ଧନ ।
**Fireworks**, *s.* ଅଗ୍ନିକ୍ରୀଡା, ଆତସବାଜି ।
**Firkin**, *s.* ମଦ୍ୟପାତ୍ରର ପରିମାଣ ।
**Firm**, *a.* ଶକ୍ତ, ଦୃଢ, ଟାଣ, ସ୍ଥିର, ସାରଯୁକ୍ତ, ଅଟଳ ।
**Firm**, *s.* ବାଣିଜ୍ୟାର୍ଥେ ସମ୍ପ୍ରଦାୟ, ବାଣିଜ୍ୟର କୋଠୀ ।
**Firmament**, *s.* ଆକାଶମଣ୍ଡଳ, ଶୂନ୍ୟ, ଗଗନ
**First**, *a.* ପ୍ରଥମ, ଆଦ୍ୟ, ଆଗେ, ପ୍ରଧାନ, ଶ୍ରେଷ୍ଠ
**Firstborn**, *s.* ପ୍ରଥମଜାତ, ଅଗ୍ରଜ, ଜ୍ୟେଷ୍ଠ ।
**Firstfruits**, *s.* ପ୍ରଥମଜାତଫଳ, ପ୍ରଥମୋତ୍ପନ୍ନଫଳ ।
**Firstling**, *s.* ପ୍ରଥମଜାତ ସନ୍ତାନ ।
**First-rate**, *a.* ସର୍ବଶ୍ରେଷ୍ଠ, ଅତ୍ୟୁତ୍ତମ, ପ୍ରଧାନ ।
**Fiscal**, *a.* ରାଜସ୍ୱସମ୍ବନ୍ଧୀୟ, ରାଜଭଣ୍ଡାର ।
**Fish**, *s.* ମାଛ, ମତ୍ସ୍ୟ, ମୀନ; young- ଜାଁଅଳ; salt- ଶୁଖୁଆ ।
**Fish**, *v.* ମତ୍ସ୍ୟଧରିବାର, ମାଛମାରିବାର ।
**Fisherman**, *s.* କେଉଟ, କୈବର୍ତ୍ତ, ମାଛୁଆ, ମତ୍ସ୍ୟବ୍ୟବସାୟୀ ।
**Fishery**, *s.* ମତ୍ସ୍ୟଗାର, ମତ୍ସ୍ୟବ୍ୟବସାୟ ।

**Fishhook**, *s.* ବଳଶୀକଣ୍ଟା, ମତ୍ସ୍ୟ ଧରିବାର୍ଥେ ବଡ଼ଶୀ । [ମତ୍ସ୍ୟ-ବିକ୍ରେତା ।
**Fishmonger**, *s.* ମାଛୁଆ, ମାଛବ୍ୟବସାୟୀ,
**Fissure**, *s.* ଛିଦ୍ର, ରନ୍ଧ୍ର, ଦରଜ, ଫାଙ୍କ ।
**Fist**, *s.* ମୁଠା, ବିଧା, ମୁଷ୍ଟି, ମୁଥା ।
**Fisticuffs**, *s.* ମୁଷ୍ଟାମୁଷ୍ଟି, ମୁଥାମୁଥି, ମୁଷ୍ଟିଯୁଦ୍ଧ
**Fistula**, *s.* ଭଗନ୍ଦର, ମଳଦ୍ୱାରେ କ୍ଷତବିଶେଷ
**Fit**, *s.* ଅଚେତନେ ପଡ଼ିବାର, ମୃଗୀ, ମୂର୍ଚ୍ଛା ।
**Fit**, *a.* ଉଚିତ, ଉପଯୁକ୍ତ, ଯୋଗ୍ୟ, ବିହିତ ।
**Fit**, *v.* ଉପଯୁକ୍ତ-ହ, ଠିକ୍ ବା ଯୋଗ୍ୟ-ହ, ପ୍ରସ୍ତୁତ-କ ।
**Five**, *s.* ପାଞ୍ଚ, ପଞ୍ଚ; per cent, ଶତକରେ ପାଞ୍ଚ
**Fives**, *s.* ଗେଣ୍ଡୁଖେଳାବିଶେଷ; ଘୋଡ଼ାରୋଗ
**Fix**, *v.* ସ୍ଥାପିତ· ଦୃଢ଼- ମଜବୁତ- ନିଯମ-କ ।
**Fixture**, *s.* ସ୍ଥାପିତଦ୍ରବ୍ୟ, ସ୍ଥାବର, ସ୍ଥିରତା ।
**Flabby**, *a.* ଢିଲା, କୋମଳ, ଅଦୃଢ଼, ଶି-ଥିଳ ।
**Flaccid**, *a.* ନରମ, କୋମଳ, ଢିଲା, ଅଶକ୍ତ ।
**Flag**, *s.* ପତକା, ଧ୍ୱଜା, ନିଶାଣ; tone, ପଟା, ପଥର । [ଫଳ-ହ ।
**Flag**, *v.* କ୍ଲାନ୍ତ-ହ, ଶିଥିଳ ବା ମ୍ଳାନ ବା ଦୁ-
**Flagellation**, *s.* ପ୍ରହାର, ବେତ ବା କୋରଡ଼ାମାରିବାର ।
**Flageolet**, *s.* କ୍ଷୁଦ୍ରବଂଶୀ, ବାଜାବିଶେଷ ।
**Flagitious**, *a.* ଅତିଦୁଷ୍ଟ, ଦୁଷ୍କର, ମହାପାତକୀ ।
**Flagon**, *s.* ଦ୍ରାକ୍ଷାରସପାତ୍ର, ଶୋରଇ ।
**Flagrancy**, *s.* ଦୋଷର ଅତିଶୟ, ଅତିବା-ଦର୍ପ, ଜ୍ୱାଳା । [ସିଦ୍ଧ ।
**Flagrant**, *a.* ଜ୍ୱଳନ୍ତା, ଉତ୍ତପ୍ତ, ଅତିଦୁଷ୍ଟ, ପ୍ର-
**Flagstaff**, *s*, ପତାକାଦଣ୍ଡ, ଧ୍ୱଜାଦଣ୍ଡ, ନି-ଶାଣବାଉଁଶ । [ବାଡ଼ି ।
**Flail**, *s.* ଶସ୍ୟମର୍ଦ୍ଦନଦଣ୍ଡ, ଧାନ୍ୟାଦି ପିଟିବାର

**Flake**, *s.* ପୋଷ୍ଟ, ଲୁଣ୍ଡି; of fire, ଫୁଲିଙ୍ଗ ।
**Flambeau**, *s.* ମଶାଲ, ଉଲ୍କା, ଡାମସ ।
**Flame**, *s.* ଅଗ୍ନିଶିଖା, ଅଗ୍ନିସ୍ୱର, ତେଜ, କ୍ରୋଧ । [ଲାଳସାମାତ୍ର ।
**Flaming**, *a.* ପ୍ରଜ୍ୱଳିତ, ଶିଖାବାନ୍, ଜ୍ୱଳନ୍ତ
**Flank**, *s.* ପାଞ୍ଜର, କାଖ, ସୈନ୍ୟ ବା ଦୁର୍ଗ-ଲାହାରେ ପାର୍ଶ୍ୱ ।
**Flank**, *v.* ପାର୍ଶ୍ୱଆକ୍ରମଣ ବା ରକ୍ଷା-କ ।
**Flannel**, *s.* ପଶମୀବସ୍ତ୍ରବିଶେଷ, ଲୁଇ ଧୁସା । [ଭାର ସେବକବେଶ ।
**Flap**, *s.* ପାଟ, ଦାମନ, ବସ୍ତ୍ରଲୋଲତଣ୍ଡ; ସେ-
**Flap**, *v* ପଶା ମାର, ଝପଟାମାର, ଝାପଟା-ମାର । [ବହିର୍ଦ୍ଦେଶ ।
**Flap-eared**, *a.* ଲୋଲିତକର୍ଣ୍ଣଯୁକ୍ତ, ବଡ଼-
**Flare**, *v.* ଉଜ୍ଜ୍ୱଳ-ହ, ଚକଚକ୍ ଦୀପ୍ତି-କ ।
**Flash**, *s.* ଝଲ୍କ, କ୍ଷଣପ୍ରଭା, ଚମକଣି, ଅ-ପ, ଦୀପ୍ତି ।
**Flashy**, *a.* ଫାଁପା, ଅସାର, ରଙ୍ଗିଆ ।
**Flask**, *s.* ପାତ୍ର, ଲଘୁପାତ୍ର; powder- ବାରୁଦ ଖୋଳ ।
**Flat**, *s.* ସମଭୂମି, ପଠାର; ସମୁଦ୍ରକୂଳ ଚର ।
**Flat**, *a.* ସମାନ, ସମ, ଚେପ୍ଟା, ନିସ୍ତେଜ, ନି-
**Flatly**, *ad.* ସ୍ପଷ୍ଟରୂପେ, ସମଭାବରେ, ନିସ୍ତେଜରୂପେ ।
**Flatten**, *v.* ସମାନ- ଚେପ୍ଟା- ନିସ୍ତେଜ-କ ।
**Flatter**, *v.* ମିଥ୍ୟାପ୍ରଶଂସା- ଖୋସାମଦ-ଅନୁସରଣକାର ।
**Flatterer**, *s.* ସ୍ତୁତିବାଦକାରୀ, ଖୁସାମଦିଆ, ସ୍ତାବକ । [ଖୋସାମଦ ।
**Flattery**, *s.* ମିଥ୍ୟାପ୍ରଶଂସା, ସ୍ତୁତିବାଦ, ଖୋ-
**Flatulency**, *s.* ବାୟୁରୋଗ, ବାୟୁ, ପେଟଫାଁପ ।
**Flatulent**, *a.* ବାୟୁରୋଗଗ୍ରସ୍ତ, ବାତୁଆ, ଫାଁପ

**Flaunt**, *v.* ଉଡକ ବା ଲୁଦ୍ଧୁକ ଦେଖାଇବାର, ବୁକ ଫୁଲାଇ ଚଲିବାର ।
**Flavour**, *s.* ଆସ୍ୱାଦ, ସୁସ୍ୱାଦ, ସ୍ୱାଦ୍ ।
**Flaw**, *s.* ଛିଦ୍ର, ଚିର, କଳଙ୍କ, ଦୋଷ ।
**Flax**, *s.* ଫେଷି, ମସିଣା, ଶଣ ।
**Flay**, *v.* ଚମ କାଢିବାର, ପ୍ରହାରରେ ଚମ ଉଖଡ଼ିବାର ।
**Flea**, *s.* ଉକୁଣିଆପୋକ, ପିଶୁ ।
**Fledged**, *a.* ପକ୍ଷବାନ୍, ପାଲଖବିଶିଷ୍ଟ ।
**Flee**, *v.* ପଳାଇବାର, ପଳାୟନ-କ ।
**Fleece**, *s.* ଏକମେଷଠାରୁ ଯାବନ୍ତ ଲୋମ କଟା ଯାଏ ।
**Fleece**, *v.* ଲୋମକାଟିବାର; ଲୁଟ-କ ।
**Fleecy** *a.* ଲୋମବନ୍ତ, ଲୋମମୟ, ପଶମୀ ।
**Fleet**, *s.* ଜାହାଜସମୂହ, ପୋତବହର ।
**Fleet**, *a.* ଦ୍ରୁତଗାମୀ, ଶୀଘ୍ରଗାମୀ ।
**Fleeting**, *a.* ଶୀଘ୍ରଗାମୀ, ଅସ୍ଥାୟୀ, କ୍ଷଣିକ ।
**Flesh**, *s.* ମାଂସ, ମାଉଂସ, ଶାରୀରକଧର୍ମ; ନିକଟ କୁଟୁମ୍ବ । [ଦେହସମ୍ବନ୍ଧୀୟ ।
**Fleshly**, *a.* ଶାରୀରକ, ପାର୍ଥିବ, ଦୈହିକ,
**Fleshy**, *a.* ମାଂସଲ, ହୃଷ୍ଟପୁଷ୍ଟ, ସ୍ଥୂଳକାୟ, ମୋଟା । [ୟତା ।
**Flexibility**, *s.* ନମ୍ୟତା, ବଶ୍ୟତା, ନମନୀ-
**Flexible**, *a.* ନମ୍ରଶୀଳ, ନରମ, କୋମଳ, ବଶ୍ୟ ।
**Flexure**, *s.* ନମ୍ର, ବାଙ୍କ, ମୋଡ, ବେଙ୍କ ।
**Flicker**, *v.* ପକ୍ଷଝାଡିବାର, ତଳତଳ-ହ ।
**Flight**, *s.* ପଳାୟନ, ଉଡିବାପକ୍ଷଜାକ; of imagination, ମନର ଭ୍ରମ ।
**Flighty**, *a.* ଉନ୍ମାଦ୍ମାନ, ଦ୍ରୁତଗାମୀ, ଚଞ୍ଚଳ
**Flimsy**, *a.* କ୍ଷୀଣ, ସରୁ, ପାତଳ, ଲଘୁ, ଦୁର୍ବଳ ।
**Flinch**, *v.* ପଛେହଟିବାର, ସଙ୍ଗ-ହ ।

N

**Fling**, *v.* ପକାଇ- ଫୋପାଡି-ଦ, ନିକ୍ଷେପ-କ
**Flint**, *s.* ଚକମକିପଥର, ଅଗ୍ନି ଉତ୍ପାଦକ ପ୍ରସ୍ତର
**Flinty**, *a.* ଚକମକିପଥରମୟ, କଠୁର, ନିର୍ଦ୍ଦୟ
**Flippant**, *a.* ବାଚାଳ, ବକୁଆ, ବାଜେବକୟା, ବହୁବକ୍ତା । [ବାହଣୀ ।
**Flirt**, *s.* ପ୍ରଗଲ୍ଭାସ୍ତ୍ରୀ, ଖେଳାଳୀ, ଅଙ୍ଗଭଙ୍ଗି-
**Flirt**, *v.* ଥଟ୍ଟା ବା ଠାଟ୍ଟା-କ ।
**Flit**, *v.* ଉଡିଯିବାର, ଅସ୍ଥିର-ହ ।
**Flitch**, *s.* ଶୂକରର ଶୁଷ୍କପଞ୍ଜରର ମାଂସ ।
**Float**, *v.* ଭାସିବାର, ଜଳଉପରେ ବହିଯିବାର; *s.* raft, ଭେଳା; in angling, ଚେରଣ୍ଡା
**Flock**, *s.* ପଲ, ଗୋଠ, ଝାଙ୍କ, ଲୋମଗୁଚ୍ଛ, ଊଣ ।
**Flog**, *v.* ପ୍ରହାର-କ, ମାରିବାର, ଶାସ୍ତି-ଦ ।
**Flood**, *s.* ବଢି, ଜଳପ୍ଲାବନ, ଜୁଆର, ବନ୍ୟା ।
**Floodgate**, *s.* ଜଳ ଆସିବାଯିବାର ବାଟ ।
**Floor**, *s.* ଗମ୍ଭିସ୍ତ, ତାଳ, ଘରମେଝିଆ ।
**Floral**, *a.* ପୁଷ୍ପସମ୍ବନ୍ଧୀୟ, ତଦ୍ବିଷୟକ ।
**Florid**, *a.* ରକ୍ତବର୍ଣ୍ଣ, ଲାଲିଆ, ଶୋଭବ ।
**Florin**, *s.* ବୈଦେଶିକ ମୁଦ୍ରାବିଶେଷ । [ସାୟୀ ।
**Florist**, *s.* ମାଳାକାର, ମାଳୀ, ପୁଷ୍ପବ୍ୟବ-
**Flotilla**, *s.* କ୍ଷୁଦ୍ରଜାହାଜର ବହର ବା ସମୂହ
**Flounce**, *v.* ଡେଇଁବାର, ଅସ୍ଥାଳନ-କ ।
**Flounce**, *s.* ବସ୍ତ୍ରର ଶୋଭାକର ଅଞ୍ଚଳ ବା ପ୍ରାନ୍ତଭାଗ, ଝାଲର । [ସ୍ଖାଳନ-କ ।
**Flounder**, *v.* ଧଡପଡ-କ, ଡେଇଁବାର, ଅ-
**Flour**, *s.* ମଇଦା, ଅଟା, ଚୁନ । ବୃଦ୍ଧି-ହ ।
**Flourish**, *v.* ଶୀଘ୍ରୁ- ସତେଜ-ହ, ଉନ୍ନତ-
**Flow**, *v.* ବହିଯିବାର, ପ୍ରବାହ-ହ । [କୁସୁମ ।
**Flower**, *s.* ପୁଷ୍ପ, ଫୁଲ, ଯୌବନ, ସାରଭାଗ,
**Flower**, *v.* ପୁଷ୍ପିତ-ହ, ଫୁଲଧରିବାର, ପୁଷ୍ପ-ଦ୍ୱାରା ସୁଶୋଭିତ-କ । [ବୃତ ।
**Flowery**, *a.* ପୁଷ୍ପରେ ଭୂଷିତ, ପୁଷ୍ପଯୁକ୍ତ, ଅଳ-

**Fluctuate**, *v.* ଅସ୍ଥିର- ଅନିଶ୍ଚିତ-ହ ।
**Fluctuation**, *s.* ଅସ୍ଥିରତା, ଆନ୍ଦୋଳନ, ଚ-ଞ୍ଚଳତା, ଅସ୍ଥାୟୀ ।
**Flue**, *s.* କୋମଳ ବା ନରମ ଲୋମ, ଧୂଆଁନଳୀ
**Fluency**, *s.* ବାକ୍‌ପଟୁତା, ସୁବକ୍ତୃତା, ବାକ୍ୟ ବାହୁଲ୍ୟ ।
**Fluent**, *a.* ବାକ୍‌ପଟୁ, ସୁବକ୍ତା, ବହନଶୀଳ ।
**Fluid**, *s.* ଦ୍ରବ ଦ୍ରବ୍ୟ, ଜଳବତ୍ ଦ୍ରବ୍ୟ, ରସ, ବହୁପତଳା ଦ୍ରବ୍ୟ ।
**Fluid**, *a.* ତରଳ, ଦ୍ରବ, ଜଳବତ୍, ବହନଶୀଳ
**Fluidity**, *s.* ତାରଲ୍ୟ, ଦ୍ରବତ୍ୱ ।
**Fluke**, *s.* ନଙ୍ଗରର ଫାଳପନ୍ଥ । [ସ୍ତବ, ସ୍ତୁତି ।
**Flummery**, *s.* ଗହମର ଅଟକାଳି; ମିଥ୍ୟା ।
**Flurry**, *s.* ଧୂମଧାମ, ଗୋଳ, ହଡବଡ ।
**Flush**, *v.* ପୁଲକିତ- ରକ୍ତବର୍ଣ୍ଣ-ହ ।
**Flush**, *a.* ତେଜସ୍ୱୀ, ପରିପୂର୍ଣ୍ଣ; *s.* ମୁଖର ରକ୍ତବର୍ଣ୍ଣ ବୃଦ୍ଧି ।
**Flute**, ମୁରଲୀ, ବଂଶୀ । [ବାଦ୍ୟଧ୍ୱନି ।
**Flutter**, *s.* ଚଞ୍ଚଳତ୍ୱ, ମନର ଅସ୍ଥିରତା, କ୍ଷୋଭ,
**Flutter**, *v.* ପକ୍ଷଧଡଫଡ- ଛଟପଟ-ହ ।
**Flux**, *s.* ପ୍ରବାହନ, ଅମାଶୟ, ରକ୍ତାତିସାର,
**Fly**, *s.* ମାଛି, ମକ୍ଷିକା । [ପ୍ରବାହ ।
**Fly**, *v.* ଉଡ଼ିବାର, ପଳାଇବାର ।
**Foal**, *s.* ଘୋଡାର ବାଛୁରି ବା ଛୁଆ ।
**Foam**, *s.* ଫେଣ, ଉଷ୍ମା, ଫାଁଜ, କୋପ ।
**Fob**, *s.* ଜେବ, ଘଡି ରଖିବାର ମୁଣି ।
**Focus**, *s.* ଯେ ସ୍ଥାନରେ ସୂର୍ଯ୍ୟକିରଣ ଏକତ୍ରୀଭୂତ ହୁଏ ।
**Fodder**, *s.* ଘାସଆଦି ପଶୁର ଖାଇବାରଦ୍ରବ୍ୟ
**Foe**, *s.* ଶତ୍ରୁ, ବିପକ୍ଷ, ଅରି, ଦ୍ୱେଷୀ । [ପ୍ରାଣୀ ।
**Foetus**, *s.* ଭ୍ରୂଣ, ଗର୍ଭସ୍ଥବାଳକ, ଜରାୟୁସ୍ଥ-
**Fog**, *s.* କୁହୁଡି, ବାଦଲ, କୁଜ୍ଝଟିକା ।
**Foggy**, *a.* କୁହୁଡିମୟ, କୁଜ୍ଝଟିକାମୟ ।

**Foible**, *s.* ଅଳ୍ପଭ୍ରମ, ଲଘୁପାପ, ତ୍ରୁଟି, ଦୋଷ
**Foil**, *v.* ଉଦ୍ୟୋଗ ଭାଙ୍ଗିବାର, ପରାସ୍ତ-କ, ବିଫଳ-ହ ।
**Foist**, *v.* କୃତ୍ରିମ ଅବା ଜାଲ କରି ଲେଖ ।
**Fold**, *v.* ଭାଙ୍ଗ- ବନ୍ଦ- ବୋଳ-କ ।
**Fold**, *s.* ଗୋଷ୍ଠ, ଶାଳ, ଭାଙ୍ଗ, ତ୍ରିଗୁଣ, ଦୋହରା ଭାଗ ।
**Foliage**, *s.* ଗଛର ପତ୍ରସମୂହ ।
**Folio**, *s.* ଏକତ୍ତା କାଗଜକୁ ଦୁଇଭାଗ କଲେ ଯେଉଁ ଆକାର ହୁଏ ସେହି ପୁସ୍ତକ ।
**Folk**, *s.* ଲୋକ, ଜନଗଣ, ମନୁଷ୍ୟମାନେ ।
**Follow**, *v.* ପଶ୍ଚାଦ୍‌ଗାମୀ-ହ, ପଛେ ଯିବାର; in expectation, ଅନୁସରଣ-କ; chase, ଗୋଡାଇବାର; obey, ଆଜ୍ଞାକାରୀ-ହେ; imitate, ଅନୁଗାମୀ-ହ । [ଶିଷ୍ୟ ।
**Follower**, *s.* ପଶ୍ଚାଦ୍‌ଗାମୀ, ଅନୁଚର, ଅନୁଯାୟୀ
**Folly**, *s.* ଅବିବେଚନା, ମୂଢତା, ଅଜ୍ଞତା ।
**Foment**, *v.* ଗରମ ପାଣି ବା ଦ୍ରବ ଔଷଧରେ ଧୌତ-କ, ବିବାଦ ପ୍ରବର୍ତ୍ତାଇବାର ।
**Fomentation**, *s.* ଉଷ୍ଣଦ୍ରବ ଔଷଧାଦିରେ ପଟି ବସାଇବାର । [ସେକ ।
**Fond**, *a.* ସ୍ନେହବନ୍ତ, ଆସକ୍ତ, ଅନୁରାଗୀ, ଅ-
**Fondle**, *v.* ସୋହାଗ- ସ୍ନେହ- ବାତ୍ସଲ୍ୟ-କ ।
**Fondling**, *s.* ସ୍ନେହପାତ୍ର, ପ୍ରିୟପାତ୍ର, ଦୁଲାଳ
**Fondness**, *s.* ପ୍ରେମ, ଅନୁରାଗ, ସ୍ନେହ, ବା-ତ୍ସଲ୍ୟ । [ସ୍ଥିର ଅକ୍ଷରସମୂହ ।
**Font**, *s.* କୁଣ୍ଡ; of type, ଏକ ପ୍ରକାର
**Food**, *s.* ଅନ୍ନ, ଭକ୍ଷ୍ୟ, ଆହାର, ଖାଦ୍ୟ ।
**Fool**, *s.* ପାଗଳ, ବାୟା, ବାତୁଳ, ମୂର୍ଖ ।
**Foolery**, *s.* ନିର୍ବୁଦ୍ଧିତା, ମୂର୍ଖତା, ଅଜ୍ଞତା ।
**Foolhardy**, *a.* ଅସମସାହସୀ, ଦୁଃସାହସୀ, ନିର୍ଭୟ । [ବାତୁଳ ।
**Foolish**, *a.* ନିର୍ବୋଧ, ପାଗଳପରି ଅଜ୍ଞ,

**Foolishness**, *s*. ଅଜ୍ଞାନତା, ମୂର୍ଖତା, ପାଗ-
**Foolscap**, *a*. ଏକ ପ୍ରକାର କାଗଜ । [ଳାମି ।
**Foot**, *s*. ପାଦ, ଗୋଡ଼, ଚରଣ; of a table, ପାୟା; 12 inches, ଫୁଟ । [ଭଣ୍ଟା ।
**Football**, *s*, ପାଦରେ ଖେଳିବାର ଗୁଳି ବା
**Footing**, *s*. ପାଦ ପକାଇବାର ସ୍ଥାନ, ମୂଳ, ଭୂମିପଦ । [ଦାସ ।
**Footman**, *s*. ପଦାତକ, ପିୟାଦା, ଭୃତ୍ୟ,
**Footpad**, *s*. ଡକାଇତ, ବାଟପାର ।
**Footpath**, *s*. କ୍ଷୁଦ୍ରପଥ, ଗାଳବାଟ ।
**Footstep**, *s*. ପଦଚିହ୍ନ, ପଦାଙ୍କ, ଖୋଜ ।
**Footstool**, *s*. ପାଦପୀଠ, ପାଦାସନ ।
**Fop**, *s*. ଫୁଲବାବୁ, ଫୁଲଫଳା ।
**For**, *pr. con*; କାରଣ, ଯେହେତୁ, ଏଣୁ, ବଦଳେ, ପରିବର୍ତ୍ତେ ।
**Forasmuch**, *con*. ଯେହେତୁ, ଯେ କାରଣ ।
**Forbear**, *v*. ସହ୍ୟ-କର, କ୍ଷାନ୍ତ ଅବା ନିବୃତ୍ତ-ହ ।
**Forbearance**, *s*. କ୍ଷାନ୍ତି, କ୍ଷମା, ସହିଷ୍ଣୁତା, ନିରଦାସ୍ତ ।
**Forbid**, *v*. ନିଷେଧ-କର, ବାରଣ ବା ମନା-କର ।
**Forbidding**, *a*. ଘୃଣାଜନକ, ନିଷେଧ ବା ଅଶ୍ରଦ୍ଧାଜନକ ।
**Force**, *s*. ବଳ, ପରାକ୍ରମ, କ୍ଷମତା, ସୈନ୍ୟ ।
**Force**, *v*. ବଳରେ- ଜବରଦସ୍ତି-କର ।
**Forceps**, *s*. ଚିମଟା, ସଣ୍ଡାଶି, ସନ୍ଦଶ ।
**Forcible**, *a*. ପ୍ରବଳ, ବଳବନ୍ତ, ସବଳ, ପରା-
**Ford**, *s*. ନଦୀ ପାର ହେବାର ସ୍ଥାନ । [କ୍ରାନ୍ତ ।
**Ford**, *v*. ଥଳରେ ପାର-ହେ ।
**Fore**, *a*. ଅଗ୍ର, ଆଗ, ପୂର୍ବ, ପ୍ରଥମ ।
**Forebode**, *v*. ଅଗ୍ରେବୋଧ- ସୂଚନା-କର ।
**Forecast**, *s*. ଦୂରଦର୍ଶନ, ଅଗ୍ରେଚିନ୍ତା ବା କ-
**Forecastle**, *s*. ଜାହାଜର ଅଗ୍ରଭାଗ । [ଳ୍ପନା ।
**Forefather**, *s*. ପିତୃଲୋକ, ପୂର୍ବପୁରୁଷ ।
**Forefinger**, *s*. ତର୍ଜନୀ, ହସ୍ତର ଦ୍ୱିତୀୟ ଅଙ୍ଗୁଳି ।
**Forefront**, *s*. ଅଗ୍ରଭାଗ, କପାଳ, ସମ୍ମୁଖ ।
**Forego**, *v*. ତ୍ୟାଗ-କର, ଛାଡ଼-ଦ, ଭୋଗ ନ-କର ।
**Foregoing**, *a*. ପୂର୍ବଗାମୀ, ପୂର୍ବୋକ୍ତ, ଅଗ୍ରଗାମୀ ।
**Forehead**, *s*. କପାଳ, ଲଲାଟ, ଭାଲ, ନସିବ
**Foreign**, *a*. ବିଦେଶୀୟ, ଅନ୍ୟଦେଶର, ଦୂରସ୍ଥ, ନିଃସମ୍ପର୍କୀୟ ।
**Foreigner**, *s*. ବିଦେଶୀ, ବିଦେଶୀୟ ବ୍ୟକ୍ତି, ପରଦେଶୀ ।
**Foreknow**, *v*. ଭବିଷ୍ୟତ ବିଷୟ ଜାଣିବାର ।
**Foreland**, *s*. ଅନ୍ତରୀପ ।
**Forelock**, *s*. କପାଳ ଉପରର ବାଳସମୂହ ।
**Foreman**, *s*. ସରଦାର, ପ୍ରଧାନ କାରିଗର, ନେବର୍ତ୍ତି, ସଭାପତି । [ପ୍ରଥମ ।
**Foremost**, *a*. ଅଗ୍ରସ୍ଥିତ, ଅଗ୍ରଗଣ୍ୟ, ଶ୍ରେଷ୍ଠ,
**Forenoon**, *s*. ସକାଳଓଳି, ପୂର୍ବାହ୍ନ, ସକାଳ ।
**Forensic**, *a*. ଅଦାଲତର ସମ୍ପର୍କୀୟ, ବ୍ୟବସ୍ଥାସମ୍ବନ୍ଧୀୟ । [ଉତ୍ତମ ।
**Forerunner**, *s*. ଅଗ୍ରସର, ଅଗ୍ରଗ, ଦୂତ,
**Foresee**, *v*. ଭବିଷ୍ୟତ୍ଦର୍ଶନ-କର ବା ଜ୍ଞାତ-ହେ, ପୂର୍ବରେ ଠଉରାଇବାର, ଦୂରଦର୍ଶନ-କର ।
**Foresight**, *s*. ଭବିଷ୍ୟଜ୍ଞାନ, ଅନୁପସ୍ଥିତ ବିଷୟରେ ବୋଧ । [ଚର୍ମ ।
**Foreskin**, *s*. ଲିଙ୍ଗାଗ୍ରଚର୍ମ, ପୁରୁଷାଙ୍ଗର ଅଗ୍ର-
**Forest**, *s*. ବନ, ଅରଣ୍ୟ, ଜଙ୍ଗଲ ।
**Forestall**, *v*. ଅଗ୍ରେ ଦଖଲ-କର, ଅନ୍ୟର ପୂର୍ବେ କ୍ରୟ-କର ।
**Forester**, *s*. ବନରକ୍ଷକ, ଅରଣ୍ୟବାସୀ ।
**Foretaste**, *v*. ପୂର୍ବସ୍ୱାଦାନୁଭବ, ପୂର୍ବରେ ଚାଖିବାର ବା ଜାଣିବାର ।
**Foretell**, *v*. ଭବିଷ୍ୟଦ୍ବାକ୍ୟ କହ । [ଜ୍ଞା ।
**Forethought**, *s*. ଭବିଷ୍ୟଚିନ୍ତା, ପୂର୍ବସୂଚ-

**Forewarn**, *v.* ପୂର୍ବେ ସାବଧାନ ବା ସୂଚନା-
ଦ, ଚେତନ-ଦ । [ଟ୍ରଣାଗାର ।
**Forfeit**, *s.* ଅର୍ଥ ବା ଧନଦଣ୍ଡ, ଜରିମାନା,
**Forfeiture**, *s.* ଅର୍ଥଦଣ୍ଡ, ଜରିମାନା, ଅଧି-
କାର ଲୋପ । [ଣାର୍ଥେ ଅର୍ପିତ ଭୂଖଣ୍ଡ ।
**Forge**, *s.* କମାରଶାଳ, ଲୌହଦ୍ରବ୍ୟ ନିର୍ମି-
**Forge**, *v.* ଜାଲ ବା କୃତ୍ରିମ କାଗଜ-କ !
**Forgery**, *s.* ଜାଲସାଜି, କୃତ୍ରିମଲିପି ।
**Forget**, *v.* ବିସ୍ମୃତ-ହ, ପାସୋରିବାର, ଭୁଲି
ଯିବାର, ମନରେ ନ ରଖିବାର ।
**Forgive**, *v.* କ୍ଷମା- ମାର୍ଜନା- ମାଫ-କ ।
**Forgiveness**, *s.* କ୍ଷମା, ମାର୍ଜନା, ପାପମୋ-
**Fork**, *s.* ମେଜଉପକଣ୍ଟା, କଣ୍ଟା, ତ୍ରିଶୂଳ । [ଚନ ।
**Forked**, *a.* କଣ୍ଟାଯୁକ୍ତ, କଣ୍ଟାପରି ।
**Forlorn**, *a.* ଦୀନ, ତ୍ୟକ୍ତ, ଅନାଥ, ନିଃସହାୟ
**Form**, *v.* ନିର୍ମାଣ-କ, ଗଢ଼ିବାର, ବନାଇବାର ।
**Form**, *s.* ଆକୃତି, ଆକାର, ରୂପ, ଢୌଲ ।
**Formal**, *a.* ଯଥାବିଧି, ବିଧ୍ୟନୁଗାମୀ, ସ୍ୱଭା-
ବାନୁଯାୟୀ । [ଯାୟୀ ।
**Formalist**, *s.* ଶୁଦ୍ଧମତାବଲମ୍ବୀ, ବାହ୍ୟାଚାରାନୁ-
**Formality**, *s.* ଶୁଦ୍ଧମତ ବ୍ୟବହାର, ବାହ୍ୟ
ବା କପଟପଣ । [ରଚନା ।
**Formation**, *s.* ନିର୍ମାଣ, ଗଠନ, ସୃଜନ,
**Former**, *a.* ଆଦ୍ୟ, ପୂର୍ବ, ପ୍ରଥମ, ଗତ ।
**Formerly**, *ad.* ପୂର୍ବକାଳେ, ପ୍ରଥମେ, ଅଗ୍ରେ,
ଆଦ୍ୟରେ [କର, ଘୋର ।
**Formidable**, *a.* ଭୟାନକ, ଦାରୁଣ, ଭୟ-
**Formless**, *a.* ନିରାକାର, ଆକୃତିରହିତ, ବେ-
ଢୌଲ ।
**Formula**, *s.* ସୂତ୍ର, ନିୟମ, ଧାରା, ବିଧି ।
**Formulary**, *s.* ବିଧିଗ୍ରନ୍ଥ, କର୍ମକାଣ୍ଡ ପୁସ୍ତକ ।
**Fornication**, *s.* ବ୍ୟଭିଚାରକ୍ରିୟା, ଲମ୍ପଟତା ।
**Forsake**, *v.* ତ୍ୟାଗ ବା ପରିତ୍ୟାଗ-କ, ଛାଡ଼ିବାର

**Forsooth**, *ad.* ସତ୍ୟ, ଯଥାର୍ଥ, ପ୍ରମାଣ, ଠିକ ।
**Forswear**, *v.* ମିଥ୍ୟାଶପଥ ବା ଶପଥ ଅଗ୍ରା
ନିୟମ-କ ।
**Fort**, *s.* ଦୁର୍ଗ, ଗଡ଼, କିଲ୍ଲା, କୋଟ । [ଣତା ।
**Forte**, *s.* ବିଶେଷ ଗୁଣ ଅବା କ୍ଷମତା, ଦକ୍ଷ-
**Forth**, *ad.* ବାହାରେ, ଏଠାରୁ, ଏସମୟରୁ ।
**Forthcoming**, *a.* ଆସିବାର, ଉପସ୍ଥିତ,
ଆଗତ, ଆଗାମୀ ।
**Forthwith**, *ad.* ଅବିଳମ୍ବରେ, ସେହିକ୍ଷଣି ।
**Fortification**, *s.* ଗଡ଼, ଦୁର୍ଗ, ଦୁର୍ଗନିର୍ମାଣ
ବିଦ୍ୟା । [ବା ଦୃଢ଼ତ-ଦ ।
**Fortify**, *v.* ସବଳ- ଦୁର୍ଗ ନିର୍ମାଣ-କ, ଅଗ୍ର
**Fortitude**, *s.* ସାହସ, ଧୈର୍ଯ୍ୟ, ସହିଷ୍ଣୁତା ।
**Fortnight**, *s.* ଏକପକ୍ଷ, ଦୁଇସପ୍ତାହ, ପକ୍ଷ
**Fortress**, *s.* ଦୁର୍ଗ, ଗଡ଼, କିଲ୍ଲା । [ମାସ ।
**Fortuitous**, *a.* ଦୈବଘଟିତ, ଅକସ୍ମାତ୍
ହଠାତ୍ । [ସ୍ୱତ ।
**Fortunate**, *a.* ଭାଗ୍ୟବନ୍ତ, କପାଳବନ୍ତ, ସୌ-
**Fortune**, *s.* ଭାଗ୍ୟ, ଅଦୃଷ୍ଟ, କପାଳ, ସମ୍ପଦ ।
**Fortuneteller**, *s.* ଦୈବଜ୍ଞ, ଗଣକ, ଜ୍ୟୋ-
**Forty**, *a.* ଚାଳିଶ । [ତିଷ ।
**Forum**, *s.* ବିଚାରସ୍ଥାନ, ବ୍ୟବସ୍ଥାନ, ସଭା ।
**Forward**, *a.* ଅଗ୍ରସ୍ଥିତ, ଅଗ୍ରସର, ଶୀଘ୍ର
ଉଦ୍ୟତ, ନିର୍ଲଜ୍ଜ ।
**Forward**, *v.* ଅଗ୍ରସର- ତ୍ୱରା- ସାହାଯ୍ୟ-କ ।
**Forward**, *ad.* ଅଗ୍ରେ, ଆଗେ ।
**Forwardness**, *s.* ବ୍ୟଗ୍ରତା, ଉଦ୍ଯୋଗ, ଉ-
ଦ୍ୟମ, ଧୃଷ୍ଟତା ।
**Fosse**, *s.* ଗଡ଼ଖାଇ, ଖାତ, ଗର୍ତ୍ତ, ପରିଖା ।
**Fossil**, *s.* ମୃତ୍ତିକାଗତ ଧାତୁଦ୍ରବ୍ୟ । [ବ ।
**Foster**, *v.* ପୋଷିବାର, ପ୍ରତିପାଳନ- ସହାୟ-
**Fosterbrother**, *s.* ଧାଇମାଆର ପୁଅ, ଏକ
ସ୍ତନପାୟୀ ।

**Fosterchild**, *s.* ପୋଷ୍ୟସନ୍ତାନ, ପାଳକପୁତ୍ର

**Fosterfather**, *s.* ଅନ୍ନଦାତା, ପିତା, ପ୍ରତି-
ପାଳକ ।

**Foul**, *a.* ମଳିନ, ଅପବିତ୍ର, ଦୁସ୍ତର ।

**Foulmouthed**, *a.* ଦୁର୍ମୁଖ, କଟୁଭାଷୀ, ଅ-
ପ୍ରିୟବାଦୀ ।

**Found**, *v.* ପତ୍ତନ- ସ୍ଥାପନ-କ, ଗଢିବାର ।

**Foundation**, *s.* ମୂଳ, ଭିତ୍ତିମୂଳ, ମୂଳଦୁଆ,
ବୁନିୟାଦ । [ସ୍ଥାଞ୍ଚରେ ଢାଳେ ଯେ ।

**Founder**, *s.* ନିର୍ମାତା, ନିର୍ମାଣକର୍ତ୍ତା, ଧାତୁଅଦ

**Founder**, *v.* ଜଳରେମଗ୍ନ-ହ, ବୁଡିଯିବାର ।

**Foundery**, *s* ଧାତୁ ସ୍ଥାଞ୍ଚରେଢାଳିବାର ଘର,
ଅଟାରଶାଳ ।

**Foundling**, *s.* ତ୍ୟକ୍ତଶିଶୁ, ଅନାଥବାଳକ ।

**Fountain**, *s.* ଝର, ନିର୍ଝର, ଜଳାକର ।

**Four**, *s.* ଚାରି, ଚତୁର, ଚତୁଷ୍ଟୟ ।

**Fourfold**, *a.* ଚତୁର୍ଗୁଣ, ଚତୁର୍ଦ୍ଧା ।

**Foursquare**, *a.* ଚତୁଷ୍କୋଣ, ଚାରିକୋଣିଆ

**Fourteen**, *s.* ଚଉଦ, ଚତୁର୍ଦ୍ଦଶ ।

**Fourth**, *a.* ଚତୁର୍ଥ ।

**Fowl**, *s.* କୁକୁଡା, ମୁରଗୀ, ପକ୍ଷୀ ।

**Fowler**, *s.* ଚଢାଇମାର, ପକ୍ଷିଧର, ବ୍ୟାଧ ।

**Fox**, *s.* ଖେଁକଶିଆଳ, ଲଙ୍କାମୁଣୀ ।

**Fraction**, *s.* ଭାଗ, ଅଂଶ, ଖଣ୍ଡ, ଭଗ୍ନ ।

**Fractional**, *a.* ଅଂଶ ବା ଭାଗସମ୍ବନ୍ଧୀୟ ।

**Fracture**, *s.* ହାଡଭାଙ୍ଗିବାର ବା ଭାଙ୍ଗିବାର ।

**Fragile**, *a.* ଅଶକ୍ତ, କ୍ଷୀଣ, ଦୁର୍ବଳ, ଠଣକା ।

**Fragility**, *s.* ଠଣକାଇ, ମଟକାଳିଆ, ଅଶ-
କ୍ତତା । [ଟୁକୁର ।

**Fragment**, *s.* ଖଣ୍ଡ, ଟୁକୁଡ, ଭାଗ, ଗୁଣ୍ଡା,

**Fragrance**, *s.* ସୁଗନ୍ଧ, ସୌରଭ, ସୁବାସ,
ଖୋସବୋ । [ବିଶିଷ୍ଟ ।

**Fragrant**, *a.* ସୁଗନ୍ଧି, ସୁବାସିତ, ସୌରଭ-

**Frail**, *a.* ଅଶକ୍ତ, ଦୁର୍ବଳ, ଅସ୍ଥାୟୀ, ଭ୍ରମ-
ଯୋଗ୍ୟ ।

**Frailty**, *s.* ଦୌର୍ବଲ୍ୟ, କ୍ଷୀଣତା, ଦୋଷ ।

**Frame**, *s.* ଗଠନ, ଢାଞ୍ଚ, ଅବୟବ, ନିର୍ମାଣ ।

**Frame**, *v.* ଗଢିବାର, ରଚନା ବା ନିର୍ମାଣ-କ,
ନିୟମ-କ ।

**Franchise**, *s.* ମୁକ୍ତି, ଅଧିକାର, ଉଦ୍ଧାର ।

**Frangible**, *a.* ଶୀଘ୍ର ଭଗ୍ନଶୀଳ ।

**Frank**, *s.* ବେମାସୁଲ ଚିଠାଉ; ମୁଦ୍ରାବିଶେଷ

**Frank**, *a.* ସରଳ, ଅକପଟ, ବଦାନ୍ୟ ।

**Frankincense**, *s.* କୁନ୍ଦୁରୁ, ଧୂପବିଶେଷ,
ଗଂଜାର ।

**Frantic**, *a.* ଉନ୍ମତ୍ତ, ବାୟା, ବହିଳ, ପାଗଳ ।

**Fraternal**, *a.* ଭ୍ରାତୃକର, ଭାଇପରି ।

**Fraternity**, *s.* ଭ୍ରାତୃତ୍ୱ, ଦଳ, ସମାଜ, ଭାଇ-
ପଣିଆ । [ହତ୍ୟା ।

**Fratricide**, *s.* ଭ୍ରାତୃହତ୍ୟା, ଭ୍ରାତୃଘ୍ନ, ଭ୍ରାତୃ-

**Fraud**, *s.* ଫୁସୁଙ୍ଗ, ଛଳ, ପ୍ରବଞ୍ଚନା ।

**Fraudulent**, *a.* ଶଠ, କୁଟିଳ, ପ୍ରବଞ୍ଚକ ।

**Fraught**, *pa.* ଭରା, ପୂର୍ଣ୍ଣ, ପରିପୂର୍ଣ୍ଣ ।

**Fray**, *s.* ଦଙ୍ଗା, ବଚସାଥ, କଳହ, ଝଗଡା ।

**Fray**, *v.* ଉଦ୍‌ବେଗାଇବାର, ଘଷଡସାଇବାର

**Freak**, *s.* କୌତୁକ, ଅକସ୍ମାବାସନା, ଖେଳା ।

**Freckle**, *s.* ଗାଲ ବା ଦେହର ଛଳ ।

**Free**, *s.* ମୁକ୍ତ, ସ୍ୱାଧୀନ; ବ୍ୟୟରହିତ ।

**Freebooter**, *s.* ଲୁଟିଆର, ଡକାଇତ ।

**Freedom**, *s.* ମୁକ୍ତି, ସ୍ୱାଧୀନତା, କ୍ଷମତା ।

**Freehold**, *s.* ନିଷ୍କର ଭୂମ୍ୟାଧିକାର, ଜାଗିର

**Freely**, *ad.* ସ୍ୱଚ୍ଛନ୍ଦେ, ଅବାଧେ, ବିନାମୂଲ୍ୟେ ।

**Freeman**, *s.* ସ୍ୱାଧୀନବ୍ୟକ୍ତି, ସ୍ୱବଶ ।

**Freespoken**, *s.* ନିର୍ଭୟେ ଉକ୍ତ, ସ୍ପଷ୍ଟକଥିକ ।

**Freestone**, *s.* ବାଲିପଥର । [ତ୍ରିକ ।

**Freethinker**, *s.* ଶାସ୍ତ୍ରନିନ୍ଦକ, ପାଷାଣ୍ଡ, ନାସ୍-

**Freeze**, *v.* ଶୀତରେ ଜମାଟ-ହ ।
**Freight**, *s*, ଜାହାଜର ବୋଝାଇ ବା ଭଡା ।
**French**, *a.* ଫ୍ରାନ୍ସଦେଶୀୟ ।
**Frenzy**, *s.* ଉନ୍ମତ୍ତତା, କ୍ଷିପ୍ତତା, ଉନ୍ମାଦ ।
**Frequency**, *s.* ନିତ୍ୟତା, ନୈମିତ୍ତ୍ୟ, ବାର-
ମ୍ବାର । [ହ ।
**Frequent**, *v.* ନିତ୍ୟଗତାୟାତ- ନିତଯାଆସ-
**Frequent**, *a.* ପୁନଃପୁନଃ, ନିତ୍ୟ ।
**Frequently**, *ad.* ପୁନଃପୁନଃ, ବାରମ୍ବାର ।
**Fresh**, *a.* ସତେଜ, ତାଜା, ଅଲବଣ, ଶୀତଳ
**Freshen**, *v.* ସତେଜ- ସବଳ-କ ।
**Fret**, *v.* ଖେଦ ଅବା ଶୋକ-କ ।
**Fretful**, *a.* ରାଗୀ, ଦୁରନ୍ତ, ଖିଟଖିଟ୍ୟା ।
**Friable**, *a.* ଚୂର୍ଣ୍ଣଯୋଗ୍ୟ, ମୃଡନୀୟ ।
**Friar**, *s.* ଉଦାସୀନବ୍ୟକ୍ତି, ବୈରାଗୀବିଶେଷ ।
**Friction**, *s.* ଘର୍ଷଣ, ଦଳନ, ମର୍ଦ୍ଦନ ।
**Friday**, *s.* ଶୁକ୍ରବାର, ସପ୍ତାହର ଷଷ୍ଠ ଦିବସ ।
**Friend**, *s.* ବନ୍ଧୁ, ମିତ୍ର, ସଖା, ଆତ୍ମୀୟବ୍ୟକ୍ତି ।
**Friendless**, *a.* ବନ୍ଧୁହୀନ, ଅନାଥ, ନିଃସହାୟ
**Friendly**, *a.* ବନ୍ଧୁବତ୍, ମିତ୍ରଯୁକ୍ତ, ଅନୁକୂଳ,
ପ୍ରଣୟ । [ପ୍ରୀତ, ଅନୁରକ୍ତ ।
**Friendship**, *s.* ବନ୍ଧୁତା, ମିତ୍ରତା, ସଖ୍ୟ,
**Frigate**, ଯୁଦ୍ଧ ଜାହାଜବିଶେଷ ।
**Fright**, *s.* ଭୟ, ଶଙ୍କା, ତ୍ରାସ, ଡର ।
**Fright, Frighten**, *v.* ଭୀତ-କ, ଭୟ-
ଦେଖାଇବାର, ଡରାଇବାର । [ଘୋର ।
**Frightful**, *a.* ଭୟାନକ, ଭୟଙ୍କର, ଦାରୁଣ,
**Frigid**, *a.* ଶୀତଳ, ନିସ୍ତେଜ, ଥଣ୍ଡା ।
**Fringe**, *s.* ଝାଲର, ଦଶୀ, ବସ୍ତ୍ରର କାନ ।
**Frippery**, *s.* ପୁରାତନ ବା ଜୀର୍ଣ୍ଣବସ୍ତ୍ର ।
**Frisk**, *v.* ନାଚିବାର, ଡେଁଇବାର, କୁଦାମା-
ରିବାର ।
**Frith**, *s.* ସମୁଦ୍ରର ଖାଡ଼ି, ଖାଲ ।

**Fritter**, *v.* ଟୁକୁର ଟୁକୁର-କ; ମିଥ୍ୟା କାଳ
କାଟିବାର ।
**Frivolity**, *s.* ଅନର୍ଥକତା, ଲଘୁତା, ତୁଚ୍ଛତା ।
**Frivolous**, *a.* କ୍ଷୁଦ୍ର, ସାନ, ତୁଚ୍ଛ, ବ୍ୟର୍ଥ ।
**Frizzle**, *v.* କେଶ ଘୁଁଙ୍ଗୁର-କ, କୁଁଚକୁଁଚିଆ-କ
**Fro**, *ad.* ଦୂର, ଯଥା, ଇତସ୍ତତଃ ।
**Frock**, *s.* ଅଙ୍ଗଜାମା, କୁର୍ତ୍ତି ।
**Frog**, *s.* ବେଙ୍ଗ, ମଣ୍ଡୂକ, ଭେକ ।
**Frolic**, *s.* ଖେଳା, କୌତୁକ, ପରିହାସ ।
**From**, *pr.* ରୁ, ଠାରୁ, ଅବଧି ।
**Front**, *s.* ସମ୍ମୁଖ, ମୁଖ, ଅଗ୍ର, ଆଗୁ ।
**Frontier**, *s.* ସୀମା, ଦେଶପ୍ରାନ୍ତ, ସରହଦ ।
**Frontispiece**, *s.* ଗ୍ରନ୍ଥର ପ୍ରଥମାଙ୍କର ଛବି ।
**Frost**, *s.* ହିମ, ନୀହାର, କାକର, ତୁଷାର ।
**Froth**, *s.* ଫେଣା, ଫେଣ, ସମୁଦ୍ରଫେଣ, ଅନ-
ର୍ଥକବାକ୍ୟ ।
**Frothy** *a.* ଫେଣାମୟ, ଅନର୍ଥକ ।
**Froward**, *a.* ଅବାଧ୍ୟ, ଅବଶ, ଜେଦିଆ,
ନିର୍ଲଜ୍ଜ । [ଦ୍ୱାରା ରାଗ ପ୍ରକାଶ ।
**Frown**, *s.* ଭ୍ରୂକୁଟୀ, ଭ୍ରୂଭଙ୍ଗୀ, ମୁଖର ଭଙ୍ଗୀ
**Fructify**, *v.* ଫଳବାନ୍- ଉର୍ବର-କ, ଫଳୋ-
ତ୍ପନ୍ନ-କ । [ର୍ଣ୍ଣୀ ।
**Frugal**, *a.* ପରିମିତବ୍ୟୟୀ, ଅଳ୍ପବ୍ୟୟୀ ମି-
**Frugality**, *s.* ପରିମିତବ୍ୟୟ, ମିତବ୍ୟୟ ।
**Fruit**, *s.* ଫଳ, ଫଳୋତ୍ପନ୍ନ, ପ୍ରତିଫଳ, ଲାଭ ।
**Fruiterer**, *s.* ଫଳବ୍ୟବସାୟୀ, କୁଞ୍ଜଡା ।
**Fruitful**, *a.* ଫଳବାନ୍, ଉର୍ବର, ଫଳଦ ।
**Fruition**, *s.* ଭୋଗ, ଫଳଭୋଗ ।
**Fruitless**, *a.* ନିଷ୍ଫଳ, ବ୍ୟର୍ଥ, ଅନର୍ଥକ, ବନ୍ଧ୍ୟା ।
**Frumenty**, *s.* ଖିରି, ପରମାନ୍ନ, ପାୟସ ।
**Frustrate**, *v.* ନିଷ୍ଫଳ- ବୃଥା-କ, ଆଶା ଭଙ୍ଗ
**Fry**, *v.* ଭାଜିବାର । [କାର ।
**Fry**, *s.* ମାଛଭଜା ଅବା ଭାଜ ।

**Fuddle**, *v.* ମତ୍ତ-କ, ମତୁଆଲ-ହ ।
**Fuel**, *s.* ଜାଳିବାର କାଠ, ଜଳନ୍ତବସ୍ତୁ ।
**Fugitive**, *v.* ପଳାଇବାବ୍ୟକ୍ତି, ପର୍ଯ୍ୟଟକବାସୀ
**Fulcrum**, *s.* ଗୁଣ୍ଡୀ, ଅବଲମ୍ବ । [ଲଗ-କ ।
**Fulfil**, *v.* ପୂର୍ଣ୍ଣ- ସଫଳ- ସମାପ୍ତ-କ, ପ୍ରତିପା-
**Fulgency**, *s.* ପ୍ରଭା, ଦୀପ୍ତି, କାନ୍ତି, ତେଜଃ ।
**Full**, *a.* ପୂର୍ଣ୍ଣ, ପରିପୂର୍ଣ୍ଣ, ତୃପ୍ତ, ଭରା ।
**Fuller**, *s.* ଧୋବା, ରଜକ, ବସ୍ତ୍ର ପରିଷ୍କାରକ ।
**Fully**, *ad.* ସମ୍ପୂର୍ଣ୍ଣରୂପେ, ନିତାନ୍ତ, ସର୍ବତୋ-
ଭାବେ ।
**Fulminate**, *v.* ଗର୍ଜ୍ଜନ- ମହାଶବ୍ଦ-କ । [ଭର୍ତ୍ସା
**Fulness**, *s.* ସମ୍ପୂର୍ଣ୍ଣତା, ପରିପୂର୍ଣ୍ଣତା, ତୃପ୍ତି,
**Fulsome**, *a.* ଘୃଣାଯୋଗ୍ୟ, ଅନିଷ୍ଟକର ।
**Fumble**, *v.* ଲଜ୍ଜିତ ବା ଅଜ୍ଞାତରୂପେ କର୍ମ-କ
**Fume**, *s.* ଧୂମ, ବାମ୍ଫ, ଧୂଆଁ, କୋପ, କ୍ରୋଧ ।
**Fumigate**, ଧୂମ-କ, ଧୂଆଁ-ଦ, ସୁଗନ୍ଧିତ-ହ ।
**Fun**, *s.* ପରିହାସ, କୌତୁକ, ଠାଟ୍ଟା, ଖେଳା,
ତାମସା ।
**Function**, *s.* କର୍ମ, କାର୍ଯ୍ୟ, ପଦ, ବ୍ୟବସାୟ ।
**Functionary**, *s.* ପଦସ୍ଥଲୋକ, କର୍ମକାରୀ,
ଅମଲା ।
**Fund**, *s.* ସଞ୍ଚିତ ବା ମୂଳଧନ, ଜମାଟଙ୍କା, ପୁଞ୍ଜି ।
**Fundament**, *s.* ଗୁହ୍ୟ, ପାଣ୍ଡି, ପଶ୍ଚାତ,
ମଳଦ୍ୱାର । [ମୂଳସ୍ୱାଦ ।
**Fundamental**, *a.* ମୂଳୀୟ, ଜଡ଼, ଅସଲ,
**Funeral**, *s.* ସମାଧିକର୍ମ, ଅନ୍ତ୍ୟେଷ୍ଟିକ୍ରିୟା ।
**Fungus**, *s.* ଛତା । [ପ୍ରଣାଳୀ ।
**Funnel**, *s.* ଚୁଙ୍ଗୀ, ନଳୀ, ଧୂଆଁ ବା ଜଳର
**Funny**, *a.* କୌତୁକୀ, ହାସ୍ୟଜନକ, ରସିକ ।
**Fur**, *s.* ପଶମ, ଲୋମ, କେଶ; ପଶୁଚର୍ମ ।
**Furbish**, *v.* ଉଜ୍ଜ୍ୱଳ- ମାର୍ଜ୍ଜନ-କ, ପରିଷ୍କାର ବା
ଚିକ୍କଣ-କ ।
**Furious**, *a.* ପ୍ରଚଣ୍ଡ, କୋପାନ୍ୱିତ, ବଡ଼ଯୋର ।

**Furl**, *v.* ଗୁଡ଼ାଇବାର, ଯୋଡ଼ାଇବାର ।
**Furlong**, *s.* ୨୨୦ ହାତ ପରିମାଣ, ମାଇ-
ଲର ଅଷ୍ଟମାଂଶ ।
**Furlough**, *s.* ଛୁଟୀ, କର୍ମରୁ ବିରାମ ।
**Furnace**, *s.* ଚୁଲ୍ଲୀ, ଚୁଲା, ଅଗ୍ନିକୁଣ୍ଡ, ଭାଟୀ,
ଭଟ୍ଟାର । [ଯୋଗାଇବାର ।
**Furnish**, *v.* ଯୋଗାଇବାର, ସଜାଇବାର,
**Furniture**, *s.* ଘରର ସାମଗ୍ରୀ, ଗୃହର ସର-
**Furrier**, *s.* ପଶମ ବ୍ୟବସାୟୀ । [ଞ୍ଜାମ ।
**Furrow**, *s.* ଲଙ୍ଗଳଦାଗର, ଗର୍ତ୍ତ । [ବନ୍ତୁ ।
**Further**, *pr.* ଅଧିକଦୂରରେ, ସ୍ଥାନାନ୍ତର, ଅଧି-
**Further**, *v.* ସାହାଯ୍ୟ- ଉପକାର-କ, ପ୍ରବର୍ତ୍ତ-
ଇବାର । [କୂଳ ।
**Furtherance**, *s*, ସାହାଯ୍ୟ, ଉନ୍ନତି, ଅନୁ-
**Furthermore**, *ad.* ଅଧିକ, ଅଧିକନ୍ତୁ, ଏତ-
**Furtive**, *a.* ଅପହାର ଦ୍ୱାରା ପ୍ରାପ୍ତ । [ଦ୍ଭିନ୍ନ ।
**Fury**, *s.* ଅତିଶୟ ରାଗ, ଅତିକ୍ରୋଧ, କୋପ ।
**Furze**, *s.* କଣ୍ଟାବୃକ୍ଷବିଶେଷ । [ବାର ।
**Fuse**, *v.* ଉତ୍ତାପରେ ତରଳାଇବାର, ଗଳାଇ-
**Fusee**, *s.* କମାଣ ବା ତୋପର ବଳିତା ।
**Fusible**, *a.* ତରଳଯୋଗ୍ୟଶୀଳ, ଗଳନୀୟ ।
**Fusil**, *s.* ଏକପ୍ରକାର ବନ୍ଧୁକ ।
**Fusion**, *s.* ଦ୍ରବକରଣ, ଗଳନ, ଗଳାଇବ ।
**Fuss**, *s.* ଅନର୍ଥକ ବ୍ୟସ୍ତତା, ଧୂମଧାମ, ଗୋଳ-
ମାଳ । [ଲୁଗା ।
**Fustian**, *s.* ବସ୍ତ୍ରବିଶେଷ ବା ଛଣସୂତାନିର୍ମିତ
**Fusty**, *a.* ଦୁର୍ଗନ୍ଧ, କୁବାସକ ।
**Futile**, *a.* ଅନର୍ଥକ, ନିଷ୍ଫଳ, ବ୍ୟର୍ଥ ।
**Future**, *a.* ଭବିଷ୍ୟତ, ଆଗାମୀ, ଅଗତ ।
**Futurity**, *s.* ଭବିଷ୍ୟତ୍କାଳ, ପରଲୋକ, ଆ-
ଗାମୀ ସମୟ ।
**Fy, Fie**, *inter.* ଛି, ଛିଛି, ଧିକ୍ ।

## G.

Gabble, *v.* ବଉଳ ବା ବକ୍ବକ୍-କ, ଅର୍ଥଶୂନ୍ୟକଥା କହିବାର ।
Gable, *s.* ଘରର ଛାଲସ୍ଥଳ ।
Gad, *v.* ନିରର୍ଥକ ଭ୍ରମଣ-କ ।
Gadfly, *s.* ଡାଁଶ, ଉଦଂଶ ।
Gag, *v.* ମୁଖବନ୍ଧ- ବାକ୍ୟରୋଧ-କ ।
Gage, *s.* ବନ୍ଧକ, ପଣ, ପଣଜାମି; ମାପ ।
Gaiety, *s.* ହର୍ଷ, ଆମୋଦ, ରସିକତା ।
Gaily, *a.* ହର୍ଷପୂର୍ବକ, ଆନନ୍ଦେ, ରସିକତାପୂର୍ବେ
Gain, *s.* ଉପାର୍ଜନ, ଲାଭ, ପ୍ରାପ୍ତି, ଲଭା ।
Gain, *v.* ଲାଭ-କ, ପ୍ରାପ୍ତ-ହ, ଉପାର୍ଜନ-କ ।
Gainsay, *v.* ଅସ୍ୱୀକାର- ଅପହ୍ନ-କ, କଥା କାଟିବାର ।
Gait, *s.* ଚାଲିବାର ଧାରା, ଗତି, ଗମନ ।
Gaiters, *s.* ମୌଜା, ପାଜାମାବିଶେଷ ।
Gala, *s.* ଉତ୍ସବ, ପର୍ବ, ଆନନ୍ଦ ।
Galaxy, *s.* ମନ୍ଦାକିନୀ, ଆକାଶଗଙ୍ଗା ।
Gale, *s.* ଝଡ଼, ବେଗବତାସ୍, ପ୍ରବଳବାୟୁ ।
Gall, *s.* ପିତ୍ତ, ତିକ୍ତରସ, ଘୃଣା, ଦ୍ୱେଷ ।
Gall, *v.* ଛଡ଼ିଯିବାର, ଘା-ହ, କ୍ଷତ-ହ ।
Gallant, *s.* ଉପପତି, ଜାର, ରସିକ, ରେ-ମଣା ।
Gallant, *r.* ସାହସିକ, ବୀର, ପ୍ରତାପୀ ।
Gallantry, *s.* ସ୍ତ୍ରୀଲୋକପ୍ରତି ଶିଷ୍ଟାଚାର, ସାହସ, ପ୍ରତାପ ।
Gallery, *s.* ବାରଣ୍ଡା, ପଁଡ଼ଣୀ, ଉଚ୍ଚଲଦଲାଣ ।
Galley, *s.* ଜାହାଜ, କଏଦ ଜାହାଜ; ଛାପାକର୍ମର ଅକ୍ଷରଧାର ।
Galling, *a.* ପୀଡ଼ାଦାୟକ, କ୍ଳେଶଦାୟୀ ।
Gallipot, *s.* ଔଷଧ ରଖିବାର ସାନ ଭାଣ୍ଡ ।
Gallon, *s.* ଶରବାଦର ପ୍ରାୟ ୪ ସେର ପରିମାଣ
Gallop, *s.* ଦ୍ରୁତଗତି, ଅଶ୍ୱ ବେଗ ଦୌଡ଼ିବାର
Gallows, *s.* ଫାଶୀଦେବାର କାଠ । [ସମ୍ଭ ।
Galvanism, *s.* ବିଦ୍ୟୁଦାୟୁଶକ୍ତି, କଳ୍ପି-
Gamble, *v.* ଜୁଆଖେଳ- ପାଶାଖେଳା-କ ।
Gambol, *s.* ନାଚିବାର, ଖେଳିବାର, କୌ-ତୁକ ।
Game, *s.* ବାଜି, ଖେଳା, ମୃଗୟା, ଶିକାର ।
Game-cock, *s.* ଲଢ଼ାଇ କୁକୁଡ଼ା ବା ମୁରଗ
Gamesome, *a.* ରସିକ, କ୍ରୀଡ଼ାକର ।
Gamester, *s.* ଜୁଆଡ଼ି, ଜୁଆରେର ।
Gammon, *s.* ଶୂକରର ସଲବଣ, ଶୁଷ୍କମାଂସ ।
Gamut, *s.* ସପ୍ତ ସ୍ୱରଶ୍ରେଣୀର ଅଦ୍ୟପାଠ, ସା-ରି, ଗାମ ଇତ୍ୟାଦି ।
Gander, *s.* ରାଜହଂସ, ହଂସ । [ମୁହଁ ।
Gang, *s.* ଦୁଷ୍ଟ ଲୋକମାନଙ୍କର ଦଳ, ଦୁଷ୍ଟ-
Gangrene, *s.* ମାଂସ ପଚି ଯିବାର ।
Gangway, *s.* ଜାହାଜାରୋହଣ ଦ୍ୱାର ।
Gaol, *s.* କାରାଗାର, ବନ୍ଦୀଶାଳା ବା ଘର, ଜେ-ଲଖାନା ।
Gaoler, *s.* କାରାଗାରରକ୍ଷକ, ବନ୍ଦୀପାଳକ ।
Gap, *s.* ଛିଦ୍ର, ଫାଙ୍କ, ଭଙ୍ଗା । [ଫାଙ୍କ-କ ।
Gape, *v.* ହାଇ ଉଠାଇବାର, ଖୋଲ ମ
Garb, *s.* ବେଶ, ପୋଷାକ, ଲୁଗା । [ତୁଚ୍ଛ ।
Garbage, *s.* ଅଇଁଠା ବା ଉଚ୍ଛିଷ୍ଟମାଂସ, ଅ-
Garble, *v.* ପୃଥକ- ମିଥ୍ୟାଦେଶ-କ ।
Garden, *s.* ଉଦ୍ୟାନ, ବଗିଚା, ଉପବନ ।
Gardener, *s.* ଉଦ୍ୟାନପାଳକ, ମାଳାକାର ।
Gargle, *v.* କୁଳୁକୁଳା-କ, କୁଳି ଧୁଆଇବାର
Garland, *s.* ପୁଷ୍ପମାଳା, ପୁଷ୍ପହାର ।
Garlic, *s.* ରସୁଣ, ଲଶୁନ ।
Garment, *s.* ଲୁଗା, ପରିଧାନ, ବସ୍ତ୍ର ।
Garner, *s.* କୋଠି, ଅମାର, ଶସ୍ୟାଗାର ।
Garnish, *v.* ଭୂଷିତ- ସଜ୍ଜା- ଶୋଭିତ-କ ।

**Garret**, *s.* ଗୃହର ସର୍ବୋପରିସ୍ଥ କୁଠରୀ ବା କାମରା । [କୋଠା ।
**Garrison**, *s.* ଦୁର୍ଗରସୈନ୍ୟ; ଗଡ, ଦୁର୍ଗ,
**Garrulous**, *a.* ବକୁଆ, ବହୁଭାଷୀ, ବଚ- ବଚସ୍ୟା ।
**Garter**, *s.* ମୌଜାର ଫିତା; ପଦବିଘବ- ଶେଷ ।
**Gas**, *s.* ଗ୍ୟାସ, ବାୟୁବିଶେଷ ।
**Gasconade**, *s.* ଗର୍ବ, ଦର୍ପ ।
**Gash**, *s.* ଗଭୀର ଘା ବା କ୍ଷତ, ଲମ୍ବକଟା ।
**Gasometer**, *s.* ବାୟୁପରିମାପକଯନ୍ତ୍ର ।
**Gasp**, *v.* ଦୀର୍ଘଶ୍ୱାସ-କ; *s.* ଦୀର୍ଘଶ୍ୱାସ ।
**Gastric**, *a.* ଉଦରସ୍ଥ, ପେଟରସମ୍ବନ୍ଧୀୟ ।
**Gate**, *s.* ବାହାର ଦ୍ୱାର, ଫାଟକ । [କ ।
**Gather**, *v.* ସଂଗ୍ରହ- ଏକତ୍ର- ଏକଠା- ଜମା-
**Gathering**, *s.* ସଞ୍ଚୟ, ସଂଗ୍ରହ, ଜମା ।
**Gaudy**, *a.* ବହୁରଙ୍ଗ, ଚିକ୍‌ଚିକ୍, ରଙ୍ଗିଲ ।
**Gauge**, *s.* ଜଳାଦିର ପରିମାଣ, ମାପ; *v.* ମାପ-କ ।
**Gaunt**, *a.* ପାତଳା, କ୍ଷୀଣ, ମାଂସହୀନ, ଦୁର୍ବଳ
**Gauntlet**, *s.* ଲୌହନିର୍ମିତ ହସ୍ତ ରକ୍ଷଣୀ ବା ଗୋପ ।
**Gauze**, *s.* ଝିଲ୍‌ମିଲ୍‌ବସ୍ତ୍ର, କପଡ଼ଝୁଲ ।
**Gawky**, *s.* ଅସଭ୍ୟ, ଅନାଡ଼ି ବା ନିର୍ବୋଧ ବ୍ୟକ୍ତି ।
**Gay**, *a.* ଉଦ୍ଧିବ, ହୃଷ୍ଟ, ଭୂଷିତ, ରଙ୍ଗିଲ ।
**Gaze**, *v.* ଏକଦୃଷ୍ଟିରେ ଚାହିଁବାର, ସ୍ଥିରଦୃଷ୍ଟି-କ, ଅନାଇବାର । [ଚେଟ ।
**Gazette**, *s.* ସମାଚାରପତ୍ର, ଖବରକାଗଜ, ଗେ-
**Gazetteer**, *s.* ଦେଶାଦିର ନାନାବିବରଣ ।
**Gazingstock**, *s.* ସଂଗ୍ରହପୁସ୍ତକ, ଭୁଜଙ୍ଗକ ବା କୌତୁକ ବସ୍ତୁ । [ସାମଗ୍ରୀ ।
**Gear**, *s.* ସଜ୍ଜା, ବେଶ, ବେଶଭୂଷା; ଗୃହ-

o

**Gelatinous**, *a.* ଅଠାଯୁକ୍ତ, ଅଠାଳ, ଚଟ-
**Geld**, *v.* ଦାମଭା ବା ଖାସି-କ । [ଚଟିଆ ।
**Gelding**, *s.* ଖାସି ଘୋଡା ।
**Gem**, *s.* ରତ୍ନ, ମଣି, ହୀରା; ମୁକ୍ତା ।
**Gemini**, *s.* ମିଥୁନରାଶି, ଯମଜ ।
**Gender**, *s.* ଲିଙ୍ଗ; mas. ପୁଂଲିଙ୍ଗ; fem. ସ୍ତ୍ରୀଲିଙ୍ଗ; neu. କ୍ଲୀବଲିଙ୍ଗ । [ବିଷୟକ ।
**Genealogical**, *a.* ବଂଶାବଳୀସମ୍ବନ୍ଧୀୟ, ତ-
**Genealogy**, *s.* ବଂଶାବଳୀ, ଗୋଷ୍ଠୀ, କୁଳ ।
**General**, *a.* ସାଧାରଣ, ସଚରାଚର, ସାମାନ୍ୟ
**General**, *s.* ପ୍ରଧାନସେନାପତି ।
**Generalissimo**, *s.* ସର୍ବପ୍ରଧାନ ସୈନ୍ୟାଧ୍ୟକ୍ଷ
**Generality**, *s.* ଅଧିକାଂଶ, ସାଧାରଣତ୍ୱ, ପ୍ରାୟ ସବୁ । [ରଣମତେ ।
**Generally**, *ad.* ସଚରାଚରରୂପେ, ସାଧା-
**Generalship**, *s.* ସୈନ୍ୟାଧ୍ୟକ୍ଷର ପଦ ବା ନୈପୁଣ୍ୟ । [ପନ୍ନ-କ ।
**Generate**, *v.* ଜନ୍ମାଇବାର, ଉତ୍ପନ୍ନ ବା ଉତ୍ପା-
**Generation**, *s.* ଗୋଷ୍ଠୀ, ବଂଶ, କୁଳ, ସନ୍ତାନ
**Generic**, *a.* ବର୍ଗସମ୍ବନ୍ଧୀୟ, ବର୍ଗୀୟ ।
**Generosity**, *s.* ଦାତୃତ୍ୱ, ଦାନଶୀଳତା, ସାହସିତା । [ଉଦାର ।
**Generous**, *a.* ଦାନଶୀଳ, ବଦାନ୍ୟ, ଦାତା,
**Genesis**, *s.* ମୋଶା ଲେଖିତ ଧର୍ମ ପୁସ୍ତକର ପ୍ରଥମ ଖଣ୍ଡ ।
**Genial**, *a.* ସୁଖଦାୟକ, ହୃଦବାଞ୍ଚ, ଫଳଜନକ
**Genitals**, *s.* ପୁରୁଷାଙ୍ଗ, ଉପସ୍ଥ ।
**Genitive**, *a.* ସମ୍ବନ୍ଧକାରକ ।
**Genius**, *s.* ଗୁଣ, ଯୋଗ୍ୟତା, ସ୍ୱାଭାବିକବୁଦ୍ଧି ।
**Genteel**, *a.* ଶିଷ୍ଟ, ସୁଶୀଳ, ସଭ୍ୟ, ସୁଶ୍ରୀ ।
**Gentile**, *s.* ଯିହୁଦୀୟ ଭିନ୍ନ ଅନ୍ୟଦେଶୀ ।
**Gentility**, *s.* ସୁଶୀଳତା, ଭଦ୍ରତା, ସତ୍କୁ- ଳୋତ୍ପନ୍ନ ।

Gentle, *a.* କୋମଳ, ମୃଦୁ, ଶିଷ୍ଟ, ଉତ୍ତମ ।
Gentleman, *s.* ସମ୍ଭ୍ରାନ୍ତବ୍ୟକ୍ତି, ମାନ୍ୟଲୋକ ।
Gently, *ad.* ଧୀରେ, ସ୍ନେହପୂର୍ବକ, ମୃଦୁ-ଭାବେ ।
Gentry, *s.* ସମ୍ଭ୍ରାନ୍ତ ବା ମାନ୍ୟ ବା ମର୍ଯ୍ୟାଦା- [ଭିନ୍ନ ଲୋକ ।
Genuflection, *s.* ପ୍ରାର୍ଥନାର୍ଥେ ଆଣ୍ଠୁ ପାତିବାର ।
Genuine, *a.* ଅସଲ, ପ୍ରକୃତ, ଅକଳ୍ପିତ, ଅ-କୃତ୍ରିମ ।
Genus, *s.* ଜାତି, ଗଣ, ବର୍ଗ, ବର୍ଣ୍ଣ, ପ୍ରକାର ।
Geographer, *s.* ଭୂଗୋଳବେତ୍ତାଙ୍କ, ଭଲି-ଦ୍ୟାବେତ୍ତା ।
Geographical, *a.* ଭୂଗୋଳବିଦ୍ୟାସମ୍ବନ୍ଧୀ- [ୟ, ତଦ୍ବିଷୟକ ।
Geography, *s.* ଭୂଗୋଳବିଦ୍ୟା ।
Geology, *s.* ମୃତ୍ତିକା ବର୍ଣ୍ଣନବିଦ୍ୟା ।
Geometrical, *a.* କ୍ଷେତ୍ର ବିଦ୍ୟାସମ୍ବନ୍ଧୀୟ ।
Geometrician, *s.* କ୍ଷେତ୍ର ପରିମାପକ ।
Geometry, *s.* କ୍ଷେତ୍ରପରିମାଣବିଦ୍ୟା ।
Germ, *s.* ଅଙ୍କୁର, ଗଜା, କଢ଼ି, ବୀଜରବଳ
Germinate, *v.* ଅଙ୍କୁରିତ- ଗଜା-ହୁ ।
Gerund, *s.* ତୁମର୍ଥପଦ ବା ତୁମନ୍ତପଦ ।
Gestation, *s.* ଗର୍ଭଧାରଣ, ଅନ୍ତଃସତ୍ତ୍ୱା-ବସ୍ଥା ।
Gesture, *s.* ଶରୀରର ଭଙ୍ଗୀ, ଅଙ୍ଗବିଶେଷ, [ଶରୀରଗତ ।
Get, *v.* ପ୍ରାପ୍ତ-ହ, ହସ୍ତଗତ ବା ଉପାର୍ଜନ-କ ।
Gewgaw *s.* ଖେଳନା, ଅସାର ବସ୍ତୁ ।
Ghastly, *a.* ଭୂତପରି, ଭୟଙ୍କର, ବିକଟାକାର
Gherkin, *s.* ସାନକାକୁଡ଼ି, କ୍ଷୁଦ୍ରକ୍ଷୀରା ।
Ghost, *s.* ଭୂତ, ପ୍ରେତ; holy- ଧର୍ମାତ୍ମା ।
Ghostly, *a.* ଭୌତିକ, ମୃତପ୍ରାୟକ, ଭୂତବତ୍
Giant, *s.* ରାକ୍ଷସ, ଅସୁର, ବୃହତ୍‌ଶରୀରୀ ।
Gibberish, *s.* ଅର୍ଥହୀନ ବା ଅସ୍ପଷ୍ଟବାକ୍ୟ ।
Gibbet, *s.* ଫାଶୀକାଠ; *v.* ଫାଶୀ-ଦ ।
Gibbous, *a.* କୂର୍ମପୃଷ୍ଠାକାର, କୋଷବତ୍ ।

Gibe, *s.* ବିଦ୍ରୂପ, ଠାଟ୍ଟା, ଥଟ୍ଟା ।
Giblets, *s.* ହଂସ ମୁରଗିର କଲିଜାଦ ।
Giddy, *a.* ଭ୍ରମିଯୁକ୍ତ, ଚଞ୍ଚଳ ବୁଦ୍ଧିବିଶିଷ୍ଟ ।
Gift, *s.* ଦାନ, ଦତ୍ତଦ୍ରବ୍ୟ, ନୈବେଦ୍ୟ; ଗୁଣ, କ୍ଷମତା ।
Gifted, *a.* ଗୁଣବାନ୍, କ୍ଷମତାବାନ୍, ଯୋଗ୍ୟ ।
Gig, *s.* ଏକଘୋଡ଼ାର ଗାଡ଼ିବିଶେଷ ।
Gigantic, *a.* ବୃହଦାକାରବିଶିଷ୍ଟ, ଅତି ବୃହତ୍ ପ୍ରକାଣ୍ଡ ଶରୀର ।
Giggle, *v.* କେଁ ବା ଦନ୍ତ କରି ହସିବାର ।
Gild, *v.* ସୁନାରେ ମଣ୍ଡିତ-କ, କଳ୍ପିତ ଶୋଭା-କ ।
Gilding, *s.* ସୁନେଇକର୍ମ, ସ୍ୱର୍ଣ୍ଣମଣ୍ଡନ ।
Gill, *s.* ଦ୍ରବଦ୍ରବ୍ୟର ପରିମାଣବିଶେଷ ।
Gills, *s.* ମାଛର କାନ୍ଧି, ଫୁଲକା ।
Gimlet, *s.* ଭ୍ରମିର, ଖୋଳଣି, ଛୁଞ୍ଚଣ ।
Gin, *s.* ମଦବିଶେଷ; a snare, ଫାନ୍ଦ, ଜାଲ ।
Ginger, *s.* ଅଦା, ଆର୍ଦ୍ରକ, ଶୁଣ୍ଠୀବିଶେଷ ।
Gingerbread, *s.* ଅଦା ମିଶା ମଇଦାର ପ୍ରସ୍ତୁତ ପିଠା ।
Gingle, *v.* ଝୁଣଝୁଣ ଅବା ଝୁଣଝୁଣ ଶବ୍ଦ-କ ।
Gipsy, *s.* ବେଦିଆ ଲୋକ, ଭ୍ରମଣକାରୀ ଜାତି-ବିଶେଷ ।
Gird, *v.* ବନ୍ଧନ- ସଜ୍ଜ- କମରବନ୍ଦ-କ, ଘେ- [ଢକାର ।
Girdle, *s.* କମରବନ୍ଦ, ପଟୁକା, କଟିବନ୍ଧ ।
Girl, *s.* କନ୍ୟା, ବାଳିକା, ଟୋକୀ, ମାଇକିନି-ପିଲା । [ପଟି ।
Girth, *s.* ଘୋଡ଼ାର ପେଟି ବା ପେଟିବନ୍ଧ,
Give, *v.* ଦେବାତ, ଦାନ- ଅର୍ପଣ-କ । [ଦେଶ
Giver, *s.* ଦାତା, ଦାନକର୍ତ୍ତା, ଦାୟକ, ଦେବା
Gizzard, *s.* ପକ୍ଷୀର ଦ୍ୱିତୀୟ ବା ପିଶ ।
Glaciers, *s.* ବରଫମୟସ୍ଥାନ, ହିମାଳୟ ଶୈଳ ।
Glacis, *s.* ଦୁର୍ଗର ପୂର୍ବଅଗଧର, ଗଡ଼ଖଣ୍ଡ ।

**Glad**, *a.* ଆନନ୍ଦିତ, ତୁଷ୍ଟ, ହର୍ଷିତ, ଉଲ୍ଲାସିତ ।
**Gladden**, *v.* ଆନନ୍ଦିତ-କ, ତୁଷ୍ଟ ବା ହୃଷ୍ଟ-କ ।
**Glade**, *s.* ବନ ମଧ୍ୟରେ ପରିଷ୍କୃତ ପଥ ।
**Gladiator**, *s.* ଅସ୍ତ୍ରଚାଳକ, ମଲ୍ଲଯୋଦ୍ଧା ।
**Gladness**, *s.* ଆନନ୍ଦ, ସନ୍ତୋଷ, ହର୍ଷ, ଖୁସି ।
**Glair**, *s.* ଅଣ୍ଡାର ଧଳା ବା ଶୁକ୍ଳାଂଶ ।
**Glance**, *s.* କଟାକ୍ଷ, ଈଷଦ୍ଦୃଷ୍ଟି, ବାଙ୍କଚାହାଣି ।
**Gland**, *s.* ମାଂସର ଗଣ୍ଠିବିଶେଷ, ଗିଲ୍ଟି ।
**Glanders**, *s.* ଘୋଡାର ନାସିକାର ରୋଗ ।
**Glare**, *v.* ଚକଚକ୍ୟ ବ ଝଲମଲ-ହ ।
**Glare**, *s.* ଚକମକ ଆଲୁଅ, ମହାତେଜ ।
**Glaring**, *s.* ସୁସ୍ପଷ୍ଟ, ସୁପ୍ରକାଶ;-falsehood, କଷ୍ଟାମିଥ୍ୟା ।
**Glass**, *s.* କାଚ, ଆଇନା, ଗ୍ଲାସ; ପାନପାତ୍ର ।
**Glass-blower**, *s.* କାଚପାତ୍ର ନିର୍ମାଣକର୍ତ୍ତା ।
**Glaze**, *v.* ଆଇନା ବସାଇବାର, କୁଆ ଚିକ-କାଣ-କ ।
**Glazier**, *s.* ଆଇନା ବା କାଚ ବ୍ୟବସାୟୀ ।
**Gleam**, *s.* ବନ୍ଧୁର ବା ବଳ୍‌ମିପଲ କାନ୍ତି, ରଶ୍ମି
**Gleaming**, *s.* ଉଜ୍ଜ୍ୱଳ, ଚକ୍‌ମକିଆ ।
**Glean**, *v.* ସାଉଣ୍ଟିବାର, ସଂଗ୍ରହ-କ ।
**Glebe**, *s.* ବୃତ୍ତିଭୂମି, ମାଟି, ବ୍ରହ୍ମଭୂମି ।
**Glee**, ଆନନ୍ଦ, ଆହ୍ଲାଦ, ହର୍ଷ, କୌତୁକ ।
**Glen**, *s.* ଦୁଇ ପର୍ବତର ମଧ୍ୟସ୍ଥାନ, ଗୋହିରି ।
**Glib**, *a.* ଚିକ୍କଣ, ସ୍ନିଗ୍ଧ, ଚତୁରଭାଷୀ ।
**Glide**, *v.* ଧାରାରେ ବେଗେ ଗଡ-କ, ସର୍ପ-ପରି ଚଳିବାର ।
**Glimmer**, *v.* ମିଟିମିଟି ବା ମିଞ୍ଜିମିଞ୍ଜି-କ ।
**Glimpse**, *s.* ଈଷଦ୍ଦୃଷ୍ଟି, ଅଳ୍ପ ଆଲୁଅ ।
**Glisten**, *v.* ଚକ୍‌ମକ୍ୟ ବା ତେଜ-ହ ।
**Glitter**, *v.* ଝକ୍‌ମକ୍‌- ଉଜ୍ଜ୍ୱଳ-ହ, ଧକ୍ଧକ-କ ।
**Gloat**, *v.* କଟାକ୍ଷ-କ, ଅଭ ବା ବକ୍ରଦୃଷ୍ଟି-କ ।
**Globe**, *s.* ଭୂଗୋଲ, ଗୋଲାକୃତି, ବ୍ରହ୍ମାଣ୍ଡ ।
**Globular**, *a.* ଗୋଲାକୃତି, ମଣ୍ଡଳାକାର, ବର୍ତ୍ତୁଳାକୃତି ।
**Globule**, *s.* ବିନ୍ଦୁ, ସାନଗୋଲ, ପରମାଣୁ ।
**Gloom**, *s.* ଅନ୍ଧକାର, ଘୋର, ବିଷାଦ, ବିମର୍ଷ ।
**Gloomy**, *a.* ଘୋର, ଅନ୍ଧକାରମୟ, ବିଷାଦ
**Glorify**, *v.* ଧନ୍ୟବାଦ- ପ୍ରଶଂସା- ଗୌରବ-କ, ତୁଳ-ଦେ ।
**Glorious**, *a.* ଗୌରବଯୁକ୍ତ, ତେଜସ୍କର, ଶ୍ରୀ-[ଯୁକ୍ତ, ଐଶ୍ୱର୍ଯ୍ୟବନ୍ତ ।
**Glory**, *s.* ଗୌରବ, ମହିମା, ପ୍ରତାପ, ଐଶ୍ୱର୍ଯ୍ୟ, ଶୋଭା, ପ୍ରଭା ।
**Glory**, *v.* ଦର୍ପ- ଅହଂକାର- ଗର୍ବ-କ ।
**Gloss**, *s.* ଚିକ୍କଣ, ଛଟା, ଉଜ୍ଜ୍ୱଳ; ଟୀକା, ବ୍ୟାଖ୍ୟା । [ବଳୀ ।
**Glossary**, *s.* ଶବ୍ଦମାଳା, ଅଭିଧାନ, ବାକ୍ୟ-
**Glossy**, *a.* ଚିକ୍କଣ, ସ୍ନିଗ୍ଧ, ଉଜ୍ଜ୍ୱଳ ।
**Glove**, *s.* ଦସ୍ତାନା, ହାତକୋଷ ବା ମୋଜା ।
**Glover**, *s.* ଦସ୍ତାନା ଯେ ବନାଏ ବ ବିକେ ।
**Glow**, *v.* ଉତ୍ତପ୍ତ- ବ୍ୟଗ୍ରଚିତ୍ତ ହ, ଧପ୍ଧପ-କ ।
**Glowworm**, *s.* ଜୁଳି ବା ଜୋନାକିପୋକ ।
**Glue**, *s.* ଶିରିଷ; *v.* ଶିରିଷ-ଦ ।
**Glum**, *a.* ମ୍ଳାନମୁଖ, ବିଷଣ୍ଣବଦନ, ଅଧୋମୁଖ ।
**Glut**, *v.* ଗ୍ରାସ-କ, ବହୁତଖାଇ ତୃପ୍ତ- ଭର୍ତ୍ତି-ହ ।
**Glutinous**, *a.* ଅଠାପରି, ଚଟଚଟିଆ ।
**Glutton**, *s.* ପେଟୁଆ, ଅତିଭୋକ୍ତା ।
**Gluttonous**, *a.* ପେଟସର୍ବସ୍ୱ, ପେଟୁକ ।
**Gluttony**, *s.* ପେଟୁକତା, ଅତିଭୋଜନ ।
**Gnash**, *v.* ଦାନ୍ତଘର୍ଷଣ- ଦନ୍ତକଡମିଡ-କ ।
**Gnat**, *s.* ମଶା, ମଶକ, ଡ଼ାଂଶ ।
**Gnaw**, *v.* ଦନ୍ତରେ ଖାମ୍ପୁଡିବାର, ରଗଡିବାର ।
**Gnomon**, *s.* ସୂର୍ଯ୍ୟଘଡିର କଣ୍ଟକ ।
**Go**, *v.* ଯିବାର, ଚାଲିବାର, ଗମନ ବା ପ୍ରସ୍ଥାନ-କ
**Goad**, *s.* ପାଞ୍ଚଣ, ଅଙ୍କୁଶ, ତାଡନ ।

**Goal**, *s.* ଘୋଡ଼ା ଦୌଡ଼ିବାର ଲକ୍ଷ ବା ଅନ୍ତ୍ୟ ସ୍ଥାନ; ଅଭିପ୍ରାୟ ।
**Goat**, *s.* ଛେଳି, ବକ୍ରୀ, he- ଅଜ, ବକର ।
**Goatherd**, *s.* ଛେଳି ରଖୁଆଳ ।
**Gobble**, *v.* ଶୀଘ୍ର ଖାଇଦେବାର, ଗିଳିପକାଇବାର
**Goblet**, *s.* ଗିଣ୍ଡିଆ, ପାନପାତ୍ର, କଟୋରା ।
**Goblin**, *s.* ଭୂତ, ପିଶାଚ, ପ୍ରେତ, ନିଶାଚର ।
**God**, *s.* ପରମେଶ୍ୱର, ପରମାତ୍ମା, ବ୍ରହ୍ମ, ସ୍ୱୟମ୍ଭୁ ।
**Godchild**, *s.* ଧର୍ମପୁତ୍ର ।
**Goddess**, *s.* ଦେବୀ, ଠାକୁରାଣୀ, ଦେବପତ୍ନୀ
**Godfather**, *s.* ଧର୍ମପିତା, ଧର୍ମବାପ ।
**Godhead**, *s.* ଈଶ୍ୱରତ୍ୱ, ଦେବତ୍ୱ ।
**Godless**, *a.* ନାସ୍ତିକ, ପାଷଣ୍ଡ, ଅଧାର୍ମିକ ।
**Godliness**, *s.* ଈଶ୍ୱରର ସେବା ବା ଭକ୍ତି, ଧର୍ମାଚରଣ ।
**Godly**, *a.* ଈଶ୍ୱର ପରାୟଣ, ଧାର୍ମିକ, ଈଶ୍ୱର
**Goggle**, *v.* ବକ୍ର ବା ଟେଢ଼ାଦୃଷ୍ଟି କର । [ଭକ୍ତ ।
**Goggle**, *s.* ଚଷମାବିଶେଷ; -eyed, ଟେଢ଼ା-ଚକ୍ଷୁଯୁକ୍ତ ।
**Going**, *s.* ଗମନ, ଚଳନ, ଯିବାର, ପ୍ରସ୍ଥାନ ।
**Goitre**, *s.* ଗଳାରୋଗ, ଗଳଗଣ୍ଡ ।
**Gold**, *s.* ସୁବର୍ଣ୍ଣ, ସୁନା, ସ୍ୱର୍ଣ୍ଣ ।
**Goldbeater**, *s.* ସ୍ୱର୍ଣ୍ଣକାର, ସୁନାରୀ ।
**Golden**, *a.* ସ୍ୱର୍ଣ୍ଣନିର୍ମିତ, ସ୍ୱର୍ଣ୍ଣମୟ; -opportunity, ସୁଯୋଗ ।
**Goldfinch**, *s.* ଅତିସୁନ୍ଦର ପକ୍ଷୀବିଶେଷ ।
**Goldleaf**, *s.* ସୁନାପାତିଆ, ସୁବର୍ଣ୍ଣପତ୍ର ।
**Goldsmith**, *s.* ସୁନାରୀ, ସୁନାରବଣିଆ, ସ୍ୱର୍ଣ୍ଣ-
**Gong**, *s.* କଂସାର ଘଣ୍ଟା । [କାର ।
**Good**, *s.* ସୁଫଳ, ମଙ୍ଗଳ, କଲ୍ୟାଣ ।
**Good**, *a.* ଭଲ, ଭଦ୍ର, ମଙ୍ଗଳ, ଅଚ୍ଛା, ସୁ ।
**Goodbye**, *s.* ତୁମ୍ଭର ମଙ୍ଗଳ ବା କଲ୍ୟାଣ ହେଉ, ସଲାମ, ନମସ୍କାର ।

**Goodly**, *a.* ସୁନ୍ଦର, ଉତ୍ତମ, ସୁରୂପ ।
**G od-nature**, *s.* ସୁସ୍ୱଭାବ, ସୁଶୀଳତା ।
**Goodness**, *s.* ସୁଗୁଣ, ଭଦ୍ରତା, ଉତ୍ତମତା, ଶ୍ରେଷ୍ଠତା, ଭଲାଇ । [ସମ୍ପତ୍ତି ।
**Goods**, *s.* ଧନ, ମାଲ, ଦ୍ରବ୍ୟାଦି, ସାମଗ୍ରୀ,
**Goose**, *s.* ରାଜହଂସୀ; simpleton, ଅବୋଧ, ମୂର୍ଖ ।
**Gooseberry**, *s.* ଫଳବିଶେଷ ।
**Gore**, *s.* ଜମା ବା ଗାଢ଼ରକ୍ତ । [ଦାର ।
**Gore**, *v.* ଶିଙ୍ଗ ଦେଇ ବିନ୍ଧିବାର, ଫୁଟାଇବା-
**Gorge**, *s.* ଗଳା ବା କଣ୍ଠ, ଗଳଦେଶ, ଘେଚ ।
**Gorge, Gormandize**, *v.* ବହୁ ପରିମାଣ ଖାଇବାର, ଅତ୍ୟନ୍ତ ଖାଇବାର । [ଚିତ୍ରିତ ।
**Gorgeous**, *a.* ଶୋଭାବିଶିଷ୍ଟ, ଅତିସୁନ୍ଦର, ଚି-
**Gory**, *a.* ରକ୍ତମୟ, ରକ୍ତଯୁକ୍ତ ।
**Gosling**, *s.* ରାଜହଂସର ଛୁଆ । [ଚାର ।
**Gospel**, *s.* ଖ୍ରୀଷ୍ଟର ସୁସମାଚାର, ମଙ୍ଗଳସମା-
**Gossamer**, *s.* ଲୁତିଆଣୀର ଜାଲପର ସୂକ୍ଷ୍ମ
**Gossip**, *s.* ଗପ, ଗଳ୍ପ, କଳୁଆ, ଚୋଟିବ ।
**Gothic**, *a.* ଅସଭ୍ୟ, ଅଶିଷ୍ଟ, ମୂର୍ଖ, ଗୋଥ ଲୋକସମ୍ବନ୍ଧୀୟ ।
**Gouge**, *s.* ବଟାଳିବିଶେଷ ।
**Gourd**, *s.* ଲାଉ, ତୁମ୍ବା, ଅଲାବୁ ।
**Gourmand**, *s.* ପେଟୁ ବ୍ୟକ୍ତି, ବହୁଭୋଜୀ ।
**Gout**, *s.* ବାତରୋଗ ।
**Govern**, *v.* ରାଜ୍ୟକର୍ତ୍ତୃତ୍ୱ-ଶାସନ-ପ୍ରଭୁତ୍ୱ-କର ।
**Government**, *s.* ରାଜତ୍ୱ, ପ୍ରଭୁତ୍ୱ ବା ଶାସନ ବା କର୍ମ, ରାଜଶାସନ କରିବା ଲୋକ ସମୂହ ।
**Governess**, *s.* କର୍ତ୍ତ୍ରୀ, ଶିକ୍ଷିକା, ଶିକ୍ଷାଦାତ୍ରୀ ।
**Governor**, *s.* କର୍ତ୍ତା, ଶାସନକର୍ତ୍ତା, ଅଧିକାରୀ
**Gown**, *s.* ସ୍ତ୍ରୀଲୋକର ବସ୍ତ୍ରବିଶେଷ, ଯାଜକ ଅଙ୍ଗରଖା ।

**Grace**, *s.* ଅନୁଗ୍ରହ, ଦୟା, କୃପା କରୁଣା, ପ୍ରସାଦ, ସୁନ୍ଦରବେଶ ।
**Graceful**, *a.* ମନୋହର, ସୁନ୍ଦର, ଲାବଣ୍ୟ ।
**Graceless**, *a.* ଧର୍ମହୀନ, ଭ୍ରଷ୍ଟ, କୁକ୍ରିୟାସକ୍ତ ।
**Gracious**, *a.* ଅନୁଗ୍ରାହକ, ଦୟାଳୁ, କୃପାବନ୍ତ, ଶିଷ୍ଟ, ନମ୍ର ।
**Gradation**, *s.* ଅନୁକ୍ରମ, ପରମ୍ପରା, ଅନୁପୂର୍ବ ।
**Grade**, *s.* ପଦକ୍ରମ, ବର୍ଗ, ସ୍ଥିତ, ଆନୁପୂର୍ବ ।
**Gradual**, *a.* କ୍ରମିକ, କ୍ରମାଗତ, ଧୀର ।
**Gradually**, *ad.* କ୍ରମେ, ପଦେ, କ୍ରମଶଃ, ସ୍ଥିତପୂର୍ବକ । [ପାଠର ଉପାଧି ପ୍ରାପ୍ତ-ହ ।
**Graduate**, *v.* କ୍ରମରେ ଅଙ୍କ ଚିହ୍ନିତ-କ, ଶୌ-
**Graduate**, *s.* ମହାବିଦ୍ୟାଳୟର ଉପାଧି ପ୍ରାପ୍ତବ୍ୟକ୍ତି ।
**Graft**, *s.* ବୃକ୍ଷାଦିର କଲମ, ସଂଯୁକ୍ତ ଶାଖା ।
**Grain**, *s.* ଶସ୍ୟ, ଧାନ୍ୟାଦି, ରଣ, କଣିକା,
**Gram**, *s.* ବୁଟ, ଚଣକ, ଚଣା । [କାଠର ଆଁଶ
**Gramineous**, *a.* ତୃଣପର, ତୃଣମୟ ।
**Graminivorous**, *a.* ତୃଣଭକ୍ଷୀ, ତୃଣଖାଦକ, ତୃଣାହାରୀ ।
**Grammar**, *s.* ବ୍ୟାକରଣ, ଶୁଦ୍ଧ ଲେଖିବାର-ବିଦ୍ୟା । [କରଣ, ଜାଣିବା ବ୍ୟକ୍ତି ।
**Grammarian**, *s.* ବ୍ୟାକରଣବେତ୍ତା, ବୈୟା-
**Grammatical**, *a.* ବ୍ୟାକରଣ ସିଦ୍ଧ, ତଦନୁ-
**Grampus**, *s.* ବଡ଼ ମାଛବିଶେଷ । [ଯାୟୀ ।
**Granary**, *s.* ଅମାର, ଶସ୍ୟଗୋଲା, କୋଠୀ
**Grand**, *a.* ବଡ, ମହା, ମହତ୍, ଶ୍ରେଷ୍ଠ, ପ୍ରଧାନ । [ବା ପୌତ୍ରୀ, ଦୌହିତ୍ର, ଦୌହିତ୍ରୀ ।
**Grandchild**, *s.* ନାତି ବା ନାତୁଣୀ, ପୌତ୍ର
**Grandee**, *s.* ପ୍ରଧାନବ୍ୟକ୍ତି, କୁଳୀନ, ବଡଲୋକ
**Grandeur**, *s.* ଐଶ୍ୱର୍ଯ୍ୟ, ମହିମା, ଗୌରବ, ବଇଭବ । [ବାପ ।
**Grandfather**, *s.* ପିତାମହ, ଅଜା, ବଡ-
**Grandmother**, *s.* ଆଈ, ବଡମା, ଆତୁମା, ପିତାମହୀ, ମାତାମହୀ ।
**Grandiloquence**, *s.* ଅତ୍ୟୁକ୍ତି, ବାଗାଡମ୍ବର
**Grandsire**, *s.* ପିତାମହ, ମାତାମହ ।
**Granite**, *s.* ପଥରବିଶେଷ ।
**Granivorous**, *a.* ଶସ୍ୟଭୋଜୀ, ଶସ୍ୟଖାଦକ ।
**Grant**, *s.* ଦତ୍ତଦ୍ରବ୍ୟ, ଦାନ, ବୃତ୍ତି, ଅନୁମତି ।
**Grant**, *v.* ଦାନ-କ, ଅନୁଗ୍ରହରେ-ଦ, ସ୍ୱୀକାର-କ
**Grantee**, *s.* ଦାନଭୋଗୀ, ବୃତ୍ତିଭୋଗୀ ।
**Granular**, *a.* ଦାନାପରି, ଶସ୍ୟବତ୍ ।
**Granulate**, *v.* ଦାନା ବନ୍ଧ- ଦାନାଦାର-ହ ।
**Granulous**, *a.* ଦାନାମୟ, ଦାନମୟ ।
**Grape**, *s.* ଦ୍ରାକ୍ଷାଫଳ, ଅଙ୍ଗୁର, ଗୋସ୍ତନୀ ।
**Graphic**, *a.* ଉତ୍ତମରୂପେ ଲିଖିତ, ସୁବର୍ଣ୍ଣିତ ।
**Grapnel**, *s.* କ୍ଷୁଦ୍ରନଙ୍ଗର, ଜାହାଜଧରା ଅଙ୍କୁଶ
**Grapple**, *v.* ହାତାହାତି- ଧସ୍ତାଧସ୍ତି-କ ।
**Grasp**, *v.* ଶକ୍ତକରି ଧରିବାର ।
**Grass**, *s.* ଘାସ, ତୃଣ ।
**Grasshopper**, *s.* ଫଡିଙ୍ଗ, ଫଡଙ୍ଗ ।
**Grass-plot**, *s.* ଘାସାଚ୍ଛାଦିତଭୂମି ବା ସ୍ଥାନ ।
**Grate**, *s.* ଲୁହା ନିର୍ମିତ ଅଗ୍ନିକୁଣ୍ଡ, ଜଳା ମୂଢରେ ଦେବାର ଲୁହା ଯନ୍ତ୍ର ।
**Grate**, *v.* ଘଷ- ମର୍ଦ୍ଦନ- ବିରକ୍ତ-କ ।
**Grateful**, *a.* କୃତଜ୍ଞ, ଉପକାରମାନୀ, ଆହ୍ଲା-ଦୀ । [ତୋଷ ।
**Gratification**, *s.* ସନ୍ତୋଷ, ତୃପ୍ତି, ପରି-
**Gratify**, *v.* ତୃପ୍ତ- ସନ୍ତୁଷ୍ଟ-କ ।
**Gratifying**, *a.* ମନୋରମ, ତୁଷ୍ଟିକର ।
**Grating**, *s.* ଘର୍ଷଣ, ଅଲୁଣିକର ।
**Gratis**, *a.* ବିନାମୂଲ୍ୟରେ, ଅକାରଣ, ବିନା-ପ୍ରମାଣ ।
**Gratitude**, *s.* କୃତଜ୍ଞତା, ଉପକାରସ୍ମରଣ ବା ମାନନ ।

**Gratuitous**, *a.* ବିନାମୂଲ୍ୟରେ ଦତ୍ତ, କଳ୍ପିତ କାରଣ ରହିତ । [ତୋଷିକ ।
**Gratuity**, *s.* ଦାନ, ବକଶିଶ, ଇନାମ, ପାରି-
**Grave**, *s.* କବର, ଗୋର, ସମାଧି, ଶବପୋ-
**Grave**, *a.* ଗମ୍ଭୀର, ଭାରି, ଧୀର । [ଡିବାସ୍ଥାନ ।
**Gravel**, *s.* କଙ୍କର; disease, ପଥୁରିରୋଗ
**Gravitate**, *v.* ଆକର୍ଷଣଗୁଣ ହେତୁରୁ ଅଧଃ-ପତନ-କ ।
**Gravitation**, *s.* ସ୍ୱାଭାବିକ ଗୁରୁତ୍ୱ ହେତୁରୁ ଭୂମିରେ ପତନଶୀଳତା । [ଓଜନ, ଭାରିତ୍ୱ ।
**Gravity**, *s.* ଗାମ୍ଭୀର୍ଯ୍ୟ, ଗୁରୁତ୍ୱ, ଧୀରତା,
**Gravy**, *s.* ମାଂସର ରସ, ଝୋଳ, ସୁରୁଆ ।
**Gray, Grey**, *a.* ପାଣ୍ଡୁଶ ବା ଧୂସରବର୍ଣ୍ଣ, ଅଳ୍ପଧାଉର; -haired, ପାଚିଲାବାଳ ।
**Graze**, *v.* ଚରିବାର, ଘାସଖାଉବାର; ଛିଣ୍ଡିଏ ଲାଗିବାର ।
**Grazier**, *s.* ପଶୁପାଳକ, ଗଉଡ଼ିଆଳ ।
**Grease**, *s.* ଚର୍ବି, ବସା, ମାଂସର ତେଲ ।
**Greasy**, *a.* ଚିକ୍କଣ, ସ୍ନିଗ୍ଧ ।
**Great**, *a.* ବଡ଼, ମହା, ବୃହତ, ଅତି, ମହତ ।
**Greatly**, *ad.* ଅତିଶୟ ବା ମହତରୂପେ, ଅତ୍ୟନ୍ତ, ବୃହଦ୍ରୂପେ ।
**Greatness**, *s.* ବୃହତ୍ତ୍ୱ, ଗୁରୁତ୍ୱ ମହତ୍ତ୍ୱ, ମହିମା, ଗୌରବ, । [ଲୋକ ।
**Grecian, Greek**, *s.* ଯାବାନ ବା ୟୁନାନୀ-
**Greedy**, *a.* ପେଟୁକ, ଲୋଭୀ ।
**Green**, *a.* ହରିଦ୍ବର୍ଣ୍ଣ, ସବୁଜ ବା ସାଗୁଆରଙ୍ଗ, କଞ୍ଚା । [ଶାଗ, ଖାଦ୍ୟଉଦ୍ଭିଦ ।
**Green**, *s.* ଘାସମୟ ଭୂମି; greens, ଶାକ,
**Green-dove**, *s.* ହରିଆଳପକ୍ଷୀ ।
**Greenhouse**, *s.* ବୃକ୍ଷ ରୁଷିବାଗିବାର ଘର ।
**Greet**, *v.* ବନ୍ଦନା- ପ୍ରଣାମ- ନମସ୍କାର- ଧନ୍ୟବାଦ-କ ।
**Greeting**, *s.* କଲ୍ୟାଣ, ସଙ୍ଗମ, ମଙ୍ଗଳବାର୍ତ୍ତା
**Grenade**, *s.* ଲୌହଗୋଲା ବା ଗୁଳିବିଶେଷ ।
**Grenadier**, *s.* ପାର୍ବତୀୟ ସୈନ୍ୟ, ଡେଙ୍ଗା ସିପାହି ।
**Greyhound**, *s.* ଶିକାରୀକୁକୁର ବିଶେଷ ।
**Gridiron**, *s.* ମାଂସ କବାବକରଣାର୍ଥେ ଲୌହ ବିଶେଷ ।
**Grief**, *s.* ଶୋକ, ଖେଦ, ସନ୍ତାପ, ଦୁଃଖ ।
**Grievance**, *s.* ଦୁଃଖ କଥା, ହାନି, କ୍ଳେଶର ବିଷୟ ।
**Grieve**, *v.* ଦୁଃଖ-ଦ, ଶୋକ-କ ।
**Grievous**, *a.* ଦୁଃଖଦାୟକ, କ୍ଳେଶଜନକ ।
**Grill**, *v.* କବାବ-କ, ମାଂସ ଭାଜିବାର *s.* କବାବ ।
**Grim**, *a.* ବିକଟମୂର୍ତ୍ତି, କଦର୍ଯ୍ୟମୁଖ, ମୁର୍ଦ୍ଦାରପରି ।
**Grimace**, *s.* ମୁଖଭଙ୍ଗିବାର, ବଙ୍କାମୁଖ ।
**Grimalkin**, *s.* ବୃଦ୍ଧବିଡ଼ାଲ ବା ବିଲେଇ ।
**Grin**, *v.* ଦନ୍ତଦେଖାଇବାର, ମୁହଁବିକାଇବାର
**Grind**, *v.* ଚୂର୍ଣ୍ଣ-କ, ଚକିପେଷିବାର, ଘଷିବାର ଶାଣ-ଦ, ମଳିବାର, ଦୁଃଖ-ଦ ।
**Grinder** *s.* ଚୋବାଇବାରଦାନ୍ତ, କଳଦାନ୍ତ ।
**Grindstone**, *s.* ଶାଣପଥର, ଶିଳା ।
**Gripe**, *s.* ଖାମ୍ଭିବାର ଧରିବାର, ଚିମୁଟିବାର ।
**Grisly**, *s.* ଭୟାନକ, ବିକଟାକାର, କୁତ୍ସିତ ।
**Grist**, *s.* ପେଷିବାପାଇଁ ଯେତେ ଶସ୍ୟାଦି ଏକ କ୍ଷେପରେ ଆସେ, ଖାଦ୍ୟଦ୍ରବ୍ୟ ।
**Gristle**, *s.* କୋମଳଅସ୍ଥି ଅବା ହାଡ ।
**Grit**, *s.* ବାଲି, ଶସ୍ୟର ମୋଟାଗୁଣ୍ଡି ସାନପଥର ।
**Gritty**, *a.* ବାଲୁକାମୟ ।
**Grizzled**, *a.* ଧୂସରବର୍ଣ୍ଣ, ଚିତ୍ରିତ ।
**Groan**, *s.* ଆର୍ତ୍ତସ୍ୱର, କାତରୋକ୍ତି, କୋକାନି ।
**Groat**, *s.* ଇଙ୍ଗଣ୍ଡୀୟ ଅଢ଼ାଇ ଅଣାର ମୁଦ୍ରା ।
**Grocer**, *s.* ମୁଦି, ପସାରୀ ।

**Grocery**, *s.* ମୁଦିଖାନା, ମୁଦିର ବିକ୍ରିଦ୍ରବ୍ୟ ।
**Grog**, *s.* ମଦ୍ୟ ଓ ଜଳମିଶ୍ରିତ ପେୟଦ୍ରବ୍ୟ ।
**Groin**, *s.* କୋଳ, କୁଚ୍କା ।
**Groom**, *s.* ସଇସ, ଅଶ୍ୱରକ୍ଷକ, ଭୃତ୍ୟ ।
**Groove**, *s.* ଘସ୍ର, ଗର୍ତ୍ତ, ଘାଗର ।
**Grope**, *v.* ଦରାଣ୍ଡିବାର, ଅଣ୍ଡାଳିବାର, ଖୋଜିବାର ।
[ନିର୍ଲଜ୍ଜ ।
**Gross**, *a.* ସ୍ଥୂଳ, ବଡ଼, ପୁଷ୍ଟ, ମୋଟା; ମୂର୍ଖ,
**Gross**, *s.* ୧୪୪ ସଂଖ୍ୟା, ଗଡ଼, ଡାବରୁ, ସମୂହ
**Grotesque**, *a.* ବିକଟାକାର, କଦାକାର, ଅସ୍ୱାଭାବିକ ।
**Grotto**, *s.* ଗହ୍ୱର, ଗୁମ୍ଫା, କୁଞ୍ଜ, କୁଟୀର ।
**Ground**, *s.* ଭୂମି, ମାଟୀ, ଜମି, ଭୂଇଁ ।
**Groundless**, *a.* ଅମୂଳକ, ଅକାରଣ, ଅଯଥାର୍ଥ ।
[ମାଲଗୁଜାରି ।
**Ground-rent**, *s.* ଖଜଣା, କର, ସର୍ବସ,
**Group**, *s.* ଦଶକୋଡ଼ିଏ ଜଣର ଦଳ, ଗଦା, ସମୂହ ।
**Grove**, *s.* ଉପବନ, କୁଞ୍ଜ, ଉଦ୍ୟାନ, ତୋଟା ।
**Grovel**, *v.* ଲଟାଇ ବା ହାମୁଡ଼ି ଯିବାର, ନୀଚସ୍ୱର-କ ।
**Grow**, *v.* ବଢ଼ିବାର, ଉତ୍ପନ୍ନ-ହ ।
**Growl**, *v.* ଗର୍ଜ୍ଜନ ବା ତର୍ଜ୍ଜନ-କ ।
**Growth**, *s.* ବୃଦ୍ଧି, ବର୍ଦ୍ଧିଷ୍ଣୁତା, ଉତ୍ପତ୍ତି, ଉତ୍ପନ୍ନବସ୍ତୁ, ଫସଲ ।
[ପୋକ ।
**Grub**, *s.* ପୋକ, କୀଟ; chrysalis, ଗୁଟି-
**Grub**, *v.* ଉପାଡ଼ିବାର, ଖାଡ଼ିବାର, ବାହାର-କ
**Grudge**, *v.* ଈର୍ଷା-କ, ଅନିଚ୍ଛାରେ-ଦ, ପରଶ୍ରୀକାତର-ହ ।
**Grudge**, *s.* ବିରୋଧ, ହିଂସା, ଦ୍ୱେଷ, ଈର୍ଷା ।
**Gruel**, *s.* କାଞ୍ଜି, ମଣ୍ଡ, ତୋରାଣୀ ।
**Gruff**, *a.* କର୍କଶ, କଠିନ, କ୍ରୋଧୀ, କଟୁ ।
**Grumble**, *v.* ଗର୍ଜିବାର, କଚକଚି-କ ।
**Grunt**, *v.* ଘୁଷୁରିପରି ଗର୍ଜ୍ଜନ-କ, ଘୁମୁରିବାର ।
**Guana**, *s.* ଗୋଧିସାପ, ଗୋଧିକା, ଗୋଧି ।
**Guarantee**, *s.* ଜାମୀନ, ଲଗା, ପ୍ରତିଭୂ ।
**Guard**, *s.* ରକ୍ଷକ, ପ୍ରହରୀ, ଚୌକି ।
**Guard**, *v.* ରକ୍ଷା-କ, ଚୌକି-ଦ, ଜାଗିବାର ।
**Guardedly**, *ad.* ସାବଧାନ ବା ସତର୍କତାପୂର୍ବକ ।
[ଅଧ୍ୟକ୍ଷ ।
**Guardian**, *s.* ରକ୍ଷକ, ପ୍ରତିପାଳକ, ମହାଫିଜ,
**Guava**, *s.* ପିଜୁଳି, ପିଜୁଳୁ ।
[ତୋଷିକ ।
**Guerdon**, *s.* ପ୍ରତିଫଳ, ପୁରସ୍କାର, ପାରି-
**Guess**, *s.* ଅନୁଭବ, ଅନୁମାନ, ଅନ୍ଦାଜ, ଅଟକଳ ।
**Guess**, *v.* ଅନୁମାନ-କ, ଅନ୍ଦାଜ ବା ଅଟକଳ-କ
**Guest**, *s.* ନିମନ୍ତ୍ରିତବ୍ୟକ୍ତି, ଅତିଥି, ଅଭ୍ୟାଗତ ।
**Guidance**, *s.* ଉପଦେଶ, ଶିକ୍ଷା, ଜ୍ଞାପନ ।
**Guide**, *s.* ପଥଦର୍ଶକ, ଶିକ୍ଷକ, ଉପଦେଶକ, ଗୁରୁ ।
[ଉପଦେଶ-ଦ ।
**Guide**, *v.* ପଥ ଦେଖାଇବାର, ବତାଇବାର,
**Guild**, *s.* ଦଳ, ସମାଜ, ସଭା, ସମ୍ପ୍ରଦାୟ ।
**Guile**, *s.* କୁଟିଳତା, ଛଳ, କପଟ, ଗୁଭୁସ ।
**Guillotine**, *s.* ଶିରଚ୍ଛେଦନଯନ୍ତ୍ର ।
**Guilt**, *s.* ଅପରାଧ, ଦୋଷ, ପାପ ।
**Guiltless**, *a.* ନିରପରାଧୀ, ନିର୍ଦ୍ଦୋଷୀ ।
**Guilty**, *a.* ଅପରାଧୀ, ଦୋଷୀ, ପାପୀ ।
**Guinea**, *s.* ଇଙ୍ଗ୍ଲଣ୍ଡୀୟ ସୁବର୍ଣ୍ଣ ମୁଦ୍ରା, ପ୍ରାୟ ୧୦ ଟଙ୍କା ।
**Guise**, *s.* ବେଶ, ରୀତି, ରୂପ, ଧାରା ।
**Guitar**, *s.* ସିତାର, ତମ୍ବୁରା, ବୀଣାବିଶେଷ ।
**Gulf**, *s.* ମହାଖାଲ, ଗଭୀରସ୍ଥଳ, ଅତଳସ୍ପର୍ଶସ୍ଥାନ ।
[*v.* ଛଳ-କ ।
**Gull**, *s.* ଚେଣ୍ଟ୍ରାଇ, ଗାଁଡିଲ, ମୂର୍ଖ, ଅବୋଧ;
**Gullet**, *s.* ଗଳାର ବା ବେକର ନଳି ।
**Gulp**, *v.* ଢକଢକ ଗିଳିବାର, ଢୋକିବାର ।

**Gum**, *s.* ବଲ୍ମୂଳ; ଅଠା, ଗୋନ୍ଦ ।
**Gumption**, *s.* ବୁଦ୍ଧି, ଯୋଗ୍ୟତା, ଗୁଣ, ଗୁଭୁଷ୍ଣ ।
**Gun**, *s.* ବନ୍ଧୁକ, ତୋପ, କମାଣ, ନଳ ।
**Gunner**, *s.* ଗୋଲନ୍ଦାଜ, ତୋପଛୁଟେ ଯେ ।
**Gunnery**, *s.* ଗୋଲନ୍ଦାଜୀବିଦ୍ୟା ।
**Gunpowder**, *s.* ବାରୁଦ; **Gunstock**, ବନ୍ଧୁକର କୁନ୍ଦା । [ତପୂର୍ଯ୍ୟନ୍ତି ଭସ୍ତ୍ର ନ ।
**Gunshot**, *s.* ଏକ ଗୁଳି ଯେତେ ଦୂରଯାଏ
**Gurgle**, *s.* ଜଳସ୍ରୋତର ମନ୍ଦଶବ୍ଦ ।
**Gush**, *s.* ପ୍ରବଳଝଡ; *v.* ବେଗେ ନିର୍ଗମନ-ହ ।
**Gust**, *s.* ଦମକା ବତାସ, ତୋଫାନ, ହଠାତ୍ ବାୟୁ ।
**Gusto**, *s.* ସୁସ୍ୱାଦୁ, ଅତ୍ୟନ୍ତରୁଚି, ରସ ।
**Gut**, *s.* ନାଡ଼ୀ, ଉଦର ନାଡ଼ୀ, ବୁକୁଲି ।
**Gut**, *v.* ଅନ୍ତର ସବୁ କାଢିବାର, ଗୃହକୁ ଲୁଟିବାର ।
**Gutter**, *s.* ନାଳ, ନର୍ଦ୍ଦମା, ମହୁଲ୍ଲା ।
**Gutteral**, *a.* କଣ୍ଠ୍ୟ, କଣ୍ଠଦ୍ୱାରା ଉଚ୍ଚାରିତ ।
**Guzzle**, *v.* ବହୁପାନ- ଅତିରିକ୍ତ ପାନ କ ।
**Gymnastic**, *a.* ମଲ୍ଲଯୁଦ୍ଧସମ୍ବନ୍ଧୀୟ, କୁସ୍ତି ।
**Gyration**, *s.* ଘୂରଣି, ଚକ୍ରଗତି, ବେଗ ବୁଲିବାର ।
**Gyves**, *s.* ବେଡ଼ି, ଶୃଙ୍ଖଳ; *v.* ବେଡ଼ି-ଦ ।
**Gypsum**, *s.* ଏକପ୍ରକାର ଖଡିମାଟୀ ।

## H.

**Ha**, *int.* ହାଃ, ଅହା, ହାହା, ଆଶ୍ଚର୍ଯ୍ୟବୋଧକ ଶବ୍ଦ ।
**Habeas-corpus**, *s.* ବନ୍ଦୀଲୋକକୁ ଉପଯୁକ୍ତ ଅଦାଲତରେ ହାଜର ହେବା ନିମନ୍ତେ ଅଣିବାର ପରୱାନା । [କ, ପରିକାର୍ଯ୍ୟ ।
**Haberdasher**, *s.* ଫିତା ପଟ୍ଟାଦି ବିକ୍ରିକାରୀଲୋ-
**Habit**, *s.* ପରିଚ୍ଛେଦ, ବେଶଭୂଷା, ବସ୍ତ୍ର; practice, ଅଭ୍ୟାସ, ଖୋଇ, ସ୍ୱଭାବ, ଧାସ, ଆଚରଣ ।
**Habitable**, *a.* ବାସ ବା ସ୍ଥିତିଯୋଗ୍ୟ ।
**Habitation**, *s.* ଗୃହ, ବାସସ୍ଥାନ, ବସା, ଘର
**Habitual**, *a.* ସ୍ୱାଭାବିକ, ବ୍ୟବହାରିକ, ଧାସ ବା ସ୍ୱଭାବାନୁସାରେ ।
**Habituate**, *v.* ବ୍ୟବହାର- ଅଭ୍ୟାସ-କ ।
**Habitude**, *s.* ବ୍ୟବହାର, ଧାସ, ସ୍ୱଭାବ, ପ୍ରକୃତି, ଆଚରଣ ।
**Hack**, *v.* ଖଣ୍ଡ ୨- କାଟିକୁଟି-କ, ହାଣିବାର ।
**Hack**, *s.* ଭଡ଼ା ଘୋଡ଼ା ବା ଗାଡ଼ି ।
**Hackle**, *v.* ଚନପଟଆଦି ଶୌଳି ସଫା-କ ।
**Hackney**, *s.* ଭଡ଼ା ଗାଡ଼ି ବା ଘୋଡ଼ା ।
**Haft**, *s.* ଅସ୍ତ୍ରର ବେଣ୍ଟ ଅବା ମୂଠା ।
**Hag**, *s.* ଡାଆଣି, କୁତ୍ସିତାସ୍ତ୍ରୀ ।
**Haggard**, *a.* କୁତ୍ସିତ, କୁରୂପ, ରୋଗହେତୁ କୃଶ, କ୍ଷୀଣ । [ହାଣିବାର ।
**Haggle**, *v.* କଜିଆ ଅବା ଚିଟା-କ, ମନ୍ଦରୂପେ
**Hail**, *int.* କଲ୍ୟାଣବଚନ, ନମସ୍କାର, ମଙ୍ଗଳାଶିଷ୍ୟ ।
**Hail**, *v.* ଡାକିବାର, ସମ୍ବୋଧନ-କ, ଶିଳା ବା ପଥର ବୃଷ୍ଟି-ହ ।
**Hail**, *s.* ଶିଳ, ଶିଳା ବା ପଥର ବୃଷ୍ଟି ।
**Hailstone**, *s.* ଶିଳା, କୁଆପଥର ।
**Hair**, *s.* କେଶ, ବାଳ, ଲୋମ, ରୋମ ।
**Hair-brained**, *a.* କ୍ଷିପ୍ତ, ବାଉଳା, ବାତୁଳା, ବାୟା । [ତ୍ୟକ୍ତ ।
**Hair-breadth**, *s.* ଏକକେଶ ଅନ୍ତର ବା ଅ-
**Hairy**, *a.* ଲୋମମୟ, ଲୋମଶ; matted hair, ଜଟା ।
**Halbert**, *s.* ଟାଙ୍ଗୀଆ, ଅସ୍ତ୍ରବିଶେଷ ।
**Halcyon**, *a.* ଶୁଭ, ଶାନ୍ତ, ସୁସ୍ଥିର, ହୃଷ୍ଟ ।

**Hale**, *v.* ବେଗାଇ ଧରିବାର, ଓଁଟାରିବାର, ଟାଣିବାର ।
**Hale**, *a.* ସୁସ୍ଥ ଶରୀର, ବଳବାନ୍, ନୀରୋଗୀ ।
**Half**, *s.* ଅଧ, ଅର୍ଦ୍ଧ, ଅଧେକ । [ଶେଷ ।
**Halfpenny**, *s.* ଇଙ୍ଗ୍ଲଣ୍ଡଦେଶୀୟ ପଇସାବି-
**Half-witted**, *a.* ନିର୍ବୋଧ, ଅଳ୍ପ ବୁଦ୍ଧିମାନ୍ ।
**Hall**, *s.* ଶାଳା, ବଡ କାମରା, ବସିବାସ୍ଥାନ ।
**Halleluiah**, *s.* ଈଶ୍ୱରଙ୍କର ପ୍ରତି ଧନ୍ୟବାଦ, ଜୟଶବ୍ଦ । [ବାର ।
**Halloo**, *v.* ଉଚ୍ଚୈଃସ୍ୱରରେ ଡାକିବାର, ହାକି-
**Hallow**, *v.* ପବିତ୍ର ବା ଶୁଦ୍ଧ ବା ପ୍ରତିଷ୍ଠା-କ ।
**Hallucination**, *s.* ଭ୍ରମ, ଭୁଲ, ଭ୍ରାନ୍ତି ।
**Halo**, *s.* ସୂର୍ଯ୍ୟ ବା ଚନ୍ଦ୍ରମଣ୍ଡଳ ।
**Halt**, *v.* ଖୋଟାଇ ଚାଲିବାର; to rest, ଅସମ- ସନ୍ଦେହ-କ ।
**Halt**, *a.* ଖୋଟା, ପଙ୍ଗୁ, ନେଙ୍ଗଡା ।
**Halter**, *s.* ଫାଶଦୌଡି, ବାଗଡୋର, ଗୁଣ୍ଡୀ ।
**Halve**, *v.* ଦୁଇଭାଗ- ଦୁଇଖଣ୍ଡ- ଅର୍ଦ୍ଧାଂଶ-କ ।
**Ham**, *s.* ଜାନୁର ପଛଭାଗ, ଶୂକରର ଲୁଣା ଜଙ୍ଘା ।
**Hamlet**, *s.* ସାନଗାଁ, ପଲ୍ଲୀ ଅବା ଗ୍ରାମ ।
**Hammer**, *s.* ମାର୍ତ୍ତୋଲ, ହାତୁଡି ।
**Hammock**, *s.* ଜାହାଜର ଝୁଲଣାଖଟ ।
**Hamper**, *s.* ବେତର ବଡ ପେଡି ।
**Hamper**, *v.* ଜଡୀଭୂତ-କ, ଜାଲରେ ବାନ୍ଧି-ବାର, ଅଟକାଇବାର, ବାଧା-କ ।
**Hamstring**, *v.* ଜଙ୍ଘାର ଶିର ଛେଦନ-କ ।
**Hand**, *s.* ହସ୍ତ, ହାତ, କର; ଘଡିର କଣ୍ଟା ।
**Hand**, *v.* ହସ୍ତାର୍ପଣ-କ, ହସ୍ତେ-ଦ । [ବିକଣୀ ।
**Handcuffs**, *s.* ହାତବେଡି, ହାତକଡି, ହସ୍ତ-
**Handful**, *s.* ମୁଠାଏ, ଏକମୁଠା ପରିମିତ, ଅତ୍ୟଳ୍ପ ।
**Handicraft**, *s.* କାରିଗରିକର୍ମ, କାରିଗର ।

**Handiwork**, *s.* ହସ୍ତକୃତକର୍ମ, ଶିଳ୍ପକର୍ମ ।
**Handily**, *ad.* ଦକ୍ଷତାରୂପେ, ନିପୁଣପର ।
**Handkerchief**, *s.* ରୁମାଲ, ଗାମୁଛାବିଶେଷ
**Handle**, *s.* ବେଣ୍ଟ, ମୁଠା, କଡା ।
**Handle**, *v.* ହାତରେ ଲଗାଇବାର ବା ଉଠାଇ-ବାର ବା ସ୍ପର୍ଶ-କ । [ରିକା ।
**Handmaid**, *s.* ଦାସୀ, ଗୃହଦାସୀ, ପରିଚା-
**Handmill**, *s.* ଚକି ବା ପେଷଣୀ ।
**Hansel**, *s.* ବହଣି, ପ୍ରଥମ ବିକ୍ରୟ ।
**Handsome**, *a.* ସୁନ୍ଦର, ସୁନ୍ଦର, ସୁରୂପ; ample, ଯଥେଷ୍ଟ, ବାହୁଲ୍ୟ ।
**Handsomely**, *ad.* ଶିଷ୍ଟ, ସୁନ୍ଦର ବା ଉତ୍ତମ ବା ବାହୁଲ୍ୟରୂପେ । [ଖନ ।
**Handwriting**, *s.* ହସ୍ତାକ୍ଷର, ହସ୍ତଲିପି, ଲି-
**Handy**, *a.* ପ୍ରସ୍ତୁତ, ଦକ୍ଷ, କର୍ମୋପଯୁକ୍ତ ।
**Hang**, *v.* ଲଟକାଇବାର, ଫାଶି-ଦ, ଟଙ୍ଗାଇ-ବାର ।
**Hanger-on**, *s.* ଅଧୀନ ବା ଅନୁଗତ ଲୋକ ।
**Hangings**, *s.* ପର୍ଦ୍ଦା, ଝାଲର, ଯବନିକା ।
**Hangman**, *s.* ଯେ ଫାଶି ଦିଅଇ, ଜଲ୍ଲାଦ, ଘାତକ । [ବଳୟ ।
**Hank**, *s.* ସୂତାର ପେଁଟୀ ବା ମୁଠା, କାଠର-
**Hanker**, *v.* ସ୍ପୃହା ବା ଇଚ୍ଛା ବା ଲୋଭ-କ ।
**Hap**, *s.* ଦୈବଘଟନାବିଷୟ, ଭାଗ୍ୟ, କପାଳ ।
**Haphazard**, *s.* ଦୈବଘଟନା, ଦୈବଯୋଗ ।
**Hapless**, *a.* ଦୁର୍ଭାଗ୍ୟ, ଅନାଥ, ଅଭାଗ୍ୟ, ଅଶୁଭ ।
**Haply**, *ad.* ଦୈବାତ୍, କେଜାଣି, ଘଟନାକ୍ରମେ
**Happen**, *v.* ଘଟିବାର, ଉପସ୍ଥିତ-ହ ।
**Happiness**, *s.* ସୁଖ, ଆନନ୍ଦ, ସୌଭାଗ୍ୟ, ମଙ୍ଗଳ ।
**Happy**, *a.* ସୁଖୀ, ତୁଷ୍ଟ, ଆନନ୍ଦିତ, କୁଶଳୀ ।
**Harangue**, *s.* ପ୍ରସ୍ତାବକଥା, ବକ୍ତାରିତବାକ୍ୟ ।

**Harass,** *v.* କଷ୍ଟ- କ୍ଲେଶ-ଦ, ବିରକ୍ତ-କ ।
**Harbinger,** *s.* ଅଗ୍ରଗାମୀ, ଦୂତ, ବାର୍ତ୍ତାବାହକ
**Harbour,** *s.* ଜାହାଜର ଆଶ୍ରୟସ୍ଥାନ, ବନ୍ଦର ।
**Harbour,** *v.* ଆଶ୍ରୟ- ରକ୍ଷା-ଦ, ବସା-କ ।
**Hard,** *a.* କଠିନ, ଶକ୍ତ, ଦୃଢ, ଟାଣ, କଠୋର
**Hard,** *a.* ପ୍ରାୟ ନିକଟରେ, ପାଖରେ, କଷ୍ଟରେ
**Harden,** *v.* ଶକ୍ତ- କଠିନ- ଦୃଢ-କ ।
**Hardhearted,** *a.* କଠିନାନ୍ତଃକରଣବିଶିଷ୍ଟ, ନିଷ୍ଠୁର, କ୍ରୂର, ନିର୍ଦ୍ଦୟ ।
**Hardihood,** *s.* ସାହସ, ନିର୍ଭୟ, ନିର୍ଲଜ୍ଜ ।
**Hardiness,** *s* ଶକ୍ତି, ବଳ, ତେଜ, ନିର୍ଲଜ୍ଜତା ।
**Hardly,** *ad.* କଷ୍ଟେ, ଶକ୍ତରୂପେ, ପ୍ରାୟ ନୁହେ
**Hardship,** *s.* କ୍ଲେଶ, ଦୁଃଖ, କଷ୍ଟ, ପରିଶ୍ରମ
**Hardware,** *s.* ଲୌହାଦି ନିର୍ମିତଦ୍ରବ୍ୟ ।
**Hardy,** *a.* ଶକ୍ତ, ବଳବାନ୍, ସାହସୀ, ମଜବୁତ
**Hare,** *s.* ଠେକୁଆ, ଖରଗୋଶ, ଶଶକ ।
**Harebrained,** *a.* ଚଞ୍ଚଳ, ଅବିବେକ, ଅସ୍ଥିର- [ମନା ।
**Harelip,** *s.* ଗହଣଗଣ୍ଡିଆ ।
**Hark!** *int.* ଶୁଣଶୁଣ, ଅବଧାନ ବା ଶ୍ରବଣ କର
**Harlequin,** *s.* ଭଣ୍ଡ, ଭଣ୍ଡ, ମସ୍କରା, କୌତୁକୀ
**Harlot,** *s.* ବେଶ୍ୟା, ଦାସୀ, କସବୀ ।
**Harm,** *s.* ହାନି, କ୍ଷତି, ଅପକାର, ହିଂସା ।
**Harmless,** *a.* ଅହିଂସକ, ନିର୍ହିଂସକ, ସରଳ ।
**Harmonize,** *v.* ଐକ୍ୟ- ଉପଯୁକ୍ତ-ହ, ସୁଛନ୍ଦ- ବଦ୍ଧ-କ ।
**Harmony,** *s.* ଐକ୍ୟ, ସ୍ୱରର ବା ବାଦ୍ୟର ମିଳନ, ଅବିରୋଧ ।
**Harness,** *s.* ସଜ୍ଜା, ସାଜ; *v.* ସାଜଲଗାଇ- ବାର, ସଜ୍ଜାଇବାର ।
**Harp,** *s.* ବୀଣା, ବୀଣ, *v.* ବୀଣା ବଜାଇବାର, ଏକ ବିଷୟରେ ନିତ୍ୟ କହିବାର ।
**Harper,** *s.* ବୀଣାବାଦକ, ବୈଣିକ ।
**Harpoon,** *s.* ବଡମାଛ ମାରିବାର ଅସ୍ତ୍ର, ତେଣ୍ଟା
**Harpsichord,** *s.* ବାଦ୍ୟଯନ୍ତ୍ରବିଶେଷ ।
**Harpy,** *s.* ପକ୍ଷିବିଶେଷ; ଲୋଭୀ ବ୍ୟକ୍ତି ।
**Harrow,** *s.* ଚଷିର ମଇ ।
**Harsh,** *a.* କଠିନ, କର୍କଶ, କଠୋର, କଟୁ ।
**Harshness,** *s.* କଠିନତା, କଟୁତା, କାର୍କଶ୍ୟ ।
**Hart,** *s.* ହରିଣ, ମୃଗ, କୁରଙ୍ଗ ।
**Hartshorn,** *s.* ହରିଣ ଶିଙ୍ଗ ଭସ୍ମନିର୍ମିତ ଔଷଧ।
**Harvest,** *s.* ଫସଲ, ଶସ୍ୟସଂଗ୍ରହ ।
**Hash,** *v.* ଖଣ୍ଡ ୨-କ, କୁଟିକାଟିବାର । [ସିକ।
**Hassock,** *s.* ପ୍ରାର୍ଥନାରେ ଆଣ୍ଠୁପାଡିବାର ଅ-
**Haste,** *s.* ଶୀଘ୍ରତା, ତ୍ୱରା, ବେଗ, ବହନ, ଜଲଦୀ । [ତ୍ୱରା-କ।
**Haste, Hasten,** *v.* ଶୀଘ୍ର ବା ବେଗ-କ,
**Hastily,** *ad.* ଶୀଘ୍ରରୂପେ, ବେଗେ, ଝଟିତି, ତ୍ୱରାୟ ।
**Hasty,** *a.* ଉଗ୍ର, ଶୀଘ୍ର, ଅସାବଧାନ ।
**Hat,** *s.* ଟୋପୀ, ଟୋପର ।
**Hatch,** *s.* ଥରେ ଯେତେଛୁଆ ହୁଏ ।
**Hatch,** *v.* ଡିମ୍ବ ଫୁଟାଇବାର, କଳ୍ପନା-କ ।
**Hatchet,** *s.* କୁହ୍ରାଡ; chopper, କଟୁରି।
**Hate,** *v.* ଘୃଣା- ହିଂସା- ଅଶ୍ରଦ୍ଧା- ଦ୍ୱେଷ-କ।
**Hateful,** *a.* ଘୃଣ୍ୟ, ଘୃଣାଯୋଗ୍ୟ, ଦ୍ୱେଷ୍ୟ, ମନ୍ଦ
**Hatred,** *s.* ଘୃଣା, ଅଶ୍ରଦ୍ଧା, ଦ୍ୱେଷଜ୍ଞାନ ।
**Hatter,** *s.* ଟୋପୀ ବନାଇ ବା ବିକବାଲୋକ।
**Haughty,** *a.* ଗର୍ବିତ, ଦାମ୍ଭିକ, ଅହଂକାରୀ।
**Haul,** *v.* ଟାଣିବାର, ଆକର୍ଷଣ-କ, ଓଟାଇବାର।
**Haunch,** *s.* ଜଙ୍ଘା, ପିଚ୍ଛ, କଟିଦେଶ ।
**Haunt,** *s.* ଗମନାଗମନର ସ୍ଥାନ, ବସା, ଆଶ୍ରୟ
**Haunt,** *v.* ସଦାଗତାୟାତ-କ ।
**Haunted,** *pa.* ଭୂତଗ୍ରସ୍ତ, ଭୂତାବିଷ୍ଟ ।
**Hautboy,** *s.* ବଂଶୀବିଶେଷ, ସାନାୟୀ ।
**Hauteur,** *s.* ଗର୍ବ, ଦର୍ପ, ଅହଂକାର, ଅଭି- ମାନ ।

**Have**, *v.* ପାଶରେ ଥିବାର, ପ୍ରାପ୍ତ-ହ, ଧାରଣ ବା ଭୋଗ-କ ।

**Haven**, *s.* ଜାହାଜ ଥିବାର ଖାଲ, ବନ୍ଦର, ଆଶ୍ରୟ ସ୍ଥାନ । [ଉଚ୍ଛନ୍ନତା ।

**Havoc**, *s.* ନାଶ, ବିନାଶ, ଉତ୍ପାତ, ଉପଦ୍ରବ,

**Hawk**, *s.* ବାଜପକ୍ଷୀ, ଛଞ୍ଚାଣ ।

**Hawk**, *v.* ବାଜପକ୍ଷୀ ଦ୍ୱାରା ଶିକାର-କ ; ଗଳା-ଖଙ୍କାରିବାର ; ବୁଲିବିକିବାର ।

**Hawker**, *s.* ଦ୍ରବ୍ୟାଦି ବିକିବାଲୋକ ।

**Hawser**, *s.* ଜାହାଜର ମୋଟା ଦୋଉଡ ।

**Hay**, *s.* ଶୁଖିଲା ଦୁବ ଘାସ ।

**Haystack**, *s.* ଶୁଖିଲା ଘାସର ଗଦା ।

**Hazard**, *s.* ଆପଦ, ଦାୟ, ସଙ୍କଟ, ଦୈବ, ଜୁଆଖେଳ । [ବିପଦ ।

**Hazardous**, *a.* ସଙ୍କଟଜନକ, ଭୟାନକ, ଦୈ-

**Haze**, *s.* କୁହୁଡି, କାକର, କୁଜ୍ଝଟିକା ।

**Hazel**, *s.* ଧୂମ୍ର, ଧୂସରବର୍ଣ୍ଣ, ପାଉଁଶିଆ ।

**Hazy**, *a.* କୁହୁଡିମୟ, ଘୋର ।

**He**, *pre.* ସେ, ସେହି, ସେଇ, ଏ, ଏହି ।

**Head**, *s.* ମସ୍ତକ, ଶିର, ମୁଣ୍ଡ ।

**Head**, *m.* ପ୍ରଧାନ, ମହନ୍ତ, ଅଧ୍ୟକ୍ଷ ।

**Head**, *v.* କର୍ତ୍ତୃତ୍ୱ- ପ୍ରଭୁତ୍ୱ-କ ।

**Headache**, *s.* ମୁଣ୍ଡବ୍ୟଥା, ଶିରପୀଡା ।

**Headland**, *s.* ଅନ୍ତରୀପ, ଠେକ ।

**Headlong**, *a.* ଦୁଃସାହସୀ, ଅବିବେଚକ ।

**Headless**, *s.* ମସ୍ତକରହିତ ; ଅବୋଧ ।

**Headstrong**, *a.* ଠେଣ୍ଟା, ଗୁମାନି, ଅବାଧ୍ୟ ।

**Heady**, *a.* ଚଞ୍ଚଳ, ଅବଶ, ମତ୍ତତାଜନକ ।

**Heal**, *v.* ଆରୋଗ୍ୟ-କ, ସୁସ୍ଥ ବା ଭଲ-କ ।

**Health**, *s.* ସ୍ୱାସ୍ଥ୍ୟ, ଆରୋଗ୍ୟ, ଆରାମ ।

**Healthful**, *a.* ସୁସ୍ଥ, ଅରୋଗୀ, ସୁଖଦ, ସବଳ ।

**Healthy**, *a.* ନୀରୋଗୀ, ସ୍ୱାସ୍ଥ୍ୟଜନକ, ନିଷ୍ପୀଡ

**Heap**, *s.* ରାଶି, ଗଦା, ଠୁଳ, ଢେର, ଭିଡ ।

**Hear**, *v.* ଶୁଣିବାର, ଶ୍ରବଣ-କ, କାନଡେରି-ବାର । [ଲୋକ ।

**Hearer**, *s.* ଶ୍ରୋତା, ଶ୍ରବଣକର୍ତ୍ତା, ଶୁଣିବା

**Hearing**, *s.* ଶ୍ରବଣରେ ପହଞ୍ଚିବାର ଶୁଣିବାର, ଶ୍ରବଣ ଇନ୍ଦ୍ରିୟ । [କଣ-କ ।

**Hearken**, *v.* ଅବଧାନ-କ, ମନୋଯୋଗ- ଶ୍ର-

**Hearsay**, *s.* ଶୁଣିବାକଥା, ଶ୍ରୁତବାକ୍ୟ, ଜନ-

**Hearse**, *s.* ଶବ ବହିବାର ଗାଡି । [ରବ ।

**Heart**, *s.* ଅନ୍ତଃକରଣ, ହୃଦୟ, ଚିତ୍ତ, ମନ; by heart, ମୁଖସ୍ଥ; courageସାହସ ।

**Heartburning**, *s.* ବୁକୁପୋଡା, ଅନ୍ତର୍ବେ-ଦନା, ବୁକଶୂଳ, ମନଦ୍ୱେଷ, ହିଂସା ।

**Heartfelt**, *a.* ନିଷ୍କପଟ, ସରଳ, ହୃଷ୍ଟ, ଅନ୍ତଃ-କରଣ ସହିତ ।

**Hearth**, *s.* ଚୁଲ୍ଲୀ, ଚୁଲି, ଉନାନ୍ ।

**Heartily**, *ad.* ମନର ସହିତ, ସରଳଭାବେ, ସାହସିକରୂପେ, ଉଦ୍ୟମ ଚିତ୍ତରେ ।

**Heartless**, *a.* ମନୋଭଙ୍ଗ, ନିସ୍ତେଜ, ବିମ-ମନ, ଅଭରସା । [ସରଳ ।

**Hearty**, *a.* ସୁସ୍ଥ, ମନର ସହିତ, ବଳବାନ୍,

**Heat**, *v.* ଉଷ୍ଣ ବା ଉତ୍ତପ୍ତ-କ, ସରାଗିତ-କ, ଗରମ-କ । [ଗରମ ।

**Heat**, *s.* ତାପ, ଗ୍ରୀଷ୍ମ, ଉଷ୍ମ, ଉତ୍ତାପ, ସର୍ଗ,

**Heath**, *s.* ସାନ ଜଙ୍ଗଲଗଛ, ଜଙ୍ଗଲ, ପଡିଆ ।

**Heathen**, *s.* ଦେବପୂଜକ, ଦେବତାସେବକ, ସାକାରବାଦୀ । [ପୂଜା ।

**Heathenism**, *s.* ଦେବପୂଜକଧର୍ମ, ଦେବ-

**Heave**, *v.* ଉଠାଇବାର, ତୋଳିବାର, ଫୋ-ପାଡିବାର । [କାଶ ।

**Heaven**, *s.* ସ୍ୱର୍ଗ, ଈଶ୍ୱରଙ୍କର ରାଜଧାନୀ; ଆ-

**Heavenly**, *a.* ସ୍ୱର୍ଗୀୟ, ଦିବ୍ୟ, ପାରମାର୍ଥିକ, ଆକାଶୀୟ ।

**Heaviness**, *s.* ଭାରପୂର୍ବକ, ଗୁରୁତ୍ୱ, ବୋଝ, ଖେଦ, ଶୋକ । [ଉଦାସ ।

**Heavy**, *a.* ଭାରି, ଗୁରୁ, ବୃହତ, ବିଷଣ୍ଣମନା°,

**Hebrew**, *s.* ଏବ୍ରୀଭାଷା; ଏବ୍ରୀୟଲୋକ ।

**Hecatomb**, *s.* ଶତ୍ୟେବଳି, ଯଥା ଏକଶ ବୃ-ଷୋତ୍ସର୍ଗ । [ପ୍ରଯୁକ୍ତ, କ୍ଷୟଯୁକ୍ତର ।

**Hectic, Hectical**, *a.* ସ୍ୱାଭାବିକ, ସଦାତା-

**Hector**, *v.* ବଡାଇ-କ, ଗର୍ବ-କ, ଦାମ୍ଭିକ-ହ ।

**Hedge**, *s.* ବାଡ, ବେଢ଼ା, ବାଡବନ୍ଧ, ଅଟକ ।

**Hedgehog**, *s.* ଝିଙ୍କ, ଶଜାରୁ ।

**Hedger**, *s.* ବାଡାବନ୍ଧ କରିବା ଲୋକ ।

**Heed**, *s.* ସାବଧାନତା, ମନୋଯୋଗ, ସତ-ର୍କତା । [ହେଲାକାରୀ, ଅବିବେଚକ ।

**Heedless**, *a.* ଅସାବଧାନ, ଅମନୋଯୋଗୀ,

**Heel**, *s.* ଗୋଇଠି, ଗୁଲଫ ।

**Hegira**, *s.* ମହମ୍ମଦ ମକାରୁ ମଦିନାକୁ ପଳାଇବାର ସମୟ, ଯଥା ଇଂରାଜୀ ସନ ୬୨୨ ଯେ ସମୟରୁ ମୁସଲମାନମାନଙ୍କର ଶକ ଆରମ୍ଭ ।

**Heifer**, *s.* ଛଡା, ଅଳ୍ପ ବୟସ୍କ ମାଈଗୋରୁ ।

**Heigh-ho**, *int.* ଉହୁ, ଓହୋ, ଇଃ, ଆହା ।

**Height**, *s.* ଉଚ୍ଚତା, ଊର୍ଦ୍ଧ୍ୱତା, ଉପର, ଉନ୍ନତି, ଉଠିବାର । [ଭାରି-କ ।

**Heighten**, *v.* ବଢାଇବାର, ବୃଦ୍ଧି- ଉଚ୍ଚ-କ,

**Heinous**, *a.* ଅତିଶୟ, ଭାରି, ବଡମନ୍ଦ ।

**Heir**, *s.* ଉତ୍ତରାଧିକାରୀ, ଉଆରସ ।

**Heiress**, *s.* ଉତ୍ତରାଧିକାରିଣୀ । [ରସ ।

**Heirless**, *a.* ଉତ୍ତରାଧିକାରୀ ରହିତ, ବେଉଆ-

**Heirloom**, *s.* ପିତାଠାରୁ ପୁତ୍ରକୁ ପୁରୁଷାନୁକ୍ରମେ ଦତ୍ତବସ୍ତୁ ।

**Heirship**, *s.* ଉତ୍ତରାଧିକାରିତ୍ୱ ।

**Hell**, *s.* ନରକ, ପାପି ଲୋକଙ୍କ ଯନ୍ତ୍ରଣା ସ୍ଥାନ ।

**Hellish**, *a.* ନାରକୀୟ, ମହାଦୁଷ୍ଟ, ଅତିମନ୍ଦ ।

**Helm**, *s.* ମଙ୍ଗଧରା, ନୌକାକର୍ଣ୍ଣ ।

**Helmsman**, *s.* କର୍ଣ୍ଣଧାର, ନାଉରିଆ, ମାଝୀ, ମଙ୍ଗୁଆ ।

**Helmet**, *s.* ଟୋପ, ଯୁଦ୍ଧର ଟୋପିବିଶେଷ ।

**Help**, *s.* ଉପକାର, ସାହାଯ୍ୟ, ଆନୁକୂଲ୍ୟ, ଉପାୟ । [ସହାୟତା-କ ।

**Help**, *v.* ଉପକାର- ସାହାଯ୍ୟ-କ, ପ୍ରତିକାର ବା

**Helpless**, *a.* ଉପାୟରହିତ, ଗତିହୀନ, ବଳହୀନ, ଅନାଥ, କାତର ।

**Helter-skelter**, *ad.* ଗୋଳମାଳପୂର୍ବକ ।

**Hem**, *s.* ମୋଡା, ବସ୍ତ୍ରର କନାରି, ଅଞ୍ଚଳ ।

**Hem**, *v.* ଲୁଗାରଦଶୀ ବା କାନି ସିଲାଇ-କ, ଅଟକ ବା ବନ୍ଦ-କ । [ଅର୍ଦ୍ଧଭାଗ ।

**Hemisphere**, *s.* ଅର୍ଦ୍ଧଗୋଲ, ଭୂଗୋଳର

**Hemistich**, *s.* ଅର୍ଦ୍ଧଶ୍ଳୋକ ବା ଛନ୍ଦ ।

**Hemlock**, *s.* ବିଷବୃକ୍ଷବିଶେଷ । [ଅର୍ଶ ।

**Hemorrhage**, *s.* ରକ୍ତପଡିବାର, ରକ୍ତସ୍ରାବ,

**Hemorrhoids**, *s.* ଅର୍ଶରୋଗ ।

**Hemp**, *s.* ଛଣପଟ, ଶଣପାଟ ।

**Hen**, *s.* କୁକୁଡି, କୁକ୍କୁଟୀ, ମୁରଗୀ ।

**Hence**, *ad.* ଏସ୍ଥାନରୁ, ଏସମୟରୁ, ଏହେତୁ ।

**Hence**, *int.* ଦୂରହୁଅ, ଦୂରଦୂର । [ଗରୁ ।

**Henceforth**, *ad.* ଏକାଳରୁ, ଏଅବଧି, ଏଉ-

**Hencoop**, *s.* କୁକ୍କୁଡାର ପିଞ୍ଜର ବା ଟପା ।

**Henpecked**, *a.* ସ୍ତ୍ରୀବଶ, ସ୍ତ୍ରୀଜିତ, ମାଇଁମୁହାଁ

**Henroost**, *s.* ମୁରଗୀର ବାସସ୍ଥାନ, ମୁରଗୀଶାଳା ।

**Heptagon**, *s.* ସପ୍ତକୋଣାକୃତି, ସାତକୋଣିଆ

**Heptarchy**, *s.* ଇଂଲଣ୍ଡଦେଶର ପୂର୍ବ ସାତ- [ରାଜ୍ୟ ।

**Her**, *p.* ତାହାର, ଇହାର ।

**Herald**, *s.* ଘୋଷକ, ଦୂତ, ଅଗ୍ରଗାମୀ, ବାର୍ତ୍ତାବାହକ ।

**Heraldry**, *s.* ବଂଶାବଳିବିବରଣ, କୁଳାଦର୍ଶ ।

**Herb**, *s.* ତୃଣ, ଶାକ, ଲତା, ଓଷଧି ।

Herbage, *s.* ଶାକତୃଣାଦି ।
Herbal, *s.* ବୃକ୍ଷବିବରଣଜ୍ଞାପକ ପୁସ୍ତକ ।
Herculian, *a.* ଅତିବଳବାନ, ମହାବଳିଷ୍ଠ, ବୃ-
ହତ ବା ଦୁଷ୍କର ।
Herd, *s.* ଗୋଠ, ଯଥ, ପଲ, ଲୋକରଜମା ।
Herd, *v.* ଏକତ୍ର-ହ, ପଲସ୍ଥ ବା ଜମା-ହ ।
Here, *ad.* ଏଠାରେ, ଏଣେ, ଏଆଡେ, ଏସ୍ଥା-
ନରେ । [ଦେଶରେ ।
Hereabouts, *ad.* ଏହିସ୍ଥାନର ମଧ୍ୟେ ବା ପ୍ର-
Hereafter, *ad.* ଏଉତ୍ତାରୁ, ଏସମୟରୁ, ଇହା-
ପରେ ।
Hereby, *ad.* ଏହାଦ୍ୱାରା, ଏଥିରେ, ଏତଦ୍ଦ୍ୱାରା
Hereditary, *a.* ପୈତୃକ, ପିତ୍ରାଗତ, ମୌ-
ରଶି ।
Herein, *ad.* ଏହାରେ, ଏଥିମଧ୍ୟରେ, ଏଥିରେ
Hereof, *ad.* ଏହାବିଷୟରେ, ଏହାଠାରୁ,
ଏହାର । [ରେ, ଏଥିରେ ।
Hereon, Hereupon, *ad.* ଏହାର ଉପ-
Heresy, *s.* ବିଧର୍ମ, ଧର୍ମବିରୁଦ୍ଧ, ମତାନ୍ତର ।
Heretic, *s.* ବିଧର୍ମୀବ୍ୟକ୍ତି, ଭିନ୍ନମତାବଲମ୍ବୀ,
ନାସ୍ତିକ । [ରେ, ଆଗେ ।
Heretofore, *ad.* ଏହାରପୂର୍ବେ, ପୂର୍ବକାଳ-
Hereto, *ad.* ଏପର୍ଯ୍ୟନ୍ତ, ଏସରିକି ।
Herewith, *ad.* ଏହାସହିତ, ଏହାସଙ୍ଗରେ ।
Heritage, *s.* ପୈତୃକଧନ, ଉତ୍ତରାଧିକାର ।
Hermaphrodite, *s.* ଦ୍ୱିଲିଙ୍ଗଯୁକ୍ତଜନ, କ୍ଲୀବ ।
Hermit, *s.* ବନବାସୀ, ତପସ୍ୱୀ, ମୁନି, ଯୋଗୀ
Hermitage, *s.* ବନର ଆଶ୍ରମ ବା ବାସସ୍ଥାନ ।
Hernia, *s.* ପିଛଲୀ, ଅନ୍ତ୍ରକୋଷ, ଅନ୍ତ୍ରବୃଦ୍ଧି ।
Hero, *s.* ବୀର, ଶୂର, ଯୋଦ୍ଧା, ବିକ୍ରାନ୍ତ ।
Heroic, *a.* ସାହସୀ, ଉତ୍ତମ, ବୀରବିଷୟକ ।
Heroine, *s.* ବୀରା, ସାହସିକା ସ୍ତ୍ରୀ ।
Heroism, *s.* ବୀରତ୍ୱ, ଅତିସାହସ, ବୀରଧର୍ମ ।

Heron, *s.* କଙ୍କ, ଗେଣ୍ଡାଲିଆ ।
Herring, *s.* ସମୁଦ୍ରମାଛ ବିଶେଷ ।
Hers, *p.* ତାହାର, ଇହାର ।
Herself, *p.* ସେ ନିଜେ ବା ଆପେ ।
Hesitate, *v.* ସନ୍ଦେହ-କ, ସଂଶୟ-ବିଲମ୍ବ-କ ।
Hesitation, *s.* ସନ୍ଦେହ, ସଂଶୟ, ଅସ୍ଥିରତା ।
Heterodox, *a.* ବିରୁଦ୍ଧଧର୍ମୀ, ବିଧର୍ମୀ, ଶାସ୍ତ୍ର-
ବିରୁଦ୍ଧ । [ସ୍ୱଭାବବିରୁଦ୍ଧ, ଅମିଳନ ।
Heterogeneous, *a.* ଅସମ୍ବନ୍ଧୀୟ, ଗୁଣ ବା
Hew, *v.* କାଟିବାର, ହାଣିବାର, ଛେଦନ-କ ।
Hexagon, *s.* ଛକୋଣାକୃତି ।
Hexameter, *s.* ଛପାଦୀଆ ଶ୍ଲୋକ ।
Hey! *int.* ହର୍ଷବୋଧକ ଶବ୍ଦ, ଆହା, ଉଲ୍ଲଭଲ୍ଲ
Hiatus, *s.* ଛିଦ୍ର, ଶୂନ୍ୟ ।
Hiccup, *s.* ହିକ୍କା, ହେଁଚ୍କି ।
Hide, *v.* ଗୁପ୍ତ-କ, ଛପା ବା ଲୁଚାଇ ରଖିବାର,
ଘୋଡାଇବାର, ଢାଙ୍କି-ଦ ।
Hide, *s.* ପଶୁଚର୍ମ, ଚମ, ଚର୍ମ ।
Hide-and-seek, *s.* ଲୁକାଚୁରିଖେଳା, ଲୁ-
ଚଇଲେଖର । [କୁତ୍ସିତ ।
Hideous, *a.* ଭୟଙ୍କର, କଦାକାର, ଘୋର,
Hie, *v.* ଶୀଘ୍ରଗମନ-କ, ବେଗଯାଇବାର ।
Hierarchy, *s.* ପୁରୋହିତମଣ୍ଡଳୀ, ଧର୍ମସ-
ମ୍ବନ୍ଧୀ ରାଜ୍ୟ ।
Hieroglyphic, *s.* ଛବିଦେଇ ଲେଖନ, ଚିହ୍ନ-
ଲେଖାବିଶେଷ । [ଲି-କ ।
Higgle, *v.* ଓଜନ ବା କଳିକର ଦ୍ରବ୍ୟର ମୂ-
High, *a.* ଉଚ୍ଚ, ବଡ, ଊର୍ଦ୍ଧ୍ୱ, ଉନ୍ନତ, ପ୍ରଧାନ,
High-court, *s.* ବଡଅଦାଲତ । [ଉଚିତ ।
Highland, *s.* ପର୍ବତୀୟ ବା ପାହାଡୀୟଦେଶ
Highlander, *s.* ପର୍ବତୀୟଲୋକ, ପାହାଡିଆ ।
Highly, *ad.* ଅତିଶୟ, ଉତ୍ତମ ବା ଅତ୍ୟନ୍ତ-
ରୂପେ ।

**High-minded,** *a.* ଗର୍ବିତ, ଅହଂକାରୀ, ଅଭି- ମାନୀ । [ମହାମହିମା ।
**Highness,** *s.* ଉଚ୍ଚତା, ମହତ୍ତ୍ୱ, ମର୍ଯ୍ୟାଦା,
**High-treason,** *s.* ମହାରାଜଦ୍ରୋହ ।
**High-tide,** *s.* ପୂର୍ଣ୍ଣିଜୁଆର, ଜୁଆର ।
**Highway,** *s.* ସଡ଼କ, ରାଜପଥ, ରାଜଦାଣ୍ଡ ।
**Highwayman,** *s.* ଡକାଇତ, ବାଟପାଡ଼, ଗଣ୍ଠି । [ନିର୍ମିତ ।
**High-wrought,** *pa.* ସୁନିର୍ମିତ ବା ଉତ୍ତମ
**Hilarity,** *s.* ହର୍ଷ, ଆନନ୍ଦ, ଆହ୍ଲାଦ, ଖୁସି ।
**Hill,** *s.* କ୍ଷୁଦ୍ରପର୍ବତ ବା ଗିରି, ଉପପର୍ବତ, ସାନ ପାହାଡ଼ ।
**Hillock,** *s.* ଢିପ, ଉଚ୍ଚଭୂମି, ଅତିକ୍ଷୁଦ୍ର ଗିରି ।
**Hilly,** *a,* ପର୍ବତମୟ, ପର୍ବତୀୟ, ଉଚ୍ଚନୀଚ ।
**Hilt,** *s.* ଖଡ୍ଗାଦିର ମୁଠା, ତରୁଆରିର ବେଣ୍ଟ ।
**Him,** *p.* ତାହାଙ୍କୁ, ଏହାଙ୍କୁ ।
**Himself,** *p.* ସେ, ଆପେ ବା ନିଜେ ।
**Hind,** *s.* ହରିଣୀ, ମୃଗୀ; a peasant, ଚାଷା,
**Hinder,** *a.* ପଶ୍ଚାତ୍, ପଛେ । [ଗୌଡ଼ ।
**Hinder,** *v.* ବାଧା-ଦ, ଅଟକାଇବାର, ନି- ଷେଧ ବା ବାରଣ-କ । [ବିଘ୍ନ, ମନା ।
**Hinderance,** *s.* ବାଧା, ଅଟକ, ନିଷେଧ,
**Hindmost,** *a.* ସର୍ବଶେଷ, ଅନ୍ତ୍ୟ, ପିଛିଲା,
**Hinge,** *s.* କବ୍ଜା, ଦ୍ୱାରରହାଁସକଳ । [ପଛ ।
**Hint,** *s.* ଇଙ୍ଗିତ, ସଙ୍କେତ, ଇଶାରା, ଠାର ।
**Hint,** *v.* ସଙ୍କେତ-କ, ଠାରିବାର, ଇସାରା-କ ।
**Hip,** *s.* କୋଡ଼ଗାତ, ଊରୁଦେଶରସନ୍ଧି; *int.* ଆନନ୍ଦଧ୍ୱନିବିଶେଷ ।
**Hire,** *s.* ଭଡ଼ା, ବେତନ, ମୂଲ୍ୟ ।
**Hire,** *v.* ଭଡ଼ା-କ, ବେତନ-ଦ । [ଗ୍ରାହୀ ।
**Hireling,** *s.* ଠିକା ବା ମୂଲ୍ୟୟା ଲୋକ, ବର୍ତ୍ତନ-
**His,** *p.* ତାହାର, ଇହାର ।
**Hiss,** *s.* ସର୍ପର ରବ; ତୁଚ୍ଛଜ୍ଞାନ ବୋଧକଶବ୍ଦ ।
**Hiss,** *v.* ସର୍ପପ୍ରାୟ ଶବ୍ଦ-କ; ଅନାଦର ବା ତୁଚ୍ଛ
**Hist,** *int.* ଚୁପ୍, ତୁନିହୁଅ । [-କ ।
**Historian,** *s.* ଇତିହାସ ଲେଖକ ।
**Historical,** *a.* ଚରିତ୍ର ବା ଇତିହାସସମ୍ବନ୍ଧୀୟ
**History,** *s.* ଚରିତ୍ର, ଇତିହାସ, ଉପାଖ୍ୟାନ ।
**Hit,** *v.* ମାରିବାର, ଆଘାତ-କ, ପିଟିବାର, ଧକ୍କା- ମାରିବାର ।
**Hit,** *s.* ମାରଣ, ଆଘାତ; stroke of a hammer, ଠୋକର, ପିଟନ ।
**Hitch,** *s.* ଫାନ୍ଦ, ରଜ୍ଜୁଗଣ୍ଠି, ଅଟକ, କଷ୍ଟ ।
**Hither,** *ad.* ଏଠାରେ, ଏସ୍ଥାନରେ, ଏଆଡ଼େ ।
**Hither & thither,** ଏଣେତେଣେ, ଏଆଡ଼େ ସେଆଡ଼େ । [ନ୍ତ ।
**Hitherto,** *ad.* ଏପର୍ଯ୍ୟନ୍ତ, ଏସରିକ, ଅଦ୍ୟପର୍ଯ୍ୟ-
**Hive,** *s.* ମହୁଚାକ, ମହୁବସା ।
**Hoar, Hoary,** *a.* ଶୁକ୍ଳବର୍ଣ୍ଣ, ପ୍ରାଚୀନ, ପାଚି-
**Hoarfrost,** *s.* କାକର, ହିମ । [ଲା ବାଳଯୁକ୍ତ ।
**Hoard,** *s.* ପୁଞ୍ଜି, ସଞ୍ଚୟ, ସଞ୍ଚିତଧନାଦି ।
**Hoard,** *v.* ପୁଞ୍ଜି ଗଦା-କ, ଜମା ବା ସଞ୍ଚୟ-କ
**Hoarse,** *a.* ସ୍ୱର ବା ଗଳାଭଙ୍ଗ । [ପ୍ରବଞ୍ଚନା ।
**Hoax,** *s.* କୌତୁକରେ ଭୁଲାଇବାର, ଫାନ୍ଦ,
**Hobble,** *v.* ଖୋଟାଇ ବା ନେଙ୍ଗଡ଼ାଇ ଚାଲି- ବାର । [ଖେଳନା, ପ୍ରିୟବସ୍ତୁ ।
**Hobby,** *s.* ଯେ ବିଷୟରେ ମନ ଆସକ୍ତ ହୁଏ,
**Hobgoblin,** *s.* ଭୂତ, ପିଶାଚ, ନିଶାଚର ।
**Hobnail,** *s.* ଘୋଡ଼ାର ନାଲବନ୍ଧର କଣ୍ଟା ।
**Hod,** *s.* ଚୂନ ସୁର୍କିର ମସଲାର ପାତ୍ର ।
**Hoe,** *s.* କୋଡ଼, କୋଦାଳ, ଖୋଳିବାସ୍ତ୍ର ।
**Hoe,** *v.* କୋଦାଳ ଦ୍ୱାରା ହାଣି ବା କାଟିବାର ।
**Hog,** *s.* ଶୂକର, ବରାହ, ଘୁଷୁରି ।
**Hogshead,** *s.* ପାଖ ମହଣ ଅଠାଇଶି ସେର ପରିମାଣର ପିପା । [ବାର, ଉଚ୍ଚ-କ ।
**Hoist,** *v.* ଉଠାଇବାର, ତୋଳିବାର, ଟେକି-

**Hold**, *v.* ଧରିବାର, ରଖିବାର, ରକ୍ଷା-କ, ଅଟକାଇବାର, ବିବେଚନା-କ; ଭୋଗ-କ, ଦଖଲେ ରଖିବାର ।

**Hold**, *s.* ଧାରଣ, ହସ୍ତେକରଣ; କାରାଗାର; ଜାହାଜର ଖୋଲ ବା ତଳା; power, ଶକ୍ତି, ପରାକ୍ରମ, ଅକ୍ତିଆର ।

**Hold**, *int.* ରହ, ଛାଡ, ସ୍ଥିର ବା ଚୁପ, ଚୁପ୍ ।

**Hole**, *s.* ଗର୍ତ୍ତ, ଗାତ, ରନ୍ଧ୍ର, ବିଳ, ଛିଦ୍ର, ଫାଙ୍କ

**Holiness**, *s.* ଧାର୍ମିକତା, ପବିତ୍ରତା, ଶୁଦ୍ଧସ୍ୱଭାବ, ଶୁଚିତା, ସାଧୁତା ।

**Hollo, Holla**, *v.* ଉଚ୍ଚୈଃସ୍ୱରେ ଡାକିବାର,

**Holla**, *int.* ଆରେ, ଓହେ, ଓରେ ।

**Hollow**, *a.* ଫମ୍ପା, ଶୂନ୍ୟ, ଖାଲି, ଭଣ୍ଡ; ଅସରଳ, ମିଥ୍ୟା ।

**Holster**, *s.* ଘୋଡାସବାରର ପିସ୍ତଲର ଖାପ

**Holy**, *a.* ପବିତ୍ର, ଧାର୍ମିକ, ପୁଣ୍ୟବାନ୍ ।

**Holiday**, *s.* ଛୁଟି ବା ନିଷ୍କର୍ମର ଦିନ, ପର୍ବଦିବସ । [ପ୍ରଣାମ, ଆଦର ।

**Homage**, *s.* ରାଜସେବା, ପୂଜା, ଉପାସନା,

**Home**, *s.* ନିଜଗୃହ ବା ଘର, ବାସସ୍ଥାନ, ନିଜଦେଶ । [ଘରୁଆ ।

**Homeborn**, *a.* ଗୃହଜାତ, ଘରର ପାଳିତ,

**Homeliness**, *s.* ଅସୌନ୍ଦର୍ଯ୍ୟ, କୁତ୍ସିତତା, ଅସଭ୍ୟତା । [ମଫସଲି ।

**Homely**, *a.* ସାମାନ୍ୟ, ଅଶିଷ୍ଟ, ଅସୁନ୍ଦର,

**Homemade**, *a.* ଗୃହନିର୍ମିତ ବା ଜାତ, ମୋଟା, ଦେଶୀ । [ମୁଖେ ।

**Homewards**, *ad.* ଘରଆଡେ, ସ୍ୱଗୃହର ଅଭି-

**Homicide**, *s.* ହତ୍ୟା, ନରହତ୍ୟା, ଖୁନ, ବଧ, ହନ୍ତା ।

**Homily**, *s.* ଧର୍ମୋପଦେଶ ବା ଘୋଷଣା ।

**Homogeneous**, *a.* ସମପ୍ରକାର ବା ବର୍ଣ୍ଣ, ଏକଜାତୀୟ ବା ସ୍ୱଭାବ ।

**Hone**, *s.* ଶାଣ, କ୍ଷୁରାଦିତୀକ୍ଷ୍ଣକରିବାର ଶିଳ ବା ପଥର ।

**Honest**, *a.* ସରଳ, ଅକପଟ, ବିଶ୍ୱସ୍ତ, ଯଥାର୍ଥ ।

**Honesty**, *s.* ସରଳତା, ଅକାପଟ୍ୟ, ସଭ୍ୟତା, ବିଶ୍ୱସ୍ତତା । [-comb, ମହୁଚାକ ବା ବସା ।

**Honey**, *s.* ମଧୁ, ମୌ, ମହୁ, ପୁଷ୍ପରସ;

**Honeymoon**, *s.* ବିବାହର ଉତ୍ତାରୁ ପ୍ରଥମ ମାସ

**Honorary**, *a.* ସମ୍ଭ୍ରମ ବା ମର୍ଯ୍ୟାଦାସୂଚକ ।

**Honor**, *s.* ସମ୍ଭ୍ରମ, ଗୌରବ, ମର୍ଯ୍ୟାଦା, ସମ୍ମାନ, ଆଦର ।

**Honor**, *v.* ସମ୍ମାନ-କ୍, ସମ୍ଭ୍ରମ-କ, ମର୍ଯ୍ୟାଦା-କ, ଆଦର-କ । [ବିଜ୍ଞ, ସରଳ, ଯଥାର୍ଥ ।

**Honorable**, *a.* ମାନ୍ୟ, ସମ୍ଭ୍ରାନ୍ତ, ମର୍ଯ୍ୟାଦା-

**Honorary-dress**, *s.* ଖିଲାତ, ପୁରସ୍କାରବସ୍ତ୍ର

**Hood**, *s.* ମସ୍ତକାବରଣ, ଟୋପିବିଶେଷ; of a snake, ଫଣା । [ଇବାର ।

**Hoodwink**, *v.* ଆଖିବନ୍ଦ ବା ରୋଧ-କ, ଭୁଲା-

**Hoof**, *s.* ପଶ୍ୱାଦିର ଖୁର ବା ଖୁରା, ଶୁମ ।

**Hook**, *s.* ଅଙ୍କୁଡା; elephant- ଅଙ୍କୁଶ; fish- ବନଶୀ କଣ୍ଟା । [ଫାନ୍ଦେପକାଇବାର ।

**Hook**, *v.* ଅଙ୍କୁଡା ଦ୍ୱାରା ଧରିବାର, ବନ୍ଦ-କ,

**Hooked**, *a.* ବଙ୍କା, ଅଙ୍କୁଡାପରି ।

**Hoop**, *s.* ପିପାପଡର ବା ସାମୀ ।

**Hooping-cough**, *s.* ବାଳକର ଶ୍ୱାସ କାଶ ।

**Hoot**, *v.* ହୋ ହୋ କରି ତାଡ-ନ, ପେଚକର ରବ-କ । [ରିବାର, ନିନ୍ଦ୍ୟ ।

**Hop**, *v.* ଏକ ଗୋଡରେ ଡେଇଁ ବା କୁଦାମା-

**Hop**, *s.* ବୃକ୍ଷବିଶେଷ ।

**Hope**, *s.* ଭରସା, ଆଶା, ପ୍ରତ୍ୟାଶା, ଅପେକ୍ଷା ।

**Hopeful**, *a.* ଆଶା ବା ଭରସାଯୁକ୍ତ, ପ୍ରତ୍ୟାଶୀ । [ଶ୍ୱାସ, ନିରୁପାୟ ।

**Hopeless**, *a.* ନିରାଶ, ଭରସାହୀନ, ଅନା-

**Horde**, *s.* ଅସଭ୍ୟଲୋକର ଦଳ ବା ଭଣ୍ଡ ।

**Horizon**, *s.* ଦିଗନ୍ତ ମଣ୍ଡଳ, ଭୂମଣ୍ଡଳର ଦୃଷ୍ଟି-ସୀମା ।

**Horizontal**, *a.* ସମଭୂମି, ଭୂମଣ୍ଡଳଦିଗବର୍ତ୍ତୀ ।

**Horn**, *s.* ଶୃଙ୍ଗ, ଶିଙ୍ଗା, ତୂରୀବିଶେଷ, ରଣ- [ଶିଙ୍ଗା ।

**Hornet**, *s.* ବିରୁଡବିଶେଷ ।

**Hornpipe**, *s*, ନୃତ୍ୟ ବା ବଂଶୀବିଶେଷ ।

**Horoscope**, *s.* ଜନ୍ମପତ୍ରିକା, ଜାତକ, କୋଷ୍ଠୀ

**Horrible**, *a.* ଭୟାନକ, ଦାରୁଣ, ଭୀଷଣ, ଭୟଙ୍କର, ଘୋର । [ଭୟ ଦେଖାଇବାର ।

**Horrify**, *v.* ରୋମ ଟାଙ୍କୁରିବାର, ଭୀତ-କ,

**Horror**, *s.* ମହାଶଙ୍କା, ଡର, ଭୟ, ଘୃଣାଯୁକ୍ତ-ଭୟ । [ଲୁଗାଦି ରଖିବାର କାଠବିଶେଷ ।

**Horse**, *s.* ଅଶ୍ୱ, ଘୋଡା, ତୁରଙ୍ଗ, ବାଜୀ,

**Horseback**, *s.* ଅଶ୍ୱାରୋହଣ, ଘୋଡାରେ ଚଢିବାର । [ସାଦୀ ।

**Horsedealer**, *s.* ଅଶ୍ୱବେପାରୀ, ଅଶ୍ୱବ୍ୟବ-

**Horselaugh**, *s.* ଠୋଠୋ ହସ ।

**Horseleech**, *s.* ବଡଜୋକ ।

**Horseman**, *s.* ଅଶ୍ୱାରୂଢ, ଘୋଡାସଓ୍ୱାର ।

**Horsemanship**, *s.* ଅଶ୍ୱାରୋହଣବିଦ୍ୟା ।

**Horserace**, *s.* ଘୋଡଦୌଡ, ଘୋଡ-ଦୌଡ ଖେଳ ।

**Horseshoe**, *s.* ଘୋଡାର ନାଲ, ନାଲ ।

**Horticulture**, *s.* ବଗିଚା ବା ଉଦ୍ୟାନ ବା ଉପବନବିଦ୍ୟା ।

**Hosanna**, *s.* ଈଶ୍ୱରଙ୍କର ଧନ୍ୟବାଦ, ସ୍ତବବାକ୍ୟ

**Hose**, *s.* ମୋଜା, ପାଦାବରଣ ।

**Hosier**, *s.* ମୋଜାବ୍ୟାପାରୀ, ଉକ୍ତବ୍ୟବସାୟୀ ।

**Hospitable**, *a.* ଅତିଥିସେବକ, ଆତିଥ୍ୟଶୀଳ, ପରୋପକାରୀ ।

**Hospital**, *s.* ଚିକିତ୍ସାଳୟ, ହାସପାତାଲ, ଡାକ୍ତରଖାନା ।

**Hospitality**, *s.* ଅତିଥିସେବା, ଆତିଥ୍ୟ ।

**Host**, *s.* ଭୋଜଦାତା, ଅତିଥିସେବକ; ରୋ-ମୀୟ ଶୀଳାରେ ବଳିବିଶେଷ; ସେନାସମୂହ ।

**Hostage**, *s.* ମନୁଷ୍ୟବନ୍ଧକ, ଜାମୀନ, ଲଗା ।

**Hostile**, *a.* ବିପକ୍ଷ, ପ୍ରତିକୂଳ, ବିପରୀତ, ଶତ୍ରୁ ।

**Hostility**, *s.* ପ୍ରତିକୂଳତା, ଶତ୍ରୁତା, ବିପକ୍ଷତା ।

**Hot**, *a.* ଉଷ୍ଣ, ଗ୍ରୀଷ୍ମ, ତପ୍ତ, ଗରମ; -season, ଗ୍ରୀଷ୍ମକାଳ ।

**Hothouse**, *s.* ବୃକ୍ଷଉତ୍ପାଦନାର୍ଥ ଘର ।

**Hough**, *v.* ଜଂଘାସ୍ନାୟୁ କାଟିବାର; *s.* ପଶୁ-ପଛଗୋଡର ଗଣ୍ଠି । [କୁଷ ।

**Hound**, *s.* ଶିକାରି କୁକୁରବିଶେଷ, ଡାହାଣ

**Hour**, *s.* ଘଡି, ଘଣ୍ଟା, ଘଟିକା, ଅଢାଇଦଣ୍ଡକାଳ

**Hourglass**, *s.* ବାଲିଘଡି, କାଳନିରୂପକଯନ୍ତ୍ର

**Houri**, *s.* ବିଦ୍ୟାଧରୀ ଅବା ଅପ୍ସରା ।

**Hourly**, *a.* ଘଡି୨, ଦଣ୍ଡେ୨, ଖଣେ୨, ନିତ୍ୟ

**House**, *s.* ଘର, ଗୃହ, ବସତି, ବାସସ୍ଥାନ, ବଂଶ, କୁଳ, ସଭା ।

**House**, *v.* ଘରେ ଆଶ୍ରୟ ବା ସ୍ଥାନ-ଦ ।

**Housebreaker**, *s.* ସିନ୍ଧାଳ, ସିନ୍ଧୀଦେଇ ତସ୍କର । [ଲୋକ ।

**Household**, *s.* ଘରବାର, ପରିଜନ, ଘର-

**Householder**, *s.* ଗୃହସ୍ଥ, ଗୃହପତି, ଗୃହକର୍ତ୍ତା, ଗୃହୀ । [କର୍ମ ବା ବ୍ୟାପାର ।

**Housekeeping**, *s.* ଗୃହକାର୍ଯ୍ୟ ବା ଧର୍ମ ବା

**Housemaid**, *s.* ଦାସୀ, ଗୃହକସବୀ, ଘରଚ-ରିକା । [ସ୍ତ୍ରୀ ।

**Housewife**, *s.* ଗୃହିଣୀ, ଘରଣୀ, କୁଳସ୍ତ୍ରୀ,

**Housewifery**, *s.* ଗୃହିଣୀପଣ, କର୍ତ୍ତୃତ୍ୱ ।

**Hovel**. *s.* କୁଡିଆଘର, କୁଟୀର ।

**Hover**, *v.* ଆକାଶରେ ଘୁରି ବୁଲିବାର ।

**How**, *ad.* କେମନ୍ତ, କିପ୍ରକାରେ, କିରୂପେ; -far, କିପର୍ଯ୍ୟନ୍ତେ; -do you do, କେମନ୍ତ ଅଛ; -many, କେତେ ।

**However**, *ad.* ତଥାପି, ତଥାଚ, ଯେଉଁପେ ବା ଯେ ଯା ହେଉ ।
**Howitzer**, *s.* ବଡମୁଦ୍ କମାଣବିଶେଷ ।
**Howl**, *v.* କ୍ରନ୍ଦନ- ରୋଦନ-କ; *s.* ଦୁଃଖସୂଚକ ଶବ୍ଦ ।
**Howling**, *s.* କୁକୁର ବା ବଲୁଆର ରବ ।
**Hubbub**, *s.* କଳହ, ଗୋଳମାଳ, କୋଳାହଳ । [ଲୋକ ।
**Huckster**, *s.* ପଇକାର, ନାନାଦ୍ରବ୍ୟ ବିକିବା
**Huddle**, *v.* ଲଣ୍ଡଭଣ୍ଡ ବା ଅସ୍ତବ୍ୟସ୍ତ କର୍ମ-କ, ଉଲ୍ଟାପାଲ୍ଟା-କ ।
**Hue**, *s.* ବର୍ଣ୍ଣ, ରଙ୍ଗ; ଗୋଳ, କଳରବ ।
**Huff**, *s.* ରାଗ, ହଠାତ୍ କ୍ରୋଧ, ଅଭିମାନ; *v.* ତର୍ଜ୍ଜନଗର୍ଜ୍ଜନ-କ । [ଧରିବାର ।
**Hug**, *v.* କୋଳେ-କ, ଆଲିଙ୍ଗନ-କ, କୁଣ୍ଢାଇ
**Huge**, *a.* ଅତି, ମହା, ବୃହତ୍, ଅତିବଡ ।
**Hulk**, *s.* ପୁରୁଣା ଜାହାଜର ଖୋଳମାତ୍ର ।
**Hull**, *s.* ଜାହାଜରତଳା ବା ଖୋଳ; ଛୁଲି ।
**Hum**, *v.* ମହୁମାଛିରଧ୍ୱନି, ଗୁଣଗୁଣଶବ୍ଦ, ଗୁଁ-ଗୁଁଶବ୍ଦ ।
**Human**, *a.* ମାନୁଷିକ, ମନୁଷ୍ୟ ଜାତୀୟ, ମାନବ
**Humane**, *a.* ଦୟାଳୁ, କୃପାବନ୍ତ, ପରୋପକାରୀ, ସ୍ନେହୀ । [ପ୍ରିୟତ୍ୱ ।
**Humanity**, *s.* ଦୟା, କୃପା, କରୁଣା; ମନୁ-
**Humankind**, *s.* ମନୁଷ୍ୟଜାତି, ମନୁଷ୍ୟବର୍ଗ, ମାନବଗଣ । [ରୂପେ ।
**Humanly**, *ad.* ମନୁଷ୍ୟଭାବେ, ଭଦ୍ରତା-
**Humble**, *a.* ବିନତ, ଅଗର୍ବ, ବିନୟୀ, ନମ୍ର, କୋମଳ, ନୀଚ, କ୍ଷୁଦ୍ର । ଆତ୍ମନି-କ ।
**Humble**, *v.* ନମ୍ର- ଦମନ- ନୀଚ- ବଶ-କ,
**Humble-bee**, *s.* ଭଁଅର, ଭ୍ରମର, ଭୃଙ୍ଗ, ଅଳି
**Humbly**, *ad.* ନମ୍ରରୂପେ, ବିନୟପୂର୍ବକ ।
**Humbug**, *s.* ପ୍ରତାରଣା, ପ୍ରବଞ୍ଚନା, ଠକ ।

**Humid**, *a.* ଓଦା, ଭିଜା, ସଜଳ ।
**Humidity**, *s.* ସଜଳସ୍ୱଭାବ, ଅର୍ଦ୍ରତା, ଜଳୁଆ ।
**Humiliation**, *s.* ହୀନତା, ଦରିଦ୍ରତା; ନମ୍ରଆଚରଣ, ଅନୁନୟ ।
**Humming-bird**, ଅତିକ୍ଷୁଦ୍ର ପକ୍ଷୀବିଶେଷ ।
**Humility**, *s.* ନମ୍ରତା, ନିରହଙ୍କାର, ଗରିବ, ଗର୍ବରହିତ ।
**Humorist**, *s.* ରସିକ, ଭଣ୍ଡ, ପରିହାସକ ।
**Humorous**, *a.* ପରିହାସକ, କୌତୁକୀ ।
**Humour**, *s.* ରସ, ଜଳ, ଧାତୁ; ଇଚ୍ଛା, ସ୍ୱଭାବ, ଖୋଇ, ମିଜାଜ; good- ଖୁସି; bad- ବିରକ୍ତ ।
**Humour**, *v.* ତୁଷ୍ଟ କ, ଘୁଁଷଲଇ ନେବାର ।
**Hump**, *s.* କୁଜ; on an ox, ଚୂଡ ।
**Humpbacked**, *s.* କୁଜା, କୁବ୍ଜା, ବଙ୍କପିଠ ।
**Hundred**, *s.* ଶ, ଶତ, ଶହେ, ଶତସଂଖ୍ୟକ ।
**Hunger**, *s.* ଭୋକ, କ୍ଷୁଧା, ବୁଭୁକ୍ଷା, ଲାଳସା ।
**Hungry**, *a.* କ୍ଷୁଧିତ, ବୁଭୁକ୍ଷିତ, ଭୋକିଲା, କ୍ଷୁଧାର୍ତ୍ତ । [ବାର, ଖୋଜିବାର ।
**Hunt**, *v.* ଶିକାର ବା ମୃଗୟା-କ, ଗୋଡାଇ-
**Hunting**, *s.* ମୃଗୟା, ଶିକାର, ଅନ୍ୱେଷଣ ।
**Huntsman**, *s.* ଶିକାରି, ବ୍ୟାଧ, ମୃଗୟାକାରକ ।
**Hurdle**, *s.* ଜାଲିବାଡ, ଗାଡିବିଶେଷ ।
**Hurl**, *v.* ବେଗେ ନିକ୍ଷେପ-କ, ପକାଇ-ଦ ।
**Hurly-burly**, *s.* କଳହ, କୋଳାହଳ, ହଡବଡ । [ଶାବାସ ।
**Hurra**, *int.* ଜୟଧ୍ୱନି, ଜୟ୨କାର, ଭଲ୨,
**Hurricane**, *s.* ଝଡ, ତୋଫାନ, ପ୍ରଚଣ୍ଡବାୟୁ
**Hurry**, *s.* ବ୍ୟସ୍ତତା, ତ୍ୱରା, ବେଗ, ତତ୍ପର,
**Hurry**, *v.* ଶୀଘ୍ର- ବ୍ୟସ୍ତ- ତ୍ୱରା-କ । [ଶୀଘ୍ର ।
**Hurt**, *s.* ଘା, କ୍ଷତ, ହାନି, ଚୋଟ, ହିଂସା, ଅନିଷ୍ଟ ।

**Hurt**, *v.* ହାନି- କ୍ଷତି-କ, ବ୍ୟଥା-ଦ ।
**Hurtful**, *a.* ମନ୍ଦ, କ୍ଷତିଜନକ, ଅପକାରକ, ଅହିତକାରୀ, ହିଂସକ ।
**Husband**, *s.* ସ୍ୱାମୀ, ପତି, ଭର୍ତ୍ତା; ପରିମିତବ୍ୟୟୀ । [ଅଟକଳ କରି ବ୍ୟୟ-କ ।
**Husband**, *v.* ପରିମିତବ୍ୟୟ-କ, ·କୃଷି ବା
**Husbandman**, *s.* ଚଷା, କୃଷକ, କୃଷାଣ ।
**Husbandry**, *s.* କୃଷି ବା ଗୃହକର୍ମ, କୃଷାଣି
**Hush**, *int.* ଚୁପ- ତୁନି-ହ, ସ୍ଥିର ହୁଅ ।
**Hush**, *v.* ଚୁପ, ସ୍ଥିର-କ, କ୍ଷାନ୍ତ- ନିରସ୍ତ-କ, ନୀରବ-କ । [ଘୁଷ, ଲାଞ୍ଚ ।
**Hush-money**, *s.* ମୁଖ ବନ୍ଦ କରିବାର ଟଙ୍କା,
**Husk**, *s.* ତୁଷ, ଚୋପା, ଭୂଷୀ, ସ୍ଥୂଲ, ଛାଲକା
**Hussar**, *s.* ଅଶ୍ୱାରୂଢ ସୈନ୍ୟବିଶେଷ ।
**Hussy**, *s.* ନଷ୍ଟଘଟସ୍ତ୍ରୀ, ଭ୍ରଷ୍ଟା ।
**Hustings**, *s.* ସଭା କରିବା ସ୍ଥାନ, ପରାମର୍ଶସ୍ଥଳ, ବୈଠକ ।
**Hut**, *s.* କୁଡିଆଘର, କ୍ଷୁଦ୍ର ଘର, ଝୁପଡି ।
**Huzza**, *int.* ଜୟଜୟକାର, ଜୟଧ୍ୱନି ।
**Hyacinth**, *s.* ପୁଷ୍ପବିଶେଷ, ମଣି ଓ ବର୍ଣ୍ଣବିଶେଷ ।
**Hybrid**, *a.* ଦ୍ୱିଜାତୀୟ, ଖଚର, ସଙ୍କର ।
**Hydra**, *s.* ନାଗ, ଅଜଗର, ବହୁମସ୍ତକବିଶିଷ୍ଟ ସର୍ପ ।
**Hydraulics**, *s.* ଜଳ ଚଳାଇବାର ବିଦ୍ୟା ।
**Hydrocele**, *s.* କୋଷବୃଦ୍ଧି, କୁରଣ୍ଡ ।
**Hydrography**, *s.* ସମୁଦ୍ର ନଦନଦୀର ନିର୍ଣ୍ଣୟ ବିଦ୍ୟା ।
**Hydrometer**, *s.* ଜଳପରିମାପକଯନ୍ତ୍ର ।
**Hydrophobia**, *s.* ବାଇଆ କୁକୁର କାମୁଡା ରୋଗ ବା ଜଳାତଙ୍କରୋଗ । [ବିଦ୍ୟା ।
**Hydrostatics**, *s.* ଜଳର ଗୁରୁତ୍ୱ ନିର୍ଣ୍ଣୟ
**Hyena**, *s.* ହେଟାବାଘ, ଗୋବାଘା ।
**Hygeian**, *a.* ଶରୀର ସୁସ୍ଥତାସମ୍ବନ୍ଧୀୟ ।
**Hymeneal**, *a.* ବିବାହସମ୍ବନ୍ଧୀୟ, ଉଦ୍ବାହସୂଚ
**Hymn**, *s.* ଧର୍ମଗୀତ, ସ୍ତୁତି ବା ପାରମାର୍ଥିକ ଗାନ । [ଅଧିକ ବର୍ଣ୍ଣନା ।
**Hyperbole**, *s.* ଅସମ୍ଭବ କଥନ, ସତ୍ୟର
**Hyperbolical**, *a.* ଅତ୍ୟୁକ୍ତିବିଶିଷ୍ଟ, ଅସମ୍ଭବ ।
**Hyphen**, *s.* ଶବ୍ଦ ବିଭାଗକାର ଚିହ୍ନ, ଯଥା (-)
**Hypochondriac**, *a.* ବାୟୁଗ୍ରସ୍ତ, ବାତୁଳ, କଷ୍ଟଚିତ୍ତ ।
**Hypocrisy**, *s.* କପଟତା, ଭଣ୍ଡତା, କାଳ୍ପନିକତା, ଶଠତା ।
**Hypocrite**, *s.* କପଟୀ, ଭଣ୍ଡ, କାଳ୍ପନିକ ବ୍ୟକ୍ତି
**Hypocritical**, *a.* କପଟୀ, ପାଷଣ୍ଡ, ଶଠୟା
**Hypothesis**, *s.* ଅନୁମାନ, ଅନୁଭବ । [ଭବ ।
**Hypothetical**, *a.* ଅନୁମାନସିଦ୍ଧ ବା ଅନୁ-
**Hyson**, *s.* ଜଙ୍ଗାଲବର୍ଣ୍ଣଯୁକ୍ତ ଚାପତ୍ରବିଶେଷ ।
**Hyssop**, *s.* ରେଚକବୃକ୍ଷବିଶେଷ ।
**Hysterical**, *a.* ମୂର୍ଚ୍ଛାରୋଗବିଶିଷ୍ଟ ।
**Hysterics**, *s.* ସ୍ତ୍ରୀଲୋକର ମୂର୍ଚ୍ଛାରୋଗ ।

## I.

**I**, *pro.* ଆମ୍ଭେ, ମୁ, ମୁହିଁ; plural we, ଆମ୍ଭେମାନେ ।
**Ibex**, *s.* ବନଛାଗଲ, ପର୍ବତୀୟ ଛେଳି ।
**Ibis**, *s.* ମିଶ୍ରଦେଶର ପକ୍ଷୀବିଶେଷ ।
**Ice**, *s.* ବରଫ, ଶୀତରେ ଜମାଟ ଜଳ ।
**Ichneumon**, *s.* ନେଉଳ, ନକୁଳ ।
**Ichor**, *s.* କ୍ଳେଦ, ରସାନି, ପୂୟ ।
**Ichthyology**, *s.* ମତ୍ସ୍ୟ ଚିହ୍ନିବାର ବିଦ୍ୟା ।
**Icicle**, *s.* ହିମକଣା, କାକରବିନ୍ଦୁ ।
**Icy**, *a.* ବରଫମୟ, ଅତିଶୀତଳ; ନିଷ୍ଠୁର ।
**Idea**, *s.* ବୋଧ, ମନୋଭାବ, ଜ୍ଞାନ, ମାନସ ।
**Ideal**, *a.* ମାନସିକ, କଳ୍ପିତ, ଅନୁମାନିକ ।

Identical, *a.* ସେ, ସେହି, ସ୍ୱୟଂ, ଅନ୍ୟନାହିଁ ।
Identity, *s.* ଅଭେଦ, ଅନନ୍ୟତା, ତତ୍ତ୍ୱ, ସ୍ୱରୂପତା । [ପରିଚୟ-କ ।
Identify, *v.* ଠୌଖାଇବାର, ଚିହ୍ନିବାର,
Idiom, *s.* ଭାଷାର ଧାରା ବା ରୀତି ।
Idiot, *s.* ବାତୁଳ, ନିର୍ବୋଧ, ବାତୁଳ, ପାଗଳ ।
Idle, *a.* ଅଳସ, ସୁସ୍ତୀ, ନିଷ୍କର୍ମୀ; ବୃଥା ।
Idle, *v.* ଅଳସୁଆ-ହ, ମିଥ୍ୟାରେ କାଳକ୍ଷେପଣ-କ ।
Idleness, *s.* ଆଳସ୍ୟ, ଅକର୍ମଶୀଳତା, ଢିଲାମି ।
Idol, *s.* ପ୍ରତିମା, ଦେବମୂର୍ତ୍ତି, ଠାକୁର, ପିତୁଳୀ ।
Idolater, *s.* ପ୍ରତିମା ବା ଦେବପୂଜକ ।
Idolatry, *s.* ଦେବ ବା ପ୍ରତିମାପୂଜା ।
Idolize, *v.* ଅତିସ୍ନେହ-କ, ଆସକ୍ତ-ହ ।
If, *conj.* ଯେବେ, ଯଦ୍ୟପି, ଯଦି, ତେହେଲେ ।
Igneous, *a.* ଅଗ୍ନିମୟ, ଆଗ୍ନେୟ ।
Ignis-fatuus, *s.* ଜଳନ୍ତଭୂମି, ଯାହାକୁ ଅଜ୍ଞାନ ଲୋକେ ଚିରଚୁଣି ବୋଲନ୍ତି ।
Ignite, *v.* ଅଗ୍ନି ଲଗିବାର ଅବା ଧରିବାର, ଅଗ୍ନିଯୁକ୍ତ-ହ ।
Ignition, *s.* ଜ୍ୱଳନ, ଦହନ, ଅଗ୍ନିଧରଣ ।
Ignoble, *a.* ନୀଚଜାତ, ଅକୁଳୀନ, ଇତର, ଅମାନ୍ୟ ।
Ignominious, *a.* ଅକଲଙ୍କାକର, ନୀଚ, ଅପମାନଜନକ । [ମାନ, ନିନ୍ଦା, କଳଙ୍କ ।
Ignominy, *a.* ଅଖ୍ୟାତି, ଅମର୍ଯ୍ୟାଦା, ଅପ-
Ignoramus, *s.* ନିର୍ବୋଧବ୍ୟକ୍ତି, ମୂର୍ଖ ।
Ignorance, *s.* ଅଜ୍ଞାନତା, ମୂର୍ଖତା, ମୂଢତା, ନିର୍ବୋଧତା ।
Ignorant, *a.* ଅଜ୍ଞାନ, ନିର୍ବୋଧ, ମୂର୍ଖ, ଅନାଡ଼ୀ
Ignore, *v.* ଅଜ୍ଞାତ ବା ଅପରିଚିତ-ହ ।
Ill, *a.* ପୀଡିତ, ଅସୁସ୍ଥ, ବେଆରାମୀ, ରୋଗୀ; ମନ୍ଦ, ଦୁଷ୍ଟ ।

Ill, *s.* ଦୁର୍ଦଶା, ଦୁଃଖ, ଅନିଷ୍ଟ, କ୍ଷତି, ହାନି, ଦୁଷ୍କୃତା ।
Illegal, *a.* ବିଧି ବା ବ୍ୟବସ୍ଥାବିରୁଦ୍ଧ, ବେଆଇନୀ, ଅନ୍ୟାଯ୍ୟ । [ଥାର୍ଥ୍ୟ ।
Illegality, *s.* ବ୍ୟବସ୍ଥାବିରୁଦ୍ଧତା, ଅଯା-
Illegally, *ad.* ବିଧିବିରୁଦ୍ଧେ, ଅନ୍ୟାଯ୍ୟରୂପେ ।
Illegible, *a.* ଅପାଠ୍ୟ, ଅସ୍ପଷ୍ଟ ଲେଖା, ଅପଢ଼ା
Illegitimacy, *s.* ଜାରଜାବସ୍ଥା, ବଜନ୍ମ ।
Illegitimate, *a.* ଜାରଜାତ, ବଜନ୍ମ, ବେଧପିଲା ।
Ill-favored, *a.* କୁତ୍ସିତ, କୁରୂପ, ଅସୁନ୍ଦର ।
Illiberal, *a.* ଅଦାତା, କୃପଣ, ହାତକସା, କ୍ଷୁଦ୍ରମନା ।
Illicit, *a.* ଅବୈଧ, ଅନୁଚିତ, ନିଷିଦ୍ଧ ।
Illimitable, *a.* ଅସୀମ, ଅପରିମିତ, ଅନନ୍ତ, ଅଶେଷ । [ଅଶିକ୍ଷିତ, ମୂର୍ଖ ।
Illiterate, *a.* ବିଦ୍ୟାହୀନ, ଅବିଦ୍ୱାନ, ଅପଣ୍ଡିତ,
Illnature, *s.* କୁସ୍ୱଭାବ, କ୍ରୋଧମନ, ମନ୍ଦଭାବନା । [ନିଷ୍ଠୁର, ଦ୍ୱେଷୀ, କ୍ରୋଧୀ ।
Illnatured, *a.* ମନ୍ଦଭାବଯୁକ୍ତ, ଦୁଃଶୀଳ,
Illness, *s.* ଅସ୍ୱାସ୍ଥ୍ୟ, ପୀଡା, ରୋଗ, ବେଆରାମ, ବ୍ୟାଧି; ଦୁଷ୍ଟତା । [ମାଣ, ଅସିଦ୍ଧାନ୍ତ ।
Illogical, *a.* ଅଯୁକ୍ତିସିଦ୍ଧ, ଯୁକ୍ତିବିରୁଦ୍ଧ, ଅପ୍ର-
Illtreatment, *s.* ନିଗ୍ରହ, ଅନାଦର, ତିରସ୍କାର
Illude, *v.* ପ୍ରବଞ୍ଚନା-ପ୍ରତାରଣା-ପରିହାସ-କ ।
Illuminate, Illumine, *v.* ଦୀପ୍ତିମାନ ବା ଉଜ୍ଜ୍ୱଳ-କ, ଆଲୁଅ-ଦ; ବିଦ୍ୟା ବା ଜ୍ଞାନ-ଦ ।
Illumination, *s.* ଉଜ୍ଜ୍ୱଳ- ଆଲୁଅକରଣ, ଦୀପ୍ତି, ବିଦ୍ୟା । [ଭ୍ରମନାଶକ ।
Illuminator, *s.* ଦୀପ୍ତିକାରକ, ଜ୍ଞାନଦାତା,
Illusion, *s.* ମାୟା, ଭ୍ରମ, ଭୁଲ, ଫାଙ୍କି ।
Illusive, Illusory, *a.* ମାୟିକ, ଭ୍ରମଜନକ, ବଞ୍ଚକ, ପ୍ରତାରକ, ମିଥ୍ୟା ।

**Illustrate**, *v.* ଉଜ୍ଜ୍ୱଳ-କ, ଦୃଷ୍ଟାନ୍ତଦ୍ୱାରା ଅର୍ଥ ବୁଝାଇବାର, ବ୍ୟାଖ୍ୟା ବା ଅର୍ଥ ବା ଅଳଂକୃତ-କ । [ଦାହରଣ ।

**Illustration**, *s.* ବ୍ୟାଖ୍ୟା, ଅର୍ଥ, ଟୀକା, ଉ-

**Illustrative**, *a.* ପ୍ରକାଶକାରକ, ଅର୍ଥଦାୟକ ବା ବୋଧକ । [ଯଶବନ୍ତ, କୀର୍ତ୍ତିମାନ ।

**Illustrious**, *a.* ସୁଖ୍ୟାତ, ପ୍ରସିଦ୍ଧ, ଶ୍ରୀମାନ,

**Ill-will**, *s.* ଦ୍ୱେଷ, ହିଂସା, ଅନିଷ୍ଟଚିନ୍ତା, ଈର୍ଷ୍ୟା, ଘୃଣା ।

**Image**, *s.* ପ୍ରତିମା, ମୂର୍ତ୍ତି, ପିତୁଳୀ, ପ୍ରତିମୂର୍ତ୍ତି ।

**Imagery**, *s.* ଦୃଷ୍ଟିଗୋଚରମୂର୍ତ୍ତି; likeness, ଛବି, ନକଶା, ଦୃଷ୍ଟାନ୍ତ, କବିକୃତ ।

**Imaginable**, *a.* ଅନୁମାନଯୋଗ୍ୟ, ବୋଧଗମ୍ୟ, କଳ୍ପନୀୟ । [ଆନୁମାନିକ ।

**Imaginary**, *a.* କଳ୍ପିତ, ମାନସିକ, ମିଥ୍ୟା,

**Imagination**, *s.* କଳ୍ପନାଜନକ ବୁଦ୍ଧି, ଚିତ୍ତୋଦ୍ଭବ, ମାନସ, ବୁଦ୍ଧି, ମନରଭାବ ବା କଳ୍ପନା ।

**Imagine**, *v.* କଳ୍ପନା-କ, ବୋଧ ବା ମନେ ଅନୁମାନ-କ । [ମୂର୍ଖ, ଅଜ୍ଞାନ ।

**Imbecile**, *a.* ହତବୁଦ୍ଧି, ଶକ୍ତିହୀନ, ଦୁର୍ବଳ,

**Imbecility**, *s.* ମନର ଦୁର୍ବଳତା, ଅକ୍ଷମତା, ଅଜ୍ଞାନତା । [ଗ୍ରହଣ-କ ।

**Imbibe**, *v.* ଶୋଷିବାର, ପିଇବାର, ମନରେ

**Imbitter**, *v.* ତିକ୍ତ- ବିରକ୍ତ ବା ଦୁଃଖିତ-କ ।

**Imbrue**, *v.* ସିଞ୍ଚିବାର, ଓଦା-କ, ଭିଜାଇବାର, ମଗ୍ନ-ହ । [କୌଣସି ସ୍ଥାନରେ ସିକ୍ତ-ହ ।

**Imbue**, *v.* ବର୍ଣ୍ଣି-ଦ, ରଙ୍ଗ-କ, ଲଗାଇବାର,

**Imitate**, *v.* ଅନୁକାରୀ-ହ, ଅନୁରୂପ-କ, ନକଲ ବା ଅନୁକରଣ ବା ତୁଲ୍ୟ-କ । [ବା ସଦୃଶ ।

**Imitation**, *s.* ଅନୁକରଣ, ଅନୁସାର, ଅନୁରୂପ

**Imitative**, *a.* ଅନୁରୂପୀ, ଅନୁକାରୀ ।

**Imitator**, *s.* ନକଲ ବା ଅନୁରୂପ ବା ଆଦର୍ଶକାରକ, କୃତ୍ରିମକର୍ତ୍ତା ।

**Immaculate**, *a.* ନିଷ୍କଳଙ୍କ, ନିର୍ଦ୍ଦୋଷୀ, ଶୁଦ୍ଧସତ୍ତ୍ୱ । [ନିଷ୍ପ୍ରୟୋଜନ, ଅନାବଶ୍ୟକ ।

**Immaterial**, *a.* ଦେହରହିତ, ଅଦେହୀ,

**Immature**, *a.* ଅପକ୍ୱ, କଞ୍ଚା, ଅପୂର୍ଣ୍ଣ, ଅକାଳ

**Immaturity**, *s.* ଅପକ୍ୱତା, କିମ୍ବା ବା କାଳର ଅସମ୍ପୂର୍ଣ୍ଣତା । [ଅସୀମ, ଅମାପ ।

**Immeasurable**, *a.* ଅଶେଷ, ଅପରିମେୟ,

**Immediate**, *a.* ତତ୍‌କ୍ଷଣାତ, ନିକଟ, ବର୍ତ୍ତମାନ, ଉପସ୍ଥିତ; direct, ସଳଖ, ସିଧା ।

**Immediately**, *ad.* ଏହିକ୍ଷଣେ, ବେଗେ, ଏବେହେଁ, ତତ୍‌କ୍ଷଣାତ । [ପ୍ରାଚୀନ ।

**Immemorial**, *a.* ସ୍ମରଣର ବିଷୟ ନୁହେଁ, ଅତି

**Immense**, *a.* ଅସୀମ, ଅତ୍ୟନ୍ତ, ଅତି ବୃହତ୍, ଅତିବଡ । [ରୂପେ ।

**Immensely**, *ad.* ଅସୀମ ବା ଅପରିମେୟ-

**Immensity**, *s.* ଅସୀମତା, ଅପରିମେୟତା ।

**Immerse**, *v.* ବୁଡାଇ-କ, ବୁଡାଇବାର, ମଗ୍ନ-ହ, ଅବଗାହିତ-କ । [ମଗ୍ନ ।

**Immersion**, *s.* ବୁଡ, ବୁଡନ, ଅବଗାହନ,

**Immethodical**, *a.* ଅନିୟମିତ, ଅବ୍ୟବସ୍ଥିତ

**Imminent**, *a.* ଆସନ୍ନ, ଆଗତପ୍ରାୟ, ଅତି ନିକଟ, ଭୟଙ୍କର । [ଅତିବାଦ ।

**Immoderate**, *a.* ଅପରିମିତ, ଅତିଶୟ,

**Immodest**, *a* ନିର୍ଲଜ୍ଜ, ବେଶରମ, ଲମ୍ପଟ, ବେହୟା । [ଧୃଷ୍ଟତା ।

**Immodesty**, *s.* ନିର୍ଲଜ୍ଜତା, ଲାମ୍ପଟ୍ୟ, ଅସା-

**Immolate**, *v.* ବଳିଦାନ- ହତ-କ, ବୋଦା ଦେବାର । [ଉତ୍ସର୍ଗକରଣ ।

**Immolation**, *s.* ବଳି, ବୋଦା ମାରିବାର,

**Immoral**, *a.* ମନ୍ଦ, ଅତିଦୁଷ୍ଟ, ଦୁଶ୍ଚରିତ୍ର ଅଧାର୍ମିକ । [ଅଧର୍ମ ।

**Immorality**, *s.* କୁକ୍ରିୟା, ପାପ, ଅସାଧୁତା,

**Immortal**, *a.* ଅମର, ଅନନ୍ତଜୀବୀ, ଚିରସ୍ଥାୟୀ

**Immortality**, *s.* ଅମରତ୍ୱ, ଚିରଜୀବିତା, ଅନନ୍ତଜୀବନ; water of, ଅମୃତ, ଅମୃତ-ଜଳ । [ସ୍ମରଣୀୟ-କ ।
**Immortalize**, *v.* ଅମର- ଚିରସ୍ଥାୟୀ-କ, ଚିର
**Immovable**, *a.* ଅଟଳ, ନିଶ୍ଚଳ, ସ୍ଥାବର, ସ୍ଥିର; -property, ଅଚଳିତ ସମ୍ପତ୍ତି ।
**Immovably**, *ad.* ସ୍ଥିର ବା ଦୃଢ଼ରୂପେ ।
**Immunity**, *s.* ବିଶେଷ ଅଧିକାର, କ୍ଷମତା, ସ୍ୱାଧୀନତା, ରାଜସ୍ୱାଦିରୁ ମୁକ୍ତି ।
**Immure**, *v.* କଏଦ ବା କାରାବଦ୍ଧ-କ ।
**Immutability**, *s.* ସଦାସମାନ ବା ସମଭାବ, ସ୍ଥିରତା, ନିତ୍ୟତା । [ହୃତ, ଅଟଳ ।
**Immutable**, *a.* ଅପରିବର୍ତ୍ତନୀୟ, ବିକାର ର-
**Imp**, *s.* ଭୂତ, ପ୍ରେତ; ସନ୍ତାନ । [ଚିଯୁ-କ ।
**Impair**, *v.* ହ୍ରାସ ବା କ୍ଷତି- ହାନି-କ, ଅପ-
**Impalpable**, *a.* ଅସ୍ପୃଶ୍ୟ, ଅଛୁଁଆ, ଇନ୍ଦ୍ରିୟର ଅଗୋଚର । [ଜ୍ଞାତ କରାଇବାର ।
**Impart**, *v.* ଜଣାଇବାର, ଦାନ-କ, ଦେବାର,
**Impartial**, *a.* ଅପକ୍ଷପାତୀ, ଅମୁଖାପେକ୍ଷୀ, ଯଥାର୍ଥ, ଅନୁପକ୍ଷେୟ । [ବା ଯଥାର୍ଥରୂପେ ।
**Impartiality**, *s.* ବିନା ପକ୍ଷପାତେ, ନ୍ୟାୟ
**Impassable**, *a.* ଅଗନ୍ତବ୍ୟ, ଅଗମ୍ୟ, ଅଗମନୀୟ, ଅପାର, ଦୁର୍ଗମ । [ତେଜବନ୍ତ ।
**Impassioned**, *a.* ଉତ୍ସାହଯୁକ୍ତ, ବ୍ୟଗ୍ରଚିତ୍ତ,
**Impatience**, *s.* ଅଧୈର୍ଯ୍ୟ, ଅସହିଷ୍ଣୁତା, ଅସ୍ଥିରତା । [ଅସହିଷ୍ଣୁ, ଅସ୍ଥିର ।
**Impatient**, *a.* ଅଧୈର୍ଯ୍ୟବାନ, ଅଧୀର, ବ୍ୟସ୍ତ,
**Impeach**, *v.* ଅପବାଦ-ଦ, ଗୁହାରି ବା ଦୋଷ ବା ନାଲିଶ-କ ।
**Impeachment**, *s.* ଅପବାଦ, ଅଭିଯୋଗ, ନାଲିଶ, ଗୁହାରି ।
**Impeccable**, *a.* ପାପ ସମ୍ଭାବନା ନାହିଁ, ଯାହାଙ୍କୁ ଦୋଷ ନ ଲାଗଇ ।
**Impede**, *v.* ବାଧା ବା ବିଘ୍ନ-ଦ, ଅଟକାଇବାର, ନିଷେଧ ବା ବାରଣ-କ । [ପାତ, ପଟକ
**Impediment**, *s.* ବାଧା, ବିଘ୍ନ, ନିଷେଧ, ବ୍ୟା-
**Impel**, *v.* ଚଳାଇବାର, ଠେଲ ବା ପେଲ-ଦ ।
**Impend**, *v.* ନିକଟସ୍ଥ ବା ଉପସ୍ଥିତ-ହ ।
**Impending**, *a.* ଘଟନା ପ୍ରାୟ, ନିକଟସ୍ଥ ।
**Impenetrable**, *a.* ଅଭେଦ୍ୟ, ଅଗମ୍ୟ, ଅ-ପ୍ରବେଶ୍ୟ, ନିବିଡ଼ ।
**Impenitence**, *s.* ଅନୁତାପ ବା ଖେଦରହିତ
**Impenitent**, *a.* ଯେ ଦୋଷ ଲାଗି ଖେଦ ବା ଅନୁତାପ ନ କରଇ । [ଆବଶ୍ୟକ, ପ୍ରୟୋଜନ ।
**Imperative**, *a.* ନୋହିଲେ ନାହିଁ, ନିତାନ୍ତ,
**Imperceptible**, *a.* ଅଦୃଶ୍ୟ, ଅତିସୂକ୍ଷ୍ମ, ବୋଧାଗମ୍ୟ, ଇନ୍ଦ୍ରିୟ ଅଗୋଚର ।
**Imperceptibly**, *ad.* ଅଦୃଶ୍ୟ ବା ଗୁପ୍ତ ବା ଅଜ୍ଞାତରୂପେ ।
**Imperfect**, *a.* ଅସମ୍ପୂର୍ଣ୍ଣ, ଅପକ୍ୱ, ଅସିଦ୍ଧ, କଞ୍ଚା
**Imperfection**, *s.* ଦୋଷ, ତ୍ରୁଟି, ଅଶୁଦ୍ଧତା, କସୁର । [ବିଷୟକ ।
**Imperial**, *a.* ସମ୍ରାଟସମ୍ବନ୍ଧୀୟ, ରାଜାଧିରାଜ-
**Imperious**, *a.* ଦାମ୍ଭିକ, ଅହଂକାରୀ, ଗର୍ବିତ ।
**Imperishable**, *a.* ଅବିନାଶ୍ୟ, ଅକ୍ଷୟ, ଚିରସ୍ଥାୟୀ, ଅଜରାମର ।
**Impersonal**, *a.* ଅକର୍ତ୍ତୃବାଚ୍ୟ, ଭାବବାଚକ ।
**Impertinence**, *s.* ଅଶିଷ୍ଟାଚାର, ଲୁଆଚୋର, ଧୋଣ୍ଡାପଣ ।
**Impertinent**, *a.* ଅନର୍ଥବାଦୀ, ଅଶିଷ୍ଟ, ଧୋଣ୍ଡା
**Impervious**, *a.* ଅଭେଦ୍ୟ, ଅଗମ୍ୟ, ନିବିଡ଼, ଅଚ୍ଛେଦନୀୟ । [ତା, ଉଗ୍ରତା ।
**Impetuosity**, *s.* ତେଜ, ବେଗଗତି, ଶୀଘ୍ର-
**Impetuous**, *a.* ବେଗଗାମୀ, ତେଜସ୍ୱୀ, ଉଗ୍ର, ଅତିସାହସୀ ।
**Impetus**, *s.* ବେଗ, ଶକ୍ତି, ବଳ, ଜୋର ।

Impiety, *s.* ଅଧର୍ମ, ପାପ, ଦୁଷ୍ଟତା, ପାଷଣ୍ଡତା ।
Impious, *a.* ଅଧର୍ମୀ, ପାଷଣ୍ଡ, ଦୁଷ୍ଟ, ପାପୀ ।
Implacability, *s.* ଅନିବାର୍ଯ୍ୟ ଦ୍ୱେଷ, କଠିନତା । [କଷ୍ଟ ର ।
Implacable, *a.* ନିର୍ଦ୍ଦୟ, ଅକ୍ଷମାବାନ୍, ଦ୍ୱେଷୀ,
Implant, *v.* ରୋପଣ-କ, ରୋଇବାର, ବସାଇ-
Implement, *s.* ଅସ୍ତ୍ରଶସ୍ତ୍ର, ହତିଆର । [ବାର ।
Implicate, *v.* ଦୋଷଗ୍ରସ୍ତ ବା ଭାଗୀ-କ, ଫାନ୍ଦରେ ପକାଇବାର । [ନୁଭବ, ପର୍ଥ ।
Implication, *s.* ଫାନ୍ଦରେ ପକାଇବାର; ଅ-
Implicit, *a.* ନିଶ୍ଚୟ, ସନ୍ଦେହରହିତ, ଅବାଧ୍ୟ
Implicitly, *ad.* ସର୍ବତୋଭାବେ, ନିତାନ୍ତ ବା ନିଃସନ୍ଦେହରୂପେ । [ପ୍ରାର୍ଥନା-କ ।
Implore, *v.* ବିନୟ ବା ମିନତି-କ, ନିବେଦନ ବା
Imply, *v.* ବୁଝାଇବାର, ଉପଲକ୍ଷ-କ ।
Impolitic, *a.* ଅନୁପଯୁକ୍ତ, ଅଗ୍ରୁଭୁକ୍ତ, ଅବିବେକୀ, ଅବୋଧପର ।
Import, *s.* ଆମଦାନୀ; ଅର୍ଥ, ଅଭିପ୍ରାୟ, ତାତ୍ପର୍ଯ୍ୟ
Import, *v.* ଆମଦାନୀ-କ, ବାଣିଜ୍ୟଦ୍ରବ୍ୟ ଆଣିବାର । [ଗୁରୁତ୍ୱ ।
Importance, *s.* ଆବଶ୍ୟକତା, ଭାରିଦଶୟ,
Important, *a.* ଆବଶ୍ୟକ, ଭାରି, ଗୁରୁତର, ନିତାନ୍ତ କର୍ତ୍ତବ୍ୟ । [ଦ୍ରବ୍ୟ ବା ମାଲ ।
Importation, *s.* ଆମଦାନୀ, ବିଦେଶୀୟ
Importer, *s.* ଆମଦାନୀକର୍ତ୍ତା । [ବାର ।
Importunate, *a.* ସଚେଷ୍ଟ; ସର୍ବଦା ମାଗି-
Importune, *v.* ବିନତି-କ, ଏକାନ୍ତଭାବେ ମାଗିବାର, ବିରକ୍ତ-କ । [ମାଗନ, ଜଞ୍ଜାଳ ।
Importunity, *s.* କାକୁକ୍ତି, ମିନତି, ପୁନଃପୁନଃ
Impose, *v.* ଆଜ୍ଞା-କ, ଭାର-ଦ, ଅର୍ପଣ-କ, ବଞ୍ଚନା-କ; to levy taxes, କର ବା ଟାକ୍ସ ବସାଇବାର ।

Imposition, *s.* ଉପଦ୍ରବ, ପ୍ରବଞ୍ଚନା; burden, ଭାର, ବୋଝ, କର ।
Impossibility, *s.* ଅସାଧ୍ୟତା, ଅସଙ୍ଗତ ବିଷୟ, ଅସମ୍ଭାବନା ।
Impossible, *a.* ଅସାଧ୍ୟ, ଅସଙ୍ଗତ, ଅସମ୍ଭବ ।
Impost, *s.* କର, ସୁଳଙ୍କ, ଖଜଣା, ମାସୁଲ ।
Impostor, *s.* ପ୍ରବଞ୍ଚକ, ମିଛୁଆ, ଠକ, ଭଣ୍ଡ ।
Imposture, *s.* ପ୍ରତାରଣା, ଛଳ, କଳ୍ପନା, ଫାନ୍ଦ, କୃତ୍ରିମ । [ଷଣ୍ଢ ବା ପୁଂଶକ୍ତି ରହିତ ।
Impotence, *s.* ଅକ୍ଷମତା, ଦୁର୍ବଳତା, ପୁରୁ-
Impotent, *a.* ଅପାରକ, ବଳ ବା ଶକ୍ତିହୀନ, ଅକ୍ଷମ । [ଦାରେ ବନ୍ଦ-କ ।
Impound, *v.* ଗୋରୁ ଜନ୍ତୁ ଆଦି କାଞ୍ଜିହୌ-
Impoverish, *v.* ନିର୍ଦ୍ଧନ ବା ଦରିଦ୍ର-କ ।
Impracticability, *s.* ଅସାଧ୍ୟତା, ଅକର୍ତ୍ତବ୍ୟତା, ଅଶକ୍ୟତା ।
Impracticable, *a.* ଅସାଧ୍ୟ, ଅସଙ୍ଗତ, ଅଶକ୍ୟ, ଅପାରଗ, ହୋଇ ନ ପାରେ ।
Imprecate, *v.* ଶାପ୍ୟ-ଦ, ଅଭିଶାପ-କ, ମନ୍ଦ ବା ଅନିଷ୍ଟ ପ୍ରାର୍ଥନା-କ ।
Imprecation, *s.* ଅଭିଶାପ, ଶାପ, ମନ୍ୟୁ ।
Impregnable, *a.* ଅଜେୟ, ଅଭେଦ୍ୟ, ଅଗମ୍ୟ, ଦୁର୍ଗମ । [ବା ପୂର୍ଣ୍ଣଗର୍ଭ-କ ।
Impregnate, *v.* ବୀଜପୂର୍ଣ୍ଣ-କ, ଗର୍ଭଉତ୍ପାଦନ
Impress, *v.* ମୁଦ୍ରିତ-କ, ଛପାଇବାର; ବେଗାର ଧରିବାର; ମନ ବା ହୃଦୟରେ ଲଗାଇବାର ।
Impress, *s.* ଛାପ, ଦାଗ, ମୁଦ୍ରା, ଚିହ୍ନ, ମୂର୍ତ୍ତି ।
Impression, *s.* ମୁଦ୍ରା, ଚିହ୍ନ, ଛାପା; an idea, ମନର ଜ୍ଞାନ ବା ବୋଧ; an edition, ଏକଥରେ ଯେତେ ଛପା ହୋଇଥିବ ।
Impressive, *a.* ମର୍ମବୋଧକ, ହୃଦୟ ଆକର୍ଷକ, ମନୋହର ।

Imprimatur, *s.* ମୁଦ୍ରାଙ୍କର ବା ଛାପିବାର [ଆଜ୍ଞା ।
Imprimis, *ad.* ପ୍ରଥମେ, ଆଦ୍ୟରେ ।
Imprint, *v.* ଛାପା-କ, ମନୋଗତ-କ । [କ ।
Imprison, *v.* କାରାଗାରରେ ବନ୍ଦ ବା କଏଦ-
Imprisonment, *s.* କାରାବନ୍ଧ, କଏଦ, ଅଟକ, ଜେଲ୍‌କରଣ ।
Improbability, *s.* ଅସମ୍ଭାବନା, ଅପ୍ରାମାଣ୍ୟ, ଅଘଟନୀୟତା । [ଟନୀୟ ।
Improbable, *a.* ଅସମ୍ଭବ, ଅସଙ୍ଗତ, ଅଘ-
Impromtu, *s.* ଉପସ୍ଥିତ ବକ୍ତୃତା, ବିନାଭ୍ୟାସ, ବିବେଚନା ନ କରି କହିବାର ।
Improper, *a.* ଅନୁଚିତ, ଅକର୍ତ୍ତବ୍ୟ, ଅବିହିତ, ମନ୍ଦ, ଅପ୍ରସ୍ତୁତ । [କଥା ବା କର୍ମ ।
Impropriety, *s.* ଅନୁପଯୁକ୍ତତା, ଅନୁଚିତ
Improve, *v.* କ୍ରମେ୨ ଉତ୍ତମ ବା ଭଲ-ହ, ବୃଦ୍ଧି-କ ।
Improvement, *s.* ଆଗରୁ ଭଲ ବା ଉତ୍ତମହ, *increase*, ବୃଦ୍ଧି, ବଢିବାର ।
Improvidence, *s.* ବାସ୍ତୁସ୍ୱପଣ, ଅଟକଳ ବା ବିବେଚନାରହିତ, ଅସାବଧାନତା ।
Improvident, *a.* ଅସାବଧାନ, ବାସ୍ତୁସ୍ୱ, ଅବିବେକୀ । [ବାସ୍ତୁସ୍ୱ କର୍ମ ।
Imprudence, *s.* ଅବିବେଚନା, ଅବିଜ୍ଞତା,
Imprudent, *a.* ବିବେଚନାରହିତ, ଅସତର୍କ, ଅବିବେକୀ । [ତଡାପଣ ।
Impudence, *s.* ନିର୍ଲଜ୍ଜତା, ବେହିୟାମୀ, ଶେ-
Impudent, *a.* ନିର୍ଲଜ୍ଜ, ବେହିୟା, ଦୁଷ୍ଟ, ଶେଣ୍ଠା, ପ୍ରଗଲ୍ଭ ।
Impugn, *v.* ବିପ୍ଲର ବା ତକବାଜର ଦୋଷ ଧରିବାର, ନିନ୍ଦା-କ ।
Impulse, *s.* ପ୍ରବୃତ୍ତି, ଆକର୍ଷଣ, ଗତିଶକ୍ତି, ହଠାତ୍‌ଇଚ୍ଛା ।
Impunity, *s.* ଶାସ୍ତିରହିତ, ବିନାଦଣ୍ଡ ।
Impure, *a.* ଅପବିତ୍ର, ଅଶୁଚି, ଅପରିଷ୍କାର, ମଳିନ; ମିଶ୍ରିତ । [ଦ୍ଧତା, ଅଶୌଚ ।
Impurity, *s.* ଅପବିତ୍ରତା, ଅଶୁଚିତା, ଅଶୁ-
Imputation, *s.* ଆରୋପଣ, ଦୋଷଆରୋପ, ଅପବାଦ । [ବାଦ- ଗଣନା-କ ।
Impute, *v.* ଆରୋପଣ-କ, ଦୋଷ-ଦ, ଅପ-
In, *ad.* ମଧ୍ୟରେ, ଭିତରେ, ଏ, ରେ ।
Inability, *s.* ଅସମର୍ଥ, ଅକ୍ଷମତା, ଅଶକ୍ତି, ଅପରାକ୍ରମ, ଅସାଧ୍ୟତା । [ବେଶ ।
Inaccessible, *a.* ଅଗମ୍ୟ, ଦୁର୍ଗମ୍ୟ, ଅପ୍ର-
Inaccuracy, *s.* ଅଶୁଦ୍ଧତା, ଅଶୁଦ୍ଧି, ଭୁଲ, ଭ୍ରମ । [ଠିକ ନୋହେ ।
Inaccurate, *a.* ଅଶୁଦ୍ଧ, ଭୁଲ୍‌ଯୁକ୍ତ, ସଦୋଷ,
Inaction, *s.* ଅଚେଷ୍ଟା, ଅକ୍ରିୟା, ଆଳସ୍ୟ, ଉଦ୍ଯୋଗରହିତ । [କୋଡୀ ।
Inactive, *a.* ନିରୁଦ୍ଯୋଗୀ, ଅଳସ, ମଠୁଆ,
Inactivity, *s.* ନିଷ୍କର୍ମତ୍ୱ, ଆଳସ୍ୟ, ଅନୁଦ୍ୟମ
Inadequate, *a.* ନ୍ୟୂନ, କମ, ନିଅଣ୍ଟ, ଅପ୍ରଚୁର, ଅଳ୍ପ । [ଗଣ୍ୟମାସ୍ୟ ।
Inadmissible, *a.* ଅଗ୍ରାହ୍ୟ, ଗ୍ରାହ୍ୟନୋହେ,
Inadvertence, *s.* ଭୁଲ, ଅନବଧାନତା, ଅସାବଧାନତା । [ଧାନ ବା ଭ୍ରାନ୍ତିଉପେ ।
Inadvertent, *a.* ଅମନୋଯୋଗୀ, ଅସାବ-
Inalienable, *a.* ପରକୁ ଅଦେୟ, ଯାହା ହସ୍ତାନ୍ତର କରି ନ ଯାଏ, ଅଶାଇକ ।
Inanimate, *a.* ନିର୍ଜୀବ, ଅଚେତନ, ଅପ୍ରାଣୀ, ଅଜୀବ । [ବସ୍ତୁରହିତ ।
Inanity, *s.* ଶୂନ୍ୟତା, ଖାଲି, ନିର୍ବୁଦ୍ଧିତା,
Inapplicable, *a.* ନ ଖଟିବାର, ବିଲଗ୍ନ, ଅସଙ୍ଗତ, ଅନୁପଯୁକ୍ତ । [ଅସ୍ୱର୍ଜନ ।
Inaptitude, *s.* ଅସଙ୍ଗତତା, ଅଯୋଗ୍ୟତା,
Inarticulate, *a.* ଅବ୍ୟକ୍ତ, ଅସ୍ଫୁଟ, ଅସ୍ପଷ୍ଟ, ଅସାଫ ।

Inattention, *s.* ଅସାବଧାନତା, ଅମନୋ-
ଯୋଗ, ଅବହେଳା, ଅନାଦର ।
Inattentive, *a.* ଅମନୋଯୋଗୀ, ଅସାବ-
ଧାନ, ଅଶିଷ୍ଟ । [ଦୁଃଶ୍ରାବ୍ୟ ।
Inaudible, *a.* ଅଶ୍ରବଣୀୟ, କର୍ଣ୍ଣଅଗୋଚର,
Inauguration, *s.* ଅଭିଷେକ, ପଦାର୍ପଣ ।
Inauspicious, *a.* ଅଶୁଭ, ଅକଲ୍ୟାଣ, ଅ-
ଭାଗ୍ୟବନ୍ତ । [ସ୍ୱଭାବୋତ୍ପନ୍ନ ।
Inborn, Inbred, *a.* ସ୍ୱାଭାବିକ, ଅନ୍ତରଜାତ,
Incalculable, *a.* ଅଗଣନୀୟ, ଅସଂଖ୍ୟ,
ଅସୁମାର, ଅପାର । [ଭେଲ୍କୀ ।
Incantation, *s.* ମନ୍ତ୍ର, ଗୁଣ, ଟୋଣା, ଜାଦୁ,
Incapable, *a.* ଅସମର୍ଥ, ଅପାରକ, ଅକ୍ଷମ,
ଅଶକ୍ତ, ଅପଟୁ । [ଯୋଗ୍ୟପଣ ।
Incapability, *s.* ଅକ୍ଷମତା, ଅସାମର୍ଥ୍ୟ, ଅ-
Incapacitate, *v.* ଅକ୍ଷମ-କ, ଅପାରକ ବା
ଅଯୋଗ୍ୟ-କ । [ବିକ, ଅଯୋଗ୍ୟତା ।
Incapacity, *s.* ଅକ୍ଷମତା, ଅଜ୍ଞାନତା, ସ୍ୱାଭା-
Incarcerate, *v.* କାରାଗାରରେବନ୍ଦ-କଏଦ-କ
Incarnate, *a.* ଅବତୀର୍ଣ୍ଣ, ଦେହଧାରୀ ବା ଦେ-
ହବନ୍ତ । [ଧାରଣ ।
Incarnation, *s.* ଅବତାର, ମାନବଦେହ
Incautious, *a.* ଅସାବଧାନ, ଅସତର୍କ, ଅବି-
ବେଚକ ।
Incendiary, *s.* ଘରପୋଡଆ, ଗୃହଦାହକ ।
Incense, *s.* ଧୂପ, ଗନ୍ଧଧୂପ, ଝୁଣା, ଧୂନା ।
Incense, *v.* କୋପ ବା ରାଗ ଜନ୍ମାଇବାର,
ଉସକାଇବାର । [ଉପାୟ ।
Incentive, *s.* ପ୍ରବୃତ୍ତି, ପ୍ରବର୍ତ୍ତନା, ହେତୁ, ଅ-
Incessant, *a.* ନିରନ୍ତର, ନିତ୍ୟ, ଅନବରତ ।
Incest, *s.* ଅଗମ୍ୟାଗମନ ଦୋଷ, ଜ୍ଞାତି ସ୍ତ୍ରୀ
ରମଣ । [ମାଣ, ବୁଢ଼ିଲ ।
Inch, *s.* ଇଞ୍ଚ, ତିନୟବ ବା ଅଙ୍ଗୁଷ୍ଠପବର ପରି-

Incident, *s.* ଘଟନା, ଦୈବଘଟନା, କଥା-
ପଡିବାର ।
Incidental, *a.* ଦୈବାତ୍, ହଠାତ୍ ଉପସ୍ଥିତ ।
Incipient, *s.* ଆରମ୍ଭକ, ବୀଜସ୍ୱରୂପ, ପ୍ରାଥମିକ,
ଉଦ୍ରେକ ।
Incision, *s.* କଟା, ଛିଦ୍ର, ଭେଦ, ଘା, କଣା ।
Incite, *v.* ପ୍ରବୃତ୍ତିକଲ୍ପାଇବାର, ଲୋଭଦେଖା-
ଇବାର, ପ୍ରବର୍ତ୍ତାଇବାର, ଉଦ୍ଯୋଗକରାଇବାର
Incitement, *s.* ପ୍ରବୃତ୍ତି, ପ୍ରବର୍ତ୍ତନା, ହେତୁ ।
Incivility, *s.* ଅଶିଷ୍ଟାଚାର, ଅନୁଚିତ ବ୍ୟବ-
ହାର, ମୂଢତା ।
Inclemency, *s.* ନିର୍ଦ୍ଦୟତା, ନିଷ୍ଠୁରତା, କା-
ଠିନ୍ୟ । [ନିଷ୍ଠୁର ।
Inclement, *a.* ନିର୍ଦ୍ଦୟ, କଠିନ, କ୍ଳେଶଦାୟକ,
Inclinable, *a.* ଇଚ୍ଛୁକ, ନମନଶୀଳ, ଝୁଙ୍କା-
ଯୁକ୍ତ ।
Inclination, *s.* ମନରଭାବ, ବାଞ୍ଛା, ଇଚ୍ଛା,
ପ୍ରବୃତ୍ତି, ସ୍ନେହ; slant or slope, ଢାଲୁ ।
Include, *v.* ସଂଖ୍ୟା ମଧ୍ୟରେ ଲଗାଇବାର,
ସାମିଲ-କ, ମଧ୍ୟବର୍ତ୍ତୀ-ହ । [ସାମିଲ ।
Included, *a.* ଅନ୍ତର୍ଭୁକ୍ତ, ଅନ୍ତର୍ଗତ, ଏକତ୍ର,
Inclusive, *a.* ଏକତ୍ର, ସମେତ, ସହିତ, ସୁଦ୍ଧା
Incognito, *ad.* ଛଦ୍ମବେଶେ, ଗୁପ୍ତ ବା ଅପ୍ର-
କାଶରୂପେ । [ଅମେଳ ।
Incoherence, *s.* ଅସଂଲଗ୍ନତା, ଅସଂଯୋଗ,
Incoherent, *a.* ଅସଂଲଗ୍ନ, ଅମିଳିତ, ଅଶୃଙ୍ଖ
Income, *s.* ଆୟ, ଉପାର୍ଜନ, ଧନାଗମ, ପାଉ-
ଣା, ପ୍ରାପ୍ତି ।
Incommode, *v.* କ୍ଳେଶ ବା ବାଧା-ଦ ।
Incommodious, *a.* ଅଳ୍ପ ସ୍ଥାନ, ଅସ୍ୱସ୍ତ,
କ୍ଳେଶଦାୟକ ।
Incommunicable, *a.* ଅପ୍ରକାଶ୍ୟ, ଅକଥ-
ନୀୟ, ଅକଥ୍ୟ ।

Incomparable, *a.* ଅନୁପମ, ଯାହାର ସମାନ
ନାହିଁ, ଅସଦୃଶ, ଅତୁଲ୍ୟ, ଅନୁତ୍ତମ ।
Incompatible, *a.* ଅଯୁକ୍ତ, ଅସଙ୍ଗତ, ଅନୁ-
ଚିତ, ଅମେଳ । [ଗ୍ୟତା, ଅକ୍ଷମତା ।
Incompetency, *s.* ଅପାରକତା, ଅଯୋ-
Incompetent, *a.* ଅପାରଗ, ଅଯୋଗ୍ୟ,
ଅକ୍ଷମ, ଅନୁପଯୁକ୍ତ । [ନୋହିବାର, ଅପୂର୍ଣ୍ଣ ।
Incomplete, *a.* ଅସମ୍ପୂର୍ଣ୍ଣ, ଅସମାପ୍ତ, ସାଙ୍ଗ
Incomprehensible, *a.* ବୋଧାଗମ୍ୟ, ଅ-
ଜ୍ଞେୟ, ନିଗୂଢ, ଗମ୍ଭୀର କଥା ।
Inconceivable, *a.* ଯେ ବୋଧ ନ ହୁଅଇ,
ଅଚିନ୍ତନୀୟ, ଆଶ୍ଚର୍ଯ୍ୟ ।
Inconclusive, *a.* ଅପ୍ରାମାଣ୍ୟ, ଅଯୁକ୍ତ, ଅନି-
ଶ୍ଚିତ, ସିଦ୍ଧାନ୍ତ ନୋହେ ।
Incongruity, *s.* ଅମିଳନ, ଭେଦ, ଅସଙ୍ଗ-
ତତା, ଅନୁପଯୁକ୍ତତା । [ଯୁକ୍ତ, ବିପରୀତ ।
Incongruous, *a.* ଅସଙ୍ଗତ, ଅସମ୍ଭବ, ଅନୁପ-
Inconsiderable, *a.* ଅବିବେଚନୀୟ, ଲଘୁ,
କ୍ଷୁଦ୍ର, ଅଳ୍ପ । [ଅବିତର୍କ, ଅସାବଧାନ ।
Inconsiderate, *a.* ଅବିବେଚକ, ଅବିଚାରକ,
Inconsistency, *s.* ବିରୁଦ୍ଧପଣ, ଅସଙ୍ଗତତା,
ବୈଲକ୍ଷଣ୍ୟ । [ଯୁକ୍ତ ।
Inconsistent, *a.* ବିପରୀତ, ଅସଙ୍ଗତ, ଅନୁପ-
Inconsolable, *a.* ଅସାନ୍ତ୍ୱନୀୟ, ଯେପ୍ରବୋଧ
କଥା ନ ମାନଇ । [ଳପଣ ।
Inconstancy, *s.* ଅସ୍ଥିରତା, ଚଗଲାମୀ, ଚଞ୍ଚ-
Inconstant, *a.* ଅସ୍ଥିର, ଚଞ୍ଚଳ, କ୍ଷଣିକ,
ଅନିତ୍ୟ । [ବିବାଦ୍ୟ, ପ୍ରମାଣସିଦ୍ଧ ।
Incontestable, *a.* ଅଖଣ୍ଡନୀୟ, ନିଶ୍ଚୟ, ଅ-
Incontinence, *s.* ବ୍ୟଭିଚାର, ଲୋଚାମୀ,
ଅଜିତେନ୍ଦ୍ରିୟତା ।
Incontinent, *a.* ଅସତ, ଅଜିତେନ୍ଦ୍ରିୟ, ଲ-
ମ୍ପଟ, କାମୁକ ।

Incontrovertible, *a.* ଅଖଣ୍ଡନୀୟ, ଅଟଳ,
ପ୍ରମାଣସିଦ୍ଧ । [ଅସ୍ୱଚ୍ଛନ୍ଦତା ।
Inconvenience, *s.* ଅସୁଖ, କ୍ଲେଶ, ଦୁଃଖ,
Inconvenient, *a.* ସ୍ୱଚ୍ଛନ୍ଦ ନୋହିବାର, ବାଧା
ବା କ୍ଲେଶ ବା ଅସୁଖଦାୟକ । [-କ ।
Incorporate, *v.* ଏକତ୍ର-କ, ମିଳନ ବା ସ୍ଥାପନ
Incorporation, *s.* ଯୋଗାଇବାର, ମିଶାଇ-
ବାର, ସକାଙ୍ଗରେ ସର୍ବ ସ୍ଥାପନ । [ମିଶ୍ର ।
Incorporeal, *a.* ନିରାକାର, ଅଶରୀର, ଅ-
Incorrect, *a.* ଭୁଲ, ଅଶୁଦ୍ଧ, ଭ୍ରମଯୁକ୍ତ,
ଦୋଷୀ । [ତ୍ରୁଟି ।
Incorrectness, *s.* ଅଶୁଦ୍ଧତା, ଭୁଲ, ଭ୍ରାନ୍ତି,
Incorrigible, *a.* ଅତ୍ୟାଚାର, ଅଦମନୀୟ,
ଅତିଦୁଷ୍ଟ, ଅମାନକ । [ଅକ୍ଷୟ, ଯଥାର୍ଥ ।
Incorrupt, *a.* ଶୁଦ୍ଧ, ଅବିକୃତ, ପରିଷ୍କୃତ,
Incorruptible, *a.* ଅକ୍ଷୟଣୀୟ, ଅବିନାଶ୍ୟ,
ଅବିକାର୍ଯ୍ୟ, ଦୋଷରହିତ । [ଫଳ, ଫସଲ ।
Increase, *s.* ବୃଦ୍ଧି, ଉନ୍ନତି, ଉତ୍ପତ୍ତି, ସନ୍ତତି,
Increase, *v.* ବୃଦ୍ଧି-ହ, ବଢିବାର, ଅଧିକ ବା
ଅଧିକ-ହ । [ଅବିଶ୍ୱାସ୍ୟ, ଅଶ୍ରଦ୍ଧେୟ ।
Incredible, *a.* ବିଶ୍ୱାସ ବା ପ୍ରତ୍ୟୟାଯୋଗ୍ୟ,
Incredulity, *s.* ଅବିଶ୍ୱାସ, ଅଶ୍ରଦ୍ଧା, ଅପ୍ର-
ତ୍ୟୟ, ଅପରିଚୟ, ଅନାସ୍ଥା । [ସନ୍ଦିଗ୍ଧମନାଃ ।
Incredulous, *a.* ଅବିଶ୍ୱାସୀ, ଅପ୍ରତ୍ୟୟୀ,
Increment, *s.* ବୃଦ୍ଧି, ଉନ୍ନତି, ଉତ୍ପତ୍ତି, ବଢିବାର
Incrust, *v.* ଲେପିବାର, ମଢିବାର, ଜଡାଇ-
ବାର । [ଜଡିତ ।
Incrustation, *s.* ଲେପ, ମଡା, ଲେପନ,
Incubation, *s.* ଡିମ୍ବ ଉପରେ ବସିବାର ।
Incubus, *s.* କୁସ୍ୱପ୍ନ, ଦୁଃସ୍ୱପ୍ନ, ମନ୍ଦସ୍ୱପ୍ନ ।
Inculcate, *v.* ଉପଦେଶ ବା ଶିକ୍ଷା-ଦ, ଦୃଢ-
ଶିକ୍ଷା-ଦ, ଅଙ୍କ-କ ।
Inculcation, *s.* ପୁନଃ ୨ ଶିକ୍ଷା ବା ପରାମର୍ଶ ।

Incumbent, *a.* ଆବଶ୍ୟକ, ଉଚିତ, କର୍ତ୍ତବ୍ୟ; reclining, ଆଉଜା । [ଅଧିକାରୀ ।
Incumbent, *s.* କାର୍ଯ୍ୟକାରକ, ବୃତ୍ତିଭୋଗୀ,
Incur, *v.* ଦାୟଗ୍ରସ୍ତ ବା ଦଣ୍ଡଯୋଗ୍ୟ-ହ ।
Incurable, *a.* ଉପାୟ ବା ପ୍ରତିକାର ବା ଚିକିତ୍ସାରହିତ । [ରେ ପ୍ରବେଶ ।
Incursion, *s.* ଆକ୍ରମଣ,ଚଢାଉ,ଦୌଡ଼, ବଳ-
Indebted, *a.* ଋଣୀ, ଋଣଗ୍ରସ୍ତ, କର୍ଜଦାର, ଦେଣାଦାର, ଖାତକ, ଧାରୁଆ; ବାଧିତ ।
Indecency, *s.* ନିର୍ଲଜ୍ଜ ବା । ଅଶୁଚି ବା ଅଶିଷ୍ଟ ବା କଦର୍ଯ୍ୟାଚାର । [ର୍ଲଜ୍ଜ, ମନ ।
Indecent, *a.* କୁତ୍ସିତ, ଅଶିଷ୍ଟ, ଅନୁଚିତ, ନି-
Indecision, *s.* ଅସ୍ଥିରମନା, ଅନିଶ୍ଚୟ, ଦୋଦୁଲ୍ୟ, ସନ୍ଦେହ । [ନୀୟ ।
Indeclinable, *a.* ଅବ୍ୟୟ (ଶବ୍ଦ), ଅପରିବର୍ତ୍ତ-
Indecorous, *a.* ଅଶିଷ୍ଟ, ଅନୁଚିତ, ଅନିଷ୍ଟ, ଅସୁନ୍ଦର । [ଅନୁଚିତତା, ନିର୍ଲଜ୍ଜତା ।
Indecorum, *s.* ଅଶିଷ୍ଟାଚାର, ବ୍ୟବହାରର
Indeed, *ad.* ସତ୍ୟ, ପ୍ରମାଣ, ଅବଶ୍ୟ, ନିତାନ୍ତରୂପେ । [ଅକ୍ଳାନ୍ତ ।
Indefatigable, *a.* ଅଶ୍ରାନ୍ତ, ସଦାପରିଶ୍ରମୀ,
Indefensible, *a.* ଯାହାର ଉତ୍ତର ବା ଜବାବ ହୋଇ ନ ପାରେ, ଅରକ୍ଷଣୀୟ, ଅପ୍ରାମାଣୀୟ ।
Indefinite, *a.* ଅନିଶ୍ଚିତ, ଅସ୍ପଷ୍ଟ, ଅନିୟମିତ, ଅଠିକ୍ । [ଲୋପ ନ ହେ ।
Indelible, *a.* ଅମାର୍ଜନୀୟ, ଅକ୍ଷୟ, ଯାହାର
Indelicacy, *s.* ଅଶିଷ୍ଟାଚାର, ଅସଦାଚାର, ନିର୍ଲଜ୍ଜତା । [ହିବାର ।
Indelicate, *a.* ଅଶିଷ୍ଟ, ନିର୍ଲଜ୍ଜ, ସୁଶୀଳ ନୋ-
Indemnify, *v.* କ୍ଷମା-କର, କ୍ଷତି ପରିଶୋଧ ବା ଉସୁଲ୍-କର ।
Indemnity, *s.* କ୍ଷମା, କ୍ଷତିପୂରଣ, ରକ୍ଷା କରିବାର ପ୍ରତିଜ୍ଞା ।

Indent, *s.* କଟାଚିହ୍ନ, ଅସମାନତା, ଆଦେଶ ବା ଫରମାଇସପତ୍ର । [-କର, ନିୟମ-କର ।
Indent, *v.* ଜିନସ ବା ଦ୍ରବ୍ୟ ପଠାଇବା ଅର୍ଥ
Indenture, *s.* ପ୍ରତିଜ୍ଞାପତ୍ର,ନିୟମପତ୍ର, ବନ୍ଦୋବସ୍ତ । [ସ୍ୱତନ୍ତ୍ରତା ।
Independence, *s.* ସ୍ୱାଧୀନତା, ସ୍ୱବଶତା,
Independent, *a.* ସ୍ୱାଧୀନ, ସ୍ୱତନ୍ତ୍ର, ସ୍ୱବଶ, ଅନଧୀନ । [ତାହା ଛଡ଼ା ବା ଭିନ୍ନ, ବିନା ।
Independently, *ad.* ବ୍ୟତିରେକେ, ଭିନ୍ନ,
Indescribable, *a.* ଅବର୍ଣ୍ଣନୀୟ, ଅକଥନୀୟ, ଅନିର୍ବାଚ୍ୟ । [ଅକ୍ଷୟ, ଅଧ୍ୱଂଶନୀୟ ।
Indestructible, *a.* ଅବିନାଶ୍ୟ, ଚିରସ୍ଥାୟୀ,
Indeterminate, *a.* ଅନିଶ୍ଚିତ, ଅସ୍ଥିର, ଅନିର୍ଦ୍ଧାରିତ । [ସୂଚିପତ୍ର, ନିର୍ଘଣ୍ଟ ।
Index, *s.* ପ୍ରଦର୍ଶକ, ଚିହ୍ନ, ଲକ୍ଷଣ, ଘଡ଼ିରକଣ୍ଟା,
India, *s.* ଭାରତବର୍ଷ, ହିନ୍ଦୁସ୍ଥାନ ।
Indian, *a.* ଭାରତବର୍ଷୀୟ, ହିନ୍ଦୁସ୍ଥାନଜାତ ।
Indian corn, *s.* ମକା, ଭୁଟ୍ଟା ।
Indicate, *v.* ଦେଖାଇବାର, ଚିହ୍ନାଇବାର, ଜଣାଇବାର, ପ୍ରକାଶ-କର ।
Indication, *s.* ଚିହ୍ନ, ଲକ୍ଷଣ, ସୂଚନା, ପ୍ରଦର୍ଶନ । [ଚକ; *s.* -mood, କର୍ତ୍ତୃବାଚକ ।
Indicative, *a.* ଦର୍ଶକ, ଜ୍ଞାପକ, ବୋଧକ, ସୂ-
Indict, *v.* ଟୁହାର ବା ନାଲିଶ-କର, ଅଭିଯୋଗ-କର । [ଯୋଗ ।
Indictment, *s.* ନାଲିଶପତ୍ର, ଗୁହାରି, ଅଭି-
Indifference, *s.* ହେଳା, ଅମନୋଯୋଗ, ଅନୁଦ୍ୟମତା ।
Indifferent, *a.* ଉଦାସୀନ, ଅନିଚ୍ଛୁକ, ମଧ୍ୟମ ଭଳି, ଅଳ୍ପବିଷୟକ, ସାମାନ୍ୟ, ଠାଣ୍ଡା ।
Indifferently, *ad.* ଅମନୋଯୋଗ ବା ସାମାନ୍ୟ ବା ଅପ୍ରଭେଦରୂପେ । [ହୀନତା ।
Indigence, *s.* ଦରିଦ୍ରତା, ଦୀନତା, ହୀନ-

**Indigenous**, *a.* ଦେଶଜାତ, ଦେଶୀୟ ।

**Indigent**, *a.* ଦରିଦ୍ର, କଙ୍ଗାଲୀ, ଅକିଞ୍ଚନ, ଗରିବ, ଦୀନ, ଦୁଃଖୀ ।

**Indigestible**, *a.* ଅଜୀର୍ଣ୍ଣ, ଅପାକ ।

**Indigestion**, *s.* ମନ୍ଦାଗ୍ନି, ବଦହଜମୀ, ଅଜୀର୍ଣ୍ଣତା, ଅପକ୍ୱତା ।

**Indignant**, *a.* କ୍ରୋଧାନ୍ୱିତ, କୁପିତ, ରାଗୀ, ବିରକ୍ତ, ରୁଷ୍ଟ । [କୋପ ।

**Indignation**, *s.* ଅବଜ୍ଞାତା, କ୍ରୋଧ, ରାଗ,

**Indignity**, *s.* ଅପମାନ, ଅମର୍ଯ୍ୟାଦା, ଅନାଦର, ଅସମ୍ଭ୍ରମ, ଅବଜ୍ଞା ।

**Indigo**, *s.* ନୀଳ, -plant, ନୀଳବୃକ୍ଷ ।

**Indirect**, *a.* ବକ୍ର, ବଙ୍କା, ଅସରଳ, ଅସ୍ପଷ୍ଟ ।

**Indirectly**, *ad.* ବକ୍ରଭାବେ, ବକ୍ରରୂପେ; ପରହସ୍ତରେ । [ଜାଣନୀୟ, ଅତିକ୍ଷୁଦ୍ର ବା ସୂକ୍ଷ୍ମ ।

**Indiscernible**, *a.* ଅଦୃଶ୍ୟ, ଅଲକ୍ଷ୍ୟ, ଅପ୍ର-

**Indiscreet**, *a.* ଅବିବେଚକ, ଅବିମୃଷ୍ଟ, ଅବିବେକୀ, ଅସାବଧାନ ।

**Indiscretion**, *s.* ଅବିବେଚନା, ଭ୍ରମ, ପ୍ରମାଦ

**Indiscriminate**, *a.* ଅଭେଦ, ଅବିଶେଷ, ଅତୁଆ । [ଭେଦରୂପେ, ସବୁ ସମାନଭାବେ ।

**Indiscriminately**, *ad.* ସାଧାରଣ ବା ଅ-

**Indispensable**, *a.* ଅତିପ୍ରୟୋଜନୀୟ, ଅତ୍ୟାବଶ୍ୟକ, ନିତାନ୍ତକର୍ତ୍ତବ୍ୟ ।

**Indispose**, *v.* ଅନନୁକୂଳ-କ, ମନବିଗାଡିବାର, ବିରକ୍ତ-କ, ପୀଡିତ-କ । [ଦୁଃଖିତ, ବିରକ୍ତ ।

**Indisposed**, *a.* ପୀଡିତ, ଅସୁସ୍ଥ, ଅନନୁକୂଳ,

**Indisposition**, *s.* ପୀଡା, ଦୁଃଖ, ବ୍ୟାଧି, ଇଚ୍ଛା ବା ବାଞ୍ଛାରହିତ ।

**Indisputable**, *a.* ଅବିବାଦନୀୟ, ଅଖଣ୍ଡନୀୟ, ନିଶ୍ଚୟ, ସିଦ୍ଧାନ୍ତ ।

**Indissoluble**, *a.* ଅଭଞ୍ଜନୀୟ, ଅଗଲନୀୟ, ଦ୍ରବ ନୋହିବାର, ଶକ୍ତ ।

**Indissolubly**, *ad.* ଅଭେଦ ବା ଅଟଳରୂପେ, ଦୃଢବନ୍ଧନରେ ।

**Indistinct**, *a.* ଅସ୍ପଷ୍ଟ, ଅବ୍ୟକ୍ତ, ଅପ୍ରକାଶ ।

**Indite**, *v.* ରଚନା-କ, ଲେଖିବାର ।

**Individual**, *a.* ଏକ, ନିଜ, ସ୍ୱୟଂ, ଅଦ୍ୱିତୀୟ, ଅବିଭକ୍ତ । [ଜଣ, ଜଣେକ ।

**Individual**, *s.* ଜଣ, ବ୍ୟକ୍ତି, ଲୋକ, ଏକ-

**Individually**, *ad.* ଏକେ୨, ଜଣେ୨, ପ୍ରତିଜଣେ । [କ୍ତିଭେଦ ।

**Individuality**, *s.* ବ୍ୟକ୍ତିତ୍ୱ, ପାର୍ଥକ୍ୟ, ବ୍ୟ-

**Indivisible**, *a.* ଯାହାର ବିଭାଗ ହୋଇ ନ ପାରେ, ଅଭେଦ୍ୟ, ଅନଂଶନୀୟ ।

**Indocile**, *a.* ମୂର୍ଖ, ଅଶିଷ୍ଟ, ଅଶିକ୍ଷଣୀୟ, ଅନୁପଦେଶ୍ୟ ।

**Indolence**, *s.* ଆଳସ୍ୟ, ସୁସ୍ତିପଣ, ଢିଲାମୀ ।

**Indolent**, *a.* ଅଳସ, ଗଧା, ଅଳସୁଆ, ସୁସ୍ତି, ଢିଲା ।

**Indomitable**, *a.* ଅନାୟତ୍ତ, ଅଜେୟ ।

**Indubitable**, *a.* ନିଃସନ୍ଦେହ, ନିଶ୍ଚୟ, ନିଃସଂଶୟ, ସିଦ୍ଧାନ୍ତ । [ରୂପେ ।

**Indubitably**, *ad.* ନିଶ୍ଚୟରୂପେ, ନିଃସନ୍ଦେହ-

**Induce**, *v.* ପ୍ରବୃତ୍ତିଜନ୍ମାଇବାର, ମଣାଇବାର, ଭୁଲାଇବାର, ଲୋଭ ଦେଖାଇବାର ।

**Inducement**, *s.* ପ୍ରବୃତ୍ତି, ଲୋଭ, ଆଶା; cause, ହେତୁ । [ସ୍ଥାପିତ-କ ।

**Induct**, *v.* ପଦରେ ନିଯୁକ୍ତ-କ, ପଦାର୍ପଣ ବା

**Induction**, *s.* ଅନୁମାନ, ତର୍କ, ପ୍ରବେଶ କରାଇବାର ।

**Indulge**, *v.* ଅନୁଗ୍ରହ- କୃପା ବା ତୁଷ୍ଟି-କ ।

**Indulgence**, *s.* ଅନୁଗ୍ରହ, ସ୍ନେହ, କ୍ଷମା, ଅନୁମତି । [ଶୀଳ, ଧୀର ।

**Indulgent**, *a.* ଅନୁଗ୍ରାହକ, ବତ୍ସଳ, ଦୟା-

**Indurate**, *v.* କଠିନ-ହ, ଶକ୍ତ ବା କଠିନ-କ ।

**Industrious**, *a.* ପରିଶ୍ରମୀ, ମେହନତୀ, ଉ-
ଦ୍ୟୋଗୀ, କର୍ମବନ୍ତ ।

**Industry**, *s.* ପରିଶ୍ରମ, ଉଦ୍ୟୋଗ, କର୍ମଶୀ-
ଳତା, ଯତ୍ନ, ସୁଚେଷ୍ଟା ।

**Inebriate**, *v.* ମତ୍ତ, ମଉଆଳ ବା ବହ୍ୱଳ-ହ ।

**Inebriation**, *s.* ମତ୍ତତା, ମଉଆଳାପଣ, ପ-
ଛମଦ୍ୟପାନ । [ବଚନୀୟ ।

**Ineffable**, *a.* ଅବର୍ଣ୍ଣନୀୟ, ଅକଥନୀୟ, ଅନି-

**Ineffably**, *ad.* ଅବକ୍ତବ୍ୟ ବା ଅକଥ୍ୟରୂପେ,
ଅବର୍ଣ୍ଣନୀୟରୂପେ ।

**Ineffective, Ineffectual, Inefficacious**, *a.* ଅନର୍ଥକ, ନିଷ୍ଫଳ, ମିଥ୍ୟା, ବୃଥା ।

**Inefficacy**, *s.* ନିଷ୍ଫଳତା, ବ୍ୟର୍ଥତା, ବିଫଳତା

**Inefficiency**, *s.* ଅକ୍ଷମତା, ଅପାରକତା,
ଅସାମର୍ଥ୍ୟ । [ବ୍ୟର୍ଥ ।

**Inefficient**, *a.* ଅସମର୍ଥ, ଅପାରକ, ଅକ୍ଷମ,

**Inelegance**, *s.* କୁତ୍ସିତତା, ଅଶୋଭା, କୁ-
ରୂପତା, ଅସୌନ୍ଦର୍ଯ୍ୟ । [ଅସୁନ୍ଦର ।

**Inelegant**, *a.* ଅଶୋଭିତ, କୁତ୍ସୀ, କଦର୍ଯ୍ୟ,

**Inequality**, *s.* ଅସମତା, ଅତୁଲ୍ୟତା, ବି-
ଶେଷ; rough, ଉଚ୍ଚନୀଚ ।

**Inert**, *a.* ଜଡ, ଅଳସ, ନିସ୍ତେଜ, ସ୍ଥୂଳ ।

**Inestimable**, *a.* ଅମୂଲ୍ୟ, ଅତ୍ୟୁତ୍ତମ, ବହୁ-
ମୂଲ୍ୟ । [ଘଟିବ ।

**Inevitable**, *a.* ଅବାରଣୀୟ, ଯାହା ନିଶ୍ଚୟ

**Inevitably**, *ad.* ଅବଶ୍ୟ, ନିତାନ୍ତ, ନିଶ୍ଚୟ-
ରୂପେ । [ବିନାଓଜର ।

**Inexcusable**, *a.* ଅକ୍ଷମଣୀୟ, ଅମାର୍ଜନୀୟ,

**Inexhaustible**, *a.* ଅବ୍ୟୟ, ଅକ୍ଷୟ, ଅଶେଷ

**Inexorable**, *a.* ନିର୍ଦ୍ଦୟ, ନିଷ୍ଠୁର, ଅକୃପ ।

**Inexpediency**, *s.* ଅନୁପଯୁକ୍ତତା, ଅଯୋ
ଗ୍ୟତା । [ନୁଚିତ ।

**Inexpedient**, *a.* ଅନୁପଯୁକ୍ତ, ଅକର୍ତ୍ତବ୍ୟ, ଅ-

**Inexperience**, *s.* ଅନୁଭବରହିତ, ଅପଟୁତା

**Inexperienced**, *a.* ଅପଟୁ, ଅଜଣା, ଅନାଡ଼ୀ,
କଞ୍ଚା । [ଲାଗ ।

**Inexpert**, *a.* ଅନାଡ଼ୀ, ଅନିପୁଣ୍ୟ, ଅଜ୍ଞ, ଅଚ-

**Inexpiable**, *a.* ପ୍ରାୟଶ୍ଚିତ୍ତର ଅଯୋଗ୍ୟ, ଅ-
ମୋଚନୀୟ । [ନୀୟ, ଗମ୍ଭୀରକଥା ।

**Inexplicable**, *a.* ବୁଦ୍ଧିର ଅଗମ୍ୟ, ଅବର୍ଣ୍ଣ-

**Inexpressible**, *a.* ଅକଥନୀୟ, ଅବାଚ୍ୟ,
ଅବର୍ଣ୍ଣନୀୟ । [ନୋହେ, ଅନିର୍ବାଣୀୟ ।

**Inextinguishable**, *a.* ଯାହା ନିଭିବାର

**Inextricable**, *a.* ଅନୁଦ୍ଧରଣୀୟ, ଦୁସ୍ତର,
ଅସାଧ୍ୟନୀୟ । [ଶୂନ୍ୟତା ।

**Infallibility**, *s.* ଅଭ୍ରାନ୍ତି, ଅଭୁଲ, ଭ୍ରମ-

**Infallible**, *a.* ଅଭ୍ରାନ୍ତ, ଭ୍ରମରହିତ ।

**Infallibly**, *ad.* ଅବଶ୍ୟ, ନିଶ୍ଚୟରୂପେ ।

**Infamous**, *a.* ଅତିଦୁଷ୍ଟ, ଦୁର୍ନାମୀ, ନିନ୍ଦିତ,
ନିର୍ଲଜ୍ଜ, ବଦନାମୀ । [ର୍ନାମ, ଅଖ୍ୟାତି ।

**Infamy**, *s.* ଅପକୀର୍ତ୍ତି; ଅପଯଶ, କଳଙ୍କ, ଦୁ-

**Infancy**, *s.* ବାଲ୍ୟାବସ୍ଥା, ଶିଶୁକାଳ, ପିଲାଦିନ,
ଅପ୍ରାପ୍ତବୟସ୍କତା ।

**Infant**, *s.* ଶିଶୁ, ପିଲା, ବାଳକ, ଦୁଗ୍ଧପୋଷ୍ୟ ।

**Infanticide**, *s.* ଶିଶୁବଧ, ବାଳକହତ୍ୟା ।

**Infantile, Infantine**, *a.* ଶିଶୁସମ୍ବନ୍ଧୀୟ,
ଶିଶୁବତ୍ ।

**Infantry**, *s.* ପଦାତିକ ସୈନ୍ୟ, ସିପାହି ।

**Infatuate**, *v.* ମୋହିତ-ବଶ-କ, ଭୁଲାଇବାକୁ

**Infatuation**, *s.* ଜ୍ଞାନଲୋପ, ମୋହ, ମୁଗ୍ଧା-
ବସ୍ଥା, ବାମାକତା । [ଅଚେତନ-କ ।

**Infect**, *v.* ଛୁଇଁବାରେ ବା ସ୍ପର୍ଶଦ୍ୱାରା ପୀଡିତ-

**Infection**, *s.* ସ୍ପର୍ଶ ବା ଛିଆଁଛୁଆଁ, ଛୁଆଁ-
ରୋଗ, ମାଡ଼ି ।

**Infectious**, *a.* ରୋଗ ବା ବ୍ୟାଧିଜନକ, ଛୁଆଁ,
ବ୍ୟାପକ ।

**Infer**, *v.* ବୋଧ ବା ଅନୁଭବ- ଅନ୍ତବଲ- ଅନୁ-
ମାନ-କ ।
**Inference**, *s.* ଅନୁଭବ, ଅନୁମାନ, ଅନ୍ୱେଷା ।
**Inferrible**, *a.* ଅନୁମାନଯୋଗ୍ୟ, ଅନୁଭବ-
ନୀୟ । [ଇତର ।
**Inferior**, *a.* ଅପକୃଷ୍ଟ, ଅଧମ, ନୀଚ, କ୍ଷୁଦ୍ର,
**Inferior**, *s.* ନୀଚପଦସ୍ଥ, ଅଧୀନଲୋକ ।
**Infernal**, *a.* ନାରକୀୟ, ମହାଦୁଷ୍ଟ, ଭୂତ ।
**Infertile**, *a.* ଅଫଳବାନ୍, ଅନୁର୍ବର, ବନ୍ଧ୍ୟା ।
**Infest**, *v.* ବିରକ୍ତ-କ, କ୍ଲେଶ ଅବା ଦୁଃଖ-ଦ ।
**Infidel**, *s.* ନାସ୍ତିକ, ଧର୍ମନିନ୍ଦକ, ପରମେଶ୍ୱରର
ବାକ୍ୟ ଅମାନକ । [ଶ୍ରଦ୍ଧା ।
**Infidelity**, *s.* ନାସ୍ତିକତା, ଅବିଶ୍ୱାସ, ପାଷ-
**Infinite**, *a.* ଅନନ୍ତ, ଅଶେଷ, ଅସୀମ ।
**Infinitesimal**, *a.* ଅଶେଷରୂପେ ବିଭକ୍ତ ।
**Infinitive**, *a.* ଭାବବାଚକ, ନିର୍ମିତ୍ତାର୍ଥକ ।
**Infinitude**, **Infinity**, *s.* ଅସୀମତ୍ୱ, ଯା-
ହାର ଅନ୍ତ୍ୟନ୍ତ ନାହିଁ, ଅସଂଖ୍ୟତା ।
**Infirm**, *a.* ଦୁର୍ବଳ, ଅଶକ୍ତ, କ୍ଷୀଣ, ଅସୁସ୍ଥ,
ରୋଗୀ । [ଇଗାନା ।
**Infirmary**, *s.* ଚିକିତ୍ସାଳୟ, ହସ୍ପିତାଲ, ଦବା-
**Infirmity**, *s.* ଦୁର୍ବଳତା, କ୍ଷୀଣତା, ପୀଡ଼ା,
ବ୍ୟାଧି, ରୋଗ । [ଇବାର ।
**Infix**, *v.* ବସାଇ-ଦ, ବିନ୍ଧି ମାରିବାର, ଲଗା-
**Inflame**, *v.* ଅଗ୍ନି ଲଗାଇବାର, ନିଆଁ-ଦ;
to provoke, କ୍ରୋଧ-କ । [ଶୀଳତା ।
**Inflammability**, *s.* ଜ୍ୱଳନୀୟତ୍ୱ, ଜ୍ୱଳନ-
**Inflammable**, *a.* ଜ୍ୱଳନୀୟ, କ୍ରୋଧୀ, ଦହ-
ନୀୟ । [ଦାହ ।
**Inflammation**, *s.* ଜ୍ୱଳନ, ଉତ୍ତାପ, ଜ୍ୱାଳା,
**Inflammatory**, *a.* ଜ୍ୱଳନୀୟ, ତାପ ବା
ଉତ୍ପନ୍ନଜନକ । [ବା ଗର୍ବୀ-ହ ।
**Inflate**, *v.* ଫୁଲାଇବାର, ଫାମ୍ପିବାର, ପ୍ରଫୁଲ୍ଲ
**Inflation**, *s.* ଫୁଲନ, ପ୍ରଫୁଲ୍ଲତା, ମିଥ୍ୟାଭିମାନ
**Inflection**, *s.* ଧାତୁ ବା ଶବ୍ଦର ରୂପ ବା ବି-
ଭକ୍ତି, ବକ୍ରୀକରଣ ।
**Inflexibility**, *s.* ଶକ୍ତତା, ଦୃଢତ୍ୱ, ସ୍ଥୈର୍ଯ୍ୟ,
ଅବାଧ୍ୟ । [ନୋହେ, ନବଲ ।
**Inflexible**, *a.* ଦୃଢ, ଶକ୍ତ, ଯାହା ନୁଆଁଇ
**Inflexibly**, *ad.* ସ୍ଥିରମନେ, ଅଦମ୍ୟ ବା ଅଚ-
**Inflict**, *v.* ଦଣ୍ଡ ବା ସଜା-ଦ । [ଶସ୍ତ୍ରରୂପେ ।
**Infliction**, *s.* ଶାସ୍ତି, ଶାସନ, ସଜା, ଦଣ୍ଡାଦି
ଭୋଗ । [ଶକ୍ତି, ପରାକ୍ରମ ।
**Influence**, *s.* ପ୍ରବର୍ତ୍ତଇବାର ଗୁଣ ବା କ୍ଷମତା,
**Influence**, *v.* ପ୍ରବର୍ତ୍ତଇବାର ବା ପ୍ରବୃତ୍ତ କରା-
ଇବାର, ମଣାଇବାର, କରାଇବାର ।
**Influential**, *a.* ମାତବର, ଭାରି, ବ୍ୟାପକ,
ପ୍ରବର୍ତ୍ତକ । [ରୋଗ ।
**Influenza**, *s.* ସଂକ୍ରାମକରୋଗବିଶେଷ, ଇର୍ଯ୍ୟା-
**Influx**, *s.* ଆଗମନ, ପ୍ରବାହନ, ପ୍ରବେଶ; ଅମ-
ଦାନୀ, ବାହୁଲ୍ୟ । [-କ ।
**Infold**, *v.* ଜଡାଇବାର, ଗୁଡାଇବାର, ଆବୃତ
**Inform**, *v.* ଜ୍ଞାତ-କ, ଜଣାଇବାର, ବୁଝାଇ-
ବାର, ସମ୍ବାଦ-ଦ ।
**Informal**, *a.* ବିଧିବିରୁଦ୍ଧ, ଅଦାଣ୍ଡ, ବେଦସ୍ତୁର
**Informant**, *s.* ଜ୍ଞାପକ, ସମ୍ବାଦଦାତା, ସୂଚକ
**Information**, *s.* ଜ୍ଞାନ, ସମ୍ବାଦ, ସମାଚାର,
ବାର୍ତ୍ତା, ଏତଲା, ଖବର । [ସୂଚକ, ଗୋଏନ୍ଦା ।
**Informer**, *s.* ଜ୍ଞାପକ, ଯେ ସମ୍ବାଦ ଦିଅଇ,
**Infraction**, *s.* ଭାଙ୍ଗିବାର, ଲଙ୍ଘନ, ମେଣ୍ଟାଇ-
ବାର ।
**Infrequent**, *a.* କଦାଚିତ୍, କ୍ୱଚିତ୍, କେବେ ।
**Infringe**, *v.* ନିୟମ ଭାଙ୍ଗିବାର, ଲଙ୍ଘନ-କ,
ମେଣ୍ଟାଇବାର । [ଙ୍ଘିବାର ।
**Infringement**, *s.* ଆଜ୍ଞା ମେଣ୍ଟିବାର ବା ଲ-
**Infuriated**, *a.* ରାଗାନ୍ୱିତ, ରାଗାନ୍ଧ, କ୍ରୋଧୀ ।

**Infuse**, *v*. ଭିତରେ ଢାଳିବାର, ଶିକ୍ଷା-ଦ, ମନେ
ନିବଦ୍ଧ-କ ।

**Infusion**, *s*. ଭରିବାର, ଢାଳିବାର, ଭିଜାଇ-
ବାର, ଓଦା-କ । [ଫଳାଦି ଏକଠାକରଣ ।

**Ingathering**, *s*. ଶସ୍ୟ ସଂଗ୍ରହ, ସଞ୍ଚୟ, ଜମା,

**Ingenious**, *a*. ଦକ୍ଷ, ଜ୍ଞାନୀ; ଗୁଣବନ୍ତ, ନିପୁଣ,
ବୁଦ୍ଧିମତୀ । [ପ୍ରୁଦକ

**Ingeniously**, *ad*. ଦକ୍ଷଭାବରେ, ଚତୁରତା-

**Ingenuity**, *s*. ସୂକ୍ଷ୍ମବୁଦ୍ଧି, କୌଶଳ, ଚତୁରା-
ପଣ । [ସଭ୍ୟ ।

**Ingenuous**, *a*. ସରଳ, ଅକପଟ, ଅବକ୍ର,

**Ingenuously**, *ad*. ସାରଲ୍ୟ ବା ନିଷ୍କପଟ-
ଭାବେ । [ପଣ, ଅବକ୍ରତା ।

**Ingenuousness**, *s*. ସାରଲ୍ୟ ବା ଅକପଟ-

**Inglorious**, *a*. ଅମର୍ଯ୍ୟାଦା ବା ଅପମାନ ବା
ଅଖ୍ୟାତିଜନକ, ଅପକୃଷ୍ଟ ।

**Ingot**, *s*. ସୁନା ବା ରୁପାର ଖଣ୍ଡ ବା ଥାନ ।

**Ingraft**, *v*. କଲମ-କ, ସଂଯୁକ୍ତ-କ, ଲଗା-
ଇବାର । [କିମକହସାମ ।

**Ingrate**, *s*. କୃତଘ୍ନବ୍ୟକ୍ତି, ଉପକାର ଅମାନିଆ,

**Ingratiate**, *v*. ଅନୁଗ୍ରହପ୍ରାପ୍ତ-ହ, ଅନୁଗ୍ରହ
ପାତ୍ର-କ, ସୁସମ୍ପର୍କ-କ । [ଉପକାର ଅସ୍ୱୀକାର ।

**Ingratitude**, *s*. କୃତଘ୍ନତା, ଅକୃତଜ୍ଞତା,

**Ingredient**, *s*. ମଶାଲା; ମିଶ୍ରିତ ବସ୍ତୁର ନାନା
ଭାଗ । [ହେବାର କ୍ଷମତା ।

**Ingress**, *s*. ପ୍ରବେଶ, ପଶିବାର ବାଟ, ପ୍ରବେଶ-

**Ingulf**, *v*. ସମୁଦ୍ରରେ ମଗ୍ନ-ହ, ଜୁବିବାର,
ଗ୍ରାସ-କ ।

**Inhabit**, *v*. ବସତି-କ, ବାସ ବା ଘର-କ ।

**Inhabitable**, *a*. ବାସ ବା ରହିବାର ଯୋଗ୍ୟ ।

**Inhabitant**, *s*. ନିବାସୀ, ବାସକର୍ତ୍ତା, ଘରବ୍ୟକ୍ତି
ବା ଲୋକ । [ବାର ।

**Inhale**, *v*. ନିଶ୍ୱାସ ଟାଣିବାର, ବାୟୁଶୋଷି-

**Inharmonious**, *a*. କୁଶ୍ରାବ୍ୟ, ଅମିଷ୍ଟ ବା
ଅମିଳଣ ସ୍ୱର । [ବିକ, ନିତର ।

**Inherent**, *a*. ଅନ୍ତର୍ଜାତ, ଅନ୍ତର୍ବର୍ତ୍ତି, ସ୍ୱାଭା-

**Inherit**, *v*. ପୈତୃକାଧିକାର ଭୋଗ-କ, ଅଧି-
କାରପ୍ରାପ୍ତ-ହ ।

**Inheritable**, *a*. ଉତ୍ତରାଧିକାର ଯୋଗ୍ୟ ।

**Inheritance**, *s*. ଉତ୍ତରାଧିକାର, ପୈତୃକ-
ଧନାଦି । [ଗିକାରୀ ।

**Inheritor**, *s*. ଉତ୍ତରାଧିକାରୀ, ଦାୟାଦ, ଭୋ-

**Inhibit**, *v*. ନିଷେଧ-କ, ନିବାରଣ କ ମନା-କ ।

**Inhibition**, *s*. ନିଷେଧ, ନିବାରଣ, ବାଧା ।

**Inhospitable**, *a*. ଅତିଥିବର୍ଜିତ, ନିର୍ଦ୍ଦୟ,
ଅନୁପକାରୀ । [ଦୟ ।

**Inhospitably**, *ad*. ଅନାତିଥ୍ୟଭାବେ ବା ନି-

**Inhospitality**, *s*. ଅତିଥି ସେବାରେ ଅନିଚ୍ଛା,
କୃପଣତା ।

**Inhuman**, *a*. ନିର୍ଦ୍ଦୟ, ନିଷ୍ଠୁର, କ୍ରୂର, ଅସଭ୍ୟ

**Inhumanity**, *s*. ନିର୍ଦ୍ଦୟତା, ନିଷ୍ଠୁରତା. ଅ-
ସଭ୍ୟତା । [ବିଶ୍ବକାରୀ

**Inimical**, *a*. ଶତ୍ରୁବତ୍, ବିପକ୍ଷ, ପ୍ରତିକୂଳ, ଅ-

**Inimitable**, *a*. ନିରୁପମ, ଅନୁପମ, ଅତୁଲ୍ୟ,
ଅଦ୍ୱିତୀୟ । [ଭାବେ

**Inimitably**, *ad*. ଅତୁଲ୍ୟତା ବା ଅନନ୍ୟସା-

**Iniquitous**, *a*. ଅନ୍ୟାୟୀ, ପାତକୀ, ଦୁଷ୍ଟ-
ଚରିତ୍ର, ଦୁଷ୍ଟ ।

**Iniquity**, *s*. ଅପରାଧ, ଅଧର୍ମ, କୁକ୍ରିୟା, ପାପ ।

**Initial**, *s*. ଆଦ୍ୟ, ନାମର ଆଦ୍ୟକ୍ଷର, ପ୍ରଥମ ।

**Initiate**, *v*. ପ୍ରଥମଶିକ୍ଷା ବା ଦୀକ୍ଷା-ଦ, ଆ-
ରମ୍ଭ-କ ।

**Initiation**, *s*. ଶିକ୍ଷାରମ୍ଭ, ଦଳଭୁକ୍ତ କରଣ ।

**Inject**, *v*. ନିକ୍ଷେପ ବା ପ୍ରକ୍ଷେପ-କ, ପିଚିକାରି
ମାରିବାର ।

**Injection**, *s*. ପିଚିକାରି ଦ୍ୱାରା ନିକ୍ଷେପ ।

**Injudicial**, *a.* ଅଶାସ୍ତ୍ର, ବ୍ୟବସ୍ଥା ବା ବିଧି ବା ଆଇନ ବିରୁଦ୍ଧ । [ରହିତ ।
**Injudicious**, *a.* ଅବିବେଚକ, ଅବିଜ୍ଞ, ବିଚାର
**Injudiciously**, *ad.* ଅବିବେଚନାପୂର୍ବକ ।
**Injunction**, *s.* ଆଜ୍ଞା, ଆଦେଶ, ବିଧି, ହୁକୁମ ।
**Injure**, *v.* କ୍ଷତି- ହାନି- ହିଂସା ବା ଅପକାର-କ
**Injury**, *s.* ହାନି, କ୍ଷତି, ତ୍ରୁଟି ।
**Injurious**, *a.* ଅପକାରକ, ଦ୍ୱେଷୀ, ହିଂସକ ।
**Injustice**, *s.* ଅନ୍ୟାୟ, ଅବିଚାର, ଅଧର୍ମ ।
**Ink**, *s.* କାଳୀ, ମସୀ, ସିହାଇ, ସ୍ୟାହି ।
**Inkhorn, Inkstand**, *s.* ଦୁଆତ, ସିହାଇ-ଘଟ ବା ପାତ୍ର ।
**Inkling**, *s.* ଇଙ୍ଗିତ, ଅଳ୍ପଇଚ୍ଛା ।
**Inland**, *a.* ଦେଶମଧ୍ୟସ୍ଥ, ଅନ୍ତରବର୍ତ୍ତୀ ।
**Inlay**, *v.* ଖଚିତ-କ, କଡତ-କ, ଚିତ୍ରବିଚିତ୍ର-କ ।
**Inlet**, *s.* ପ୍ରବେଶ ପଥ, ପଶିବାର ବାଟ, ଖାଲ
**Inly**, *ad.* ମନରେ, ଅନ୍ତରେ, ଗୁପ୍ତରେ, ଭିତରେ ।
**Inmate**, *s.* ସହବାସୀ, ସହବର୍ତ୍ତୀ, ଏକଗୃହସ୍ଥିତ
**Inmost**, *a.* ଅନ୍ତଃକରଣସ୍ଥ, ଅନ୍ତର୍ବର୍ତ୍ତୀ, ଅନ୍ତରସ୍ଥ
**Inn**, *s.* ଉତ୍ତରିବାର ଘର, ପଥିକଗୃହ, ସରାଇ ।
**Innate**, *a.* ଅନ୍ତରଜାତ, ସ୍ୱାଭାବିକ, ଅନ୍ତରସ୍ଥ ।
**Inner**, *a.* ଭିତର, ଅନ୍ତସ୍ଥାୟୀ, ଅନ୍ତରସ୍ଥ ।
**Innkeeper**, *s.* ଉତ୍ତରିବାଗୃହକର୍ତ୍ତା, ସରାଇ-ରକ୍ଷକ । [ସରଳତା, ସୁସ୍ୱଭାବତା ।
**Innocence**, *s.* ପାପରହିତ, ନିର୍ଦ୍ଦୋଷିତା,
**Innocent**, *a.* ନିର୍ଦ୍ଦୋଷୀ, ନିରପରାଧୀ, ନିଷ୍ପାପୀ, ଅହିଂସକ । [ନିର୍ଦ୍ଦୋଷୀ ।
**Innocuous**, *a.* ଅନପକାରକ, ଅହିଂସକ,
**Innovation**, *s.* ନୂତନ ଧାରାସ୍ଥାପନ ।
**Innovator**, *s.* ନୂତନ ଧାରାସ୍ଥାପକ ବା ପ୍ରକାଶକ ।
**Innoxious**, *s.* ଅହିଂସ୍ରକ, ଅଦ୍ୱେଷୀ, ନିର୍ଦ୍ଦୋଷୀ

**Innuendo**, *s.* ଇଙ୍ଗିତ, ସଙ୍କେତବାକ୍ୟ, ଠାର, ଇସାରା । [ଅସୁମାର, ବହୁତ ।
**Innumerable**, *a.* ଅଗଣନୀୟ, ଅସଂଖ୍ୟ,
**Inoculate**, *v.* ବସନ୍ତର ଟୀକା-ଦ, କଲମ-କ ।
**Inoculation**, *s.* ବସନ୍ତର ଟୀକାଦେବାର କର୍ମ, କଲମ କରଣ ।
**Inoculator**, *s.* ଟୀକାଦାର, କଲମକାରକ ।
**Inodorous**, *a.* ଗନ୍ଧହୀନ, ନିର୍ଗନ୍ଧ, ବାସହୀନ ।
**Inoffensive**, *a.* ଅହିଂସକ, ନିର୍ଦ୍ଦୋଷୀ, ଅନପକାରକ । • [ଅସମୟଜାତ ।
**Inopportune**, *a.* ଅପ୍ରାପ୍ତ ବା ଅଶୁଭକାଳୀନ,
**Inordinate**, *a.* ଅପରିମିତ, ବହୁଳ, ଅତିଶୟ, ଅଧିକ । [ଷଣ ବା ପରୀକ୍ଷା, ସୁରତହାଲ, ବିଚାର
**Inquest**, *s.* ଅକସ୍ମାତ ମୃତ୍ୟୁର ହେତୁ ଅନ୍ୱେ-
**Inquietude**, *s.* ଚିନ୍ତା, ବ୍ୟାକୁଳତା; ଭାବନା, ଉଦ୍ବେଗ, ମନୋଦୁଃଖ ।
**Inquire**, *v.* ପ୍ରଶ୍ନ-କ, ପଚାରିବାର, ତଲ୍ଲାସ-କ ।
**Inquirer**, *s.* ପ୍ରଶ୍ନକାରୀ, ପଚାରିବା ଲୋକ, ଅନ୍ୱେଷଣକାରୀ । [ବିଚାର ।
**Inquiry**, *s.* ପ୍ରଶ୍ନ, ତଦାରକ, ଅନୁସନ୍ଧାନ,
**Inquisition**, *s.* ଦୋଷାନୁସନ୍ଧାନ; ମତାନ୍ତ ଲୋକମାନଙ୍କୁ ଦଣ୍ଡ ଦେବା ନିମନ୍ତେ ପୋପ ମତାବଲମ୍ବୀମାନଙ୍କ ବିଚାର ସଭା ।
**Inquisitive**, *a.* ଅନୁସନ୍ଧାନୀ, ଅନଧିକାର ଚର୍ଚ୍ଚା, ପରଛିଦ୍ରାନ୍ୱେଷୀ । [ବାଇ ।
**Inroad**, *s.* ହଠାତ ଆକ୍ରମଣ, ଚଡାଉ, ପଶି-
**Insane**, *a.* ଉନ୍ମତ୍ତ, ବାଯ୍ୟା, ବାତୁଳ, ପାଗଲ ।
**Insanity**, *s.* ଉନ୍ମତ୍ତତା, ଉନ୍ମାଦ, ବାତୁଳତା, ପାଗଳପଣ । [ଲୋଭୀ ।
**Insatiable**, *a.* ଅତୃପ୍ତ, ଅତିଲୋଭୀ, ବହୁ-
**Inscribe**, *v.* ଲେଖାଉପରେ ଲେଖିବାର, ଚିହ୍ନ-କ, ଶିରୋନାମା-ଦ ।
**Inscription**, *s.* ଉପରଲେଖନ, ଶିରୋନାମା

**Inscrutable**, *a.* ବୋଧାଗମ୍ୟ, ଅଜ୍ଞେୟ, ଗୂଢାର୍ଥ, ଗୂପ୍ତ ।
**Insect**, *s.* କୀଟ, କୃମୀ, ପୋକ ।
**Insecure**, *a.* ଆପଦଯୁକ୍ତ, ସଙ୍କଟାପନ୍ନ, ଅରକ୍ଷିତ, ଦାୟଗ୍ରସ୍ତ । [ଦାସ୍ୟ ।
**Insecurity**, *s.* ସଙ୍କଟ, ବପଦ, ଭୟ, ଆପଦ,
**Insensate**, *a.* ଅବୋଧ, ଅଜ୍ଞାନ, ହତଜ୍ଞାନ, ମୂର୍ଖ
**Insensibility**, *s.* ଅଚୈତନ୍ୟ, କର୍ତ୍ତବ୍ୟବିପଣ, ନିସ୍ପନ୍ଦନ, ମୂର୍ଚ୍ଛାବସ୍ଥା, ଜଡତା ।
**Insensible**, *a.* ବୋଧଶୂନ୍ୟ, ଅଚେତନ, ମୂର୍ଚ୍ଛାପନ୍ନ, ବେହୋସ ।
**Insensibly**, *ad.* ଅଗୋଚରରେ, ଧୀରେ୨, ଅଲକ୍ଷ୍ୟରୂପେ ।
**Inseparable**, *a.* ଅଭେଦ୍ୟ, ଯାହାର ବିୟୋଗ ବା ଭିନ୍ନ ନାହିଁ ।
**Inseparably**, *ad.* ଅଭେଦ୍ୟରୂପେ ।
**Insert**, *v.* ଲେଖିବାର, ଲେଖିରଖିବାର, ମିଶାଇବାର, ଭୁକ୍ତ-କ ।
**Insertion**, *s.* ସାମିଲ ବା ମିଳନ ବା ଭୁକ୍ତ-କ, ଅନ୍ୟ କଥା ଦେଇ ଲେଖା ବଢାଇବାର ।
**Inside**, *s.* ମଧ୍ୟସ୍ଥାନ, ଅନ୍ତର, ଭିତର ।
**Insidious**, *a.* କପଟୀ, ପ୍ରବଞ୍ଚକ, କୁଟିଳ, ଛଳୀ
**Insidiously**, *ad.* ଶଠତାପୂର୍ବକ, ଛଳକ୍ରମେ, କୁଟିଳତାରୂପେ । [ବୋଧଜ୍ଞାନ ।
**Insight**, *s.* ବିଶେଷଜ୍ଞାନ, ମର୍ମଜ୍ଞାନ, ଦୃଷ୍ଟି-
**Insignia**, *s.* ପଦବୀରଚିହ୍ନ, ସମ୍ଭ୍ରାନ୍ତପଦର ଲକ୍ଷଣ । [ର୍ଥକଥା ।
**Insignificance**, *s.* କ୍ଷୁଦ୍ରତା, ତୁଚ୍ଛତା, ଅନ-
**Insignificant**, *a.* କ୍ଷୁଦ୍ର, ତୁଚ୍ଛଯୋଗ୍ୟ, ସାନ, ଅକିଞ୍ଚିତ । [ପଟ, ମିଥ୍ୟା ।
**Insincere**, *a.* ଅସରଳ, ଶଳ, କୁଟିଳ, କ-
**Insincerity**, *s.* କପଟପଣ, ଅସାରଲ୍ୟ, କୌଟିଲ୍ୟ ।

**Insinuate**, *v.* କୌଶଳକ୍ରମେ ପ୍ରବେଶ-କ, ଇଙ୍ଗିତ ଦ୍ୱାରା ବ୍ୟକ୍ତ-କ, କ୍ରମଶେ୨ ପଶିବାର ବା ପ୍ରବେଶ-ହ । [ଭୁଝାଇବା ।
**Insinuating**, *a.* କୌଶଳରେ ବଶବାଳ ବା
**Insinuation**, *s.* ବାକ୍ଚାତୁରୀ, ଠାର, ପ୍ରସ୍ଖଳନ । [ଅନୁସରଣବର୍ଜିତ ।
**Insipid**, *a.* ନୀରସ, ବିସ୍ୱାଦୁ, ପାଣିଆ, ନିସ୍ତେଜା,
**Insipidity**, *s.* ନୀରସତା, ବିସ୍ୱାଦୁତା, ଅସ୍ୱାଦୁପଣ । [ନିହୁବାର ।
**Insist**, *v.* ନିଶ୍ଚୟ ବା ଏକାନ୍ତ ବା ଦୃଢରେ
**Insnare**, *v.* ଫାନ୍ଦରେ ପକାଇବାର, ଜାଲରେ ଧରିବାର, ଫୁସଲାଇବାର । [ବିତା ।
**Insolence**, *s.* ପ୍ରାଗଲ୍ଭତା, ଅଶିଷ୍ଟତା, ଦାମ୍ଭି-
**Insolent**, *a.* ଦାମ୍ଭିକ, ପ୍ରଗଲ୍ଭ, ଗର୍ବୀ, ଅଶିଷ୍ଟ, ଦୁର୍ମୁଖ । [ଭିତର କୁହେ ।
**Insoluble**, *a.* ଅଦ୍ରବଣୀୟ, ଅଗଳନୀୟ, ଯେ
**Insolvency**, *s.* ଦେଉଲିଆମୀ, ନିର୍ଦ୍ଧନତା, ଋଣ ଶୋଧିବାର ଅସାମର୍ଥ୍ୟ ।
**Insolvent**, *a.* ଋଣ ଶୋଧନରେ ଅକ୍ଷମ, ଦେୱାଲିଆ, ଅକ୍ଷମ ଋଣୀ ।
**Insomuch**, *ad.* ଏନିମନ୍ତେ, ଏତାବତ୍, ଏତେ, ଏଣୁ, ଏପର୍ଯ୍ୟନ୍ତ, ଏମନ୍ତେ ଯେ । [ଉତ୍ସବ-ହ ।
**Inspect**, *v.* ଦୃଷ୍ଟି-କ, ଦେଖିବାର, ପରଖ ବା
**Inspection**, *s.* ପରୀକ୍ଷା, ପରଖ, ତତ୍ତ୍ୱାବଧାରଣ ।
**Inspector**, *s.* ପରୀକ୍ଷକ, ଅମୀନ, ତତ୍ତ୍ୱାବଧାରକ । [ଦୈବଜ୍ଞାନ, ଧର୍ମାତ୍ମାର ଅବେଶ ।
**Inspiration**, *s.* ନିଶ୍ୱାସ ବା ହାଇ ଗ୍ରହଣ,
**Inspire**, *v.* ନିଶ୍ୱାସାକର୍ଷଣ-କ, ମନରେ ଅବେଶ କରାଇବାର, ଦୈବଜ୍ଞାନବିଶିଷ୍ଟ-କ
**Inspired**, *a.* ଇଶ୍ୱରାବିଷ୍ଟ, ଆବିର୍ଭୂତ, ଦୈବଜ୍ଞାନବିଶିଷ୍ଟ । [ଭାର ।
**Inspirit**, *v.* ସାହସ- ଭରସା-ଦ, ଜୀଅଇ-

Inspissate, *v.* ଗାଢ଼-କ, ଅଉଟିବାର, ଘନୀ-
ଭୂତ-କ । [ତ୍ୟତା ।
Instability, *s.* ଅସ୍ଥିରତା, ଚାଞ୍ଚଲ୍ୟ, ଅନି-
Install, *v.* ପଦସ୍ଥ ବା ପଦାଭିଷିକ୍ତ-କ, ପଦା-
ର୍ପଣ-କ ।
Installation, *s.* ଅଭିଷେକ, ପଦାର୍ପଣ ।
Instalment, *s.* ଭାଗ, ବାଣ୍ଟ; ଟଙ୍କାର କିସ୍ତି ।
Instance, *s.* ପ୍ରାର୍ଥନା, ଦରଖାସ୍ତ; ଉଦାହରଣ,
ଦୃଷ୍ଟାନ୍ତ; ଘଟଣା । [ମାଣ-ଦ ।
Instance, *v.* ଦୃଷ୍ଟାନ୍ତ ବା ଉଦାହରଣ ବା ପ୍ର-
Instant, *s.* ମୁହୂର୍ତ୍ତ, ନିମିଷ, ଏହିକ୍ଷଣ, ତାରିଖ ।
Instant, *a.* ବର୍ତ୍ତମାନକାଳର ବା ମାସର; ଅବି-
ଳମ୍ବ, ବ୍ୟସ୍ତ, ବ୍ୟଗ୍ର । [ହଠାତ୍ ।
Instantaneous, *a.* କ୍ଷଣିକ, କ୍ଷଣକାଳୀନ,
Instantly, *ad.* ଏବେ, ଅବିଳମ୍ବେ, ତତ୍କ୍ଷଣାତ୍,
ସତ୍ୱର, ତ୍ୱରିତ । [ରେ ।
Instead, *ad.* ପରିବର୍ତ୍ତେ, ବଦଳରେ, ପାଲଟି-
Instep, *s.* ପାଦର ଉପରିଭାଗ, ଘୋଡ଼ର ପିଠି
Instigate, *v.* କୁମନ୍ତ୍ରଣା-ଦ, ଦୁଷ୍କର୍ମରେ ପ୍ରବୃତ୍ତ
କରାଇବାର । [ପରାମର୍ଶ ।
Instigation, *s.* କୁମନ୍ତ୍ରଣା, କୁପ୍ରବୃତ୍ତି, କୁ-
Instigator, *s.* ପ୍ରବର୍ତ୍ତକ, କୁମନ୍ତ୍ରଣାଦାୟକ,
କୁପରାମର୍ଶକ । [ମନେ ପ୍ରବେଶ କରାଇବାର ।
Instil, *v.* ଟୋପାପର ପଡ଼ିବାର, କ୍ରମେ୨ ଶିକ୍ଷା
Instinct, *s.* ସ୍ୱାଭାବିକଜ୍ଞାନ; ପଶୁବୁଦ୍ଧି ।
Instinctive, *a.* ସ୍ୱାଭାବିକ, ଅବିବେଚକ, ପଶୁ-
ବତ୍, ଜ୍ଞାନାତ୍ମକ । [ସେ ।
Instinctively, *ad.* ସ୍ୱଭାବତଃ, ଅନାଭ୍ୟା-
Institute, *v.* ସ୍ଥିର ବା ସ୍ଥାପନ-କ, ନୂତନ ବ୍ୟ-
ବସ୍ଥା ବା ନିୟମ-କ ।
Institute, *s.* ବ୍ୟବସ୍ଥା, ବିଧି, ଆଇନ, ନିୟମ ।
Institution, *s.* ବ୍ୟବସ୍ଥା, ସଂସ୍ଥାପନ, ବିଦ୍ୟା-
ମନ୍ଦିର ।

Institutor, *s.* ବ୍ୟବସ୍ଥାପକ, ସଂସ୍ଥାପକ ।
Instruct, *v.* ଉପଦେଶ ବା ଶିକ୍ଷା-ଦ, ଶିକ୍ଷା-
ଇବାର ।
Instruction, *s.* ଶିକ୍ଷା, ଉପଦେଶ ।
Instructions, *s.* ଆଜ୍ଞା, ବିଧାନ, ଆଦେଶ ।
Instructive, *a.* ଉପଦେଶକାରୀ, ଶିକ୍ଷା-
ଦାୟକ, ଉପଦେଶଯୋଗ୍ୟ । [ପକ, ଗୁରୁ ।
Instructor, *s.* ଶିକ୍ଷକ, ଉପଦେଶକ, ଅଧ୍ୟା-
Instrument, *s.* ଅସ୍ତ୍ରଶସ୍ତ୍ର, ଯନ୍ତ୍ର, ହତିଆର,
ଯନ୍ତ୍ରକଳ; ପଟା; କାରଣ, ହେତୁ । [ଜକ ।
Instrumental, *a.* ସାଧକ, କାରକ, ପ୍ରୟୋ-
Insubordinate, *a.* ଅଣାଜ୍ଞାକାରୀ, ଅବାଧ୍ୟ,
ଅବଶ, ଖେଚଡ଼ା ।
Insubordination, *s.* ଅବାଧ୍ୟତା, ଅବ-
ଶତା, ଅବିନୟ, ଧେଣ୍ଡାପଣ ।
Insufferable, *a.* ଅସହ୍ୟ, ଅସହନୀୟ, ଦୁଃ-
ସହ୍ୟ, ଅତିକ୍ଲିଷ୍ଟ, ଘୃଣ୍ୟ । [ଅପ୍ରତୁଲତା ।
Insufficiency, *s.* ଅପ୍ରଚୁରତା, ଅକ୍ଷମତା,
Insufficient, *a.* ଅପ୍ରଚୁର, ଅଯଥେଷ୍ଟ, ଅସ୍ତୁ-
ସାର, ନ ଅଣ୍ଟିବାର । [ଦ୍ୱୀପରେ ।
Insular, *a.* ଉପଦ୍ୱୀପସମ୍ବନ୍ଧୀୟ, ଉପଦ୍ୱୀପସ୍ଥ,
Insulated, *a.* ଅଲଗା, ପୃଥକ, ଭିନ୍ନ, ଅସଂଯୁକ୍ତ
Insult, *s.* ଅପମାନ, ଅମର୍ଯ୍ୟାଦା, ଅବଜ୍ଞା, ନିନ୍ଦା
Insult, *v.* ଅବଜ୍ଞା ବା ଅପମାନ ବା ତିରସ୍କାର
ବା ଅମର୍ଯ୍ୟାଦା-କ ।
Insuperable, *a.* ଅସାଧ୍ୟ, ଅଗମ୍ୟ, ଅତର-
ଣୀୟ, ଅଜେୟ, ଅପାର୍ଯ୍ୟ । [ସମ୍ଭାଳିବାର ।
Insupportable, *a.* ଅସହ୍ୟ, ଅକ୍ଷାନ୍ତବ୍ୟ, ନ
Insurance, *s.* ନୋକସାନର ଭରଣା କରୋ-
ବସ୍ତ, ବିମା । [ବନ୍ଦୋବସ୍ତ-କ ।
Insure, *v.* ବିମା-କ, କ୍ଷତି ବା ଅପଚୟ ପୂରଣର
Insurmountable, *a.* ଅଜେୟ, ଅନିବାର୍ଯ୍ୟ,
ଦୁଃସାଧ୍ୟ ।

Insurrection, *s.* ରାଜଦ୍ରୋହ, ଗଣ୍ଡଗୋଳ, ସ୍ୱଜନବିପକ୍ଷତା ।

Intact, *a.* ଅଖଣ୍ଡିତ, ଅସ୍ପୃଷ୍ଟ ।

Integer, *s.* ସମୁଦାୟ, ସମଗ୍ର, ଗୋଟା, ମୋଟ ।

Integral, *a.* ସବୁ, ଷୋଳଅଣା, ଅଖଣ୍ଡ, ପୂର୍ଣ୍ଣ

Integrity, *s.* ଅଖଣ୍ଡତା, ସାଧୁତା, ସରଳତା, ସୌଜନ୍ୟ ।

Integument, *s.* ଚର୍ମ, ତ୍ୱକ୍, ଛାଲ, ବକଳ ।

Intellect, *s.* ବୁଦ୍ଧି, ଚିତ୍ତ, ମନ, ପ୍ରବୋଧ, ଜ୍ଞାନ, ମାନସ ।

Intellectual, *a.* ମାନସିକ ବୁଦ୍ଧି ବା ଜ୍ଞାନସମ୍ବନ୍ଧୀୟ । [ସମାଚାର, ଖବର ।

Intelligence, *s.* ବୁଦ୍ଧି, ଜ୍ଞାନ, ବୋଧ, ସମ୍ବାଦ,

Intelligent, *a.* ବିଜ୍ଞ, ବୁଦ୍ଧିମାନ୍, ଜ୍ଞାନୀ, ନିପୁଣ

Intelligible, *a.* ସୁସ୍ପଷ୍ଟ, ବୋଧଗମ୍ୟ, ବୁଝିବାର । [ଭୋଜନପାନ, ମତ୍ତତା, ଅଧୈର୍ଯ୍ୟ ।

Intemperance, *s.* ଅପରିମିତାଚାର, ଅତି-

Intemperate, *a.* ଅପରିମିତାଚାରୀ, ପେଟୁକ, ମଦୁଆଳ, ରାଗୀ ।

Intend, *v.* ମନସ୍ଥ ବା ମନେ ବା ବାଞ୍ଛା-କ ।

Intense, *a.* ଅତ୍ୟନ୍ତ, ଅତିଶୟ, ବଡ, ଏକାନ୍ତ

Intensely, *ad.* ଅତିଶୟ ବା ଅତ୍ୟନ୍ତ ବା ଏକାନ୍ତରୂପେ । [ତିଣପଣ, ବ୍ୟଗ୍ରତା ।

Intensity, *s.* ଅତ୍ୟନ୍ତିକତା, ଅତିଶଯ୍ୟ, କ-

Intent, *a.* ସଚେଷ୍ଟ, ମନୋନିବିଷ୍ଟ, ପରିଶ୍ରମୀ; *s.* ମାନସ, ଅଭିପ୍ରାୟ । [ଚେଷ୍ଟା, ମତଲବ ।

Intention, *s.* ଅଭିପ୍ରାୟ, ମାନସ, ଭାବ,

Intentional, *a.* ଜ୍ଞାନପୂର୍ବକ, ଜ୍ଞାନକୃତ-ହ ।

Intently, *ad.* ଏକାନ୍ତ ବା ଆବିଷ୍ଟଚିତ୍ତେ, ମନୋଯୋଗ ବା ବ୍ୟଗ୍ରତାପୂର୍ବକ ।

Inter, *v.* ପୋତିବାର, ସମାଧି ବା କବର-ଦ ।

Intercede, *v.* ପରପାଇଁ ମାଗିବାର ବା ପ୍ରାର୍ଥନା-କ, ମଧ୍ୟସ୍ଥ ବା ପ୍ରତିନିଧି-ହ ।

Intercept, *v.* ଅଟକାଇବାର, ବାଧା ବା ବନ୍ଦ-କ, ବାଟେ ଧରିବାର । [ପ୍ରାର୍ଥନା ।

Intercession, *s.* ମଧ୍ୟସ୍ଥପଣ, ପରପାଇଁ ମଙ୍ଗଳ

Intercessor, *s.* ମଧ୍ୟସ୍ଥ, ପରପାଇଁପ୍ରାର୍ଥକ ବା ନିବେଦନକାରୀ ।

Interchange, *s.* ପରିବର୍ତ୍ତ ବା ବଦଳ; *v.* ଆଦାନପ୍ରଦାନ ବା ବଦଳାବଦଳି-କ ।

Interchangeable, *a.* ପରିବର୍ତ୍ତନୀୟ, ବଦଳଯୋଗ୍ୟ । [କଥାବାର୍ତ୍ତା ।

Intercourse, *s.* ଆଇକାତ, ସମ୍ପର୍କ, ଆଳାପ,

Interdict, *v.* ନିବାରଣ ବା ନିଷେଧ ବା ମନା-କ

Interdict, *s.* ନିଷେଧ, ନିବାରଣ, ମନା, ଅଟକାଇବାର । [ନିବାରଣକାରୀ ।

Interdictory, *a.* ନିଷେଧକାରୀ, ନିଷେଧକ,

Interest, *v.* ମନୋଯୋଗ-କ, ସ୍ୱାର୍ଥ ବା ସମ୍ପର୍କ ରଖିବାର, ଅଂଶୀ-ହ । [ବିଆଜ, ମୁନାଫା ।

Interest, *s.* ଲାଭ, ଅଂଶ, ସ୍ୱାର୍ଥ, ସମ୍ପର୍କ, ସୁଧ,

Interesting, *a.* ମନୋହର, ମନୋରମ୍ୟ, ସୁନ୍ଦର ।

Interfere, *v.* ହାତ-ଦ, ପରସ୍ୱାଧିକାର ଚର୍ଚ୍ଚା-କ

Interference, *s.* ପର କାର୍ଯ୍ୟରେ ହାତ-ଦ, ପରସ୍ୱାଧିକାର ଚର୍ଚ୍ଚା ।

Interjection, *s.* ଆଶ୍ଚର୍ଯ୍ୟ ବା ଦୁଃଖାଦି ବୋଧକ ଅବ୍ୟୟ ଶବ୍ଦ, ଯଥା ଆହା, ଉହୁ, ହାୟ ।

Interim, *s.* ମଧ୍ୟକାଳ, ଏଥିମଧ୍ୟରେ ।

Interior, *a.* ମଧ୍ୟସ୍ଥ, ମଧ୍ୟବର୍ତ୍ତି, ଅନ୍ତରସ୍ଥ; ଅନ୍ତରସ୍ଥ ।

Interlard, *v.* ଚିତ୍ରବିଚିତ୍ର- ରଙ୍ଗବେରଙ୍ଗ-କ ।

Interleave, *v.* ପ୍ରତ୍ୟେକ ପୃଷ୍ଠାନ୍ତରରେ ଖାଦା କାଗଜ-ଦ । [ବାର ।

Interline, *v.* ଦୁଇ ଧାଡିର ମଧ୍ୟରେ ଲେଖି-

Interloper, *s.* ପରସ୍ୱାଧିକାରରେ ପ୍ରବେଶକ, ଅନାମନ୍ତ୍ରିତାଗତି, ଅନଧିକାରଚର୍ଚ୍ଚକ ।

Interlude, *s.* ଯାହା ମଧ୍ୟରେ କୌତୁକ ବା
ଖେଳା । [ବିବାହ ।
Intermarriage, *s.* ଦୁଇକୁଳର ପରସ୍ପର
Intermeddle, *v.* ପରକାର୍ଯ୍ୟରେ ହାତ-ଦ,
ଉବୁଡା ପଡବାର, ମଧ୍ୟସ୍ଥ-ହ । [ମଧ୍ୟମ ।
Intermediate, *a.* ମଧ୍ୟସ୍ଥିତ, ମଧ୍ୟବର୍ତ୍ତୀ,
Interment, *s.* ପୋତ-ଦ, କବର ବା ସ-
ମାଧି-କ । [ସଦାକାଳ ।
Interminable, *a.* ଅସୀମ, ଅଶେଷ, ଅନନ୍ତ,
Intermingle, *v.* ମିଶ୍ରିତ ବା ମିଳନ-କ, ମି-
ଶାଇବାର । [ପଦେ୨ ରହିବାର ।
Intermission, *s.* ବିଶ୍ରାମ, ନିବୃତ୍ତି, ବିରତି,
Intermit, *v.* କିଞ୍ଚିତ୍କାଳ ନିବୃତ୍ତି-କ, ମଧ୍ୟେ୨
ଉପଶମ-ହ । [ଲିକସବ୍ଦ ପର ।
Intermittent, *a.* ଅନିତ୍ୟ, ଅନିୟମିତ, ପା-
Intermix, *v.* ମିଶାଇବାର, ମିଳନ-କ ।
Intermixture, *s.* ନାନାଦ୍ରବ୍ୟର ମିଶ୍ରିତବସ୍ତୁ ।
Internal, *a.* ଆନ୍ତରିକ, ଅନ୍ତରସ୍ଥ, ମଧ୍ୟବର୍ତ୍ତୀ,
mental, ମାନସିକ । [ମନମଧ୍ୟରେ ।
Internally, *ad.* ଭିତରେ, ଅନ୍ତରେ, ମନରେ,
Interpolate, *v.* ପର ରଚନାରେ ବାକ୍ୟାନ୍ତର
ଲେଖିବାର, କଳ୍ପିତ ବା କୃତ୍ରିମ-କ ।
Interpose, *v.* ପରାର୍ଥେ ପ୍ରାର୍ଥନା-କ, ମଧ୍ୟବର୍ତ୍ତି-
ହ, ମଧ୍ୟସ୍ଥ-ହ ।
Interposition, *s.* ପରପାଇଁ ପ୍ରାର୍ଥନା, ମଧ୍ୟ-
ସ୍ଥତା, ମଧ୍ୟସ୍ଥାଳୀ । [ବାର, ଭାଷାନ୍ତର-କ ।
Interpret, *v.* ଅର୍ଥ ବା ବ୍ୟାଖ୍ୟା-କ, ବୁଝାଇ-
Interpretation, *s.* ଅର୍ଥ, ତର୍ଜମା, ବ୍ୟାଖ୍ୟା,
ମାନେ । [ର୍ଜମାକର୍ତ୍ତା ।
Interpreter, *s.* ଦୋଭାଷୀ, ଅର୍ଥକାରୀ, ତ-
Interregnum, *s.* ଅରାଜକାବସ୍ଥା ବା କାଳ,
ରାଜାଶୂନ୍ୟ । [ଦ୍ୱାରା ପରୀକ୍ଷା-କ ।
Interrogate, *v.* ପ୍ରଶ୍ନ-କ, ପଚାରିବାର, ପ୍ରଶ୍ନ-

Interrogation, *s.* ପ୍ରଶ୍ନ, ପଚାରଣ, ପ୍ରଶ୍ନ-
ବୋଧକ ଚିହ୍ନ, ଯଥା (?) ।
Interrogative, *a.* ପଚାରିବାର କଥା, ଯଥା
କି, କେ କାହିଁ, ପ୍ରଶ୍ନବାଚ୍ୟ । [ବିଶିଷ୍ଟ ।
Interrogatory, *s.* ପ୍ରଶ୍ନ, ସଉଆଲ, *a.* ପ୍ରଶ୍ନ
Interrupt, *v.* ବାଧା-ଦ, ଅଟକ ବା ବ୍ୟାଘାତ
ବା ବନ୍ଦ-କ । [ଭଙ୍ଗା, ବିଚ୍ଛେଦ ।
Interruption, *s.* ବ୍ୟାଘାତ, ବାଧା, ଅଟକ,
Intersect, *v.* ଦ୍ୱିଭାଗ ବା ଦ୍ୱିଖଣ୍ଡ-କ, କାଟିବାର,
ଛେଦିବାର । [ତେଣେ ପକାଇବାର ।
Intersperse, *v.* ବୁଣିବାର, ବିଞ୍ଚିବାର, ଏଣେ-
Interstice, *s.* ଫାଙ୍କ, ଛିଦ୍ର, ଫାଟ, ଚିପ, ଦୁଇ
ଦ୍ରବ୍ୟ ମଧ୍ୟସ୍ଥଳ । [ବାର ।
Intertwine, *v.* ଲଟାରେ ଲଟାଇବାର, ଗୁନ୍ଥି-
Interval, *s.* ମଧ୍ୟକାଳ, ଅଭ୍ୟନ୍ତର ସମୟ,
ମଧ୍ୟ ।
Intervene, *v.* ମଧ୍ୟସ୍ଥ ବା ମଧ୍ୟବର୍ତ୍ତି-ହ ।
Intervention, *s.* ବ୍ୟବଧାନ, ମଧ୍ୟସ୍ଥତା,
ମଧ୍ୟବର୍ତ୍ତିତା, ସାହାଯ୍ୟ ।
Interview, *s.* ସାକ୍ଷାତ, ଆଳାପ, ସନ୍ଦର୍ଶନ,
ଦେଖାଶୁଣା, ମୁଲାକାତ ।
Intestate, *a.* ବିନାଦାନପତ୍ରେ ମରିବାର ।
Intestine, *a.* ଅନ୍ତର୍ବର୍ତ୍ତୀ, ସ୍ୱଦେଶୀୟ, ଅନ୍ତରସ୍ଥ
Intestines, *s.* ଅନ୍ତ୍ର, ଅନ୍ତ, ନାଡି, ନାଡିଭୁଣ୍ଡି ।
Intimacy, *s.* ଭାବ, ଆତ୍ମୀୟତା, ମିତ୍ରପଣ,
ବନ୍ଧୁତା, ଅନ୍ତରଙ୍ଗତା, ସଙ୍ଗ ।
Intimate, *a.* ଆତ୍ମୀୟ, ଜ୍ଞାତ, ଅନ୍ତରଙ୍ଗ, ଜ୍ଞାତ-
ସାର, ସନ୍ନିକଟ । [ଙ୍କେତ-କ, ଠାରିବାର, ।
Intimate, *v.* ଜଣାଇବାର, ସମ୍ବାଦ-ଦ, ସ-
Intimation, *s.* ଇଙ୍ଗିତ, ସଙ୍କେତ ବାକ୍ୟ,
ଠାର, ବିଜ୍ଞାପନ, ଇସାରା ।
Intimidate, *v.* ଭୀତ-କ, ଭୟ ଦେଖାଇବାର,
ଡରାଇବାର ।

Into, *pr.* ରେ, ମଧ୍ୟରେ, ଭିତରେ ।

Intolerable, *a.* ଅସହ୍ୟ, ନ ସହିବା ଭଳି, ଅତି-
ଶୟ ମନ୍ଦ ବା କଠିଣ । [ନିର୍ଦ୍ଦୟ ।

Intolerant, *a.* ପରଧର୍ମାସହିଷ୍ଣୁ ବା ଦ୍ୱେଷୀ,

Intomb, *v.* ପୋତିବାର, କବର ବା ସମାଧି-ଦେ ।

Intonation, *s.* ଉଚ୍ଚାରଣର ଧାରା, ସ୍ୱର ବା ଧ୍ୱନି

Intoxicate, *v.* ମତ୍ତ-କ, ବିହ୍ୱଳ ବା ମଗୁଆଲା-କ

Intoxication, *s.* ମତ୍ତତା, ମଗୁଆଲାପଣ,
ବିହ୍ୱଳତା, ଉନ୍ମତ୍ତତା, ଉନ୍ମାଦ ।

Intractable, *a.* ଅବାଧ୍ୟ, ଅଦମ୍ୟ, ଅବଶ,
ଅନାୟତ୍ତ, ଅମଣା ।

Intreat, *v.* ନିବେଦନ ବା ମିନତି-କ, ନମ୍ରତା-
ରୂପେ ମାଗିବାର ।

Intrench, *v.* ଗଡଖାଇ ବା ବେଷ୍ଟନ-କ,
କ୍ରମେ୨ ପର ଦ୍ରବ୍ୟରେ ଆକ୍ରମଣ-କ ।

Intrenchment, *s.* ଘେରବନ୍ଦ, ଗଡଖାଇ ବା
ବନ୍ଧ, ବେଷ୍ଟନ ।

Intrepid, *a.* ନିର୍ଭୟ, ସାହସୀ, ବୀର, ନିଶଙ୍କ ।

Intrepidity, *s.* ସାହସ, ବୀରତ୍ୱ, ବିକ୍ରମ,
ନିର୍ଭୟତା ।

Intricacy, *s.* ଅଡୁଆ, ଝଞ୍ଜଟ, ନଟଖଟ, ସଙ୍କଟ

Intricate, *a.* ଝଞ୍ଜଟିଆ, କଠିଣ, ନଟଖଟିଆ,
ଶକ୍ତ, ଦୁସ୍ତର । [ମନ୍ତ୍ରଣା ।

Intrigue, *s.* ଫନ୍ଦୀ, ଖଟ୍ଟଖେଟର, ଛଳ, କୁ-

Intrigue, *v.* ଫନ୍ଦୀ ବା ଛଳ ବା କୁମନ୍ତ୍ରଣା-କ ।

Intrinsic, *a.* ନିଜ, ପ୍ରକୃତ, ସ୍ୱାଭାବିକ, ସତ୍ୟ,
ଯଥାର୍ଥ ।

Introduce, *v.* ପ୍ରବେଶ କରାଇବାର, ସାକ୍ଷାତ୍-
କର-ଦ, ପରିଚୟ-ଦ, ଦର୍ଶାଇବାର ।

Introduction, *s.* ସାକ୍ଷାତ ବା ଦର୍ଶନ-ଦ,
ପ୍ରବେଶ-ଦ; ପୁସ୍ତକର ଆରମ୍ଭ, ଭୂମିକା ।

Introductory, *a.* ପୂର୍ବବର୍ତ୍ତୀ, ପ୍ରାଥମିକ, ଭୂ-
ମିକାସମ୍ବନ୍ଧୀୟ ।

Intrude, *v.* ଅନନୁମତି ବିନୁ ପ୍ରବେଶ-ହ, ପରା-
ଧିକାରରେ ହାତ-ଦ, ।

Intruder, *s.* ପରାଧିକାରରେ ଯେ ହାତ ଦିଏ ବା
ବିନାଅନୁମତି ଯେ ପ୍ରବେଶ ହୁଏ ।

Intrusion, *s.* ବିନାସମ୍ମତି ପ୍ରବେଶ-ହ ।

Intrust, *v.* ବିଶ୍ୱାସରେ ସମର୍ପଣ-କ, ଭାର-ଦ,
ଜିମ୍ମା-କ, ଗଚ୍ଛିଇବାର । [ଜ୍ଞାନ ।

Intuition, *s.* ସ୍ୱାଭାବିକ ବା ବିନାଶିକ୍ଷାରେ ପ୍ରାପ୍ତ-

Intuitive, *a.* ସ୍ୱାଭାବିକ ଜ୍ଞାନସମ୍ବନ୍ଧୀୟ ।

Intwine, *v.* ଲତାପରି ଜଡ ବା ଘେର-ହ ।

Inuendo, *s.* ଇଙ୍ଗିତ, ସଙ୍କେତ, ଠାର ।

Inundate, *v.* ଜଳପ୍ଲାବନ-କ, ଜଳରେ ଭସା-
ଇବାର ବା ମଗ୍ନ-କ । [ମଗ୍ନ ।

Inundation, *s.* ଜଳପ୍ଲାବନ, ବଢି, ଜଳରେ

Inure, *v.* ଅଭ୍ୟାସ-କ ବା କରାଇବାର, ପୁନଃ୨
ବ୍ୟବହାରରେ ପାରକ-କ । [ନିଷ୍ଫଳତା ।

Inutility, *s.* ବ୍ୟର୍ଥତା, ଅନର୍ଥକତା, ନିଷ୍କର୍ମତା ।

Invade, *v.* ଆକ୍ରମଣ ବା ଚଢାଉ-କ ।

Invader, *s.* ଆକ୍ରମଣକାରୀ, ଚଢାଉକାରକ,
ଶତ୍ରୁ, ପରାଧିକାରେ ପ୍ରବେଶକ ।

Invalid, *a.* ଅସିଦ୍ଧ, ବ୍ୟର୍ଥ, ଅସାର, ରଦ ବା
ଲୋପ-ହ ।

Invalid, *s.* ପୀଡିତବ୍ୟକ୍ତି, ବେଆରାମୀ, ଅସୁସ୍ଥ
ବା ବଳହୀନ ଲୋକ । [ରଦ କି ଲୋପ-କ ।

Invalidate, *v.* ଅଗ୍ରାହ୍ୟ-ଦୁର୍ବଳ-କ, ଅସିଦ୍ଧ ବା

Invaluable, *a.* ବହୁମୂଲ୍ୟ, ଅମୂଲ୍ୟ, ଅତ୍ୟୁତ୍ତମ

Invariable, *a.* ନିତ୍ୟ, ନିୟତ, ଅଟଳ, ସ୍ଥିର,
ସଦାସ୍ଥାୟୀ, ବିକାରରହିତ । [ବର୍ତ୍ତନୀୟ ରୂପେ ।

Invariably, *ad.* ନିତ୍ୟ୨, ସତତ, ଅପରି-

Invasion, *s.* ଚଢାଉ, ଆକ୍ରମଣ । [କ୍ଷିଆ ।

Invective, *s.* କଟୁବାକ୍ୟ, ତିରସ୍କାର, ଭର୍ତ୍ସନା,

Inveigh, *v.* କଟୁବାକ୍ୟ କହିବାର, ଅପବାଦ ବା
ଗ୍ଲାନି ବା ଭର୍ତ୍ସନା-କ ।

**Inveigle**, *v.* ଫୁସଲାଇବାର, ଭୁଲାଇବାର, କୁକର୍ମରେ ପ୍ରବର୍ତ୍ତାଇବାର ।

**Invent**, *v.* ସୃଷ୍ଟି ବା ରଚନା-କ, ବନାଇବାର, କଳ୍ପଣା ବା କୃତ୍ରିମ-କ । [କଳ୍ପଣା ।

**Invention**, *s.* ସୃଷ୍ଟି, ରଚନା, ଗଢଣ, ନିର୍ମାଣ,

**Inventor**, *s.* ନିର୍ମାଣକର୍ତ୍ତା, ରଚନାକର୍ତ୍ତା, ଜନକ, କଳ୍ପଣାକାରୀ । [ରସ୍ତ ।

**Inventory**, *s.* ତାଲିକା, ଜାପ୍ତ, ଫର୍ଦ୍ଦ, ଫେ-

**Inverse**, *a.* ବିପରୀତ, ଓଲଟା, ତଳଉପରେ ।

**Inversion**, *s.* ବ୍ୟତିକ୍ରମ, ଓଲଟାପ୍ରାବ, ବୈପରୀତ୍ୟ । [ରୀତ ବା ଓଲଟା-କ ।

**Invert**, *v.* ତଳଉପରେ-କ, ବ୍ୟତିକ୍ରମ ବା ବିପ-

**Invest**, *v.* ସଜ୍ଜିତ-କ, ସଜାଡବାର, ପଦରେ ନିଯୁକ୍ତ-କ, ଘେରିବାର ।

**Investigate**, *v.* ବିଚାର ବା ତଦନ୍ତ-କ, ତଦ୍ଦ-କ, ଅନୁସନ୍ଧାନ-କ ।

**Investigation**, *s.* ଅନୁସନ୍ଧାନ, ତଦାରକ, ବିଚାର, ବିତର୍କ, ବୁଝିବାର ।

**Investigator**, *s.* ଅନୁସନ୍ଧାନ ବା ବିତର୍କ ବା ବିଚାରକର୍ତ୍ତା, ପରୀକ୍ଷକ । [ପ୍ରତିଷ୍ଠାପଣ ।

**Investiture**, *s.* ପଦସ୍ଥକରଣ, ଅଧିକାରଦ,

**Investment**, *s.* ପୋଷାକ, ବସ୍ତ୍ରାଦି, ଏକ ଶେଷର ବାଣିଜ୍ୟର ମାଲ, ପଦାର୍ପଣ ।

**Inveteracy**, *s.* ବହୁକାଳସ୍ଥାୟିତ୍ୱ, ଶକ୍ତତା, ଦୁଷ୍ଟତା । [ଅତିଦୁଷ୍ଟ ।

**Inveterate**, *a.* ଚିରକାଳୀନ, ପୁରାତନ, ଶକ୍ତ,

**Invidious**, *a.* ଦ୍ୱେଷୀ, ଅନିଷ୍ଟାଭିବ, ହିଂସାପର

**Invidiousness**, *s.* ଦ୍ୱେଷ, ପରଶ୍ରୀକାତରତା, ଦ୍ୱେଷଜନକତା ।

**Invidiously**, *ad.* ଦ୍ୱେଷ ବା ଈର୍ଷାପୂର୍ବକ ।

**Invigorate**, *v.* ସତେଜ-କ, ସବଳ ବା ପୁଷ୍ଟ ବା ତେଜସ୍କର-କ ।

**Invigoration**, *s.* ସବଳ ବା ସତେଜକରଣ,

**Invincible**, *a.* ଅଜେୟ, ଅଜିତ, ଅପରାଜିତ,

**Inviolability**, *s.* ଅଲଙ୍ଘନୀୟତା । [ଅଦମ୍ୟ ।

**Inviolable**, *a.* ଅଲଙ୍ଘନୀୟ, ଅଟଳ, ଅଭଞ୍ଜନୀୟ ।

**Inviolate**, *a.* ଅଲଙ୍ଘିତ, ଅଭଗ୍ନ, ସ୍ଥିର, ଅଗୁଣ୍ଠ

**Invisibility**, *s.* ଅଦୃଶ୍ୟତା, ଅଗୋଚରତା ।

**Invisible**, *a.* ଅଦୃଶ୍ୟ, ଚକ୍ଷୁଅଗୋଚର, ଅଦେଖା, ଗୁପ୍ତ ।

**Invitation**, *s.* ନିମନ୍ତ୍ରଣ, ଆହ୍ୱାନ, ଆମନ୍ତ୍ରଣ, ଡାକ; note or card, ନିମନ୍ତ୍ରଣପତ୍ର ।

**Invite**, *v.* ନିମନ୍ତ୍ରଣ ବା ଆହ୍ୱାନ-କ, ଡାକିବାର, ଲୋଭ ଦେଖାଇବାର ।

**Invitingly**, *ad.* ମନୋହର ବା ରମ୍ୟରୂପେ ।

**Invocate**, **Invoke**, *v.* ସମ୍ବୋଧନ-କ, ବିନତି ବା ପ୍ରାର୍ଥନା-କ, ମାଗିବାର ।

**Invocation**, *s.* ପ୍ରାର୍ଥନା, ସମ୍ବୋଧନ, ଜପ ।

**Invoice**, *s.* ତାଲିକା, ପଠାଇଲା ବସ୍ତୁର ତାଲିକା, ଚାଲାନ ।

**Involuntarily**, *ad.* ଅନିଚ୍ଛାପୂର୍ବକ ।

**Involuntary**, *a.* ଅନିଚ୍ଛାରେ, ଅବଶ୍ୟାରୂ ।

**Involution**, *s.* ଗୁଡାଇବାର, ପଡୁଆ କ ପେଚ-ହ । [-କ, ଫାନେ ପକାଇବାର ।

**Involve**, *v.* ଜଡିତ-କ, ମୋଡିବାର, ସାମିଲ

**Invulnerable**, *a.* ଅନାଘାତୀୟ, ଅଭେଦ୍ୟ, ଅଜେୟ । [ମାଣସିକ ।

**Inward**, *a.* ଆନ୍ତରିକ, ଅନ୍ତରବର୍ତ୍ତୀ, ମଧ୍ୟବର୍ତ୍ତୀ,

**Inwardly**, *ad.* ଅନ୍ତରେ, ଭିତରେ, ଗୋପନେ, ମନେ । [ଭିତ ।

**Inwrought**, *a.* ଶିଳ୍ପକର୍ମ ଦ୍ୱାରା ଜଡିତ, ଶୋ-

**Ionic**, *a.* ଗୃହନିର୍ମାଣ ବିଦ୍ୟାରେ ସ୍ତମ୍ଭିବାର ଏକ ଧାରା ।

**Irascible**, *a.* କ୍ରୋଧାନ୍ୱିତ, ରାଗୀ, ରଗାଲ, ଉଗ୍ର ।

Irascibility, *s* କ୍ରୋଧ, ରାଗ, କୋପାବସ୍ଥା ।
Ire, *s.* କ୍ରୋଧ, ରାଗ, କୋପ ।
Iris, *s.* ଇନ୍ଦ୍ରଧନୁ, ଶକ୍ରଧନୁ, ଚକ୍ଷୁ ତାରାର ମଣ୍ଡଳ
Irksome, *a.* କ୍ଳେଶଦାୟକ, ଦୁଃଖଜନକ, ଦୁଷ୍କର ।
Iron, *s.* ଲୌହା, ଲୁହା, ଲୌହ, କାନ୍ତ ।
Iron, *a.* ଲୌହନିର୍ମିତ, ଲୌହମୟ, କଠିଣ, ନିଷ୍ଠୁର ।
Iron, *v.* ଲୁଗା ବା ବସ୍ତ୍ରରେ ଇସ୍ତ୍ରୀ-କ ।
Ironical, *a.* ଶ୍ଳେଷ ବା ବ୍ୟଙ୍ଗଯୁକ୍ତ; ଠାପସ ବା ଇଙ୍ଗିତବିଶିଷ୍ଟ ।
Ironically, *ad.* ଶ୍ଳେଷ ବା ବ୍ୟଙ୍ଗପୂର୍ବକ, ଅବକ୍ଷେପ ।
Ironmonger, *s.* ଲୌହଦ୍ରବ୍ୟ ବ୍ୟବସାୟୀ ।
Ironmould, *s.* ବସ୍ତ୍ରରେ ଲୌହର କଳଙ୍କ ବା ଦାଗ ।
Irony, *s.* ଶ୍ଳେଷ, ଠାପସ, ଇଙ୍ଗିତ, ଦ୍ୱ୍ୟର୍ଥବାକ୍ୟ
Irradiate, *v.* ଉଜ୍ଜ୍ୱଳ- ଦୀପ୍ତିମାନ- ତେଜସ୍କର-କ
Irradiation, *s.* ଦୀପ୍ତି, ତେଜ, ଶୋଭା, ଆଭା
Irrational, *a.* ବୁଦ୍ଧିବିରୋଧ, ପଶୁବତ୍ ନିର୍ବୋଧ । [ପଣ୍ଡ ।
Irrationally, *ad.* ନିର୍ବୋଧରୂପେ, ଅଯୌକ୍ତି-
Irreclaimable, *a.* ଅଶୋଧନୀୟ, ପଠୁପଢ-ଯିବାର, ଅତିଦୁଷ୍ଟ । [ଲନ ହୋଇ ନ ପାରେ ।
Irreconcilable, *a.* ଯାହାର ଐକ୍ୟ ବା ମି-
Irrecoverable, *a.* ପୁନରପି ନ ମିଳିବାର, ଯାହାର ପ୍ରତିକାର ନାହିଁ ।
Irrecoverably, *ad.* ନିରୁପାୟେ, ଅନୁର୍ଦ୍ଧାର୍ଯ୍ୟ ବା ଅନୁର୍ଦ୍ଧାରପୂର୍ବକ ।
Irrefragable, Irrefutable, *a.* ଅଖଣ୍ଡ-ନୀୟ, ପ୍ରମାଣସିଦ୍ଧ, ଅଟଳ ।
Irregular, *a.* ଅନିୟମିତ, ଅକ୍ରମିତ, ଅନୁଚିତ, ଅଶାସ୍ତ୍ର, ଉଚ୍ଛନ୍ନ ।

Irregularity, *s.* ବ୍ୟତିକ୍ରମ, ବ୍ୟବସ୍ଥାଲଙ୍ଘନ, ଅପରିମିତାଚାର ।
Irregularly, *ad.* ଅନିୟମିତରୂପେ, ଅକ୍ର-ମହିତପୂର୍ବକ ।
Irrelevant, *a.* ଅଯୁକ୍ତ, ଅସଙ୍ଗତ, ଅସମ୍ପର୍କୀୟ
Irreligion, *s.* ଅଧର୍ମ, ନାସ୍ତିକତା, ପାପାଚାର, ଦୁଷ୍ଟତା । [ଚାରୀ, ଧର୍ମରହିତ ।
Irreligious, *a.* ଅଧାର୍ମିକ, ପାଷଣ୍ଡ, ପାପା-
Irremediable, *a.* ନିରୁପାୟ, ଅପ୍ରତିକାର, ଉପାୟରହିତ । [ଚଳିବାର ।
Irremovable, *a.* ଅଲଙ୍ଘନୀୟ, ଅଚଳ, ନ
Irreparable, *a.* ଅପ୍ରତିକାର୍ଯ୍ୟ, ଉପାୟଶୂନ୍ୟ, ଅଶୋଧନୀୟ ।
Irreprehensible, *a.* ଅଦୂଷ୍ୟ, ଅନିନ୍ଦନୀୟ, ନିଷ୍କଳଙ୍କ, ନିର୍ଦ୍ଦୋଷୀ ।
Irreproachable, *a.* ନିଷ୍କଳଙ୍କ, ଅପବାଦ ବା ଭର୍ତ୍ସନା, ଅଯୋଗ୍ୟ । [ହୀନ ।
Irreprovable, *a.* ଅଦୂଷଣୀୟ, ଅନିନ୍ଦ୍ୟ, ନିଂ
Irresistible, *a.* ଯାହାକୁ ବାରଣ ବା ପ୍ରତି କରିବାକୁ ନୁହଇ । [ଶିଷ୍ଟ ।
Irresolute, *a.* ଅସ୍ଥିରମନା, ଚଞ୍ଚଳଚିତ୍ତ
Irresolution, *s.* ମନର ଅଧୈର୍ଯ୍ୟ, ଚଞ୍ଚଳ, ନିଃସାହସ, ସନ୍ଦେହ । [ତାହାହିତା, ଦ୍ୱନ୍ଦ୍ୱ ।
Irrespective, *a.* ଅସମ୍ପର୍କୀୟ, ଅନୁଦ୍ଦେଶ୍ୟ
Irresponsible, *a.* ଦାୟରହିତ, ଅନୁତ୍ତରସ୍ଥ
Irretrievable, *a.* ଅପ୍ରାପ୍ୟ, ଅନୁଦ୍ଧରଣୀୟ ।
Irreverence, *s.* ଅନାଦର, ଅପମାନ, ଅମ-ର୍ଯ୍ୟାଦା, ଅବଜ୍ଞା ।
Irreverent, *a.* ଅପମାନକାରୀ, ଅବଜ୍ଞାକାରୀ ।
Irreversible, Irrevocable, *a.* ଅପରି-ବର୍ତ୍ତନୀୟ, ଅଖଣ୍ଡନୀୟ, ଯାହାର ଅନ୍ୟଥା ହୋ-ଇ ନ ପାରେ ।
Irrigate, *v.* କ୍ଷେତ୍ରରେ ଜଳ-ଦ, ପାଣିସିଞ୍ଚିବାର

Irrigation, s. ଜଳସେଚନ, ଆର୍ଦ୍ରକରଣ ।
Irritability, s. ରାଗ, ରୋଷ, କ୍ରୋଧଶୀଳତ୍ୱ
Irritable, a. ରାଗୀ, କ୍ରୋଧୀ, କୋପାସକ୍ତ ।
Irritate, v. ରାଗ ବା କ୍ରୋଧ ବା କୋପଜନ୍ମାଇ-
ବାର, ଚିଡ଼ାଇବାର, ବିରକ୍ତ-କ । [କ୍ରଣ ।
Irruption, s. ଆକ୍ରମଣ, ଚଢ଼ାଉ; ବିସ୍ଫୋଟକ,
Is, v. ଅଛି, ଅଛଇ, ଅଛନ୍ତି, ହୁଅଇ ।
Isinglas, s. ମାଛ ଅନ୍ତର ଯେ ଶିରସ ଜନ୍ମଇ ।
Isle, Island, s. ଦ୍ୱୀପ, ଉପଦ୍ୱୀପ, ଟାପୁ ।
Islander, s. ଦ୍ୱୀପନିବାସୀ, ଉପଦ୍ୱୀପବାସୀ ।
Isolated, a. ପୃଥକ୍‌କୃତ, ଏକାକୀ, ଅଲଗା
ଏକଲା । [ସନ୍ତାନ ।
Issue, s. ନିର୍ଗତ, ଝର, ବାହାରକୁ-ହ, ଫଳ,
Issue, v. ନିର୍ଗତ-ହ, ଜନ୍ମିବାର, ଉଦ୍ଭବ-ହ ।
Isthmus, s. ଯୋଜକ, ଡମ୍ବରୁମଧ୍ୟ, ଦୁଇ
ଦ୍ୱୀପ ମଧ୍ୟସ୍ଥିତ ବାଟ ।
It, p. ତାହା, ତତ୍, ଏହା, ଇହା, ସେ, ସେହି ।
Italics, s. ବକ୍ରାକୃତ ଇଂରାଜୀ ଅକ୍ଷରବିଶେଷ ।
Itch, s. କଣ୍ଡୁରୋଗ, କାଛୁ, କୁଣ୍ଡିଆ; ନିରନ୍ତର
ବାସନା ।
Itch, v. ଗଲୁ-କ, କୁଣ୍ଡାଇ-ହ ।
Item, s. ନୂତନ ଦଫା ବା ବିଷୟ ବା ଦ୍ରବ୍ୟ ।
Iterate, v. ପୁନଃପୁନଃ କହିବାର ।
Itinerant, s. ଭ୍ରମଣକାରୀ, ପଥିକ, ପର୍ଯ୍ୟଟକ ।
Itinerary, s. ଦେଶ ଭ୍ରମଣର ବୃତ୍ତାନ୍ତଜ୍ଞାପକ
ପୁସ୍ତକ । [ବାର ।
Itinerate, v. ଭ୍ରମଣ-କ, ପର୍ଯ୍ୟଟନ-କ, ବୁଲି-
Itself, p. ସ୍ୱୟଂ, ନିଜ, ଆପେ ।
Ivory, s. ହସ୍ତିଦନ୍ତ, ଗଜଦନ୍ତ, କୁଞ୍ଜ ।
Ivy, s. ଲତାବୃକ୍ଷବିଶେଷ, ଯାହାର ପତ୍ରମଳିନ
କେବେ ନ ହୋଏ ।

## J.

Jabber, v. ବକୁବକ ବା ବଡ଼ବଡ଼-କ ।
Jabberer, s. ବକ୍‌ବକିୟା, ବଡ଼ବଡ଼ିୟା, ଅସ୍ପଷ୍ଟ-
Jacinth, s. ଫିରୋଜମଣି । [ବକ୍ତା ।
Jack, s. ଜାହାଜର କ୍ଷୁଦ୍ର ପତାକା, ଦମକଳ;
John ନାମର ଉପନାମ ।
Jackal, s. ଶୃଗାଳ, ବିଲୁଆ, ଗିଦଡ, ଶିୟାଳ ।
Jackanapes, s. ବାନର; ବସ୍ତ୍ରବିଳାସୀ ।
Jackdaw, s. କାକ ବା କୁଆବିଶେଷ ।
Jacket, s. ଅଙ୍ଗରଖା, ଜାକେଟ ।
Jack-o'lantern, s. ଆଲୁଅବିଶେଷ ।
Jade, s. ବୁଢ଼ା ଓ ଅକାମୀ ଘୋଡ଼ା, ଭ୍ରଷ୍ଟାସ୍ତ୍ରୀ ।
Jade, v. କ୍ଳାନ୍ତ- କ ନ୍ତ-କ ।
Jagg, v. ଘସକାଟିବାର, ଖାଞ୍ଜିକାଟିବାର ।
Jagged, a. କରତପରି ଦାନ୍ତ, ଅବଡ଼ଖାବଡ଼
Jail, s. କାରାଗାର, ବନ୍ଦିଘର, କୟେଦଖାନା ।
Jailer, s. କାରାଗାରରକ୍ଷକ, ବନ୍ଦିପାଳ ।
Jackfruit, s. କଣ୍ଟକଫଳ, ପଣସ ।
Jalap, s. ଜୁଲାପ, ରେଚକଔଷଧ ।
Jam, s. ମୋରବାବିଶେଷ, ଫଳର ମିଠାଇ ।
Jam, v. ଦୁଇଦ୍ରବ୍ୟର ମଧ୍ୟରେ ବନ୍ଦ-କ, ଠେସି
ଦେବାର । [ମାସର ନାମ ।
January, s. ଇଉରୋପୀୟ ସନର ପ୍ରଥମ
Japan, s. ଜପାନଦେଶ, ରୋଗଣ; -work,
ରୋଗଣୀକର୍ମ ।
Jar, v. ଝନଝନଶବ୍ଦ-କ, ଅମେଳନ-ହ, ଝଗଡ଼ା-କ
Jar, s. ଅନୈକ୍ୟ, ମୃତ୍ତିକାପାତ୍ର, ଜାହାଲି ।
Jargon, s. ଅପଭାଷା, ଅଶୁଦ୍ଧବାକ୍ୟ, ଖେଚଡ଼ା-
Jasper, s. ସୂର୍ଯ୍ୟକାନ୍ତମଣି । [କଥା ।
Jaundice, s. ପାଣ୍ଡୁରୋଗ, କାମଳବ୍ୟାଧି ।
Jaunt, v. ଏଣେତେଣେ ବୁଲିବାର, ଭ୍ରମଣ-କ
Javelin, s. ବର୍ଚ୍ଛା, ଶଲ୍ୟ, ବଡ଼ଶା ।

**Jaw**, *s.* ଚିବୁକ, ଗାଲପାଟି, ଓଷ୍ଠର ଅଧଭାଗ ।
**Jay**, *s.* ପକ୍ଷୀବିଶେଷ ।
**Jealous**, *a.* ଦ୍ୱେଷୀ, ସନ୍ଦେହଚିତ୍ତ, ଜାରଶଙ୍କିତ ।
**Jealousy**, *s.* ଜାରଶଙ୍କା, ଈର୍ଷ୍ୟା, ସନ୍ଦେହ, ପରର ବା ମନର ଜ୍ୱାଳା ।
**Jeer**, *v.* ଥଟ୍ଟା ବା ପରିହାସ ବା ଠାପସା-କ ।
**Jehovah**, *s.* ଯିହୋବାଃ, ପରମେଶ୍ୱର, ଅଦ୍ୱିତୀୟ ଈଶ୍ୱର ।
**Jejune**, *a.* ଶୂନ୍ୟ, ରସହୀନ, ଅସାର ।
**Jelly**, *s.* ମୁରବାବିଶେଷ ।
**Jeopardy**, *s.* ବିପଦ, ଦାୟ, ସଙ୍କଟ, ଦୁର୍ଗତି ।
**Jerk**, *s.* ଝିଙ୍କା, ଓଟରା । [ବାର ।
**Jerk**, *v.* ଝିଙ୍କିବାର, ଝିଙ୍କାମାରିବାର, ଓଟାର-
**Jest**, *s.* ପରିହାସ, ଠାପସା, ଥଟ୍ଟା ।
**Jester**, *s.* କୌତୁକୀ, ପରିହାସକ, ଭଣ୍ଡ, ହାସ୍ୟକାରୀ । [ଶେଷ ।
**Jesuit**, *s.* ରୋମାଣକାଥଲିକମତାବଲମ୍ବୀବି-
**Jesus**, *s.* ଯୀଶୁ, ଜଗତର ତ୍ରାଣକର୍ତ୍ତା ।
**Jet**, *s.* କଳା ପଥରବିଶେଷ; ଜଳଝରଣା ।
**Jew**, *s.* ଯିହୁଦୀୟ ଲୋକ ।
**Jewel**, *s.* ମଣି, ରତ୍ନ, ଅଳଙ୍କାର ।
**Jeweller**, *s.* ମଣିହାରୀ, ରତ୍ନଜୀବୀ ବା ବେପାରୀ
**Jew's-harp**, *s.* ଲୌହ ବାଦ୍ୟଯନ୍ତ୍ରବିଶେଷ ।
**Jig**, *s.* ନୃତ୍ୟ ବା ଗୀତବିଶେଷ ।
**Jilt**, *s.* ପ୍ରତାରକା ସ୍ତ୍ରୀ, ପ୍ରତାରଣୀ, ପ୍ରବଞ୍ଚିକା ।
**Jingle**, *v.* ଝଣଝଣ୍ ବା ଟିଣଟିଣ ଶବ୍ଦ-କ ।
**Job**, *s.* ଠିକାକର୍ମ, କାମ ।
**Job**, *v.* ପର ନାମରେ କ୍ରୟବିକ୍ରୟ-କ । [ଜୀବୀ ।
**Jobber**, *s.* ଦଲାଲି, ଠିକାଲୋକ, କ୍ଷୁଦ୍ର କର୍ମ-
**Jobwork**, *s.* ଠିକାକର୍ମ, ଚୁମ୍ଠାମ୍ । [ସିବାର ।
**Jockey**, *s.* ଅଶ୍ୱାରୋହୀ ବା ବ୍ୟବସାୟୀ, ଠକୁକ-
**Jocular**, **Jocose**, *a.* ରସିକ, କୌତୁକୀ, ମସ୍କରା ।

**Jocularity**, *s.* ରସିକତା, କୌତୁକ, ପରିହାସ
**Jocosely**, *ad.* ରସିକତାପୂର୍ବକ, ହାସ୍ୟସହ; କୌତୁକକ୍ରମେ ।
**Jocund**, *a.* ଆନନ୍ଦିତ, ପୁଲକିତ, ପ୍ରଫୁଲ୍ଲଚିତ୍ତ ।
**Jog**, *v.* ଧକ୍କା ମାରିବାର, ପେଲି ବା ଠେଲିଦ-
**Jog on**, *v.* ଧୀରେ୨ ଚାଲିବାର, ମନ୍ଦ୨ ଗମନ-କ
**Join**, *v.* ଯୋଡିବାର, ଯୁକ୍ତ-କ, ମିଳାଇ ବା
**Joiner**, *s.* ସୂତ୍ରଧର, ବଢ଼ାଇ । [ଲଗାଇବାର ।
**Joinery**, *s.* କାଠ ଯୋଡିବାକର୍ମ, ବଢ଼ାଇକର୍ମ
**Joint**, *s.* ସନ୍ଧି, ଗଣ୍ଠି, ଗ୍ରନ୍ଥି, ଦେହର ଗଣ୍ଠିସ୍ଥାନ ।
**Joint**, *v.* ଯୋଡ଼-ଦ, ଗଣ୍ଠି ପୃଥକ-କ ।
**Joint**, *a.* ସାଧାରଣ, ସଂଯୁକ୍ତ, ଅବିଭକ୍ତ, ଏକମାଲି । [ଯୋଗେ ।
**Jointly**, *ad.* ସାଧାରଣେ, ଏକତ୍ରେ, ସଂ-
**Jointure**, *s.* ଯୌତୁକ, ସ୍ତ୍ରୀଧନ, ବିଧବାର ଭୋଗାର୍ଥେ ସମ୍ପତ୍ତି ।
**Joke**, *v.* ବିଦ୍ରୂପ-କ, ଥଟ୍ଟା ବା ପରିହାସ-କ ।
**Joke**, *s.* ପରିହାସ, ଥଟ୍ଟା, କୌତୁକ, ତାମସା ।
**Jollity**, *s.* ହର୍ଷିତା, ରସିକତା, ପ୍ରଫୁଲ୍ଲତା, କୌତୁକ ।
**Jolly**, *a.* କୌତୁକୀ, ରସିକ, ପ୍ରଫୁଲ୍ଲ ।
**Jolly-boat**, *s.* ଜାହାଜର ଡୁଙ୍ଗୀ ବା କ୍ଷୁଦ୍ର ନୌକା ।
**Jolt**, *v.* ଲଡ଼ାଲଡ଼ି-କ, ହଲହଲ-କ ।
**Jostle**, *v.* ଧକ୍କାଧକ୍କି-କ, ଠେଲା ବା ପେଲା ମାରିବାର ।
**Jot**, *s.* ବିନ୍ଦୁ, ଅଣୁ, ତିଳ, ମାତ୍ରା । [ସମ୍ବାଦପତ୍ର ।
**Journal**, *s.* ରୋଜନାମା, ଦୈନିକ ବୃତ୍ତାନ୍ତର
**Journalist**, *s.* ସମ୍ବାଦପତ୍ର ଲେଖକ ।
**Journey**, *s.* ଯାତ୍ରା, ଦେଶଭ୍ରମଣ ବା ପର୍ଯ୍ୟଟନ; day's- ଦିନକର ବାଟ । [ଭ୍ରମଣ-କ ।
**Journey**, *v.* ଯାତ୍ରା-କ, ଦେଶ ବୁଲିବାର ବା
**Journeyman**, *s.* ଠିକାକର୍ମକାରକ, ଉଧରା ।

**Joust**, *v.* ଅସ୍ତ୍ରକୀଡା-କ, ମାଲଯୁଦ୍ଧ-କ ।
**Jovial**, *a.* କୌତୁକୀ, ରସିକ, ପ୍ରଫୁଲ୍ଲ ।
**Joy**, *s.* ଆନନ୍ଦ, ହର୍ଷ, ଆମୋଦ, ଖୁସ ।
**Joy**, *v.* ଆନନ୍ଦ ବା ଆମୋଦ-କ, ହର୍ଷିତ ବା ଉଲ୍ଲାସିତ-ହ ।
**Joyful**, *a.* ଆନନ୍ଦଯୁକ୍ତ, ହୃଷ୍ଟ, ତୁଷ୍ଟ, ଖୁସୀ ।
**Jubilee**, *s.* ମହୋତ୍ସବ, ପ୍ରଧାନପର୍ବ, ଆନନ୍ଦତ-ସମୟ । [ମତ ।
**Judaism**, *s.* ଯିହୁଦୀୟ ଲୋକମାନଙ୍କର ଧର୍ମ ବା
**Judge**, *s.* ବିଚାରକର୍ତ୍ତା, ନ୍ୟାୟକ, ଜଜ ।
**Judge**, *v.* ବିଚାର-କ, ବିବେଚନା କ ଡିକ୍ରୀଜ କରିବାର । [ଈଶ୍ୱରଙ୍କ ଦଣ୍ଡ ।
**Judgment**, *s.* ବିଚାର, ବିବେକ, ନିଷ୍ପତ୍ତି;
**Judicature**, *s.* ବିଚାରକରିବାର କ୍ଷମତା; Court of- ବିଚାର ଅଦାଲତ ।
**Judicial**, *a.* ବ୍ୟବସ୍ଥାନୁଯାୟୀ, ବିଚାରକାଣ୍ଡ, ଅଦାଲତର କଥା । [ସାରେ ।
**Judicially**, *ad.* ବ୍ୟବସ୍ଥାକ୍ରମେ, ନ୍ୟାୟାନୁ-
**Judicious**, *a.* ସୁବିବେଚକ, ବିଜ୍ଞ, ଜ୍ଞାନୀ, ବୁଦ୍ଧିମନ୍ତ
**Judiciously**, *ad.* ବିବେଚନାପୂର୍ବକ, ବିଜ୍ଞ-
**Jug**, *s.* ଜଳପାତ୍ରବିଶେଷ, କଲଶ । [ରୂପେ ।
**Juggle**, *v.* ଇନ୍ଦ୍ରଜାଲ ବା ଭେଲ୍କୀ- କୁହୁକ-କ
**Juggle**, *s.* ପ୍ରତାରଣା, ପ୍ରବଞ୍ଚନା, ଫାଁକି ।
**Juggler**, *s.* ଭେଲ୍କୀ, ବାଜିଗର, ଠକ ବାଜିଗର
**Juice**, *s.* ରସ, ନିର୍ଯ୍ୟାସ, କ୍ୱାଥ, ଅରକ ।
**Juicy**, *a.* ରସାଳ, ରସଯୁକ୍ତ, ସରସ, ରସମୟ
**July**, *s.* ଇଂଲଣ୍ଡୀୟ ବର୍ଷର ସପ୍ତମ ମାସର ନାମ
**Jumble**, *v.* ଅଡୁଆଡଡୁଆ ବା ଗୋଳମାଳ-କ
**Jump**, *v.* ଡିଆଁ କ, ଡେଇଁ ପଡିବାର, କୁଦା-
**Jump**, *s.* ଡିଆଁ, କୁଦା, ଡିଅଁ । [ମାରିବାର ।
**Junction**, *s.* ସଂଯୋଗ, ମେଳ, ଯୋଡ, ସନ୍ଧି । [କ୍ଷଣେ ।
**Juncture**, *s.* ସନ୍ଧି, ଯୋଗ, ସୁଯୋଗ; ସେହି-

T

**June**, *s.* ଇଂଲଣ୍ଡୀୟ ସନର ଷଷ୍ଠ ମାସର ନାମ ।
**Junior**, *s.* କନିଷ୍ଠ, ସାନ, ଛୋଟ, ଅନୁଜ ।
**Junk**, *s.* ଚୀନ ଦେଶର ଜାହାଜ, ପୁରୁଣା ରସି ବା ହାମାର । [ବିଶେଷ ।
**Junket**, *s.* ଗୁପ୍ତଭୋଜ, ବଣଭୋଜ, ସସ୍ୱାଦ-
**Junto**, *s.* ଗୁପ୍ତସମାଜ, କୁଚକ୍ର, କୁମନ୍ତ୍ରିର ସଙ୍ଘ
**Jupiter**, *s.* ବୃହସ୍ପତିଗ୍ରହ, ଗ୍ରୀକଦେଶୀୟ ଦେ-
**Juridical**, *a.* ବ୍ୟବସ୍ଥାନେ ବ୍ୟବହୃତ । [ବତା ।
**Jurisconsult**, *s.* ବ୍ୟବସ୍ଥାଦାୟକ, ସ୍ମୃତିଶାସ୍ତ୍ରଜ୍ଞ
**Jurisdiction**, *s.* ପ୍ରଭୁତ୍ୱର ଅଧିକାର, କ୍ଷମତା, ଅଧିକାରର ସୀମା । [ଧର୍ମଶାସ୍ତ୍ର ।
**Jurisprudence**, *s.* ବ୍ୟବସ୍ଥାବିଦ୍ୟା, ସ୍ମୃତିଶାସ୍ତ୍ର,
**Jury**, *s.* ବିଚାରାର୍ଥ ନିଯୁକ୍ତ ବାରଜଣ, ପଞ୍ଚାୟତ
**Juror, Juryman**, *s.* ଜୁରି ବା ପଞ୍ଚାୟତର ବ୍ୟକ୍ତି । [ମାସ୍ତୁଲ ।
**Jurymast**, *s.* ଭଗ୍ନ ମାସ୍ତୁଲର ବଦଳେ କ୍ଷୁଦ୍ର
**Just**, *a.* ଯଥାର୍ଥ, ପ୍ରକୃତ, ନ୍ୟାଯ୍ୟ, ଠିକ, ଧାର୍ମିକ
**Just**, *ad.* ଠିକ, କେବଳ, ପ୍ରାୟ, ହିଁ ।
**Justice**, *s.* ଯାଥାର୍ଥ୍ୟ, ସୁବିଚାର, ଧର୍ମ; ବି-ଚାରକର୍ତ୍ତା ।
**Justiciary**, *s.* ବିଚାରକର୍ତ୍ତା, ନ୍ୟାୟବିଚାରକ ।
**Justifiable**, *a.* ଯଥାର୍ଥ, ନ୍ୟାଯ୍ୟକରଣ ଯୋ-ଗ୍ୟ, ହେତୁବିଶିଷ୍ଟ, ବିଧିମତ ।
**Justification**, *s.* ପ୍ରତିବାଦ, ଦୋଷଖଣ୍ଡନ, ନିର୍ଦ୍ଦୋଷୀକରଣ, ମୁକ୍ତି । [ବାଦୀ ।
**Justifier**, *s.* ନିର୍ଦ୍ଦୋଷୀ ବା ରକ୍ଷାକର୍ତ୍ତା, ପ୍ରତି-
**Justify**, *v.* ପ୍ରତିବାଦ ବା ନିର୍ଦ୍ଦୋଷ-କ, ପାପ ମୋଚନ-କ । [ମତେ ।
**Justly**, *ad.* ଯଥାର୍ଥରୂପେ, ନ୍ୟାୟରେ, ଉଚିତ-
**Justness**, *s.* ଯାଥାର୍ଥ୍ୟ, ନ୍ୟାୟ, ସତ୍ୟତା,
**Jut**, *v.* ବାହାର ହୋଇ ପଡିବାର । [ଔଚିତ୍ୟ ।
**Juvenile**, *a.* ଯୁବକାଳୀନ, ତରୁଣ, ଯୁବା, ଯୌବନବିଶିଷ୍ଟ ।

**Juvenility**, *s.* ଯୌବନ, ଯୁବତ୍ୱ, ବାଲ୍ୟାବସ୍ଥା।
**Juxta-position**, *s.* ନିକଟାନିକଟି, ନୈକଟ୍ୟା-ବସ୍ଥା, ସାମୀପ୍ୟ।

## K.

**Kaleidoscope**, *s.* ଚିତ୍ରବୀକ୍ଷଣ ଯନ୍ତ୍ର।
**Kali**, *s.* ସମୁଦ୍ର ଶୈବାଳ, ଯାହାର ଭସ୍ମରେ କାଚ କରନ୍ତି, କ୍ଷାର।
**Kaw**, *s.* କୁଆର ରବ; *v.* କାଃ-କ।
**Kedge**, *s.* କ୍ଷୁଦ୍ର ନଙ୍ଗର।
**Keel**, *s.* ନାବର ମେରୁଦଣ୍ଡ, ପାଣିତଳସ୍ଥ।
**Keen**, *a.* ପ୍ରଖର, ଧାରୁଆ, ତୀକ୍ଷ୍ଣ, ଉଗ୍ର, କଠିନ।
**Keep**, *s.* କାରାଗାର; ରକ୍ଷା, ଭରଣପୋଷଣ।
**Keep**, *v.* ରଖିବାର, ଧରିବାର, ରକ୍ଷା ବା ପାଳନ-କ। [ରକ୍ଷାକର୍ତ୍ତା।
**Keeper**, *s.* ରକ୍ଷକ, ପ୍ରତିପାଳକ, ରଖୁଆଳ,
**Keeping**, *s.* ରକ୍ଷା, ଆଶ୍ରୟ, ଜିମ୍ମା।
**Keg**, *s.* କ୍ଷୁଦ୍ର ପିପା।
**Kelp**, *s.* ସମୁଦ୍ର ବୃକ୍ଷର ଭସ୍ମ।
**Ken**, *v.* ଦୂରରୁ ଦେଖିବାର ବା ଜାଣିବାର।
**Kennel**, *s.* କୁକ୍କୁରାଗାର ବା ଘର।
**Kerchief**, *s.* ମସ୍ତକାଚ୍ଛାଦନୀ, ଗାମୁଛା, ରୁମାଲ
**Kernel**, *s.* ମଞ୍ଜି, ଚୋପା, ଫଳର ଶସ୍ୟ।
**Kettle**, *s.* ଜଳ ଉଷ୍ଣ କରିବା ପାତ୍ର।
**Kettle-drum**, *s.* ନାଗରା, ତବଲବାଦ୍ୟ।
**Key**, *s.* ଚାବି, କୁଞ୍ଚି, କାଠି; ଅର୍ଥଦାୟୀ, ଅସ୍ପଷ୍ଟ ବିଷୟର ବ୍ୟାଖ୍ୟା। [ଛିଦ୍ର।
**Keyhole**, *s.* ତାଲାର ଚାବିଘର, କୋଲପଘର
**Keystone**, *s.* ଖିଲାନର ମଧ୍ୟସ୍ଥ ପଥର।
**Kick**, *s.* ପଦାଘାତ, ଗୋଇଠା, ନାତ।
**Kick**, *v.* ପଦାଘାତ-କ, ଗୋଇଠା ବା ନାତ ମାରିବାର।
**Kid**, *s.* ଛେଳି ବା ହରିଣର ଛୁଆ।

**Kidnap**, *v.* ବାଳକ ବା ମନୁଷ୍ୟ ଚୋରି-କ।
**Kidnapper**, *s.* ବାଳକ ବା ମନୁଷ୍ୟ ଚୋର।
**Kidney**, *s.* ଗୁର୍ଦ୍ଦା, ଯହିଁରେ ମୂତ୍ର ସଞ୍ଚିତ ହୁଏ।
**Kidney-bean**, *s.* ଶିମ ବା ଶିମ୍ବବିଶେଷ।
**Kill**, *v.* ହତ୍ୟା-କ, ବଧ ବା ପ୍ରାଣନାଶ-କ, ମାରିବାର।
**Kiln**, *s.* ଇଟା ଇତ୍ୟାଦିର ଭାଟୀ ବା ଚୁଲ୍ଲୀ।
**Kimbo**, *a.* ବଙ୍କା, ବକ୍ର, ବାଙ୍କ।
**Kin**, *s.* ଜ୍ଞାତି ବା ଆତ୍ମୀୟବର୍ଗ, କୁଟୁମ୍ବ।
**Kind**, *a.* ଦୟାଳୁ, ଦାତା, ପ୍ରସନ୍ନ।
**Kind**, *s.* ଜାତି, ସ୍ୱଭାବ, ପ୍ରକାର, ରକମ; in kind, ଜିନିସରେ। [ଲଗାଇବାର।
**Kindle**, *v.* ଅଗ୍ନି ଲଗାଇବାର, ପୋଡିବାର, ଉତ୍ତ-
**Kindly**, *ad.* ଅନୁଗ୍ରହ ବା ଦୟାପୂର୍ବକ।
**Kindness**, *s.* ଅନୁଗ୍ରହ, ଦୟା, କୃପା, କରୁଣା
**Kindred**, *s.* ବଂଶ, କୁଳ, କୁଟୁମ୍ବ ବା ଜ୍ଞାତି-ସମୂହ।
**Kindred**, *a.* ସଗୋତ୍ର, ସମଜାତି, ତୁଲ୍ୟ।
**Kine**, *s.* ଗାଈ ବା ଗୋସମୂହ। [ଶାହ।
**King**, *s.* ରାଜା, ରଜା, ଭୂପତି, ନୃପତି, ବାଦ-
**Kingdom**, *s.* ରାଜ୍ୟ, ରାଜତ୍ୱ, ରାଜାଧିକାର।
**Kingfisher**, *s.* ମାଛରଙ୍କା ପକ୍ଷୀ।
**Kingly**, *a.* ରାଜବତ୍, ରାଜାତୁଲ୍ୟ।
**King's-evil**, *s.* ଗଣ୍ଡମାଳାରୋଗ।
**Kingship**, *s.* ରାଜପଦ, ନୃପତିତ୍ୱ, ରାଜତା, ବାଦଶାହୀ। [ଜନ।
**Kinsfolk**, *s.* କୁଟୁମ୍ବ, ଜ୍ଞାତି, ସ୍ୱଜନ, ବନ୍ଧୁ-
**Kirk**, *s.* ସ୍କଟଲଣ୍ଡ ଦେଶର ଭଜନାଳୟ ବା ମଣ୍ଡଳୀ।
**Kiss**, *v.* ଚୁମ୍ବନ-କ, ଚୁମ୍ବା ବା ଚୁମା-ଦ।
**Kitchen**, *s.* ରନ୍ଧନଶାଳା, ରନ୍ଧଣାଘର, ବବୁ-ର୍ଚିଖାନା। [ଜଳ ସ୍ଥଳ।
**Kite**, *s.* ଚିଲପକ୍ଷୀ, ମାଛି ବା ଶଂଖଚିଲ; କାଗ-

**Kitten**, *s.* ବିରାଡ଼ ବା ବିଲେଇଛୁଆ ।
**Kitten**, *v.* ବିରାଡ଼ ପ୍ରସବ-କ୍ର ।
**Klick**, *s.* ଘଡ଼ିବତ୍‌ଶବ୍ଦ; *v.* ଘଡ଼ିପରି ଶବ୍ଦ-କ ।
**Knab**, *v.* କାମୁଡ଼ିବାର, ଦନ୍ତାଘାତ-କ ।
**Knack**, *s.* ଅଭ୍ୟାସ, ନିପୁଣତା, କୌଶଳ, ଗୁଣ
**Knap**, *s.* ବସ୍ତ୍ରଫୁଲ୍ଲ ବା ଅଁଶୁ ।
**Knapsack**, *s.* ସୈନ୍ୟମାନଙ୍କର ଥଳିବିଶେଷ, ବୋଝଗୁ ବା ଗଣ୍ଠିଲି ।
**Knave**, *s.* ଖଳ, ଶଠ, ପ୍ରବଞ୍ଚକ, ଜୁଆଚ୍ଚୋର ।
**Knavery**, *s.* ପ୍ରତାରଣା, ଶଠତା, ଚାତୁରୀ, ଧୂର୍ତ୍ତତା ।
**Knavish**, *a.* ଧୂର୍ତ୍ତ, ଖଳ, ବଞ୍ଚକ, ଠକ, କପଟୀ
**Knead**, *v.* ଦଳିବାର, ମଳିବାର ।
**Kneading-trough**, *s.* ରୁଟୀ ନିମନ୍ତେ ମଇଦା ଇତ୍ୟାଦି ଚକଟିବାର ପାତ୍ର ।
**Knee**, *s.* ଆଣ୍ଠୁ, kneepan, ଆଣ୍ଠୁର ଚକି ।
**Knee-deep**, *a.* ଆଣ୍ଠୁପର୍ଯ୍ୟନ୍ତ, ଆଣ୍ଠୁଏ ।
**Kneel**, *v.* ଆଣ୍ଠୁ ପୋତିବାର, ଆଣ୍ଠୁ ପାତି ବସିବାର
**Knell**, *s.* ଘଣ୍ଟାରଶବ୍ଦ, ମରଣକାଳର ଘଣ୍ଟାରଧ୍ୱନି
**Knife**, *s.* ଛୁରୀ, କତୀ, ଛେଷ; fishknife, &c., ପନିକି । [ରଞ୍ଜିର ଘୋଡ଼ା ।
**Knight**, *s.* ବୀର କୁଳୀନର ଉପାଧି; ଶତ-
**Knighthood**, *s.* କୁଳୀନର ମର୍ଯ୍ୟାଦା ବା ପଦ
**Knit**, *v.* କଳାତନ୍ତରେ ବୁଣିବାର, ଯୋଡ଼ିବାର
**Knitter**, *s.* ବୁଣିବା ଲୋକ, ବୁଣେ ଯେ ।
**Knitting-needle**, *s.* ବୁଣିବାର ଛୁଞ୍ଚି ।
**Knob**, *s.* ବୃକ୍ଷର ଗଣ୍ଠି, ଉଚ୍ଚାଙ୍ଗ, ବୃକ୍ଷର ଅବୁ ।
**Knock**, *v.* ଆଘାତ-କ, ମାରିବାର, ଠୋକର ଲାଗିବାର ।
**Knock**, *s.* ଆଘାତ, ଚୋଟ, ଠୋକର, ମାରଣ
**Knoll**, *s.* ଗୋଲାକାର କ୍ଷୁଦ୍ର ପର୍ବତ; *v.* ଘଣ୍ଟାଧ୍ୱନି-କ । [ସମାନ ।
**Knot**, *s.* ଗଣ୍ଠି, ଗିରା, ପର୍ବ; ସମ୍ବନ୍ଧ; ମେଳି,
**Knot**, *v.* ଗଣ୍ଠି ଦ ଗିରା-ଦ, ଯୋଡ଼ିବାର, ଯୋଗ-କ । [ଜଡ଼ିବାର ।
**Know**, *v.* ଜ୍ଞାତ-ହ, ଜାଣିବାର, ବୁଝିବାର
**Knowing**, *a.* ଜ୍ଞାତ, ବିଜ୍ଞ, ଚତୁର, ପ୍ରାଜ୍ଞ ।
**Knowingly**, *ad.* ଜାଣିଶୁଣି, ଜ୍ଞାନରେ, ଜ୍ଞାନପୂର୍ବକ । [ଣତା ।
**Knowledge**, *s.* ଜ୍ଞାନ, ବୁଦ୍ଧି, ବିଦ୍ୟା, ନିପୁ-
**Knuckle**, *s.* ଅଙ୍ଗୁଳିର ଗଣ୍ଠି ବା ପର୍ବ ।
**Knuckle**, *v.* ନମ୍ର ବା ବଶୀଭୂତ ବା ଅଧୀନ-ହ
**Koran**, *s.* ମହମ୍ମଦୀୟର ଧର୍ମଗ୍ରନ୍ଥ ।

## L.

**La!** *int.* ଚମତ୍କାରବୋଧକ ଶବ୍ଦ, ଦେଖ ।
**Label**, *s.* ଚିହ୍ନପତ୍ର, ନାମାଙ୍କିତଲିପି, ଟିକଟ ।
**Labial**, *s.* ଓଷ୍ଠଦ୍ୱାରା ଉଚ୍ଚରିତ, ଓଷ୍ଠ୍ୟ; -letters, ଓଷ୍ଠ୍ୟବର୍ଣ୍ଣ ।
**Laboratory**, *s.* ରସାୟନ ବା କିମିଆର କର୍ମଶାଳା; ଯୁଦ୍ଧାସ୍ତ୍ର ନିର୍ମାଣର ଘର । [ଦୁଷ୍କର ।
**Laborious**, *a.* ପରିଶ୍ରମୀ, କର୍ମଶୀଳ, ଉଦ୍ୟୋଗୀ,
**Laboriously**, *ad.* ପରିଶ୍ରମପୂର୍ବକ, କ୍ଳେଶ ବା ଯତ୍ନରେ । [ଯାତନା ।
**Labour**, *s.* ଶ୍ରମ, କର୍ମ, କାର୍ଯ୍ୟ, କ୍ଳେଶ; ପ୍ରସବ-
**Labour**, *v.* ଶ୍ରମ- ଉଦ୍ୟୋଗ-କ, ପ୍ରସବ ବେଦନା-ହ । [ଜନଖାଟି ।
**Labourer**, *s.* କର୍ମକାରୀ, ମୂଲିଆ, କୁଲି, ବେ-
**Labyrinth**, *s.* ବହୁପଥ, ନିବିଡ଼ବନ; କଟଗଟ-ସ୍ଥାନ, ବୋଧାଗମ୍ୟ । [ସଂଶୟ ।
**Lac**, *s.* ଅଲତା, ଲାକ୍ଷା, ଲୌ, ଜତୁ; ଲକ୍ଷ-
**Lace**, *s.* ସୂତାର ଜାଲି ବା ଫିତା, ଲେସ୍, ଜରି । [ବୁଣିବାର ।
**Lace**, *v.* ଫିତା ଦୋଉ ଦେଇ ବାନ୍ଧିବାର,
**Lacerate**, *v.* ବିଦାରିବାର, ଚିରିବାର, ଅଧୁଡ଼ିବାର ।

**Laceration**, *s.* ବିଦାରଣ, ଚିରଣ, ଆଞ୍ଚଡନ।
**Lachrymal**, *a.* ଅଶ୍ରୁଉତ୍ପାଦକ, ରୋଦନ-
ଜନକ। [-ହ।
**Lack**, *v.* ଅଭାବ ବା ହୀନ ବା ରହିତ ବା ଊଣା
**Lack**, *s.* ଅଭାବ, ଊଣା, କମୀ; ପ୍ରୟୋଜନ।
**Lacker**, *s.* ରୋଗଣବିଶେଷ; *v.* ରୋଗଣ ବା
ଲାଖରେ ଲିପ୍ତ-କ।
**Lackey**, *s.* ଦାସ, ଭୃତ୍ୟ, ଚାକର, ପିଅଦା।
**Laconic**, *a.* ଚୁମ୍ବକ, ଅଳ୍ପ, ସାର, ଅଳ୍ପ କଥା-
ରେ ଅନେକ ଅର୍ଥ।
**Lacteal**, *s.* ଅନ୍ନ ବା ଦୁଗ୍ଧରସ ପ୍ରବାହକ ନାଡି
**Lad**, *s.* ବାଳକ, ଟୋକା, ପିଲା, ଯୁବକସ୍ଥ।
**Ladder**, *s.* ସିଢି, ନିଶୁଣି, ମଇ, ସୋପାନ।
**Lade**, *v.* ବୋଝାଇ-କ, ଲଦାଇବାର, ବାହାର
କରି ପକାଇ-ଦ।
**Lading**, *s.* ବୋଝାଇ, ବୋଝ, ଭାର; Bill
of- ନୌକାର ବୋଝାଇ ବା ମାଲର ଏକସ୍ତର-
ନାମା। [ଡଙ୍କା।
**Ladle**, *s.* ହତା, ବଡ ଚାମଚ; wooden,
**Lady**, *s.* ମାନ୍ୟାସ୍ତ୍ରୀ, ସାଆନ୍ତାଣୀ, କୁଳୀନ
ସ୍ତ୍ରୀର ଉପାଧି।
**Lady-bird**, *s.* ଇନ୍ଦ୍ରଗୋପ କୀଟବିଶେଷ।
**Lady-day**, *s.* ମାର୍ଚ୍ଚ ମାସର ୨୫ ତାରିଖ।
**Ladylike**, *a.* ଶିଷ୍ଟାସ୍ତ୍ରୀର ଉଚିତ ବ୍ୟବହାର,
ସଭ୍ୟ। [ଉପାଧି।
**Ladyship**, *s.* ସମ୍ଭ୍ରାନ୍ତାର ବା ଠାକୁରାଣୀର
**Lag**, *v.* ପଛେ ପଡିବାର, ବିଳମ୍ବ- ଦେଖା-କ।
**Lair**, *s.* ବନ୍ୟ ପଶୁର ବସା, ଗହ୍ୱର।
**Laird**, *s.* ସ୍କଟଲଣ୍ଡଦେଶର ଜମିଦାର ବା ଭୂ-
ମ୍ୟଧ୍ୟକ୍ଷ।
**Laity**, *s.* ଧର୍ମୋପଦେଶକ ବ୍ୟକ୍ତି ଭିନ୍ନ ସାମାନ୍ୟ
ଲୋକସମୂହ।
**Lake**, *s.* ହ୍ରଦ, ସରୋବର, ଝିଲ, ଜଳାଶୟ,

**Lama**, *s.* ଭୋଟଦେଶର ମହାଧର୍ମାଧ୍ୟକ୍ଷ।
**Lamb**, *s.* ମେଣ୍ଢାଛୁଆ, ମେଷଶାବକ, ଯୁବା-
ମେଷ।
**Lambent**, *a.* ଚଞ୍ଚଳ, ଶିଖାବାନ, ଉଜ୍ଜ୍ୱଳିତ।
**Lambkin**, *s.* କ୍ଷୁଦ୍ର ମେଷଶାବକ ବା ଛୁଆ।
**Lame**, *a.* ଖୋଟା, ନେଙ୍ଗଡା, ପଙ୍ଗୁ, ଅସମ୍ପୂର୍ଣ୍ଣ।
**Lame**, *v.* ନେଙ୍ଗଡା-କ, ଖୋଟା-କ।
**Lament**, *v.* ବିଳାପ ବା ଶୋକ ବା ରୋଦନ
-କ, କାନ୍ଦିବାର। [ଖେଦଯୁକ୍ତ।
**Lamentable**, *a.* ବିଳାପନୀୟ, ଶୋକାର୍ତ୍ତ,
**Lamentation**, *s.* ବିଳାପ, କ୍ରନ୍ଦନ, ରୋଦନ,
ଖେଦ, ହାହାକାର।
**Lamp**, *s.* ଦୀପ, ପ୍ରଦୀପ, ଚେରାଗ୍, ଦଉଟି।
**Lampblack**, *s.* ଭୁଷାକାଳୀ, ତେଲକାଳୀ,
କଜ୍ଜ୍ୱଳ।
**Lampoon**, *s.* ଅପବାଦକଥା, ଥଟ୍ଟା, ଠାଟ୍ଟା।
**Lamprey**, *s.* ବାଇନ୍ ମତ୍ସ୍ୟବିଶେଷ।
**Lance**, *s.* ବର୍ଚ୍ଛା, ଶୂଳ, ଭାଲା, ବଲ୍ଲମ।
**Lance**, *v.* ଭେଦ-କ, ଚିରିବାର, କାଟିବାର।
**Lancet**, *s.* ନେଲକାର, ରକ୍ତ କାଢିବାର ଅସ୍ତ୍ର।
**Land**, *s.* ଭୂମି, ମାଟି, ସ୍ଥଳ, ଦେଶ, ପ୍ରଦେଶ,
ରାଜ୍ୟ, ଜମି।
**Land**, *v.* ଡଙ୍ଗାରେ ଉତୁରିବାର, ଓହ୍ଲାଇବାର
**Landed**, *a.* ସ୍ଥାବରସମ୍ପତ୍ତିବିଶିଷ୍ଟ।
**Landholder**, *s.* ଭୂମ୍ୟଧିକାରୀ, ଜମିଦାର,
ତାଲୁକଦାର।
**Landing**, *s.* ଡଙ୍ଗାରୁ ଓହ୍ଲାଇବାର ସ୍ଥାନ,
ଉତୁରିବାର ଘାଟ, ଗୁଠ, କୂଳ। [ଅର୍ଦ୍ଧ।
**Landlady**, *s.* ଭର୍ତ୍ତ୍ରୀ, ଗୃହକର୍ତ୍ତ୍ରୀ, ସରା-
**Landlord**, *s.* ଭୂସ୍ୱାମୀ, ଭୂମ୍ୟଧିକାରୀ।
**Landmark**, *s.* ଭୂମିର ସରହଦ ବା ସୀମାର
ଚିହ୍ନ। [ନକ୍ସା।
**Landscape**, *s.* ବିଶେଷ ପ୍ରଦେଶର ଛବି ବା

**Land-tax**, *s.* ଭୂମିର ଖାଜଣା, ଟେକ୍ସ ।
**Lane**, *s.* ଗଳିବାଟ, ଗୋହିରିବାଟ ।
**Language**, *s.* ଭାଷା, କଥା, ବୋଲି; style, କଥା ଧାରା ।
**Languid**, *s.* ଅବଶ, ଦୁର୍ବଳ, କ୍ଳାନ୍ତ, କ୍ଷୀଣ ।
**Languish**, *v.* ଅବସନ୍ନ ବା ଦୁର୍ବଳ ବା କ୍ଳିଷ୍ଟ-ହ ।
**Languor**, *s.* କ୍ଷୀଣତା, ଦୁର୍ବଳତା, କ୍ଳାନ୍ତତା ।
**Lank**, *a.* କୃଶ, ସରୁଆ, କ୍ଷୀଣ ପାତଳ ।
**Lankness**, *s.* କ୍ଷୀଣତା, ଅସ୍ଥୂଳତା, କୃଶତା ।
**Lantern**, *s.* ଲଣ୍ଠନ, ଆଲୁଅଆଦିକର୍ମିତ ଧାସାଧାର, ଫାନୁସ ।
**Lap**, *v.* ଜିଭ ପାନ-କ, ଲେହନ-କ; ବେଷ୍ଟନ-କ
**Lap**, *s.* ଅଣ୍ଟି, କୋଳ, କ୍ରୋଡ, କାଖ ।
**Lapdog**, *s.* ସ୍ତ୍ରୀଲୋକର ପ୍ରିୟ ସାନ କୁକ୍କୁର ।
**Lapidary**, *s.* ମଣିକାର, ରତ୍ନଧରସ୍କାରକ, ମଣିହାରୀ । [ଭ୍ରଷ୍ଟ ।
**Lappet**, *s.* ପିନ୍ଧିବା ଲୁଗାର ଓହ୍ଲୋଳିବାର
**Lapse**, *s.* ସ୍ରୋତ, ଗମନ, ପତନ । [ଲୁପ୍ତ-ହ ।
**Lapse**, *v.* ବହି ଯିବାର; ପତିତ-ହ, ଅଧିକାର
**Lapwing**, *s.* ଡେଣ୍ଡୋଇପକ୍ଷୀ, ଟିଟ୍ଟିଭ ।
**Larboard**, *s.* ଜାହାଜର ବାମ ପାର୍ଶ୍ୱ ବା ପାଖ
**Larceny**, *s.* ସାନଚୋରି, ସହଜଚୋରି ।
**Lard**, *s.* ଶୂକର ବା ଘୁଷୁରିର ଚର୍ବି, ବସା ।
**Larder**, *s.* ମାଂସ ରଖିବାର ସ୍ଥାନ ବା କୁଠରି
**Large**, *a.* ବଡ, ବୃହତ୍, ସ୍ଥୂଳ, ମହତ୍, ଚୌଡା
**Largely**, *ad.* ବାହୁଲ୍ୟ ବା ପ୍ରଶସ୍ତ ବା ଯଥେଷ୍ଟ ବା ବସ୍ତୃତରୂପେ ।
**Largeness**, *s.* ବୃହତ୍ତ୍ୱ, ବାହୁଲ୍ୟ, ପ୍ରସାର ।
**Largess**, *s.* ପାରିତୋଷିକ, ଦାନ, ବକଶିସ ।
**Lark**, *s.* ଭରଦପକ୍ଷୀ, ଭରଦ୍ୱାଜ ।
**Larva**, *s.* କୀଟର ଅଣ୍ଡା ବା ଛୁଆ ।
**Larynx**, *s.* ଗଳାରନଳୀ, ଶ୍ୱାସନଳୀ ।

**Lascar**, *s.* ଏତଦ୍ଦେଶୀୟ ମଲ୍ଲା ବା ଖଲାସୀ ।
**Lascivious**, *a.* କାମୁକ, ଲମ୍ପଟ, କାମୀ, ଲୋଭୀ
**Lasciviousness**, *s.* କାମୁକତା, ଲମ୍ପଟ୍ୟ, ଲୋଭୀତା । [କୋଡାର ଅଘାତ ।
**Lash**, *s.* କୋଡା, ଚାବୁକ, ଚାବୁକର ଘାଉ,
**Lash**, *v.* କୋଡାମାରିବାର, ପ୍ରହାର-କ; ଦଉଡିଦେଇ ବାନ୍ଧିବାର ।
**Lass**, *s.* ବାଳିକା, ଟୋକୀ, କନ୍ୟା ।
**Lassitude**, *s.* କ୍ଳାନ୍ତତା, ବିଷାଦ, ଦୁର୍ବଳତା
**Last**, *a.* ଶେଷ, ଅନ୍ତ୍ୟ, ପ୍ରାନ୍ତ, ଅନ୍ତ୍ୟସ୍ଥ, ଚରମ ।
**Last**, *s.* ଜୋତାରଫରମ, ଜୋତାରଗଣ୍ଡ ।
**Last**, *v.* ରହିବାର, ଥିବାର, ସ୍ଥାୟୀ-ହ, ଟେକିବାର । [ଅକ୍ଷୟ ।
**Lasting**, *a.* ନିତ୍ୟ, ବହୁ ବା ଚିରକାଳସ୍ଥାୟୀ,
**Lastly**, *ad.* ଅନ୍ତେ, ଶେଷେ, ପଛରେ, ପ୍ରାନ୍ତରେ
**Latch**, *s.* କବାଟର କଳଣୀ, ହୁଡୁକା; *v.* କଳଣୀ ଲଗାଇବାର ।
**Latchet**, *s.* ଜୋତାର ଫିତା, ବନ୍ଧନୀ ।
**Late**, *a.* ଅଶୀଘ୍ର, ବିଳମ୍ବ, ଡେରି; ଅଗତ, ମୃତ
**Late**, *ad.* ବିଳମ୍ବକରି, ଅସମୟରେ, ଡେରିରେ
**Lately**, *ad.* ଅଳ୍ପଦିନ ହେଲା ବା ଗଲା ।
**Lateness**, *s.* ବିଳମ୍ବ, ଡେରି, ଗୌଣ, ଉଛୁର
**Latent**, *a.* ଗୁପ୍ତ, ଅପ୍ରକାଶ, ଅବ୍ୟକ୍ତ, ଅଜ୍ଞାତ ।
**Lateral**, *a.* ପାର୍ଶ୍ୱିକ, ପାଖେପାଖେ, ପାର୍ଶ୍ୱସମ୍ବନ୍ଧୀୟ ।
**Lath**, *s.* କାଠର ସରୁ ବତା । [ସମ୍ବନ୍ଧୀୟ ।
**Lathe**, *s.* କୁନ୍ଦ, ଭ୍ରମି, କୁନ୍ଦରଯନ୍ତ୍ର ।
**Lather**, *s.* ସାବୁନର ଫେଣ ।
**Latin**, *s.* ରୋମ ଦେଶର ପୁରୁଣା ଭାଷା ।
**Latitude**, *s.* ପ୍ରଶସ୍ତତା, ଓସାର; a degree- ଅକ୍ଷାଂଶପରିମାଣ ।
**Latitudinarian**, *s.* ବାମାଚାରୀ, ସ୍ୱେଚ୍ଛାଚାରୀ, ଖେଚରତା ଲୋକ ।
**Latter**, *a.* ଦୁଇରଶେଷ, ଶେଷର, ପଛର ।

**Lattice**, *s.* ଜାଫରି, ଝାଁଝରି, ଚିକ, ଜାଲି ।
**Laud**, *v.* ପ୍ରଶଂସା-କ, ସ୍ତବ ବା ସ୍ତୁତି-କ ।
**Laudable**, *a.* ପ୍ରଶଂସନୀୟ, ପ୍ରଶଂସାଯୋଗ୍ୟ, ସ୍ତବାର୍ହ । [ପୂର୍ବକ ।
**Laudably**, *ad.* ପ୍ରଶଂସନୀୟରୂପେ, ପ୍ରଶଂସା-
**Laudanum**, *s.* ଅଫିମର ରସବିଶେଷ ।
**Laudatory**, *a.* ସ୍ତବକାରୀ, ପ୍ରଶଂସକ, ସ୍ତାବକ
**Laugh**, *v.* ହାସ୍ୟ- ପରିହାସ-କ, ହସିବାର ।
**Laughable**, *ad.* ହାସ୍ୟରଯୋଗ୍ୟ, ଉପ-ହାସ୍ୟ । [ହାସରବିଷୟ ।
**Laughing-stock**, *s.* ହାସ୍ୟାସ୍ପଦ, ଉପ-
**Laughter**, *s.* ହାସ୍ୟ, ପରିହାସ, ହସ ।
**Launch**, *v.* ଜାହାଜ ଜଳରେ ଭସାଇ-ଦ, ସାହସରେ-କ ।
**Laundress**, *s.* ଧୋବଣୀ, ରଜକୀ ।
**Laundry**, *s.* ବସ୍ତ୍ର ବା ଲୁଗା ଧୋଇ ଇସ୍ତ୍ରୀ-ଆଦି କରିବାର ଘର ।
**Laureate**, *s.* ରାଜକବି, ରାଜକାବ୍ୟକର୍ତ୍ତା ।
**Laurel**, *s.* ଅମ୍ଳାନପତ୍ରଯୁକ୍ତବୃକ୍ଷବିଶେଷ ।
**Lava**, *s.* ଅଗ୍ନିପର୍ବତର ଗଳିତଦ୍ରବ୍ୟ ।
**Lave**, *v.* ଧୌତ-କ, ଧୋଇବାର, ସ୍ନାନ ବା ପ୍ରକ୍ଷାଳନ-କ ।
**Lavender**, *s.* ସୁଗନ୍ଧି ବୃକ୍ଷ ବା ଉଦ୍ଭିଦ ।
**Laver**, *s.* ଧୌତ ଅବା ସ୍ନାନାର୍ଥ ବୃହତ୍ପାତ୍ର ।
**Lavish**, *v.* ନିରର୍ଥକବ୍ୟୟ-କ, ଉଡାଇ-ଦ, ଅପବ୍ୟୟ-କ । [ଦାତା ।
**Lavish**, *a.* ଅପବ୍ୟୟୀ, ଉଡାଉୟା, ଅତିଶୟ-
**Law**, *s.* ବ୍ୟବସ୍ଥା, ସ୍ମୃତି, ଧର୍ମଶାସ୍ତ୍ର, ନିୟମ, ବିଧି
**Lawful**, *ad.* ବ୍ୟବସ୍ଥାନୁଯାୟୀ, ବିହିତ, ଯଥାର୍ଥ, କର୍ତ୍ତବ୍ୟ । [ବ୍ୟବସ୍ଥାକ୍ରମେ ।
**Lawfully**, *ad.* ଶାସ୍ତ୍ରାନୁସାରେ, ବିଧିମତେ,
**Lawgiver**, *s.* ବ୍ୟବସ୍ଥାପକ, ବିଧିଦାତା, ଆଜ୍ଞା-କର୍ତ୍ତା ।
**Lawless**, *a.* ବିଧିବିରୁଦ୍ଧ, ଅବିଧି, ଶାସ୍ତ୍ରାସମ୍ମତ
**Lawn**, *s.* ପରିଷ୍କୃତମାଠ, ପଡିଆ; ସୂକ୍ଷ୍ମବସ୍ତ୍ର ।
**Lawsuit**, *s.* ମୋକଦ୍ଦମା, ଗୁହାରି, ନାଲିଶ ।
**Lawyer**, *s.* ଉକୀଲ ବା ଅଦାଲତର ମୁକ୍ତିଆର
**Lax**, *a.* ଅଲଗା, ଢୁଟୁଳା, ଢିଲା, ଶିଥିଳ ।
**Laxative**, *a.* ରେଚକ, ଭେଦକଔଷଧ, କୁ-ଲାପ । [ପେଟରଙ୍ଗା ।
**Laxity**, *s.* ଶୈଥିଲ୍ୟ, ଢିଲାମୀ; ଉଦାସୀନ୍ୟ,
**Lay**, *v.* ରଖିବାର, ଥୋଇବାର, ବସାଇବାର ।
**Lay**, *s.* ଗୀତ, ଗାନ, କବିତା; ତୃଣମୟଭୂମି ।
**Layer**, *s.* ଧାଡି, ଶ୍ରେଣୀ, ସାରି ।
**Layman**, *s.* ଧର୍ମପଦସ୍ଥ ଭିନ୍ନବ୍ୟକ୍ତି ।
**Lazarhouse**, **Lazaretto**, *s.* କୁଷ୍ଠରୋଗି-ମାନଙ୍କର ଆଶ୍ରୟସ୍ଥାନ ।
**Lazily**, *ad.* ଆଳସ୍ୟରୂପେ, ଧୀରେଧୀରେ ।
**Laziness**, *s.* ଆଳସ୍ୟ, ଶୈଥିଲ୍ୟ, ଢିଲାମୀ, ଜଡତା ।
**Lazy**, *a.* ଜଡ, ଅଳସୁଆ, ମଠୁଆ, ଶିଥିଳ, ସୁସ୍ତି ।
**Lea**, **Ley**, *s.* ବେଷ୍ଟିତଭୂମି, ପଡିଆ, ପଦା ।
**Lead**, *v.* ଆଗେଇବାର, ପଥଦେଖାଇବାର ପ୍ରବୃତ୍ତକରାଇବାର, ଗାନ ବା ବାଦ୍ୟରେ ଅଗ୍ର-ଗାମୀ-ହ ।
**Lead**, *s.* ସୀସା, ସୀସକ; କର୍ତୃତ୍ୱ; sea-man's plummet, ମାପରଣ୍ଡୁରମ ।
**Leaden**, *a.* ସୀସାନିର୍ମିତ, ଭାରି; ନିର୍ବୁଦ୍ଧି ।
**Leader**, *s.* ଅଗ୍ରଗାମୀ, ଅଗ୍ରସର, ଅଧ୍ୟକ୍ଷ, ଉ-ପଦେଷ୍ଟା, ସର୍ଦ୍ଦାର ।
**Leading**, *a.* ଅଗ୍ରଗଣ୍ୟ, ମୁଖ୍ୟ, ମୂଳ, ପ୍ରଧାନ
**Leaf**, *s.* ପତ୍ର, ପତର, ପଲ୍ଲବ, ପନ୍ନ ।
**Leafy**, *a.* ପତ୍ରମୟ, ସପତ୍ର, ପତ୍ରଯୁକ୍ତ ।
**League**, *s.* ସନ୍ଧି, ଐକ୍ୟ, ଯୋଗ, ଏକତ୍ରଗଣ; ଦେଢକୋଶ ।
**League**, *v.* ଐକ୍ୟ ବା ସନ୍ଧି-କ, ମେଳ-ହ ।

**Leak**, *v.* ଝରିବାର, ବହିବାର, ଟୋପା ୨ ପଡିବାର ।
**Leak**, *s.* ଛିଦ୍ର, ଫଟା, ଦଣା, ଦରଜ ।
**Leaky**, *a.* ଛିଦ୍ରଯୁକ୍ତ, ଫଟା ।
**Lean**, *a.* କୃଶ, କ୍ଷୀଣ, ରୋଗା, ସରୁ ।
*Lean*, *s.* ଚରବି ବା କସାରହିତ ମାଂସ ।
**Lean**, *v.* ଠେସ-ଦ, ଆଉଜିବାର, ଢଳିବାର ।
**Leanness**, *s.* କୃଶତା, କ୍ଷୀଣତା, ଅସ୍ଥୂଳତା, କାହିଲି ।
**Leap**, *v.* ଡେଇଁବାର, କୁଦାମାରିବାର ।
**Leap**, *s.* କୁଦା, ଲମ୍ଫ, ଡିଆଁ, ଝମ୍ପ ।
**Leap-frog**, *s.* ବାଳକର କ୍ରୀଡାବିଶେଷ ।
**Leap-year**, *s.* ଅଧିବରଷ, ଯେଉଂ ବରଷରେ ଫେବ୍ରୁଏରି ମାସର ୨୯ ଦିନ ହୁଏ ।
**Learn**, *v.* ଶିକ୍ଷା ବା ଅଭ୍ୟାସ- ଅଧ୍ୟୟନ-କ, ଶିଖିବାର ।
**Learned**, *a.* ପଣ୍ଡିତ, ଜ୍ଞାନୀ, ବିଜ୍ଞ, ବିଦ୍ୟାବନ୍ତ
**Learner**, *s.* ଯେ ଶିକ୍ଷା ପାଏ, ପଢୁଆ, ଶିଷ୍ୟ, ପାଠକ ।
**Learning**, *s.* ବିଦ୍ୟା, ପାଠ, ପାଣ୍ଡିତ୍ୟ, ଜ୍ଞାନ ।
**Lease**, *s.* ପଟ୍ଟା, ଇଜାରା, ଭଡା; *v.* ପଟ୍ଟା ବା ଇଜାରା-ଦ ।
*Leash*, *s.* ଚମଡାର ଦଉଡି ।
**Leasing**, *s.* ମିଥ୍ୟାକଥା, ପ୍ରବଞ୍ଚନା ।
**Least**, *a.* ଅତିକ୍ଷୁଦ୍ର, କ୍ଷୁଦ୍ରତମ, ସବୁରୁ ସାନ, କନିଷ୍ଠ ।
**Leather** *s.* ଚର୍ମ, ଚମଡା, ଛାଲ, ଚମ; dresser ଚର୍ମକାର ବା ପରିଷ୍କାରକ ।
**Leathern**, *a.* ଚର୍ମନିର୍ମିତ, ଚର୍ମମୟ ।
**Leave**, *s.* ଅନୁମତି, ଛୁଟୀ, ବିଦାୟ, ମେଲାଣି ।
**Leave**, *v.* ତ୍ୟାଗ-କ, ଛାଡିବାର, ତେଜିବାର, ମରଣକାଳେ ଦାନ-କ । [ପଟଉଣ ।
**Leaven**, *s.* ଖଟୀର ତାଡି, ଖମିର; *fig* କ-
**Leavings**, *s.* ଅଇଁଠା, ଉଚ୍ଛିଷ୍ଟ, ଅବଶିଷ୍ଟ ।
**Lecherous**, *a.* କାମୁକ, କାମୀ, ଲମ୍ପଟ, ଲୋଚ୍ଛା
**Lechery**, *s.* ଲାମ୍ପଟ୍ୟ, କାମୁକତା, ଲୋଚ୍ଛାମୀ, କସ୍ବାମୀ । [buke, ତିରସ୍କାର, ଭର୍ତ୍ସନା ।
**Lecture**, *s.* ବ୍ୟାଖ୍ୟାନ, ଉପଦେଶ; a re-
*Lecture*, *v.* ଶିକ୍ଷା ବା ଉପଦେଶ-ଦ, ଧମକାଇବାର । [କ୍ଷକ ।
**Lecturer**, *s.* ଉପଦେଶକ, ଅଧ୍ୟାପକ, ଶି-
**Ledge**, *s.* କନାରା, ଧାର, ଦାଢ ।
**Ledger**, *s.* ଖାତାବହି, daily- ରୋଜନାମଚ
**Lee**, *s.* ଯେ ଦଗରୁ ବାୟୁ ନ ଆସଇ ।
**Leech**, *s.* ଜୋକ, ଜଳୌକା ।
**Leek**, *s.* ପିଆଜପରି ଏକପ୍ରକାର ଶାକ ।
**Leer** *s.* କଟାକ୍ଷ, ବାଙ୍କ ଚାହାଣୀ, ଅଡଦୃଷ୍ଟି ।
**Leer**, *v.* କଟାକ୍ଷ-କ, ଅଡ କି ବକ୍ରଦୃଷ୍ଟିରେ ଚାହିଁବାର ।
**Lees**, *s.* ଶିଟା, ଗାଦ, କାଞ୍ଜି ।
**Leeward**, *a.* ପବନ ପ୍ରତିକୂଳଦଗସ୍ଥ; *ad.* ପବନ ପ୍ରତିକୂଳ ଦଗରେ ।
**Left**, *a.* ବାମ, ବାଁ, ମନ, ଉଲଟ; *s.* ବାକ ।
**Lefthanded**, *a.* ଡେବରିଆ, ବାଇଁଆ ।
**Leg**, *s.* ଗୋଡର ନଳୀ, କୌଣସି ବସ୍ତୁର ପା ।
**Legacy**, *s.* ମୃତବ୍ୟକ୍ତି ଦତ୍ତଧନ । [ଯାୟୀ ।
*Legal*, *a.* ଧର୍ମନତ, ବ୍ୟବସ୍ଥାସିଦ୍ଧ, ଆଇନାନୁ-
**Legality**, *s.* ବ୍ୟବସ୍ଥାନୁଯାୟିତ୍ୱ, ଧର୍ମାନତା ।
**Legalize**, *v.* ବ୍ୟବସ୍ଥାନୁଯାୟୀ ବା ଧର୍ମନତ-କ ।
**Legally**, *ad.* ବ୍ୟବସ୍ଥାମତେ, ଶାସ୍ତ୍ର ବା ଆଇନ ପ୍ରମାଣେ ।
**Legate**, *s.* ରୋମାଣକାଥଲିକମାନଙ୍କର ଧର୍ମାଧ୍ୟକ୍ଷର ପ୍ରତିନିଧି ବା ନାୟେବ ।
**Legatee**, *s.* ମୃତବ୍ୟକ୍ତିର ଦାନାଧିକାରୀ ।
**Legation**, *s.* ଦୌତ୍ୟକର୍ମ, ଦୂତପ୍ରେରଣ, ପ୍ରତିନିଧିଗଣ ।
**Legend**, *s.* ଅମୂଳକ ବୃତ୍ତାନ୍ତ, କାହାଣୀ ।

**Legendary,** *a.* ଅମୂଳକ, ମିଥ୍ୟା ।
**Legerdemain,** *s.* ଭେଲକି, କୁହୁକ, ଫାଙ୍କି, ଭୋଜବାଜି, ପ୍ରତାରଣା ।
**Legible,** *a.* ସୁସ୍ପଷ୍ଟ, ସୁପାଠ୍ୟ, ସହଜପଢା ।
**Legion,** *s.* ସୈନ୍ୟ ସମ୍ପ୍ରଦାୟ, ସୈନ୍ୟଦଳ; ଅନେକ, ବହୁସଂଖ୍ୟା । [କରଣ ।
**Legislation,** *s.* ବ୍ୟବସ୍ଥାପନ, ବିଧି ବା ବିଧାନ-
**Legislator,** *s.* ବ୍ୟବସ୍ଥାକାରୀ, ଆଇନସ୍ଥାପକ, ବିଧିଦାୟକ । [ଦାୟୀ ବ୍ୟକ୍ତିସମୂହ ।
**Legislature,** *s.* ବ୍ୟବସ୍ଥାପକ ସମାଜ, ବିଧି-
**Legitimacy,** *s.* ପ୍ରକୃତତା, ଯାଥାର୍ଥ୍ୟ, ଔରସ, ବା ଯଥା ବିଧିଜନ୍ମ ।
**Legitimate,** *a.* ବିବାହ ବା ଔରସଜାତ, ବିହିତ, ଶାସ୍ତ୍ରସିଦ୍ଧ ।
**Legume,** *s.* ମଟର ଇତ୍ୟାଦିବତ ଶସ୍ୟ, ଛବ
**Leisure,** *s.* ଅବକାଶ, ଅବସର, ସମୟ, ବିଶ୍ରାମ, ଫୁରସତ । [ଧୀରେ, ସାବକାଶେ ।
**Leisurely,** *ad.* ଅବକାଶ ବା ସମୟକ୍ରମେ,
**Lemon, Lime,** *s.* ଲେମ୍ବୁ, ଜମ୍ବୀର ।
**Lemonade,** *s.* ଲେମ୍ବୁରସମିଶ୍ରିତ ଚିନିରପଣା, ଶରବତ ।
**Lend,** *v.* ଋଣ ବା କର୍ଜ ବା ଧାର ବା ଉଧାର-ଦ
**Lender,** *s.* କର୍ଜଦାତା, ମହାଜନ, ଋଣଦାତା, ସାହୁ ।
**Length,** *s.* ଦୀର୍ଘତା, ଦୈର୍ଘ୍ୟ, ଲମ୍ବା, ବିସ୍ତାର ।
**Lengthen,** *v.* ଦୀର୍ଘ- ଲମ୍ବା-କ, ବଢାଇବାର ।
**Lenient,** *a.* ଦୟାବାନ୍, କ୍ଷମାଶୀଳ, କୃପାଳୁ ।
**Lenity,** *s* କ୍ଷମା, ଦୟା, କୃପା, ସ୍ନେହ ।
**Lens,** *s.* ଚସମାଦିର କାଚ ।
**Lent,** *s.* ଇଂଲିଶ ଦିନର ଉପବାସ ପର୍ବ ।
**Leo,** *s.* ସିଂହରାଶି, ସିଂହ ।
**Leopard,** *s.* ଚିତାବାଘ, କଲରାପରିଆ ବାଘ ।
**Leper,** *s.* ମହାବ୍ୟାଧିଗ୍ରସ୍ତ, କୁଢୀ, କୁଷ୍ଠୀ ।

**Leprous,** *a.* କୁଷ୍ଠରୋଗୀ, ମହାବ୍ୟାଧି-ବିଶିଷ୍ଟ ।
**Leprosy,** *s.* କୁଷ୍ଠରୋଗ, ମହାବ୍ୟାଧି, କୁଷ୍ଠ ।
**Less,** *a.* କମ, ନ୍ୟୂନ, ଅଳ୍ପ, ଊଣା; lesser, ଅଳ୍ପତର । [ନେବା ଲୋକ ।
**Lessee,** *s.* ଇଜାରାଦାର, ପଟ୍ଟାଦାର, ଭଡା-
**Lessen,** *v.* ଊଣା- କମ- ଅଳ୍ପ- ହ୍ରାସ-କ ।
**Lesson,** *s.* ପାଠ, ପଢା, ଉପଦେଶ, ଅଧ୍ୟା-
**Lessor,** *s.* ଇଜାରା ବା ପଟ୍ଟାଦାତା । [ୟ ।
**Lest,** *c.* କାଳେ, ପଛେ । [ପଟ୍ଟା-ଦ ।
**Let,** *v.* ଅନୁମତି-ଦ; to hire, ଭଡା ବା
**Let,** *s.* ନିଷେଧ, ବ୍ୟାଘାତ, ବିଘ୍ନ, ବାଧା, ଅଟକ
**Lethargic,** *a.* ନିଦ୍ରାଳୁ, ଅଳସୁଆ, ମୂର୍ଚ୍ଛାଗ୍ରସ୍ତ
**Lethargy,** *s.* ନିଦ୍ରାକର୍ଷଣ, ଜଡତା, ଅଳସପଣ ।
**Letter,** *s.* ପତ୍ର, ଚିଠୀ, ଲିପି; ବର୍ଣ୍ଣ, ଅକ୍ଷର ।
**Letters,** *s.* ବିଦ୍ୟା, ପାଠ, ପାଣ୍ଡିତ୍ୟ, ଜ୍ଞାନ ।
**Letter-foundry,** *s.* ଯେ ସ୍ଥାନେ ଛାପା ଅକ୍ଷର
**Lettuce,** *s.* ଶାକବିଶେଷ । [ଢଳାଯାଏ ।
**Levant,** *a.* ପୂର୍ବୀୟ, ପୂର୍ବଦେଶୀୟ; *s.* ଭୂମଧ୍ୟସ୍ଥସମୁଦ୍ରର ପୂର୍ବାଞ୍ଚଳ ।
**Levee,** *s.* ଦରବାର, ରାଜସଭା, ବୈଠକ ।
**Level,** *s.* ସମଭୂମି, ପଡିଆ, ପଦ; -instrument, ମଠାମୀ । [ବରାବର ।
**Level,** *a.* ଏକତାଳୁ, ସମାନ, ତୁଲ୍ୟ, ସିଧାରସ,
**Level,** *v.* ସମାନ ବା ସିଧାରସ- ସମଭୂମି-କ; ଲକ୍ଷ୍ୟ-କ ।
**Leveller,** *s.* ସମାନକାରକ, ପ୍ରଧାନନାଶକର୍ତ୍ତା
**Lever,** *s.* ଉତ୍ତୋଳନ ବା ଉଠିବାଦଣ୍ଡ, ଛଡ, [ବଚ୍ଚା । ଠେକ ।
**Leveret,** *s.* ଠେକୁଆଛୁଆ, ଖରଗୋସର
**Leviable,** *a.* ରାଜକରରଯୋଗ୍ୟ, କର ସଂଗ୍ରାହ୍ୟ ।

**Leviathan**, *s*. ବୃହତ ଜଳଜନ୍ତୁବିଶେଷ ।
**Levite**, *s*. ଯିହୁଦୀୟ ଯାଜକ ବଂଶୀୟ ।
**Levity**, *s*. କୌତୁକ, ରସିକ, ହସଖୁସି, ଅସ୍ଥିରତା, ଚାପଲ୍ୟ ।
**Levy**, *v*. କରଆଦାୟ-କ; ସୈନ୍ୟ ସଂଗ୍ରହ-କ ।
**Levy**, *s*. କରଆଦାୟ; ସୈନ୍ୟ ସଂଗ୍ରହ ।
**Lewd**, *a*. ଲମ୍ପଟ, କାମୁକ, କାମୀ, ଲୋଚା ।
**Lewdness**, *s*. ଲାମ୍ପଟ୍ୟ, କାମୁକତା, ଲୋଚାମୀ
**Lexicographer**, *s*. ଅଭିଧାନକର୍ତ୍ତା, ଶବ୍ଦକୋଷ ରଚକ ।
**Lexicon**, *s*. ଅଭିଧାନ, ଶବ୍ଦକୋଷ ।
**Liable**, *a*. ଦାୟୀ, ଅଧୀନ, ଭୟକ୍ରାନ୍ତ; ଯୋଗ୍ୟ । [ଗର୍ଜ ।
**Liability**, *s*. ଦାୟିତ୍ୱ, ଯୋଗ୍ୟତା, ଋଣ,
**Liar**, *s*. ମିଥ୍ୟାବାଦୀ, ଅସତ୍ୟବାଦୀ, ମିଛୁଆ ।
**Libation**, *s*. ତର୍ପଣ, ପାଣିଦ୍ରବ୍ୟ ନୈବେଦ୍ୟ ।
**Libel**, *s*. କୁଯଶଲିପି, ଅପବାଦ ବା ଅଖ୍ୟାତିପତ୍ର । [ଶବ ।
**Libeller**, *s*. କୁଯଶ ବା ଅପବାଦଲିପିଲେ-
**Libellous**, *a*. ଅପବାଦଜନକ, ନିନ୍ଦାକାରକ ।
**Liberal**, *a*. ଦାନଶୀଳ, ଦାତା, ମୁକ୍ତହସ୍ତ; ଅପକ୍ଷପାତୀ । [ମହତ୍ତ୍ୱ; ଅପକ୍ଷପାତ ।
**Liberality**, *s*. ଦାତୃତ୍ୱ, ଦାନଶୀଳତା,
**Liberally**, *ad*. ଦାତୃତ୍ୱରୂପେ, ମୁକ୍ତହସ୍ତେ, ଔଦାର୍ଯ୍ୟରୂପେ ।
**Liberate**, *v*. ମୁକ୍ତ ବା ଉଦ୍ଧାର-କ, ଛାଡ଼-ଦ ।
**Liberation**, *s*. ମୁକ୍ତି, ଉଦ୍ଧାର, ତ୍ରାଣ, ଖଲାସ
**Libertine**, *s*. ସ୍ୱେଚ୍ଛାଚାରୀ, କାମୁକ, ଲୋଚା, ଖେଚଡ଼ା । [ଅନୁମତ ।
**Liberty**, *s*. ମୁକ୍ତି, ସ୍ୱାଧୀନତା, କ୍ଷମତା, ଉଦ୍ଧାର;
**Libidinous**, *a*. କାମୁକ, କାମାର୍ତ୍ତ, ଲମ୍ପଟ, ଲୋଚା ।
**Libra**, *s*. ତୁଳାରାଶି, ତୁଳା ।

U

**Librarian**, *s*. ପୁସ୍ତକାଳୟ ବା ଘରର ରକ୍ଷକ ।
**Library**, *s*. ପୁସ୍ତକାଳୟ, ପୁସ୍ତକାଗାର; ଗ୍ରନ୍ଥସମୂହ । [ଆଜ୍ଞା, ପଟ୍ଟା, ସନଦ ।
**Licence**, *s*. ଅନୁମତି; a written- ପତ୍-
**License**, *v*. ପଟ୍ଟାଦ୍ୱାରା ଅନୁମତି- ଅଧିକାର-ଦ ।
**Licentious**, *a*. ସ୍ୱେଚ୍ଛାଚାରୀ, ଅଧର୍ମୀ, କାମୁକ, ଅବାଧିତ । [ଅଧର୍ମ ।
**Licentiousness**, *s*. ଲମ୍ପଟତା, ଅତ୍ୟାଚାର,
**Lick**, *v*. ଚାଟିବାର, ଜିହ୍ୱାରେ ଲେହିବାର; -up, ଖାଇପକାଇବାର; to beat, ମାରିବାର । [ଅକ୍ଷିପତ୍ର ।
**Lid**, *s*. ଢାଙ୍କୁଣି, ଢାଙ୍କ, ଆବରଣ; -of eye,
**Lie**, *s*. ମିଥ୍ୟାକଥା, ଅସତ୍ୟକଥା, ଅଲୀକ, ଝୁଟା; ଅସାର ।
**Lie**, *v*. ଅସତ୍ୟ ବା ମିଥ୍ୟାକଥା-କହ; ଶୋଇବାର, ଶୟନ-କ ।
**Lief**, *ad*. ଇଚ୍ଛାପୂର୍ବକ, ଇଚ୍ଛାରେ, ବାଞ୍ଛାରେ ।
**Liege**, *s*. ଭୂପତି, ରାଜା, ଅଧିପ ।
**Liege**, *a*. ପରବଶ, ଅଧୀନ, ବଶ୍ୟ ।
**Lieu**, *s*. ପରିବର୍ତ୍ତ, ସ୍ଥାନ, ଠାଇ; in lieu of, ବଦଳରେ, ପାଲଟରେ ।
**Lieutenancy**, *s*. ପ୍ରତିନିଧିତ୍ୱ, ନାୟେବୀ ।
**Lieutenant**, *s*. ସେନାପତିବିଶେଷ, ନାୟେବ, ପ୍ରତିନିଧି ।
**Life**, *s*. ଜୀବନ, ପ୍ରାଣ, ଚେତନା, ପରମାୟୁ, ଜୀବଦଶା; ଆତ୍ମା, ତେଜ । [ସୈନ୍ୟ ।
**Life-guard**, *s*. ରାଜରକ୍ଷକ ବା ଭଦନୁଚର
**Lifeless**, *a*. ମୃତ, ପ୍ରାଣହୀନ, ନିର୍ଜୀବ, ନିସ୍ତେଜ, ଅନୁଦ୍ୟମ । [ଉଚ୍ଚପଦସ୍ଥ-କ ।
**Lift**, *v*. ତୋଳିବାର, ଉଠାଇବାର, ଉନ୍ନତ-କ,
**Lift**, *s*. ଉତ୍ଥାନ, ଉଦ୍ଯୋଗ, ସାହାଯ୍ୟ, ଉପ-
**Ligament**, *s*. ମାଂସ ଶିରାବିଶେଷ । [କାର
**Ligature**. *s*. ବନ୍ଧନୀ, ପଟିବନ୍ଧନାର୍ଥସୂତ୍ର, ପଟୀ

**Light**, *s.* ଦୀପ୍ତି, ଜ୍ୟୋତିଃ, ଆଲୁଅ, ପ୍ରଭା; ଜ୍ଞାନ, ବୁଦ୍ଧି; ଦୀପ, ବତୀ । [ହାଲୁକା, ସହଜ ।
**Light**, *a.* ଉଜ୍ଜ୍ୱଳ, ଦୀପ୍ତିମୟ; ଅଗୁରୁ, ଲଘୁ,
**Light**, *v.* ଉଜ୍ଜ୍ୱଳ ବା ଆଲୁଅ-କ, ଜ୍ୱଳାଇବାର
**Lighten**, *v.* ଆଲୁଅ ବା ଉଜ୍ଜ୍ୱଳ-କ, ବିଦ୍ୟୁତ-ହ; ହାଲୁକା-କ । [କଇବା ନୌକା ।
**Lighter**, *s.* ଜାହାଜର ଭରା ବା ହାଲୁକା
**Lighterman**, *s.* ଏହି ନୌକାର ନାବିକ ବା କର୍ତ୍ତା । [ରେ୍ଦର ।
**Lightfingered**, *a.* ଛୁଟିକିଆ ବା କ୍ଷୁଦ୍ର ବିଷୟର
**Lightfooted**, *a.* ବେଗଗାମୀ, କ୍ଷିପ୍ର, ଜଲ୍ଦବାଜ । [ଚିନ୍ତାରହିତ ।
**Lightheaded**, *a.* ପ୍ରଳାପୀ, ଅଡ଼ବାଯ୍ୟା,
**Lighthearted**, *a.* ପ୍ରଫୁଲ୍ଲଚିତ୍ତ, ହର୍ଷିତ, ରସିକ । [ଦର୍ଶନାର୍ଥ ଦୀପଗୃହ ।
**Lighthouse**, *s.* ବତୀଘର, ଜାହାଜର ପଥ
**Lightly**, *ad.* ଲଘୁରୂପେ, ବେଗରେ, ସହଜରେ, ଅନାୟାସେ । [ଲି, ଉଜ୍ଜ୍ୱଳତା ।
**Lightness**, *s.* ଲଘୁତା, ହାଲୁକାଭାବ, ଚଞ୍ଚ-
**Lightning**, *s* ବିଜୁଳି, ବିଦ୍ୟୁତ, ତଡ଼ିତ, ଚପଳା
**Lights**, *s.* ଫୁଁଫସା, ଫେଫଡ଼ା ।
**Lightsome**, *a.* ଦୀପ୍ତିମାନ, ଉଜ୍ଜ୍ୱଳ, ପ୍ରଫୁଲ୍ଲ; ରସିକ, ହରଷ ।
**Ligneous**, *a.* କାଷ୍ଠମୟ, କାଠୁଆ, କାଷ୍ଠବତ ।
**Like**, *a.* ସଦୃଶ, ସ୍ୱରୂପ, ନ୍ୟାୟ, ତୁଲ୍ୟ, ସମାନ
**Like**, *v.* ଭଲ ବାସିବାର, ଚାହିବାର, ପସନ୍ଦ ବା ସ୍ନେହ-କ ।
**Likelihood**, *s.* ସମ୍ଭାବନା, ସମ୍ଭବ, ପ୍ରାମାଣ୍ୟ
**Likely**, *a.* ସମ୍ଭବ, ସମ୍ଭାବନୀୟ, ହେବାକୁ ପାରେ ।
**Liken**, *v.* ତୁଲନା-କ, ସଦୃଶ-କ, ଉପମା-ଦ ।
**Likeness**, *s.* ସାଦୃଶ୍ୟ, ପ୍ରତିମୂର୍ତ୍ତି, ଆକାର, ଛବି ।

**Likewise**, *ad.* ସେହିରୂପେ, ତଦନୁସାରେ, ଭଳିକି, ଆଉ ।
**Liking**, *s.* ଅନୁରାଗ, ରୁଚି, ଇଚ୍ଛା, ସ୍ନେହ ।
**Lily**, *s.* ଫୁଲବିଶେଷ; water- ପଦ୍ମ, କମଳ
**Limb**, *s.* ଅଙ୍ଗ, ଅବୟବ; a bough, ଡାଳ, [ଶାଖା
**Limber**, *a.* ନମ୍ର, ନମ୍ୟ, ନମନଶୀଳ ।
**Limbo**, *s.* ନରକ; କାରାଗାର, ବନ୍ଧନଗୃହ ।
**Lime**, *s.* ଚୂନ, କଙ୍କଚୂନ; a lemon, ଲେମ୍ବୁ; Birdlime, ଅଠା ।
**Limekiln**, *s.* ଚୂନ ପୋଡ଼ିବାର ଭାଟୀ ।
**Limit**, *s.* ସୀମା, ସରହଦ, ଅଞ୍ଚଳ, କିନାରା, ଅନ୍ତ । [ବାନ୍ଧ ।
**Limit**, *v.* ସୀମାନିର୍ଦ୍ଦିଷ୍ଟ-କ, ସୀମା-ଦ, ସେହି-
**Limitation**, *s.* ସୀମ ବା ପଣ୍ଡକକରଣ, ସୀମା, ସରହଦ, ମିଯ୍ୟାଦ ।
**Limner**, *s.* ଚିତ୍ରକର, ଛବିକର, ପଟୁଆ ।
**Limp**, *v.* ନେଙ୍ଗଡ଼ା କି ଖୋଟା-ହ ।
**Limpid**, *a.* ନିର୍ମଳ, ପରିଷ୍କାର, ସ୍ୱଚ୍ଛ, ସାଫ୍ ।
**Linchpin**, *s.* ଗାଡ଼ିଚକାବନ୍ଧକରିବାର କିଲ ।
**Line**, *v.* ଭିତରେ ଲେପିବାର; ଅସ୍ତର ବା ଲି-ଗା-ଦ; ରକ୍ଷା-କ । [ଗୋଷ୍ଠୀ, କୁଳ, ବଂଶ ।
**Line**, *s.* ଗାର, ରେଖା, ଧାଡ଼ି; ସୂତଦୌଡ଼;
**Lines of the hand**, କରକୋଷ୍ଠୀ ବା ହସ୍ତ-ରେଖା । [ସନ୍ତାନ ।
**Lineage**, *s.* ଗୋଷ୍ଠୀ, ବଂଶ, ଗୋତ୍ର, କୁଳ,
**Lineal**, *a.* ରେଖାମୟ; କୁଳୋଦ୍ଭବ, ବଂଶ-ଜାତ ।
**Lineally**, *ad.* ଗୋତ୍ର ବା ବଂଶାନୁକ୍ରମେ ।
**Lineament**, *s.* ମୁଖର ଆକାର, ବଦନରୂପ, ଚେହେରା ।
**Linear**, *a.* ରେଖାବତ୍, ରେଖାମୟ ।
**Linen**, *s.* ଛଣ ସୂତାର ବସ୍ତ୍ର । [ବ୍ୟବସାୟୀ ।
**Linen-draper**, *s.* ସୂକ୍ଷ୍ମକୋମଳବସ୍ତ୍ରବ୍ୟବସାୟୀ

Linger, *v*. ବଲମ୍ବ ବା ଡେଗ୍ରି-କ; ସନ୍ଦେହ-କ, ଦୋଦୁଲ୍ୟ-କ ।
Lingo, *s*. ଇତରଭାଷା, ଅପଭ୍ରଂଷା ।
Lingual, *a*. ମୂର୍ଦ୍ଧନ୍ୟ; -letters, ମୂର୍ଦ୍ଧନ୍ୟବର୍ଣ୍ଣ
Linguist, *s*. ନାନା ଭାଷାଜ୍ଞ, ବହୁଭାଷାର ପଣ୍ଡିତ ।
Liniment, *s*. ମଲମ, ପ୍ରଲେପ ।
Lining, *s*. ଲୁଗାର ଅସ୍ତର ବା ଭିତର ଭାଗ ।
Link, *s*. ଶିକୁଳୀର କଡ଼ା; ମଶାଲ ।
Link, *v*. ଶିକୁଳୀରେ ଯୋଡ଼ିବାର, ସଂଯୁକ୍ତ ବା ସମ୍ବନ୍ଧ-କ ।
Linseed, *s*. ପେସି, ଶସ୍ୟବିଶେଷ । [ଳିତା ।
Linstock, *s*. କମାଣରେ ଅଗ୍ନି ଦେବାର ପ-
Lint, *s*. ମଲମ ଲେପନାର୍ଥେ କୋମଳବସ୍ତ୍ର ।
Lintel, *s*. ଦ୍ୱାରଠାରେ ଉପର ଖଣ୍ଡ ।
Lion, *s*. ସିଂହ, ମୃଗ ବା ପଶୁରାଜ ।
Lioness, *s*. ସିଂହୀ, ସିଂହୁଣୀ ।
Lip, *s*. lower- ଅଧର, upper- ଓଷ୍ଠ, ଓଠ ।
Liquefaction, *s*. ଦ୍ରବୀକରଣ, ଗଳନ, ତରଳତା । [ବାର ।
Liquefy, *v*. ଦ୍ରବ-କ, ଗଳାଇବାର, ବହି-
Liquid, *a*. ପାଣିମୟ, ଦ୍ରବ, ଓଦା, ଜଳବତ୍, ତରଳ ।
Liquid, *s*. ପେୟ ବା ଦ୍ରବଦ୍ରବ୍ୟ, ଜଳ, ରସ ।
Liquidate, *v*. ଋଣ ପରିଶୋଧ ବା ନିକାଶ-କ
Liquidation, *s*. ଋଣ ବା କର୍ଜ ପରିଶୋଧ କରଣ । [ସମ୍ପ ।
Liquor, *s*. ଦ୍ରବଦ୍ରବ୍ୟ, ରସ, ମଦ, ସୁରା,
Liquorice, *s*. ଯଷ୍ଟିମଧୁ, ମଧୁଯଷ୍ଟିକା ।
Lisp, *v*. ଅର୍ଦ୍ଧବାକ୍ୟ କହି ତୋତଲା-ହ, ଭୁଣ୍ଡି-ଲାଗିବାର ।
List, *s*. ତାଲିକା, ଫର୍ଦ୍ଦ, ତପସୀଲ; ଇଚ୍ଛା, ଅଭିଲାଷ; lists, ମଲ୍ଲଯୁଦ୍ଧର ଅଖଡ଼ା ।
List, *v*, ଶ୍ରବଣ-କ, ଇଚ୍ଛା ବା କାମନା-କ; to enlist, ସୈନ୍ୟଦଳସ୍ଥ-କ ।
Listen, *v*. ଶୁଣିବାର, ଶ୍ରବଣ-କ, ମନୋ-ଯୋଗ-କ । [ଯୋଗୀ ।
Listless, *a*. ଅନିଚ୍ଛୁକ, ଅନୁଦ୍ୟମ, ଅମନୋ-
Listlessness, *s*. ଅମନୋଯୋଗ, ନିଶ୍ଚେଷ୍ଟା, ଅନୁଦ୍ୟମତା ।
Litany, *s*. ପ୍ରାର୍ଥନାସଂହିତା, ସ୍ତୁତିଗାନ ।
Literal, *a*. ଅକ୍ଷର ପ୍ରମାଣେ, ଠିକଅର୍ଥ, ଶବ୍ଦା-ନୁସାରେ ।
Literally, *ad*. ଅକ୍ଷରେ, ପ୍ରତ୍ୟକ୍ଷର, ଶବ୍ଦେ
Literary, *a*. ବିଦ୍ୟାବିଷୟକ, ଶାସ୍ତ୍ରୀୟ, ବିଦ୍ୟା-ବ୍ୟବସାୟୀ । [ସମୂହ ।
Literati, *s*. ପଣ୍ଡିତ ବ୍ୟକ୍ତିସମୂହ, ବିଦ୍ୱାନ୍
Literature, *s*. ବିଦ୍ୟା, ପାଠ, ପାଣ୍ଡିତ୍ୟ ।
Lithography, *s*. ପଥରଦ୍ୱାରା ଲେଖି କ ଛା-ପିବାର । [ଦିମା ଯେ କରେ ।
Litigant, *s*. ବାଦୀ, ବିବାଦୀ, ପ୍ରତିବାଦୀ, ମକ-
Litigate, *v*. ବିରୋଧ- ନାଲିଶ- ମକଦ୍ଦମା-କ ।
Litigation, *s*. ବିରୋଧ, ବିବାଦ, ପ୍ରତିବାଦ, ମକଦ୍ଦମା । [ବିବାଦ କରେ ।
Litigious, *a*. ବିରୋଧୀ, ବିବାଦୀ, ଯେ ସର୍ବଦା
Litter, *s*. ଡୋଲି, ଚଉଦୋଳ; ବିଛଣା; ଏକ ପଲ ଛୁଆ; ଗୋଳମାଳ ।
Litter, *v*. ପଶ୍ୱାଦିର ଛୁଆ-ହ; ଜଞ୍ଜାଳ-କ ।
Little, *a*. ଅଳ୍ପ, କ୍ଷୁଦ୍ର, କିଞ୍ଚିତ୍, ସାନ, ଛୋଟ, ଟିକେ । [କ୍ଷୁଦ୍ରବିଷୟ ।
Little, *s*. କିଞ୍ଚିତ୍ଅଂଶ, ଅଳ୍ପଇ, କିଞ୍ଚିତ୍, କଣ,
Littleness, *s*. କ୍ଷୁଦ୍ରତା, ଅଳ୍ପତା, କ୍ଷୀଣସ୍ୱା-ଭାବ ।
Liturgy, *s*. ସାଧାରଣ ପ୍ରାର୍ଥନାପଦ୍ଧତି ।
Live, *v*. ଜୀବିତ-ହ, ବଞ୍ଚିବାର, କାଳକାଟି-ବାର, ବାସ-କ ।

**Live**, *a.* ସଜୀବ, ଜୀବିତ, ଜୀଵନ୍ତ ।
**Livelihood**, *s.* ଉପଜୀବିକା, ବୃତ୍ତି, ଜୀବନୋପାୟ, ଗୁଜରାଣ ।
**Liveliness**, *s.* ସଜୀବତ୍ୱ, ଚପଳତା, ତେଜ, [ସ୍ଫୂର୍ତ୍ତି ।
**Livelong**, *a.* ଧୀରେଗମନଶୀଳ, ବହୁକାଳସ୍ଥାୟୀ । [ରସିକ ।
**Lively**, *a.* ସଜୀବ, ସତେଜ, ସବଳ, ସ୍ଫୂର୍ତ୍ତିକ,
**Liver**, *s.* କଲିଜା, ଅଗ୍ରମାଂସ, ଯକୃତ୍ ।
**Liver-complaint**, *s.* କଳିଜାରୋଗ ।
**Livery**, *s.* ଚାକରର ବିଶେଷ ବସ୍ତ୍ର, ବେଶ ।
**Livid**, *a.* କଳାଶିଆବର୍ଣ୍ଣ, ସୀସାବର୍ଣ୍ଣ ।
**Living** *s.* ଉପଜୀବିକା, ଜୀବନୋପାୟ, ନିର୍ବାହ, ବୃତ୍ତି । [ମାନ ।
**Living**, *a.* ଜୀବିତ, ଜୀଅନ୍ତ, ସଜୀବ, ବର୍ତ୍ତ-
**Lizard**, *s.* ଝିଟିପିଟି, ଟିକ୍ଟିକି, ଗୃହଗୋଧିକା ।
**Lo**, *int.* ଦେଖ, ଚାହଁ, ଅନାଅ, ଶୁଣ ।
**Load**, *s.* ବୋଝ, ଭାର, ମୋଟ । [ଦାର ।
**Load**, *v.* ବୋଝାଇ-କ, ଭାର-ଦ; ବନ୍ଧୁକ ଭର-
**Loadstone**, *s.* ଚୁମ୍ବକପଥର, ଅୟସ୍କାନ୍ତମଣି ।
**Loaf**, *s.* ରୁଟୀ, ପାଁଉରୁଟୀ ।
**Loam**, *s.* ତେଲିଆ ବା ଚିକଣା ମାଟି ।
**Loan**, *s.* ଋଣ, କର୍ଜ, ଉଧାର, ଦେଣା ।
**Loath**, *a.* ଅନିଚ୍ଛୁକ, ନିସ୍ପୃହ, ବିରକ୍ତ ।
**Loathe**, *v.* ଘୃଣା ବା ଅଶ୍ରଦ୍ଧା-କ, ଅରୁଚି ବା ବିରକ୍ତି-ହ ।
**Loathsome**, *a.* ଘୃଣିତ, ଅଶ୍ରଦ୍ଧାଜନକ ।
**Lobby**, *s.* ଘରର ସମ୍ମୁଖବର୍ତ୍ତୀ ଦାଲାଣ, ଦେଢ଼ୁଆ ।
**Lobe**, *s.* ଫୋପ୍ସାର ଏକ ଅଂଶ; କାନପୁଡ଼ା ।
**Lobster**, *s.* ବଡଚିଙ୍ଗୁଡ଼ି ବିଶେଷ ।
**Local**, *a.* ସ୍ଥାନିକ, ଏକସ୍ଥାନର, ପ୍ରଦେଶୀୟ ।
**Locality**, *s.* ବିଶେଷସ୍ଥାନ, ସ୍ଥାନବର୍ତ୍ତିତ୍ୱ ।
**Location**, *s.* ସ୍ଥାପନ, ସ୍ଥିତି ।
**Locative** *case*, *s.* ଅଧିକରଣ କାରକ ।
**Lock**, *s.* ତାଲା, କୋଲପ; କଳ, ବନ୍ଧୁକର ରଞ୍ଜକ ଘର; ଜୁଲ୍ପି; ନାଳରଦ୍ୱାର ।
**Lock**, *v.* ଚାବି ବା ତାଲା ବନ୍ଦ-କ, କୋଲପ-ଦ ।
**Locker**, *s.* ସିନ୍ଦୁକ, ଦ୍ରବ୍ୟର ଆଧାର ।
**Locket**, *s.* ବକ୍ଷରେ ଧାରଣୀୟ ଅଳଙ୍କାର ।
**Lockjaw**, *s.* ଦାନ୍ତକାଟ ପଡିଗଲା । [ଶକ୍ତି ।
**Locomotion**, *s.* ସ୍ଥାନାନ୍ତରେ ଗମନ, ଗତି-
**Locomotive**, *s.* ଗମନକ୍ଷମ, ଚଳନଶକ୍ତିବିଶିଷ୍ଟ; କଳଗାଡ଼ି ।
**Locust**, *s.* ପତଙ୍ଗ, ଶଲଭ, ପଙ୍ଗପାଳ, ଫଡିଙ୍ଗ
**Lodge**, *v.* ବସାକରି ରହିବାର, ପ୍ରବାସ-କ ।
**Lodge**, *s.* ଦରୁଆନର ଘର; କ୍ଷୁଦ୍ର ଘର, ଉପଗୃହ
**Lodger**, *s.* ପ୍ରବାସୀ, ଭଡା ଦେଇ ପର ଗୃହରେ ଭୋଜନ ବାସ ଯେ କରେ ।
**Lodging**, *s.* ବସା, ଭଡାଘର, ବାସସ୍ଥାନ ।
**Lodgment**, *s.* ଅବସ୍ଥିତ, ସଂସ୍ଥାପନ, ବାସ ।
**Loft**, *s.* ଉପର ତାଲାର କୋଠରି ।
**Loftily**, *ad.* ଊର୍ଦ୍ଧ୍ୱେ; ସଗର୍ବେ, ପ୍ରଗଲ୍ଭରୂପେ, ଉତ୍ତମରୂପେ ।
**Loftiness**, *s.* ଊର୍ଦ୍ଧ୍ୱତା, ଉଚ୍ଚତା, ମହତ୍ତ୍ୱ, ଗର୍ବ
**Lofty**, *a.* ଊର୍ଦ୍ଧ୍ୱ, ଉଚ୍ଚ, ମହତ୍ତ୍ୱବିଶିଷ୍ଟ, ଗର୍ବୀ, ଅହଂକାରୀ । [ଯନ୍ତ୍ରବିଶେଷ ।
**Log**, *s.* କାଠମୁଣ୍ଡିଆ; ଜାହାଜରଗତି,ମାପକ
**Logarithms**, *s.* ଗଣନାର ସଙ୍କେତଶାସ୍ତ୍ର, ଗଣିତବିଶେଷ । [ରଣ ଲେଖା ।
**Logbook**, *s.* ଜାହାଜର ରୋଜନାମା ବା ବିବ-
**Loggerhead**, *s.* ମୂର୍ଖ, ନିର୍ବୋଧ ଲୋକ ।
**Logic**, *s.* ନ୍ୟାୟବିଦ୍ୟା, ତର୍କଶାସ୍ତ୍ର, ଯୁକ୍ତିଦର୍ଶନବିଦ୍ୟା ।
**Logical**, *a.* ଯୁକ୍ତିସିଦ୍ଧ, ତର୍କ ବା ନ୍ୟାୟ ପ୍ରମାଣ
**Logician**, *s.* ନୈୟାୟିକ, ତାର୍କିକ, ନ୍ୟାୟବାଗୀ
**Loin**, **Loins**, *s.* କଟି, କଙ୍କାଳ, ଅଣ୍ଟା, କମର

**Loiter**, *v.* ବିଳମ୍ବ ବା ଆଳସ୍ୟ ବା ଢିଲା ବା
ଦେଖା-କ । [କୁଡିଆ ।
**Loiterer**, *s.* ଆଳସୁଆ, ଅଳସବ୍ୟକ୍ତି, ସୁସ୍ତି,
**Loll**, *v.* ଅଉଜି ପଡ଼ିବାର, ଜିହ୍ୱା ହଲାଇବାର ।
**Lone**, *a.* ଏକାକୀ, ଏକା, ଏକଲା, ନିଃସଙ୍ଗ,
ନିରୋଳ । [ସଙ୍ଗତା, ନିର୍ଜନତା ।
**Loneliness**, *s.* ଔଦାସ୍ୟ, ଉଦାସପଣ, ନିଃ-
**Lonely**, *a.* ଉଦାସୀ, ଏକାକୀ, ନିଃସଙ୍ଗ, ନିର୍ଜନ
**Long**, *a.* ଲମ୍ବା, ଦୀର୍ଘ, ଆୟତ, ବିଳମ୍ବ, ଚିର ।
**Long**, *ad.* ଦୀର୍ଘକାଳେ, ଦୂରେ ।
**Long**, *v.* ଅତିଶୟ ଇଚ୍ଛା- ଆକାଂକ୍ଷା- ବାଞ୍ଛା-କ
**Longboat**, *s.* ଜାହାଜର ବଡ଼ ଡଙ୍ଗା ବା
ନୌକା । [ଜୀବତା ।
**Longevity**, *s.* ଦୀର୍ଘାୟୁ, ଦୀର୍ଘଜୀବତା, ଚିର-
**Longing**, *s.* ବାସନା, ସ୍ପୃହା, ଅଭ୍ୟାକାଂକ୍ଷା,
ଅଭୀଚ୍ଛା । [ମଧ୍ୟ ରେଖାରୁ ଦୂରର ମାପ ।
**Longitude**, *s.* ଦ୍ରାଘିମା, ଦୀର୍ଘତା, ପୃଥିବୀର
**Longsuffering**, *s.* ଦୟା, ଧୈର୍ଯ୍ୟତା, ସହି-
ଷ୍ଣୁତା; *a.* କ୍ଷମାବାନ, ଚିରସହିଷ୍ଣୁ ।
**Longwise**, *ad.* ଦୀର୍ଘେ, ଲମ୍ବେ ।
**Looby**, *s.* ଅନାଡ଼ିବ୍ୟକ୍ତି, ଚଷା ।
**Look**, *v.* ଦୃଷ୍ଟି-କ, ଦେଖିବାର, ଅନାଇବାର;
-for, ଅପେକ୍ଷା, ଚାହିଁ ବସିବାର; -after,
ଚୌକି-ଦ; -out, ଅନ୍ୱେଷଣ ବା ଚେଷ୍ଟା ବା
ଖୋଜିବାର ।
**Look**, *s.* ଦୃଷ୍ଟି, ଦର୍ଶନ; ଆକାର, ରୂପ ।
**Looking-glass**, *s.* ଦର୍ପଣ, ଆର୍ଶୀ, ଅଇନା ।
**Loom**, *s.* ବସ୍ତ୍ର ବୁଣିବାର ଯନ୍ତ୍ର, ତନ୍ତ୍ରକାଷ୍ଠ ।
**Loop**, *s.* ଫାଶ, ଦୋଉଡ଼ିର ଛିଦ୍ର ବା କଣା ।
**Loophole**, *s.* ଛିଦ୍ର, ରନ୍ଧ୍ର, ଏଡ଼ାଇବାର ଉ-
ପାୟ; ଛଳ ।
**Loose**, *v.* ଖୋଲିବାର, ଛାଡ଼ିବାର, ଢିଲା-କ,
ମୁକ୍ତ ବା ମୋଚନ-କ ।

**Loose**, *a.* ଅବଦ୍ଧ, ଅଲଗା, ଶିଥିଳ, ଅଶକ୍ତ;
ଅଠିକ, ଲମ୍ପଟ ।
**Loosely**, *ad.* ଶୈଥିଲ୍ୟରୂପେ, ଲମ୍ପଟ୍ୟପୂର୍ବକ
**Loosen**, *v.* ଅଲଗା-କ, ଫିଟାଇବାର, ମୋ-
ଚନ-କ । [ଝାଡ଼ା-ହ ।
**Looseness**, *s.* ଢିଲାମୀ, ଲମ୍ପଟତା; ହୁଗୁଳି-
**Lop**, *v.* ଛେଦନ-କ, କାଟିବାର, ଛାଟିବାର;
**Loquacious**, *a.* ବହୁବକ୍ତା, ବକୁଆ, ବଡ଼-
ବଡ଼ୟା ।
**Loquacity**, *s.* ବାଚାଳତା, ବହୁଭାଷିତ୍ୱ ।
**Lord**, *s.* God ପରମେଶ୍ୱର, ପ୍ରଭୁ, ସ୍ୱାମୀ,
ଅଧିପତି, କର୍ତ୍ତା, ନାୟକ, ରାଜା ।
**Lord**, *v.* ପ୍ରଭୁତ୍ୱ- କର୍ତ୍ତୃତ୍ୱ- ଗର୍ବ-କ ।
**Lordly**, *a.* ମାନ୍ୟ, କୁଳୀନ, ଉପଯୁକ୍ତ, ଅହଂ-
କାରୀ, ଅଭିମାନୀ, ଗର୍ବୀ ।
**Lordship**, *s.* କୁଳୀନତ୍ୱ, ପ୍ରଭୁତ୍ୱ, କୁଳୀନ-
ପଦବୀ ବା ଅଧିକାର । [ପାଠ ।
**Lore**, *s.* ଶିକ୍ଷା, ଉପଦେଶ, ବିଦ୍ୟା, ଅଧ୍ୟୟନ,
**Lorn**, *a.* ଉଦାସୀ, ତ୍ୟକ୍ତ, ଅନାଥ, ଦୀନ ।
**Lose**, *v.* ହଜିବାର, ହରାଇବାର, ଖୁଆଇବାର,
ପରାଜିତ-ହ, କ୍ଷତି ବା ହାନି-କ ।
**Loss**, *s.* କ୍ଷତି, ହାନି, ନୋକସାନ, ବିଧ୍ୱଂସ ।
**Lot**, *s.* ଭାଗ୍ୟ, କପାଳ, ଅଦୃଷ୍ଟ, ନସିବ; ଅଂଶ,
ଭାଗ, ଗୁଳିବାଣ୍ଟ ।
**Lotion**, *s.* ପ୍ରକ୍ଷାଳନାର୍ଥ ଔଷଧୀୟ ଜଳ ।
**Lottery**, *s.* ଗୁଣ୍ଡିଖେଳା, ଗୁଳିବାଣ୍ଟ ।
**Lotus**, *s.* ପଦ୍ମ, କମଳ, ପଙ୍କଜ, ରାଜୀବ ।
**Loud**, *a.* ରବ ବା ଶବ୍ଦକାରୀ, ଗୋଳକାରୀ ।
**Loudly**, *ad.* ଉଚ୍ଚୈଃସ୍ୱରେ, ମହାରବେ,
ବଡ଼କରି । [କୋଳାହଳ ।
**Loudness**, *s.* ଉଚ୍ଚୈଃସ୍ୱର, ବଡ଼ଶବ୍ଦ, ଶୋର,
**Lough or Loch**, *s.* ହ୍ରଦ, ସରୋବର,
ଦୀର୍ଘିକା ।

Lounge, v. ଆଳସ୍ୟରେ କାଳ ଯାପନ-କ ।
Lounger, s. ଅଳସୁଆ, ଅକର୍ମା, କୁଡ଼ିଆ ।
Lour, v. ମେଘାଚ୍ଛନ୍ନ-ହ, ଅପ୍ରସନ୍ନ-ହ ।
Louse, s. ଉକୁଣି, ଢଙ୍ଗା, ନଖ, ଗଜ ।
Lousy, a. ଉକୁଣିଗ୍ରସ୍ତ, ଉକୁଣିଯୁକ୍ତ, ଅଧମ,
Lout, s. ଅସଭ୍ୟ, ମୂର୍ଖ, ଅନାଡ଼ି । [ପାଜି ।
Love, v. ସ୍ନେହ- ପ୍ରେମ-କ, ଭଲବାସିବାର ।
Love, s. ପ୍ରେମ, ପ୍ରୀତି, ସ୍ନେହ, ଆସକ୍ତି, ଅନୁରାଗ
Loveliness, s. ପ୍ରିୟତା, ସୌନ୍ଦର୍ଯ୍ୟ, ଲା-
ବଣ୍ୟ । [ପ୍ରୀତିଜନକ ।
Lovely, a. ମନୋହର, ଅତିସୁନ୍ଦର, ରମ୍ୟ,
Lover, s. ପ୍ରେମକାରୀ, ସଖା, ପ୍ରିୟ, ନାୟକ ।
Lovesuit, s. ବିବାହେଚ୍ଛା ନିବେଦନ, ପ୍ରୀତି
କରଣ ।
Loving, a. ପ୍ରେମୀ, ପ୍ରଣୟୀ, ସ୍ନେହକାରୀ ।
Lovingkindness, s. ଅନୁଗ୍ରହ, କୃପା,
ଦୟା, ସ୍ନେହ, କ୍ଷମା ।
Lovingly, ad. ସ୍ନେହପୂର୍ବକ, ବାତ୍ସଲ୍ୟରୂପେ,
ସୁହାଗେ ।
Low, a. ନୀଚ, ଇତର; deep, ଅଗାଧ, ଗ-
ମ୍ଭୀର; cheap, ଅଳ୍ପମୂଲ୍ୟ, ଶସ୍ତା; weak,
କ୍ଷୀଣ, ଦୁର୍ବଳ; depressed, ଉଦାସ, ନି-
ରସ; disreputable, ଅମର୍ଯ୍ୟାଦା, ଅଶିଷ୍ଟ ।
Low, v. ଗୋଧ୍ୱନି- ହେମାରବ-କ, ହମାଳିବାର
Lower, v. ନୀଚ-କ; to bend, ନୁଆଇ-
ବାର; to lessen, ଊଣା ବା କମ-କ; to
degrade, ନୀଚପଦସ୍ଥ ବା ଅମର୍ଯ୍ୟାଦା-କ ।
Lowing, s. ଗୋଧ୍ୱନି, ହେମା ବା ହମାଳ ।
Lowland, s. ନିମ୍ନ ବା ନୀଚଭୂମି, ପର୍ବତର
ଅଧୋଦେଶ ।
Lowliness, s. ନମ୍ରତା, ନିରହଙ୍କାର ।
Lowlived, a. ଇତର, ଅସଭ୍ୟ, ପାମର ।
Lowly a. ବିନତ, ନମ୍ର, କୋମଳ, ମୃଦୁ ।

Lowness, s. ଅନୁଚ୍ଚତା, ନିମ୍ନତା, ବିଷାଦ,
ତୁଚ୍ଛମାୟୁତ୍ୱ । [ପ୍ରେତ, ଉଦ୍ବିଗ୍ନଚିତ୍ତ ।
Lowspirited, s. ଭଗ୍ନମନାଃ, ବିଷଣ୍ଣ, ଗ୍ଳା-
Loyal, a. ପ୍ରଭୁଭକ୍ତ, ରାଜାଜ୍ଞାନୁବର୍ତ୍ତୀ, ବିଶ୍ୱସ୍ତ ।
Loyalist, s. ରାଜ ବା ପ୍ରଭୁଭକ୍ତ ।
Loyalty, s. ପ୍ରଭୁଭକ୍ତି, ରାଜଭକ୍ତି, ବିଶ୍ୱସ୍ତତା ।
Lubber, s. ନିକର୍ମା, କୁଡ଼ି । [ଭୁର ।
Lubricious, a. ଚିକ୍କଣ, ଠେଲିଯା; କାମା-
Lubricate, v. ଚିକ୍କଣ- ତେଲିଆ ପିଚ୍ଛିଳ-କ ।
Lucid, a. ଦୀପ୍ତିମାନ, ଉଜ୍ଜ୍ୱଳ, ନିର୍ମଳ, ପ୍ରସନ୍ନ ।
Lucifer, s. ଶୁକ୍ରତାରା, ପ୍ରଭାତତାରା; ଶୟ-
ତାନ ।
Luck, s. ଭାଗ୍ୟ, କପାଳ, ଅଦୃଷ୍ଟ, ଦଶା ।
Luckily, ad. ସୌଭାଗ୍ୟକ୍ରମେ, ଶୁଭାଦୃଷ୍ଟେ ।
Luckless, a. ଭାଗ୍ୟହୀନ, ଅସୁଖୀ, ଦୁର୍ଦ୍ଦଶା-
ପ୍ରାପ୍ତ । [ଳଜନକ ।
Lucky, a. ଶୁଭ, ଭାଗ୍ୟବାନ୍, କୁଶଳୀ, ମଙ୍ଗ-
Lucrative, a. ଲାଭଜନକ, ପ୍ରାପ୍ତିକର, ଅର୍ଥ-
କର ।
Lucre, s. ଲାଭ, ପ୍ରାପ୍ତି, ଉପାର୍ଜ୍ଜନ, ଧନ ।
Lucubration, s. ପ୍ରଦୀପଯୋଗେ ଅଧ୍ୟୟନ ବା
ବିଦ୍ୟାଭ୍ୟାସ । [ଉପହାସ୍ୟ ।
Ludicrous, a. ହାସ୍ୟ ବା କୌତୁକଜନକ,
Lug, v. ଓଟାରି-ନ, ବଳରେ ଟାଣିବାର ।
Luggage, s. ଜିନିସପତ୍ର, ସରଂଜାମ, ଚିଜ-
ବସ୍ତୁ, ଗଁଠିଲି । [ଅନୁଦ୍ୟମୀ ।
Lukewarm, a. ଈଷଦୁଷ୍ଣ, ଅଳ୍ପତପ୍ତ; ଅଚେଷ୍ଟ
Lukewarmness, s. ଈଷଦୁଷ୍ଣତା, ଅନୌ-
ତ୍ସୁକ୍ୟ, ଅସ୍ପୃହା । [ଥମ୍-ହ ।
Lull, v. ସାନ୍ତ୍ୱନା ବା ଶାନ୍ତ-କ, ଥମାଇବାର
Lullaby, s. ଶିଶୁ ବା ବାଳକ ଶୁଆଇବାର
ଗୀତ । [କାଳ ବେଦନା ।
Lumbago, s. କମର ବା ଅଣ୍ଟାବାତ, କ-

**Lumber,** *s.* ଅକର୍ମଣ୍ୟ ଜିନିସପତ୍ର, ପୁରୁଣା ସେନ୍ଦ୍ରିକା ମେଜାଦି ।
**Luminary,** *s.* ଜ୍ୟୋତିଃ, ଦୀପ୍ତି, ଚନ୍ଦ୍ରସୂର୍ଯ୍ୟାଦି; ଜ୍ଞାନଦାୟକ ବ୍ୟକ୍ତି । [ମୟ ।
**Luminous,** *a.* ଦୀପ୍ତିମାନ, ତେଜସ୍ୱୀ, ଆଲୁଅ-
**Lump,** *s.* ଏକଠା, ଗଦା; clod, ଢେଲା; in the lump, ଗଡେ, ହରଦରେ ।
**Lunacy,** *s.* ଚନ୍ଦ୍ରଜୋରରେ ଉନ୍ମତ୍ତତା ବା ପାଗଳାମୀ, ବାତୁଲତା ।
**Lunar,** *a.* ଚନ୍ଦ୍ରସମ୍ବନ୍ଧୀୟ । [ବାୟୁ ।
**Lunatic,** *s.* କ୍ଷିପ୍ତ ବା ଉନ୍ମତ୍ତ ବ୍ୟକ୍ତି, ପାଗଳ,
**Lunation,** *s.* ଚନ୍ଦ୍ରର ପ୍ରଦକ୍ଷିଣ ବା ଗତି, ଚାନ୍ଦ୍ରମାସ । [ଅର୍ଦ୍ଧଭୋଜନ ।
**Lunch, Luncheon,** *s.* ଜଳପାନ, ଟିଫୀନ୍,
**Lungs,** *s.* ଫୋପ୍ସା, ଫୋପସା ।
**Lurch,** *s.* ଭ୍ୟକ୍ତାବସ୍ଥା, ଦୁର୍ଦ୍ଦଶା; ନୌକାର ହଠାତ୍ ଲଡନ । [ବାର ।
**Lurch,** *v.* ଛଳ- ଉପାୟ-କ; ଗ୍ରାସ-କ, ଗିଳି-
**Lure,** *s.* ଲୋଭଜନକ ଦ୍ରବ୍ୟ, ଥୋପ ।
**Lure,** *v.* ଲୋଭ ଦେଖାଇବାର, ଫୁସଲାଇବାର, ଭୁଲାଇବାର ।
**Lurid,** *a.* ଘୋର, ଧୂଁଆପରି, ମ୍ଳାନ, ବିବର୍ଣ୍ଣ ।
**Lurk,** *v.* ଓଗାଳି ବା ଆଗୁଳିବସିବାର, ଲୁଚିରହିବାର ।
**Luscious,** *a.* ଅତିମିଷ୍ଟ, ସୁସ୍ୱାଦୁ, ତୃପ୍ତିଜନକ ।
**Lust,** *s.* କାମ, ଲୋଭ, କୁଅଭିଳାଷ ।
**Lust,** *v.* ଲୋଭ-କ, କାମାସକ୍ତ-ହ, ଶାରୀରକାଭିଳାଷୀ-ହ ।
**Lustful,** *a.* ଲମ୍ପଟ, କାମାସକ୍ତ, କାମୀ, ଲୋଭୀ
**Lustily,** *ad.* ବଳ ବା ସାହସପୂର୍ବକ ।
**Lustiness,** *s.* ବଳ, ସାମର୍ଥ୍ୟ, ଜୋର, ତେଜ
**Lustration,** *s.* ପବିତ୍ର ବା ଶୁଚିକରଣ, ଜଳସଂସ୍କାର ।
**Lustre,** *s.* ଦୀପ୍ତି, ଶୋଭା, ଉଜ୍ଜ୍ୱଳତା; ସୁଖ୍ୟାତି, ଯଶ; chandelier, ଦୀପବୃକ୍ଷ ।
**Lustrous,** *a.* ଉଜ୍ଜ୍ୱଳ, ଦୀପ୍ତିମାନ, ଚକ୍‌ଚକିଆ
**Lusty,** *a.* ହୃଷ୍ଟପୁଷ୍ଟ, ମୋଟା, ସବଳ, ସ୍ଥୂଳ ।
**Lute,** *s.* ବୀଣା, ବୀଣ, ତନ୍ତ୍ରବାଦ୍ୟ ଯନ୍ତ୍ର ।
**Lutestring,** *s.* ବୀଣାର ତାର; ଚିକଣ ପଟ୍ଟବସ୍ତ୍ରବିଶେଷ ।
**Luxuriance,** *s.* ବାହୁଲ୍ୟ, ଆଧିକ୍ୟ । [ତେଜ
**Luxuriant,** *a.* ବହୁଳ, ଅଧିକ, କସ୍ତୁର, ସ-
**Luxurious,** *a.* ସୁଖଭୋଗୀ, ପେଟାର୍ଥୀ, ବହୁବ୍ୟୟୀ । [ଭୋଗ ।
**Luxury,** *s.* ସୁଖାଭିଳାଷ, ସୁଖାଦ୍ୟ, ସୁଖ-
**Lye,** *s.* କ୍ଷାରଯୁକ୍ତ ଜଳ, ଖାରିଆ ପାଣି ।
**Lying,** *s.* ମିଥ୍ୟା କହିବାର ଦୋଷ; *a.* ମିଥ୍ୟା, ମିଥ୍ୟାବାଦୀ ।
**Lymph,** *s.* ଶରୀରସ୍ଥିତ ବର୍ଣ୍ଣହୀନ ଜଳ ।
**Lynx,** *s.* ବଣବିରାଡି, କ୍ଷୁଦ୍ରବାଘ ।
**Lyre,** *s.* ବୀଣ, ବୀଣା, ତନ୍ତ୍ରବାଦ୍ୟ ଯନ୍ତ୍ର ।
**Lyric, Lyrical,** *a.* ବୀଣାସମ୍ବନ୍ଧୀୟ ।
**Lyrist,** *s.* ବୈଣିକ, ବୀଣାବାଦକ ।

## M.

**M,** ଏକସହସ୍ର ସଂଖ୍ୟକ, **M̄,** ଦଶଲକ୍ଷ ସଂଖ୍ୟକ ।
**M. A.** ବା **A. M.** *(Artium Magister)*, ବିଦ୍ୟାଲଙ୍କାର; **MS.** *(manuscript)*, ହସ୍ତଲିପି; **MSS.**, manuscripts.
**Mac,** *s.* ଐର୍ଲଣ୍ଡ ଓ ସ୍କଟଲଣ୍ଡ ଦେଶୀୟ ଭାଷାରେ ପୁତ୍ର, ଯଥା *Macdonald, Donald*-ନାମକର ପୁତ୍ର । [ଖାଦ୍ୟବିଶେଷ ।
**Macaroni,** *s.* ସୂଜି ଚିନି ଓ ବାଦାମମିଶ୍ରିତ
**Mace,** *s.* ଆଶା, ସୋଟା, ଗଦା, ଯଷ୍ଟି; ଜୈତ୍ରୀ ।
**Mace-bearer,** *s.* ଆସାବରଦାର, ଚୋପଦାର, ସୋଟାବରଦାର ।

*Macerate*, *v.* କୃଶ ବା କ୍ଷୀଣ-କ, ଭିଜାଇ-ବାର, ଓଦା-କ।
**Machination**, *s.* କୁମନ୍ତ୍ରଣା, କଳ୍ପନା, ଉପାୟ
**Machine**, *s.* କଳ, ଯନ୍ତ୍ର। [ତନ୍ତ୍ର।
**Machinery**, *s.* କଳ ଅବା ଯନ୍ତ୍ରର କର୍ମ, ଯନ୍ତ୍ର-
**Machinist**, *s.* କଳ ବା ଯନ୍ତ୍ରକର୍ମାତା।
**Mackerel**, *s.* ସମୁଦ୍ରମାଛବିଶେଷ।
**Mad**, *a.* ଉନ୍ମତ୍ତ, ବାୟା, ହତବୁଦ୍ଧି, ପାଗଳ, ସଗାନ୍ଧ।
**Madam**, *s.* ସମ୍ଭ୍ରାନ୍ତା ସ୍ତ୍ରୀର ଉପାଧି, ସାଅନ୍ତାଣୀ
**Madcap**, *s.* କ୍ଷିପ୍ତ, ସଗୀ, ଚଞ୍ଚଳ, ଅତି ଅବ-
**Madden**, *v.* ଉନ୍ମତ୍ତ-କ୍ଷିପ୍ତ-କ। [ବେଚକ।
**Madder**, *s.* ମଞ୍ଜିଷ୍ଠାବୃକ୍ଷ। [କୋଠୀ।
**Madhouse**, *s.* ଉନ୍ମତ୍ତର ଆଳୟ, ପାଗଳ-
**Madly**, *ad.* ଉନ୍ମତ୍ତ ବା ବାୟାପ୍ରାୟେ, ଅବି-ବେଚନାରେ। [ବୁଦ୍ଧି ବ୍ୟକ୍ତି।
**Madman**, *s.* ଉନ୍ମତ୍ତ, ପାଗଳ, ବାୟା, ହତ-
**Madness**, *s.* ଉନ୍ମାଦ, ବାୟାପଣ, ପାଗଳାମୀ, ଅତିକ୍ରୋଧ।
**Magazine**, *s.* ଭଣ୍ଡାର, ଅସ୍ତ୍ରାଗାର, ଗୋ-ଦାମ; ନିୟମିତ ସମୟରେ ପ୍ରକାଶିତ ନାନା ବିବରଣସହିତ ପୁସ୍ତକ।
**Maggot**, *s.* କୀଟ, କୃମି, ପୋକ, ଘୁଣ।
**Magi**, *s.* ପୂର୍ବଦେଶୀୟ ଜ୍ୟୋତିର୍ବେତ୍ତା ବା ଜ୍ଞାନୀ ବ୍ୟକ୍ତି।
**Magic**, *s.* ଇନ୍ଦ୍ରଜାଲ, ଭୋଜବିଦ୍ୟା, ଜାଦୁ,
**Magical**, *a.* ଐନ୍ଦ୍ରଜାଲିକ, ମାୟାବୀ। [କୁହୁକ।
**Magician**, *s.* ବୈତାଳିକ, କୁହୁକୀ, ଜାଦୁଗର,
**Magisterial**, *a.* ଫୌଜଦାରୀ ବିଚାରକର୍ତ୍ତା ସମ୍ବନ୍ଧୀୟ; ଗର୍ବୀ ଅହଂକାରୀ। [ମାୟାବୀ।
**Magistracy**, *s.* ବିଚାରକର୍ତ୍ତାର ପଦ ବା କର୍ମ।
**Magistrate**, *s.* ଫୌଜଦାରୀର ବିଚାରକର୍ତ୍ତା, ହାକିମ।

**Magnanimity**, *s.* ମାହାତ୍ମ୍ୟ, ମହିମା, ଉଦାର
**Magnanimous**, *a.* ମହାତ୍ମା, ମହାମହିମ, ଶ୍ରୀଯୁକ୍ତ।
**Magnesia**, *s.* ଭେଦକ ଔଷଧବିଶେଷ।
**Magnet**, *s.* ଚୁମ୍ବକପଥର, ଅୟସ୍କାନ୍ତ।
**Magnetic**, *a.* ଅୟସ୍କାନ୍ତଧର୍ମକ, ଲୌହାକର୍ଷକ, ଚୁମ୍ବକପଥର ଗୁଣବିଶିଷ୍ଟ। [ଗୁଣ।
**Magnetism**, *s.* ଅୟସ୍କାନ୍ତମଣିର ଧର୍ମ ବା
**Magnificence**, *s.* ଐଶ୍ୱର୍ଯ୍ୟ, ପ୍ରତାପ, କାନ୍ତି, ମହିମା।
**Magnificent**, *a.* ଐଶ୍ୱର୍ଯ୍ୟଯୁକ୍ତ, ମହିମାବନ୍ତ।
**Magnifier**, *s.* ସ୍ତବକାରୀ, ସ୍ତୁତିବାଦୀ; କ୍ଷୁଦ୍ର-ଦ୍ରବ୍ୟ ବଡ ଦେଖାଯାଏ ଯେଉଁ କାଚରେ।
**Magnify**, *v.* ବଡ-କ, ବଢାଇବାର, ସ୍ତବ ବା ପ୍ରଶଂସା-କ। [ଗୁରୁତ୍ୱ।
**Magnitude**, *s.* ପରିମାଣ, ବୃହତ୍ତ୍ୱ, ମହତ୍ତ୍ୱ
**Magpie**, *s.* ପକ୍ଷୀବିଶେଷ; ବକାବ୍ୟକ୍ତି।
**Mahogany**, *s.* ବହୁମୂଲ୍ୟ କାଠ, ହୋଗ୍ନି କାଠ
**Mahomedan**, *s.* ମୁସଲମାନ, ଯବନ, ମହମ୍ମ-ଦର ମତାବଲମ୍ବୀ।
**Maid**, *s.* କୁମାରୀ, କନ୍ୟା; virgin, ଅଙ୍ଗ-କନ୍ୟା; ଦାସୀ, ଚାକରାଣୀ।
**Maiden**, *s.* କୁମାରୀସମ୍ବନ୍ଧୀୟ, ତରୁଣ; ନୂତନ
**Maidenhead**, *s.* କୁମାରତ୍ୱ, ବାଲିକାବସ୍ଥା, କନ୍ୟାକାଳ। [ପ୍ରଥମା।
**Mail**, *s.* ଯୁଦ୍ଧସଜ୍ଜା, ସାଁଜୁଆ, କବଚ; ଡାକର
**Maim**, *v.* ହୀନାଙ୍ଗ-ବିକଳାଙ୍ଗ-କ୍ଷତବିକ୍ଷତ-କ।
**Maimed**, *a.* ନେଙ୍ଗଡା, ଲେଠା, ହୀନାଙ୍ଗ, ପଙ୍ଗୁ
**Main**, *a.* ପ୍ରଧାନ, ଶ୍ରେଷ୍ଠ, ସାର, ସବଳ, ତାବତ୍।
**Main**, *s.* ଅଧିକଭାଗ, ବଡବାଣ୍ଟ, ମୋଟ, ସମୁ-ଦାୟ, ମହାସମୁଦ୍ର।
**Mainland**, *s.* ମହାଦ୍ୱୀପ, ଶୁଷ୍କଭୂମି, ସ୍ଥଳ।

**Mainly**, *a.* ପ୍ରାଧାନ୍ୟରୂପେ, ସମ୍ବନ୍ଧପୂର୍ବକ,
ବିଶେଷତଃ । [ମାସ୍ତୁଲ ।
**Mainmast**, *s.* ଜାହାଜର ପ୍ରଧାନ ବା ମଧ୍ୟସ୍ଥ
**Maintain**, *v.* ପ୍ରତିପାଳନ-କ, ପୋଷିବାର,
ରକ୍ଷା-କ; ପ୍ର ।।ଃ ସିଦ୍ଧ-କ । [କର୍ତ୍ତବ୍ୟ ।
**Maintainable**, *a.* ରକ୍ଷଣୀୟ, ପାଳନୀୟ,
**Maintenance**, *s.* ଭରଣପୋଷଣ, ପ୍ରତିପା-
ଳନ, ସାହାଯ୍ୟ, ରକ୍ଷା ।
**Maize**, *s.* ଶସ୍ୟବିଶେଷ, ମକା, ଭୁଟ୍ଟା ।
**Majestic**, *a.* ପ୍ରଭାପାନ୍ବିତ, ଶ୍ରୀମାନ୍, ପ୍ରଭାପୀ,
ମହତ୍, ବଡ଼ । [ରାଣୀର ଉପାଧି ।
**Majesty**, *s.* ରାଜଶ୍ରୀ, ଗୌରବ, ରାଜା ବା
**Major**, *a.* ପ୍ରଧାନ, ଶ୍ରେଷ୍ଠ, ବଡ଼, ଅଧିକ ।
**Major**, *s.* ମେଜର ନାମକ ସୈନ୍ୟାଧ୍ୟକ୍ଷ; ମୂଳ-
କଥା । [ବୟସ, ବୟଃପ୍ରାପ୍ତି ।
**Majority**, *s* ଅଧିକାଂଶ, ଅଧର ଅଧିକ, ପୂର୍ଣ-
**Make**, *v.* ସୃଷ୍ଟି-କ, ନିର୍ମାଣ ବା ତୟାର-କ,
ଗଢ଼ିବାର, ବନାଇବାର ।
**Make**, *s.* ଅକୃତି, ଆକାର, ଗଠଣ, ରୂପ ।
**Maker**, *s.* ସୃଷ୍ଟି, ଗଢ଼ିବା ବା ନିର୍ମାଣକର୍ତ୍ତା, ରଚକ
**Malady**, *s.* ରୋଗ, ପୀଡ଼ା, ବ୍ୟାଧି, ବେ-
ଆରାମ ।
**Malapert**, *a.* ଦୁର୍ମୁଖ, ଦୁଷ୍ଟ, ଦୁରନ୍ତ ।
**Malaria**, *s.* ପୀଡ଼ାଜନକ ବାମ୍ପ ବା ଭାପ, ମନ୍ଦ-
ବାମ୍ପ । [ହି ।
**Malcontent**, *a.* ଅସମ୍ମତ, ଅସନ୍ତୁଷ୍ଟ, ଦ୍ରୋ-
**Male**, *s.* ପୁରୁଷ, ପୁଂ, ନର, ଅଣ୍ଡିରା, ପୁମାନ୍ ।
**Malediction**, *s.* ଅଭିଶାପ, ଶାପ, ମନ୍ୟୁ,
**Malefactor**, *s.* ଅପରାଧୀ, ଦୋଷୀ, କୁକର୍ମୀ
**Malevolence**, *s.* ଦ୍ୱେଷ, ଈର୍ଷ୍ୟା ହିଂସା,
ଅନିଷ୍ଟଚିନ୍ତା ।
**Malevolent**, *a.* ଦ୍ୱେଷୀ, ଦ୍ରୋହକ, କୁଟିଳ,
ହିଂସକ ।

X

**Malice**, *s.* ହିଂସା, ଦ୍ୱେଷ, ଈର୍ଷ୍ୟା, ଅନିଷ୍ଟ-
ଚେଷ୍ଟା । [ହିଂସକ ।
**Malicious**, *a.* ମନ୍ଦଚିନ୍ତକ, ଦ୍ୱେଷୀ, କୁଟିଳ,
**Malign**, *v.* ଦ୍ୱେଷ- ହିଂସା- ଈର୍ଷ୍ୟା-କ ।
**Malignant**, *a.* ମନ୍ଦଚେଷ୍ଟାକାରୀ, ଦ୍ୱେଷକ ।
**Malignity**, *s.* ଦ୍ୱେଷ, ଈର୍ଷ୍ୟା, ଅସୂୟା, ହିଂସା
**Maligner**, *s.* ମିଥ୍ୟାପବାଦକ, ଅପବାଦକା-
ରକ । [ମାରିବାର ।
**Mall**, *v.* ମୁଦ୍ଗରଘାତ-କ, ବାଡ଼ିରେ ପିଟିବାର,
**Malleable**, *a.* ଅଘାତଦ୍ୱାରା ବୃଦ୍ଧିଶୀଳ, ଅ-
ହନନୀୟ ।
**Mallet**, *s.* ମୁଦ୍ଗର, ମୁଗୁର, ପିଟଣା ।
**Malpractice**, *s.* କଦାଚାର, କୁବ୍ୟବହାର,
କୁକର୍ମ । [ପରିପକ୍ୱ ହୁଏ ।
**Malt**, *s.* ଭିଜା ଜଉଘର ଶୁଷ୍କଯବ ଯହିଁର ସାର-
**Maltreat**, *v.* ନିଗ୍ରହ- ମାରପିଟ-କ, କ୍ଳେଶ-ଦ
**Malversation**, *s.* ଦୁଷ୍କର୍ମ, ଅସଦାଚାର, ପ୍ର-
ତାରଣା, ଧୂର୍ତ୍ତତା ।
**Mamma**, *s.* ସ୍ନେହୋକ୍ତି, ଅର୍ଥାତ୍ ମା, ମାତା ।
**Mammalia**, *s.* ଦୁଗ୍ଧଦାୟୀ ପ୍ରାଣିବର୍ଗ ।
**Mammon**, *s.* ଧନ, ସମ୍ପତ୍ତି, ଲକ୍ଷ୍ମୀ, ଦୌଲତ୍ ।
**Man**, *s.* ପୁରୁଷ, ମନୁଷ୍ୟ, ନର, ମର୍ଦ୍ଦ; -of war,
ଯୁଦ୍ଧ ଜାହାଜ । [ଇବାର ।
**Man**, *v.* ଜାହାଜର ନିମନ୍ତେ ଲୋକ ଯୋଗା-
**Manacles**, *s.* ହାତକଡ଼ି ବା ବେଡ଼ୀ ।
**Manage**, *v.* ଚଳାଇବାର, କର୍ମନିର୍ବାହ ବା
ତତ୍ତ୍ୱାବଧାରଣ-କ । [ବ୍ୟୋଗ୍ୟ ।
**Manageable**, *a.* ସୁସାଧ୍ୟ, ଶାସନୀୟ, ନିର୍ବା-
**Management**, *s.* କର୍ମକର୍ତ୍ତୃତ୍ୱ, କାର୍ଯ୍ୟନିର୍ବାହ,
ପରିମିତବ୍ୟୟ । [କର୍ତ୍ତା, ସମ୍ପାଦକ ।
**Manager**, *s.* କର୍ମନିର୍ବାହକ, ବେବର୍ତ୍ତା, କର୍ମ-
**Mandarin**, *s.* ଚୀନଦେଶର କୁଲୀନ ବା ଉ-
ଚ୍ଚପଦସ୍ଥ ।

**Mandate**, *s.* ଅଜ୍ଞା, ଆଦେଶ, ହୁକୁମ, ପର-
ଆନା ।
**Mandatory**, *a.* ଆଦେଶକ, ଆଜ୍ଞାଦାୟୀ ।
**Mane**, *s.* ଅଶ୍ୱାଦିର ବେକର କେଶ ।
**Maneater**, *s.* ମନୁଷ୍ୟଭକ୍ଷକ, ରାକ୍ଷସ, ଅସୁର ।
**Manes**, *s.* ପ୍ରେତଲୋକ, ବିଯୋଗ ପିତୃଲୋକ ।
**Manful**, *a.* ସାହସିକ, ନିର୍ଭୟ, ବଳବାନ୍, ବି-
କ୍ରମୀ ।
**Manfully**, *ad.* ସାହସପୂର୍ବକ, ନିର୍ଭୟେ ।
**Manger**, *s.* ପଶ୍ୱାଦିର ଦାନା ଡଙ୍ଗା ବା ପାତ୍ର ।
**Mangle**, *v.* ଖଣ୍ଡ୍ ୨-କ, କାଟକୁଟ-କ; ବସ୍ତ୍ର-
ଇସ୍ତ୍ରୀ-କ । [ଶ୍ୟମାଛ ।
**Mango**, *s.* ଆମ୍ବ, ଆମ୍ର, ଚୂତ; -fish, ତପ-
**Mangy**, *a.* କାଛୁରୋଗଗ୍ରସ୍ତ । [ଷତ୍ୱ, ଯୌବନ
**Manhood**, *s.* ବୟଃପ୍ରାପ୍ତ, ମନୁଷ୍ୟତ୍ୱ, ପୁରୁ-
**Mania**, *s.* କୌଣସି ବିଷୟରେ ମନର ଆସକ୍ତି,
ଅତ୍ୟନୁରାଗ ।
**Maniac**, *s.* ଉନ୍ମତ୍ତ, ପାଗଲ, ବାୟା ।
**Manifest**, *a.* ସ୍ପଷ୍ଟ, ପ୍ରକାଶ, ବ୍ୟକ୍ତ, ପ୍ରତ୍ୟକ୍ଷ ।
**Manifest**, *v.* ପ୍ରକାଶ-ବ୍ୟକ୍ତ-କ, ଜଣାଇବାର
**Manifestation**, *s.* ପ୍ରକାଶକରଣ, ଘୋଷଣା,
ଜାହିର । [ବା ବିଜ୍ଞାପନପତ୍ର ।
**Manifesto**, *s.* ରାଜାଜ୍ଞାଘୋଷଣା, ଘୋଷଣା
**Manifold**, *a.* ବିବିଧ, ନାନାପ୍ରକାର, ବହୁରୂପ,
ଅନେକ ।
**Manikin**, *s.* କ୍ଷୁଦ୍ରମନୁଷ୍ୟ, ବାମନ ।
**Manipulate**, *v.* ହାତବୁଲାଇବାର, ହସ୍ତେ
ମର୍ଦ୍ଦନ-କ ।
**Mankind**, *s.* ମନୁଷ୍ୟଜାତି, ମାନବଗଣ ।
**Manliness**, *s.* ପୁରୁଷତ୍ୱ, ସାହସ, ବିକ୍ରମ,
ବୀରତ୍ୱ ।
**Manly**, *a.* ମନୁଷ୍ୟର ନ୍ୟାୟ, ବଳବାନ୍, ସା-
ହସୀ, ନିର୍ଭୟ ।

**Manner**, *s.* ଧାରା, ରୀତି, ମତ, ପ୍ରକାର, ରୂପ,
ଢୌଲ ।
**Mannerly**, *a.* ଶିଷ୍ଟାଚାରୀ, ସୁଶୀଳ । [ମାତ୍ର ।
**Manners**, *s.* ସୁରୀତି, ଶିଷ୍ଟାଚାର, ସଭ୍ୟତା,
**Manœuvre**, *s.* କୌଶଳ, ଉଦ୍ଯୋଗ, ଉ-
ପାୟ, ଛଳ ।
**Manor**, *s.* ଭୂମ୍ୟଧିକାର, ତାଲୁକ, ଜମିଦାରୀ ।
**Mansion**, *s.* ଧନଲୋକର କୋଠା, ଘର ।
**Manslaughter**, *s.* ଅଜ୍ଞାନକୃତ ମନୁଷ୍ୟ ବଧ,
ବିନାହିଂସାରେ ବଧ ।
**Mantle**, *s.* ବଡଜାମା, ଲବେଦା, ଓଢଣୀବସ୍ତ୍ର
**Mantle**, *v.* ଢାଙ୍କିବାର, ଘୋଡାଇବାର, ଆ-
ଚ୍ଛାଦନ କରିବାର । [କାରିଗର ।
**Manual**, *a.* ହସ୍ତକୃତ, ହାତରେ କରିବା କର୍ମ,
**Manual**, *s.* ବିଦ୍ୟା ସାରସଂଗ୍ରହ ପୁସ୍ତକ, ପ୍ରା-
ର୍ଥନାପଦ୍ଧତି । [କାରଖାନା ।
**Manufactory**, *s.* ଶିଳ୍ପକର୍ମ କରିବା ଘର,
**Manufacture**, *s.* ଶିଳ୍ପକର୍ମ ବା ବ୍ୟବସାୟ,
କାରିଗର, ଗଢଣ । [ତିବାର, ବନାଇବାର ।
**Manufacture**, *v.* ନିର୍ମାଣ ବା ରଚନା-କ, ପ୍ର-
**Manufacturer**, *s.* ଶିଳ୍ପକାର, କାରିଗର,
ନିର୍ମାଣକର୍ତ୍ତା । [ଚନକରଣ ।
**Manumission**, *s.* ଦାସତ୍ୱରୁ ମୁକ୍ତି, ମୋ-
**Manumit**, *v.* ଦାସତ୍ୱରୁ ମୁକ୍ତ ବା ଉଦ୍ଧାର-କ ।
**Manure**, *v.* ଖତମାଟି-ଦ, ଉର୍ବରା-କ ।
**Manure**, *s.* ସାର, ଗୋବରଖତ ଇତ୍ୟାଦି ।
**Manuscript**, *s.* ହସ୍ତଲିପି, ହସ୍ତରେଲିଖିତ
ଗ୍ରନ୍ଥ ବା ପୁସ୍ତକ । [ଅପାର ।
**Many**, *a.* ଅନେକ, ଗୁଡାଏ, ବହୁତ, ଢେର,
**Map**, *s.* ଦେଶାଦିର ନକ୍ସା, ମାନଚିତ୍ର ।
**Mar**, *v.* ନଷ୍ଟ-କ, କ୍ଷତ ବା ହାନି-କ ।
**Marauder**, *s.* ଲୁଟିଆର, ଡକାଇତ, ଖଣ୍ଡି-
ବାଟପାଡ ।

**Marauding,** *s.* ଡକାଇତି ବା ଲୁଟକରଣାର୍ଥ ଭ୍ରମଣ । [କ୍ଷୁଦ୍ରଗୁଳି ।
**Marble,** *s.* ମର୍ମରପଥର, ବାଳକଖେଳନାର୍ଥ
**March,** *v.* ସୈନ୍ୟପ୍ରସ୍ଥାନ-କ, ବେଗେ ବା ଯାତ୍ରା-କ । [ସନର ତୃତୀୟ ମାସ ।
**March,** *s.* ସେନାମାନଙ୍କର ଯାତ୍ରା; ଇଙ୍ଗ୍ଲଣ୍ଡୀୟ
**Marches,** *s.* ଦୁଇଦେଶର ସନ୍ଧିସ୍ଥାନ ବା ସୀମା
**Marchioness,** *s.* ଇଉରୋପୀୟ ଏକପ୍ରକାର କୁଳୀନର ସ୍ତ୍ରୀ । [mare, କୁସ୍ୱପ୍ନ ।
**Mare,** *s.* ଘୋଡ଼ୀ, ଅଣ୍ଡୀ, ମାଦୁଅନ; night-
**Margin,** *s.* ସୀମା, ପ୍ରାନ୍ତ, ଧାର, ତଟ, କୂଳ, କନାର ।
**Marginal,** *a.* ଧାରସ୍ଥିତ, ପୁସ୍ତକର ପାର୍ଶ୍ୱସ୍ଥ ।
**Marigold,** *s.* ଗେଣ୍ଡୁ ଫୁଲ ।
**Marine,** *a.* ଜାହାଜର ସମୁଦ୍ରସମ୍ବନ୍ଧୀୟ ।
**Marine,** *s.* ଜାହାଜୀୟ ସୈନ୍ୟ, ଯୁଦ୍ଧ ଜାହାଜ ସମୂହ । [ଜର ଲୋକ ।
**Mariner,** *s.* ନାବିକଖଲାସୀ, ମଲ୍ଲା, ଜାହା-
**Maratime,** *a.* ସମୁଦ୍ରସମ୍ବନ୍ଧୀୟ, ସମୁଦ୍ରୀୟ ।
**Mark,** *s.* ଚିହ୍ନ, ଦାଗ, ଅଙ୍କ; ଲକ୍ଷ; ପ୍ରମାଣ; ରେଖା, ସଂଜ୍ଞା । [ଯୋଗ-କ ।
**Mark,** *v.* ଚିହ୍ନ- ଦାଗ- ନିଶାଣ-କ, ମନୋ-
**Market,** *s.* ହାଟ, ବଜାର, ଗଞ୍ଜ, କ୍ରୟବିକ୍ରୟ-ସ୍ଥାନ ।
**Market,** *v.* ହାଟ- ବଜାର- କ୍ରୟବିକ୍ରୟ-କ ।
**Marketable,** *a.* କ୍ରୟବିକ୍ରୟଯୋଗ୍ୟ, ବିକ୍ରେୟ
**Marketplace,** *s.* ହାଟ ବା କ୍ରୟବିକ୍ରୟସ୍ଥାନ ।
**Marksman,** *s.* ଲକ୍ଷ ଠିକକରି ମାରିବାବ୍ୟକ୍ତି
**Marl,** *s.* ସତେଜ ମୃତ୍ତିକା ବା ସାରମାଟୀବିଶେଷ
**Marmalade,** *s.* ମୋରବ୍ବାବିଶେଷ ।
**Marque,** *s.* ଶତ୍ରୁର ଜାହାଜ ଧରିବାର ଅନୁମତି
**Marquee,** *s.* ସେନାପତିର ତମ୍ବୁ, ବଡଡେରା ।
**Marquis,** *s.* ଇଉରୋପୀୟ କୁଳୀନବିଶେଷ ।
**Marriage,** *s.* ବିବାହ, ବିଭା, ପାଣିଗ୍ରହଣ, ଶାଦି
**Marriageable,** *a.* ବିବାହଯୋଗ୍ୟ, ସୀଅଣା, ବିଭାକାଳପ୍ରାପ୍ତ ।
**Married,** *a.* Fem. ବିବାହିତା, ପରିଣୀତା; Mas. ବିବାହିତ, ପରିଣୀତ । [ମର୍ମ ।
**Marrow,** *s.* ଅସ୍ଥିର ସାର ବା ମଜ୍ଜା, ହାଡରସ,
**Marrowbone,** *s.* ମଜ୍ଜାଧାର ହାଡ ।
**Marry,** *v.* ବିବାହ-କ, ବିବାହ-ଦ, ପାଣିଗ୍ରହଣ-କ ।
**Mars,** *s.* ମଙ୍ଗଳଗ୍ରହ; ଭୂମିଜ, କୁଜ ।
**Marsh,** *s.* ଜଳୁଆଭୂମି, ଝିଲ । [ନାପତି ।
**Marshal,** *s.* ସୈନ୍ୟର ଅଗ୍ରଗଣ୍ୟ, ପ୍ରଧାନ ସେ-
**Marshal,** *v.* ଶ୍ରେଣୀବଦ୍ଧ- ଧାଡ଼ି-କ ।
**Marshy,** *a.* ଜଳଯୁକ୍ତ, ସଜଳ, ସନ୍ତା, ଦଲଦଲିଆ ।
**Mart,** *s.* ହାଟ, ଗଞ୍ଜ, ବଜାର, ଚୌକ ।
**Martial,** *a.* ଯୁଦ୍ଧସମ୍ବନ୍ଧୀୟ, ସାହସୀ, ଯୁଦ୍ଧାର୍ଥୀ
**Martin,** *s.* ପକ୍ଷିବିଶେଷ; ନାମ, ସଂଜ୍ଞା ।
**Martingale** *s*, ଘୋଡାର ପେଟୀ ଜେରବନ୍ଦ, ଅଧୋବନ୍ଧନୀ ।
**Martyr,** *s.* ଧର୍ମାର୍ଥେ ପ୍ରାଣ ଛାଡିବା ଲୋକ ।
**Martyrdom,** *s.* ଧର୍ମ ପ୍ରମାଣାର୍ଥେ ମରଣ ।
**Marvel,** *s.* ଆଶ୍ଚର୍ଯ୍ୟବିଷୟ, ଅଦ୍ଭୁତକର୍ମ ।
**Marvel,** *v.* ଆଶ୍ଚର୍ଯ୍ୟବୋଧ-କ, ଚମତ୍କୃତ-ହ ।
**Marvellous,** *a.* ଆଶ୍ଚର୍ଯ୍ୟ, ଚମତ୍କାର, ଅଦ୍ଭୁତ, ଅପୂର୍ବ । [ରୂପେ ।
**Marvellously,** *ad.* ଆଶ୍ଚର୍ଯ୍ୟ ବା ଚମତ୍କାର-
**Masculine,** *a.* ପୁଂ, ପୁରୁଷବତ୍, ବୀର୍ଯ୍ୟବନ୍ତ, ଦୃଢ; -Gender, ପୁଂଲିଙ୍ଗ ।
**Mask,** *s.* ମୁଖସ୍ତ୍ର, କପଟବେଶ, କୃତ୍ରିମମୁଖ ।
**Mask,** *v.* ମୁଖା-ଧ, ଛଦ୍ମବେଶ-ଧ ।
**Mason,** *s.* ରାଜମିସ୍ତ୍ରୀ, ରାଜ ।
**Masonry,** *s.* ରାଜମିସ୍ତ୍ରୀର କର୍ମ ।

Masquerade, *s.* ମୁଖା ବା ଛଦ୍ମବେଶଧାରି-ବ୍ୟକ୍ତିମାନଙ୍କର ଉତ୍ସବ ।
Mass, *s.* ରାଶି, ଗଦା, ଢିପ, ଅନେକ ।
Massacre, *s.* ହତ୍ୟା, ବଧ, ଖୁଣ, ସଂହାର ।
Massacre, *v* ହତ୍ୟା-କ, ବଧ ବା ସଂହାର-କ
Massive, *a.* ଭାରି, ଗୁରୁ, ବୃହତ୍, ବଡ ।
Mast, *s.* ଜାହାଜର ମାସ୍ତୁଲ । [ସ୍ୱାମୀ ।
Master, *s.* କର୍ତ୍ତା, ପ୍ରଭୁ, ମୁନିବ, ଶିକ୍ଷକ, ଗୁରୁ,
Master, *v.* ଶାସନ- ଦମନ- ବଶ- ଆୟତ୍ତ-କ ।
Masterly, *a.* ଅତିବିଜ୍ଞରୂପେ, ନିପୁଣମତେ, ପ୍ରଭୁପରି ।
Masterpiece, *s.* ଅନୁପମ କାରିଗିରି, ବଡ ସୁନ୍ଦର ବିଷୟ ।
Mastery, *s.* ପ୍ରଭୁତ୍ୱ, କର୍ତ୍ତୃତ୍ୱ, ପ୍ରାଧାନ୍ୟ ।
Masticate, *v.* ଚୋବାଇବାର, ଚର୍ବଣ-କ, ଦାନ୍ତରେ ପେଷିବାର । [କୁକ୍କୁର ।
Mastiff, *s.* ଅତିବଡ କୁକ୍କୁର, ଘର ଚୌକିର
Mat, *s.* ଚଟାଇ, ପଟି, ସପନ୍ଦେଁସ ।
Mat, *v.* ସପ ବା ଚଟାଇ ବିଛାଇବାର, ଢେଁସ ପାଡବାର ବା ପକାଇବାର ।
Match, *s.* ଦିଆକାଠି ବା ଦିଆସିଲ; ବାଜି ବା ପଣର ଯୁଦ୍ଧ; ସମତୁଲ୍ୟ; ବିବାହ ।
Match, *v.* ସମତୁଲ୍ୟ-କ, ଯୋଡ ବା ବିବାହ-କ
Matchless, *a.* ଅତୁଲ୍ୟ, ଅଦ୍ୱିତୀୟ, ଅନୁପମ ।
Matchlock, *s.* ତୋଡାଦାର ବନ୍ଧୁକ ।
Mate, *s.* ସହବାସୀ, ସଙ୍ଗୀ; ଜାହାଜ ଅଧ୍ୟକ୍ଷର ନାଏବ ।
Material, *a.* ପଞ୍ଚଭୂତାତ୍ମକ, ଶାରୀରିକ ବସ୍ତୁମୟ; ଭାରି, ଆବଶ୍ୟକ । [ଶଲ୍ପ ।
Materials, *s.* ସାମଗ୍ରୀ, ସରଞ୍ଜାମ, ମାଲମ-
Materially, *ad.* ଅତ୍ୟାବଶ୍ୟକ ବା ଗୁରୁତରରୂପେ । [ତୁଲ୍ୟ ।
Maternal, *a.* ମାତୃବତ୍, ଦୟାଶୀଳ, ମାତୃ-
Mathematician, *s.* କ୍ଷେତ୍ରାଦି ପରିମାଣବିଦ୍ୟାଜ୍ଞ ।
Mathematics, *s.* ପରିମାଣାଦିବିଦ୍ୟା, ସଂଖ୍ୟା
Matins, *s.* ପ୍ରାତଃକାଳର ଅର୍ଚ୍ଚନା ବା ଧର୍ମ ।
Matricide, *s.* ମାତୃହତ୍ୟା, ମାତୃଘାତକ ।
Matriculate, *v.* କୌଣସି ବିଦ୍ୟାଳୟ ବା ସମାଜଭୁକ୍ତ-ହ । [ହିକ ।
Matrimonial, *a.* ବିବାହସମ୍ବନ୍ଧୀୟ, ବୈବା-
Matrimony, *s.* ବିବାହ, ବିଭା, ପରିଣୟ ।
Matrix, *s.* ଗର୍ଭ, ଜଠର, ଜରାୟୁ, ଢାଳିବାର ଛାଞ୍ଚ, ଫର୍ମା ।
Matron, *s.* ବିବାହିତାସ୍ତ୍ରୀ, ଗୃହିଣୀ, କର୍ତ୍ତ୍ରୀ ।
Matronly, *a.* ଗୃହିଣୀବତ୍, ଧୀର, ମାନ୍ୟଭୂକ୍ତ
Matter, *s.* ପ୍ରକୃତି, ବସ୍ତୁ, ଦ୍ରବ୍ୟ; business, କଥା, ବିଷୟ; pus, ପୂଜ ।
Matter, *v.* ଆବଶ୍ୟକ- ପ୍ରୟୋଜନ-ହ ।
Mattock, *s.* କୋଦାଳିବିଶେଷ, ଗିଡାସ ।
Mattress, *s.* ତୋଷକ, ତୁଳାଦିପୂର୍ଣ୍ଣ ବିଛଣା ।
Mature, *a.* ପାଚିଲା, ପରିପକ୍ୱ, ସମ୍ପୂର୍ଣ୍ଣ, ସୁବିବେଚିତ । [ବି
Mature, *v.* ପରିପକ୍ୱ-ହ, ପାଚିବାର, ପୋକ୍ତ
Maturity, *s.* ପରିପାକ, ସମ୍ପୂର୍ଣ୍ଣତା ।
Maudlin, *s.* ଅର୍ଦ୍ଧମତ୍ତ ବା ବିହ୍ୱଳ ।
Maugre, *ad.* ବିରୁଦ୍ଧେ, ନମାନି, ତଥାପି ।
Maul, *v.* ପ୍ରହାର-କ, ପିଟିବାର, ମାଡିବାର ।
Maund, *s.* ଏକ ମହଣ, ୪୦ ସେର ।
Mausoleum, *s.* କବରର ଉପରସ୍ଥ ମନ୍ଦିର ।
Maw, *s.* ପଶୁ ପକ୍ଷୀାଦିର ଜଠର ବା କୋଷ୍ଠ ।
Mawkish, *a.* ଅରୁଚିଜନକ, ଘୃଣାଜନକ ।
Mawworm, *s.* ଉଦରସ୍ଥ କୃମି, କୀଟ, ଛଳ ।
Maxim, *s.* ମୂଳସୂତ୍ର, ନୀତି, ଉପଦେଶବାକ୍ୟ ।
Maximum, *s.* ସବୁଠାରୁ ଅଧିକ । [ମାସ ।
May, *s.* ଇଂରାଜୀୟ ସନର ପଞ୍ଚମ ମାସ, ଜ୍ୟେ

**May**, *v.* କ୍ଷମତା ବା ପାରଗତା ବା ଅନୁମତି-ବୋଧକ ଶବ୍ଦ, ଯଥା ହେବାକୁ ପାରେ, ତୁମ୍ଭେ ଯାଅ । [ପ୍ରଧାନ ବ୍ୟକ୍ତି ।

**Mayor**, *s.* ନଗରାଧ୍ୟକ୍ଷ, ନଗରସ୍ଥସମାଜର

**Mayoress**, *s.* ନଗରାଧ୍ୟକ୍ଷର ପତ୍ନୀ ବା ସ୍ତ୍ରୀ ।

**Maze**, *s.* ଘୁରୁଣିଆ ବା ଭୁଲବାଟ, ଉଦ୍ବିଗ୍ନତା, ବିସ୍ମୟ ।

**Mazy**, *a.* ପେଁଚୁଳ, ବିସ୍ମୟଜନକ, କୁଟିଳ ।

**Me**, *p. obj, case of I.* ଆମ୍ଭକୁ, ମୋତେ ।

**Mead**, *s.* ମଧୁ ଓ ଜଳମିଶ୍ରିତ ପେୟଦ୍ରବ୍ୟ ।

**Meadow**, **Mead**, *s.* ତୃଣବନ, ମାଠ, ତୃଣମୟ ଭୂମି ।

**Meagre**, *a.* କୃଶ, କ୍ଷୀଣ, ଦୁର୍ବଳ, ମୂର୍କ୍ତିହୀ ।

**Meal**, *s.* ଆହାର, ଭୋଜନ; ମଇଦା ଛତୁ ଇତ୍ୟାଦି ।

**Mealy**, *a.* ମଇଦାଛତୁ ଇତ୍ୟାଦି ଗୁଣବିଶିଷ୍ଟ ।

**Mean**, *a.* କ୍ଷୁଦ୍ର, ନୀଚ, ଅଧମ, ଇତର; sordid, କୃପଣ । [ମତା ।

**Mean**, *s.* ମଧ୍ୟ, ମଝି; ମୂଲ୍ୟ ବରାବର, ମଧ୍ୟ-

**Mean**, *v.* ମନରେ- ମନସ୍ଥ- ଅଭିପ୍ରାୟ-କ ।

**Meander**, *v.* ଘୁରିବାର, ଫେରି ବା ବୁଲି ଚଳିବାର । [ମାନେ ।

**Meaning**, *s.* ଅର୍ଥ, ଅଭିପ୍ରାୟ, ମତଲବ, ଭାବ,

**Meanly**, *ad.* କାର୍ପଣ୍ୟରୂପେ, କୁତ୍ସିତ ବା କଦର୍ଯ୍ୟରୂପେ ।

**Meanness**, *s.* କ୍ଷୁଦ୍ରତା, ଅଧମତା, ନୀଚତା ।

**Means**, *s.* ଜୀବନୋପାୟ, ସଂସ୍ଥାନ, ଉପାୟ, ଯୋଗ; By all- ଅବଶ୍ୟ; By this- ଏହି ଉପାୟରେ; By no- କୌଣସିମତେ ନୋହେ ।

**Meantime**, *s.* ଏଥିମଧ୍ୟରେ, ମଧ୍ୟକାଳ;

**Measles**, *s.* ମିଳିମିଳା, ହାମଫେର । [ଗ୍ୟ ।

**Measurable**, *a.* ପରିମେୟ, ମାପିବାଯୋ-

**Measure**, *v.* ମାପିବାର, ପରିମାଣ-କ ।

**Measure**, *s.* ମାପ, ଆୟତନ, ପରିମାଣ ।

**Measurement**, *s.* ମାପକରଣ, ମାପ, ପରିମାଣ ।

**Measures**, *s.* ଉପାୟ, କର୍ମର ପଥ ବା ଧାରା

**Meat**, *s.* ଖାଦ୍ୟମାଂସ, ଭକ୍ଷ୍ୟଦ୍ରବ୍ୟ, ଆହାର ।

**Mechanic**, *s.* ଶିଳ୍ପକ, ଶିଳ୍ପୀ, କାରିଗର,

**Mechanical**, *a.* ଶିଳ୍ପଯନ୍ତ୍ରସମ୍ବନ୍ଧୀୟ । [ବଢ଼ାଇ

**Mechanics**, *s.* ଶିଳ୍ପବିଦ୍ୟା, ଯନ୍ତ୍ରାଦିବିଷୟକ ବିଦ୍ୟା ।

**Mechanism**, *s.* ଶିଳ୍ପବିଦ୍ୟା ଦ୍ୱାରା ନିର୍ମାଣ ।

**Medal**, *s.* ମୁଦ୍ରା, ପାରିତୋଷିକାର୍ଥେ ଅଙ୍କିତ ମୁଦ୍ରା । [ମୋହର ।

**Medallion**, *s.* ପ୍ରାଚୀନ କାଳର ମୁଦ୍ରା ବା

**Meddle**, *v.* ପରକର୍ମରେ ହାତ-ଦ, ଅନଧି-

**Meddler**, *s.* ପରଚର୍ଚ୍ଚକ । [କାର ଚର୍ଚ୍ଚା-କ ।

**Mediate**, *v.* ମଧ୍ୟସ୍ଥ- ମଧ୍ୟବର୍ତ୍ତୀ-ହ, ସାଲିସ-କ

**Mediation**, *s.* ମଧ୍ୟସ୍ଥପଣ, ସାଲିସ, ମୀମାଂସା

**Mediator**, *s.* ମଧ୍ୟସ୍ଥ, ମଧ୍ୟବର୍ତ୍ତୀ, ସାଲିସକର୍ତ୍ତା, ଭଲଲୋକ । [ଲ୍ଭ ।

**Medicable**, *a.* ଚିକିତ୍ସନୀୟ, ଉପଶମ୍ୟ, ପ୍ରତି-

**Medical**, *a.* ଚିକିତ୍ସାସମ୍ବନ୍ଧୀୟ, ବୈଦ୍ୟକ ।

**Medically**, *ad.* ବୈଦ୍ୟକରୂପେ, ଚିକିତ୍ସକରୂପେ । [ପାଦ ।

**Medicament**, *s.* ଔଷଧ, ଭେଷଜ, ପ୍ରଲେ-

**Medicinal**, *a.* ଔଷଧୀୟ, ବୈଦ୍ୟକ ।

**Medicine**, *s.* ଔଷଧ, ଦବାଇ, ଇଲାଜ, ବୈଦ୍ୟବିଦ୍ୟା । [ପରିମିତଭାବ ।

**Mediocrity**, *s.* ମଧ୍ୟମାବସ୍ଥା, ମଧ୍ୟମତା,

**Meditate**, *v.* କଳ୍ପନା-କ, ଧ୍ୟାନ ବା ଭାବିବାର, ମନସ-କ । [ଯୋଗ ।

**Meditation**, *s.* ଧ୍ୟାନ, ଚିନ୍ତା, ଭାବନା,

**Meditative**, *a.* ଧ୍ୟାନୀ, ଚିନ୍ତାଯୁକ୍ତ, ଯୋଗୀ

Mediterranean, *s.* ଭୂମଧ୍ୟସ୍ଥ; -sea, ଭୂମଧ୍ୟସ୍ଥ ସମୁଦ୍ର ।
Medium, *s.* ମଧ୍ୟବେଇ, ମଧ୍ୟମାବସ୍ଥା; ବାହକ
Medley, *s.* ଖିଚଡ଼ି, ମିଶାମିଶି, ନାନାଦ୍ରବ୍ୟ- [ସଂଗ୍ରହ ।
Medullary, *a.* ମଜ୍ଜାସମ୍ବନ୍ଧୀୟ ।
Meed, *s.* ପ୍ରତିଫଳ, ଦାନ, ପାରିତୋଷିକ, ବକ୍ସିସ୍ । [ସ୍ୱଭାବ ।
Meek, *a.* ବିନୟୀ, ନମ୍ରଶୀଳ, କୋମଳ, ଶା-
Meekness, *s.* ମୃଦୁତା, ନମ୍ରତା, ସୁଶୀଳତା, ବିନୟ ।
Meet, *v.* ସମ୍ମୁଖାସମ୍ମୁଖି-ହ ସାକ୍ଷାତ-କ, ଏକ- ତ୍ର-ହ, ଭେଟିବାର ।
Meet, *a.* ଉପଯୁକ୍ତ, ଉଚିତ, ଯୋଗ୍ୟ, ସଙ୍ଗତ
Meeting, *s.* ସଭା, ସମାଜ, ମେଳା, ସାକ୍ଷାତ, ଭେଟ । [ଚିତପଣ ।
Meetness, *s.* ଉପଯୁକ୍ତତା, ଯୋଗ୍ୟତା, ଉ-
Megrim, *s.* ଅନର୍ଥକଚିନ୍ତା, ମୁଣ୍ଡବୁଲା, ହଠାତ ବାଞ୍ଛା । [ବିଷଣ୍ଣ ।
Melancholy, *a.* ଉତ୍କଣ୍ଠିତ, ବିମର୍ଷ, ଦୁଃଖିତ,
Melancholy, *s.* ଉତ୍କଣ୍ଠା, ନିରାନନ୍ଦ, ବିଷାଦ
Meliorate, *v.* ଉପଶମ- ପୂର୍ବରୁ ଉତ୍ତମ-କ, ସୁଧାରିବାର । [କରଣ, ଉତ୍ତମାବସ୍ଥା ।
Melioration, *s.* ଉପଶମ, ପୂର୍ବରୁ ଉତ୍ତମ-
Mellifluence, *s.* ମିଷ୍ଟ ପ୍ରବାହ, ମିଷ୍ଟବାକ୍ୟ, ବାକ୍ପଟୁତା । [ମିଷ୍ଟଭାଷୀ ।
Mellifluous, *a.* ମଧୁମୟ, ମଧୁର, ବାକ୍ପଟୁ,
Mellow, *a.* ସୁପକ୍ୱ, ପରିପକ୍ୱ, ମୃଦୁସ୍ୱର, ମତ୍ତ ।
Mellow, *v.* ପରିପକ୍ୱ-କ, ନରମ ବା କୋ- ମଳ-କ । [ଯୁକ୍ତ ।
Melodious, *a.* ସୁଶ୍ରାବ୍ୟ, ମିଷ୍ଟ, ସୁସ୍ୱର, ମଧୁର-
Melodiously, *ad.* ମିଷ୍ଟସ୍ୱରପୂର୍ବକ, ସୁଶ୍ରାବ୍ୟ- ରୂପେ ।
Melody, *s.* ସ୍ୱରମିଳଣ, ସୁସ୍ୱର, ସଙ୍ଗୀତ ।

Melon, *s.* ଫୁଟି; water- ତରଭୁଜ; small- ଖରଭୁଜ । [କୋମଳ- ନରମ-କ ।
Melt, *v.* ଆର୍ଦ୍ର ବା ଦ୍ରବ-କ, ତରଳାଇବାର,
Member, *s.* ଅଙ୍ଗ, ଅବୟବ; -of a society, ସଭାସ୍ଥଜନ; of a discourse, ପ୍ରକରଣ, ସୂକ୍ତ । [ସୂକ୍ଷ୍ମାଚ୍ଛାଦନ ।
Membrane, *s.* ଜାଲପରି ଚର୍ମ, ମାଂସପେଶୀର
Memento, *s.* ସ୍ମୃତିଜନକ ଚିହ୍ନ, ସ୍ମରଣାର୍ଥଦ୍ରବ୍ୟ
Memoir, *s.* ଆୟୁର ବିବରଣ, ବୃତ୍ତାନ୍ତ, ଚରିତ୍ର ।
Memorable, *a.* ସ୍ମରଣୀୟ, ମନରେ ରଖିବା- ଯୋଗ୍ୟ । [ବିଖ୍ୟାତ ।
Memorandum, *s.* ସ୍ମରଣାର୍ଥ ଲିପି ବା ଖଣ୍ଡ
Memorial, *s.* ସ୍ମରଣାର୍ଥଚିହ୍ନ; an address, ନିବେଦନପତ୍ର ।
Memory, *s.* ସ୍ମରଣୀୟ ମନ, ସ୍ମୃତି ଧାରଣଶକ୍ତି
Menace, *v.* ଭୟ ଦେଖାଇବାର, ଧମକାଇ- ବାର, ତର୍ଜ୍ଜନ-କ । [ପ୍ରଦର୍ଶନ ।
Menace, *s.* ଧମକ, ତର୍ଜ୍ଜନ, ତାଡ଼ଣା, ଭୟ-
Mend, *v.* ସଜାଡ଼ିବାର, ଶୁଧୁରାଇବାର, ମର- ମତି-କ, ଉତ୍ତମ-କ ।
Mendacious, *a.* ମିଥ୍ୟା, ମିଥ୍ୟାବାଦୀ, ଝୁଠା
Mendacity, *s.* ମିଥ୍ୟାକଥା, ପ୍ରବଞ୍ଚନା, ଝୁଠି
Mendicant, *s.* ଭିକ୍ଷୁକ, ଦ୍ୱାରଦ୍ୱାରୀ, କଙ୍ଗାଳୀ, ଭିଖାରୀ । [ଲିପଣ ।
Mendicity, *s.* ଭିକ୍ଷୁକତା, ଦରିଦ୍ରତା, କଙ୍ଗା-
Menial, *s.* ଭୃତ୍ୟ, ଦାସ, ଚାକର, ଅନୁଚର ।
Menial, *a.* ଭୃତ୍ୟ ବା ଚାକରସମ୍ବନ୍ଧୀୟ ।
Menses, *s.* ଋତୁ, ରଜଃ, ସ୍ତ୍ରୀଧର୍ମ, ଛୁଁଆ ।
Menstrual, *a.* ମାସିକ ଋତୁସମ୍ବନ୍ଧୀୟ, ଆର୍ତ୍ତବ
Mensuration, *s.* ପରିମାଣବିଦ୍ୟା ।
Mensurate, *v.* ମାପିବାର, ମାପ ବା ପରି- ମାଣ-କ ।
Mental, *a.* ମନଃସମ୍ବନ୍ଧୀୟ, ମାନସିକ, ମନସ୍ଥ ।

**Mention**, *s.* ଉଲ୍ଲେଖ, ପ୍ରସ୍ତାବ, ଚର୍ଚ୍ଚା, କହି-
ବାର । [ବାର, ବୋଲିବାର ।
**Mention**, *v.* ପ୍ରକାଶ- ପ୍ରସଙ୍ଗ-କ, ଜଣାଇ-
**Mercantile**, *a.* ବାଣିଜ୍ୟବିଷୟକ, ବ୍ୟବସାୟୀ,
ସୌଦାଗରୀ ।
**Mercenary**, *s.* ଠିକାଚାକର, ବେତନଗ୍ରାହୀ;
*a.* ଲୋଭୀ ।
**Mercer**, *s.* ପଟ୍ଟବସ୍ତ୍ରାଦି ବ୍ୟବସାୟୀ, କାପଡ଼ିଆ
**Merchandise**, *s.* ବାଣିଜ୍ୟ, ମହାଜନୀ, ବେ-
ପାର, ସୌଦାଗରୀ ।
**Merchant**, *s.* ମହାଜନ, ବେପାରୀ, ବଣିକ,
ବାଣିଜ୍ୟକାରକ, ସୌଦାଗର ।
**Merchantable**, *a.* କ୍ରୟବିକ୍ରୟଯୋଗ୍ୟ ।
**Merchantman**, *s.* ବାଣିଜ୍ୟର ଜାହାଜ ।
**Merciful**, *a.* କ୍ଷମାବାନ୍, କୃପାବାନ୍, ଦୟାଳୁ,
କରୁଣାମୟ । [କରଣ ।
**Merciless**, *a.* ନିର୍ଦ୍ଦୟ, ନିଷ୍ଠୁର, କଠିଣାନ୍ତଃ-
**Mercurial**, *a.* ପାରଦଯୁକ୍ତ, ସତେଜ, ଚଞ୍ଚଳ,
ବୁଧଗ୍ରହସମ୍ବନ୍ଧୀୟ । [a planet, ବୁଧଗ୍ରହ ।
**Mercury**, *s.* ପାରା, ରସଧାତୁ, ପାରଦ;
**Mercy**, *s.* କୃପା, ଦୟା, କରୁଣା, କ୍ଷମା ।
**Mere**, *a.* ମାତ୍ର, କେବଳ, ଖାଲି ।
**Merely**, *ad.* କେବଳ, ସୁଦ୍ଧା, ମାତ୍ର, ଖାଲି ।
**Meretricious**, *a.* ଲମ୍ପଟ, ବେଶ୍ୟାପର;
ମିଥ୍ୟା, କଳ୍ପିତ । [ସିବାର ।
**Merge**, *v.* ବୁଡ଼ିବାର, ମଗ୍ନ ବା ଲୀନ-ହ, ମିଶି
**Meridian**, *s.* ଭୂଗୋଳ ମଧ୍ୟରେଖା, ମଧ୍ୟାହ୍ନ,
ଦୁଇପ୍ରହର ବେଳା ।
**Meridional**, *a.* ଦକ୍ଷିଣଦିଗସ୍ଥ, ଦକ୍ଷିଣାଭିମୁଖ ।
**Merit**, *s.* ଗୁଣ, ଯୋଗ୍ୟତା, ପୁଣ୍ୟ, ଧର୍ମ ।
**Merit**, *v.* ଯୋଗ୍ୟ- ଉପଯୁକ୍ତ- ଅର୍ଜ୍ଜନ-ହ ।
**Meritorious**, *a.* ଯୋଗ୍ୟ, ଗୁଣୀ, ପ୍ରଶଂ-
ସନୀୟ ।

**Mermaid**, *s.* ଅର୍ଦ୍ଧସ୍ତ୍ରୀ ଅର୍ଦ୍ଧମତ୍ସ୍ୟାକାର କଳ୍ପିତ
ସମୁଦ୍ରୀୟ ଜନ୍ତୁ । [ସିକଭାବେ ।
**Merrily**, *ad.* ଆନନ୍ଦରୂପେ, ହରଷପୂର୍ବକ, ର-
**Merriment**, *s.* ହରଷ, କୌତୁକ, ଆନନ୍ଦ,
ଆହ୍ଲାଦ । [ସିକ ।
**Merry**, *a.* ଉଲ୍ଲାସିତ, ହର୍ଷିତ, ଆନନ୍ଦିତ, ର-
**Merry-andrew**, *s.* କୌତୁକୀ, ଭଣ୍ଡ, ମସ୍କରା
**Merry-making**, *s.* ହର୍ଷ ବା ଆନନ୍ଦଯୁକ୍ତୋ-
**Mesh**, *s.* ଜାଲର ଫାଙ୍କ ବା ଛିଦ୍ର । [ତ୍ସବ ।
**Mess**, *v.* ଏକତ୍ରଭୋଜନ-କ, ଖାଇବାର ।
**Mess**, *s.* ଖାଇବାର ଦ୍ରବ୍ୟ ଏକତ୍ରେଭୋଜନ,
ମିଶାମିଶି; ଜଞ୍ଜାଳ । [ବାର୍ତ୍ତା, ଖବର ।
**Message**, *s.* ପ୍ରେରିତ ସମ୍ବାଦ, ସମାଚାର,
**Messenger**, *s.* ଦୂତ, ଡଗର, ପିୟାଦା, ସ-
ମ୍ବାଦବାହକ । [ମଶୀହ ।
**Messiah**, *s.* ଅଭିଷିକ୍ତତ୍ରାଣକର୍ତ୍ତା, ଖ୍ରୀଷ୍ଟର ଉପାଧି,
**Messmate**, *s.* ସହଭୋଜୀ, ଏକତ୍ରଭୋକ୍ତା ।
**Messuage**, *s.* ଭଦ୍ରାସନ, ବସତଘର, କୋଠ-
ଖମାର । [ସାହସ ।
**Metal**, *s.* ଧାତୁ, ସୁନା ରୂପା ଲୁହା ଇତ୍ୟାଦି;
**Metallic**, *a.* ଧାତୁନିର୍ମିତ, ଧାତୁମୟ ।
**Metallurgy**, *s.* ଧାତୁପରିଷ୍କାରକ ବିଦ୍ୟା ।
**Metamorphose**, *v.* ଆନମୂର୍ତ୍ତି ଧରିବାର, ରୂ-
ପାନ୍ତର-ହ । [ନ୍ୟମୂର୍ତ୍ତି ଧାରଣ ।
**Metamorphosis** *s.* ଆକାର ପରିବର୍ତ୍ତନ, ଅ-
**Metaphor**, *s.* ଦୃଷ୍ଟାନ୍ତ, ଉପମା, ତୁଳନା,
ଉଦାହରଣ । [ପମାବିଶିଷ୍ଟ ।
**Metaphorical**, *a.* ରୂପକ, ଦୃଷ୍ଟାନ୍ତ ବା ଉ-
**Metaphysical**, *a.* ଜ୍ଞାନ ବା ବିବେକଶାସ୍ତ୍ର-
ସମ୍ବନ୍ଧୀୟ । [ବିଦ୍ୟା ।
**Metaphysics**, *s.* ଅନୁଭବବିଦ୍ୟା, ମାନସିକ
**Mete**, *v.* ପରିମାଣ-କ, ମାପିବାର, ମାପିବାଣ୍ଟି-
ବାର ।

Metempsychosis, *s.* ପୁନର୍ଜନ୍ମ, ଜୀବସଂକ୍ରମଣ, ଦେହପରିବର୍ତ୍ତନ ।

Meteor, *s.* ଆକାଶାଗ୍ନିପାତ, ଉଲ୍କା ।

Meteorology, *s.* ଆକାଶୀୟବିଦ୍ୟା, ଉଲ୍କାବିଦ୍ୟା ।

Methinks, *v.* ବୋଧ- ମନେ- ଅନୁମାନ-କ ।

Method, *s.* ପ୍ରକାର, ଧାରା, ରୀତି, ଅନୁକ୍ରମ, ଶୈଳୀ । [ମତ, ଠିକଠାକ ।

Methodical, *a.* ଯଥାବସ୍ଥ, ନିୟମିତ, ଧାରା-

Methodically, *ad.* ଶୃଙ୍ଖଳାନୁସାରେ, ଧାରାକ୍ରମେ, କ୍ରମଶଃ । [କ୍ରମାଗତ·କ ।

Methodise, *v.* ନିୟମନିରୂପଣ- ସୁଧାରା-କ,

Metre, *s.* କାବ୍ୟଚ୍ଛନ୍ଦ, ପୟାର, ପଦ୍ୟ, ରାଗ

Metrical, *a.* ଛନ୍ଦୋଯୁକ୍ତ, ପୟାରସମ୍ବନ୍ଧୀୟ, ଶ୍ଳୋକପଟିତ । [ନଗର ।

Metropolis, *s.* ରାଜଧାନୀ, ରାଜ୍ୟରପ୍ରଧାନ

Mettle, *s.* ସାହସ, ତେଜ, ଗୁଣ, ପ୍ରତାପ ।

Mettlesome, *a.* ସାହସିକ, ସତେଜ, ଚଞ୍ଚଳ, ରସିକ ।

Mew, *v.* ବିରାଡ଼ପରି ରବ-କ, ମ୍ୟାଓଁ-କ; ରୁଦ୍ଧ-କ ।

Mew, *s.* ପିଞ୍ଜର, ପଞ୍ଜର; ସମୁଦ୍ରୀୟ ପକ୍ଷି ।

Miasma, *s.* ଗଳିତ ଦ୍ରବ୍ୟର ରୋଗଜନକ ବାଷ୍ପ ବା ଭାପ ।

Microcosm, *s.* କ୍ଷୁଦ୍ରଜଗତ; ମନୁଷ୍ୟ ।

Microscope, *s.* ଅଣୁବୀକ୍ଷଣଯନ୍ତ୍ର, ଦୂରବୀନ ।

Middle, Midst, *s.* ମଧ୍ୟ, ମଝି, ଅନ୍ତର, ଭିତର ।

Midday, *s.* ମଧ୍ୟାହ୍ନ, ଦୁଇପ୍ରହର ବେଳ ।

Middling, *a.* ମଧ୍ୟଭଳି, ଯେ ବଡ ବା ସାନ ନୁହେ, ମଧ୍ୟମ ।

Midge, *s.* କ୍ଷୁଦ୍ରପୋକ, ପୋତକ ।

Midheaven, *s.* ଆକାଶର ମଧ୍ୟସ୍ଥାନ ।

Midland, *a.* ଦେଶର ମଧ୍ୟବର୍ତ୍ତୀ, ଦେଶର ଅନ୍ତରସ୍ଥିତ । [ହରରାତି ।

Midnight, *s.* ଅର୍ଦ୍ଧରାତ୍ର, ମଧ୍ୟରାତି, ଦୁଇ ପ୍ର-

Midshipman, *s.* ଜାହାଜ କର୍ମ ଶିଖିବା ଲୋକ

Midsummer, *s.* ଗ୍ରୀଷ୍ମକାଳମଧ୍ୟ ଉତ୍ତରାୟଣ ଓ ଦକ୍ଷିଣାୟନର ମଧ୍ୟକାଳ ।

Midway, *ad.* ଅଧବାଟେ, ପଥମଧ୍ୟରେ ।

Midwife, *s.* ଦାଈ, ଧାତ୍ରୀ, ଧାଈ ।

Midwifery, *s.* ଦାଈର କର୍ମ ଅବା ବିଦ୍ୟା ।

Mien, *s.* ମୁଖ, ମୁହଁ, ବଦନ, ରୂପ, ଆକାର ।

Might, *s.* ପରାକ୍ରମ, ବଳ, ଶକ୍ତି, ଜୋର, ସାମର୍ଥ୍ୟ ।

Mightily, *ad.* ବଳ ବା ଶକ୍ତିପୂର୍ବକ ।

Mightiness, *s.* ପରାକ୍ରମ, ଶକ୍ତି, ମାହାତ୍ମ୍ୟ, ଗୌରବ । [ପ୍ରବଳ ।

Mighty, *a.* ପରାକ୍ରାନ୍ତ, ବଳବନ୍ତ, ଶକ୍ତିମାନ,

Migrate, *v.* ସ୍ଥାନାନ୍ତରେ ଭ୍ରମିବାର, ଅନ୍ୟ ଦେଶରେ ଯାଇ ବାସ କ । [ଶେ ଯିବାର ।

Migration, *s.* ଦେଶାନ୍ତରେ ବା ଅନ୍ୟ ଦେ-

Milch, *a.* ଦୁଧିଆଳି, ଦୁଗ୍ଧବତୀ, ପୟସ୍ୱିନୀ ।

Mild, *a.* ମୃଦୁ, ନରମ, କୋମଳ, ଶାନ୍ତ, ଦୟାଳୁ । [ରୋଗବିଶେଷ ।

Mildew, *s.* ଲୁଗାଦିରେ ପାଣିର ଦାଗ; ବୃକ୍ଷର

Mildly, *ad.* କୋମଳଭାବେ, ମୃଦୁରୂପେ, ଧୀରେ । [ଦୟା ।

Mildness, *s.* କୋମଳତା, ମୃଦୁତା, ନମ୍ରତା,

Mile, *s.* ମାଇଲ ବା ଅର୍ଦ୍ଧକୋଶ ।

Milestone, *s.* ଅର୍ଦ୍ଧକୋଶ ନିରୂପକ ଚିହ୍ନପଥର

Militant, *a.* ଯୁଦ୍ଧକାରୀ, ଯୁଦ୍ଧରେ ପ୍ରବୃତ୍ତ, ସଂଗ୍ରାମଶୀଳ ।

Militate, *v.* ପ୍ରତିକୂଳ- ବିପରୀତ-ହ, ବିଘ୍ନ-କ ।

Military, *a.* ଯୁଦ୍ଧସମ୍ବନ୍ଧୀୟ, ସୈନିକ, ରଣଯୋଗ୍ୟ ।

**Military**, *a.* ସେନାସମୂହ, ସୈନ୍ୟ ।
**Militia**, *s.* ସ୍ୱଦେଶସ୍ଥିତ ସୈନ୍ୟ, ଯେ ସୈନ୍ୟ ଦେଶାନ୍ତର ନ ଯାଆନ୍ତି ।
**Milk**, *s.* ଦୁଧ, ଦୁଗ୍ଧ, ପୟ, କ୍ଷୀର ।
**Milk**, *v.* ଦୁଧଦୁହିଁବାର, ଦୁଗ୍ଧଦୋହନ-କ ।
**Milkmaid**, *s.* ଗୌଡୁଣୀ, ଗୁଆଲୁଣୀ, ଗୋପୀ
**Milkman**, *s.* ଗୌଡ, ଗୋପ, ଗୋପାଳ ।
**Milksop**, *s.* ଅଳ୍ପବୁଦ୍ଧି ଲୋକ ।
**Milktooth**, *s.* ଦୁଧଦାନ୍ତ, ପ୍ରଥମ ଦନ୍ତ ।
**Milky**, *a.* ଦୁଗ୍ଧନିର୍ମିତ, ଦୁଗ୍ଧମୟ, କୋମଳ ।
**Milkyway**, *s.* ମନ୍ଦାକିନୀ, ଆକାଶଗଙ୍ଗା ।
**Mill**, *s.* ଚକ, ପେଷଣଯନ୍ତ୍ର, କଳ ।
**Mill**, *v.* ପେଷିବାର, ଚୂର୍ଣ୍ଣ-କ, ମୁଦ୍ରାରଚିହ୍ନ-କ ।
**Millcog**, *s.* ଚକର ବା ପେଷଣୀ କଳର ଦାନ୍ତ
**Millenium**, *s.* ଯେଉଂ ହଜାରବର୍ଷ ଖ୍ରୀଷ୍ଟ ସବୁ ପୃଥିବୀରେ ରାଜ୍ୟ କରିବେ । [ଲୋକ ।
**Miller**, *s.* କଳରେ ଅଟା ସୁଜିଆଦି ବନାଇବା
**Millet**, *s.* ଗାନ୍ଧା, ଶସ୍ୟବିଶେଷ ।
**Milliner**, *s.* ଯେ ସ୍ତ୍ରୀମାନଙ୍କର ବସ୍ତ୍ରାଦି ନିର୍ମାଣ କରଇ ବା ବିକଇ । [ବସ୍ତ୍ରାଦି ।
**Millinery**, *s.* ସ୍ତ୍ରୀଲୋକମାନଙ୍କର ପରିଚ୍ଛଦ ବା
**Million**, *s.* ଦଶଲକ୍ଷ, ନିୟୁତ ।
**Millstone**, *s.* ଚକ ପେଷଣୀ ପଥର ।
**Milt**, *s.* ପିଲେଇ, ପ୍ଲୀହା; ପୁଂମାଛର ବୀଜ ।
**Mimic**, *a.* ଅନୁକାରୀ, ଭଣ୍ଡ, ମସ୍କରା ।
**Mimicry**, *s.* ଭଣ୍ଡପଣ, ଠାପରା, ବିଦ୍ରୂପ, ଅନୁକରଣ ।
**Minaret**, *s.* ମନ୍ଦିରର ଶିଖା, ଚୂଡା ।
**Mince**, *v.* ଖଣ୍ଡ୨-କ, କାଟକୁଟ-କ; ଧୀରେ୨ ଚାଲିବାର, ଅଳ୍ପେ୨ କହିବାର ।
**Mind**, *s.* ମନ, ଚିତ୍ତ, ମତି, ବୁଦ୍ଧି, ଇଚ୍ଛା, ବାଞ୍ଛା
**Mind**. *v.* ମନୋଯୋଗ-କ, ମନ-ଦ, ସ୍ମରଣ-କ, ମନସ୍ଥ-କ ।

**Mindful**, *a.* ମନୋଯୋଗୀ, ସାବଧାନ, ସତର୍କ ।
**Mine**, *p.* ଆମ୍ଭର, ମୋର, ନିଜର, ଆପଣାର ।
**Mine**, *s.* ଆକର, ଖଣି, ଧାତ୍ୱାଦିର ଉତ୍ପତ୍ତିସ୍ଥାନ; ସୁଡଙ୍ଗବାଟ ।
**Mine**, *v.* ଆକରଖୋଳିବାର, ସୁଡଙ୍ଗକାଟିବାର
**Miner**, *s.* ଆକରଖୋଳିବା ବ୍ୟକ୍ତି, ଖନକ, ସୁଡଙ୍ଗକର୍ତ୍ତା । [ସ୍ତୁପଦ ।
**Mineral**, *a.* ଧାତୁଦ୍ରବ୍ୟ, ଆକରୀୟବସ୍ତୁ, ପ୍ର-
**Mineralogist**, *s.* ଧାତୁଦ୍ରବ୍ୟ ନିରୂପକ, ବା ପରୀକ୍ଷକ, କହଣୀ । [ଭୂବିଦ୍ୟା ।
**Mineralogy**,, *s.* ଧାତୁନିରୂପଣ ବିଦ୍ୟା, ଧା-
**Mingle**, *v.* ମିଶାଇବାର, ମିଳାଇବାର, ଏକତ୍ର-କ । [ତୁତ୍ତ ।
**Miniature**, *s.* କ୍ଷୁଦ୍ରଚିତ୍ରିତ ଛବି, ବଦନର ଅ-
**Minikin**, *a.* ଅତିକ୍ଷୁଦ୍ର, ସାନ; *s.* ପ୍ରିୟପାତ୍ର ।
**Minimum**, *s.* ଅତିକ୍ଷୁଦ୍ରଭାଗ ସଂଖ୍ୟା ବା ପରିମାଣ ଯେତେ କମ ହୋଇ ପାରେ ।
**Minion**, *s.* ଚରଣସେବକ; small type, ସାନ ଅକ୍ଷର । [ପ୍ରଭନାଥ ।
**Minister**, *s.* ରାଜମନ୍ତ୍ରୀ; ଧର୍ମୋପଦେଶକ,
**Minister**, *v.* ସେବା- ସାହାଯ୍ୟ-କ, କୌଣସି ପଦର କର୍ମ-କ । ଯାଜକସମ୍ବନ୍ଧୀୟ ।
**Ministerial**, *a.* ଧର୍ମୋପଦେଶକ ବା ମନ୍ତ୍ରି ବା
**Ministration**, *s.* ସେବା, ଉପାସନା, ଧର୍ମ ବା ରାଜମନ୍ତ୍ରିପଦ, ଯାଜକତ୍ୱ ।
**Ministry**, *s.* ସେବା, କର୍ମ, ପ୍ରଭନିଧିପଣ, ଧର୍ମୋପଦେଶକପଦ ବା କ୍ରିୟା; ରାଜମନ୍ତ୍ରିସମୂହ ।
**Minium**, *s.* ସିନ୍ଦୂର, ନାଗଳ, ହିଙ୍ଗୁଳ ।
**Minor**, *a.* କନିଷ୍ଠ, ସାନ, ଛୋଟ, କ୍ଷୁଦ୍ର ।
**Minor**, *s.* ଅପ୍ରାପ୍ତ ବୟସ୍କ, ନାବାଳକ; in logic, ଦ୍ୱିତୀୟପକ୍ଷ । [ଅତ୍ୟଳ୍ପସଂଖ୍ୟା ।
**Minority**, *s.* ବାଲ୍ୟାବସ୍ଥା, ନାବାଳକତା;

**Minster**, *s.* ପ୍ରଧାନ ଧର୍ମଶାଳା ବା ଭଜନାଳୟ ।
**Minstrel**, *s.* ବାଦ୍ୟକର, ଗାୟକ, ଯନ୍ତ୍ରୀ ।
**Minstrelsy**, *s.* ବାଦ୍ୟ, ବାଜା, ଗାୟକ ବା ବାଦକସମୂହ । [ତ୍ପୋଦନା ।
**Mint**, *s*, ଟଙ୍କାଶାଳ, ଟଙ୍କା ନିର୍ମାଣସ୍ଥାନ; herb,
**Minuet**, *s.* ନୃତ୍ୟବିଶେଷ ।
**Minute**, *a.* ଅତିକ୍ଷୁଦ୍ର, ଅତିସୂକ୍ଷ୍ମ, ଲଘୁ, ସରୁ ।
**Minute**, *s.* ଅଡାଇପଲ ବା ଷଷ୍ଠ୍ୟଂଶ; ସ୍ମରଣାର୍ଥ ଲିପି । [ଲେଖିବାର ।
**Minute**, *v.* ଟିପିରଖିବାର, ସଂକ୍ଷେପରେ
**Minutely**, *ad.* ଠିକ- ଯଥାର୍ଥ- ସୂକ୍ଷ୍ମରୂପେ ।
**Minuteness**, *s.* ସୂକ୍ଷ୍ମତା, କ୍ଷୁଦ୍ରତା, ଲଘୁତା ।
**Minutiæ**, *s.* ଅତିସୂକ୍ଷ୍ମ ବା କ୍ଷୁଦ୍ରବିଷୟ, ଅଦ୍ୟୋପାନ୍ତବିବରଣ ।
**Minx**, *s.* ନିର୍ଲଜ୍ଜ ବାଳିକା, ରସିକା, ଭ୍ରଷ୍ଟାସ୍ତ୍ରୀ ।
**Miracle**, *s.* ଆଶ୍ଚର୍ଯ୍ୟ ବା ଅଦ୍ଭୁତ ବା ଚମତ୍କାରକର୍ମ
**Miraculous**, *a.* ଅଦ୍ଭୁତ, ଆଶ୍ଚର୍ଯ୍ୟ, ଚମତ୍କାର, ଅପୂର୍ବ ।
**Miraculously**, *ad.* ଅଦ୍ଭୁତ ବା ଆଶ୍ଚର୍ଯ୍ୟରୂପେ
**Mirage**, *s.* ମୃଗତୃଷ୍ଣା, ମରୀଚିକା ।
**Mire**, *s.* ପଙ୍କ, କାଦୁଅ, କର୍ଦ୍ଦମ ।
**Mirror**, *s.* ଦର୍ପଣ, ଅଇନା, ଆର୍ଶୀ, ଆଦର୍ଶ ।
**Mirth**, *s.* ରସିକତା, ଆନନ୍ଦ, ପରିହାସ, ହାସ୍ୟ
**Mirthful**, *a.* ଆନନ୍ଦିତ, ରସିକ, ପ୍ରଫୁଲ୍ଲଚିତ୍ତ, ହସକୁରା ।
**Miry**, *a.* ପଙ୍କମୟ, କାଦୁଅ, ଦହ, ପଙ୍କିଲ ।
**Misanthrope**, *s.* ମନୁଷ୍ୟ ଘୃଣାକାରୀ, ସର୍ବଦ୍ବେଷୀ ।
**Misanthropy**, *s.* ମନୁଷ୍ୟର ପ୍ରତି ଘୃଣା ।
**Misapply**, *v.* ଅକର୍ମରେ ଲଗାଇବାର, ବ୍ୟର୍ଥବ୍ୟୟ-କ ।
**Misapprehend**, *v.* ଓଲଟା କରି ବୁଝିବାର, ଭୁଲ-କ ।
**Misapprehension**, *s.* ମିଥ୍ୟା ବା ଅପ୍ରକୃତ ବୋଧ, ଭ୍ରମ, ଭୁଲ ।
**Misbecoming**, *a.* ଅଯୋଗ୍ୟ, ଅନୁପଯୁକ୍ତ ।
**Misbegotten**, *a.* ଜାରଜ, ବିଜନ୍ମା, ଅପୁତ୍ରୀୟ
**Misbehave**, *v.* କଦାଚାର- କୁବ୍ୟବହାର-କ୍ଷ.
**Misbehaviour**, *s.* ଅଶିଷ୍ଟାଚାର, କୁବ୍ୟବହାର, କଦାଚାର । [ଭ୍ରମେ ନାମ-ଦ ।
**Miscall**, *v.* ଭ୍ରମରେ ନାମ-କ, ଅପ୍ରକୃତ-
**Miscalculate**, *v.* ହିସାବ ବା ସଂଖ୍ୟାରେ ଭୁଲ-କ । [ଗର୍ଭସ୍ରାବ; ବିଫଳ ।
**Miscarriage**, *s.* ଗର୍ଭପାତ, ପେଟଖସା,
**Miscarry**, *v.* ଗର୍ଭପାତ ବା ଗର୍ଭସ୍ରାବ-ହ; ବିଫଳ-ହ ।
**Miscellaneous**, *a.* ନାନାପ୍ରକାର, ବିବିଧ, ମିଶ୍ରିତ; -expenses, ବାଜେଖରଚ ।
**Miscellany**, *s.* ବିବିଧ ସଂଗ୍ରହ ପୁସ୍ତକ ।
**Mischance**, *s.* ଦୁର୍ଘଟ୍ୟ, ଦୁରଦୃଷ୍ଟ, ବିପଦ, ଉତ୍ପାତ । [କ୍ଷତ, ମନ୍ଦ ।
**Mischief**, *s.* ଅପକାର, ଦୁଷ୍କର୍ମ, ହାନି,
**Mischief-maker**, *s.* ବିବାଦ ଜନ୍ମାଏ ଯେ, ଅପକାରକ, ଦୁଷ୍ଟ, ଛିଦ୍ରାନ୍ୱେଷୀ ।
**Mischievous**, *a.* ଦ୍ରୋହୀ, ହିଂସ୍ରକ, ଦୁଷ୍ଟ, ଅମଙ୍ଗଳଜନକ । [ବୋଧ, ଭୁଲ, ଭ୍ରାନ୍ତି ।
**Misconception**, *s.* ଭ୍ରାନ୍ତି ବା ବିପରୀତ
**Misconduct**, *s.* କୁବ୍ୟବହାର, ଅତ୍ୟାଚାର, କୁକର୍ମ, କୁଗତି ।
**Misconstruction**, *s.* ଅଯଥାର୍ଥ ବା ମିଥ୍ୟା ବାକ୍ୟ ବା ଅର୍ଥ, ଅପ୍ରକୃତ ଅର୍ଥ । [ଅର୍ଥ-କ ।
**Misconstrue**, *v.* ଅଯଥାର୍ଥ ବୁଝିବାର, ଭ୍ରାନ୍ତ-
**Miscreant**, *s.* ନାସ୍ତିକ, ଦୁରାତ୍ମା, ପାଷଣ୍ଡ, ଦଗାବାଜ ।
**Misdeed**, *s.* କୁକର୍ମ, ମନ୍ଦକ୍ରିୟା, ଦୋଷ, ଅପରାଧ ।

**Misdemean**, *v*. ମନ୍ଦ-କ, କୁବ୍ୟବହାର-କ, କଦାଚାର-କ । [କୁବ୍ୟବହାର, ଅପରାଧ ।

**Misdemeanour**, *s*. ଦୋଷ, ଅସଦାଚାର,

**Miser**, *s*. କୃପଣ, ଅଦାତା, ହୀନ, କାର୍ପଣ୍ୟ-କ, ବ୍ୟୟକାତର । [କାତର ।

**Miserable**, *a*. ଦୁଃଖୀ, ଦୀନହୀନ, ଦରିଦ୍ର,

**Miserably**, *ad*. ଦୁଃଖିରୂପେ, ମନ୍ଦରୂପେ ।

**Misery**, *s*. ଦୁଃଖ, ଦୀନତା, ଦୁର୍ଦ୍ଦଶା, କ୍ଳେଶ ।

**Misfortune**, *s*. ବିପତ୍ତି, ଦୁର୍ଦ୍ଦଶା, ଆପଦ, ଦୁର୍ଭାଗ୍ୟ । [କିମ୍ବାଇବାର ।

**Misgive**, *v*. ସନ୍ଦେହ- ସଂଶୟ-ହ, ଶଙ୍କା

**Misgiving**, *s*. ସନ୍ଦେହ, ସଂଶୟ, ଶଙ୍କା, ଅବିଶ୍ୱାସ ।

**Misgovern**, *v*. ମନ୍ଦ- ଅଯଥାର୍ଥ ଶାସନ-କ ।

**Misgovernment**, *s*. ମନ୍ଦ ଶାସନ, ଅଯଥାର୍ଥକ କର୍ତ୍ତୃତ୍ୱ ।

**Misguide**, *v*. କୁଶିକ୍ଷା-ଦ, ଭୁଲାଇବାର ଅବାଟ ଦେଖାଇବାର ।

**Mishap**, *s*. ଦୁର୍ଘଟନା, ଦୁର୍ଭାଗ୍ୟ, ବିପଦ ।

**Misinform**, *v*. ମିଥ୍ୟାସମ୍ବାଦ-ଦ, ଅସତ କଥା ଜଣାଇବାର । [କରି ରଖିବାର ।

**Mislay**, *v*. ଅସ୍ଥାନରେ ରଖିବାର, ଅଠିକଣା

**Misle**, *v*. କୁହୁଡ଼ିପରି ବୃଷ୍ଟି- ସୂକ୍ଷ୍ମବୃଷ୍ଟି-ହ ।

**Mislead**, *v*. ବିପଥରେ ନେଇଯିବାର, ଭୁଲାଇବାର ।

**Mismanage**, *v*. ମନ୍ଦରୂପେ କର୍ମ ନିର୍ବାହ-କ ।

**Misname**, *v*. ବେନାମେ ଡାକିବାର, ମିଥ୍ୟାନାମ-ଦ ।

**Misnomer**, *s*. ମିଥ୍ୟା ବା ଉଲ୍ଟାନାମ ।

**Misplace**, *v*. ଅସ୍ଥାନରେ ବା ଅପ୍ରକୃତ ସ୍ଥାନରେ ରଖିବାର । [ପାଠ ଅଶୁଦ୍ଧ ବା ଭୁଲ ।

**Misprint**, *v*. ଅଶୁଦ୍ଧ ଛପାଇବାର; *s*. ଛାପା-

**Mispronounce**, *v*. ଅଶୁଦ୍ଧ ଉଚ୍ଚାରଣ-କ ।

**Misquote**, *v*. ଅଶୁଦ୍ଧ ପ୍ରମାଣ-ଦେ ।

**Misrepresent**, *v*. କୌଣସି ବିଷୟର ମିଥ୍ୟା ବା ବିପରୀତ ବର୍ଣ୍ଣନା-କ । [ରୀତ ବର୍ଣ୍ଣନା ।

**Misrepresentation**, *s*. ମିଥ୍ୟା ବା ବିପ-

**Misrule**, *s*. କୁଶାସନ, କଳହ, ଗଣ୍ଡଗୋଳ ।

**Miss**, *s*. କନ୍ୟା, କୁମାରୀ, ବାଳିକା; ଅବିବାହିତା ସ୍ତ୍ରୀର ପଦବୀ ।

**Miss**, *s*. loss, କ୍ଷତି, ହାନି, ନୋକସାନ; error, ଭ୍ରମ, ଭୁଲ । [ଅଭିବବୋଧ-କ ]

**Miss**, *v*. ଲକ୍ଷ୍ୟରେ ନ ଲାଗିବାର, ହଜିବାର,

**Missal**, *s*. ପୋପ ମତର ପ୍ରାର୍ଥନା ପୁସ୍ତକ ।

**Misshape**, *v*. ବିକୃତାକାରରୂପେ ଗଢ଼ିବାର ।

**Missile**, *s*. ହାତରୁ ପକାଇବାର ଅସ୍ତ୍ର, ବର୍ଚ୍ଛା,

**Missing**, *a*. ଅନୁପସ୍ଥିତ, ଅପ୍ରାପ୍ତ । [ବାଣାଦି ।

**Mission**, *s*. ବିଶେଷ କର୍ମରେ ନିଯୋଜନ, ପ୍ରେରଣ, ଦୌତ୍ୟକର୍ମ ।

**Missionary**, *s*. ଧର୍ମ ପ୍ରଚାରଣାର୍ଥ ପ୍ରେରିତ ବ୍ୟକ୍ତି, ପ୍ରେରିତ, ମିସନରି ।

**Missive**, *a*. ପ୍ରେଷଣୀୟ; *s*. ପ୍ରେରିତପତ୍ର ।

**Misspend**, *v*. ଉଡ଼ାଇ-ଦ, ଅପବ୍ୟୟ-କ ।

**Mist**, *s*. କାକର, କୁହୁଡ଼ି ।

**Mistake**, *v*. ମିଥ୍ୟାବୋଧ- ଭ୍ରମ- ଭୁଲ-କ ।

**Mistake**, *s*. ଭ୍ରମ, ଭୁଲ, ଭ୍ରାନ୍ତି, ଅଶୁଦ୍ଧତା ।

**Mistaken**, *a*. ଭ୍ରାନ୍ତ, ଭ୍ରମଯୁକ୍ତ ।

**Mistiness**, *s*. କୁହୁଡ଼ିମୟ ବା ମେଘୁଆସିବ, ଘୋରତା ।

**Mistress**, *s*. ଗୃହିଣୀ, କର୍ତ୍ତ୍ରୀ, ଶାଅନ୍ତାଣୀ, ଠାକୁରାଣୀ; concubine ଭେମଣୀ ।

**Mistrust**, *s*. ଅବିଶ୍ୱାସ, ଅପତିଆରା, ସନ୍ଦେହ, ସଂଶୟ । [ନ୍ଦେହ-କ ।

**Mistrust**, *v*. ଅବିଶ୍ୱାସ- ଅପ୍ରତ୍ୟୟ- ସ-

**Mistrustful**, *a*. ଅପ୍ରତ୍ୟୟୀ, ଅବିଶ୍ୱାସୀ, ସନ୍ଦେହୀ ।

Misty, *a.* କୁହୁଡିମୟ, ମେଘାଚ୍ଛନ୍ନ, ଅସ୍ପଷ୍ଟ ।
Misunderstand, *v.* ବିପରୀତ ବା ଅଯଥାର୍ଥ ବୁଝିବାର, ଭ୍ରମ-କ ।
Misunderstanding, *s.* ଭ୍ରମ, ବୁଝିବାର-ଫେର; ବିବାଦ, ବିରୋଧ ।
Misuse, *s.* କୁବ୍ୟବହାର, ଅତ୍ୟାଚାର ।
Mite, *s.* ଅତିସାନକୀଟ; an atom, କଣିକା, ଅତିକ୍ଷୁଦ୍ରାଂଶ । [କ ।
Mitigate, *v.* ଊଣା- ଶାନ୍ତ-ଅଳ୍ପ- ଉପଶମ-
Mitigation, *s.* ବେଗ ବା ଦୁଃଖର ନ୍ୟୂନତା, ଊଣା ବା ଲଘୁକରଣ । [ଭୂଷଣ ।
Mitre, *s.* ମହାଧର୍ମାଧ୍ୟକ୍ଷର ମୁକୁଟ ବା ଶିରୋ-
Mittens, *s.* ଦସ୍ତାନା ବା ହାତମୋଜା ବିଶେଷ
Mittimus, *s.* କାରାଗାରେ ବନ୍ଦକରଣାର୍ଥ ଆଜ୍ଞାପତ୍ର ବା ପରୱାନା । [ଇବାର, ଯୋଡିବାର ।
Mix, *v.* ମିଶାଇବାର, ଗୋଳାଇବାର, ମିଳା-
Mixture, *s.* ମିଶ୍ରିତଦ୍ରବ୍ୟ, ମିଶା, ଘଣ୍ଟାଘଣ୍ଟି ।
Mizen, *s.* ଜାହାଜର ପଛଆଡ଼ ମାସ୍ତୁଲ ।
Moan, *v.* କ୍ରନ୍ଦନ- ବିଳାପ- କେଁ କେଁ-କ ।
Moan, *s.* କେଁ କେଁ, ବିଳାପ, କ୍ରନ୍ଦନ ।
Moat, *s.* ଗଡ଼ଚାରିପାଖର ଖାଲ, ଗଡଖାଇ ।
Mob, *s.* ଲୋକଗହଳ, ଗଣ୍ଡଗୋଳ, ଭିଡ ।
Mobility, *s.* ଗମନଶୀଳତା, ଅସ୍ଥିରତା; ଇତର ଲୋକସମୂହ ।
Mock, *v.* ପରିହାସ- ଥଟ୍ଟା- ବିଦ୍ରୂପ-କ ।
Mock, *a.* କୃତ୍ରିମ, ମିଥ୍ୟା, ଅପକୃତ; *s.* ଥଟ୍ଟା, ପରିହାସ । [ଙ୍ଗଚେଷ୍ଟା ।
Mockery, *s.* ପରିହାସ, ଥଟ୍ଟା, ବିଦ୍ରୂପ; ବ୍ୟ-
Mode, *s.* ରୂପ, ପ୍ରକାର, ମତ, ଧାରା, ରୀତି, ଦସ୍ତୁର । [ଛାଞ୍ଚ, ଫରମା ।
Model, *s.* ଆଦର୍ଶ, ନକଲ, ନମୁନା, a mould
Model, *v.* ଗଢିବାର, ନିର୍ମାଣ-କ, ଉପବନାଇ-ବାର ।

Moderate, *a.* ପରିମିତାଚାରୀ, ଅଳ୍ପବ୍ୟୟୀ, କୋମଳ, ମଧ୍ୟମ, ଧୀର ।
Moderate, *v.* ପରିମିତ ବା ଉପଶମ-କ, ଥମାଇବାର, ଶୀତଳ-କ ।
Moderately, *ad,* ପରିମିତରୂପେ, କୋମଳଭାବେ, ଧୀରେ ।
Moderation, *s.* ପରିମିତାଚାର ବା ବେଗ ।
Moderator, *s.* ସଭାପତି, ମଧ୍ୟସ୍ଥ ।
Modern, *a.* ନୂଆ, ହାଲର, ଆଧୁନିକ, ଅପ୍ରାଚୀନ । [tuous, ସାଧୁ, ସତୀ ।
Modest, *a.* ଲଜ୍ଜାଶୀଳ, ଅଦର୍ପ, ବିନତ, vir-
Modestly, *ad,* ଲଜ୍ଜା- ବିନୟ- ଶିଷ୍ଟାଚାରପୂର୍ବକ, ନମ୍ରରୂପେ । [ଚାର, ସତୀତ୍ୱ ।
Modesty, *s.* ଲଜ୍ଜା, ବିନୟ, ନମ୍ରତା, ଶିଷ୍ଟା-
Modicum, *s.* ଯତ୍କିଞ୍ଚିତ୍, ଅତ୍ୟଳ୍ପ, କ୍ଷୁଦ୍ରାଂଶ ।
Modify, *v.* ସୁଧରାଇବାର, ବଦଳ ବା ରୂପାନ୍ତର-କ, ଥମାଇବାର । [ବର୍ତ୍ତନ, ଫେରଫାର ।
Modification, *s.* ସୁଧରଣ, ବଦଳ, ପରି-
Modish, *a.* ରୀତ୍ୟାନୁଯାୟୀ, ଚଳନମତ ।
Modulate, *v.* ସ୍ୱରବାନ୍ଧିବାର, ସ୍ୱରମିଳନ-କ ।
Modulation, *s.* ସ୍ୱରମେଳ, ବାଦ୍ୟ ବା ସ୍ୱରର ଐକ୍ୟକରଣ ।
Moiety, *s.* ଅର୍ଦ୍ଧେକ, ଅର୍ଦ୍ଧାଂଶ, ଅଧା, ଅଧ ।
Moist, *a.* ଭିଜା, ଓଦା, ସରସ, ତିନ୍ତା, ନରମ
Moisten, *v.* ଓଦା-କ, ଭିଜାଇବାର, ତିନ୍ତାଇବାର, ନରମ-କ । [ରମଭାବ ।
Moisture, *s.* ରସ, ଆର୍ଦ୍ରତା, ଭିଜା ବା ନ-
Molasses, *s.* ଗୁଡ, ଆଖୁରସ, ଇକ୍ଷୁପାକ ।
Mole, *s.* spot in the skin, ତିଳ, ଜଣା, small animal, ଅତିକ୍ଷୁଦ୍ର ଜନ୍ତୁବିଶେଷ ।
Molehill, *s.* ମାଟିର ଢିପ, ଛୁଞ୍ଚାଘଢିପ ।
Molest, *v.* କ୍ଲେଶ- ଦୁଃଖ-ଦ, ଦିକ ବା ବି-ରକ୍ତ-କ, ବେକାର-କ ।

**Molestation**, *s.* କ୍ଳେଶ, ଦୁଃଖ, ଉତ୍ପାତ ।
**Mollify**, *v.* ନରମ-କ, ଶାନ୍ତ ବା ଥଣ୍ଡା-କ, ଥମାଇବାର ।
**Molten**, *a.* ଛାଞ୍ଚରେଢଳା, ଗଳିତ, ତରଳିତ, ଦ୍ରବୀଭୂତ ।   [ନିମେଷ, ମୁହୂର୍ତ୍ତ, ପଲକ ।
**Moment**, *s.* ଗୁରୁତା, ଆବଶ୍ୟକତା; କ୍ଷଣ,
**Momentary**, *a.* କ୍ଷଣସ୍ଥାୟୀ, କ୍ଷଣିକ, ଅଳ୍ପ-କାଳର ।   [ବଶ୍ୟକ, ବଡ ।
**Momentous**, *a.* ଭାରି, ଗୁରୁତର, ଅତ୍ୟା-
**Monarch**, *s.* ରଜା, ମହାରଜା, ଚକ୍ରବର୍ତ୍ତୀ, ସମ୍ରାଟ, ଏକାଧିପତି ।   [ରାଜାଧୀନ ।
**Monarchical**, *a.* ରାଜସମ୍ବନ୍ଧୀୟ, ରାଜକୀୟ,
**Monazchy**, *s.* ଏକାଧିପତ୍ୟ, ରାଜଶାସନ, ଏକସ୍ୱତ୍ୱ, ସାମ୍ରାଜ୍ୟ ।   [ଧର୍ମଶାଳା ।
**Monastery**, *s.* ଉଦାସୀମାନଙ୍କର ମଠ ବା
**Monastic**, *a.* ସନ୍ନ୍ୟାସୀ ମଠ ବା ଧର୍ମଶାଳା ସମ୍ବନ୍ଧୀୟ ।
**Monday**, *s.* ସୋମବାର, ସପ୍ତାହର ଦ୍ୱିତୀୟ ଦିନ
**Money**, *s.* ଟଙ୍କା, ଧନ, ପଇସା, paper, ନୋଟ, ready- ନଗଦ ।
**Moneychanger**, *s.* ବଣିଆଁ, ପୋଦ୍ଦାର, ଟଙ୍କା ଓ ରେଜକ ଓ ପଇସା ବେପାରୀ ।   [ତବର ।
**Moneyed**, *a.* ଧନୀ, ଧନବାନ, ଧନାଢ୍ୟ, ମା-
**Monger**, *s.* ବେପାରୀ, ବ୍ୟବସାୟୀ, ବଣିଆ
**Mongoose**, *s.* ନେଉଳ, ନକୁଳ ।   [ଲୋକ ।
**Mongrel**, *s.* ସଂକର ଜାତି, ଦ୍ୱିଜାତୀୟ, ଖଚର *a.* ବଜନ୍ମା ।
**Monition**, *s.* ଉପଦେଶ, ଶିକ୍ଷା, ପରାମର୍ଶ, ଅନୁଯୋଗ ।   [ଗୁରୁ, ବଡଚାଟ ।
**Monitor**, *s.* ଶିକ୍ଷକ, ଚେତନାଦାତା, ଉପ-
**Monitory**, *a.* ଉପଦେଶ୍ୟ, ଉଦ୍‌ବୋଧକ ।
**Monk**, *s.* ମଠବାସୀ, ଉଦାସୀନ ।
**Monkey**, *s.* ମାଙ୍କଡ, ମର୍କଟ, ବାନର, କପି ।
**Monkish**, *a.* ମଠ ବା ସନ୍ନ୍ୟାସି ବିଷୟକ ।
**Monody**, *s.* ବିଳାପ ବା ଶୋକସୂଚକ ଗାୟନ
**Monogamy**, *s.* ଏକ ସ୍ତ୍ରୀ ବିବାହ ।
**Monopolist**, *s.* ଏକାକୀ ବ୍ୟବସାୟୀ, ଯେ ଆପଣା ହସ୍ତେ ବ୍ୟବସାୟାଦି ରଖଇ ।
**Monopolize**, *v.* ସମୁଦାୟ କ୍ରୟ-ସ୍ୱତ୍ୱଗ୍ରାସ-କ
**Monopoly**, *s.* ଏକଚେଟିଆ ବ୍ୟବସାୟ, ଖାସ-ଖତ ।
**Monosyllable**, *s.* ଏକାକ୍ଷରୀ ଶବ୍ଦ, ଏକବର୍ଣ୍ଣର ପଦ ବା ବାକ୍ୟ ।
**Monotonous**, *a.* ସମାନ ସ୍ୱର ବା ଉଚ୍ଚାରଣ-ବିଶିଷ୍ଟ ।
**Monotony**, *s.* ସମାନ ଉଚ୍ଚାରଣ, ସମସ୍ୱର ।
**Monsieur**, *s.* ଫ୍ରାନ୍ସୀୟ ଭାଷାରେ ମହାଶୟ ।
**Monsoon**, *s.* ଭାରତବର୍ଷର ନିୟମିତ କାଳ-ବ୍ୟାପକ ପବନ, ଯେ ୬ ମାସ ଏକଦିଗେ ଆଉ ୬ ମାସ ଅନ୍ୟଦିଗେ ବହେ ।
**Monster**, *s.* ଅଦ୍ଭୁତ ବା ବିକଟ ବା ଭୟଙ୍କର ରୂପଧାରୀ ମନୁଷ୍ୟ ବା ଜନ୍ତୁ ।
**Monstrous**, *a.* ଭୟ ବା ଘୃଣାଜନକ, ଅଦ୍ଭୁତ, କୁରୂପୀ ।
**Month**, *s.* ମାସ, ଦୁଇପକ୍ଷ, ଚାରି ସପ୍ତାହ ।
**Monthly**, *a.* ମାସିକ, ମାସେ, ମାସକବାର ।
**Monument**, *s.* ମୃତ ବ୍ୟକ୍ତିର ସ୍ମରଣାର୍ଥ ସ୍ତମ୍ଭ ବା ଚିହ୍ନ ।
**Monumental**, *a.* ସ୍ମରଣାର୍ଥକ ସ୍ତମ୍ଭସମ୍ବନ୍ଧୀୟ ।
**Mood**, *s.* ସ୍ୱଭାବ, ମନର ଅବସ୍ଥା, ଇଚ୍ଛା, ଧାତ; in grammar, କ୍ରିୟାପଦର ଅବସ୍ଥା
**Moody**, *a.* ଅସୁଖୀ, ବିରକ୍ତ, କଷ୍ଟକ୍ରୋଧୀ, କ୍ଷିପ୍ତ
**Moon**, *s.* ଚନ୍ଦ୍ର, ଜହ୍ନ, ଚାନ୍ଦ, ଚନ୍ଦ୍ରମା, ନିଶାକର; full- ପୌର୍ଣ୍ଣମୀ, ପୂନଅ; change of- ଅମାବାସ୍ୟା, ଉଆଁସ ।
**Moonbeam**, *s.* ଚନ୍ଦ୍ରର କିରଣ, ଚନ୍ଦ୍ରିକା ।

Moonlight, *s.* ଚନ୍ଦ୍ରର ଦୀପ୍ତି, ଜହ୍ନ ଜ୍ୟୋସ୍ନା,
କୌମୁଦୀ । [ଭୂମି ।
Moor, *s.* ଆଫ୍ରିକା ଦେଶର ପଠାଣ; କଳୁଆ
Moor, *v.* ଜାହାଜ ବନ୍ଦ ବା ଅଟକ-କ । [ସ୍ଥାନ ।
Mooring, *s.* ଜାହାଜ ବା ନୌକା ରଖିବାର-
Moot, *v.* ପ୍ରସଙ୍ଗ- ଉପସ୍ଥିତ-କ ।
Mop, *s.* ପାଣିଆଦି ପୋଛିବାର ଝାଡୁବିଶେଷ ।
Mope, *v.* ବିଷଣ୍ଣ ହୋଇ ବୁଲିବାର ।
Mopish, *a.* ଉଦାସୀନ, ଅଳସୁଆ, ନିଦ୍ରାଳୁ ।
Moral, *a.* ନୀତି ବା ଧର୍ମବିଷୟକ, ଭଦ୍ରାଭଦ୍ର-
ସୂଚକ, ଯଥାର୍ଥ । [ତାତ୍ପର୍ଯ୍ୟ, ଶିକ୍ଷା ।
Moral, *s.* ଦୃଷ୍ଟାନ୍ତର, ହିତୋପଦେଶର ସାର,
Moralist, *s.* ନୀତିଜ୍ଞ, ହିତୋପଦେଶକ ।
Morality, *s.* ସଦାଚାର; ନୀତିଶାସ୍ତ୍ର ବା ବିଦ୍ୟା ।
Moralize, *v.* ନୀତିଶିକ୍ଷା-ଦ, ଧର୍ମାଧର୍ମ ବିଷୟରେ
ବିବେଚନା-କ । [ସାରେ, ଯଥାର୍ଥରୂପେ ।
Morally, *ad.* ସଦାଚାରପୂର୍ବକ, ନୀତିଶାସ୍ତ୍ରାନୁ-
Morals, *s.* ନୀତି, ରୀତି, ସଦାଚାର, ଧର୍ମ ।
Morass, *s.* ଝିଲ, ଜଳମୟଭୂମି, ଜଳଗଣ୍ଡ ।
Morbid, *a.* ରୋଗୀ, ପୀଡ଼ିତ, ଅସୁସ୍ଥ, ବ୍ୟାଧି-
ଯୁକ୍ତ ।
More, *a.* ଆଉ, ଆହୁରି, ଅଧିକ; more
and more, ଅଧିକରୁଅଧିକ; -or less.
ଊଣାଧିକ । [ତାହାଛଡ଼ା ।
Moreover, *ad.* ପୁନଶ୍ଚ, ଆହୁରି, ଅବର,
Morion, *s.* ମୁଣ୍ଡର ସାଜ, ଶିରସ୍ତ୍ରାଣ, ଟୋପର
Morn, Morning, *s.* ପ୍ରାତଃକାଳ, ସକାଳ,
ପ୍ରଭାତ, ଭୋର । [ତତାରା, ଶୁକ୍ର ।
Morning-star, *s.* ପାହାନ୍ତାତାରା, ପ୍ରଭା-
Morocco, *s.* ଆଫ୍ରିକା ସମୁଦାୟ ଦେଶ; ସେ
ଦେଶର ଚର୍ମବିଶେଷ ।
Morose, *a.* କର୍କଶ, କଠିନ, ଉଗ୍ର, ରାଗୀ ।
Moroseness, *s.* ଉଗ୍ରତା, କଠିନତା, ବରକ୍ତପଣ

Morrow, *s.* କାଲି, ଆଗାମିକାଲି; ଅଧୁର
ବା ଆସିବା ଦିନ ।
Morsel, *s.* ଏକଗ୍ରାସ, କବଳ; ଖଣ୍ଡିଏ, ଟିକିଏ
Mortal, *a.* ମରଣଯୋଗ୍ୟ, ମର୍ତ୍ତ୍ୟ, ନାଶ୍ୟ,
ମୃତ୍ୟୁର ଅଧୀନ; deadly, ପ୍ରାଣନାଶକ;
human, ମନୁଷ୍ୟପରି, ମାନବ ।
Mortal, *s.* ମନୁଷ୍ୟ, ନର, ମାନବ, ମର୍ତ୍ତ୍ୟ ।
Mortality, *s.* ମରଣ, ମୃତ୍ୟୁବଶର; ମାରି,
ମଡ଼କ । [ରୂପେ ।
Mortally, *ad.* ପ୍ରାଣନାଶପୂର୍ବକ, ସାଂଘାତିକ-
Mortar, *s.* cement, ଗାନ୍ଥୁନି ମସଲା;
cannan, ବଡ଼କମାଣ; pestal and
mortar, ହାମାନଦିସ୍ତା ।
Mortgage, *s.* ଭୂମି ଇତ୍ୟାଦି ବନ୍ଧକ-ଦ ।
Mortgagee, *s.* ବନ୍ଧକ ରଖିବାର ଲୋକ,
ବନ୍ଧକଗ୍ରାହୀ । [ବନ୍ଧକ ଦିଅଇ ଯେ ।
Mortgager, *s.* ବନ୍ଧକ ଦେବାର ଲୋକ,
Mortification, *s.* ପଚିଲାମାଂସ, ବୈରକ୍ତି;
penance, ତପସ୍ୟା, କଷ୍ଟ ବା ଦୁଃଖଭୋଗ ।
Mortify, *v.* ପଚିବାର, ତପସ୍ୟା-କ, ଦୁଃଖ ବା
କ୍ଳେଶ-ଦ; ଇନ୍ଦ୍ରିୟଦମନ-କ । [ଉଂ ଗର୍ତ୍ତ ।
Mortise, *s.* କାଷ୍ଠରେ କାଠ ଯୋଡିବାର ଯେ-
Mortuary, *s.* ମୃତ୍ୟୁ କାଳରେ ଧର୍ମାର୍ଥେ ଦାନ;
କବରସ୍ଥାନ । [ବିଶେଷ ।
Mosaic, *s.* ନାନା ବିଧ ପଥର ନିର୍ମିତ ଚିତ୍ର-
Mosaical, *a.* ମୁସାର ଧର୍ମଶାସ୍ତ୍ରସମ୍ବନ୍ଧୀୟ ।
Moses, *s.* ମିଶ୍ରଦେଶ ବନ୍ଧନରୁ ଏବ୍ରୀ ଲୋକ-
ମାନଙ୍କର ଉଦ୍ଧାରକର୍ତ୍ତା ।
Mosque, *s.* ମସଜୀଦ, ମୁସଲମାନର ଭଜନା-
Mosquito, *s.* ମଶା, ମଶକ । [ଳୟ ।
Moss, *s.* ଶିଉଳୀ, ଶୈବାଳ ।
Mossy, *a.* ଶିଉଳୀ ବା ଶୈବାଳମୟ ।
Most, *a.* ଅଧିକ, ଅତିଶୟ, ବହୁତ ।

**Most**, *s.* ଅଧିକାଂଶ, ବଡଭାଗ ବା ବାଣ୍ଟ, ସଂଖ୍ୟାରେ ଅଧିକ ।
**Mostly**, *ad.* ଅଧିକାଂଶ, ପ୍ରାୟ ସର୍ବଦା ।
**Mote**, *s.* ଅତିକ୍ଷୁଦ୍ରଦ୍ରବ୍ୟ, କୁଟା, କଣା, ଅଣୁ, କଣିକା । [କ୍ଷୁଦ୍ରପତଙ୍ଗ ।
**Moth**, *s.* ଲୁଗାର କୀଟ ବା ପୋକ, ପ୍ରଜାପତି,
**Mother**, *s.* ମା, ମାତା, ମାତ, ଜନନୀ ।
**Motherinlaw**, *s.* ଶାଶୁ, ସ୍ୱାମିର ବା ସ୍ତ୍ରୀର ମାତା । [ଜନନୀ ।
**Motherless**, *a.* ମାତୃହୀନ, ଅମାତୃକ, ଅ-
**Motherly**, *a.* ମାତୃବତ୍, ମାତୃତୁଲ୍ୟ ।
**Mother-of-pearl**, *s.* ମୁକ୍ତାଜନକବସ୍ତୁ, ଝିନୁକ ।
**Motion**, *s.* ଗମନ, ଗତି; -of the bowels, ଝାଡା-ହ; proposition, ପ୍ରସ୍ତାବ, ପ୍ରସଙ୍ଗ ।
**Motionless**, *a.* ଅଚଳିତବସ୍ତୁ, ଅଚଳ, ସ୍ଥିର, ସ୍ଥଗିତ ।
**Motive**, *s.* କାରଣ, ହେତୁ, ନିମିତ୍ତ, ପ୍ରବର୍ତ୍ତକ ।
**Motley**, *a.* ପାଞ୍ଚରଙ୍ଗା, ନାନାରଙ୍ଗୀ, ଚିତ୍ରବିଚିତ୍ର ।
**Motto**, *s.* ମୁଖବନ୍ଧବାକ୍ୟ ଅବା ଶ୍ଳୋକ ।
**Mould**, *s.* earth ମାଟି matrix, ଛାଞ୍ଚ, ଫରମ; shape, ରୂପ, ଡୌଲ ।
**Mould**, *v.* ଛାଞ୍ଚରେ ଢାଳିବାର, ଆକାର-କ, ଗଢିବାର ।
**Moulder**, *v.* ଧୂଳିବତ୍- ଗୁଣ୍ଡା-ହ, କ୍ଷୟ-ଯି ।
**Moulding**, *s.* ଶୋଭା ନିମନ୍ତେ ଖୋଳିବାର କାରିଗରିକର୍ମ ।
**Moult**, *v.* ପକ୍ଷିର ନୂତନ ପକ୍ଷ ପାଇବାର ।
**Mound**, *s.* ବନ୍ଧ, ସେତୁ, ପୋସ୍ତ, ମୃତ୍ତିକାଗିରି ।
**Mount**, *s.* ପର୍ବତ, ପାହାଡ, ଗିରି । [କ ।
**Mount**, *v.* ଆରୋହଣ-କ, ଚଢିବାର; ମଣ୍ଡିତ-
**Mountain**, *s.* ପର୍ବତ, ପାହାଡ, ଅଗ, ଗିରି ।
**Mountaineer**, *a.* ପର୍ବତୀୟଲୋକ, ଅସଭ୍ୟ ଜାତି, ପାହାଡିଆ ।
**Mountainous**, *a.* ପର୍ବତୀୟ, ଅତିବଡ ।
**Mountebank**, *s.* ହାସ୍ୟକାରୀ, ପ୍ରବଞ୍ଚକ-ବୈଦ୍ୟ । ଖେଦ-କ ।
**Mourn**, *v.* କାନ୍ଦିବାର, ବିଳାପ- ଶୋକ-
**Mourner**, *s.* ବିଳାପୀ, ଶୋକ ବା ବେଦନ-କର୍ତ୍ତା, ଅନୁତାପୀ ।
**Mournful**, *a.* ଦୁଃଖିତ, ଖେଦଯୁକ୍ତ, ଶୋକାକୁଳ । [ପୂର୍ବକ ।
**Mournfully**, *ad.* ବିଳାପ- ଖେଦ- ଶୋକ-
**Mourning**, *s.* ଶୋକ, ଦୁଃଖ, ଖେଦ; -dress, ଶୋକସୂଚକ ବସ୍ତ୍ର ।
**Mouse**, *s.* ମୂଷା, ମୂଷିକ, ଇନ୍ଦୁର ।
**Mousetrap**, *s.* ମୂଷାଧରିବାର କଳ ବା ଯନ୍ତ୍ର ।
**Mouth**, *s.* ମୁହଁ, ତୁଣ୍ଡ, ପାଟି; an opening, ଦ୍ୱାର ।
**Mouth**, *v.* ପାଟି-କ, ବଡ଼-କ, ଘେବାଇବାର
**Mouthful**, *s.* ଏକଗ୍ରାସ, ଅଳ୍ପଗୁଣ୍ଡା ।
**Mouthpiece**, *s.* ପରପାଇଁ ଯେ କଥା କହେ; ମୁଖନଳ ।
**Move**, *v.* ଯିବାର, ଚଳିବାର, ସ୍ଥାନାନ୍ତର-ହ; ମଣାଇବାର, ପ୍ରବର୍ତ୍ତାଇବାର; ସୁଖ ବା ଦୁଃଖ ଜନ୍ମାଇବାର । [ଅସ୍ଥିର ।
**Moveable**, *a.* ଗମନଶୀଳ, ଚଳନ୍ତ, ଜଙ୍ଗମ,
**Moveables**, *s.* ଅସ୍ଥାବର ଧନଆଦି, ଘରଜିନିସପତ୍ର ।
**Movement**, *s.* ଗତି, ଚଳନ୍ତିଆସ, ଚଳନ ।
**Mover**, *s.* ଚାଳନକାରକ; ପ୍ରସ୍ତାବକର୍ତ୍ତା ।
**Moving**, *a.* କୃପାଜନକ, ମର୍ମଭେଦକ, ଖେଦୋତ୍ପାଦକ ।
**Mow**, *v.* ଶସ୍ୟକାଟିବାର, ତୃଣଛେଦିବାର ।
**Mower**, *s.* ଘାସକଟାଳୀ, ଯେ ତୃଣକାଟଇ ।

**Much,** *a.* ଅନେକ, ଅପାର, ବହୁତ, ବିସ୍ତର; how much, କେତେ; thus much, ଏତେ । [ଉପେ ।

**Much,** *ad.* ଅତିଶୟ, ଯଥେଷ୍ଟ ବା ବାହୁଲ୍ୟ-

**Mucilage,** *s.* ପଠା, ଚଟଚଟିଆ ବସ୍ତୁ ।

**Mucilaginous,** *a.* ପଠାପରି, ଚଟଚଟିଆ, ଲସଲସିଆ ।

**Muck,** *s.* ଖତଘଣି, ଗୋବରାଦି ମଇଳା ଗଦା ।

**Muckworm,** *s.* ଗୋମୟଜାତକୀଟ, ଗୋବରପୋକ; କୃପଣଲୋକ ।

**Mucous,** *a.* ପଠାବିଶିଷ୍ଟ, ଚଟଚଟିଆ ।

**Mucus,** *s.* ଶିଙ୍ଘାଣି, ନାକରମଳ, କ୍ଲେଦ ।

**Mud,** *s.* ପଙ୍କ, କାଦୁଅ, କର୍ଦ୍ଦମ । [ହ ।

**Muddle,** *v.* ଗୋଳାଇବାର, ମତ୍ତଅଜ୍ଞାପର-

**Muddy,** *a.* କାଦୁଅମୟ, ଗୋଳା, ମଳିନ; ମୋଟାବୁଦ୍ଧିବିଶିଷ୍ଟ ।

**Muff,** *s.* ସ୍ତ୍ରୀଲୋକଙ୍କର ଶୀତକାଳର ଦସ୍ତାନା ।

**Muffin,** *s.* ଋଟୀବିଶେଷ, ମଫ୍‌ଫିନ । [ଦାର ।

**Muffle,** *v.* ଆବୃତ ବା ଆଚ୍ଛାଦନ-କ, ଘୋଡାଇ-

**Muffler,** *s.* ମୁଖାଚ୍ଛାଦନୀ, ଘୋମଟା, ମୁଖାବରଣ ।

**Mug,** *s.* ପାନପାତ୍ର, ପିଆଲାବିଶେଷ ।

**Muggy,** *a.* ଜଳୁଆ, ଜଳମୟ, ମେଘାଚ୍ଛନ୍ନ ।

**Mulatto,** *s.* ଇଉରୋପୀୟର ଔରସେ କାଫିସ୍ତ୍ରୀର ଗର୍ଭଜାତ ସନ୍ତାନ ।

**Mulberry** *s.* ତୁତ୍‌ବୃକ୍ଷ ବା ଫଳ ।

**Mulct,** *v.* ଅର୍ଥଦଣ୍ଡ- ଜରିମାନା-କ । [ପଶୁ ।

**Mule,** *s.* ଖଚର, ଗଧ ଓ ଘୋଡାଠାରୁ ଜାତ

**Muleteer,** *s.* ଖଚରପାଳକ ବା ରକ୍ଷକ ।

**Mulish,** *a.* ଖଚରବତ୍, ଯେଣ୍ଡା, ଅବାଧ୍ୟ ।

**Muller,** *s.* ରଙ୍ଗବାଟିବା ଶିଳ, ବାଟଣା ।

**Multifarious,** *a.* ନାନାବିଧ, ବହୁବିଧ, ବହୁପ୍ରକାର ।

**Multiform,** *a.* ଅନେକରୂପ ବା ଆକାରବିଶିଷ୍ଟ, ବହୁରୂପ ।

**Multiparous,** *a.* ଏକକାଳେ ବହୁପ୍ରସବକାରୀ ।

**Multiple,** *s.* ଗୁଣାଙ୍କର, ଉପସ୍ଥାନ ।

**Multiplicand,** *s.* ଗୁଣାଙ୍କ, ପୂରଣୀୟଅଙ୍କ ।

**Multiplication,** *s.* ଅଙ୍କବୃଦ୍ଧି ବା ପୂରଣ ।

**Multiplicity,** *s.* ବାହୁଲ୍ୟ, ଅନେକତ୍ୱ, ବହୁତ୍ୱ, ଆଧିକ୍ୟ ।

**Multiplier,** *s.* ଗୁଣକ, ଅଙ୍କପୂରକ ।

**Multiply,** *v.* ସଂଖ୍ୟା ବା ଅଙ୍କ ବୃଦ୍ଧି-କ, ଅଧିକ-କ, ବଢାଇବାର ।

**Multitude,** *s.* ସମୂହ, ଅନେକ, ଗହଳ, ଭିଡ, ଲୋକାରଣ୍ୟ । [ବହୁଳ ।

**Multitudinous,** *a.* ବହୁ, ବହୁବିଧ, ଅନେକ,

**Mum,** *int.* ଚୁପ୍, ତୁନି ବା ସ୍ଥିର ହୁଅ; *s.* ଜବଜାତମଦ୍ୟବିଶେଷ ।

**Mumble,** *v.* ଅସ୍ପଷ୍ଟ-କହ, ଚୋବାଇବାର ।

**Mummery,** *s.* ଭଣ୍ଡତା, ମସ୍କରି, ବ୍ୟର୍ଥକ୍ରିୟା ।

**Mummy,** *s.* ସୁଗନ୍ଧି ଦ୍ରବ୍ୟରେ ରକ୍ଷିତଶବ, ଶୁଷ୍କମଡା । [ଚିଡଅ ।

**Mumpish,** *a.* ଗୁପ୍ତକ୍ରୋଧୀ ଘୁମ୍‌ଘୁମା, ଚିଡ-

**Mumps,** *s.* ବଡବଡଆ, ମନେ କ୍ରୋଧ, quinsy, ଗଳାରୋଗ । [ହ ।

**Munch,** *v.* ଗାଲ ଭରି ଚୋବାଇବାର, ଗ୍ରାସ-

**Mundane,** *a.* ଜଗତସମ୍ବନ୍ଧୀୟ, ସଂସାରିକ, ଲୌକିକ । [ସ୍ୱର୍ଗ ସମ୍ବନ୍ଧୀୟ ।

**Municipal,** *a.* ନଗରର କାର୍ଯ୍ୟ ସମ୍ପାଦନାର୍ଥ

**Municipality,** *s.* ନଗରର କାର୍ଯ୍ୟ ସମ୍ପାଦକ ସମାଜ । [ସାଉକାର ।

**Munificence,** *s.* ଦାନଶୀଳତା, ଦାତାପଣ,

**Munificent,** *a.* ଦାନୀ, ଅତିଦାତା, ଦାନଶୀଳ, ମୁକ୍ତହସ୍ତ ।

**Muniment**, *s.* ଗଡ, ଦୁର୍ଗ, ଗଡବନ୍ଦ ।
**Munition**, *s.* ଯୁଦ୍ଧର ସରଞ୍ଜାମ ବା ଦ୍ରବ୍ୟ; ଗଡ ।
**Mural**, *a.* ପ୍ରାଚୀରସମ୍ବନ୍ଧୀୟ, ପ୍ରାଚୀରସ୍ଥ ।
**Murder**, *s.* ଜ୍ଞାନକୃତବଧ, ଖୁନ, ନରହତ୍ୟା ।
**Murder**, *v.* ଜ୍ଞାନରେ ବଧ-କ, ଖୁନ ବା ନରହତ୍ୟା-କ । [ତକ, ନାଶକ ।
**Murderer**, *s.* ଖୁନୀ, ବଧକାରୀ, ହନ୍ତା, ଘା-
**Murderous**, *a.* ଖୁନିଆ, ଅପଘାତୀ, ବଧକାରୀ, ହତ୍ୟାଶୀଳ । [କାମ୍ଳ ।
**Muriatic**, *a.* ସାମୁଦ୍ରିକ; S-acid, ସାମୁଦ୍ରି-
**Murky**, *a.* ଅନ୍ଧକାରମୟ, ଘୋର, ତମିର ।
**Murmur**, *v.* ଅସନ୍ତୋଷ ପ୍ରକାଶ-କ, ବକ୍୨ ବା ବଡ୨-କ । [ଅଳ୍ପଗମ୍ଭୀର ସ୍ୱର ।
**Murmur**, *s.* ବିରକ୍ତିବାକ୍ୟ, ବଡବଡ, ବକବକ୍;
**Murrain**, *s.* ପଶୁମାନଙ୍କର ମାରକ ବା ସଞ୍ଚାରକ ରୋଗ । [ମୁକ, ଶାମୁକା ।
**Muscle**, *s.* ଶିର, ରଗ; shell-fish, ଶା-
**Muscular**, *a.* ଶିରାମୟ, ବଳବାନ୍, ହୃଷ୍ଟପୁଷ୍ଟ । [ବୀଦେବୀ ।
**Muse**, *s.* ଧ୍ୟାନ, ଘୋରଚିନ୍ତା, କାବ୍ୟାଧିଷ୍ଠା-
**Muse**, *v.* ଧ୍ୟାନ-କ, ଚିନ୍ତା-କ, ଭାବନା-କ ।
**Museum**, *s.* ଅଦ୍ଭୁତ ବା ଦୁଷ୍ପ୍ରାପ୍ୟ ଦ୍ରବ୍ୟାଳୟ, ଚିତ୍ରଶାଳା ।
**Mushroom**, *s.* ଛତୁ, ଭୂଇଁଫୁଲ, ଶିଲୀନ୍ଧ୍ର ।
**Music**, *s.* ବାଦ୍ୟ, ବାଜା, ବାଜଣା, ସ୍ୱର ବା ସଂଗୀତବିଦ୍ୟା ।
**Musical**, *a.* ସୁଶ୍ରାବ୍ୟ, ମିଷ୍ଟ ସ୍ୱରଯୁକ୍ତ, ସଂଗୀତ ବା ବାଦ୍ୟସମ୍ବନ୍ଧୀୟ; *s.* -instrument, ବାଦ୍ୟଯନ୍ତ୍ର, ବାଜା ।
**Musician**, *s.* ବାଜାଦାର, ବାଦ୍ୟକର; ଗାୟକ
**Musk**, *s.* କସ୍ତୁରୀ, ମୃଗନାଭି, ମୃଗମଦ ।
**Musket**, *s.* ବନ୍ଧୁକ, ଆଗ୍ନେୟାସ୍ତ୍ର ।
**Musketeer**, *s.* ବନ୍ଧୁକଧାରୀ ସୈନ୍ୟ ।
**Muskrat**, *s.* ଛୁଚୁନ୍ଦ୍ରା, ଛୁଁଚ, ଗନ୍ଧମୂଷିକ ।
**Muslin**, *s.* ମଲମଲ ଇତ୍ୟାଦି ଅତି ସୂକ୍ଷ୍ମବସ୍ତ୍ର ।
**Musquito**, *s.* ମଶା, ମଶକ; -curtain, ମଶାରୀ ।
**Mussel**, *s.* ଶାମୁକା, ଶମ୍ବୁକ; କସ୍ତୁରା ।
**Mussalman**, *s.* ପଠାଣ, ମୁସଲମାନ, ଯବନ
**Must**, *v.* ହେବାକୁ ହେବ; -be done, ନୋହିଲେ ନାହିଁ, ଅବଶ୍ୟ କରିବ; -go, ଯିବାକୁ ହେବ; -not, ହେବ ନାହିଁ ।
**Must**, *s.* ଟାଟକା ମଦିରା, ନୂତନ ମଦ ।
**Mustaches**, *s.* ମୋଚ, ନିଶ ।
**Mustard**, *s.* -seed, ସୋରିଷ, ସର୍ଷପ; powdered- ରାଇ । [-କ ।
**Muster**, *v.* ଏକତ୍ର- ଜମା- ସଂଖ୍ୟା- ସଂଗ୍ରହ
**Muster**, *s.* ସଂଗ୍ରହ, ଗଣନା; ନମୁନା ।
**Muster-roll**, *s.* ସୈନ୍ୟମାନଙ୍କର ନାମ ଲେଖିତ ଫର୍ଦ୍ଦ ।
**Musty**, *a.* ଗନ୍ଧିଆ, ଛତିଆ, ପଚସ୍ୱ ।
**Mutability**, *s.* ପରିବର୍ତ୍ତନୀୟତା, ଅନିତ୍ୟତା, ଅସ୍ଥିରତା । [ଚଞ୍ଚଳ ।
**Mutable**, *a.* ପରିବର୍ତ୍ତନୀୟ, ଅନିତ୍ୟ, ଅସ୍ଥାୟୀ,
**Mutation**, *s.* ବଦଳ, ପରିବର୍ତ୍ତନ, ଭାବାନ୍ତର, ଅନ୍ୟଥା କରଣ ।
**Mute**, *a.* ମୂକ, ମୌନୀ, ନୀରବ, ଚୁପ ।
**Mute**, *s.* ମୂକ, ନିଃଶବ୍ଦ, ବୋବା, ଅବାକ୍ ।
**Mutilate**, *v.* ଅଙ୍ଗଚ୍ଛେଦନ- ବିକୃତ-କ, କାଟିବାର ।
**Mutilation**, *s.* ଅଙ୍ଗଚ୍ଛେଦନ, ଅଙ୍ଗଚ୍ଛେଦ ।
**Mutineer**, *s.* ଅବଶବ୍ୟକ୍ତି; ଦ୍ରୋହୀ ।
**Mutinous**, *a.* ଅନାୟତ୍ତ, ଅବଶ, ଅବାଧ୍ୟ, ଦଙ୍ଗାବାଜ । [ଅବଶ-ହ ।
**Mutiny**, *v.* ଅବାଧ୍ୟ-ହ, ସର୍କାରୀ ନ ମାନିବାର,

**Mutiny,** *s.* ଗଣ୍ଡଗୋଳ, କଳହ, ରାଜଦ୍ରୋହ
**Mutter,** *v.* ବଡବଡ- ବକବକ-କ ।
**Mutton,** *s.* ମେଣ୍ଢାମାଂସ, ଭେଡାମାଂସ ।
**Mutual,** *a.* ଅନ୍ୟୋନ୍ୟ, ପରସ୍ପର, ଉଭୟର ।
**Mutually,** *ad.* ପରସ୍ପରରେ, ଉଭୟେ, ଦୁହିଙ୍କରପକ୍ଷେ ।
**Muzzle,** *s.* ପଶୁର ବା ବନ୍ଧୁକର ମୁହଁ ; ମୁହଜାଲି, ଭୁଣ୍ଡୀ । [ଜାଲି-ଦ ।
**Muzzle,** *v.* ମୁଖବାନ୍ଧିବାର, ଭୁଣ୍ଡୀ ବା ମୁହ-
**My,** *pr.* ଆମ୍ଭର, ମୋର ।
**Myriad,** *s.* ଦଶ ହଜାର ବା ଅସ୍ଥିରସଂଖ୍ୟା ।
**Myrmidon,** *s.* ଅସଭ୍ୟ ସୈନ୍ୟ, ଡକାଇତ ।
**Myrrh,** *s.* ଗନ୍ଧରସ, ସୁଗନ୍ଧିନିର୍ଯ୍ୟାସ ବିଶେଷ ।
**Myrtle,** *s.* ବୃକ୍ଷଭେଦ । [ଜର, ଆପଣାର ।
**Myself,** *p.* ଅମ୍ଭେ, ଆପେ, ସ୍ୱୟଂ ; -own ନି-
**Mysterious,** *a.* ନିଗୂଢ, ଗୁପ୍ତ, ଗମ୍ଭୀର, ଅସ୍ପଷ୍ଟ । [ଗମ୍ୟତ୍ୱ ।
**Mysteriousness,** *s.* ନିଗୂଢତା, ବୋଧା-
**Mystery** *s.* ଅତିଗୁପ୍ତ କଥା, ବୋଧାଗମ୍ୟ ବିଷୟ ; ଶିଳ୍ପକର୍ମ ।
**Mystic,** *a.* ଅସ୍ପଷ୍ଟ, ଗୁପ୍ତ, ଗୂଢ, ଅପ୍ରକାଶିତ ।
**Mythological,** *a.* କଳ୍ପିତଦେବାଦି ବିଷୟକ । [ବିଦ୍ୟା ।
**Mythology,** *s.* କଳ୍ପିତ ଦେବାଦି ବିଷୟକ

## N.

**Nab,** *v.* ହଠାତ ଧରିବାର, ନେଇ ଚାଖିବାର ।
**Nadir,** *s.* ଭୂମଣ୍ଡଳର ଅଧୋଭାଗ, ପାଦର ତଳେ ଯେ ସ୍ଥାନ ।
**Nag,** *s.* କ୍ଷୁଦ୍ରଘୋଡା, ଟାଟୁ ।
**Naiad,** *s.* କଳ୍ପିତ ଜଳଦେବୀ ।
**Nail,** *s.* ନଖ, ଲୋହାରକଣ୍ଟା ବା ମେଖ ; measure, ଅଢାଇ ଇଞ୍ଚିମାପ ।
**Nail,** *v.* କଣ୍ଟା ବା ମେଖମାରିବାର । [ଭକ୍ଷ ।
**Naked,** *a.* ଉଲଙ୍ଗ, ବସ୍ତ୍ରହୀନ, ନଙ୍ଗଳା ; ପ୍ର-
**Nakedness,** *s.* ଉଲଙ୍ଗତା, ଉଲଗ୍ନତା, ଅନାବୃତଭାବ । [ସୁଖ୍ୟାତି, କୀର୍ତ୍ତି ।
**Name,** *s.* ନାମ, ସଂଜ୍ଞା, ପଦବୀ, ଉପାଧି, ଯଶ,
**Name,** *v.* ନାମ-ଦ, ଡାକିବାର, ନାମଧରି କହି, ଉଲ୍ଲେଖ-କ ।
**Nameless,** *a.* ନାମହୀନ, ଅନାମକ, ବେନାମ ।
**Namely,** *ad.* ବିଶେଷତଃ, ଅର୍ଥାତ୍, ଯଥା ।
**Namesake,** *s.* ଏକନାମକ, ସ୍ୱନାମକ, ମିତ ।
**Nap,** *s.* ଅଳ୍ପନିଦ୍ରା, ଢୁଳ ; ବସ୍ତ୍ରର ଅଁଶୁ ।
**Nap,** *v.* ଘୁମା ବା ଢୁଳାଇବାର, ତନ୍ଦ୍ରାଯୁକ୍ତ-ହ ।
**Nape,** *s.* ଗ୍ରୀବା, ବେକର ଗଣ୍ଠି ।
**Naptha,** *s.* ତୈଳବିଶେଷ ।
**Napkin,** *s.* ଗାମୁଛା, ରୁମାଲ, ଗାତ୍ରମାର୍ଜ୍ଜନୀ ।
**Narcotic,** *a.* ନିଶାଜନକ, ମାଦକ ।
**Nard,** *s.* ଜଟାମାଂସୀ, ବଣିକ ଦ୍ରବ୍ୟବିଶେଷ ।
**Narrate,** *v.* ବିବରଣ ବା ବୃତ୍ତାନ୍ତ କହିବାର ।
**Narration, Narrative,** *s.* ବର୍ଣ୍ଣନା, ବିବରଣ, ବୃତ୍ତାନ୍ତ, ଇତିହାସ । [ଖ୍ୟାନକର୍ତ୍ତା ।
**Narrator,** *s.* ବିବରଣବକ୍ତା, ବର୍ଣ୍ଣକ, ଉପା-
**Narrow,** *a.* ଅପ୍ରଶସ୍ତ, କମଓସାର, ଅଳ୍ପଓସାର, କ୍ଷୁଦ୍ର ; covetous, କୃପଣ, କାମି ।
**Narrowly,** *ad.* ସୂକ୍ଷ୍ମରୂପେ, ଯତ୍ନପୂର୍ବକ, ପ୍ରାୟ କଷ୍ଟେ ।
**Narrow-minded,** *a.* କ୍ଷୁଦ୍ରମନାଃ ବା ବୁଦ୍ଧି କାମି ।
**Nasal,** *a.* ଅନୁନାସିକ, ନାସିକାସମ୍ବନ୍ଧୀୟ, ଗନା ।
**Nascent,** *a.* ବର୍ଦ୍ଧନଶୀଳ, ବର୍ଦ୍ଧିଷ୍ଣୁ ।
**Nastily,** *ad.* କୁତ୍ସିତ ବା ଅଶୁଦ୍ଧରୂପେ ।
**Nastiness,** *s.* ମଇଳା, ମଳିନ, ଗୁହ, ଗନ୍ଧକ ।
**Nasty,** *a.* ମଇଳା, ଅଶୁଦ୍ଧ, କୁତ୍ସିତ, କଦର୍ଯ୍ୟ, ଘୋଷଡା ।

Natal, *a.* ଜନ୍ମଦିନ ବା ସ୍ଥାନସମ୍ପର୍କୀୟ; -soil, ଜନ୍ମସ୍ଥାନ । [ମୂହ ।
Nation, *s.* ଏକରାଜ୍ୟ ବା ଦେଶର ଲୋକସ-
National, *a.* ଦେଶୀୟ, ସାଧାରଣ, ଦେଶର ।
Nationality, *s.* ସ୍ୱଦେଶୀୟତ୍ୱ, ସ୍ୱଦେଶ ଗୌ-ରବ । [ଅଦ୍ଧ ।
Native, *a.* ସ୍ୱାଭାବିକ, ସ୍ୱଜାତୀୟ, ଦେଶଜ;
Native, *s.* ଦେଶଜାତଲୋକ ବା ଦ୍ରବ୍ୟ ।
Nativity, *s.* ଜନ୍ମ, ଉତ୍ପତ୍ତି, ଜନ୍ମପତ୍ରୀ, ଜାତକ
Natural, *a.* ସ୍ୱାଭାବିକ, ପ୍ରକୃତିସିଦ୍ଧ; illegitimate, ଜାରଜ, ଦଜନ୍ମା; tender, କୋମଳ; unaffected, ଯଥାର୍ଥ; -man, ସାଂସାରିକ; -religion, ଯୁକ୍ତିସାଧ୍ୟଧର୍ମବିଦ; -history, ପଶ୍ୱାଦିବିଦ୍ୟା ।
Natural, *s.* ଜନ୍ମାବଧି ପାଗଳ ।
Naturalist, *s.* ପଶୁପଦାର୍ଥ ବିଦ୍ୟାବେତ୍ତା ।
Naturalize, *v.* ଜାତିଭୁକ୍ତ-କ, ବିଦେଶୀକୁ ସ୍ୱଦେଶୀୟମାନଙ୍କର କ୍ଷମତା-ଦ । [କ୍ରମେ ।
Naturally, *ad.* ସ୍ୱଭାବତଃ, ସହଜେ, ସ୍ୱେଚ୍ଛା-
Nature, *s.* ପ୍ରକୃତି, ସ୍ୱଭାବ, ଗୁଣ; ପ୍ରକାର, ଜାତି; ସଂସାର; ସୃଷ୍ଟିକର୍ତ୍ତା । [ବସ୍ତୁ ।
Naught, *s.* କିଛିନୋହେ; *a.* ଅସାର, ଅ
Naughtily, *ad.* ଦୁଷ୍ଟତା ବା ଅଧମରୂପେ ।
Naughtiness, *s.* ଦୁଷ୍ଟତା, କଦାଚାର, ମାଇଚ-ପଣ, ଭ୍ରଷ୍ଟାମୀ ।
Naughty, *a.* ଦୁଷ୍ଟ, ପାପିଷ୍ଠ, ମନ୍ଦ, ଭ୍ରଷ୍ଟ ।
Nausea, *s.* ଉଦ୍ଗାର, ବାନ୍ତିକରିବା ଇଚ୍ଛା, ଘୃଣା
Nauseate, *v.* ଘୃଣା ବା ଅରୁଚି-କ, ବାନ୍ତି-ହ ।
Nauseous, *a.* ବାନ୍ତିଜନକ, ଅରୋଚକ, ଘୃଣା-ଜନକ । [ବାହକସୂଚକ ।
Nautical, *a.* ନାବିକ ବିଦ୍ୟାସମ୍ବନ୍ଧୀୟ, ନୌ-
Naval, *a.* ଯୁଦ୍ଧଜାହାଜସମ୍ବନ୍ଧୀୟ, ନାବ୍ୟ ।
Nave, *s.* ଭଜନାଳୟର ମଧ୍ୟଭାଗ, ଚକ୍ରନାଭି ।

Navel, *s.* ନାଭି, ନାହି; -Cord, ନାହିନାଡ଼ ରଜ୍ଜୁ ।
Navigable, *a.* ଜାହାଜର ବାଟ, ଜାହାଜର ଗମନଯୋଗ୍ୟ ।
Navigate, *v.* ଜାହାଜ ଦ୍ୱାରା ଗମନାଗମନ-କ.
Navigation, *s.* ଜାହାଜ ଚଳାଇବା ବିଦ୍ୟା; ନାବିକର ଗମନାଗମନ ।
Navigator, *s.* ନାବିକ, ଜାହାଜର ଅଧ୍ୟକ୍ଷ ।
Navy, *s.* ଯୁଦ୍ଧ ଜାହାଜସମୂହ ।
Nay, *ad.* ନା, ନାହିଁ; rather, ବରଞ୍ଚ, ମାତ୍ର
Neaptide, *s.* ଅଳ୍ପଜୁଆର, ମନ୍ଦ ଜୁଆର ।
Near, *pr.* ନିକଟ, ସମୀପ, ନିକଟରେ ।
Near, *a.* ନିକଟସ୍ଥ, ସମୀପସ୍ଥ; ପ୍ରିୟ; କୃପଣ ।
Near, Nearly, *ad.* ପ୍ରାୟ, ନିକଟେ, ପାଖ-ରେ, କଡରେ । [ness, କୃପଣତା, କଠିଣତା ।
Nearness, *s.* ନୈକଟ୍ୟ, ସାମୀପ୍ୟ; stinge-
Neat, *a.* ସୁଦୃଶ୍ୟ, ଉତ୍ତମ, ପରିଷ୍କାର; *s.* ଗୋରୁ, ଗୋସମୂହ । [ଆଳ ।
Neatherd, *s.* ଗୋପାଳ, ଗୋରକ୍ଷକ, ଗଉ-
Neatly, *ad.* ଉତ୍ତମ, ସୁନ୍ଦର, ପରିଷ୍କାରରୂପେ ।
Neatness, *s.* ସୁଦୃଶ୍ୟତା, ଉତ୍ତମତା, ଶୁଦ୍ଧତା
Nebula, *s.* ଗ୍ରହନୀହାରିକା, କୁଜ୍ଝଟିମୟ, ମେଘାଚ୍ଛନ୍ନ ।
Necessaries, *s.* ଅବଶ୍ୟକଦ୍ରବ୍ୟ, ଆହାର-ଦ୍ରବ୍ୟ; -of life, ଜୀବନ ଧାରଣବସ୍ତୁ, ସାମଗ୍ରୀ ।
Necessarily, *ad.* ପ୍ରୟୋଜନୀୟ ବା ଅବ-ଶ୍ୟକରୂପେ ।
Necessary, *a.* ଅବଶ୍ୟକ, ଜରୁରି, ପ୍ରୟୋ-ଜନୀୟ, ଦରକାରି, ଯାହା ନୋହିଲେ ନୋହେ
Necessary, *s.* ବାହ୍ୟସ୍ଥାନ, ପାଇଖାନା ।
Necessitate, *v.* ଆବଶ୍ୟକ- ପ୍ରୟୋଜନ-କ, ବଶ-କ । [ଦୀନହୀନ ।
Necessitous, *a.* ଦରିଦ୍ର, କାଙ୍ଗାଳ, ବୁଭୁକ୍ଷି,

**Necessity**, *s.* ଅବଶ୍ୟକତା, ପ୍ରୟୋଜନ, ଦରିଦ୍ରତା; fatality, ଅଦୃଷ୍ଟ, କପାଳ ।
**Neck**, *s.* ଗଲା, କଣ୍ଠ, ବେକ, ଗ୍ରୀବା ।
**Neckcloth**, *s.* ଗଲାବନ୍ଧା ଗ୍ରୀବାବନ୍ଧନୀ ।
**Necklace**, *s.* ମାଳା, ହାର, କଣ୍ଠି, କଣ୍ଠାଭରଣ ।
**Necrology**, *s.* ମୃତବ୍ୟକ୍ତିମାନଙ୍କର ବିବରଣ ।
**Necromancer**, *s.* ଗୁଣି, ଜାଦୁଗର, ଭୂତାଦି ବିଦ୍ୟାବେତ୍ତା । [ମନ୍ତ୍ର ।
**Necromancy**, *s.* ପ୍ରେତିତବିଦ୍ୟା, ଜାଦୁଗିରି
**Nectar**, *s.* ଅମୃତ, ସୁଧା, ଦେବପେୟଦ୍ରବ୍ୟ ।
**Nectarine**, *a.* ଅମୃତତୁଲ୍ୟ, ମଧୁର, ମିଷ୍ଟ; *s.* fruit, ଫଳବିଶେଷ ।
**Need**, *s.* ଦରିଦ୍ରତା, ଅପ୍ରତୁଲ, ଦୁର୍ଦ୍ଦଶା, ଅଭାବ
**Need**, *v.* ଅବଶ୍ୟକ- ଅଭାବ-ହ, ପ୍ରୟୋଜନଥିବାର । [ସ୍ତ, ଦରକାସ୍ତ ।
**Needful**, *a.* ଆବଶ୍ୟକ, ପ୍ରୟୋଜନୀୟ, ଜରୁ-
**Needle**, *s.* ସୂଚ, ଛୁଞ୍ଚି; କୋମ୍ପାସର କଣ୍ଟା ।
**Needlework**, *s.* ସୂଚ ବା ଛୁଞ୍ଚିକର୍ମ, ସିଲାଇକର୍ମ । [ଅକାରଣ ।
**Needless**, *a.* ନିଷ୍ପ୍ରୟୋଜନ, ଅନାବଶ୍ୟକ,
**Needs**, *ad.* ଅବଶ୍ୟ, ନିତାନ୍ତ ।
**Needy**, *a.* ନିର୍ଦ୍ଧନ, ଦରିଦ୍ର, ଦୁଃଖୀ, ଅକିଞ୍ଚନ ।
**Nefarious**, *a.* ଅତିଘୃଣ୍ୟ, କୁତ୍ସିତ, ପାପିଷ୍ଠ ।
**Negation**, *s.* ଅସ୍ୱୀକାର, ଅସମ୍ମତି, ଅନଙ୍ଗୀକାର, ନା । [ଯଥା ନା ।
**Negative**, *s.* ଅସ୍ୱୀକାରସୂଚକ ଅବ୍ୟୟଶବ୍ଦ,
**Negative**, *v.* ଅପ୍ରମାଣ- ଅଗ୍ରାହ୍ୟ-କ । [କର ।
**Negatively**, *ad.* ଅସ୍ୱୀକାର ବା ଅସମ୍ମତପୂ-
**Neglect**, *v.* ତ୍ରୁଟି- ଅମନୋଯୋଗ- ହେଳା-ତୁଚ୍ଛ-କ ।
**Neglect**, *s.* ତ୍ରୁଟି, ଅବହେଳା, ଅନାଦର, ଅମନୋଯୋଗ ।
**Negligence**, *s.* ଅପେକ୍ଷା, ଅମନୋଯୋଗ, ଅସାବଧାନତା । [ଚିନ୍ତ ।
**Negligent**, *a.* ଅନବଧାନୀ, ଅମନୋଯୋଗୀ,
**Negotiable**, *a.* ବ୍ୟବସାୟ ବା ବନ୍ଦସ୍ତ ଯୋଗ୍ୟ, କାରବାରୀ । [ସନ୍ଧି- ବାଣିଜ୍ୟ-କ ।
**Negotiate**, *v.* କଥୋପକଥନ- ବନ୍ଦୋବସ୍ତ-
**Negotiation**, *s.* ବାଣିଜ୍ୟ, କାରବାର, କୌଣସି ବିଷୟରେ କଥାବାର୍ତ୍ତା, ନିୟମ ।
**Negro**, *s.* କାଫିସ୍ତ, ଅଫ୍ରିକା ଦେଶର ଲୋକ ।
**Negus**, *s.* ମଦ୍ୟଚିନିଲେମ୍ବୁରସଜାୟଫଳମିଶ୍ରିତ ପେୟଦ୍ରବ୍ୟ ।
**Neigh**, *s.* ହ୍ରେଷା, ହ୍ରଂଷାରବ ଘୋଡାରରବ ।
**Neigh**, *v.* ହ୍ରେଷା- ଅଶ୍ୱର ଧ୍ୱନି-କ । [ସ୍ତା ।
**Neighbour**, *s.* ପ୍ରତିବାସୀ, ପଡୋଶୀ, ପଡ଼-
**Neighbourhood**, *s.* ସ୍ଥାଇରେ, ପାଶ, ନିକ
**Neighbouring**, *a.* ନିକଟବର୍ତ୍ତୀ, ସମୀପସ୍ଥ ପାଶର ।
**Neighbourly**, *ad.* ମିତ୍ରବତ୍, ଅନ୍ତୀୟ, ଉପକାରଶୀଳ ।
**Neither**, *pr.* ଏହାନାହିଁ ସେହାନାହିଁ ।
**Nem. Con.** ସମସ୍ତଙ୍କର ସମ୍ମତିରେ, ବିନା ଅସମ୍ମତିରେ ।
**Neophyte**, *s.* ନୂତନ ମତାବଲମ୍ବୀ ବ୍ୟକ୍ତି ।
**Nephew**, *s.* ଭାଇର ପୁଅ ବା ପୁତୁରା, ଭଉଣିର ପୁଅ ବା ଭଣଜା ।
**Nepotism**, *s.* ଭ୍ରାତୃ ପୁତ୍ରାଦିର ପ୍ରତି ସ୍ନେହ ।
**Nereid**, *s.* କଳ୍ପିତ ଜଳଦେବୀ ।
**Nerve**, *s.* ଶିରା, ଶିର, ରଗ; energy, ବଳ, ଶକ୍ତି, ସାହସ । [ସ୍ତେଜ ।
**Nerveless**, *s.* କ୍ଷୀଣ, ଅସମର୍ଥ, ଦୁର୍ବଳ, ନି-
**Nervous**, *a.* powerful, ଶିରାମୟ, ସବଳ; weak nerves, ଦୁର୍ବଳ, ନିସ୍ତେଜ ।
**Nest**, *s.* କୀଟ ବା ପକ୍ଷୀର ବସା, ନୀଡ, ବାସସ୍ଥାନ

**Nestle**, *v.* ପକ୍ଷୀର ପ୍ରାୟ ବସାରେ ଛୁଆ ଉତ୍ମାଦ ପ୍ରତିପାଳଣ-କ । [ନୂତନ ଜାତ ଛୁଆ ।
**Nestling**, *s.* ବସାରେ ଥିବାର ପକ୍ଷିର ଛୁଆ;
**Net**, *s.* ଜାଲ, ଫାନ, କୂଟଯନ୍ତ୍ର, ବାଗୁରା ।
**Nether**, *a.* ଅଧଃସ୍ଥ, ତଳସ୍ଥ, ନୀଚସ୍ଥ ।
**Nethermost**, *a.* ସକଳର ନୀଚ, ସର୍ବାଧଃ ।
**Nettle**, *s.* କଣ୍ଟୁଆତ ପର ବୃକ୍ଷବିଶେଷ ।
**Nettle**, *v.* ବିରକ୍ତ- ଚିଡ଼ା-କ, ଚିଡ଼ାଇବାର ।
**Network**, *s.* ଜାଲି, ଜାଫରି ବା ଜାଲିରକର୍ମ
**Neuter**, *s.* ଅପକ୍ଷପାତ; -gender, କ୍ଲୀବଲିଙ୍ଗ
**Neutral**, *a.* ଅପକ୍ଷପାତୀ, କୌଣସି ପକ୍ଷରନୁହେ
**Neutrality**, *s.* ଅପକ୍ଷପାତିତ୍ୱ ।
**Never**, *ad.* କେବେ ନାହିଁ, କଦାଚ ନୁହେ ।
**Nevertheless**, *ad.* ତଥାଚ, ତେବେ, ତଥାପି, ତଥାଚ । [ବର୍ତ୍ତମାନ ।
**New** *a.* ନୂତନ, ନୂଆ, ଟଟକା, ତାଜା, ନବୀନ,
**Newly**, *ad.* ଅଳ୍ପଦିନର ବା କାଳର ନୂତନ ।
**Newness**, *s.* ନୂତନତା, ନବୀନତା, ନବ୍ୟତା ।
**News**, *s.* ନୂଆକଥା ବା ଖବର, ସମ୍ବାଦ, ସମାଚାର ।
**Newspaper**, *s.* ଖବରକାଗଜ, ସମ୍ବାଦପତ୍ର ।
**Next**, *a.* ଅତିନିକଟ, ପାଖେ; ଲଗାଲଗୀ ।
**Next**, *ad.* ତହିଁଉତ୍ତାରୁ; -of kind, ଅତିନିକଟ କୁଟୁମ୍ବ; ପଶ୍ଚାତ୍, ପଛେ, ଅନନ୍ତରେ ।
**Nib**, *s.* ପକ୍ଷୀଥଣ୍ଟ, ପକ୍ଷିରଥଣ୍ଟ; କଲମରମୁନ ବା ଅଗ । [ଦୋଷାନ୍ୱେଷଣ-କ ।
**Nibble**, *v.* ମାଛପରି ଖୁଣ୍ଟିଖାଇ କାମୋଡ଼ିବାର,
**Nice**, *a.* ଶୁଦ୍ଧ, ସୂକ୍ଷ୍ମ, ଉତ୍ତମ, ସୁସ୍ୱାଦୁ ।
**Nicely**, *ad.* ସୂକ୍ଷ୍ମରୂପେ, ଉତ୍ତମରୂପେ, ଠିକରୂପେ । [ବିବେଚନା ।
**Nicety**, *s.* ସୂକ୍ଷ୍ମତା, ଉତ୍ତମତା, ଶୁଦ୍ଧତା, ସୂକ୍ଷ୍ମ-
**Niche**, *s.* ମୂର୍ତ୍ତ୍ୟାଦି ରଖିବାର କାନ୍ଥଖୋଲ ବା ଠଣା ।
**Nick**, *s.* -of time ସୁଯୋଗ, ସୁସମୟ; a notch, ଘଷା; old nick, ଶୟତାନ ।
**Nick**, *v.* ଖାଞ୍ଜ ବା ଘଷାକାଟିବାର ।
**Nickname**, *s.* ନିନ୍ଦନାମ ବା ଅପମାନଜନକ ନାମ । [ଭଉଣୀର ଝିଅ ।
**Niece**, *s.* ଭାଇରଝିଅ ବା ଝିଆରୀ, ଭଣିଜୀ ବା
**Niggard**, *s.* କୃପଣ ବା କାର୍ପଣ୍ୟବ୍ୟକ୍ତି, ଅଦାତା
**Niggardly**, *ad.* ବ୍ୟୟକୁଣ୍ଠ, କୃପଣ ।
**Nigh**, *ad.* ନିକଟରେ, ପାଖରେ, କଡ଼ରେ, ପ୍ରାୟ ।
**Night**, *s.* ରାତ୍ରି, ରାତି, ନିଶା, ରଜନୀ, ଯାମିନୀ; -cap, ରାତ୍ରିଟୋପୀ; -dress, ରାତ୍ରିପିନ୍ଧା ।
**Nightingale**, *s.* ମଧୁରସ୍ୱର ପକ୍ଷୀବିଶେଷ ।
**Nightly**, *ad.* ରାତ୍ରିକୃତ, ରାତ୍ରିକାଳର, ରାତିରେ୨, ପ୍ରତିରାତ୍ରିରେ ।
**Nightmare**, *s.* କୁସ୍ୱପ୍ନ, ଦୁଃସ୍ୱପ୍ନ, ଗୋଙ୍ଗାନ ।
**Nimble**, *a.* ଦ୍ରୁତ, ବେଗ, ଚଞ୍ଚଳ, ସତର୍କ ।
**Nimbly**, *ad.* ଦ୍ରୁତ- ସତ୍ୱର- ଶୀଘ୍ରରୂପେ ।
**Nine**, *s.* ନଅ, ନବ; -fold, ନଅଗୁଣ; -gems, ନବରତ୍ନ ।
**Nineteen**, *s.* ଉଣାଇଶ, ଊନବିଂଶତି ।
**Nineteenth**. *a.* ଊନବିଂଶତିତମ ।
**Ninetieth**, *a.* ନବତିତମ, ନବ୍ଦ ।
**Ninety**, *a.* ନବେ, ନବ୍ଦ, ନବତି ।
**Ninny**, *s.* ମୂଢ଼ ଅବା ନିର୍ବୋଧବ୍ୟକ୍ତି ।
**Ninth**, *a.* ନବମ ।
**Nip**, *v.* ଚିମୁଟିବାର, କାଟିବାର, କାମୁଡ଼ିବାର; ବିନାଶ-କ ।
**Nip**, *s.* ଚିମୁଟି, କାମୁଡ଼; ବିନାଶ; ଥଟ୍ଟା ।
**Nippers**, *s.* ଚିମୁଟା, ସଣ୍ଡାଶୀ । [ଚୁଚୁକ ।
**Nipple**, *s.* ସ୍ତନ ବା ଦୁଧରମୁଣ୍ଡି, ଚୁଚୁକ, କୁ-
**Nit**, *s.* ନିଶ, ଉକୁଣାଦିର ଡିମ୍ବ ।
**Nitre**, *s.* ସୋରା, ଯବକ୍ଷାର, ଲବଣବିଶେଷ ।

No, *ad.* ନା, ନାହିଁ, ନୋହେ, ନୁହେ, ନୁହଇ; -harm, କଛୁକ୍ଷତି ନାହିଁ; -matter, ଚିନ୍ତା ନାହିଁ। [ହିମା, ଗୌରବ।
Nobility, *s.* କୁଳୀନସମୂହ; ବଡଲୋକ; ମ-
Noble, *a.* ମହାକୁଳଜାତ; ମହିମାଯୁକ୍ତ; ମହାମହିମ।
Nobleman, *s.* କୁଳୀନ ବା ମହତ୍‌ବ୍ୟକ୍ତି।
Nobly, *ad.* ମାହାତ୍ମ୍ୟପୂର୍ବକ, ପ୍ରତାପେ, ସାହସେ। [ନୁହଇ।
Nobody, *s.* କେହିନାହିଁ; he is- ସେ କଛି
Nocturnal, *a.* ରାତ୍ରିକାଳେ, ରାତ୍ରବିଷୟକ।
Nod, *v.* ମୁଣ୍ଡନୁଆଁଇବାର କ ହଲାଇବାର; in-sleep, ଢୁଲାଇ ବା କ ଘୁମାଇବାର।
Nod, *s.* ମୁଣ୍ଡହଲା; ଅଳ୍ପପ୍ରଣାମ; ଇଶାରା।
Noddle, *s.* ମୁଣ୍ଡ, ମସ୍ତକ, ମଥା।
Node, *s.* ଗଣ୍ଠି; ଫୁଲା; ascending- ରାହୁ; descending- କେତୁ।
Nodule, *s.* କ୍ଷୁଦ୍ରଗୁଳି, ଡେଲା।
Noise, *s.* ଗୋଳ, ଶବ୍ଦ, ଧ୍ୱନି, ଡାକ। [କ।
Noise, *v.* ପ୍ରକାଶକ, ପ୍ରଚାରକ, ରବ ବା ଶବ୍ଦ-
Noisome, *a.* ଅପକାରୀ; ମନ୍ଦ; ଘୃଣ୍ୟ; ଦୁର୍ଗନ୍ଧୀ। [ଗୋଳ।
Noisy, *a.* ଶବ୍ଦକାରୀ, ଗଣ୍ଡଗୋଳିଆ, କଜିଆ-
Nomenclature, *s.* ନାମକରଣ, ଶବ୍ଦକୋଷ, ଅଭିଧାନ।
Nominal, *a.* ନାମମାତ୍ର, କୃତ୍ରିମ, ଅପ୍ରକୃତ।
Nominally, *ad.* ନାମମାତ୍ରେ, ନାମରେ, ମିଥ୍ୟା ବା କଳ୍ପିତରୂପେ। [ମୁକରର୍-କ।
Nominate, *v.* ନାମ-କ ବା- ଦ, ନିଯୁକ୍ତ ବା
Nomination, *s.* ପଦାର୍ପଣ, ନିଯୋଜନ, ନାମକର ନିର୍ଦ୍ଦିଷ୍ଟ କରଣ। [ୟାର କର୍ତ୍ତା।
Nominative, *s.* କର୍ତ୍ତୃକାରକ ଶବ୍ଦ, କ୍ରି-
Nominee, *s.* ନାମରେ ନିଯୁକ୍ତ ବ୍ୟକ୍ତି।

Non, ଅନ୍ୟଥାଭାବସୂଚକ ଶବ୍ଦ ଯଥା, non-age. [ବାଲ୍ୟାବସ୍ଥା।
Nonage, *s.* ଅପ୍ରାପ୍ତବୟସ୍କତା, ନାବାଲକତା,
Nonce, *s.* ଅଭିପ୍ରାୟ; ମାନସ; ପ୍ରୟୋଜନ।
Nonconformist, *s.* ସ୍ଥାପିତମତେ ଅସ୍ୱୀକୃତ ବ୍ୟକ୍ତି।
Nondescript, *a.* ଅବର୍ଣ୍ଣିତ, ବର୍ଣ୍ଣନାତୀତ, ଅବକୃତ।
None, *a.* କେହି ନୋହେ, କିଛି ନୋହେ।
Nonentity, *s.* ଅସତ୍ତ୍ୱ, ଅଭାବ, ଅବସ୍ତୁ, କଳ୍ପିତମାତ୍ର। [ଅଦ୍ୱିତୀୟବ୍ୟକ୍ତି।
Nonesuch, *s.* ଅତୁଲ୍ୟବ୍ୟକ୍ତି, ଅନୁପମ ବା
Non-existence, *s.* ଅସତ୍ତ୍ୱ; ଅଭାବ, ଅବର୍ତ୍ତମାନତ୍ୱ।
Nonplus, *s.* ଅପ୍ରସ୍ତୁତ, ଘାବର; ନିରୁତ୍ତର।
Nonsense, *s.* ଅନର୍ଥକବାକ୍ୟ, ମାହାଳିଆ, ଭଟଭଟ; ତୁଚ୍ଛବସ୍ତୁ।
Nonsensical, *a.* ଅନର୍ଥକ, ଅସଙ୍ଗତ।
Nonsuit, *v.* ନାଲିଶନାମଞ୍ଜୁର- ଅସ୍ୱୀକାର- ଖାରଜ- ନନସୁଟ୍-କ।
Noodle, *s.* ବାଉଳ, ମୂର୍ଖ, ନିର୍ବୋଧ, ବୋକା
Nook, *s.* କୋଣ, ଗୁପ୍ତସ୍ଥାନ, ଫାଙ୍କ।
Noon, Noonday, *s.* ମଧ୍ୟାହ୍ନ ସମୟ, ଦୁଇ ପ୍ରହର ବେଳ। [ଦି।
Noose, *s.* ଫାଶ, ଗଳାସି; *v.* ଫାଶ-ଗଳାସି-
Nor, *c.* ନଞର୍ଥକ ଅବ୍ୟୟ ଶବ୍ଦ, ନା, ନୋହେ, ଏମନ୍ତ କ ତେମନ୍ତ ନୋହେ। [ମୂଳୀୟ।
Normal, *a.* ନିୟମାନୁଯାୟୀ; ମୂଳ ଭଦ୍ୟାଂଶ-
North, *a.* ଉତ୍ତରଦିଗର ବା ଦିଗସ୍ଥ।
North, *s.* ଉତ୍ତର, ଉତ୍ତରଦିଗ, ଉଦକ୍;-pole, ଉତ୍ତର କେନ୍ଦ୍ର;-star, ଧ୍ରୁବତାରା, ଲୁବଡ।
Northeast, *s.* ଈଶାନ ବା ପୂର୍ବଉତ୍ତର କୋଣ, ଉତ୍ତରଦିଗସ୍ଥ, ଉତ୍ତରୀୟ, ଉଦୀଚୀନ।

Northward, *ad.* ଉତ୍ତରଦିଗେ, ଉତ୍ତରମୁଖେ
Northwest, *s.* ମରୁତ୍କୋଣ, ଉତ୍ତରପଶ୍ଚିମ
Nose, *s.* ନାକ, ନାସିକା, ନାସା । [କୋଣ ।
Nosegay, *s.* ଫୁଲପେଣ୍ଡା, ପୁଷ୍ପଗୁଚ୍ଛ, ସ୍ତବକ ।
Nosering, *s.* ନଥ, ନାସିକାଭରଣବିଶେଷ ।
Nostril, *s.* ନାସାରନ୍ଧ୍ର, ନାସିକାଛିଦ୍ର ବା କଣା
Nostrum, *s.* ଅପ୍ରକାଶିତ ଔଷଧ ।
Not, *ad.* ନା, ନାହିଁ, ନୋହେ, ନୁହଇ ।
Notable, *a.* ପ୍ରସିଦ୍ଧ, ସ୍ମରଣୀୟ, ବିଖ୍ୟାତ ।
Notably, *ad.* ପ୍ରସିଦ୍ଧରୂପେ, ସ୍ମରଣୀୟରୂପେ ।
Notary, *s.* ନିୟମପତ୍ରାଦି ବ୍ୟବସ୍ଥାମତେ ଲେଖି
ରଖେ ଯେ । [କରଣ ।
Notation, *s.* ଅର୍ଥ, ଟୀକା, ଚିହ୍ନ ବା ଅଙ୍କ-
Notch, *s.* ଛିଦ୍ର, ଘସା; *v.* ଘସା-କ ।
Note, *s.* ଚିହ୍ନ, ଅଙ୍କ, ଖ୍ୟାତି; ଟୀକା; ସ୍ୱର;
ଚିଠି; ଟିପ, ଖତ । [ବା ଲେଖି ରଖିବାର ।
Note, *v.* ଅବଧାନ ବା ମନୋଯୋଗ-କ, ଟିପି
Noted, *a.* ପ୍ରସିଦ୍ଧ, ବିଖ୍ୟାତ, ନାମଜାଦ ।
Nothing, *s*, ଅବସ୍ତୁ, ଅପଦାର୍ଥ, କିଛିନାହିଁ ।
Notice, *s.* ଅବଧାନ; ସମ୍ବାଦ, ବିଜ୍ଞାପନ, ଇ-
ସ୍ତିହାର; written, ବିଜ୍ଞାପନପତ୍ର ।
Notice, *v.* ଦୃଷ୍ଟି- ଅବଲୋକନ- ମନୋଯୋ-
ଗ-କ । [ଚାର ।
Notification, *s.* ବିଜ୍ଞାପନ, ସମ୍ବାଦ, ସମା-
Notify, *v.* ଜ୍ଞାତ- ସମ୍ବାଦ-ଦ, ଜଣାଇବାର ।
Notion, *s.* ଅନୁମାନ, ବୋଧ, ମତ, ମାନସ ।
Notoriety, *s.* ପ୍ରସିଦ୍ଧତା, ବିଖ୍ୟାତି, ପ୍ରଚାର ।
Notorious, *a.* ସର୍ବତ୍ର ପ୍ରଚାରିତ, ପ୍ରକାଶିତ,
ବିଖ୍ୟାତ; infamous, ଅଖ୍ୟାତିବିଶିଷ୍ଟ ।
Notwithstanding, *c.* ତଥାପି, ତଥାଚ,
ତେବେହେଁ, ନୋହିଲେ ।
Nought, *s.* ନିର୍ଗୁଣ, ଅକିଞ୍ଚନ, କିଛିନୁହେ;
to set at- ତୁଚ୍ଛ, ଅବହେଳନ ।

Noun, *s.* ଶବ୍ଦ, ସଂଜ୍ଞା, ନାମବାଚକ ପଦ ।
Nourish, *v.* ପ୍ରତିପାଳନ-କ ପୋଷିବାର ।
Nourisher, *s.* ପ୍ରତିପାଳକ, ପୋଷକ, ଅନ୍ନ-
ଦାତା ।
Nourishing, *a.* ପୁଷ୍ଟିକର, ସୁପଥ୍ୟ, ପୋଷକ
Nourishment, *s.* ଅନ୍ନାଦି, ଖାଇବାର-
ଦ୍ରବ୍ୟାଦି, ପଥ୍ୟ ।
Novel, *a.* ନୂତନ, ଆଧୁନିକ, ଅସାମାନ୍ୟ ।
Novel, *s.* ପୁସ୍ତକବିଶେଷ, ଉପକଥା, ଉପାଖ୍ୟାନ
Novelist, *s.* ଉପାଖ୍ୟାନ, ଉପକଥା ଲେଖକ
Novelty, *s.* ନୂତନବିଷୟ, ନୂତନ କୌଣସି
ଆଶ୍ଚର୍ଯ୍ୟଦ୍ରବ୍ୟ । [ଦଶମାସ, ନବେମ୍ବରମାସ ।
November, *s.* ଇଉରୋପୀୟ ସନର ଏକା-
Novice, *s*, ଅପଟୁ, ନୂତନଶିଷ୍ୟ, କଚ୍ଲୋକ ।
Novitiate, *s.* ନବଶିଷ୍ୟତ୍ୱ, ଶିକ୍ଷା ବା ଅଭ୍ୟା-
ସ କରିବାର ସମୟ ।
Now, *ad.* ଏକ୍ଷଣେ, ଏହିକ୍ଷଣି, ଏବେ, ବର୍ତ୍ତମାନ ।
Now-a-days, *ad.* ଇଦାନୀ, ଏଦିନେ ବା ସମ-
ୟରେ; ଆଜିକାଲି । [ରେ ନାହିଁ ।
Nowhere, *ad.* କେଉଁଠାରେ ନାହିଁ, କାହିଁ-
Nowise, *ad.* କୌଣସିମତେ ବା କାରଣ ବା
ହେତୁ ନାହିଁ । [କାରୀ ।
Noxious, *a.* ହିଂସକ, ନାଶକ, ଦ୍ୱେଷୀ, ଅପ-
Nucleus, *s.* ବର୍ଦ୍ଧନଶୀଳ ଦ୍ରବ୍ୟର ମୂଳ ବା ବୀଜ
Nudity, *s.* ଉଲଙ୍ଗତା, ନଙ୍ଗଳା, ବିବସ୍ତ୍ର ।
Nugatory, *a.* ନିଷ୍ଫଳ, ମିଥ୍ୟା, ବ୍ୟର୍ଥ, ତୁଚ୍ଛ,
ରଦ ।
Nuisance, *s.* କ୍ଲେଶଜନକ ବସ୍ତୁ, ଦୁର୍ଗନ୍ଧିବସ୍ତୁ ।
Null, *a.* ବୃଥା, ମିଥ୍ୟା, ନିଷ୍ଫଳ ।
Nullify, *v.* ଅନ୍ୟଥା- ମିଥ୍ୟା- ବ୍ୟର୍ଥ- ରଦ-କ
Numb, *a.* ସ୍ପନ୍ଦନରହିତ, ଅବଶ, ଜଡ, ଅଶକ୍ତ ।
Number, *s.* ସଂଖ୍ୟା, ଗଣନା, ଏକାଦିଅଙ୍କ ।
Number, *v.* ଗଣିବାର, ସଂଖ୍ୟା ବା ସୁମାର-କ

Numberless, *a.* ଅସଂଖ୍ୟ, ଅଗଣ୍ୟ, ଅସୁମାର । [ସ୍ୱହୃତ୍ୟ ।

Numbness, *s.* ଅବଶତା, ଜଡତା, ସ୍ପନ୍ଦନ-

Numerable, *a.* ଗଣନୀୟ, ସଂଖ୍ୟାଯୋଗ୍ୟ, ଗଣ୍ୟ । [ଅଙ୍କ ।

Numeral, *a.* ଅଙ୍କ ବା ଗଣନାସମ୍ବନ୍ଧୀୟ; *s.*

Numeration, *s.* ସଂଖ୍ୟା, ଗଣନା, ସୁମାର ।

Numerator, *s.* ଗଣନାକର୍ତ୍ତା; ଗୁଣକ ବା ପୂରକ ଅଙ୍କ । [ଙ୍କାତ୍ମକ ।

Numerical, *a.* ଅଙ୍କସୂଚକ ବା ବିଷୟକ, ଅ-

Numerous, *a.* ଅନେକ, ବହୁତ, ବହୁର, ବହୁସଂଖ୍ୟକ । [ବିଜ୍ଞାନ ।

Numismatics, *s.* ମୁଦ୍ରାବିଦ୍ୟା; ଅଙ୍କ-

Numskull, *s.* ମୂର୍ଖ, ଜଡ, ନିର୍ବୋଧ, ଅନାଡ଼ି

Nun, *s.* ଉଦାସୀନାସ୍ତ୍ରୀ, ମଠବାସିନୀ ।

Nuncio, *s.* ପୋପର ପ୍ରତିନିଧି ବା ଦୂତ ।

Nunnery, *s.* ଉଦାସୀନାସ୍ତ୍ରୀମାନଙ୍କର ମଠ ବା ବାସଗୃହ ।

Nuptial, *a.* ବିବାହସମ୍ବନ୍ଧୀୟ, ବୈବାହିକ ।

Nuptials, *s.* ବିବାହ, ବିଭା, ପାଣିଗ୍ରହଣ, ସାଦି ।

Nurse, *s.* ଅୟା, ଧାତ୍ରୀ; ରୋଗୀର ସେବକା ।

Nurse, *v.* ପିଲାକୁ ପୋଷିବାର, ଦୁଗ୍ଧପାନ କରାଇବାର; ରୋଗୀର ସେବା-କ ।

Nursery, *s.* ପିଲାମାନଙ୍କର କୁଠରୀ; ବୃକ୍ଷ-କଲ୍ଲାଇବାର ବଗିଚା ।

Nursling, *s.* ଦୁଧରବାଳକ, ଦୁଗ୍ଧପୋଷ୍ୟପିଲା

Nurture, *s.* ଆହାର, ଭକ୍ଷ୍ୟଦ୍ରବ୍ୟ; ଶିକ୍ଷା, ଉପଦେଶ । [-ଦ ।

Nurture, *v.* ପୋଷିବାର, ପାଳିବାର, ଶିକ୍ଷା

Nut, *s.* କଠିନଖୋସାଯୁକ୍ତ ଫଳ ।

Nut-crackers, *s.* ଜାନ୍ତି, ଗୁଆକାଟ, ସରତା ।

Nutmeg, *s.* ଜାଇଫଳ, ଜାତିଫଳ ।

Nutriment, *s.* ଆହାର, ଭକ୍ଷ୍ୟଦ୍ରବ୍ୟ, ପଥ୍ୟ ।

Nutrition, *s.* ପୋଷଣ, ପୁଷ୍ଟିକରଣ ।

Nutritious, *a.* ସୁପଥ୍ୟ, ବଳବର୍ଦ୍ଧକ, ଉତ୍ତମ ଭୋଜ୍ୟ । [ଖୋସା ।

Nutshell, *s.* କୌଣସି ଫଳର ଦୃଢ଼ଶକ୍ତ ବା

Nuxvomica, *s.* କୋଚିଲା ।

Nymph, *s.* ଉପଦେବୀ, ସୁନ୍ଦରସ୍ତ୍ରୀ ।

## O.

O, ସମ୍ବୋଧନବୋଧକ ଅବ୍ୟୟ ଶବ୍ଦ, ଯଥା ହେ, ରେ, ଅହୋ, ଭୋ, ଲୋ ।

Oaf, *s.* ନିର୍ବୋଧ, ମୂଢ, ମୂର୍ଖ, ଅନାଡ଼ି ।

Oak, *s.* ବଡବୃକ୍ଷବିଶେଷ ।

Oaken, *a.* ଉକ୍ତବୃକ୍ଷର କାଷ୍ଠନିର୍ମିତ ।

Oakum, *s.* ଜଳାପାଟ ବା ଦୌଡି ।

Oar, *s.* ନୌକାର ଆଉଲା; pole to propel a boat, ବାଉ ।

Oasis, *s.* ମରୁଭୂମିର ମଧ୍ୟସ୍ଥ, ଉର୍ବରସ୍ଥଳ ।

Oath, *s.* ରାଣ, ଶପଥ, କସମ, ହଲଫ ।

Oatmeal, *s.* ଓଟନାମକ ଶସ୍ୟର ମଇଦା ବା ଅଟା । [ବିଶେଷ ।

Oats, *s.* ଶସ୍ୟବିଶେଷ, ଓଟ, ଘୋଡାର ଖାଦ୍ୟ-

Obduracy, *s.* ଅନ୍ତଃକରଣର କାଠିନ୍ୟ, କୁକର୍ମରେ ନିର୍ଭୟତା । [ର୍ଦୟ ।

Obdurate, *a.* କଠିନ ହୃଦୟ, ନିଷ୍ଠୁର, ନି-

Obedience, *s.* ଆଜ୍ଞାପାଳନ, ବଶୀଭୂତତା, ଅଧୀନତା । [ପାଳକ ।

Obedient, *a.* ଆଜ୍ଞାବହ, ଆଜ୍ଞାକାରୀ, ଆଜ୍ଞା-

Obeisance, *s.* ନମସ୍କାର, ଦଣ୍ଡବତ, ପ୍ରଣାମ, ସଲାମ । [ଚିହ୍ନବିଶେଷ ।

Obelisk, *s.* ପଥରମୟ କୀର୍ତ୍ତିସ୍ତମ୍ଭ ବା ସ୍ତମ୍ଭ,

Obey, *v.* ମାନିବାର, ଶୁଣିବାର, ଆଜ୍ଞାପାଳନ-କ

Obit, *s.* ଅନ୍ତ୍ୟେଷ୍ଟିକ୍ରିୟା; death, ମୃତ୍ୟୁ, ମରଣ ।

Obituary, *s.* ମୃତବ୍ୟକ୍ତିମାନଙ୍କର ବିବରଣ ବା ନାମାବଳୀ ପୁସ୍ତକ । [ତାତ୍ପର୍ଯ୍ୟ ।
Object, *s.* ବିଷୟ; ପଦାର୍ଥ, ବସ୍ତୁ; ଅଭିପ୍ରାୟ,
Object, *v.* ଆପତ୍ତି- ଅସ୍ୱୀକାର- ଓଜର-କ ।
Objection, *s.* ଆପତ୍ତି, ବାଧା, ଓଜର, ଅସ୍ୱୀକାର । [କର, ତ୍ୟାଜ୍ୟ ।
Objectionable, *a.* ବାଧାଯୋଗ୍ୟ, ଆପତ୍ତି
Objective, *a.* ଅଭିପ୍ରେତ, ତାତ୍ପର୍ଯ୍ୟାତ୍ମକ; *s.* case, କର୍ମପଦ ।
Objector, *s.* ଆପତ୍ତି ବା ଓଜରକର୍ତ୍ତା, ବିବାଦକ, ବାଧା ଜନ୍ମାଏ ଯେ ।
Objuration, *s.* ଶପଥ ବା ନିୟମଦ୍ୱାରା ବନ୍ଦ କରିବାର । [ର୍ତ୍ସନା ।
Objurgation, *s.* ଅନୁଯୋଗ; ତାଡ଼ନା, ଭ-
Oblation, *s.* ନୈବେଦ୍ୟ, ଉତ୍ସର୍ଗ, ବଳିଦାନ, ହୋମ ।
Obligation, *s.* ନିୟମ, ନିବନ୍ଧ, ପ୍ରତିଜ୍ଞା, ବାଧ୍ୟତା; to be under- ବାଧ୍ୟ-ହ; a bond, କରାରନାମା । [ଅନୁରୋଧ୍ୟ ।
Obligatory, *a.* କର୍ତ୍ତବ୍ୟ, ଉଚିତ, ବନ୍ଧିତ,
Oblige, *v.* to compel, ବଳରେ କରାଇବାର; to do a favor, ଅନୁଗ୍ରହ- ଉପକାର- ବାଧ୍ୟ-କ; I am obliged to ବା ବାଧିତ ହେଲୁଁ ।
Oblique, *a.* ବଙ୍କା, ତେର୍ଛା, ଢାଲୁ, ଭେଡା ।
Obliquely, *ad.* ବକ୍ରଭାବେ, ଅସ୍ପଷ୍ଟାର୍ଥପୂର୍ବକ ।
Obliquely, *s.* ବକ୍ରତା, ବିପଥଗମନ, ଅନ୍ୟାୟ
Obliterate, *v.* ମୋଚନ ବା ଲୋପ-କ, ନିଭାଇବାର, ପୋଛିବାର ।
Obliteration, *s.* ଲୋପ, ବିନାଶ, ମୋଚନ ।
Oblivion, *s.* ବିସ୍ମରଣ, ଭ୍ରମ, ଭୁଲ; ଦୋଷକ୍ଷମା ।
Oblivious, *a.* ଭୁଲଜନକ, ବିସ୍ମାରକ, ଭ୍ରମକ ।

Oblong, *a.* ପ୍ରସ୍ଥରୁ ଦୀର୍ଘରେ ବଡ, ଦୀର୍ଘାକାର ।
Obloquy, *s.* ନିନ୍ଦା, କୁତ୍ସା, ଗ୍ଲାନି, ଅଯଶ, ଦୁର୍ନାମ । [ଅଧୀନ ।
Obnoxious, *a.* ଦଣ୍ଡ୍ୟ, ଦଣ୍ଡଯୋଗ୍ୟ; ଦାୟୀ,
Obscene, *a.* ଲମ୍ପଟୀୟ, ନିର୍ଲଜ୍ଜୀୟ, ଅବାଚ୍ୟ, ଖେଚଡା । [ଅପବିତ୍ରତା, ଭ୍ରଷ୍ଟତା ।
Obscenity, *s.* ଦୁର୍ବାକ୍ୟ, ଅବାଚ୍ୟକଥା,
Obscure, *a.* ଘୋର, ଅନ୍ଧକାର, ଅସ୍ପଷ୍ଟ; ଅଖ୍ୟାତ । [ଇବାର ।
Obscure, *v.* ଅନ୍ଧକାର- ଅସ୍ପଷ୍ଟ-କ, ଘୋଡା-
Obscurity, *s.* ଅନ୍ଧକାର, ମଳିନତା; privacy, ଗୁପ୍ତାବସ୍ଥା । [ଉତ୍ତରକ୍ରିୟା ।
Obsequies, *s.* ଅନ୍ତ୍ୟେଷ୍ଟିକ୍ରିୟା, ସତ୍କାର୍ଯ୍ୟ,
Obsequious, *a.* ଶରଣାଗତ, ଅନୁଗତ, ଆଜ୍ଞାକାରୀ । [ଶ୍ରେଷ୍ଠ ।
Observable, *a.* ଅବଧାନଯୋଗ୍ୟ, ଦୃଶ୍ୟ,
Observance, *s.* କର୍ତ୍ତବ୍ୟକ୍ରିୟା, ସେବା; ଆଦର, ମନୋଯୋଗ । [ଯୋଗୀ ।
Observant, *a.* ସାବଧାନ, ବହୁଦର୍ଶୀ, ମନୋ-
Observation, *s.* ଦର୍ଶନ, ବିବେଚନା; a remark, କଥା, ବୋଲି ।
Observatory, *s.* ନକ୍ଷତ୍ରାଦି ଦେଖିବା ପାଇଁ ଉଚ୍ଚ ଘର । [ପାଳିବାର ।
Observe, *v.* ମନୋଯୋଗ-କ, କହିବାର,
Observer, *s.* ଦର୍ଶକ, ମନୋଯୋଗୀ, ଶାସ୍ତ୍ରାଦିପାଳକ । [ଲୁପ୍ତ ।
Obsolete, *a.* ଅଚଳିତ, ଅବ୍ୟବହୃତ, ରଦ୍ଦ,
Obstacle, *s.* ବାଧା, ବ୍ୟାଘାତ, ପ୍ରତିବନ୍ଧକ, ବିଘ୍ନ । [ବାଧ୍ୟତା ।
Obstinacy, *s.* ନ ମାନିବାର, ଥେଣ୍ଟାମୀ, ଅ-
Obstinate, *a.* ଏକଗୁଣ୍ଡା, ହୁଜତି, ମଗସ୍ତ, ଥେଣ୍ଟା । [ବିଡପାଟିଆ ।
Obstreperous, *a.* ଗୋଳ ବା କଳହକାରୀ,

**Obstruct**, *v.* ପ୍ରତିବନ୍ଧ-କ, ଅଟକାଇବାର, ବାଧା ଜନ୍ମାଇବାର । [ବାଧା ।
**Obstruction**, *s.* ବନ୍ଧ, ଅବରୋଧ, ଅଟକ,
**Obstructive**, *a.* ପ୍ରତିବନ୍ଧକ, ବାଧକ, ରୋଧକ । [ଘାତ-କ ।
**Obtain**, *v.* ପାଇବାର, ମିଳିବାର, ପ୍ରାପ୍ତ-ହ,
**Obtainable**, *a.* ପ୍ରାପ୍ୟ, ଲଭ୍ୟ, ପ୍ରାପ୍ତବ୍ୟ ।
**Obtrude**, *v.* ଅସମୟରେ ପ୍ରବେଶ-ହ, ବଳାନୁମତରେ ପ୍ରସ୍ତାବ-କ । [ସ୍ତାବ ।
**Obtrusion**, *s.* ଆହ୍ୱାନ ବିନା ପ୍ରବେଶ ବା ପ୍ର-
**Obtrusive**, *a.* ଅକାଳରେ ପ୍ରସ୍ତାବ ବା ପ୍ରବେଶକାରୀ ।
**Obtuse**, *a.* ଅଦାଣ୍ଡୁଆ, ଅତୀକ୍ଷ୍ଣ; ଅବୁଝା ।
**Obtuseness**, *s.* ନିସ୍ତେଜ, ଅତୀକ୍ଷ୍ଣ, ସ୍ଥୂଳବୁଦ୍ଧି ।
**Obverse**, *s.* ଟଙ୍କା ବା ମୁଦ୍ରାର ଯେ ପୃଷ୍ଠେ ଛବିଥାଏ । [ଉପାୟ-କ ।
**Obviate**, *v.* ପ୍ରତିକାର-କ, ମେଣ୍ଟାଇବାର,
**Obvious**, *a.* ପ୍ରତ୍ୟକ୍ଷ, ବ୍ୟକ୍ତ, ପ୍ରକାଶ, ସୁସ୍ପଷ୍ଟ
**Obviously**, *ad.* ପ୍ରତ୍ୟକ୍ଷରୂପେ, ସୁବ୍ୟକ୍ତରୂପେ
**Occasion**, *s.* ଘଟଣା; need, ପ୍ରୟୋଜନ; cause, କାରଣ, ସୁଯୋଗ ।
**Occasion**, *v.* କରାଇବାର, ଘଟାଇବାର ।
**Occasional**, *a.* ଦୈବିକ, କେବେ୨, ପ୍ରୟୋଜନାନୁସାରେ ।
**Occidental**, *a.* ପଶ୍ଚିମା, ପଶ୍ଚିମଦିଗସ୍ଥ ।
**Occult**, *a.* ଗୁପ୍ତ, ଗୂଢ, ଅବ୍ୟକ୍ତ, ଅପ୍ରକାଶ ।
**Occupancy**, *s.* ଅଧିକାରକରଣ, ଦଖଲକରଣ
**Occupant**, *s.* ଭୋଗକାରୀ, ଅଧିକାରୀ, ଦଖଲକାରୀ । [ର୍ଯ୍ୟ, ପଦ ।
**Occupation**, *s.* ଅଧିକାର, ବ୍ୟବସାୟ, କା-
**Occupier**, *s.* ଅଧିକାରୀ; ବାସକାରୀ ।
**Occupy**, *v.* ଅଧିକାର- ଦଖଲ-କ, ପ୍ରବର୍ତ୍ତ-ହ; to use, ବ୍ୟବହାର-କ ।

**Occur**, *v.* ଘଟିବାର, ଉପସ୍ଥିତ-ହ; ମନେପଡ଼ିବାର । [ହା ଉପସ୍ଥିତ ହୋଇବା ।
**Occurrence**, *s.* ଘଟନା, ଦୈବଘଟନା, ଯା-
**Ocean**, *s.* ମହାସାଗର, ସମୁଦ୍ର, ଅର୍ଣ୍ଣବ, ସିନ୍ଧୁ
**Ochre**, *s.* red, ଗେରୁମାଟି; yellow, ଗୋପୀମାଟି ।
**Octagon**, *s.* ଅଷ୍ଟକୋଣାକାର ।
**Octave**, *s.* ବାଦ୍ୟ ବିଷୟକ ଅଷ୍ଟମସ୍ୱର ।
**Octavo**, *s.* ଏକଚକ୍ତା କାଗଜର ଆଠଖଣ୍ଡ କଲେ ଯେ ଅଡା ହୁଏ ସେହି ପରିମାଣ ।
**October**, *s.* ଇଉରୋପୀୟ ବରଷର ଦଶମ
**Octuple**, *a.* ଅଷ୍ଟଗୁଣ, ଆଠଗୁଣ । [ମାସ ।
**Ocular**, *a.* ପ୍ରତ୍ୟକ୍ଷ, ଚକ୍ଷୁର ଗୋଚର ।
**Oculist**, *s.* ଚକ୍ଷୁ ବା ଅକ୍ଷିରୋଗର ବୈଦ୍ୟ ।
**Odd**, *s.* not a pair, ବିଯୋଡ; strange, ଅସାଧାରଣ, ଅଶ୍ରୁଣି ।
**Oddity**, *s.* ଏକ ପ୍ରକାର ଲୋକ, ଅଦ୍ଭୁତବିଷୟ
**Oddly**, *ad.* ବିଯୋଡେ, ଅପରୂପେ, ଅଦ୍ଭୁତରୂପେ ।
**Odds**, *s.* ଅସମାନତା, ଭେଦ, ଭିନ୍ନତା ।
**Ode**, *s.* ଗୀତ, ଗାନ, କ୍ଷୁଦ୍ରକବିତା ।
**Odious**, *a.* ଅଗ୍ରାହ୍ୟ, ଘୃଣାର୍ହ, କୁତ୍ସିତ, ଘୃଣ୍ୟ ।
**Odium**, *s.* ନିନ୍ଦା, ଦ୍ୱେଷ, ଘୃଣା, ଅଖ୍ୟାତି ।
**Odoriferous**, *a.* ସୁଗନ୍ଧି, ସୁବାସବିଶିଷ୍ଟ ।
**Odour**, *s.* ଗନ୍ଧ, ସୁବାସ, ଘ୍ରାଣ, ସୁଗନ୍ଧ ବା ଦୁର୍ଗନ୍ଧ । [ଶୀଘ୍ର ।
**Œcumenical**, *a.* ସର୍ବସାଧାରଣ, ସର୍ବଦେ-
**Of**, *pr.* ସମ୍ବନ୍ଧର ଶବ୍ଦ, ଯଥା a friend of mine, ଆମ୍ଭର ବନ୍ଧୁ ।
**Off**, *ad.* ଦୂର, ଦୂରସ୍ଥ; ଉପରେ ନାହିଁ ।
**Offal**, *s.* ଉଚ୍ଛିଷ୍ଟଦ୍ରବ୍ୟ, ଅଇଁଠା ।
**Offence**, *s.* ଦୋଷ, ଅପରାଧ; anger, କ୍ରୋଧ; injury, କ୍ଷତି, ହାନି ।

Offend, *v.* ବିରକ୍ତ-କ, କ୍ରୋଧ ଜନ୍ମାଇବାର, ଅପରାଧ-କ ।
Offender, *s.* ଅପରାଧୀ, ଦୋଷୀ, ଅପକାରକ ।
Offensive, *a.* ଅରୁଚିକର, କ୍ରୋଧଜନକ, ପୀଡାଦ । [ମୂଲ୍ୟ-କ, ପ୍ରସ୍ତାବ-କ ।
Offer, *v* ଉତ୍ସର୍ଗ-କ, ବଳିଦାନ-କ, ଦାନ-କ;
Offer, *s.* ପ୍ରସ୍ତାବ; ଉଦ୍ୟମ, ଚେଷ୍ଟା; ମୂଲ୍ୟ; ପ୍ରତିଜ୍ଞା । [ଭେଟିଦ୍ରବ୍ୟ ।
Offering, *s.* ନୈବେଦ୍ୟ, ବଳିଦାନ; ଦର୍ଶନୀ,
Office, *s.* ପଦ, କାର୍ଯ୍ୟ, କର୍ମଭାର; କର୍ମଶାଳା, ଦପ୍ତରଖାନା ।
Officer, *s.* କର୍ମକାରକ, ବେବର୍ତ୍ତ, ସେନାପତି ।
Official, *a.* ସରକାରୀ କର୍ମ ସମ୍ବନ୍ଧୀୟ, ରାଜ-ସମ୍ପର୍କୀୟ ।
Officiate, *v.* ଅନ୍ୟର ବଦଳରେ କର୍ମ-କ ।
Officious, *a.* ଅନଧିକାରଚର୍ଚ୍ଚକ; ଅନୁଗ୍ରାହକ ।
Offing, *s.* ତୀରଠାରୁ ଉଚ୍ଚଦୂର ସମୁଦ୍ରୀୟ ସ୍ଥାନ ।
Offscouring, *s.* ଦ୍ରବ୍ୟ ମାର୍ଜନରେ ନିର୍ଗତ ମଇଳା ।
Offset, *s.* ଗଛର କଲମ; equivalent, ତୁଲ୍ୟମୂଲ୍ୟ କାର୍ଯ୍ୟାଦ ।
Offspring, *s.* ଉତ୍ପତ୍ତିଦ୍ରବ୍ୟ, ସନ୍ତାନସନ୍ତତି ।
Oft, Often, *ad.* ବାରମ୍ବାର, ଥରକୁଥର, ପୁନଃ୨ ।
Ogle, *v.* କଟାକ୍ଷ-କ, ଆଡଚକ୍ଷୁରେ ଚାହିଁବାର ।
Oh! *int.* ହାଃ, ଇଃ, ଉଃ, ଓଃ, ହାୟ୨ ।
Oil, *s.* ତେଲ, ତୈଳ, ମାଲପା, ମଥାଦହ ।
Oilman, *s.* ତେଲି, କଲୁ, ଆଉ ସଦ୍ରବ୍ୟବସାୟୀ
Oilmill, *s.* ଘଣା, ତୈଳଯନ୍ତ୍ର ।
Oily, *a.* ତେଲିଆ, ଚିକ୍କଣ, ସ୍ନିଗ୍ଧ ।
Ointment, *s.* ମଲମ, ପ୍ରଲେପ ।
Old, *a.* ପୁରାତନ, ପ୍ରାଚୀନ, ବୃଦ୍ଧ, ବହୁଦିନର ।
Old age, *s.* ବୃଦ୍ଧାବସ୍ଥା, ବୃଦ୍ଧକାଳ, ବହୁତ ବୟସ ।
Olfactory, *a.* ଘ୍ରାଣେନ୍ଦ୍ରିୟ ସମ୍ବନ୍ଧୀୟ ।
Oligarchy *s.* ଅଳ୍ପଲୋକେ ରାଜଶାସନ ବା ପ୍ରଭୁତ୍ୱ ।
Olive, *s.* ଜଲପାଇର ବୃକ୍ଷ ବା ଫଳ ।
Olive-branch, *s.* ଶାନ୍ତିସୂଚକଚିହ୍ନ ।
Omega, *s.* ଗ୍ରୀକ ବର୍ଣ୍ଣମାଳାର ଶେଷ ଅକ୍ଷର ।
Omelet, *s.* ଡିମ୍ବମିଶ୍ରିତ ଭଜା ପିଠା ।
Omen, *s.* ଶୁଭାଶୁଭଲକ୍ଷଣ । [ଅନଷ୍ଟ ।
Ominous, *a.* ଅମଙ୍ଗଳସୂଚକ, ଅଶୁଭକର,
Omission, *s.* ତ୍ରୁଟି, ଭୁଲ, ଭ୍ରମ, ଦୋଷ ।
Omit, *v.* ନ କରିବାର, ଭୁଲ-ହ, ଭ୍ରମ-କ ।
Omnipotence, *s.* ସର୍ବସାମର୍ଥ୍ୟ, ସର୍ବଶକ୍ତି, ଅସୀମ ପରାକ୍ରମ । [କ୍ରାନ୍ତ ।
Omnipotent, *a.* ସର୍ବଶକ୍ତିମାନ, ସର୍ବପରା-
Omnipresence, *s.* ସର୍ବବ୍ୟାପିତ୍ୱ, ସର୍ବାନ୍ତର୍ଯ୍ୟାମିତା, ବର୍ଣବ୍ୟାପକତା ।
Omnipresent, *a.* ସର୍ବବ୍ୟାପୀ, ସକଳାନ୍ତର୍ଯ୍ୟାମୀ, ସର୍ବଗାମୀ ।
Omniscience, *s.* ସର୍ବଜ୍ଞତା, ବର୍ଣଜ୍ଞାନ ।
Omniscient, *a.* ସର୍ବଜ୍ଞ, ସର୍ବସାକ୍ଷୀ, ବର୍ଣଜ୍ଞାତା
On, *pr.* ଉପରେ, ଉପର, ନିକଟେ, ମାତ୍ରେ ।
On, *ad.* ଆଗେ, ଅଗ୍ରେ, ଉପରେ ।
Once, *ad.* ଥରେ, ଏକବାର, ଏକକାଳେ; ପୂର୍ବେ
One, *a.* ଏକ, ଗୋଟାଏ, ଏକଗ, ଅଦ୍ୱିତୀୟ; *s.* ଏକବ୍ୟକ୍ତି ବା ଜନ; such a one, ଅମୁକ, ଫଲଣା; one and half, ଦେଡ, ସାଢେ-ଏକ । [ଟାଏ୨ କରି ।
One by one, *ad.* ଏକେ୨, ଜଣେ୨, ଗୋଟା-
Oneness, *s.* ଐକ୍ୟ, ଏକତା, ଏକତ୍ୱ, ଏକଭାବ ।
Onerous, *a.* ଭାରଯୁକ୍ତ, ଭାରଗ୍ରସ୍ତ, ଭାରି, ଗୁରୁ ।
Onion, *s.* ପିଆଜ, ପିୟାଜ, ପଳାଣ୍ଡୁ ।

**Only**, *ad.* କେବଳ,ମାତ୍ର, ଖାଲି, *a.* ଏକଲା, ଅଦ୍ୱିତୀୟ, ଏକା ।
**Onset**, *s.* ଆକ୍ରମଣ, ଚଢାଉ, ଯୁଦ୍ଧାରମ୍ଭ ।
**Onward**, *ad.* ଅଗ୍ରେ, ଆଗେ, ସମ୍ମୁଖେ; [କ୍ରମଶଃ ।
**Onyx**, *s.* ବୈଦୁର୍ଯ୍ୟମଣି ।
**Ooze**, *v.* ଝରିବାର, କ୍ଷରିବାର, ଗଳିବାର ।
**Opacity**, *s.* ଅନ୍ଧକାର, ଅନ୍ଧାର, ଅସ୍ୱଚ୍ଛତା, [ଦୃଷ୍ଟିରୋଧକତା ।
**Opal**, *s.* ଗୋଦନ୍ତମଣି ।
**Opaque**, *a.* ଦୃଷ୍ଟିରୋଧକ, ଅନିର୍ମଳ, ଅନୁଜ୍ଜ୍ୱଳ ।
**Open**, *v.* ଫିଟାଇବାର, ଖୋଲିବାର, ମୁକ୍ତ-କ, ବିସ୍ତାର-କ ।
**Open**, *a.* ଖୋଲା, ମେଲା, ମୁକୁଳା, ପ୍ରକାଶିତ
**Openhanded**, *a*, ମୁକ୍ତହସ୍ତ, ଦାତା, ଦାନଶୀଳ । [ଶୀଳ ।
**Openhearted**, *a.* ସରଳ, ଅକପଟ, ଦୟା-
**Opening**, *s.* ଛିଦ୍ର, ଫାଙ୍କ, ଫଟା; ଦ୍ୱାର; ଆରମ୍ଭ । [ଅଗ୍ରତରେ ।
**Openly**, *ad.* ପ୍ରତ୍ୟକ୍ଷ ବା ପ୍ରକାଶରୂପେ,
**Openness**, *s.* ସରଳତା, ଅକାପଟ୍ୟ, ସ୍ପଷ୍ଟ-
**Opera**, *s.* ଗାନବାଦ୍ୟବିଶିଷ୍ଟ ଯାତ୍ରା । [ବାଗ ।
**Operate**, *v.* କର୍ମ- ଫଳୋତ୍ପାଦନ-କ, ଶକ୍ତିବାର । [ଅଙ୍ଗାଦି ଛେଦିବାର କର୍ମ ।
**Operation**, *s.* କର୍ମ, କାର୍ଯ୍ୟ, ଫଳୋତ୍ପାଦନ,
**Operative**, *a.* କର୍ମକ୍ଷମ, କର୍ମଯୋଗ୍ୟ, ଫଳୋତ୍ପାଦକ, ବ୍ୟାପକ ।
**Operator**, *s.* କର୍ମକର୍ତ୍ତା, କାର୍ଯ୍ୟକାରୀ; ଅସ୍ତ୍ରଚିକିତ୍ସକ । [କଳା ।
**Opthalmia**, *s.* ନେତ୍ର ବା ଚକ୍ଷୁରୋଗ, ଅକ୍ଷି-
**Opthalmic**, *a.* ଚକ୍ଷୁସମ୍ବନ୍ଧୀୟ, ନେତ୍ରବିଷୟକ
**Opiate**, *s.* ନିଦ୍ରାଜନକ ଔଷଧ, ପିତ୍ତିର ବା ଅଫୀମାଦିର ଔଷଧ ।
**Opiniative**, *a.* ଜେଦିଆ, ଏକଲୁଆ, ସ୍ୱେଚ୍ଛାଚାରୀ, ମତାସକ୍ତ ।
**Opinion**, *s.* ମତ, ବୋଧ, ବିଚାର, ବିବେଚନା, ମାନସ ।
**Opium**, *s.* ଅଫୀମ, ପୋସ୍ତଫୁଲରସଠା ।
**Opponent**, *s.* ବିପକ୍ଷ, ଶତ୍ରୁ, ପ୍ରତିବାଦୀ, ବିରୋଧୀ । [ପ୍ରଯୁକ୍ତ, ସୁଯୋଗୀ ।
**Opportune**, *a.* ଉଚିତ କାଳର, କାଳୋ-
**Opportunity**, *s.* ସୁଯୋଗ, ସୁସମୟ, ଉପଯୁକ୍ତକାଳ, ଫୁରସତ । [ବାର ।
**Oppose**, *v.* ବ୍ୟାଘାତ- ବାଧା-କ, ଅଟକାଇ-
**Opposite**, *a.* ସମ୍ମୁଖ, ଅଗ୍ରସ୍ଥ; ବିପରୀତ, ଓଲଟା
**Opposition**, *s.* ବିପକ୍ଷତା, ବାଧା, ବୈପରୀତ୍ୟ, ବା ପ୍ରତିକୂଳାଚରଣ ।
**Oppress**, *v.* ଅନ୍ୟାୟ- ଅତ୍ୟାଚାର-କ ।
**Oppression**, *s.* ଅତ୍ୟାଚାର, ଦୌରାତ୍ମ୍ୟ, ଉପଦ୍ରବ, ଜୁଲମ । [ପୀଡକ ।
**Oppressive**, *a.* ଅତ୍ୟାଚାରୀ, କଠିଣ, ଅନ୍ୟା-
**Oppressor**, *s.* ଅତ୍ୟାଚାରୀ, ଉପଦ୍ରବୀ, ଦୁଷ୍ଟ
**Opprobrious**, *a.* ଅଖ୍ୟାତିକର, ଅପମାନକ, ନିନ୍ଦକ ।
**Opprobrium**, *s.* ଅଖ୍ୟାତି, ନିନ୍ଦା, ଅପମାନ
**Oppugn**, *v.* ବ୍ୟାଘାତ-କ, ବାଧା-ଦ, ବିରୋ-
**Optical**, *a.* ଦୃଷ୍ଟିସମ୍ବନ୍ଧୀୟ, ଦୃଷ୍ଟିଜନକ । [ଯନ୍ତ୍ର-
**Optician**, *s.* ଦୃଷ୍ଟିବିଦ୍ୟାଜ୍ଞ, ଦୃଷ୍ଟିର ଉପକାରକ
**Optics**, *s.* ଦୃଷ୍ଟିବିଜ୍ଞାନ, ଚକ୍ଷୁଃ । [ଯନ୍ତ୍ର ନିର୍ମାତା ।
**Option**, *s.* ଇଚ୍ଛା, ବାଞ୍ଛା, ଅଭିପ୍ରାୟ; ଖୁସି, ପସନ୍ଦ ।
**Optional**, *a.* କାମ୍ୟ, ଇଚ୍ଛାଧୀନ, ବିକଳ୍ପିତ ।
**Opulence**, *s.* ସମ୍ପତ୍ତି, ଧନ, ଅର୍ଥ ସଂଗ୍ରହ ।
**Opulent**, *a.* ଧନୀ, ଧନବାନ୍, ଧନେଶ୍ୱର, ଧନାଢ୍ୟ । [ନୋହିଲେ ।
**Or**, *c.* କି, ଅବା, ଅଥବା ; or else, ନଚେତ୍,
**Oracle**, *s.* ଦୈବବାଣୀ, ଈଶ୍ୱରୋକ୍ତଶାସ୍ତ୍ର; ପଣ୍ଡିତ, ସର୍ବସମ୍ମତବାକ୍ୟ, ଅତି ବିଜ୍ଞବ୍ୟକ୍ତି ।

**Oracular**, *a.* ଦୈବବାଣୀବିଶିଷ୍ଟ, ସର୍ବସମ୍ମତ, ପ୍ରମାଣସିଦ୍ଧ ।
**Oral**, *a.* ମୁଖରେ କଥିତ, ଉକ୍ତ, ମୌଖିକ ।
**Orange**, *s.* କମଳା ଲେମ୍ବୁ, ନାରଙ୍ଗୀ ।
**Oration**, *s.* ଅଲଙ୍କୃତବାକ୍ୟ, ବାକ୍ୟପ୍ରବନ୍ଧ, କଥା, ପ୍ରସ୍ତାବ । [ବାଗ୍ମୀ ।
**Orator**, *s.* ସୁବକ୍ତା, ବାକ୍‌ପଟୁବ୍ୟକ୍ତି, କଥକ,
**Oratory**, *s.* ସୁବକ୍ତୃତା, ବାକ୍‌ପଟୁତା; ଭଜନାଳୟ । [ଗୋଲାକାର, ଚକ୍ର ।
**Orb**, *s.* ଗଗନ ବା ଆକାଶମଣ୍ଡଳ; a circle,
**Orbit**, *s.* ଗ୍ରହାଦି ଗମନର ପଥ, କକ୍ଷ ।
**Orchard**, *s.* ଫଳବାନ୍ ଗଛର ଉଦ୍ୟାନ ବା ବଗିଚ୍ । [ଗାର ।
**Orchestra**, *s.* ନୃତ୍ୟବାଦ୍ୟଶାଳା, ଗୀତ ବାଦ୍ୟା-
**Ordain**, *v.* ନିଯୁକ୍ତ- ନିରୂପଣ-କ; ସ୍ଥାପନ-କ; ଆଜ୍ଞା-କ ।
**Ordeal**, *s.* ପରୀକ୍ଷା, ଅଗ୍ନି ଆଦି ଦ୍ୱାରା ପରୀକ୍ଷା
**Order**, *s.* ଆଦେଶ, ଆଜ୍ଞା, ଧାରା; class, ବର୍ଗ, ଶ୍ରେଣୀ ।
**Order**, *v.* ଆଜ୍ଞା- ଆଦେଶ-କ; ନିଯୁକ୍ତ-କ ।
**Orderly**, *ad.* କ୍ରମାଗତ, ନିୟମାନୁସାରେ, ଶ୍ରେଣୀବଦ୍ଧ । [ଧାରା ।
**Ordinance**, *s.* ବ୍ୟବସ୍ଥା, ବିଧି, ବିଧାନ, ନିୟମ,
**Ordinarily**, *ad.* ସାମାନ୍ୟ ବା ସାଧାରଣ-ରୂପେ, ବିଧିପୂର୍ବକ । [ଭୋଜନ ଗୃହ ।
**Ordinary**, *s.* ଧର୍ମବ୍ୟବସ୍ଥାକର୍ତ୍ତା; ସାଧାରଣ
**Ordinary**, *a.* ସ୍ଥାପିତ, ଚଳିତ; ସାମାନ୍ୟ, ନୀଚ, ମଧ୍ୟମ; ଅସୁନ୍ଦର । [ସ୍ଥାପିତ ନିୟମ ।
**Ordination**, *s.* ଧର୍ମ ପଦରେ ନିଯୁକ୍ତକରଣ,
**Ordnance**, *s.* କମାଣ, ତୋପ, ଷତଘ୍ନୀ ।
**Ordure**, *s.* ଗୁହ, ମଳ, ବିଷ୍ଠା, ଗଲିଜ ।
**Ore**, *s.* ଆକରସ୍ଥ ଅପରିଷ୍କୃତ ଧାତୁ ।[ବିଶେଷ ।
**Organ**, *s.* ଇନ୍ଦ୍ରିୟ, ହସ୍ତପାଦାଦି; ବାଦ୍ୟଯନ୍ତ୍ର-

**Organic**, *a.* ସ୍ୱାଭାବିକ; ଯନ୍ତ୍ରୀୟ, ଶାରୀରିକ ବା ଇନ୍ଦ୍ରିୟବିଶିଷ୍ଟ ।
**Organist**, *s.* ଅର୍ଗାଣ ନାମକ ଯନ୍ତ୍ରବାଦକ ।
**Organization**, *s.* ସୃଷ୍ଟିକରଣ, ନିର୍ମାଣକରଣ; କ୍ରମାଗତକରଣ । [ବିଧି ସ୍ଥାପନ-କ ।
**Organize**, *v.* ଅଙ୍ଗପ୍ରତ୍ୟଙ୍ଗ ନିଯୁକ୍ତ-କ, ଯଥା-
**Orgies**, *s.* ସଙ୍ଗୀତାଦି ରାତ୍ରିକାଳର ଖେଳତାମୀ
**Orient**, *a.* ପୂର୍ବୀୟ, ତେଜସ୍କର, ସୂର୍ଯ୍ୟରପରି ଉଜ୍ଜ୍ୱଳ । [ଦିଗସ୍ଥ ।
**Oriental**, *a.* ପୂର୍ବୀୟ, ପୂର୍ବଦେଶୀୟ, ପୂର୍ବ-
**Orifice**, *s.* ଛିଦ୍ର, ଫାଟ, ରନ୍ଧ୍ର, ଗର୍ତ୍ତ, ମୁଖ ।
**Origin**, *s.* ଆରମ୍ଭ, ଆଦି; source, ମୂଳ, ଉତ୍ପତ୍ତିସ୍ଥାନ, ବୀଜ । [କୁଳ, ବଂଶ ।
**Original**, *s.* ଆଦର୍ଶ, ପ୍ରଥମଛବି; descent,
**Original**, *a.* ଆଦି, ପ୍ରଥମ, ମୂଳ, ଅସଲ ।
**Originality**, *s.* ମୂଳତ୍ୱ, ଆଦିତ୍ୱ, ଆଦର୍ଶତା ।
**Originally**, *ad.* ପ୍ରଥମେ, ଆଦ୍ୟରେ, ଅଗ୍ର-ରେ । [ବାର, ସୃଷ୍ଟି-କ ।
**Originate**, *v.* ଆରମ୍ଭ- ଉତ୍ପନ୍ନ-କ, ଜନ୍ମାଇ-
**Orion**, *s.* ମୃଗଶୀର୍ଷ, ଦକ୍ଷିଣଦିଗସ୍ଥ ରାଶିବିଶେଷ
**Orison**, *s.* ପ୍ରାର୍ଥନା, ସ୍ତବ, ସ୍ତୁତି; ପ୍ରାତପୂଜା
**Ornament**, *s.* ଅଳଙ୍କାର, ଆଭରଣ, ବେଶ-ଭୂଷା, ଗହଣା । [ତ-କ ।
**Ornament**, *v.* ଭୂଷିତ- ଅଳଙ୍କୃତ- ଶୋଭି-
**Ornamental**, *a.* ଶୋଭିତ, ଭୂଷିତ, ସୁନ୍ଦର ।
**Ornithology**, *s.* ପକ୍ଷିବିଷୟକ ବିଦ୍ୟା ।
**Orphan**, *s.* ପିତୃମାତୃହୀନ, ଅନାଥ, ଛେଉଣ୍ଡ ।
**Orpiment**, *s.* ହରିତାଳବିଶେଷ, ଗୋଦନ୍ତ ।
**Orrery**, *s.* ଗ୍ରହାଦିର ଗମନ ଦର୍ଶନାର୍ଥ ଯନ୍ତ୍ର ।
**Orthodox**, *a.* ସ୍ଥାପିତ ମତାନୁଯାୟୀ, ଶୁଦ୍ଧା-ତ୍ମ । [ଶୁଦ୍ଧ ।
**Orthography**, *s.* ବ୍ୟାକରଣାନୁସାରେ ବର୍ଣ୍ଣ
**Ortolan**, *s.* କ୍ଷୁଦ୍ରପକ୍ଷୀବିଶେଷ ।

Orts, *s.* ଅଇଁଠା, ଉଚ୍ଛିଷ୍ଟଦ୍ରବ୍ୟ, ଝୁଠା ।
Oscillation, *s.* ଝୁଲଣ, ଆନ୍ଦୋଳନ, ଦୋଳନ
Osprey, *s.* କୁରଳ ପକ୍ଷୀ ।
Ossification, *s.* ମାଂସାଦି ଅସ୍ଥିହେବାର ।
Ostensible, *a.* ଦୃଶ୍ୟ, ଦର୍ଶନୋପଯୁକ୍ତ, ବ୍ୟକ୍ତ
Ostensibly, *ad.* ଦୃଷ୍ଟତଃ, ପ୍ରତ୍ୟକ୍ଷ ବା ସ୍ପଷ୍ଟ-ରୂପେ । [ଆତ୍ମଶ୍ଳାଘା ।
Ostentation, *s.* ଆଡମ୍ବର, ଭଡଙ୍ଗ କର୍ମ,
Ostentatious, *a.* ସ୍ୱଗୁଣ ପ୍ରକାଶକ, ଗର୍ବୀ, ଆଡମ୍ବରୀ ।
Osteology, *s.* ଅସ୍ଥିବିଦ୍ୟା, ଅସ୍ଥିବିବରଣ ।
Ostler, *s.* ସଇସ, ଅଶ୍ୱରକ୍ଷକ ।
Ostrich, *s.* ଉଷ୍ଟ୍ରପକ୍ଷୀ, ଉଟପକ୍ଷୀ ।
Other, *pr.* ସେଇକୋହେ, ପର, ଅନ୍ୟ, ଭିନ୍ନ, ଦ୍ୱିତୀୟ ।
Otherside, ସେପାର; the other party, ସେ ପକ୍ଷ । [ଅଥବା ।
Otherwise, *ad.* ଅନ୍ୟପ୍ରକାରେ, ନଚେତ୍, କିମ୍ବା,
Otter, *s.* ଓଧ, ଓଧିଅ, ଜଳମାର୍ଜାର ।
Ottoman, *s.* ଉଚ୍ଚାସନବିଶେଷ; ତୁରକୀୟ ।
Ought, *v.* ଆବଶ୍ୟକ ବା ଉଚିତ-ହ । [ବିଶେଷ
Ounce, *s.* ଅର୍ଦ୍ଧଛଟାଙ୍କ ପରିମାଣ; ବନବିଡ଼-
Our, Ours, *p.* ଆମ୍ଭମାନଙ୍କର, ଅସ୍ମଦୀୟ ।
Ourselves, *p.* ଅମ୍ଭେମାନେ, ସ୍ୱୟଂ, ଆପଣା-ମାନେ । [ଦୂର-କ ।
Oust, *v.* ଅଧିକାରରୁ ବାହାର-କ, ଅପଦସ୍ଥ-କ,
Out, *ad.* ବାହାରେ, ପଦଚ୍ୟୁତ, ଶେଷପର୍ଯ୍ୟନ୍ତ
Out, *int.* ଦୂର, ବାହାର, ଅନ୍ତର ।
Out of, *pr.* ଠାରୁ, ରେ, ବାହାରେ ।
Outbid, *v.* ଅନ୍ୟଠାରୁ ଅଧିକମୂଲ୍ୟ ଡାକିବାର ।
Outbreak, *s.* ବହିର୍ଗମନ; ସ୍ଫୋଟକ, ସ୍ଫୋ-ଟକ ।
Outcast, *s.* ଜାତିଭ୍ରଷ୍ଟବ୍ୟକ୍ତି, ବର୍ଜିତ ।
Outcry, *s.* ଭୟ ବା ଆପଦ ହେତୁର ଶବ୍ଦ, ଗୋଳ ।
Outdo, *v.* ଜୟ-କ, ଉତ୍କୃଷ୍ଟ-ହ, ଶ୍ରେଷ୍ଠ-ହ ।
Outer, *a.* ବାହ୍ୟ, ବାହାରସ୍ଥ, ବାହାରର ।
Outermost, *a.* ସକଳର ବାହାରେ, ସର୍ବ-
Outfit, *s.* ଜଳପଥର ଦ୍ରବ୍ୟାଦି । [ବହିସ୍ଥ ।
Outgo, *v.* ଆନଠାରୁ ଅଗେ ଯିବାର ।
Outgrow, *v.* ଆନଠାରୁ ଭଲ-ହ, ଅଧିକ ବୃଦ୍ଧି-ହ, ଅଧିକବଢିବାର । [କ୍ଷେପର ।
Outhouse, *s.* ଘରର ବାହାରସ୍ଥକୁଠରୀ, ବା-
Outlandish, *a.* ବିଦେଶୀୟ; uncom-mon, ଅଚଳିତ । [ବିଷ୍ଟବାର ।
Outlast, *v.* ଅଧିକକାଳସ୍ଥାୟୀ-ହ, ବହୁକ
Outlaw, *s.* ରାଜରକ୍ଷଣ ବର୍ଜିତ, ସ୍ୱେର ଡକା-ଇତ ଇତ୍ୟାଦି ।
Outlay, *s.* ବ୍ୟୟ, ଖରଚ, ଅର୍ଥନିକ୍ଷେପ ।
Outlet, *s.* ଯିବାର ବାଟ, ମହୁଇ, ମୋହାନା ।
Outline, *s.* ସର୍ବସୀମାର ରେଖାମାତ୍ର, ଖସ-କବ୍ଧା । [କାର ।
Outlive, *v.* ଅନ୍ୟମାନଙ୍କଠାରୁ ଅଧିକକାଳବଞ୍ଚି-
Outmost, *a.* ସବୁଠାରୁ ଦୂରସ୍ଥ ବା ବାହାରସ୍ଥ ।
Outnumber, *v.* ସଂଖ୍ୟାରେ ଅନ୍ୟଠାରୁ ଅଧି-କ-ହ ।
Outpour, *v.* ସ୍ରୋତରିପରି ଢାଳିବାର ।
Outpost, *s.* ସୈନ୍ୟମାନଙ୍କର ଛାଉଣିରୁ ଦୂରସ୍ଥ ଶ୍ରେଣୀ । [ଦ୍ରବ ।
Outrage, *s.* ଦୌରାତ୍ମ୍ୟ, ଅତ୍ୟାଚାର, ଉପ-
Outrageous, *a.* ଅତ୍ୟାଚାରୀ, ଉପଦ୍ରବୀ, ଅନ୍ୟାୟୀ, ଅତ୍ୟନ୍ତ ।
Outreach, *v.* ଗମନରେ ଅତିକ୍ରମ-କ, ଟପିଯା-
Outride, *v.* ଅଶ୍ୱାରୋହଣରେ ଅନ୍ୟକୁ ପଛରେ ପକାଇବାର । [ସମ୍ପୂର୍ଣ୍ଣରୂପେ ।
Outright, *ad.* ଏକାଲରୂପେ, ଖୋଲାଖୋଲି,

**Outrun**, *v.* ବେଗଗମନରେ ଅନ୍ୟର ଅଗ୍ର-ସାର-ହେ ।
**Outset**, *s.* ଆରମ୍ଭ, ପ୍ରଥମ, ଆରମ୍ଭସମୟ ।
**Outside**, *s.* ଉପରଭାଗ, ବାହାରପାଖ, ଉପର, ପଲ୍ଲର ସୀମା ।
**Outskirts**, *s.* ନଗରର ପ୍ରାନ୍ତଭାଗ, ସହରତଳୀ
**Outstretch**, *v.* ବିସ୍ତୀର୍ଣ୍ଣ-କ, ଲମ୍ବା-କ, ଟାଣି ବଡ-କ । [ବାରେ ପରକୁ ପଛେଇବାଇବାର ।
**Outstrip**, *v.* ଅନ୍ୟଠାରୁ ଶ୍ରେଷ୍ଠ-ହ; ଦୌଡ-
**Outward**, *a.* ବାହାରେ, ଉପରେ; ମୌଖିକ; ଦୃଶ୍ୟ । [ଦୃଶ୍ୟଭାବେ ।
**Outwardly**, *ad.* ମୌଖିକେ; ବାହ୍ୟରୂପେ,
**Outweigh**, *v.* ଓଜନ ବା ପରିମାଣରେ ଅଧିକ ଭାରି-ହ ।
**Outwit**, *v.* ଛଳ ବା ଗୁଡ଼ୁଚି କରି ଜିତିବାର ।
**Outworks**, *s.* ଗଡବାହାରର ପାଚେରି, ଗଡ-ଖାଇ ।
**Oval**, *a.* ଅଣ୍ଡାକାର, ଗବାକ୍ଷାକାର, ବାଦାମୀ ।
**Oven**, *s.* ତନ୍ଦୁର, ରୁଟୀ ପାକକରିବାର ଚୁଲ୍ଲି ବିଶେଷ ।
**Over**, *pr.* ଉପର, ଉପରେ; ପାରେ ।
**Over**, *ad.* ଊର୍ଦ୍ଧ୍ୱରେ, ଉପରେ, ଅଧିକ, ଏହି ଶବ୍ଦ ଅନ୍ୟ ଶବ୍ଦ ପୂର୍ବେ ଦେଲେ ଅଧିକ ବା ଅତ୍ୟନ୍ତ ବୁଝାଏ ।
**Overact**, *v.* ଅତିବାଦ-କ, ଅତିକାନ୍ତ-କ ।
**Overawe**, *v.* ଦମନ-କ, ଭୟରେ ଭୀତ-କ, ଧମକାଇବାର ।
**Overbalance**, *v.* ଅଧିକ ଭାରି-ହ ।
**Overbear**, *v.* ଦମନ-କ, ଜୟ-କ, ଚାପିବାର ।
**Overbearing**, *a.* ଗର୍ବୀ, ଦାମ୍ଭିକ, ଦର୍ପୀ ।
**Overboard**, *ad.* ଜାହାଜର ବାହାରେ ।
**Overboil**, *v.* ଅତିସିଦ୍ଧ-କ, ଅଧିକ ସିଜା-ହ ।
**Overbold**, *a.* ନିର୍ଭୟ, ଦୁଃସାହସୀ, ପ୍ରଗଲ୍ଭ ।
**Overcast**, *a.* ମେଘାଚ୍ଛନ୍ନ, ଘୋର; ବିଷଣ୍ଣ, ବିମର୍ଷ । [ମାଡି ବା ଲେଖିବାର ।
**Overcharge**, *v.* ଅଧିକ ପୂରିବାର, ଅଧିକମୂଲ୍ୟ
**Overcloud**, *v.* ମେଘାଚ୍ଛନ୍ନ-କ, ଅନ୍ଧକାର-କ ।
**Overcome**, *v.* ଜିତିବାର, ଜୟ-କ, ପରାସ୍ତ-କ
**Overdo**, *v.* ଅଧିକ- ଅତିରିକ୍ତ- ଅତିଶୟ-କ ।
**Overdrive**, *v.* ଅତିବେଗେ ଚଲାଇବାର ବା ଦୌଡାଇବାର । [କ ।
**Overfeed**, *v.* ଅତ୍ୟନ୍ତ ଭୋଜନ ବା ଆହାର-
**Overflow**, *v.* ଉଛୁଳି ପଡିବାର, ଅପ୍ଲାବନ-କ, ମଗ୍ନ-ହ । [ବିସ୍ତାର ।
**Overflowing**, *s.* ଅତିଶୟ, ପ୍ରଚୁର, ବାହୁଲ୍ୟ,
**Overgrown**, *a.* ଅତିବର୍ଦ୍ଧିତ, ବ୍ୟାପ୍ତ, ଆକୀର୍ଣ୍ଣ ।
**Overhaul**, *v.* ପୁନଃ ପରୀକ୍ଷା ବା ଆଲୋଚନା-କ
**Overhead**, *ad.* ଊର୍ଦ୍ଧ୍ୱେ, ଉପରେ, ମସ୍ତକୋ-ପରି । [ଶୁଣିବାର ।
**Overhear**, *v.* ଗୁପ୍ତରେ ବା ବକ୍ତା ନ ଜାଣି
**Overheat**, *v.* ଅତିଶୟ ଉଷ୍ଣ-କ, ଅତିତପ୍ତ-କ ।
**Overjoy**, *s.* ପରମାନନ୍ଦ, ମହାହ୍ଲାଦ ।
**Overlay**, *v.* ଭାରଦେଇ ମାରିବାର, ମଣ୍ଡିତ-କ
**Overleap**, *v.* କୁଦିବାର, ଡେଇଁବାର, ଉ-ଲ୍ଲଙ୍ଘନ-କ । [-କ ।
**Overload**, *v.* ବଡ ଭାର-ଦ, ଭାରି ବୋଝାଇ
**Overlook**, *v.* ଅବଲୋକନ- ତତ୍ତ୍ୱାବଧାରଣ-କ; କ୍ଷମା-କ ।
**Overmatch**, *v.* ଅନ୍ୟଠାରୁ ବଳବାନ୍-ହ ।
**Overmuch**, *a.* ଅଧିକ, ଅତିଶୟ, ଅତିବାଦ ।
**Overnight**, *s.* ପୂର୍ବ ବା ଗତରାତ୍ରି, ଶୟନର ପୂର୍ବକାଳ । [ମୂଲ୍ୟ-କ ।
**Overpay**, *v.* ପ୍ରକୃତ ମୂଲ୍ୟର ଅଧିକ-ଦ, ଅଧିକ
**Overplus**, *s.* ଉପରି, ବେଶି, ଫାଜିଲ, ବାକୀ ।
**Overpower**, *v.* ଦମନ-କ, ପ୍ରବଳ-ହ, ଦୌ-ରାତ୍ମ୍ୟ-କ ।

**Overrate**, *v.* ଅଧିକ ମୂଲ୍ୟ ବା ଗୁଣ-କ ।
**Overreach**, *v.* ଭୁଲାଇବାର, ପ୍ରତାରଣା-କ, [ଥା-କ ।
ଚତୁରପ-କ ।
**Overrule**, *v.* ଶାସନ-କ, କର୍ତ୍ତୃତ୍ୱ-କ; ଅନ୍ୟ-
**Overrun**, *v.* ଲୁଟପାଟ-କ, ଉପଦ୍ରବ-କ, ଉଚ୍ଛି-
ନ୍ନ-କ; ବ୍ୟାପିଯିବାର ।
**Oversee**, *v.* ତତ୍ତ୍ୱାବଧାରଣ-କ, କର୍ମାଧ୍ୟକ୍ଷତା-କ
**Overseer**, *s.* ତତ୍ତ୍ୱାବଧାରକ, ଅମୀନ, କର୍ମା-
ଧ୍ୟକ୍ଷ ।
**Overset**, *v.* ଓଲଟାଇବାର, ତଳକୁଉପର-କ ।
**Overshadow**, *v.* ଘୋଡାଇବାର, ଆଚ୍ଛାଦନ
-କ, ଢାଙ୍କିବାର । [ଧାରଣ ।
**Oversight**, *s.* ଭ୍ରମ, ଭୁଲ, ତ୍ରୁଟି; ତତ୍ତ୍ୱାବ-
**Oversleep**, *v.* ଅତ୍ୟନ୍ତ ନିଦ୍ରା ଯିବାର, ଅଧିକ
କାଳ ଘୁମାଇବାର । [ବଢିଯିବାର ।
**Overspread**, *a.* ବ୍ୟାପିବାର, ଚାରିଆଡେ
**Overt**, *a.* ବ୍ୟକ୍ତ, ପ୍ରକାଶିତ, ପ୍ରତ୍ୟକ୍ଷ ।
**Overtake**, *v.* ଦୌଡ ବା ଧାଁଇ ଧରିବାର ।
**Overthrow**, *v.* ଓଲଟାଇବାର; ଜୟ-କ, ଉ-
ଚ୍ଛିନ୍ନ-କ । [ନିପାତ ।
**Overthrow**, *s.* ଉଚ୍ଛିନ୍ନ, ପରାଜୟ, ବିନାଶ,
**Overtop**, *v.* ବଢିବାର, ବର୍ଦ୍ଧିତ- ଉଲ୍ଲଙ୍ଘି-ହ ।
**Overture**, *s.* ପ୍ରସଙ୍ଗ, ପ୍ରସ୍ତାବ, ପ୍ରତିଜ୍ଞା । [ବାର
**Overturn**, *v.* ଉଲଟିପକାଇବାର, ଓଲଟାଇ-
**Overweening**, *a.* ଦର୍ପୀ, ଗର୍ବୀ, ଆତ୍ମଶ୍ଲାଘୀ
**Overwhelm**, *v.* ଚପାଇ-ଦ, ବ୍ୟାକୁଳ-କ,
ମଗ୍ନ-କ ।
**Overwise**, *a.* ଆତ୍ମାଭିମାନୀ, ଅତି ବୁଦ୍ଧିବିଶିଷ୍ଟ ।
**Oviparous**, *a.* ଅଣ୍ଡଜନକ, ଡିମ୍ବୋତ୍ପାଦକ ।
**Owe**, *v.* ଋଣୀ-ହ, ଧାରିବାର, ବାଧିତ-ହ;
କୌଣସି ବିଷୟର କାରଣ-ହ ।
**Owl**, *s.* ପେଚା, ପେଚକ, ଉଲ୍ଲୁକ, ନିଶାଚର ।
**Own**, *p.* ନିଜର, ସ୍ୱକ୍ୟ, ସ୍ୱୀୟ, ସ୍ୱକୀୟ ।

**Own**, *v.* ସ୍ୱୀକାର- ଅଙ୍ଗୀକାର- ଗ୍ରହଣ-କ,
ମାନିବାର ।
**Owner**, *s.* ସ୍ୱାମୀ, ଅଧିକାରୀ, କର୍ତ୍ତା, ମାଲିକ ।
**Ownership**, *s.* ସ୍ୱତ୍ୱ, ସ୍ୱାମୀତ୍ୱ, ଅଧିକାର,
ମାଲିକୀ । [ଗୋରୁ, ଷଣ୍ଢ ।
**Ox**, *s. pl.* **Oxen**, ବଳଦ, ଦାମୁଡ, ଦାମଡା,
**Oxygen**, *s.* ବାୟୁର ଏକାଂଶ, ଅମ୍ଳଜବାୟୁ ।
**Oyster**, *s.* କସ୍ତୁରା; pearl- ଶୁକ୍ତିକା ।

## P.

**Pabulum**, *s.* ଆହାର, ଭରଣପୋଷଣ ।
**Pace**, *s.* ଏକପାଦ, ପଦବିକ୍ଷେପ, ଘୋଡାପକା-
ଇବାର; ଗତି, ଚାଲି; ପରିମାଣବିଶେଷ ।
**Pace**, *v.* ଧୀରେ୍ ଗମନ-କ । [ଭଞ୍ଜକ ।
**Pacific**, *a.* ଶାନ୍ତ, ମୃଦୁ, ଶାନ୍ତିକର, ବିବାଦ-
**Pacificator**, *s.* ମଧ୍ୟସ୍ଥ, ମେଳ ବା ଶାନ୍ତି-
**Pacify**, *v.* ଶାନ୍ତ- ସୁସ୍ଥିର- ଥଣ୍ଡା-କ ।[କାରକ
**Pack**, *s.* ଗଣ୍ଠିଲି, ପୁଳିନ୍ଦା, ବୋଝ, ମୋଟ, ବସ୍ତା
**Pack**, *v.* ବସ୍ତାବନ୍ଦ-କ, ଗଣ୍ଠିଲି ବା ମୋଟ
ବାନ୍ଧିବାର ।
**Packet**, *s.* ପୁଳିନ୍ଦା; Mail- ଡାକ ପୁଳିନ୍ଦା;
Steam- ଯାତ୍ରିଲୋକର ବହିବା ଜମା ସଂ-
ବାହକ ଜାହାଜ ।
**Packhorse**, *s.* ଘର ବା ବୋଝ ବହିବାର
ଘୋଡା । [ବାନ୍ଧିବାର ଦୋଡ ବା ସୂତଳି ।
**Packthread**, *s.* ଅଖା ସିଲାଇବାର ବା ଗଣ୍ଠି-
**Pad**, *s.* ଗଦି, ଧୀରଗାମୀ ଅଶ୍ୱ; କାଠପାତ ।
**Paddle**, *s.* କେରୁଆଳ, କ୍ଷୁଦ୍ରଆଉଲ; *v.*
ଆଉଲମାରିବାର, ଜଳରେକ୍ରୀଡା-କ ।
**Paddock**, *s.* ମୃଗାଦିଜନ୍ତୁ ରଖିବାର କ୍ଷୁଦ୍ରଘେର;
**Paddy**, *s.* ଧାନ, ଧାନ୍ୟ । [ବେଙ୍ଗ ।
**Padlock**, *s.* ତାଲା, କୁଲୁପ । [ଗାନ ।
**Pæan**, *s.* ଜୟଧ୍ୱନି, ସ୍ତୁତିଗୀତ, ଜୟସୂଚକ

Pagan, *s.* ଦେବପୂଜକ, ଦେବାର୍ଚ୍ଚକ, ପୌତ୍ତଳିକ । [କର ମତ ବା ଧର୍ମ ।
Paganism, *s.* ଦେବପୂଜା, ଦେବପୂଜକମାନ-
Page, *s.* ପୃଷ୍ଠା, ପୃଷ୍ଠା, ପିଠି, ପେଜ, ଅଙ୍କ; ପୁତ୍ର, ପିଲାପୁତ୍ର ।
Pageant, *s.* ତାମସା, ଘଟା, ଜାଁକଜମକ, ଆଡମ୍ବର ।
Pageantry, *s.* ଦୃଷ୍ଟିଶୋଭା, ଆଡମ୍ବର, ଭଡକ
Pagoda, *s.* ଦେଉଳ, ଦେବାଳୟ, ଦେବମନ୍ଦିର; ମୁଦ୍ରାବିଶେଷ । [ହେଲା ।
Paid, *v.* -off, ଋଣ ଶୁଝିଲା, ପରିଶୋଧ-
Pail, *s.* ଜଳ ପାତ୍ରବିଶେଷ, ବାଲଟି, ପରିଶୋଧ
Pain, *s.* ବେଦନା, ବ୍ୟଥା, ଯନ୍ତ୍ରଣା, ଦୁଃଖ ।
Pain, *v.* ଦୁଃଖ-ଦ, ଦକିବାର, ବ୍ୟଥା-କ, ପୀଡା-ଦ । [ଖଦ ।
Painful, *a.* ପୀଡା ଅବା ଦୁଃଖଦାୟକ, କ୍ଳେ-
Painfully, *ad.* ଦୁଃଖପୂର୍ବକ, କଷ୍ଟେ, ବ୍ୟଥାରୂପେ । [ବେଦନା ।
Pains, *s.* ଶ୍ରମ, ପରିଶ୍ରମ, ଚେଷ୍ଟା; ପ୍ରସବ
Paint, *s.* ରଙ୍ଗ, ବର୍ଣ୍ଣ, ଲେପନ ।
Paint, *v.* ଚିତ୍ର-କ, ରଙ୍ଗ-ଦ; ବର୍ଣ୍ଣନା-କ ।
Painter, *s.* ଚିତ୍ରକର, ଛବିକର, ରଙ୍ଗବାଲା ।
Painting, *s.* ଚିତ୍ରବିଦ୍ୟା; ଚିତ୍ର, ଛବି, ପିତୁଳୀ
Pair, *s.* ଯୋଡ, ଯୋଡା, ଦୁଇ, ଯୁଗ୍ମ; ସ୍ତ୍ରୀ ପୁରୁଷ, ଦମ୍ପତି ।
Pair, *v.* ଯୋଡାଇ-ଦ, ଯୁଗଳ-ହ, ବିବାହ-କ
Palace, *s.* ରାଜଘର, ରାଜଗୃହ, ଅଟ୍ଟାଳିକା ।
Palanquin, *s.* ପାଲିକା, ଖଡଖଡ, ଶିବିକା, ମେହେନା । [ରୁଚିର ।
Palatable, *a* ସୁସ୍ୱାଦୁ, ସୁରସ, ରୁଚକ,
Palate, *s.* ମୁଖର ତାଳୁ, ତାଳୁକା; taste, ସ୍ୱାଦ, ରସବୋଧ । [ରିତ ।
Palatine, *a.* ତାଲବ୍ୟ, ତାଲୁଦ୍ୱାରା ଉଚ୍ଚା-

Palaver, *s.* ମିଥ୍ୟାବାକ୍ୟବାଦ; ସ୍ତବସ୍ତୁତି ।
Pale, *a.* ମଳିନ, ପାଣ୍ଡୁଲ, ଫିକା, ପିଙ୍ଗଳବର୍ଣ୍ଣ ।
Pale, *s.* କାଠ ବା ଲୌହବାଡ; ସୀମା, ଅଞ୍ଚଳ
Paleness, *s.* ମାଳିନ୍ୟ, ବୈବର୍ଣ୍ଣ୍ୟ, ପାଂଶୁବର୍ଣ୍ଣ
Palette, *s.* ଚିତ୍ରକରର ରଙ୍ଗରପାତ୍ର ।
Palfrey, *s.* ସ୍ତ୍ରୀଲୋକର ଚଢିବାର ଅବା କ୍ଷୁଦ୍ର ଘୋଡା ।
Palisade, *s.* ବାଡ, କାଠରବାଡ, କାଠଗଡା ।
Palish, *a.* ଈଷତ୍‌ପିଙ୍ଗଳବର୍ଣ୍ଣ, ମ୍ଳାନବତ୍‌ ।
Pall, *s.* ଶବାଚ୍ଛାଦନର ବସ୍ତ୍ର ବା ଜାମାବିଶେଷ ।
Pall, *v.* ବିସ୍ୱାଦୁ ବା ନିସ୍ତେଜ-ହ, ଉତ୍ସାହରହିତ-କରିବାର; କ୍ଷୀଣ-କ ।
Pallet, *s.* କ୍ଷୁଦ୍ରଶଯ୍ୟା, ମଳପଲଙ୍କ ।
Palliate, *v.* ଦୋଷ ଊଣା-କ ।
Palliation, *s.* ଦୋଷ ଲଘୁକରଣ, ଦୋଷାଚ୍ଛାଦନ, ଓଜର ।
Pallid, *a.* ମଳିନ, ବିବର୍ଣ୍ଣ, ଫିକା ।
Palm, *s.* ତାଳାଦିବୃକ୍ଷର ସାଧାରଣ ନାମ; -of hand, ତାଳୁ, କରତଳ; -of victory, ଜୟର ଚିହ୍ନ ।
Palm, *v.* ଠକିବାର, ପ୍ରବଞ୍ଚନା-କ ।
Palmer, *s.* ପୁଣ୍ୟକ୍ଷେତ୍ରର ଯାତ୍ରୀ, ପଥିକ ।
Palmistry, *s.* ସାମୁଦ୍ରିକବିଦ୍ୟା, ହାତ ଦେଖି ଶୁଭାଶୁଭ କଥନ ବିଦ୍ୟା । [ଶୁଭ, ସୁଖୀ ।
Palmy, *a.* ତାଳଜନକ, ତଳବୃକ୍ଷମୟ; ଜୟୀ,
Palpable, *a.* ସ୍ପର୍ଶଗମ୍ୟ, ଛୁଆଁ; ସ୍ପଷ୍ଟ, ପ୍ରତ୍ୟକ୍ଷ
Palpably, *ad.* ସ୍ପଷ୍ଟରୂପେ, ପ୍ରତ୍ୟକ୍ଷରୂପେ ।
Palpitate, *v.* କମ୍ପିବାର, ଥରଥର-କ, ଧୁକଧୁକ-କ ।
Palpitation, *s.* କମ୍ପନ, ଥରଥର, ଧଡଧଡ ।
Palsy, *s.* ପକ୍ଷାଘାତ, ଅବଶାଙ୍ଗରୋଗ ।
Paltry, *a.* କ୍ଷୁଦ୍ର, ନୀଚ, ଅଧମ, ପାଜି ।
Pamper, *v.* ଦେହପୁଷ୍ଟ- ପେଟଭର୍ତ୍ତି-କ ।
Pamphlet, *s.* ସାନ କାଗଜପତ୍ରବିଶେଷ ।

**Pamphleteer**, *s.* ଉକ୍ତବନ୍ଧ ଲେଖକ ବା [ଘର ।
ରଚକ ।
**Pan**, *s.* ପାକପାତ୍ର, କରାଇ; କଷା; ରଞ୍ଜକ-
**Panacea**, *s.* ସର୍ବରୋଗନାଶକ ଔଷଧ ।
**Pancake**, *s.* ମଦ୍ୟଦୁଗ୍ଧାଦିନିର୍ମିତ ପିଠା ।
**Pandemonium**, *s.* ନରକ, ଦୁଷ୍ଟାତ୍ମାମାନଙ୍କର ସଭାସ୍ଥାନ ।
**Pander**, *s.* କୁଟୁଣୀ, ଭଡୁଆ ।
**Pane**, *s.* ଚତୁଷ୍କୋଣ କାଚ ଅବା ପରକଳା ।
**Panegyric**, *s.* କୀର୍ତ୍ତି ବର୍ଣ୍ଣନା, ସ୍ତବ, ସ୍ତୁତି ।
**Panegyrist**, *s.* ଭାଟ, ସ୍ତୁତିବାଦକ, ବନ୍ଦୀ ।
**Panel**, *s.* କବାଟର ପାନଏଲ; ଜୁରି ବା ପଞ୍ଚାଏତ ମାନଙ୍କର ତାଲିକା ।
**Pang**, *s.* ଅତିଶୟ ଯନ୍ତ୍ରଣା, ଯାତନା, ବେଦନା
**Panic**, *s.* ହଠାତ ବା ବିନା କାରଣେ ଭୟ ବା ଆତଙ୍କ, ଶଙ୍କା । [ବନ୍ଧାଯାଏ ।
**Pannier**, *s.* ପଶୁ ପିଠିରେ ଯେ ଟୋକାଇ
**Panoply**, *s.* ସର୍ବାଙ୍ଗର ସାଜ ଅବା କବଚ ।
**Panorama**, *s.* ଦେଶର ଚିତ୍ରବିଶେଷ । [ଛା-କ
**Pant**, *v.* ହାମ୍ପିବାର, ବକ୍ଷସ୍ଥଳ ଥର୍-କ, ଅତି-
**Pantaloons**, *s.* ପାଜାମା, ଇଜାର ।
**Pantheon**, *s.* ଦେବସମୂହର ମନ୍ଦିର ।
**Panther**, *s.* ଚିତାବାଘ, ବ୍ୟାଘ୍ରବିଶେଷ ।
**Pantomime**, *s.* କୌତୁକୀ, ଭଣ୍ଡ, ନକଲିଆ, ମସ୍କରା ।
**Pantry**, *s.* ଖାଦ୍ୟଦ୍ରବ୍ୟ ଘର, ବୋତଲଖାନା ।
**Pap**, *s.* ସ୍ତନାଗ୍ର, ଚୁଚୁକ, ଦୁଧର ମଣ୍ଡି, ବାଳକଙ୍କର କୋମଳ ଅନ୍ନ ।
**Papa**, *s.* ସ୍ନେହୋକ୍ତିରେ ପିତା, ବାପା, ପାପା
**Papacy**, *s.* ରୋମୀୟ ଧର୍ମାଧ୍ୟକ୍ଷରପଦ ।
**Papal**, *a.* ଉପରୋକ୍ତ ଧର୍ମାଧ୍ୟକ୍ଷର ପଦସମ୍ବନ୍ଧୀୟ
**Paper**, *s.* କାଗଜ, ଲେଖିବାର ପତ୍ର ବା ପତ୍ରିକା
**Papist**, *s.* ରୋମୀୟଧର୍ମ ମତାବଲମ୍ବୀ ।

**Par**, *s.* ତୁଲ୍ୟତା, ସମାନତା, ବରାବର, ସମତା
**Parable**, *s.* ଦୃଷ୍ଟାନ୍ତକଥା, ଉପମା, ଉପଦେଶାର୍ଥ ବାକ୍ୟ ।
**Parachute**, *s.* ଛତ୍ରବିଶେଷ । [ମଧ୍ୟସ୍ଥ ।
**Paraclete**, *s.* ସାନ୍ତ୍ୱନାକର୍ତ୍ତା, ପ୍ରବୋଧକର୍ତ୍ତା,
**Parade**, *s.* ସୈନ୍ୟମାନଙ୍କର ସମାରୋହ, ଧୁମଧାମ, ଶିକ୍ଷାକରଣ ଅବା କବାଜ ସ୍ଥାନ ।
**Paradigm**, *s*, ଉଦାହରଣ, ଦୃଷ୍ଟାନ୍ତ, ନମୁନା ।
**Paradise**, *s.* ଏଦନରଉଦ୍ୟାନ, ସ୍ୱର୍ଗ, ସୁଖସ୍ଥାନ ।
**Paradox**, *s.* ଅସମ୍ଭବକଥା, ଅନୁପଲବ୍ଧ ପ୍ରସଙ୍ଗ
**Paragon**, *s.* ଅଦ୍ୱିତୀୟବସ୍ତୁ ବା ବ୍ୟକ୍ତି, ସଙ୍ଗୀ, ସହବାସୀ । [ବାକ୍ୟରଅଙ୍ଗ ।
**Paragraph**, *s.* ପ୍ରକରଣ, କାଣ୍ଡ, ପରିଚ୍ଛେଦ,
**Parallel**, *s.* ସମସରଳରେଖା, ତୁଲ୍ୟ, ସମାନ
**Paralellogram**, *a.* ସମସରଳ, ଅସ୍ତଚତୁଷ୍କୋଣ ।
**Paralysis**, *s.* ପକ୍ଷାଘାତ, ଅର୍ଦ୍ଧାଙ୍ଗରୋଗ ।
**Paralytic**, *a.* ପକ୍ଷାଘାତୀ, ଅବଶାଙ୍ଗ ।
**Paralyse**, *v.* ଅଙ୍ଗାବଶ-କ, ଶକ୍ତିହୀନ-କ, ଅବଶ-ହ ।
**Paramount**, *a.* ପ୍ରଧାନ, ସର୍ବଶ୍ରେଷ୍ଠ, ଅତ୍ୟନ୍ତ
**Paramour**, *s.* male, ଜାର, ଉପପତି, ଢେମଣା; female, ଉପପତ୍ନୀ, ଢେମଣୀ ।
**Parapet**, *s.* ଲୁକ୍କାରକପାଚେରି । [ଉଦାର ।
**Paraphernalia**, *s.* ସ୍ତ୍ରୀଧନ, ଯୌତୁକ, ବସ୍ତ୍ର
**Paraphrase**, *s.* ଟୀକା, ଟିପ୍ପଣୀ, ବ୍ୟାଖ୍ୟା ।
**Parasite**, *s.* ଖୋସାମଦିଆ, ଚାଟୁବାଦୀ; ବୃକ୍ଷବିଶେଷ ।
**Parasol**, *s.* ବଡଲୋକଙ୍କର ସାନଛତା ।
**Parboil**, *v.* ଅର୍ଦ୍ଧସିଝା ଅବା ଦରସିଝା-କ ।
**Parcel**, *s.* ସାନପୁଳିକା, ଗଣ୍ଠିଲି, ପୁଟଳୀ; ଭାଗ, ଅଂଶ ।
**Parch**, *v.* ଭାଜିବାର, ପୋଡିବାର; ଶୁଖିବାର

Parchment, *s.* ଲେଖନାର୍ଥ ତୟାରଚମ ।
Pardon, *v.* କ୍ଷମା, ମାଫ୍, ମାର୍ଜନା, ବିମୋଚନ
Pardonable, *a.* କ୍ଷମାଯୋଗ୍ୟ, ମାର୍ଜ୍ଜନୀୟ,
କ୍ଷାନ୍ତବ୍ୟ ।
Pare, *v.* ନଖାଦିକାଟିବାର, ଛଟିବାର ।
Parent, *s.* ପିତା ବା ମାତା, ବାପ ବା ମା ।
Parentage, *s.* ଜନ୍ମ, ବଂଶ, ଗୋତ୍ର, କୁଳ ।
Parental, *a.* ପିତାମାତାସମ୍ବନ୍ଧୀୟ, ମା ବାପର
Parenthesis, *s.* ଗ୍ରନ୍ଥରଚ୍ଛେଦ, ଯଥା ( ) ।
Paring, *s.* ଛାଲ, ଖୋଳପା, ଛାଲକା ।
Parish, *s.* ଏଲାକା, ପଲ୍ଲୀ, ଧର୍ମାଧ୍ୟକ୍ଷ ଅଧିକାରର
ପ୍ରଦେଶ ବା ଅଞ୍ଚଳ । [ବାସୀ ।
Parishioner, *s.* ପୂର୍ବୋକ୍ତ ପ୍ରଦେଶ ବା ଗ୍ରାମ-
Parity, *s.* ତୁଲ୍ୟତା, ସମାନତା, ସାଦୃଶ୍ୟ;
ସମସୂକ୍ଷ ।
Park, *s.* ଉଦ୍ୟାନ, ଉପବନ; ମୃଗାଳୟ ।
Parley, *s.* କଥାବାର୍ତ୍ତା; ବାଦାନୁବାଦ ।
Parliament, *s.* ଇଙ୍ଗଲଣ୍ଡ ଦେଶର ସଭ-
କାୟ ମହାସଭା । [କୀୟ ।
Parliamentary, *a.* ଉପରୋକ୍ତ ସଭା ସମ୍ବ-
Parlour, *s.* ଉତ୍ତମ ବସିବାର କୁଠରୀ, ବୈ-
ଠକଖାନା ।
Parochial, *a.* ଧର୍ମାଧ୍ୟକ୍ଷର ଅଧିକୃତ ପ୍ରଦେଶ
ସମ୍ବନ୍ଧୀୟ ।
Parody, *s.* ଛଦ୍ମଲେଖା, ତିରସ୍କାର ଲେଖନ ।
Parole, *s.* ବାକ୍ପ୍ରତିଜ୍ଞା, ବିଶ୍ୱାସବୋଧକବାକ୍ୟ ।
Paroquet, *s.* ତୋତା, ଶୁଆ, ଶୁକପକ୍ଷୀ ।
Paroxysm, *s.* ରୋଗର ବୃଦ୍ଧି ବା ସାମୟିକ
ଉପସ୍ଥିତି ।
Parricide, *s.* ପିତୃହତ୍ୟା; ପିତୃହନ୍ତା, ପିତୃଘ୍ନ
Parrot, *s.* ଶୁକ, ଶୁଆ, ତୋତା, ଟିଆ ।
Parry, *v.* ଆଘାତ ଅବରୋଧ ବା ନିବାରଣ-କ
Parse, *v.* ବ୍ୟାକରଣାନୁସାରେ ପଦ ସାଧିବାର

Parsimonious, *a.* କୃପଣ, କାମ୍ପୀ, ହାତ-
କଷା, ବ୍ୟୟକୁଣ୍ଠ ।
Parsimony, *s.* କାର୍ପଣ୍ୟ, କୃପଣତା, ବ୍ୟୟ-
Parsley, *s.* ପୀତଶିଳୀ । [କୁଣ୍ଠତା ।
Parsnip, *s.* ଭକ୍ଷଣୀୟ ମୂଳବିଶେଷ ।
Parson, *s.* ଧର୍ମୋପଦେଶକ, ପାଦ୍ରୀ ।
Parsonage, *s.* ଉପରୋକ୍ତ ବ୍ୟକ୍ତିର ବାସସ୍ଥାନ
Part, *s.* ଅଂଶ, ଭାଗ, ବାଣ୍ଟ; ପକ୍ଷ, ସମ୍ପର୍କ,
କର୍ତ୍ତବ୍ୟକର୍ମ ।
Part, *v.* ଅଂଶ କି ଭାଗ-କ, ଭିନ୍ନ- ପୃଥକ୍-କ ।
Partake, *v.* ଅଂଶୀ- ଭାଗୀ- ସମ୍ଭୋଗୀ-ହ ।
Partaker, *s.* ଅଂଶୀ, ଭାଗୀ, ସହଭୋଗୀ,
ହିସ୍ସାଦାର । [ପେକ୍ଷୀ; ଅସମ୍ପୂର୍ଣ୍ଣ ।
Partial, *a.* ପକ୍ଷପାତୀ, ଉପରୋଧୀ, ମୁଖା-
Partiality, *s.* ପକ୍ଷପାତ, ମୁଖାପେକ୍ଷା, ଉପ-
ରୋଧ ।
Partially, *ad.* ପକ୍ଷପାତପୂର୍ବକ; କୌଣସି
ଅଂଶରେ । [ଭାଗୀ-ହ ।
Participate, *v.* ସହଭୋଗୀ-ହ, ଅଂଶୀ ଅବା
Participation, *s.* ସହଭୋଗ, ଅଂଶିତ୍ୱ,
ଭାଗିତା ।
Participle, *s.* ଅସମାପିକା କ୍ରିୟାପଦ ।
Particle, *s.* କ୍ଷୁଦ୍ର ବସ୍ତୁ, ପରମାଣୁ, ଅଣୁ; ଅ-
ବ୍ୟୟଶବ୍ଦ । [ଥକ୍, ନିରୂପିତ, ଅନ୍ତରଙ୍ଗ ।
Particular, *a.* ବିଶେଷ; ଅସାଧାରଣ; ପୃ-
Particulars, *s.* ବିବରଣ, ବେଓରା, ତଥ୍ୟ-
ବୃତ୍ତାନ୍ତ । [କହିବାର ।
Particularize, *v.* ବିଶେଷ ବା ବିସ୍ତାର କରି
Particularly, *ad.* ବିଶେଷରୂପେ, ସ୍ପଷ୍ଟରୂପେ
Partisan, *s.* ଦଳଭୁକ୍ତବ୍ୟକ୍ତି, ପକ୍ଷପାତୀ, ସପକ୍ଷ
Partition, *s.* ବିଭାଗକରଣ, ଭାଗ, ବଣ୍ଟନ;
ପର୍ଦ୍ଦା, ବ୍ୟବଧାନ ।
Partly, *ad.* ଏକଭାବେ, ଏକଅଂଶେ, କିଛି ।

Partner, *s.* ଅଂଶୀ, ଭାଗୀ, ବଖରାଦାର, ସହବାସୀ, ସଙ୍ଗୀ, ସହକଦାର ।
Partnership, *s.* ଅଂଶିତ୍ୱ, ଭାଗିତ୍ୱ, ଅଂଶାଂଶି
Partridge, *s.* ତିତିରପକ୍ଷୀ ।
Parts, *s.* ଗୁଣ, ବୁଦ୍ଧି, କ୍ଷମତା; ପ୍ରଦେଶବ ।
Parturition, *s.* ପ୍ରସବକରଣ, ପ୍ରସବ ।
Party, *s.* ଦଳ, ଥୋକ, ସମ୍ପ୍ରଦାୟ, ସମାଜ; -side, ପକ୍ଷ, ତରଫ । [ନାନା ବର୍ଣ୍ଣବିଶିଷ୍ଟ ।
Party-coloured, *a.* ବଚିତ୍ର, ବହୁରଙ୍ଗ,
Pasquinade, *s.* ଗ୍ଲାନି ବା ଅପବାଦସୂଚକ କବିତା ।
Pass, *v.* ଗମିବାର, ଗଲିବାର, ପାର-ହ; -time, କ୍ଷେପଣ-କ; -by, ନିକଟ ଦେଇ ଯିବାର; -sentence, ଦଣ୍ଡାଜ୍ଞା-ଦ; come to- ଘଟିବାର; -away, ଗତ-ହ; -over, ପାର ହୋଇ ଯିବାର; -current, ଚଳିତ-ହ
Pass, *s.* ପଥ, ବାଟ; a push, ଅସ୍ତ୍ରାଘାତ, ବେଞ୍ଝିବାର; condition, ଗତି, ଦଶା ।
Passable, *a.* ଗମନୀୟ ।
Passage, *s.* ଯାତ୍ରା, ଗଳି, ପଥ; ପ୍ରକରଣ, ପଦ, ଗ୍ରନ୍ଥର ଏକଅଂଶ । [ଚଉକିଦାର ।
Passenger, *s.* ପଥିକ, ଯାତ୍ରୀ, ବାଟୋଇ;
Passing, *a.* ଅତ୍ୟୁତ୍ତମ, ଭଲ, ଅଧିକ, ଶ୍ରେଷ୍ଠ, ଅତିରକ୍ତ । [ପ୍ରେମ, ସ୍ନେହ, ଅନୁରାଗ ।
Passion, *s.* ସୁଖଦୁଃଖଭୋଗ, ରାଗ, କ୍ରୋଧ;
Passionate, *a.* ରାଗୀ, କ୍ରୋଧୀ, ଉଗ୍ର, ଗରମ
Passionately, *ad.* ଅଗ୍ନିବତ୍, ସକୋପେ, କ୍ରୋଧପୂର୍ବକ ।
Passive, *a.* ସହିଷ୍ଣୁ, ନମ୍ର, ସହନଶୀଳ ।
Passive-voice, *s.* କର୍ମଣିବାଚ୍ୟ ।
Passport, *s.* ଛାଡଚିଠୀ, ପରୱାନା, ରହଦାରୀ
Past, *a.* ଗତ, ଅତୀତ, ଭୂତ, ଗଲା, ହୋଇଥିଲା, ଭୂତ ।

Paste, *s.* ଲେଇ, ମଣ୍ଡ, ଅଠା ।
Pasteboard, *s.* ଜମାଟ କାଗଜ ।
Pastime, *s.* ଖେଳା, କୌତୁକ, ବିହାର, ଲୀଳା
Pastor, *s.* ମେଷରକ୍ଷକ; ମଣ୍ଡଳୀପାଳକ, ଧର୍ମୋପଦେଶକ । [ଉପଦେଶକସମ୍ବନ୍ଧୀୟ ।
Pastoral, *a.* ଗ୍ରାମ୍ୟ, ଗୋପାଳବିଷୟକ; ଧର୍ମୋ-
Pastoral, *s.* ଗୋପାଳଗୀତ, ଗ୍ରାମ୍ୟକବିତା ।
Pastry, *s.* ପିଠା, ପୁରୀ, କଚୁରି ।
Pastry-cook, *s.* ମିଠାଇକର, ପୁରିଅବସେଷ
Pasturage, *s.* ଗୋମେଷାଦି ଚରିବାର ମାଠ ବା ପଡିଆ ।
Pasture, *s.* ଚରା, ପଶୁର ଆହାର ।
Pat, *a.* ଉପଯୁକ୍ତ, ଠିକ, ଯୋଗ୍ୟ ।
Pat, *s.* ଠୋକର, ଚାପୋଡ, ଚାପୁଡା ।
Pat, *v.* ଚାପୋଡା ମାରିବାର ।
Patch, *v.* ତାଳି- ଯୋଡ-ଦ; *s.* ଯୋଡ, ତାଳି ।
Patchwork, *s.* ଯୋଡା ବା ତାଳିର କର୍ମ ।
Pate, *s.* ମସ୍ତକ, ଶିର, ମୁଣ୍ଡ ।
Patent, *a.* ଖୋଲା, ପ୍ରକାଶିତ, ସୁବ୍ୟକ୍ତ, ସ୍ପଷ୍ଟ ।
Patent, *s.* ସନନ୍ଦ, ନିଦର୍ଶନପତ୍ର ଅଥବା ପଟ୍ଟା ।
Patentee, *s.* ବିଶେଷକ୍ଷମତାପ୍ରାପ୍ତବ୍ୟକ୍ତି ।
Paternal, *a.* ପିତୃପର, ପୈତୃକ, ପିତାସମ୍ବନ୍ଧୀୟ । [ଅଧିକାର ।
Paternity, *a.* ପୈତୃକତ୍ୱ, ପିତାର ଧର୍ମ ବା
Path, *s.* ପଥ, ବାଟ, ମାର୍ଗ, ରାସ୍ତା ।
Pathetic, *a.* କରୁଣାଜନକ, ମର୍ମଭେଦକ, ଚିତ୍ତାକର୍ଷକ ।
Pathless, *a.* ଦୁର୍ଗମ, ଅବାଟ, ପଥରହିତ ।
Pathology, *s.* ରୋଗନିରୂପକବିଦ୍ୟା ।
Pathos, *s.* କରୁଣାରସ, ଚିତ୍ତାକର୍ଷକ ବା ଉତ୍ତେଜକ ବାକ୍ୟ । [କାର ।
Patience, *s.* ଧୈର୍ଯ୍ୟ, ସହିଷ୍ଣୁତା, କ୍ଷାନ୍ତି, ସହି-

Patient, *a.* ସହିଷ୍ଣୁ, ଧୈର୍ଯ୍ୟଶୀଳ, ଧୀର, କ୍ଷମା- [ବନ୍ତ ।
Patient, *s.* ରୋଗୀ, ପୀଡ଼ିତବ୍ୟକ୍ତି ।
Patriarch, *s.* ଗୋଷ୍ଠୀର ପ୍ରଧାନ ବ୍ୟକ୍ତି, ଗୋଷ୍ଠୀପତି, ପୂର୍ବପୁରୁଷ ।
Patriarchal, *a.* ଗୋଷ୍ଠୀପତି ସମ୍ବନ୍ଧୀୟ ।
Patrician, *s.* କୁଲୀନ ବା ମର୍ଯ୍ୟାଦାବନ୍ତ ଲୋକ; *a.* କୁଲୀନ, ପ୍ରଧାନ ।
Patrimony, *s.* ପୈତୃକଧନ ବା ଅଧିକାର ।
Patriot, *s.* ସ୍ୱଦେଶ ହିତୈଷୀ, ସ୍ୱଦେଶାନୁରାଗୀ
Patriotism, *s.* ସ୍ୱଦେଶରହିତଚେଷ୍ଟାନୁରାଗ ।
Patrol, *s.* ଭ୍ରମଣକାରୀ ପ୍ରହରୀ; *v.* ଚୌକି ନିମନ୍ତେ ଭ୍ରମଣ-କ । [କାରୀ ।
Patron, *s.* ଉପକାରକ, ପ୍ରତିପାଳକ, ରକ୍ଷା-
Patronage, *s.* ଉପକାର, ଅନୁକୂଳ, ସହାୟତା । [ରିବଗିରି-କ ।
Patronise, *v.* ପ୍ରତିପାଳନ-କ, ରକ୍ଷା ବା ମୁ-
Patronymic, *s.* ଗୋତ୍ରନାମ ବା ଉପାଧି ।
Patter, *s.* କଠାଉବଶେଷ । [ବହୁ ଶବ୍ଦ-କ ।
Patter, *v.* ଚଟରପଟରଶବ୍ଦ-କ; ଶିଳାବୃଷ୍ଟି-
Pattern, *s.* ନମୁନା, ନିଦର୍ଶନ, ଆଦର୍ଶ ।
Paucity, *s.* ଅଳ୍ପତା, ନ୍ୟୂନତା, କମତି ।
Paunch, *s.* ଉଦର, ପେଟ, କୁକ୍ଷି ।
Pauper, *s.* କାଙ୍ଗାଲ, ଦରିଦ୍ର, ଭିକ୍ଷୁକ, ଗରିବ
Pauperism, *s.* କାଙ୍ଗାଲପଣ, ଦରିଦ୍ରତା, ନିକୃଷ୍ଟତା ।
Pause, *s.* ବିରାମ, ବିଶ୍ରାମ, ସ୍ଥିତି, ନିବୃତ୍ତି, ଚ୍ଛେଦ
Pause, *v.* ବିରାମ-କ, ବିଚ୍ଛେଦ-କ, ଅଳ୍ପକାଳ ସ୍ଥିତ-ହ । [ବାର ।
Pave, *v.* ଚଟାଣରେ ଇଟା ବା ପଥର ବସାଇ-
Pavement, *s.* ଇଟା ବା ପଥରନିର୍ମିତ ଚଟାଣ
Pavilion, *s.* ତାମ୍ବୁ, ଡେରା, ବସ୍ତ୍ରଗୃହ ।
Paw, *s.* ପଶୁାଦିର ପାଦ ଅବା ଗୋଡ଼ ।
Paw, *v* ପାଦାଘାତ-କ; ଫୁସଲାଇବାର ।

Pawn, *v.* ବନ୍ଧକ-ଦ ବା ରଖିବାର ।
Pawnbroker, *s.* ବନ୍ଧକୀମହାଜନ, ବନ୍ଧକ ଯେ ରଖେ ।
Pay, *s.* ବର୍ତ୍ତନ, ମୂଲ୍ୟ, ମହିନା, ଦରମାହା ।
Pay, *v.* ଋଣପରିଶୋଧ-କ, ମୂଲ୍ୟ-ଦ; ପ୍ରହାର-କ
Payable, *a.* ଶୋଧନୀୟ, ଦେୟ, ଦେଣା ।
Payment, *s.* ପରିଶୋଧ, ନିକାଶ; ଦାନ, ପୁରସ୍କାର ।
Pea, *s.* ମଟର, କଳାଇ ।
Peace, *s.* ଶାନ୍ତି, ଅବରୋଧ, ସନ୍ଧି, ମେଳ ।
Peace, *int.* ସ୍ଥିରହୁଅ, ତୁନିହୁଅ, ଚୁପକର ।
Peaceable, *a.* ଶାନ୍ତ, ସୁସ୍ଥିର, ଅବିରୋଧୀ, ନିର୍ବିରୋଧୀ । [ସ୍ୱଚ୍ଛନ୍ଦେ ।
Peaceably, *ad.* ଶାନ୍ତିରୂପେ, ଅବିରୋଧେ,
Peaceful, *a.* ଶାନ୍ତ, ସୁସ୍ଥିର, ମୃଦୁ, ଧୀର ।
Peacemaker, *s.* ବିବାଦଭଞ୍ଜକ, ମଧ୍ୟସ୍ଥ, ମିଳନକାରୀ । [ନୈବେଦ୍ୟ ।
Peace-offering, *s.* ପ୍ରାୟଶ୍ଚିତ୍ତ, ଶାନ୍ତିସୂଚକ
Peach, *s.* ପିଚଫଳ, ଫଳବିଶେଷ । [ଶିଖିନୀ ।
Peacock, *s.* ମୟୂର, ଶିଖୀ; -hen, ମୟୂରୀ,
Peak, *s.* ଚୂଡ଼ା, ଶୃଙ୍ଗ, ଶିଖା, ଅଗ୍ରଭାଗ ।
Peal, *s.* ମେଘ ଘଣ୍ଟାଦିର ବୃହତ୍‌ଶବ୍ଦ ।
Pearl, *s.* ମୋତି, ମୁକ୍ତା, ମୌକ୍ତିକ ।
Peasant, *s.* ଚଷା, କୃଷାଣ, ପ୍ରଜା, କୃଷକ ।
Peasantry, *s.* ପ୍ରଜା, କୃଷାଣ; ପ୍ରଜାବର୍ଗ ।
Pease, *s.* ମଟରକଳାଇ ଇତ୍ୟାଦି ।
Pebble, *s.* କଙ୍କର, ଗୋଡ଼, କ୍ଷୁଦ୍ରପଥର ।
Peccable, *a.* ପାପସମ୍ଭାବନୀୟ, ପାପାଧୀନ ।
Peccadillo, *s.* କ୍ଷୁଦ୍ର ଅପରାଧ, ଲଘୁଦୋଷ ।
Peccancy, *s.* ପାପରସ୍ୱଭାବ, ଅଗୁଣ, କୁବ୍ୟବହାର । [ବାର ।
Peck, *v.* ଚଞ୍ଚୁରେ ଖାଇବାର; ଠୋକରମାର-
Pectoral, *a.* ବକ୍ଷଃସ୍ଥିତ, ବକ୍ଷଃସମ୍ବନ୍ଧୀୟ ।